# ହୋ ପରମ୍ପରା ଓ ଜ୍ଞାନକୌଶଳ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ହୋ ପରମ୍ପରା ଓ ଜ୍ଞାନକୌଶଳ

ସଂକଳନ :

ଡ଼ଃ ଲତା ଡୋଲ

ନିର୍ଦ୍ଦେଶକ :

ଡ଼ଃ ଅନନ୍ତ ଚରଣ ସାହୁ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

ହୋ ପରମ୍ପରା ଓ ଜ୍ଞାନକୌଶଳ

*ସଂକଳନ* : ଡ଼ଃ ଲତା ଭୋଳ

*ସମ୍ପାଦନା* : ଡ଼ଃ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

©*ପ୍ରକାଶକ* : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ୨୬ ଜାନୁୟାରୀ, ୨୦୦୪

ମୁଦ୍ରଣ : ଲକ୍ଷ୍ମୀ ଆର୍ଟ ପ୍ରିଣ୍ଟର୍ସ
କଟକ ରୋଡ, ଭୁବନେଶ୍ୱର

ମୂଲ୍ୟ : ୬୦ ଟଙ୍କା ମାତ୍ର

ISBN : 81-88010-12-X

**HO PARAMPARA O GNYANAKOUSALA**

**Compilation** : **Dr. Lata Bhol**
***Editor*** : **Dr. A. C. Sahoo**
Director, ATDC

© ***Publisher*** : Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : 26th January 2004.
**Printed at** : **Laxmi Art Printers**
**Cuttack Road, Bhubaneswar**

Price : Rs. 60 /- Only

# ମୁଖବନ୍ଧ

ଏକ ଜନ ସମୁଦାୟକୁ ବୁଝିବା ଅର୍ଥ ତାର ସଂସ୍କୃତିକୁ ବୁଝିବା । ତେଣୁ ସାମାଜିକ ବ୍ୟବସ୍ଥା ଓ ବ୍ୟକ୍ତି ଚିନ୍ତନର ସଂଯୋଜନ ସେତୁ ହିସାବରେ ସଂସ୍କୃତି ବର୍ତ୍ତମାନ । ସଂସ୍କୃତି ମଣିଷର ସାମାଜିକ ଜ୍ଞାନ, ବିଶ୍ୱାସ, କଳା, ନୈତିକତା, ବିଧିବିଧାନ, ରୀତିନୀତି ତଥା ଅଭ୍ୟାସ ସମ୍ମିଳିତ । ଏହି ସଂସ୍କୃତି ମଣିଷର ମୂଳ ଆବଶ୍ୟକତାକୁ ନେଇ ପୁଷ୍ଟ ଏବଂ ଏକ ଦୃଢ଼ ପରମ୍ପରା ଉପରେ ପ୍ରତିଷ୍ଠିତ । ପରମ୍ପରା ପ୍ରକ୍ରିୟା ଏକ ଦିନକର କାର୍ଯ୍ୟକଳାପ ନୁହେଁ ପରନ୍ତୁ; ପିଢ଼ିରୁ ପିଢ଼ି ମାର୍ଜିତ, ବିବର୍ତ୍ତିତ ଓ ସମୟାନୁସାରୀ ହୋଇ ଚିର ନୂତନ । ଫଳତଃ ଏକ ବ୍ୟବସ୍ଥା, ପରମ୍ପରାର ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଗଲେ ତାହା ସମାଜର ଆବଶ୍ୟକତା ମେଣ୍ଟାଇବାକୁ ସତତ ସମର୍ଥ । ପ୍ରଜାତିକ ପରମ୍ପରା ଏହି ଦୃଢ଼ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ତେଣୁ ତାଙ୍କ ପରିବେଷ୍ଟନୀ ଏବଂ ତତ୍ ସମ୍ପୃକ୍ତ ପ୍ରାକୃତିକ ସମ୍ପଦକୁ ନେଇ ସେମାନଙ୍କ ଜୀବନ ଚର୍ଯ୍ୟା ସୁବ୍ୟବସ୍ଥିତ, ପରିବର୍ତ୍ତିତ ସମୟରେ ବାହ୍ୟ ଅନୁପ୍ରବେଶ ସେ ପରମ୍ପରାକୁ ଯେତେ ଆକ୍ରମଣ କରୁଛି ସେତେ ସବୁ ଅସଫଳ ହେବା ସାର ହେଉଛି । ତେଣୁ ତଥାକଥିତ ସଭ୍ୟତାର ଆକ୍ରମଣରେ ସେ କ୍ଷତାକ୍ତ ହେଲେ ମଧ୍ୟ ପରାଜିତ ନୁହେଁ, ବରଂ ସଂଗ୍ରାମରତ ।

ପରମ୍ପରାର ଭିତ୍ତି ଉପରେ ପ୍ରତିଷ୍ଠିତ ତାଙ୍କର ଜ୍ଞାନକୌଶଳ ସମୟର କଷଟି ପଥରରେ ଶାଣିତ ଓ ପରୀକ୍ଷିତ । ପ୍ରଜାତିକ ପରମ୍ପରା ଓ ଜ୍ଞାକୌଶଳକୁ ଲକ୍ଷ୍ୟକଲେ ଏହି ଭାବଧାରା ସହଜରେ ଅନୁମେୟ ।

ସମ୍ପ୍ରତି ସାଂସ୍କୃତିକ ଅବକ୍ଷୟର ସମୟ । ତଥାପି ପ୍ରଜାତିକ ପରମ୍ପରା ଅକ୍ଷୁର୍ଣ୍ଣ । ଉନ୍ନୟନ ବ୍ୟବସ୍ଥା ଆମ ଆଦକ କାଇଦାରେ ତାଙ୍କ ଉପରେ ଲଦି ଦିଆଯାଇଛି । ତେଣୁ ସ୍ୱାଧୀନତାର ୫୫ ବର୍ଷ ବିତି ଯାଇଥିଲେ ସୁଦ୍ଧା ତାଙ୍କ ପାଖରେ ତାର ସଫଳ ରୂପାୟନ ହୋଇ ପାରିନାହିଁ । ଆମେ ମୁଖ୍ୟତଃ ତାଙ୍କ ମୂଳ ଆବଶ୍ୟକତା ସହ ସଚେତନ ନୋହୁଁ । ତାଙ୍କ ପରମ୍ପରା ଓ ଜ୍ଞାନକୌଶଳ ସହ ଆମର ପରିଚିତି ନାହିଁ । ତେଣୁ ଯେତେ ସବୁ ଯୋଜନା, ବ୍ୟବସ୍ଥା ତାଙ୍କ ନିକଟରେ ଅସଫଳ ହେବା ସ୍ୱାଭାବିକ ।

ଅଧୁନା ଚିନ୍ତନର ବେଳା ଉପସ୍ଥିତ । ଅବରୋଧର ଅବକ୍ଷୟ ଘଟିବା ପୂର୍ବରୁ ତାଙ୍କ ଜ୍ଞାନକୌଶଳ, ପରମ୍ପରା ସହ ଆମକୁ ପରିଚିତ ହେବା ଏକାନ୍ତ ଆବଶ୍ୟକ । ଏହି ପରିଚିତିକୁ ନେଇ ତାଙ୍କ ନିକଟରେ ପହଞ୍ଚିଲେ ଉନ୍ନୟନ ପରିଯୋଜନାର ରୂପାୟନ ସଫଳ ହେବ ।

ଏହି ଉଦ୍ଦେଶ୍ୟକୁ ଆଖିଆଗରେ ରଖି ଓଡ଼ିଶାର ଆଦିବାସୀ ମାନଙ୍କର ପରମ୍ପରା ଓ ଜ୍ଞାନକୌଶଳ ଉପରେ ଗବେଷଣା ପ୍ରକଳ୍ପ ଏକାଡେମୀ ହାତକୁ ନେଇଛି । ପ୍ରଥମ ପର୍ଯ୍ୟାୟରେ ବଣ୍ଡା, ସାନ୍ତାଳ, ହୋ, ଦେଶିଆକନ୍ଧ, ମାଙ୍କିଡିଆ, ଲୋଧା, ଖଡ଼ିଆ, ଜୁଆଙ୍ଗ, ଡ଼ିଡାୟୀ, ଚୁକ୍‌ଟିଆ ଭୁଞ୍ଜିଆ, ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ, କୋୟା, ଗଣ୍ଡ ପାଉଡ଼ିଭୂୟାଁ, ଭୂମିଆ ଓ ସଉରା ଜନଜାତିଙ୍କର ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯାଇ ପାଣ୍ଡୁଲିପି ପ୍ରସ୍ତୁତ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଅନାଲୋଚିତ ଗୋଷ୍ଠୀ ସମୂହର ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯିବାର ପ୍ରସ୍ତାବ ରହିଛି ।

ପ୍ରକାଶିତ "ହୋ ପରମ୍ପରା ଓ ଜ୍ଞାନକୌଶଳ" ପୁସ୍ତିକା ହୋ/କୋହ୍ଲ ମାନଙ୍କର ପରିବେଶ, ସଂସ୍କୃତି ତଥା ପରମ୍ପରାକୁ ନେଇ ପରିପୁଷ୍ଟ । ପୁସ୍ତିକାର ପ୍ରାରମ୍ଭରେ ଏହି ସମ୍ପ୍ରଦାୟର 'ଖାଦ୍ୟ ପରମ୍ପରା'କୁ ପ୍ରାଧାନ୍ୟ ଦିଆଯାଇଛି । ଏଥିରେ ବିଭିନ୍ନ ପ୍ରକାର ଖାଦ୍ୟ, ସ୍ଥଳବିଶେଷରେ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଖାଦ୍ୟ, ଖାଦ୍ୟର ଉତ୍ସ, ପ୍ରସ୍ତୁତପ୍ରଣାଳୀ, ସେବନଶୈଳୀ, ଖାଦ୍ୟ ସମ୍ବନ୍ଧୀୟ ବାରଣ, ଖାଦ୍ୟ ଗ୍ରହଣ ଏବଂ ବର୍ଜନ, ଖାଦ୍ୟର ଉପାଦେୟତା, ଖାଦ୍ୟର ସାମାଜିକ ଏବଂ ଧାର୍ମିକ ମୂଲ୍ୟ ଇତ୍ୟାଦି ବିଷୟରେ ବିଷଦଭାବରେ ଉଲ୍ଲେଖ କରାଯାଇଛି । ଦ୍ୱିତୀୟ ଅଧ୍ୟାୟରେ 'ପାନୀୟ' ବିଷୟଟି ଆଲୋଚିତ ହୋଇଛି । ଏଥିରେ ପାନୀର ଉତ୍ପତ୍ତି ଏବଂ ଇତିବୃତ୍ତ, ପାନୀୟର ପ୍ରକାରଭେଦ, ସଂଗ୍ରହ ପ୍ରଣାଳୀ ଏବଂ ପ୍ରସ୍ତୁତ ପ୍ରଣାଳୀ, ପାନୀୟର ଉପାଦେୟତା, ବିଭିନ୍ନ ସମୟରେ ପାନୀୟର ବ୍ୟବହାର, ପାନୀୟର ସଂରକ୍ଷଣ ପ୍ରଣାଳୀ, ପୁରୁଷ ଓ ପାନୀୟ, ମହିଳା ଓ ପାନୀୟ, ଦେବାଦେବୀଙ୍କ ସହିତ ପାନୀୟର ସମ୍ପର୍କ, ସର୍ବାଧିକ ଉପଲବ୍ଧି ଓ ସେବନର ସମୟ ଇତ୍ୟାଦି ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଛି । ହୋ/କୋହ୍ଲ ପରମ୍ପରା ସ୍ୱୀକୃତ 'କନ୍ୟାସୁନା' ବିଷୟଟି ୩ୟ ଅଧ୍ୟାୟରେ ସ୍ଥାନ ପାଇଛି । ଏଥିରେ କନ୍ୟାସୁନାର ଉତ୍ପତ୍ତି ଓ ଇତିବୃତ୍ତ, କନ୍ୟାସୁନା ପ୍ରଥାର ପ୍ରଚଳନ, କନ୍ୟାସୁନା ପ୍ରଦାନ ପ୍ରଣାଳୀ ଓ ନୀତିନିୟମ, ମଧ୍ୟସ୍ଥିର ଭୂମିକା, କନ୍ୟାସୁନାର ଗୁରୁତ୍ୱ, ଆଦିବାସୀ ସମାଜରେ ଏହାର ସାମାଜିକ ଓ ଅର୍ଥନୈତିକ ଦିଗ, ବିଭିନ୍ନ ପ୍ରକାର ବିବାହରେ କନ୍ୟାସୁନାର ପାର୍ଥକ୍ୟ, କନ୍ୟାସୁନା ଫେରସ୍ତର ପରିସ୍ଥିତି ଓ ପଦ୍ଧତି, ଫେରସ୍ତ କନ୍ୟାସୁନାର ଆବଣ୍ଟନ, କନ୍ୟାନୁସାର ବିବର୍ତ୍ତନ, କନ୍ୟାସୁନାର ଅତୀତ ଏବଂ ବର୍ତ୍ତମାନ ଇତ୍ୟାଦି ବିଷୟରେ ଉଲ୍ଲେଖ କରାଯାଇଛି । ସଂକ୍ଷେପରେ ହୋ/କୋହ୍ଲ ପର୍ବପର୍ବାଣୀ ଚତୁର୍ଥ ଅଧ୍ୟାୟରେ ପର୍ବପର୍ବାଣୀ ପଞ୍ଜିକାରେ ସ୍ଥାନିତ କରାଯାଇଛି । ସେହିଭଳି ପରବର୍ତ୍ତି ଦୁଇଟି ଅଧ୍ୟାୟରେ ହୋ / କୋହ୍ଲ ସମ୍ପ୍ରଦାୟର କୃଷି ଏବଂ ବନଜାତ ଦ୍ରବ୍ୟ ସଂଗ୍ରହ

ପାଇଁ କୃଷି ପଞ୍ଜିକା ଏବଂ ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକାର ସଂକ୍ଷେପରେ ରୂପରେଖ ପ୍ରଦାନ କରାଯାଇଛି । ପରବର୍ତ୍ତୀ ଅଧ୍ୟାୟରେ 'ଶ୍ରମ ସମବାୟ' ଅଧିନରେ ଶ୍ରମର ଅର୍ଥ, ଶ୍ରମର, ପ୍ରକାର ଭେଦ, ଶ୍ରମ ସମବାୟ ଦ୍ୱାରା ସମ୍ପାଦିତ କାର୍ଯ୍ୟ, ଏହା ପ୍ରତି ଲୋକମାନଙ୍କର ମନୋବୃତ୍ତି ଇତ୍ୟାଦି ବିଷୟରେ ଯତ୍ କିଞ୍ଚିତ୍ ଉଲ୍ଲେଖ କରାଯାଇଛି । ସମାଜକୁ ଶୃଙ୍ଖଳିତ, ସୁସଙ୍ଗଠିତ ତଥା ସୁଦୃଢ଼ କରି ଗଢ଼ିତୋଳିବା ପାଇଁ ଅଷ୍ଟମ ଅଧ୍ୟାୟରେ 'ପାରମ୍ପରିକ ଗ୍ରାମସଭା'ର ଅବତାରଣା କରାଯାଇଛି । ଏଥିରେ 'ପାରମ୍ପରିକ ଗ୍ରାମସଭାର ଉତ୍ପତ୍ତି ଓ ଇତିବୃତ୍ତ, ଏହାର ଗଠନ, ସଦସ୍ୟମାନଙ୍କର ମନୋନୟନ ପଦ୍ଧତି, ସଦସ୍ୟମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଏବଂ ଗୁଣାବଳୀ, ମନୋନୀତ ସଦସ୍ୟମାନଙ୍କର କାର୍ଯ୍ୟକଳାପ, ଗ୍ରାମସଭାରେ ବିଚାର କରାଯାଉଥିବା ବିଭିନ୍ନ ପ୍ରକାର ମାମଲା, ନିଷ୍ପତ୍ତି ଗ୍ରହଣ ପଦ୍ଧତି, ବିଭିନ୍ନ ପ୍ରକାର ଦଣ୍ଡବିଧି ଓ ସାମ୍ପ୍ରତିକ ପରିବର୍ତ୍ତନ ବିଷୟରେ ଆଲୋକପାତ କରାଯାଇଛି । ଧର୍ମୀୟ କାର୍ଯ୍ୟାନୁଷ୍ଠାନ ଗୁଡିକ ପାରମ୍ପରିକ ରୀତିରେ ପରିଚାଳିତ କରାଇ ବ୍ୟକ୍ତିଗତ, ତଥା ସାମାଜିକ ସ୍ତରରେ ହୋ/କୋହ୍ଲ ସମାଜ ସୁଖ-ଶାନ୍ତିରେ କାଳାତିପାତ କରିବା ପାଇଁ ହୋ/କୋହ୍ଲମାନଙ୍କ ସ୍ୱୀକୃତ 'ଯାଦୁଧର୍ମୀୟ-କାର୍ଯ୍ୟନିର୍ବାହୀ' ବିଷୟଟିକୁ ନବମ ଅଧ୍ୟାୟରେ ଉଲ୍ଲେଖ କରାଯାଇଛି । ଏଥିରେ ଗ୍ରାମ / ଗୋଷ୍ଠୀ ସ୍ତରରେ ଯାଦୁ-ଧର୍ମୀୟ କାର୍ଯ୍ୟନିର୍ବାହୀଙ୍କର ମନୋନୟନ, ବ୍ୟକ୍ତିତ୍ୱ, ସ୍ୱତନ୍ତ୍ର ଗୁଣବତ୍ତା, ତାଲିମ୍ ବ୍ୟବସ୍ଥା, ବିଭିନ୍ନ କାର୍ଯ୍ୟାବଳୀ, ଏମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ, ଏମାନଙ୍କର ସ୍ୱତନ୍ତ୍ର ପୋଷାକ ପରିଚ୍ଛଦ ଏମାନେ ପାଉଥିବା ସ୍ୱତନ୍ତ୍ର ଉପହାର ଏବଂ ପାଉଣା, ଦେବତାଙ୍କ ଉତ୍ସର୍ଗୀତ ଦ୍ରବ୍ୟ, କର୍ମକର୍ମାଣୀ ପଦ୍ଧତି, ପୂଜାପାଠ ପାଇଁ ଆବଶ୍ୟକ ଉପକରଣ, ସାମ୍ପ୍ରତିକ ଧାରା ଓ ବିବର୍ତ୍ତନ ଇତ୍ୟାଦି ବିଷୟରେ ଅବତାରଣା କରାଯାଇଛି । ଦଶମ ଅଧ୍ୟାୟରେ ଏକତ୍ରଭାବରେ ସହାବସ୍ଥାନ ପାଇଁ ହୋ/କୋହ୍ଲ ସମ୍ପ୍ରଦାୟର 'ବସତି ନମୂନା' ବିଷୟଟି ସ୍ଥାନପାଇଛି । ଏଥିରେ ବସତିର ଉତ୍ପତ୍ତି ଓ ଇତିବୃତ୍ତ, ଅବସ୍ଥିତି, ବସତିର ବିଭିନ୍ନ ବିଭାବ, ବାସ୍ତୁବିଦ୍ୟା ନକ୍ସା, ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଛି । କୋହ୍ଲ ସମ୍ପ୍ରଦାୟର ପାରମ୍ପରିକ ବାସଗୃହ ବିଷୟଟି ଏକାଦଶ ଅଧ୍ୟାୟରେ ଅବତାରଣା କରାଯାଇଛି । ଏଥିରେ ପାରମ୍ପରିକ ଗୃହର ଦୃଶ୍ୟ, ଗଠନ, ଆବଶ୍ୟକ କଞ୍ଚାମାଲ ଓ ନିର୍ମାଣ ପଦ୍ଧତି, ଗୃହନିର୍ମାଣରେ ଶ୍ରମ ବିଭାଜନ, ନିର୍ମାଣ କ୍ଷେତ୍ରରେ ଧର୍ମୀୟ କାର୍ଯ୍ୟ – ନିର୍ବାହୀଙ୍କ ଭୂମିକା, ଗୃହ ବିଭାଗୀକରଣ ଓ ଏହାର ବ୍ୟବହାର, ଗୃହର ବିଭିନ୍ନ ସ୍ଥାନରେ କାର୍ଯ୍ୟକଳାପ, ଗୃହ ସଂମ୍ପୃକ୍ତ ଅଶୁଦ୍ଧି ଓ ଶୁଦ୍ଧିକରଣ, ଆଧୁନିକ ଗୃହର ସମସ୍ୟା ଓ ସମ୍ଭାବନା, ପାରମ୍ପରିକ ଗୃହନିର୍ମାଣ, ସଂରକ୍ଷଣ ସମ୍ବନ୍ଧରେ ପ୍ରସ୍ତାବ ଇତ୍ୟାଦି ବିଷୟ

ଉଲ୍ଲେଖ କରାଯାଇଛି । ହୋ / କୋହ୍ଲ ସମ୍ପ୍ରଦାୟ ଅନ୍ୟାନ୍ୟ ପଡ଼ୋଶୀ ମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ନିତ୍ୟାନ୍ତ ଆବଶ୍ୟକ । ତେଣୁ ଦ୍ୱାଦଶ ଅଧ୍ୟାୟରେ 'ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀ' ବିଷୟଟି ଅବତାରଣା କରାଯାଇଛି । ଏଥିରେ ବିଭିନ୍ନ ପ୍ରଜାତିକ ଗୋଷ୍ଠୀ ମଧ୍ୟରେ ସମ୍ପର୍କ, ସେମାନଙ୍କଠାରୁ ଖାଦ୍ୟଗ୍ରହଣ ଓ ପ୍ରତ୍ୟାଖ୍ୟାନ, ଅପରିହାର୍ଯ୍ୟ ଭୂମିକା, କ୍ଷତିକାରକ ଭୂମିକା, ଅନ୍ୟାନ୍ୟ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀର ବର୍ତ୍ତମାନ ଅବସ୍ଥା, ସୁସମ୍ପର୍କ ସ୍ଥାପନ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ଇତ୍ୟାଦି ବିଷୟରେ ବର୍ଣ୍ଣନା କରାଯାଇଛି । ତ୍ରୟୋଦଶ ଅଧ୍ୟାୟରେ ପାରମ୍ପରିକ ଚାରୁ ଏବଂ କାରୁକଳାର ହୋ/କୋହ୍ଲ ସଂସ୍କୃତିର ନିଛକ ପ୍ରତିଛବି ପ୍ରତିଫଳନ କରିବା ପାଇଁ ଚେଷ୍ଟା କରାଯାଇଛି । ପୁସ୍ତକଟିର ଅନ୍ତିମ ଅଧ୍ୟାୟରେ "ଔଷଧ ଓ ବୈଦ୍ୟ" ଶିର୍ଷକ ବିଷୟଟି ସ୍ଥାନ ପାଇଛି । ହୋ/କୋହ୍ଲ ସମାଜରେ ଏକାଧାରାରେ ବୈଦ୍ୟ, ଗୁଣିଆ ହିସାବରେ 'ଦେଓ୍ୱାଁ' ଙ୍କର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଏଥିରେ ବିଭିନ୍ନ ପ୍ରକାର ଔଷଧୀୟବୃକ୍ଷ । ବିଭିନ୍ନ ରୋଗପାଇଁ ଏଗୁଡ଼ିକର ଆବଶ୍ୟକ, ଔଷଧ ପ୍ରସ୍ତୁତି ପ୍ରଣାଳୀ ଓ ପ୍ରୟୋଗ ବିଭିନ୍ନ ଔଷଧର ବ୍ୟବହାର ଏବଂ ବୈଦ୍ୟ ବା 'ଦେଓ୍ୱାଁ'ଙ୍କର କାର୍ଯ୍ୟକଳାପ ଇତ୍ୟାଦି ଯଥାଯଥ ଉପସ୍ଥାପନ କରିବାକୁ ଚେଷ୍ଟା କରାଯାଇଛି ।

ହୋ / କୋହ୍ଲ ମାନଙ୍କର ସାମାଜିକ-ଅର୍ଥନୈତିକ ଓ ସାଂସ୍କୃତିକ ବ୍ୟବସ୍ଥା ଅନ୍ୟ ସମ୍ପ୍ରଦାୟଠାରୁ ଭିନ୍ନ । ଏମାନେ ଗୋଷ୍ଠୀକେନ୍ଦ୍ରୀକ ତଥା ନିଜସ୍ୱ ନିୟମ ବ୍ୟବସ୍ଥାରେ ମଧ୍ଯରେ ସୁଶୃଙ୍ଖଳିତ । ଏମାନଙ୍କର ଏହି ମୌଳିକ ପରମ୍ପରା ଓ ସ୍ୱକୀୟ ଜ୍ଞାନଗାରିମାକୁ ଜନମାନସରେ ପହଞ୍ଚାଇ ଉନ୍ନୟନ ପାଇଁ ନୂତନ ମାର୍ଗ ଚିନ୍ତନ କରିବା ଉଦ୍ଦେଶ୍ୟରେ ଏହି ଅଧ୍ୟୟନର ପରିକଳ୍ପନା କରାଯାଇଛି । ଏହା ସମ୍ପୂର୍ଣ୍ଣ ନୁହେଁ, ପରନ୍ତୁ ଏକ ମହାନ ପରମ୍ପରାର ଆଦ୍ୟ ଉପୋଦ୍‌ଘାତ ମାତ୍ର । ଏହାର କ୍ଷେତ୍ର ଅଧ୍ୟୟନକରି ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି ଡ଼ଃ. ଲତାଭୋଳ, ଉଦଳା, ମୟୂରଭଞ୍ଜ । ପୁସ୍ତିକା ପ୍ରକାଶନ ଅବସରରେ ଏକାଡ଼େମୀ ତାଙ୍କ ନିକଟରେ କୃତଜ୍ଞ ।


ଡ଼ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| II. | ଉପକ୍ରମଣିକା | ୦୧-୦୪ |
| ୧. | ଖାଦ୍ୟ ପରମ୍ପରା | ୦୫-୧୮ |
| ୨. | ପାନୀୟ | ୧୯-୩୧ |
| ୩. | କନ୍ୟାସୁନା | ୩୨-୪୩ |
| ୪. | ପର୍ବପର୍ବାଣୀ ପଞ୍ଜିକା | ୪୪-୫୬ |
| ୫. | କୃଷି ପଞ୍ଜିକା | ୫୭-୬୨ |
| ୬. | ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା | ୬୩-୬୮ |
| ୭. | ଶ୍ରମ ସମବାୟ | ୬୯-୭୫ |
| ୮. | ପାରମ୍ପରିକ ଗ୍ରାମସଭା | ୭୬-୮୮ |
| ୯. | ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ | ୮୯-୧୧୬ |
| ୧୦. | ବସତି ନମୂନା | ୧୧୭-୧୩୦ |
| ୧୧. | ବାସଗୃହ | ୧୩୧-୧୪୩ |
| ୧୨. | ପଡେଶୀ ପ୍ରଜାତିକ ଗୋଷ୍ଠୀ | ୧୪୪-୧୫୨ |
| ୧୩. | ପାରମ୍ପରିକ ଚାରୁ ଓ କାରୁକଳା | ୧୫୩-୧୫୮ |
| ୧୪. | ଔଷଧ ଓ ବୈଦ୍ୟ | ୧୫୯-୧୭୧ |

# ଉପକ୍ରମଣିକା

ସୃଷ୍ଟିର ଆବର୍ତ୍ତନ ପ୍ରକ୍ରିୟାରେ ପୃଥିବୀର ଉତ୍ପତ୍ତି ଏବଂ ତଦନୁରୂପରେ ଜୀବଜଗତ ସୃଷ୍ଟି । ପୁନଶ୍ଚ ଦେବସନ୍ତାନ ମଣିଷ, ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ଭାବରେ ସୁପ୍ରତିଷ୍ଠିତ । ପୃଥିବୀ, ଜୀବଜଗତ ଅଥବା ମଣିଷ କେବେ ଓ କାହାଦ୍ୱାରା ଉଦ୍ଭବ ହେଲେ, ତାହା ନିଶ୍ଚିତ ସତ୍ୟରେ ପ୍ରକାଶ କରିବା ଅସମ୍ଭବ । ସେଥିପାଇଁ ବୋଧହୁଏ ବିଜ୍ଞାନ ଏବଂ ଧର୍ମଭିତ୍ତିକ କିମ୍ବଦନ୍ତୀକୁ ଆଧାର କରି ଭିନ୍ନ ଭିନ୍ନ ମତ ଗୁଞ୍ଜରିତ ହୁଏ ।

କାଳର ଗଡ୍ଡଡ଼ାଳିକା ପ୍ରବାହରେ ମୂଳ ମଣିଷ ଗୋଷ୍ଠୀର ବିଭାଜନ ଘଟି ପାରିପାର୍ଶ୍ୱିକ ତଥା ଭୌଗୋଳିକ କାରଣବଶତଃ ଭିନ୍ନ ଭିନ୍ନ ସଂପ୍ରଦାୟର ଉପାଧି ଧାରଣ କରିଥିବାର ପ୍ରମାଣ ବିଦ୍ୟମାନ; ତତ୍‌ଜନିତ ଜାତି, ଧର୍ମ, ବର୍ଣ୍ଣଭାଷା ଓ ସଂସ୍କୃତି ମଧ୍ୟ ପୃଥକ୍ ରୂପ ଗ୍ରହଣ କରିଥିବା ଅନୁମେୟ ।

ଅନୁରୂପ ଭାବେ ଅଷ୍ଟ୍ରୋଏସିଆଟିକ୍ ଭାଷା ପରିବାର ଅନ୍ତର୍ଭୁକ୍ତ 'ହୋ' ସଂପ୍ରଦାୟ ମୂଳତଃ ଏକ ମହାଜାତି, ଯାହାର ଅର୍ଥ ମଣିଷ । କିନ୍ତୁ ସମୟାନୁକ୍ରମେ ଏମାନେ ବ୍ୟାଘ୍ର ଅର୍ଥାତ୍ 'ହୋ' ଭାଷାରେ କୁଲେମାନଙ୍କୁ ବଶ କରି ପ୍ରଭୁତ୍ୱ ଜାହିର କରିଥିବାରୁ କୋଲ୍ ନାମରେ ପରିଚିତ ହୋଇଥିବା ଜଣାଯାଏ । ପୁଣି ହୋ ସଂପ୍ରଦାୟ ସ୍ଥାନ ବିଶେଷରେ କୋଲ, କୋହ୍ଲ, ହୋ କୋର୍କୁ ଓ ମୁଣ୍ଡା ଆଦି ନାମରେ ଅଭିହିତ । ତେବେ ଏହି ହୋ ମହାଜାତିରୁ ସାନ୍ତାଳ, କନ୍ଧ, ସଉରା, ମୁଣ୍ଡା, ଓରାଂ, ବିରହଲ୍ ପ୍ରଭୃତି ଜନଜାତିଙ୍କର ଉଦ୍ଭବ ଘଟିଥିବାର କୋହ୍ଲ ପଣ୍ଡିତମାନେ ଅନୁମାନ କରନ୍ତି ।

ସମ୍ଭବତଃ ଏହି ହୋ ଜନସମୁଦାୟ ପ୍ରଥମ ଅବସ୍ଥାରେ ଆଧୁନିକ ଇରାକ୍ ଦେଶସ୍ଥିତ ଲବଣହ୍ରଦ (ବୁଲୁଂବାଦେଲା) ନିକଟବର୍ତ୍ତୀ ଅଞ୍ଚଳରେ ବସତି ସ୍ଥାପନ କରିଥିବା ଅନୁମେୟ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଭାଷାତତ୍ତ୍ୱବିତ୍ ଡ଼ଃ. ନିର୍ମଳ କୁମାର ବର୍ମାଙ୍କ ମତରେ ଏମାନେ କୌଣସି କାରଣବଶତଃ ଲବଣ ହ୍ରଦ ନିକଟରୁ ବିସ୍ତାରିତ ହୋଇ ଉତ୍ତର ଆମେରିକାର କାଲିଫାର୍ଣ୍ଣିଆ ଅଞ୍ଚଳକୁ ଗଲେ । ପୁଣି ଭାଷାବିଜ୍ଞାନୀ ସାର୍ ଏଫ୍. ମ୍ୟାକ୍ସମୁଲାର ଏବଂ ବିଲ୍ ହେଲମ୍ ସ୍ମିଟ୍ କହନ୍ତି ଯେ, ହୋ ମାନେ କ୍ରମଶଃ ଦକ୍ଷିଣ ଓ ପୂର୍ବ ଆଫ୍ରିକା ତଥା ଇଣ୍ଡୋନେସିଆର ପାର୍ବତ୍ୟ ଅଞ୍ଚଳରେ ବସବାସ କରୁକରୁ ଆଜକୁ ପ୍ରାୟ ୪୦୦୦ ବର୍ଷ ପୂର୍ବେ ଆଧୁନିକ ମିଆଁନ୍‌ମାର୍ (ବ୍ରହ୍ମଦେଶ) ଦେଶ ଅତିକ୍ରମ କରି ଭାରତବର୍ଷରେ ପଦାର୍ପଣ କରିଥିଲେ ।

ବହୁବର୍ଷ ଧରି ହୋ / କୋହ୍ଲ ସଂପ୍ରଦାୟ ଅବିଭକ୍ତ ଭାରତ ଦେଶର ଲାର୍‌କାନ୍ ଅଞ୍ଚଳ (ବର୍ତ୍ତମାନ ପାକିସ୍ଥାନରେ) ରେ ବସବାସ୍ କରୁଥିବା -ହୋ (କୋହ୍ଲ) ଇତିହାସ କହେ । ବିଶ୍ୱବିଶ୍ରୁତ ସିନ୍ଧୁ ସଭ୍ୟତା ହିଁ ଏହି ଉନ୍ନତ କୋହ୍ଲ ସଂପ୍ରଦାୟର ଫଳଶ୍ରୁତି । ୧୯୨୨ ମସିହାରେ ପ୍ରତ୍ନତାତ୍ତ୍ୱିକ ଖନନ କାଳରେ ସିନ୍ଧୁ ସଭ୍ୟତାରୁ ମିଳିଥିବା ମୁଦ୍ରା, ମାଠିଆ ଏବଂ ଆସବାବପତ୍ର ପ୍ରଭୃତିରେ ଅଙ୍କିତ ପାରମ୍ପରିକ କଳା ଓ ଲିପି କୋହ୍ଲମାନଙ୍କର ନିଜସ୍ୱ ବୋଲି ଦାବି କରାଯାଏ । କିନ୍ତୁ ଏପରି ଏକ ଗୌରବାନ୍ୱିତ ଜାତିର ପତନ ଘଟିଲା କେବଳ ପାରସ୍ପରିକ ଏକତାର ଅଭାବ ଯୋଗୁଁ, ଯଦ୍ୱାରା ଆର୍ଯ୍ୟମାନେ ଆଧୁନିକ ରୁଷଦେଶର ବଇକାଲ ହ୍ରଦ କୂଳରୁ ଆସି ସିନ୍ଧୁ ସଭ୍ୟତା ଧ୍ୱଂସ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଆର୍ଯ୍ୟମାନଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ହୋଇ ନାନାଦି ଅତ୍ୟାଚାରର ଶୀକାର ହେବାଫଳରେ କୋହ୍ଲମାନେ ଦଳବଦ୍ଧ ଭାବେ ବିଭିନ୍ନ ଦିଗକୁ ଛତ୍ରଭଙ୍ଗ ଦେଲେ । ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଗୋଷ୍ଠୀ ଆସିଲେ ଛୋଟନାଗପୁରର ମାଳଅଞ୍ଚଳକୁ । ଦ୍ୱିତୀୟଦଳଟି ଗୁଜୁରାଟ ଓ ମହାରାଷ୍ଟ୍ର ସୀମାନ୍ତବର୍ତ୍ତୀ ପାହାଡ଼ିଆ ସ୍ଥାନମାନଙ୍କରେ ବସତି ସ୍ଥାପନ କରିଥିବା ବେଳେ ତୃତୀୟ କୋହ୍ଲ ସମୁଦାୟ ମୁହାଁଇଲେ ଭାରତର ଉତ୍ତରଦିଗକୁ ଅର୍ଥାତ୍ କାଠମାଣ୍ଡୁ (ନେପାଳ)ର ଦକ୍ଷିଣାଞ୍ଚଳକୁ । ଛୋଟନାଗପୁର ମାଳଅଞ୍ଚଳରେ ବସବାସ କରୁଥିବା ହୋ /କୋହ୍ଲ ଗୋଷ୍ଠୀଙ୍କ ମଧ୍ୟରୁ ଅନେକ ପ୍ରାୟତଃ ୧୮୨୧ ମସିହା ପୂର୍ବରୁ ଆସି ଓଡ଼ିଶାର ସୀମାନ୍ତବର୍ତ୍ତୀ ରାଜ୍ୟଗୁଡ଼ିକରେ ବସତି ସ୍ଥାପନ କଲେ । କାରଣ ମୟୁରଭଂଞ୍ଜ ଇତିହାସ କହେ ଯେ ଓଡ଼ିଶା ଇଂରେଜ ଶାସନାଧିନ ଥିବା ସମୟରେ ଯେତେବେଳେ ମୟୁରଭଂଜର ରାଜା ଥିଲେ ତ୍ରିବିକ୍ରମ ଭଂଜ (ଖ୍ରୀ: ୧୮୧୧-୧୮୨୮), ସେ କୋହ୍ଲମାନଙ୍କ ପାଇଁ କେତେଗୁଡ଼ିଏ ସର୍ତ୍ତ ରଖିଥିଲେ । ଯଥା- (କ) ଆସନ୍ତା ୫ ବର୍ଷ ପାଇଁ ସେମାନେ ହଳପ୍ରତି ଆଠଅଣା (୫୦ ପଇସା) ଓ ପରେ ଆବଶ୍ୟକ ହେଲେ ଏକ ଟଙ୍କା ଖଜଣା ଦେବେ, (ଖ) ବାମନଘାଟିର ରାସ୍ତା ଓ ଯୋଗାଯୋଗ ଉନ୍ମୁକ୍ତ ରଖିବେ, (ଗ) ନିଜ ପିଲାମାନଙ୍କୁ ଓଡ଼ିଆ ବା ହିନ୍ଦୀରେ ଶିକ୍ଷା ଦେବେ, (ଘ) ଜମିଦାର ଅତ୍ୟାଚାରୀ ହେଲେ ନିକଟବର୍ତ୍ତୀ ଇଂରେଜ ମିଲିଟାରୀ ଅଫିସରେ ଅଭିଯୋଗ ଜଣାଇବେ । ତଥାପି ଦୁର୍ଦ୍ଦଷ ହୋ (କୋହ୍ଲ) ସଂପ୍ରଦାୟ ସାନ୍ତାଳମାନଙ୍କ ସହିତ ମିଶି ବିଦ୍ରୋହ କରିଥିବାର ସୂଚନା ଇତିହାସରେ ସ୍ପଷ୍ଟ ।

ପୁନଶ୍ଚ ଏକଥା ମଧ୍ୟ ଅନୁମାନ କରାଯାଇପାରେ ଯେ, ମୟୁରଭଞ୍ଜର ରାଜା ଦାମୋଦର ଭଞ୍ଜ (ଖ୍ରୀ. ୧୭୬୧-୧୭୯୬) ଓ ରାଣୀ ସୁମିତ୍ରା ଭଞ୍ଜ (ଖ୍ରୀ. ୧୭୯୬-୧୮୧୧)ଙ୍କ ସହିତ ତତ୍‌କାଳୀନ ସିଂଭୂମ୍‌ର ରାଜା ଅର୍ଜୁନ ସିଂଦେବଙ୍କର ବନ୍ଧୁତ୍ୱପୂର୍ଣ୍ଣ

ସଂପର୍କ ରହିଥିବାରୁ, ଏମାନଙ୍କ ରାଜୁତି କାଳରେ ଅନେକ ହୋ (କୋହ୍ଲ)ଙ୍କୁ ମୟୁରଭଞ୍ଜ ଅଣାଯାଇଥିଲା କିମ୍ବା ସେମାନେ ସ୍ୱତଃ ଆସି ମୟୁରଭଂଜର ପାର୍ବତ୍ୟ ଅଞ୍ଚଳରେ ବସବାସ କରିଥିଲେ । ଅବଶ୍ୟ ଏହି କାରଣରୁ କେଉଁଝର ଏବଂ କ୍ରମଶଃ କୋହ୍ଲ ସଂପ୍ରଦାୟ ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଯାଜପୁର ଆଦି ଜିଲ୍ଲାମାନଙ୍କୁ ସଂପ୍ରସାରିତ ହେଲେ । (ପୂର୍ବତନ ଅବିଭକ୍ତ) ।

ସୃଷ୍ଟିକାଳରୁ ଅଦ୍ୟାବଧି କୋହ୍ଲ ସଂପ୍ରଦାୟ ସ୍ଥାନ ଏବଂ ସମୟର ବ୍ୟବଧାନ ଅନୁଯାୟୀ ବହୁ ବିବର୍ତ୍ତନ ତଥା ପରିବର୍ତ୍ତନର ସ୍ରୋତ ମଧ୍ୟରେ ଗତି କରିଆସିଛି । ପାରିପାର୍ଶ୍ୱିକ ଓ ଭୌଗୋଳିକ କାରଣ ଯୋଗୁଁ ହୁଏତ, ତାର ଭାଷା, ସଂସ୍କୃତି, ପରମ୍ପରା ଓ ଚଳଣୀରେ ଭିନ୍ନତା ସ୍ପଷ୍ଟ ପରିଲକ୍ଷିତ ହେଉଛି । ଏପରିକି ସଂପ୍ରଦାୟର ଉପାଧିରେ ମଧ୍ୟ ପାର୍ଥକ୍ୟ ବିଦ୍ୟମାନ । ଯେପରି ଏମାନେ ମୟୁରଭଂଜ ଓ ସିଂଭୂମରେ ହୋ ଏବଂ କୋହ୍ଲ, କେଉଁଝର ଜିଲ୍ଲାରେ ମୁଣ୍ଡା, ଝାଡ଼ଖଣ୍ଡ ପ୍ରଦେଶରେ ହୋ ଛତିଶଗଡ଼ରେ କୋଲ, ଏବଂ ମହାରାଷ୍ଟ୍ରରେ କୋର୍କୁ ଆଦି ନାମରେ ପରିଚିତ । କିନ୍ତୁ ମୂଳତଃ ଏମାନେ ସଭିଏଁ ହୋ ସଂପ୍ରଦାୟର ।

ମୟୁରଭଂଜ ଜିଲ୍ଲାର ଶରତ, କରଞ୍ଜିଆ ଓ କେଉଁଝର ଜିଲ୍ଲାର ହୋ (କୋହ୍ଲ) ବସତି ଅଞ୍ଚଳ ତଥା ସିଂଭୂମର କୋହ୍ଲ ସଂପ୍ରଦାୟରେ ପାରମ୍ପରିକ ସଂସ୍କୃତି ବେଶ୍ ମଜଭୂତ୍ ଥିବା ସ୍ଥଳେ ମୟୁରଭଂଜର ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ କୁଣ୍ଡାବାଇ, ଶ୍ରୀଦାମଚନ୍ଦ୍ରପୁର ଆଦି ଅଞ୍ଚଳ ତଥା ବାଲେଶ୍ୱର ଜିଲ୍ଲାରେ ହୋ (କୋହ୍ଲ) ମାନଙ୍କର ନିଜସ୍ୱ ପରମ୍ପରା ଅବଲୁପ୍ତ ପ୍ରାୟ । ଚଳଣି, ଆଚାରବ୍ୟବହାର, ପୂଜାପାର୍ବଣର ବିଧି ଏପରିକି ପାନୀୟ ସେବନରେ ମଧ୍ୟ ଯଥେଷ୍ଟ ଫରକ ଥିବାର ଜଣାଯାଏ । ସିଂଭୂମ୍, ରାଞ୍ଚି ଓ ମୟୁରଭଂଜର କେତେକ ସ୍ଥାନରେ ପାରମ୍ପରିକ ପାନୀୟ ହାଣ୍ଡିଆକୁ ଖାଦ୍ୟ ଭାବରେ ଗ୍ରହଣ କରାଯାଉଥିବାବେଳେ ଅନ୍ୟ ଅଞ୍ଚଳରେ ଏହା କେବଳ ପାନୀୟସ୍ୱରୂପ ବ୍ୟବହୃତ ହୋଇଥାଏ । କିନ୍ତୁ ହୋ (କୋହ୍ଲ) ସମାଜରେ ପଖାଳ ଓ ଲେଟ୍ (ମାଂସ ଖେଚୁଡ଼ି) ସାର୍ବଜନୀନ କୋହ୍ଲ ଖାଦ୍ୟ ରୂପେ ସର୍ବତ୍ର ପ୍ରାୟ ସମାନ ।

ଭାଷାଗତ ପାର୍ଥକ୍ୟ ଅନେକ ଜାଗାରେ ଉଦାହରଣ ସ୍ୱରୂପ 'ଏବଂ' ଶବ୍ଦଟିକୁ ରାଞ୍ଚିରେ 'ଅଙ୍ଗଃ' ସିଂଭୂମ୍‌ରେ 'ଅଣ୍ଡଃ', ବାଲେଶ୍ୱରରେ ହଡ଼ଃ, ସେହିପରି ହଁ ଶବ୍ଦଟିକୁ ରାଞ୍ଚିରେ 'ଏଗା', ସିଂଭୂମ୍‌ରେ "ଏୟା" ମୟୁରଭଂଜର ବାମନଘାଟି ଅଞ୍ଚଳରେ ହଏ ବୋଲି କୁହାଯାଇଥାଏ । ସାଧାରଣତଃ ମୟୁରଭଂଜ ଜିଲ୍ଲାର ଶରତ ଓ କରଞ୍ଜିଆ ଆଦି

ଅଞ୍ଚଳରେ ପ୍ରଚଳିତ ହୋ (କୋହ୍ଲ) ଭାଷା ସହିତ ସିଂଭୂମ୍ ହୋ (କୋହ୍ଲ) ଭାଷାର ବହୁଳ ସାମଞ୍ଜସ୍ୟ ରହୁଥିବା ସ୍ଥଳେ ମୟୂରଭଂଜର ଉଦଳା ଅଞ୍ଚଳର ହୋ (କୋହ୍ଲ) ଭାଷା ବାଲେଶ୍ୱରରେ ପ୍ରଚଳିତ କୋହ୍ଲ ଭାଷା ସହିତ ପ୍ରାୟତଃ ସମାନ । ଯେପରି ଶରତ, କରଞ୍ଜିଆ ଆଦିର କୋହ୍ଲମାନେ କୁର୍ତ୍ତାକୁ 'ସୁତୁର' କହନ୍ତି । କିନ୍ତୁ ଉଦଳା ଓ ବାଲେଶ୍ୱରରେ 'ଅଙ୍ଗା' କହୁଥିବା ଜଣାଯାଏ । ଶରତ କୋହ୍ଲ ଔଷଧକୁ 'ରେଏଡ୍' କହୁଥିବାବେଳେ ଉଦଳା, ବାଙ୍ଗିରପୋଷି ଓ ବାଲେଶ୍ୱର ପ୍ରଭୃତି ସ୍ଥାନ ମାନଙ୍କରେ 'ହାଲା' ବୋଲି କହି ଥାଆନ୍ତି ।

ଏହାର କାରଣ କେବଳ ପାରିପାର୍ଶ୍ୱିକ ଅବସ୍ଥିତ । ପ୍ରାଦେଶିକ ତଥା ପରିବେଶ ଭିତ୍ତିକ ଜାତି, ଜନଜାତି –ପ୍ରଜାତିମାନଙ୍କ ପ୍ରଭାବ ଯୋଗୁଁ ହିଁ ଏପରି ଲକ୍ଷଣ–ବିଲକ୍ଷଣ–ବିବର୍ତ୍ତନ–ପରିବର୍ତ୍ତନ ସମ୍ଭବ ହୋଇଥିବା ଅନୁମିତ ହୁଏ ।

ତେବେ ପ୍ରାକ୍ ଐତିହାସିକ କାଳରୁ କୋହ୍ଲ ସଂପ୍ରଦାୟର ଗତି ଓ ପ୍ରକୃତିକୁ ଅନୁଧ୍ୟାନ କଲେ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ଯେ କୋହ୍ଲ ସମ୍ପ୍ରଦାୟ ସମୟର କଷଟି ପଥରରେ ଘଷିମାଜି ହୋଇ ଯଥେଷ୍ଟ ଉନ୍ନତ, ସଭ୍ୟ, ମାର୍ଜିତ ତଥା ସୁଦୃଢ଼ ପରମ୍ପରାନୁଗ ଜାତି ଭାବରେ ଇତିହାସର ପୃଷ୍ଠା ମଣ୍ଡନ କରିଛନ୍ତି ।

ୱାରାଂଚିତି, ହୋ / କୋହ୍ଲମାନଙ୍କର ଲିପି, ଯାହାର ଆକାର–ପ୍ରକାର ସାଦୃଶ୍ୟ ଦେବନାଗରୀ ଲିପିର ସମକକ୍ଷ । ୱାରାଂଚିତିକୁ ସାମ୍ବିଧାନିକ ସ୍ୱୀକୃତିପ୍ରାପ୍ତ କରାଇବାକୁ ବର୍ତ୍ତମାନ ସମଗ୍ର କୋହ୍ଲ / ହୋ ସଂପ୍ରଦାୟ ବେଶ୍ ସକ୍ରିୟ ।

ବିଶାଳ କୋହ୍ଲ ସଂପ୍ରଦାୟର ସାମାଜିକ, ସାଂସ୍କୃତିକ, ଧାର୍ମିକ, ରାଜନୈତିକ ତଥା ବିଜ୍ଞାନ ଭିତ୍ତିକ ପ୍ରାଚୁର୍ଯ୍ୟଭରା ଉପାଦାନ ଲୋକଲୋଚନକୁ ଆସିଲେ ହୁଏତ କେବଳ ଓଡ଼ିଶା ନୁହେଁ ପରନ୍ତୁ ଗତାନୁଗତିକ ଭାରତ ଇତିହାସର ମୋଡ଼ ବଦଳି ଯାଇପାରେ ।

# ଖାଦ୍ୟ ପରମ୍ପରା

## (ଢମେରେୟା ଧାରା /ଢମ୍ ନୁ )

ମଣିଷର ଜୀବନଧାରଣ ପାଇଁ ଖାଦ୍ୟ ଏକ ପ୍ରମୁଖ ତଥା ପ୍ରଥମ ଅବଲମ୍ବନ । ଆର୍ଥିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ହୁଏତ ବ୍ୟକ୍ତିଗତ ଓ ସାମ୍ପ୍ରଦାୟିକ ସ୍ତରରେ ଖାଦ୍ୟସେବନ ପ୍ରଣାଳୀ ଭିନ୍ନ ହୋଇପାରେ, କିନ୍ତୁ ଖାଦ୍ୟର ଉପାଦେୟତା ହ୍ରାସ ପାଇନଥାଏ ।

ତୁଳନାତ୍ମକ ଭାବରେ ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀଙ୍କ ଠାରୁ କୋହ୍ଲ / ହୋ ସଂପ୍ରଦାୟ ଉନ୍ନତ । ତଥାପି ଖାଦ୍ୟ ସେବନ ପ୍ରଣାଳୀ ସେମାନଙ୍କର ପାରମ୍ପରିକ ସର୍ବାଧିକ ସଂଖ୍ୟାରେ ହୋ / 'କୋହ୍ଲ' ଗାଁ ଗହଳରେ ବସବାସ କରୁଥିବାରୁ ଆର୍ଥିକ କ୍ଷେତ୍ରରେ ତାରତମ୍ୟ ଥିଲେ ମଧ୍ୟ ସେମାନେ ପରମ୍ପରାରୁ ବିଚ୍ୟୁତ ହେବାର ଦେଖାଯାଏ ନାହିଁ ।

### ମୁଖ୍ୟଖାଦ୍ୟ :

କୋହ୍ଲ ସଂପ୍ରଦାୟର ମୁଖ୍ୟ ଖାଦ୍ୟ ପଖାଳ (ଦାଃ ମାଣ୍ଡି / ମରଏ ମାଣ୍ଡି) ଅଧିକ ପ୍ରିୟ ବାସି ପଖାଳ (ଢଙ୍ଗଃ ମାଣ୍ଡି) । ରାତି ପାହିଲେ ଏମାନେ ପୁରୁଷ ଓ ସ୍ତ୍ରୀ ଉଭୟେ ବିଭିନ୍ନ କାମଧନ୍ଦାରେ ଘରୁ ବାହାରି ଯାଆନ୍ତି । ସକାଳେ ରୋଷେଇ କରିବାକୁ ସମୟ ନଥାଏ । ତେଣୁ ସକାଳ ୮-୯ ଟା ସୁଦ୍ଧା ବାସି ପଖାଳ ସହିତ ଶାଗ, ଲୁଣ,ଲଙ୍କା, ଖଟା ଇତ୍ୟାଦି ଖାଇଥାଆନ୍ତି । ସଂଧ୍ୟାରେ ଘରକୁ ଫେରି ରୋଷେଇ କରନ୍ତି । ଗରମ ଭାତ (ରଃ ମାଣ୍ଡି/ ଇଲଃ ମାଣ୍ଡି) କିମ୍ବା ଭାତକୁ ପଖାଳ କରି ଖାଆନ୍ତି । ତେବେ କୋହ୍ଲ ସଂପ୍ରଦାୟ ଭାରି ପଖାଳ ପ୍ରିୟ । ସକାଳେ ଯଦି କେବେ ପଖାଳ ଖାଇବାକୁ ନଥାଏ; ତେବେ ଏମାନେ ବଣଆଳୁ ସିଝା କିମ୍ବା କୋଇଥ ସିଝା ଖାଇ ମଧ୍ୟ କାମକୁ ବାହାରି ଯାଆନ୍ତି । ଋତୁ ଅନୁଯାୟୀ କୋହ୍ଲ ସଂପ୍ରଦାୟର କେତେକ ଲୋକ ଭିନ୍ନ ଭିନ୍ନ ଶସ୍ୟରୁ ଉତ୍ପନ୍ନ ଚାଉଳରେ ଭାତ ପ୍ରସ୍ତୁତ କରିଖାଆନ୍ତି । ସେଗୁଡ଼ିକ ହେଲା- ମକା ଭାତ (ଗାଙ୍ଗାଇ ମାଣ୍ଡି), ଜେଜେଣ୍ଡା ଭାତ (ଜେଜେଣ୍ଡା ମାଣ୍ଡି), ଗୁନ୍ଦୁଲି ଭାତ ( ଗୁନ୍ଦୁଲି ମାଣ୍ଡି), ମାଣ୍ଡିଆ ଭାତ (କେଦେ ମାଣ୍ଡି), ବାଲୁଙ୍ଗା ଭାତ (ପାସା ମାଣ୍ଡି) । ମକା ଭାତରେ ପଖାଳ ମଧ୍ୟ ସ୍ୱାଦିଷ୍ଟ ହୁଏ । ହୋ /କୋହ୍ଲ ଘରକୁ କୁଣିଆ (ବନ୍ଧୁବାନ୍ଧବ) ଆସିଲେ କିମ୍ବା ଘରେ ଆମିଷ ତରକାରୀ ହେଲେ ଏମାନେ ଗରମ ଭାତ (ରଃ ମାଣ୍ଡି / ଇଲଃ ମାଣ୍ଡି) ଖାଇଥାଆନ୍ତି ।

## ସହକାରୀ ଖାଦ୍ୟ :

ସାଧାରଣତଃ ସହକାରୀ ଖାଦ୍ୟ ଭାବରେ କୋହ୍ଲ ସଂପ୍ରଦାୟ ସେପରି ବିଶେଷ କିଛି ଆୟୋଜନ କରିପାରନ୍ତି ନାହିଁ କିମ୍ବା କରନ୍ତି ନାହିଁ । ଦିନ ମଧ୍ୟରେ ଆବଶ୍ୟକ ହେଲେ ଖାଦ୍ୟ ବଦଳରେ ହାଣ୍ଡିଆ (ଡ଼ିଆଅଦାଃ) ପିଅନ୍ତି । ଅବଶ୍ୟ ଯଦି ସୁବିଧା ସୁଯୋଗ ପାଆନ୍ତି, ତେବେ ଋତୁ ଅନୁଯାୟୀ କିଛି ସହକାରୀ ଖାଦ୍ୟର ବ୍ୟବସ୍ଥା କରିଥାଆନ୍ତି । ସେଗୁଡ଼ିକ ହେଲା- କୋଳଥ (କୁଲ୍‌ଥା) ସିଝା, ବଟାଆଳୁ (ପାନ୍‌ପତୁରିଆ ସାଙ୍ଗା) ସିଝା, କଣ୍ଡା ଆଳୁ (ମାୟାଂଆଳୁ) ସିଝା, ତୁଙ୍ଗା ଆଳୁ ସିଝା, ମହୁଲ ସିଝା (ମାତ୍‌କମ୍ ତିକି), ମହୁଲ ଭଜା (ମାତକମ୍ ଆତା), ମହୁଲ ଖିରୀ (ମାତକମ୍ ଲେଟ୍), ମହୁଲ ଲଡୁ (ମାତକମ୍ ପାଟୁ) ଗେଣ୍ଡା ପିଠା (ଗେଣ୍ଡା ଲାଡ଼), ଗେଣ୍ଡା ଖିରୀ (ଗେଣ୍ଡା ଲେଟ୍), ଇଅଡ଼ (କଞ୍ଚା ପଣସ) ସିଝା, (ପଣସ ତିକି), ପଣସ ପିଠା (ପଣସ ଲାଡ଼), ଡ଼ାଳପିଠା (ତାଆଳରାଡ଼ି) ଇତ୍ୟାଦି । ପୁଣି କେବେ କେବେ ମୁଢ଼ି, ଚୂଡ଼ା, ଚକିଗୁଡ଼ ମଧ୍ୟ କିଣିଆଣନ୍ତି । କିନ୍ତୁ ଏସବୁ ବହୁତ କମ୍ ସେମାନେ ପାଆନ୍ତି ଓ ଖାଆନ୍ତି । ପରିବାରର ଯେଉଁମାନେ ପିଲାଛୁଆଙ୍କ ସହ ଘରେ ରହନ୍ତି, ଭୋକ ହେଲେ ଯଦି କିଛି ଥାଏ ତ ଖାଆନ୍ତି, ନଚେତ ତୋରାଣୀ ମୁନ୍ଦେ ମୁନ୍ଦେ ପିଇଦିଅନ୍ତି, ହାଣ୍ଡିଆ ଥିଲେ ଭଲ ।

## ସହାୟକ ଖାଦ୍ୟ :

ମୁଖ୍ୟ ଖାଦ୍ୟ ପଖାଳ ସହିତ କୋହ୍ଲମାନେ ସେପରି ବିଶେଷ ସହାୟକ ଖାଦ୍ୟ ଲୋଡ଼ିନଥାନ୍ତି । ତେବେ ସେମାନଙ୍କର ମୁଖ୍ୟ ସହାୟକ ଖାଦ୍ୟ ହେଉଛି ଶାଗ (ଆଆଃ) (ସଜନା ଶାଗ-ମୁନଗା ଆଆଃ, ମାଟି ଶାଗ- ହାସା ଆଆଃ, ଟକଭେଣ୍ଡି ଶାଗ- କାଉଁରା / ମଂରୟା ଆଆଃ, ସାରୁ ଶାଗ - ସାରୁ ଆଆଃ, ବୋଇତାଳୁ ଶାଗ, ପୋଇଶାଗ ଇତ୍ୟାଦି) ବାଇଗଣ (ବେଙ୍ଗା) ମାରିଶ ଖଡ଼ା (ଲେପେରା ଆଆଃ ଦାରୁ) ପପୟା (ବିହି), ଭେଣ୍ଡି (ଭୁଣ୍ଡି), କଦଳୀ (କାଦାଲ) ବୋଇତାଳୁ /କଖାରୁ (କାକାରୁ), ଜହ୍ନି (ଝିଂଘା), କଲରା (କରାଏଲା) ସାରୁ, ଆଳୁ (ଗୁଲୁଆଳୁ), କୁନ୍ଦୁରୀ, ଟକଭେଣ୍ଡି (କାଉଁରା), କନ୍ଦମୂଳ, ଜଙ୍ଗଲି ପିଚାଶାଗ, ଅନାବନା ଶାଗ ପ୍ରଭୃତି ପରିବା ଏମାନେ ଖାଆନ୍ତି । ଏତଦ୍ ଭିନ୍ନ ବିଭିନ୍ନ ପ୍ରକାର ପଶୁ- ପକ୍ଷୀଙ୍କ ମାଂସ (ଜିଲୁ) - (ଛେଳି- ମେରମ୍, କୁକୁଡ଼ା-ସିମ୍, ଗେଣ୍ଡା, କଙ୍କଡ଼ା-କାଟକମ୍,କଇଁଛ-ହରଃ) ପଣ୍ଡା- କେଲା, ଗୟଳ-ସାଇଲ୍, କୁଟାରୀ-ସିଲିପ୍ ହରିଡ଼ା, ପୁଷ୍ଟା, ସମ୍ବର-ସାରାମ୍, ଘୁଷୁରୀ- ସୁକୁରୀ,

ବାର୍‌ହା- ସୁକୁରୀ, ପାରା - ହୁହୁଲ୍‌ମ୍,କର୍ପୁ-ପୁତାମ୍, ବଣୁଆ ଚଢ଼େଇ- ଗିର୍ ଟେଟେଣେ, ଶୁଆ, କେଉିଆଃଦ୍, ହରଡ଼ ଚଢ଼େଇ- ଦଃଏଟେଣେ, ଶୁଆ- କେଉିଆଃଦ୍ ହରଡ଼ ଚଢ଼େଇ- ଦଃଏ ଟେଣେ, ଗୁଷୁଟି ମୂଷା- ତୁଃ/ତୁଡ୍, କୋଇଲି, ବାହୁଡ଼ି ପ୍ରଭୃତି ମାଂସ), ମାଗୁର (ମାଗୁରା ହାଇ), ଗଡ଼ିଶା (ଗୁଡ଼ିଶା ହାଇ),କଉାଁଣି, (ହାଟ୍ ହାଇ), ଚେଙ୍ଗ (ଟାଲ୍‌କା / ଚଡ଼ାହାକୁ) ଚିଙ୍ଗୁଡ଼ି (ଙ୍କଟା ହାଇ) ତୁଡ଼ି (ତୁଲି ହାଇ), କୁଙ୍ଗା (କାମ୍ବିହାଇ) ଶୁଖୁଆ (ଶୁଖୁଆ ହାକୁ / ହାଇ), ଇତ୍ୟାଦି ସବୁପ୍ରକାର ମାଛ (ହାଇ) କୋନ୍ଧ ସଂପ୍ରଦାୟର ଲୋକେ ଖାଇଥାଆନ୍ତି । କିନ୍ତୁ ମାଛ କମ୍ ଖିଆ ହୁଏ । ବାଇଗଣ ପୋଡ଼ା, ଭଜା, ପରିବାସିଝା ତରକାରୀ, କେବେକେବେ ଡ଼ାଲି, ଛତୁ (ଉଡ଼), ଉଇଚେରଙ୍ଗ ଘାସର ଛତୁ, ମୟୂରଛତୁ, ବାଲି ଛତୁ, ଭୁଟ୍‌କା ଛତୁ, ଇତ୍ୟାଦି ବ୍ୟବହାର କରନ୍ତି । କୋନ୍ଧମାନେ ସବୁ ଖାଆନ୍ତି ହେଲେ ମୁଖ୍ୟ ସହାୟକ ଖାଦ୍ୟ ଶାଗ କିମ୍ବା ଲଙ୍କା, ଲୁଣ, ପିଆଜ ସାଲ୍‌ମା, ତେନ୍ତୁଳି, ଟକଭେଣ୍ଡି ଇତ୍ୟାଦି ପ୍ରାୟତଃ ସବୁ ସମୟରେ ବ୍ୟବହାର କରିଥାନ୍ତି ।

## ନିତିଦିନିଆ ଖାଦ୍ୟ:

ସକାଳେ ଉଠିଲେ ଆଗ ହୁକୁତା-ହୁନ ପାଟିରେ ପଡ଼େ । ସକାଳ ୮/୯ଟା ସମୟରେ ଶାଗ-ପଖାଳ ଖାଆନ୍ତି । ତାପରେ ପୁଣି ହୁକୁତା-ହୁନ ପାଟିରେ ଜାକି ବିଡ଼ି ଟାଣି ଟାଣି କାମକୁ ବାହାରି ଯାଆନ୍ତି । ପଖାଳ ନଥିଲେ, ଶାଗସିଝା, ବଣଆଳୁ, ସିଝା କିମ୍ବା କୋଳଥ ସିଝା, କିମ୍ବା ସେହିପରି ଯାହା ଥାଏ ଖାଆନ୍ତି । କିନ୍ତୁ ନଥିଲେ ଡାଣ୍ଡିଆ ପିଇ ଦିଅନ୍ତି । କାମ କରୁଥିବା ଗିରିହା (ମାଲିକ୍) ଘରେ କିମ୍ବା ଜଙ୍ଗଲରେ ଯଦି କିଛି ମିଳେ ତ ଖାଆନ୍ତି, ନଚେତ ଦିନଯାକ କିଛି ନଖାଇ ସଂଧ୍ୟାରେ ଘରକୁ ବାହୁଡ଼ନ୍ତି । ଭାତ ରନ୍ଧାଯାଏ, ସେଥିରେ ପାଣିଢ଼ାଳି ପଖାଳ- ଶାଗ ଖାଇନିଦ୍ରା ଯାଆନ୍ତି । ଘରେ ରହୁଥିବା ସ୍ତ୍ରୀ ଲୋକ ପିଲାଛୁଆ ଯଦି କୌଣସି ଖାଦ୍ୟଥାଏ ତ ଖାଆନ୍ତି ନହୁବା ମୁନ୍ଦେ ମୁନ୍ଦେ ତୋରାଣୀ ପିଇ ରହନ୍ତି ।

## ପର୍ବପର୍ବାଣୀର ଖାଦ୍ୟ:

କୋନ୍ଧ ସଂପ୍ରଦାୟର ପର୍ବପର୍ବାଣୀ ମାନଙ୍କରେ ମୁଖ୍ୟଖାଦ୍ୟ ଭାତ (ରଃ ମାଣ୍ଡି / ଲଲଃ ମାଣ୍ଡି) ମାଂସ (କିଲୁ) ଓ ପିଠା (ଲାଡ଼ / ଲାଃଟ୍) । ମାଂସ ମଧ୍ୟରେ କୁକୁଡ଼ା, ଛେଳି ଓ ଘୁଷୁରୀ ବେଶୀ ହୁଏ । କାରଣ ଏଗୁଡ଼ିକ ତାଙ୍କ ପାଖରେ ଉପଲବ୍ଧ ତଥା ପୂଜାରେ ଏହି ତିନୋଟି ଜୀବ ବଳି ପଡ଼ନ୍ତି । ପିଠା ମଧ୍ୟରେ ଅରୁଆ ଚାଉଳ, (ଆହୁଆ ଚାଉଳି)ର ଚକୁଳି (ତୁମ୍ବୁଃ ଲାଃଟ୍) ଉଷୁନା ଚାଉଳର ପତର ପିଠା (ସାକାମ୍ ଲାଃଟ)

ସିଝା ପିଠା (ତିକି ଲାଃଟ) ଇତ୍ୟାଦି ହୁଏ । ଏହା ବ୍ୟତୀତ ଋତୁ ଅନୁଯାୟୀ ତାଳପିଠା (ତାଆଳ ଲାଃଟ) ପଣସ ପିଠା (ପଣସ ଲାଃଟ), ମହୁଲ ପିଠା (ମାତକାମ୍ ଲାଃଟ୍) ଖୁଦୁଲୁ ଖିରୀ (ଗୁଦୁଲି ଲେଟ୍), ମକାଖିରୀ (ଗାଙ୍ଗାଇ ଲେଟ୍) ମଧ୍ୟ ହୋଇଥାଏ । ଅନେକ ସମୟରେ ମୁଢ଼ି (ଆଡାଃ) ଚୂଡ଼ା, ଡାବେନ୍ ଚକିଗୁଡ଼ର ବ୍ୟବସ୍ଥା ହୁଏ । ପର୍ବପର୍ବାଣୀ ଦିନମାନଙ୍କରେ ଡ଼ାଲି, (କୁଲଥ୍ ବିରି), ପରିବା ତରକାରୀ ମଧ୍ୟ କିଏ କିଏ କରନ୍ତି । ମାଛ କମ୍ ହୁଏ । ତେବେ ପର୍ବପର୍ବାଣୀରେ କୋହ୍ଲମାନେ ମୁଖ୍ୟତଃ ଗରମ ଭାତ, ମାଂସ ଓ ପିଠା ଖାଇଥାଆନ୍ତି । ହାଣ୍ଡିଆ ଜରୁରୀ ।

## ଶିଶୁ ଓ ଛୋଟପିଲାଙ୍କ ଖାଦ୍ୟ:

ପିଲା ଜନ୍ମ ହେବାର ୪-୫ ମାସ ଯାଏଁ ମା କ୍ଷୀର ଖାଇବଞ୍ଚେ । ପିଲାର ଏକୋଇଶା ଦିନ ତା ଜିଭରେ ହାଣ୍ଡିଆ କିମ୍ବା ମଦ ଚଟାଇ ଦିଆଯାଏ । ତାକୁ ଅନ୍ତତଃ ୫ ମାସ ହୋଇଗଲେ ସଜ ତୋରାଣୀ (ମାଣ୍ଡିଦାଃ/ ଦୁଷ୍ଟଃ ଦାଃ) ପିଇବାକୁ ଦିଅନ୍ତି । ସିଝା ବଣଆଳୁ, ଚକଟି ମଧ୍ୟ ଦିଆଯାଏ କିମ୍ବା ଭାତ ଆଳୁ ଚକଟା ମଧ୍ୟ ଦିଅନ୍ତି । ଏହିପରି ପିଲା ଦେଢ଼ବର୍ଷ ହେବାଯାଏଁ ଚାଲେ । ପିଲାର ଆଗଦାନ୍ତ ବାହାରିଗଲେ ତାକୁ ପୋଡ଼ ପିଠା / ପତର ପିଠା, (ସାକାମ୍ ଲାଃଟ) କୁଣ୍ଡା ପିଠା, ପଖାଳ ଭାତ ପ୍ରଭୃତି ଦିଆଯାଇଥାଏ । ଉଷୁନା ଚାଉଳକୁ ବାଟି, ସେଥିରେ ଲୁଣ (ବୁଲୁଂ) ମିଶାଇ ପତରରେ ଗୁଡ଼ାଇ ଦିଆଯାଏ । ତାହାକୁ ଭାତହାଣ୍ଡିରେ ପକାଇ ସିଝାଯାଏ କିମ୍ବା ଚୂଲୀରେ ପୋଡ଼ାଯାଇ ପିଲାକୁ ଖାଇବାକୁ ଦିଅନ୍ତି । ପିଲା ନିଜେ ଖାଇ ଶିଖିଗଲେ, ସେ ବଡ଼ ଲୋକଙ୍କ ଭଳି ସବୁପ୍ରକାର ଖାଦ୍ୟ ନିଜ ଇଚ୍ଛା ମୁତାବକ ଖାଇପାରେ ।

## ଗର୍ଭବତୀ ମହିଳା ଓ ପ୍ରସୂତୀଙ୍କ ଖାଦ୍ୟ:

ଗର୍ଭାବସ୍ଥାର ପ୍ରଥମ ପର୍ଯ୍ୟାୟରେ ସ୍ତ୍ରୀଟିଏ ସାଧାରଣ ନିତିଦିନିଆ ଖାଦ୍ୟ ଖାଏ । କେବଳ ୮ ଓ ୯ ମାସରେ ବାସି ପଖାଳ, ଖଟା ଜାତୀୟ ଖାଦ୍ୟ, ନିଶାପାଣି ବନ୍ଦ ହୁଏ । ଏମାନଙ୍କ ପାଇଁ ସେପରି ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ହୁଏନାହିଁ । ସେହି ସାଧାରଣ ଖାଦ୍ୟାକୁ ହୁଏତ ଦିନରେ ଦୁଇରୁ ତିନିଥର ଖିଆଯାଏ ।

ଦୁଗ୍ଧଦାତ୍ରୀ ମା ପାଇଁ ମଧ୍ୟ ଖାଦ୍ୟର ସେପରି କିଛି ସ୍ୱାତନ୍ତ୍ର ପରିଲକ୍ଷିତ ହୁଏନାହିଁ । ପିଲାଜନ୍ମର ୨୧ଦିନ ପର୍ଯ୍ୟନ୍ତ କିଛି ଖାଦ୍ୟର ବାରଣ ଥାଏ । ୨୧ ଦିନ ପରେ ସାଧାରଣ ନିତିଦିନିଆ ଖାଦ୍ୟ ଦୁଗ୍ଧଦାତ୍ରୀ ମା ଖାଇପାରେ । ତେବେ ଦିନରେ ଦୁଇରୁ ତିନିଥର ଯାଏଁ ତାକୁ କିଛି ନା କିଛି ଖାଦ୍ୟ ଖାଇବାକୁ ଦିଆଯାଇଥାଏ ।

## ନିଷିଦ୍ଧ ଖାଦ୍ୟ:

ଗର୍ଭବତୀ ସ୍ତ୍ରୀଟିଏ ଗର୍ଭସଂଚାରର ୮ ଓ ୯ ମାସରେ ବାସିପଖାଳ, ଖଟା, ଜାତୀୟ ଖାଦ୍ୟ ଖାଏ ନାହିଁ । ନିଶାପାଣି (ହାଣ୍ଡିଆ, ମଦ), ଅଳ୍ପ ଅଳ୍ପ ଚଳେ । ଗର୍ଭବତୀ ସ୍ତ୍ରୀ ବଳି ଭୋଗ ଖାଇବା ନିଷେଧ । ଏତଦ୍‌ଭିନ୍ନ ଗର୍ଭାବସ୍ଥାରେ ଗୟଳ ମାଂସ, ମେଣ୍ଢା ମାଂସ, ମୂଷା ମାଂସ, କଖାରୁ,ଶାଗ, ପୋଇ ଶାଗ ଇତ୍ୟାଦି ଖାଇବାକୁ ବାରଣ କରାଯାଇଥାଏ । ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଗର୍ଭବତୀ ମହିଳା ଖାଇପାରେ । ଦୁଗ୍ଧଦାତ୍ରୀ ମା ସେହିପରି ୨୧ ଦିନ ଯାଏ ବାସି ପଖାଳ, ଖଟାଜାତୀୟ ଖାଦ୍ୟ, ବୋଇତାଳୁ, ମୂଷା ମାଂସ, ମେଣ୍ଢା ମାଂସ, ଚିଙ୍ଗୁଡ଼ି ମାଛ ଇତ୍ୟାଦି ଖାଇନଥାନ୍ତି । ତେବେ ଏହି ସମୟରେ ଅଧିକାଂଶ ଆମିଷ ଖାଦ୍ୟକୁ ବାରଣ କରିଥାନ୍ତି । ଅଧିକ ଜଳିୟଦ୍ରବ୍ୟ, ଥଣ୍ଡା ଖାଦ୍ୟ ଖାଇବା ନିଷେଧ । ଗରମ ଭାତ କିମ୍ବା ପଖାଳ ଖାଇବାକୁ ଦିଆଯାଏ । କଲରା ପୋଡ଼ା ଅନ୍ୟାନ୍ୟ ପରିବାପତ୍ର ପୋଡ଼ାପୋଡ଼ି କରି ସେ ଖାଇପାରେ । ଶାଗ ଚଳେ, କିନ୍ତୁ ୨-୩ ମାସଯାଏଁ ଦୁଗ୍ଧଦାତ୍ରୀମାନଙ୍କୁ ଲଙ୍କାମରିଚ, ଖଟା ବୋଇତାଳୁ ଶାଗ, ପୋଇଶାଗ ବାରଣ କରାଯାଇଥାଏ । ଅଳ୍ପ ଅଳ୍ପ ହାଣ୍ଡିଆ ପିଇପାରେ । ଛୋଟ ଅବସ୍ଥାରେ ପିଲାକୁ କଲରା,ଲଙ୍କା, ହାଣ୍ଡିଆ, ଆମିଷ ଖାଦ୍ୟ, ଶାଗ ଇତ୍ୟାଦି ଖାଇବାକୁ ଦିଆଯାଏ ନାହିଁ । ପରିବାରରେ କାହାରି ମୃତ୍ୟୁ ଘଟିଲେ ୧୧ ଦିନ ଯାଏଁ (ଶୁଦ୍ଧିକ୍ରିୟା) ଆମିଷ ଖାଦ୍ୟ ସଂପୂର୍ଣ୍ଣ ନିଷେଧ ଥାଏ ।

ମାଘ ପୂଜା ଦିନ ଜାହିରେ ପୂଜା ଶେଷ ନ ହେବା ପର୍ଯ୍ୟନ୍ତ ଦେହୁରୁ / ମାଟି ବୁଢ଼ା/ ମାଝି ହାଡ଼ାମ୍ (ଯିଏ ଜାହିରା ପୂଜା କରେ), ଗଡ଼େଡ୍ (ଯିଏ ପୂଜା ପାଇଁ ପାଣି ଆଣେ), ପାର୍‌ନିକ୍ (ଯିଏ ପୂଜା ବଳି ସାମଗ୍ରୀ / ଉପକରଣ ଯୋଗାଏ, ପୂଜା ପାଇଁ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରେ), ଏହି ତିନିହେଁ ଖାଦ୍ୟ କିମ୍ବା ଜଳ ସ୍ପର୍ଶ କରନ୍ତି ନାହିଁ । ପୂଜା ପରେ ବଳିମୁଣ୍ଡରେ ଖେଚେଡ଼ି ପ୍ରସ୍ତୁତ କରି ଏମାନଙ୍କୁ ଦିଆଯାଇଥାଏ ।

ନୂଆଖିଆ ପର୍ବ ପୂର୍ବରୁ କୋହ୍ଲମାନେ ଆମ୍ବ (ଉଲି) ମହୁଲ, ନୂଆ ଧାନର ଚାଉଳ ଖାଆନ୍ତିନାହିଁ । ଶାଳପତ୍ର ଛୁଇଁବେ ନାହିଁ କିମ୍ବା ଶାଳପତ୍ରରେ ଖାଇବେ ନାହିଁ । ମକର ଦିନ ଘରେ ପିଣ୍ଡ ନଦେବା ଯାଏଁ ଘରର କର୍ତ୍ତା, କର୍ତ୍ତୀ, ପୁଅବୋହୂ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରନ୍ତି ନାହିଁ । ଭୋଗ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ପୂଜା ନ ସରିବା ପର୍ଯ୍ୟନ୍ତ ଘରେ କେହି ଖାଇପାରିବେ ନାହିଁ ।

ବାହାଘର ସମୟରେ ମଧ୍ୟ ବିବାହ କାର୍ଯ୍ୟ ସଂପନ୍ନ ନ ହେବା ପର୍ଯ୍ୟନ୍ତ ବରକନ୍ୟା ଓ ଏମାନଙ୍କର ପିତାମାତା ଖାଦ୍ୟ କିମ୍ବା ପାନୀୟ ଏପରିକି ଜଳସୁଦ୍ଧା ସ୍ପର୍ଶ କରନ୍ତି ନାହିଁ ।

## ନିରାମିଷ ଓ ଆମିଷ ଖାଦ୍ୟ:

କୋହ୍ଲ ସଂପ୍ରଦାୟର ଲୋକେ ଆମିଷ ପ୍ରିୟ । ସାଧାରଣତଃ ସବୁପ୍ରକାର ମାଂସ,ମାଛ, ଅଣ୍ଡା, ଶୁଖୁଆ ଏବଂ କଖାରୁ, ପିଆଜ ଓ କାକୁଡ଼ି ପ୍ରଭୃତି ଖାଦ୍ୟ ଦ୍ରବ୍ୟକୁ ଏମାନେ ଆମିଷ ଶ୍ରେଣୀଭୁକ୍ତ କରିଥାଆନ୍ତି । ବିଶେଷ କରି ମାଂସ, ମାଛ, ଅଣ୍ଡା ଓ ସର୍ବାଧିକ ମାଂସ ଏମାନଙ୍କ ପାଇଁ ବେଶ୍ ରୁଚିକର । ମାଂସ ଏମାନେ କମ୍ ପାଆନ୍ତି ତେଣୁ କମ୍ ଖାଆନ୍ତି । ତଥାପି ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏମାନଙ୍କର ଧାରଣା ଯେ ମାଂସ ପୁଷ୍ଟିକର । ଏହାଖାଇଲେ ଦେହରେ ଶକ୍ତି ଆସେ, ବଳକାରକ, ରକ୍ତ ବଢ଼ାଏ ଦୁର୍ବଳତା ଦୂର କରେ । ଅର୍ଥାତ୍ ମାଂସ ଖାଇଲେ ଦେହ ସୁସ୍ଥ ରହିବା ସଂଗେ ସଂଗେ କାମ କରିବାକୁ ଫୁର୍ତ୍ତି ଲାଗେ । ମାଛ, ଅଣ୍ଡା ଖୁବ୍ କମ୍ ଖାଆନ୍ତି, ତେବେ ମାଂସ ଭଳି ଏତେ ସ୍ୱାଦୁଯୁକ୍ତ କିମ୍ବା ପୁଷ୍ଟିକର ବୋଲି ବିଶ୍ୱାସ କରନ୍ତି ନାହିଁ । ଶୁଖୁଆ (ବିଲ ମାଛକୁ ଲୁଣ ଦେଇ ଚୁଲୀ ଉପରେ କିମ୍ବା ପଟିଆ ଉପରେ ରଖି ଖରାରେ ଶୁଖାଇ) ଖାଆନ୍ତି । କିନ୍ତୁ ଏହା ପୁଷ୍ଟିକର ନୁହେଁ । କେବଳ ଜରୁରୀ କିମ୍ବା ଅଭାବ ସମୟ ପାଇଁ ଶୁଖୁଆ ରଖିଥାଆନ୍ତି । କଖାରୁ, ପିଆଜ, କାକୁଡ଼ି ପାରମ୍ପରିକ । ଏଥିରେ ବିଶେଷତ୍ୱ କିଛି ନଥାଏ । ତେବେ ମାଂସ ପ୍ରତି କୋହ୍ଲମାନଙ୍କର ଧାରଣା ବେଶ୍ ଉଚ୍ଚକୋଟୀର ।

ଉପରୋକ୍ତ ଖାଦ୍ୟ କିଛିକୁ ବାଦ୍ ଦେଲେ ଅନ୍ୟାନ୍ୟ ସମସ୍ତ ଖାଦ୍ୟଦ୍ରବ୍ୟ ଏମାନଙ୍କ ପାଇଁ ନିରାମିଷ ଓ ଏମାନେ ସାଧାରଣଥଃ ସବୁଦିନେ ନିରାମିଷ ଖାଦ୍ୟ ହିଁ ଖାଇଖାଆନ୍ତି । ଅବଶ୍ୟ ଅନେକ କୋହ୍ଲ ନିରାମିଷ ପ୍ରିୟ । ଆମିଷ ସବୁଦିନେ ନ ପାଉଥିବାରୁ ହେଉ କିମ୍ବା ପଂଶୁ ହତ୍ୟାକୁ ପସନ୍ଦ କରୁନଥିବାରୁ ହେଉ ନିରାମିଷ ଖାଦ୍ୟ ସେମାନଙ୍କର ନିତିଦିନିଆ । ତେବେ ଘରେ ଖୁବ୍ କମ୍ ଏମାନେ ପଶୁପକ୍ଷୀ ହତ୍ୟା କରିଥାଆନ୍ତି । ବଳି ମାଂସ, ଶୀକାର, ମାଂସ, କିମ୍ବା କ୍ରୟ କରି ମାଂସ କେବେ କେବେ ଖାଆନ୍ତି । ନିରାମିଷ ଖାଦ୍ୟ ଦେହକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ କାରଣ ଏହା ଶୀଘ୍ର ହଜମ ହୋଇପାରେ । କଠିନ ପରିଶ୍ରମ କରିବାକୁ ଶକ୍ତି ପାଆନ୍ତି କେବଳ ଭାତ, ଶାଗ, ପନିପରିବା ଇତ୍ୟାଦି ନିତିଦିନିଆ ନିରାମିଷ ଖାଦ୍ୟ ଖାଇଥାନ୍ତି ।

## କୃଷି, ଜଙ୍ଗଲ ଓ ଅନ୍ୟାନ୍ୟ କ୍ଷେତ୍ରରୁ ମିଳୁଥିବା ଖାଦ୍ୟସାମଗ୍ରୀ:

ହୋ / କୋହ୍ଲ ସଂପ୍ରଦାୟରେ ଅନେକ ଲୋକଙ୍କର ଅଳ୍ପ ବହୁତ ନିଜସ୍ୱ ଚାଷ ଜମି ଥାଏ କିମ୍ବା ଭାଗ ଚାଷ କରନ୍ତି । କୃଷିରୁ ପାଉଥିବା ଖାଦ୍ୟଗୁଡ଼ିକ ହେଲା- ଧାନ, କୋଳଥ, ବିରି, ମାଣ୍ଡିଆ, ମକା, ଜିଢିଣ୍ଡା, ରାଶି (ତିଲିମି), ମୁଗ,ଜାରା,କନ୍ଦମୂଳ ବାଇଗଣ, ଭେଣ୍ଡି, ଜହ୍ନି, କାନ୍ଦୁଳ, କଖାରୁ, ବୋଇତାଳୁ, ଲଙ୍କା, ଶାଗ, ଟକଭେଣ୍ଡି, ସାରୁ, ଖମ୍ବଆଳୁ, ମାରିଶଖଡ଼ା, ସଜନା ଖଡ଼ା ପ୍ରଭୃତି ପନିପରିବା ।

ଜଙ୍ଗଲରୁ ସଂଗୃହୀତ ଖାଦ୍ୟ ମଧ୍ୟରେ ଥାଏ- ବଣଆଳୁ, ବଣସାରୁ, ବଣଶାଗ, ବଣଛତୁ, ବଣୁଆ, ମାଂସ, ଆମ୍ବ, ପଣସ, ପୁଟୁସ୍ ଆଦି ଫଳ, ବିଭିନ୍ନ ପ୍ରକାର କୋଳି, (ବାକୁରା), ମହୁଲ ତେନ୍ତୁଳି, ମହୁ ଇତ୍ୟାଦି ।

ହୋ/କୋହ୍ଲମାନେ କେବେ କେବେ ନଦୀରେ. ଜାଲ ପକାଇ ମାଛ, କଙ୍କଡ଼ା,ଗେଣ୍ଡା ପ୍ରଭୃତି ଧରନ୍ତି । କିମ୍ବା ଖଡ଼ା (ହାଇ ବାଆଁଶୀ) ପକାଇ ମାଛ ଧରନ୍ତି କିମ୍ବା ନଦୀରେ ପାଣି କମ୍ ଥିଲେ ବନ୍ଧ ଦେଇ ପାଣି ଶୁଖାଇ ମାଛ, କଙ୍କଡ଼ା, ଗେଣ୍ଡା ଧରି ଘରକୁ ଆଣନ୍ତି । ବର୍ଷାଦିନେ ବିଲ ଓ ନାଳମାନଙ୍କରେ ଖଇଞ୍ଚ (କୁମ୍ଭାଃଡ଼) ବସାଇ ମଧ୍ୟ ମାଛ ପ୍ରଭୃତି ଧରି ଖାଦ୍ୟ ଭାବରେ ଗ୍ରହଣକ କରିଥାଆନ୍ତି । ବେଳେବେଳେ ହାଟରୁ ମାଛ,ମାଂସ, କ୍ରୟ କରିବା ସହିତ ଚାଉଳ ମଧ୍ୟ ଆଣନ୍ତି । ଯେଉଁମାନେ ଜମାରୁ ଚାଷ କରନ୍ତି ନାହିଁ କିମ୍ବା ଦିନ ମଜୁରିଆ ଭାବେ ଗ୍ରାମର କୌଣସି ସ୍ୱଚ୍ଛଳ ବ୍ୟକ୍ତିଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ପଇସା ଥିଲେ ହାଟରୁ ପନିପରିବା କିମ୍ବା ଶାଗ ମଧ୍ୟ କ୍ରୟ କରନ୍ତି ।

## ଖାଦ୍ୟ ପ୍ରସ୍ତୁତି ଓ ସଂରକ୍ଷଣ ପ୍ରଣାଳୀ:

ହୋ/କୋହ୍ଲ ସଂପ୍ରଦାୟର ଲୋକମାନେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ଖାଦ୍ୟପ୍ରସ୍ତୁତ କରିଥାନ୍ତି । ସେ ମଧ୍ୟରୁ କେତେକ ମୁଖ୍ୟ ଏବଂ ସ୍ୱତନ୍ତ୍ର ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ନିମ୍ନରେ ଉଲ୍ଲେଖ କରାଗଲା:

**ଭାତ(ମାଣ୍ଡି):** ଚାଉଳ ପାଛୁଡ଼ି ପରିବାରର ସଂଖ୍ୟା ଅନୁସାରେ କଠ କିମ୍ବା ସେରରେ ମାପିନେଇ ଧୋଇଥାନ୍ତି ବା ନ ଧୋଇ ହାଣ୍ଡିରେ ଗରମ ହୋଇଥିବା ପାଣିରେ ପକାନ୍ତି । ବେଶୀ ନରମ ଭାତ ଏମାନେ ଖାଆନ୍ତି ନାହିଁ । ତେଣୁ ଭାତ ଟାଣ ଥିବା ଅବସ୍ଥାରେ ସେଥିରୁ ପେଜ ଗଳାଯାଏ । କେବେ କେବେ ପେଜ ମଧ୍ୟ ଗଡ଼ାଯାଏ ନାହିଁ । ସେହିପରି ଭାତ ହାଣ୍ଡି ଚୂଲୀରୁ ଓହ୍ଲାଇ ଆଣି ଅଳ୍ପ ଥଣ୍ଡା ହେଲେ ପାଣି ଢ଼ାଳି ପଖାଳ କରନ୍ତି । ଗରମ ଭାତ ଖାଇଲେ ପେଜ ନିଶ୍ଚିତ ଗଳାଯାଇଥାଏ । ଭାତ ଏବଂ ପଖାଳ ପାଇଁ ଦୁଇଟି ହାଣ୍ଡି (ଚାଟୁ) ରଖିଥାଆନ୍ତି । ଯଦି ଉଭୟ ହୁଏ ତେବେ ଭାତ ଅଲଗା କରି ଗୋଟିଏ ହାଣ୍ଡିରେ ପଖାଳ କରାଯାଏ ।

**ମକାଭାତ:** ମକାକୁ ଛଡ଼ାଇ ପରିଷ୍କାର କରି ପାଣିରେ ଅଳ୍ପ ସିଝାଯାଏ । ତାପରେ ସେଥିରୁ ପାଣି ନିଗାଡ଼ି ମକାକୁ ପଟିଆ ଉପରେ ଖରାରେ ଶୁଖାନ୍ତି । ଶୁଖିଗଲେ ଢ଼ିଙ୍କିରେ କୁଟି ଚାଉଳ ବାହାର କରାଯାଏ । ମକା ଚାଉଳରେ ଭଲ ଭାତ ଓ ପଖାଳ ହୁଏ ବୋଲି କୋହ୍ଲ ସଂପ୍ରଦାୟର ଲୋକ କହନ୍ତି ।

**ଗୁନ୍ଦୁଲୁ ଭାତ ଓ ଖିରୀ:** ଧାନ ଓ ମକା ଭଳି ଗୁନ୍ଦୁଲୁରୁ ଚାଉଳ ବାହାର କରାଯାଏ । ଏହା ସୋରିଷ ଭଳି ଭାରି ଛୋଟ ଛୋଟ । ସାଧାରଣତ ଭାତ ପରି ପାଣିରେ ସିଝାଇ ଭାତ ଆକାରରେ ଖାଆନ୍ତି କିମ୍ବା ବେଶୀ ସିଝାଇ ଲୁଣ ଅଥବା ଚିନି ପକାଇ ଖିରୀ କରି ଖାଇଥାଆନ୍ତି । ଗୁନ୍ଦୁଲୁ ଚାଉଳରେ ଭାତ ଗୋଟି ଗୋଟି ହୁଏ ନାହିଁ, ମେଞ୍ଚା ମେଞ୍ଚା ହୁଏ । ତେଣୁ ଏଥିରେ ପଖାଳ ଭଲ ହୁଏ ନାହିଁ ବୋଲି ଗୁନ୍ଦୁଲୁ ଚାଉଳର ପଖାଳ ଖିଆଯାଏ ନାହିଁ ।

**ଢେଢେଣ୍ଡା ଭାତ :** ସାଧାରଣ ଭାବେ ଚାଉଳ ବାହାର କରି ଭାତ ପ୍ରସ୍ତୁତ ହୁଏ । ଏଥିରେ ଠିକ୍ ଚାଉଳ ସିଝିବା ମୁତାବକ ପାଣି ଦିଅନ୍ତି । କାରଣ ଏଥିରୁ ପେଜ (ଦୁଷୁଃ ଦାଃ / ଆଣେଃଦାଃ ବାହାର କରାଯାଏ ନାହିଁ ।

**ମହୁଲ ସିଝା:** ମହୁଲକୁ ପରିଷ୍କାର କରି ସେଥିରେ ତେନ୍ତୁଳି ମଞ୍ଜି, ବାଇଡ଼ଙ୍କ ମଞ୍ଜି, କଣ୍ଡାଆଳୁ କିମ୍ବା ବଣଆଳୁକୁ ଏକତ୍ର ମିଶାଇ ସିଝାଯାଇଥାଏ ।

**ମହୁଲ ଖିରୀ :** କଞ୍ଚା ମହୁଲକୁ ଅରୁଆ ଚାଉଳ ଗୁଣ୍ଡ ସହିତ ମିଶାଇ ସିଝାଯାଏ । ସିଝିଗଲା ପରେ ଲୁଣ ପକାଇ ଭଲ ଭାବରେ ଘାଣ୍ଟି ଦିଅନ୍ତି । ଲୁଣ ଅଳ୍ପ ଦେଇ ଚିନି ମଧ ମିଶାଯାଇପାରେ ।

**ଶାଗ:** ଯେ କୌଣସି ଶାଗକୁ ଅଳ୍ପ ପାଣି ଦେଇ ସିଝାନ୍ତି ସଜନା କିମ୍ବା ବୋଇତାଳୁ ଶାଗ ହେଲେ ଶୀଘ୍ର ସିଝିବା ପାଇଁ ହାଣ୍ଡି (ମାଟିହାଣ୍ଡି) ବା କଡ଼ାଇରେ ଢ଼ଙ୍କା ଦିଆଯାଏ। ଲୁଣ ପଡ଼ିଥାଏ । ସିଝିଗଲେ ଖାଆନ୍ତି । ପ୍ରାୟତଃ ଛୁଙ୍କାଯାଏ ନାହିଁ । ତେଲ ଓ ରସୁଣ ଥିଲେକେବେ କେବେ ଛୁଙ୍କନ୍ତି । ଶାଗରେ ପାଣି ରଖି ଝୋଳ ଆକାରରେ ମଧ ଖାଇଥାଆନ୍ତି । କୋହ୍ମମାନେ ଖାଦ୍ୟ ପ୍ରସ୍ତୁତିରେ ଝୁଲ ତେଲ ହିଁ ବ୍ୟବହାର କରନ୍ତି । ଅବଶ୍ୟ ଏବେ ସୋରିଷ ତେଲ ବ୍ୟବହୃତ ହେଲାଣି ।

**ମାଂସ ତରକାରୀ (ଜିଲୁ ଉତୁ):** ମାଂସକୁ ଖଣ୍ଡଖଣ୍ଡ କାଟି ଲୁଣ ହଳଦୀ (ସାସାଂ) ଗୋଳାଇ ଦିଅନ୍ତି । କଡ଼ାରେ ଝୁଲ କିମ୍ବା ସୋରିଷ ତେଲ ପଡ଼େ । ସେଥିରେ ପିଆଜ, ରସୁଣ, ଅଦା, ଲଙ୍କା, ଜିରା ଇତ୍ୟାଦିର ବଟା ମସଲା ପକାଇ ସନ୍ତୁଳି ଦିଅନ୍ତି । ତାପରେ ମାଂସ ପକାଇ ପାଣି ଢ଼ାଳି ଢ଼ାଙ୍କି ଦେବାକୁ ହୁଏ । ସିଝିଗଲେ ଖାଆନ୍ତି । କିନ୍ତୁ ଶାଲେଇ ପୂଜାରେ ଇଶାଣରେ ଭୋଗ ଦେବାକୁ ଖଜୁରୀପତ୍ରରେ କଞ୍ଚାମାଂସ ଗୁନ୍ଥି ମାଂସ ତରକାରୀ ସହିତ ସିଝାଯାଏ । ସେଇଟିକୁ ଇଶାଣରେ ଦିଆଯାଏ ।

**ଗେଣ୍ଡାପିଠା:** ଜିଅନ୍ତା ଅବସ୍ଥାରେ ଗେଣ୍ଡାର ଖୋଳପା ଛଡ଼ାଯାଏ । ସେଗୁଡ଼ିକ ପାଣିରେ ସଫା କରି ସିଝାଯାଏ । ସିଝାଗଲା ପରେ ଉଷୁନା ଚାଉଳ କିମ୍ବା ଅରୁଆ ଚାଉଳ ଗୁଣ୍ଡ ସହିତ ଲୁଣ ମିଶାଇ ଗେଣ୍ଡା ସିଝାକୁ ଚକଟି ଦିଅନ୍ତି । ତାପରେ ହାଣ୍ଡି (ଚାଟୁ) କିମ୍ବା କଡ଼ାରେ ପତ୍ର ଦେଇ ପିଠା ପ୍ରସ୍ତୁତ କରାଯାଏ । ଏହି ଚକଟାକୁ ଶାଳପତ୍ରରେ ଗୋଡ଼ାଇ ପୋଡ଼ପିଠା ମଧ୍ୟ ହୋଇପାରେ ।

**ପଣସ ପିଠା:** ପାଚିଲା ପଣସରୁ ମଞ୍ଜି ବାହାର କରାଯାଏ । ସେଥିରେ ଲୁଣ କିମ୍ବା ଚିନି ଓ ଅରୁଆ ଚାଉଳ ଗୁଣ୍ଡ ମିଶାଇ ହାଣ୍ଡି / କଡ଼ାରେ ସିଝାଇ ପିଠା ପ୍ରସ୍ତୁତ ହୁଏ । ଏଥିରେ ଝୁଲ ତେଲ ବ୍ୟବହାର କରନ୍ତି । ତେଲ ନଥିଲେ ପିଠଉର ତଳଉପର ବହଳ ପତ୍ର ଦେଇ ମଧ୍ୟ ପିଠା ପ୍ରସ୍ତୁତ ହୋଇପାରେ ।

**ମାଛ ତରକାରୀ:** ମାଛକୁ କାଟି ଧୋଇ ଦିଅନ୍ତି । ସେଥିରେ ହଳଦୀ, ଲୁଣ ଗୋଳାଇ ଦିଆଯାଏ । କଡ଼ାରେ ଝୁଲ କିମ୍ବା ପାଗାଡ଼ା ତେଲ ପକାଇ ସେହି ମାଛକୁ ସେଥିରେ ପକାନ୍ତି । ଢ଼ଙ୍କା ଦିଆଯାଏ। ଝୋଳ କଲେ ମସଲା ପଡ଼େ, ନଚେତ ସେହିପରି ଭଜା କିମ୍ବା ପାଣି ଝୋଳ ଖାଇଥାଆନ୍ତି ।

**କାଇପୋକ ଚଟଣୀ ଓ କାଇ ଅଣ୍ଡା ଝୋଳ:** ହୋ/କୋହ୍ଲମାନଙ୍କର କାଇପୋକ ଭାରି ପ୍ରିୟ । ସେମିତି କଞ୍ଚା ଗୋଟା ଗୋଟା ଖାଇପାରନ୍ତି କିମ୍ବା କାଇପୋକକୁ ପିଆଜ ରସୁଣ ସହିତ ବାଟି ଚଟଣୀ ପ୍ରସ୍ତୁତ କରିଖାଆନ୍ତି । ଏହାର ଅଣ୍ଡା ଝୋଳ ହୁଏ ।

**ତୋରାଣୀ(ଦୁଷ୍ଟଃ ଦାଃ):** ପାଣି ପ୍ରଥମେ ଗରମ କରାଯାଏ । ତାପରେ ସେଥିରେ କାଇପୋକ ଅଣ୍ଡା ପକାଇ ସିଝାନ୍ତି । ତାହା ଭଲ ଭାବରେ ଫୁଟିଗଲେ ରସୁଣ (ରାସୁଇଁ) ପିଆଜ ଦେଇ ଛୁଙ୍କି ଢ଼ାଳି ଭଳିଆ ଖାଆନ୍ତି କିମ୍ବା ନାଛୁଙ୍କି ମଧ୍ୟ ବେଶ୍ ଆନନ୍ଦରେ ଖାଇଥାଆନ୍ତି । ପ୍ରାୟ ସମସ୍ତ ଆଦିବାସୀ ଲୋକେ କାଇପୋକ (ହାଉ) ଖାଉଥିବାର ଦେଖାଯାଏ ।

**ଝଡ଼ିପୋକ ଭଜା:** କାଇପୋକ ଭଳି ହୋ/କୋହ୍ଲମାନଙ୍କର ଝଡ଼ିପୋକ (କାଲାଏ ବୁର୍ଦ୍ଦୁକ) ମଧ୍ୟ ବହୁତ ପ୍ରିୟ । ଏଗୁଡ଼ିକ ମହୁଲ ଅଠା କିମ୍ବା ଚାଉଳ ଭଜା ସହିତ କଞ୍ଚା ଅବସ୍ଥାରେ ଖାଇଥାଆନ୍ତି । ଝଡ଼ିପୋକ ଭଜା ଏମାନଙ୍କୁ ଭାରି ଭଲ ଲାଗେ । କଡ଼ାରେ ଝୁଲ ତେଲ ପକାଇ ଡ଼େଣା ବିହୀନ ଝଡ଼ିପୋକ ସବୁକୁ ଲୁଣ ଦେଇ ଭାଜନ୍ତି କିମ୍ବା ପିଆଜ ପକାଇ ଭାଜି ଖାଆନ୍ତି ।

ହୋ/କୋହ୍ଲ ସଂପ୍ରଦାୟର ଲୋକେ ଖାଦ୍ୟ ପ୍ରାୟ ସଂରକ୍ଷଣ କରନ୍ତି ନାହିଁ । କେବଳ ପଖାଳ ପାଇଁ ସ୍ୱତନ୍ତ୍ର ଗୋଟିଏ ହାଣ୍ଡି (ଚାଟୁ) ରଖିଥାଆନ୍ତି । ଅଳ୍ପ ଉଚ୍ଚ ସ୍ଥାନରେ

ହାଣ୍ଡିଟି ରହେ । ଢ଼ଙ୍କା ଦିଆଯାଏ । ହାଣ୍ଡି ବଦଳରେ ଅନେକ ଏବେ ଡ଼େକ୍‌ଚି କଲେଣି । ଏମାନଙ୍କର ବାସି ପଖାଳ ଅଧିକ ପସନ୍ଦ ଏବଂ ସକାଳେ ସକାଳେ କାମକୁ ଯିବା ପୂର୍ବରୁ ପଖାଳ ଖାଇବାର ଆବଶ୍ୟକତା ଥିବାରୁ ପଖାଳର ସଂରକ୍ଷଣ କରିଥାଆନ୍ତି ।

ନଦୀ-ନାଳର ଛୋଟ ଛୋଟ ମାଛକୁ ଲୁଣ ଦେଇ ଚୂଲୀରେ କିମ୍ବା ଖରାରେ ଶୁଖାଇ ମଧ୍ୟ ଅନେକ ଦିନ ଯାଏଁ ସଂରକ୍ଷଣ କରାଯାଏ । ଆବଶ୍ୟକ ସ୍ଥଳେ ବାହାର କରି ଖାଇଥାଆନ୍ତି ।

## ମସଲାର ବ୍ୟବହାର:

ମସଲା ମଧ୍ୟରେ କୋହ୍ଲମାନେ ବେଶୀ ସୋରିଷ ବ୍ୟବହାର କରନ୍ତି । ପ୍ରାୟ ସବୁ ତରକାରୀରେ ସୋରିଷ ପଡ଼େ । ଏତଦ୍‌ବ୍ୟତୀତ ପିଆଜ, ରସୁଣ, ଅଦା, ଜିରା, ଧଣିଆ, ପୋସ୍ତ,ତେଜପତ୍ର ମଧ୍ୟ ବ୍ୟବହାର କରୁଥିବାର ଦେଖାଯାଏ । ତେବେ ଏଗୁଡ଼ିକ ବହୁତ କମ୍ ବ୍ୟବହୃତ ହୁଏ । ମାଂସ ତରକାରୀ ପାଇଁ ହାଟରୁ ଖେଜା ମସଲା ଆଣନ୍ତି ।

## ଖାଦ୍ୟ ପରଷିବା ପ୍ରଣାଳୀ:

ସାଧାରଣତଃ ହୋ/କୋହ୍ଲମାନେ ପଖାଳ ଖାଉଥିବାରୁ ଥାଳି କମ୍ ବ୍ୟବହୃତ ହୁଏ । ହାତରେ ବାଢ଼ନ୍ତି ଓ ବେଲାରେ ପଖାଳ ଖାଆନ୍ତି । ଗରମ ଭାତ ହେଲେ ଚଟୁ (ଲୁଣ୍ଡିଃଇ)ରେ ବଢ଼ାଯାଏ । ଚଟୁ କାଠ, ସିଲିଭର କିମ୍ବା ଏକ ଭିନ୍ନ ପ୍ରକାର ଲାଉରେ ତିଆରି କରାଯାଇଥାଏ । ଗରମ ଭାତ ଥାଳି କିମ୍ବା ପତ୍ରଖଲି (ସାକାମ୍ ଖାଲୁଃ/ ସାଲ୍‌ଗି)ରେ ଖାଆନ୍ତି । ତରକାରୀ (ଉଠୁ) ଗିନା କିମ୍ବା ଦୋନା (ପୁଃଉ)ରେ ଖାଇଥାଆନ୍ତି । ଖାଇବା ପାଖରେ ବେଲାରେ ପାଣି ରହେ । ଗ୍ଲାସ୍ କମ୍ ବ୍ୟବହାର କରନ୍ତି । ତରକାରୀ ମଧ୍ୟ ଚଟୁରେ ବଢ଼ାଯାଏ । ବନ୍ଧୁବାନ୍ଧବ ଅସିଲେ ଗରମ ଭାତ ଦିଆଯାଏ । ଖାଇବା ପାଇଁ ଥାଳି, ଗିନା, ଗ୍ଲାସ୍ ଆଦି ବ୍ୟବହୃତ ହୁଏ । ପାଖରେ ନୋଟା (ଘୁଟି / ଟୁକୁଣା)ରେ ପାଣି ରହେ । ବିବାହ କିମ୍ବା ପର୍ବପର୍ବାଣୀ ଉତ୍ସବମାନଙ୍କରେ ଗରମ ଭାତ, ମାଂସ, ବନ୍ଧୁବାନ୍ଧବ ତଥା ନିମନ୍ତ୍ରିତ ଅତିଥି ମାନଙ୍କ ପାଇଁ ପ୍ରସ୍ତୁତ କରାଯାଏ । ପ୍ରତ୍ୟେକ ଉତ୍ସବ ଅନୁଷ୍ଠାନରେ ଅତିଥି ଅଭ୍ୟାଗତମାନଙ୍କୁ ହାଣ୍ଡିଆ, (ଡ଼ିଆଂଦାଃ) ଓ ମହୁଲି ମଦ (ଆରକି) ରେ ଆପ୍ୟାୟିତ କରାଯାଇଥାଏ । ସାଧାରଣଃ ଭାବରେ ଘରେ କିମ୍ବା ଘରକୁ କେହି ବଂଧୁବାନ୍ଧବ ଆସିଲେ ଘରର ସ୍ତ୍ରୀ / ବୋହୂ ଝିଅମାନେ ଖାଦ୍ୟ ପରଷି ଥାଆନ୍ତି। କିନ୍ତୁ ଭୋଜି ଭାତ ହେଲେ ଖାଦ୍ୟ ପରଷିବାରେ ପୁରୁଷ ଲୋକମାନେ (ଯୁବକ / ବୟସ୍କ) ମୁଖ୍ୟ ଭୂମିକା ଗ୍ରହଣ କରନ୍ତି ।

## ଭୋଜନରେ ଶିଷ୍ଟାଚାର :

ହୋ/କୋହ୍ଲ ପରିବାରର ଘରଗୁଡ଼ିକରେ ସାଧାରଣତଃ ଛୋଟ-ବଡ଼ ବାରଣ୍ଡା ଥାଏ । ଏହି ବାରଣ୍ଡାରେ ବସି ସେମାନେ ଖାଦ୍ୟ ସେବନ କରିଥାଆନ୍ତି । କେତେବେଳେ କେମିତି ଘର ସାମନା ଗଛମୂଳକୁ ଗୋବରରେ ଲିପାପୋଛା କରି ଖାଦ୍ୟ ସେବନର ବ୍ୟବସ୍ଥା କରନ୍ତି । ଆସନ, ପିଢ଼ା, ପତ୍ର କିମ୍ବା ଭୂମି ଉପରେ ବସି ଖାଦ୍ୟଗ୍ରହଣ କରାଯାଇଥାଏ । ପରିବାରରେ ଆଗ ଛୋଟବଡ଼ ପିଲାମାନେ ଖାଆନ୍ତି । ତାପରେ ବଡମାନେ ଖାଇଥାଆନ୍ତି । ଛୋଟ ଛୋଟ ପିଲାମାନେ ସେମାନଙ୍କର ପିତା-ମାତା ବା ବଡ଼ ଭାଇ-ଭଉଣୀଙ୍କ ସହିତ ମଧ୍ୟ ସାଙ୍ଗରେ ବସି ଖାଇପାରନ୍ତି । କୋହ୍ଲ ସଂପ୍ରଦାୟରେ ପରିବାର ଲୋକେ ଏକ ସଂଗେ ଖାଇବାକୁ ବସିବାରେ କୌଣସି ବାରଣ ନାହିଁ । ତେବେ ସାନଭାଇର ବୋହୂ ଦେଢ଼ଶ୍ୱଶୁର ଆଗରେ କିମ୍ବା ପାଖରେ ବସି ଖାଦ୍ୟ ସେବନ କରିପାରିବ ନାହିଁ ।

ଖାଦ୍ୟ ସେବନ ପୂର୍ବରୁ ବଡ଼ଲୋକମାନେ ପ୍ରାୟ ହାତ ଗୋଡ଼ ଧୋଇବାର ଦେଖାଯାଏ । ପଖାଳ ବେଲା କିମ୍ବା ଭାତ ଥାଳି ମଝିରେ ରହେ । ଲୁଣ ପତ୍ର କିମ୍ବା ଥାଳିରେ ଦିଆଯାଏ । ତରକାରୀ ଗିନା ବା ଦୋନା ଖାଦ୍ୟପାତ୍ରର ଡାହାଣ ପାଖରେ ରହେ । ପାଣିବେଲା, ଯେ କୌଣସି ପାର୍ଶ୍ୱରେ ରଖାଯାଇପାରେ । ଖାଇବା ମଝିରେ ପାଣି ପିଅନ୍ତି । ଖାଦ୍ୟ ପ୍ରସ୍ତୁତି ପରେ ରଖାଯାଇଥିବା ପାତ୍ରଗୁଡ଼ିକ ଖାଇବା ସ୍ଥାନକୁ ଆଣନ୍ତିନାହିଁ । ରୋଷେଇ ଘରୁ ବାଢ଼ି ଆଣନ୍ତି । ଖାଦ୍ୟ ସେବନ ସମୟରେ ଧିରେ ଧିରେ ଖାଆନ୍ତି ଓ ବହୁତ ଗପସପ କରନ୍ତି । ବନ୍ଧୁବାନ୍ଧବ ଆସିଲେ ଖାଇବା ସମୟର ଗପସପ ଓ ହସଖୁସି ଅଧିକ ବଢ଼ିଯାଏ । ବନ୍ଧୁଙ୍କ ପାଇଁ ଗରମ ଭାତ, ମାଂସ, ଶାଗ, ପରିବା ତରକାରୀ ଇତ୍ୟାଦି ହୁଏ । ପାଣି ପିଇବାକୁ ନୋଟା ଓ ଗ୍ଲାସ୍ ଦିଆଯାଏ । ବୟସ ପୁରୁଷ ବନ୍ଧୁ ଆସିଲେ ସାଧାରଣତଃ ଗୃହକର୍ତ୍ତାଙ୍କ ସହିତ ଖାଇବାକୁ ବସନ୍ତି ।

## ଭିନ୍ନ ସଂପ୍ରଦାୟଠାରୁ ଖାଦ୍ୟଗ୍ରହଣ :

ହୋ/କୋହ୍ଲ ସମାଜ ହାଡ଼ି, ପାଣ, କଣ୍ଡରା ଏହି ତିନିଗୋଷ୍ଠୀଙ୍କ ଠାରୁ ଖାଦ୍ୟଗ୍ରହଣ କରେନାହିଁ । ଏତଦ୍ ଭିନ୍ନ ଅନ୍ୟାନ୍ୟ ସମସ୍ତ ସଂପ୍ରଦାୟରେ ଲୋକଙ୍କ ଠାରୁ ଖାଦ୍ୟ ଗ୍ରହଣ କରିବାରେ କୌଣସି ବାରଣ ନଥାଏ । ଅବଶ୍ୟ ଆଗରୁ ମୁସଲମାନଙ୍କ ଠାରୁ ଖାଦ୍ୟ ଗ୍ରହଣ କରୁନଥିଲେ । ଏବେ କିନ୍ତୁ ଚଳୁଛି । ସେହିପରି ଏମାନେ ଆଗରୁ ଖ୍ରୀଷ୍ଟିୟାନଙ୍କ ଠାରୁ ଖାଦ୍ୟ ଗ୍ରହଣ କରୁଥିଲେ ହେଁ ଏବେ ସ୍ଥାନେ ସ୍ଥାନେ ନିଷେଧ ବ୍ୟବସ୍ଥା ଲାଗୁ ହୋଇଛି । ଅନ୍ୟ ସମସ୍ତ ସଂପ୍ରଦାୟର ଲୋକମାନେ କୋହ୍ଲଙ୍କ ଠାରୁ ଖାଦ୍ୟ ଗ୍ରହଣ କରୁଥିବାର କୋହ୍ଲଲୋକେ କହନ୍ତି ।

## ଅଶୌଚ ସମୟରେ ଖାଦ୍ୟଗ୍ରହଣ :

ହୋ/କୋହ୍ଲ ପରିବାରରେ ଜନ୍ମ କିମ୍ବା ମୃତ୍ୟୁ ଭଳି ଅପବିତ୍ର ସମୟ ଆସିଲେ ଅନ୍ୟ କାହାଠାରୁ ଖାଦ୍ୟଗ୍ରହଣ କରାଯାଇପାରେ ନାହିଁ । ମୃତ୍ୟୁର ୧୧ ଦିନ ଯାଏଁ (ଶୁଦ୍ଧକ୍ରିୟା) ଜନ୍ମର ୭ ଦିନ ଯାଏଁ (ନାରତା) ଏହି ନିୟମ ପାଳିତ ହୁଏ । ପରିବାରରେ କାହାରି ମୃତ୍ୟୁ ହେଲେ ବନ୍ଧୁବାନ୍ଧବ କିମ୍ବା ସାହିପଡ଼ିଶା ଲୋକ ଏମାନଙ୍କ ଘରେ ମୁଢ଼ି(ଆତାଃ), ଚୂଡ଼ା (ତାବେନି) କିମ୍ବା ହାଣ୍ଡିଆ ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ଗ୍ରହଣ କରିପାରିବେ ନାହିଁ ।

କିନ୍ତୁ ଅଞ୍ଚଳ ବିଶେଷରେ ଏହି ନିୟମର ବ୍ୟତିକ୍ରମ ଦେଖାଯାଇଥାଏ । କେଉଁ କେଉଁ ସ୍ଥାନରେ କୋହ୍ଲ ପରିବାରରେ କାହାରି ମୃତ୍ୟୁ ହେଲେ ମାଛ, ମାଂସ, ଅଣ୍ଡା ବ୍ୟତୀତ ଅନ୍ୟ ସବୁପ୍ରକାର ଖାଦ୍ୟ ଅନ୍ୟଠାରୁ ଗ୍ରହଣ କରିଥାଆନ୍ତି । ସେହିପରି ଶିଶୁ ଜନ୍ମ ସମୟରେ ଅନ୍ୟଠାରୁ ଏମାନେ ନିମ୍ବପତ୍ର, ଚାଉଳ, ଡ଼ାଲି, ହଳଦୀ ଇତ୍ୟାଦି ସଂଗ୍ରହ କରିପାରନ୍ତି ।

## ଖାଦ୍ୟର ଉପାଦେୟତା :

ଖାଦ୍ୟ ଗ୍ରହଣ କରି ହୋ/କୋହ୍ଲ ବଞ୍ଚିଛନ୍ତି, କର୍ମମୟ ଜୀବନ ଅତିବାହିତ କରିପାରୁଥିବାର ଦୃଢ଼ ବିଶ୍ୱାସ । ତେବେ ବିଭିନ୍ନ ପ୍ରକାର ଖାଦ୍ୟର ଭିନ୍ନ ଭିନ୍ନ ଧରଣର ବ୍ୟବହାରିକ ମୂଲ୍ୟ ଥିବାର ଏମାନେ ଧାରଣା କରିଥାଆନ୍ତି । ଭାତ ମୁଖ୍ୟତଃ ଜୀବନ ଧାରଣର ମାଧ୍ୟମ । ଭାତ ବିନା ସେମାନେ ବଂଚି ରହିବା ଅସମ୍ଭବ । ତେଣୁ ଖାଦ୍ୟ ମଧ୍ୟରେ ଭାତର ବ୍ୟାବହାରିକ ମୂଲ୍ୟ ଅତୁଳନୀୟ । ଏତଦ୍ ଭିନ୍ନ ବିଭିନ୍ନ ପ୍ରକାର ମାଂସ, ମାଛ,କୀଟପତଙ୍ଗ, ଫଳମୂଳ ପନିପରିବା ସେମାନଙ୍କୁ ସୁସ୍ଥ-ସବଳ-ନିରୋଗ ରଖିବାରେ ସହାୟକ ହୋଇଥାଏ । କର୍ମ କରିବା ପାଇଁ ଦେହକୁ ସ୍ଫୂର୍ତ୍ତି ଯୋଗାଏ । ଯେପରି ଗେଣ୍ଡା ମାଂସ ଅନ୍ଧାରକଣା ଦୂର କରେ, ଦୃଷ୍ଟିଶକ୍ତି ବଢ଼ାଏ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ । ଘୁଷୁରୀ ମାଂସ ଖାଇଲେ ନାଳଝାଡ଼ା ଭଲ ହୁଏ । କୁକୁଡ଼ା ମାଂସ ଖାଇବା ଦ୍ୱାରା ଯକ୍ଷ୍ମା ରୋଗ ଆକ୍ରମଣ କରେନାହିଁ । ଦେହକୁ ଶକ୍ତି ଯୋଗାଏ । ବାଦୁଡ଼ି ମାଂସ ଓ ପାରା ମାଂସ ଶ୍ୱାସ ରୋଗ ଭଲ କରିବା ସହିତ ଦେହକୁ ଗରମ ରଖେ । ଘରଚଟିଆ ମାଂସ ଖାଇଲେ ଯୌନଶକ୍ତି ବୃଦ୍ଧିପାଏ । କରାଣ୍ଡି ମାଛ ପିତ୍ତ ନାଶ କରି ହଜମ ଶକ୍ତି ବଢ଼ାଏ । ତେଣୁ ଏହା ସଦ୍ୟ ପ୍ରସବା ସ୍ତ୍ରୀମାନଙ୍କୁ ଖାଇବାକୁ ଦିଆଯାଇଥାଏ । କଲରା ଖାଇଲେ ପିତ୍ତନାଶ ହୁଏ ଏବଂ ସଜନା ଶାଗରେ ଅନ୍ଧାରକଣା ଦୂରହୁଏ । ପୋଡ଼ପିଠା ଛୁଆମାନଙ୍କୁ ବଢ଼ିବାରେ ସାହାଯ୍ୟ କରେ । ଏହିପରି ବିଭିନ୍ନ ପ୍ରକାର ଖାଦ୍ୟର ଭିନ୍ନ ଭିନ୍ନ ପ୍ରକାର ବ୍ୟାବହାରିକ ମୂଲ୍ୟ ବିଷୟରେ କୋହ୍ଲମାନଙ୍କର ଦୃଢ଼ ବିଶ୍ୱାସ ।

## ପୌଷ୍ଟିକ ଖାଦ୍ୟ :

ପ୍ରତ୍ୟେକ ଖାଦ୍ୟ ଅଳ୍ପ ବହୁତ ପୁଷ୍ଟିବର୍ଦ୍ଧନରେ ସହାୟକ ହେଉଥିବାର ହୋ / କୋହ୍ଲମାନଙ୍କର ଧାରଣା । ସେ ମଧ୍ୟରୁ ସର୍ବାଧିକ ଭାତ / ପଖାଳ ମାଂସ ଶରୀରକୁ ହୃଷ୍ଟପୁଷ୍ଟ ରଖିବା ସହିତ ଶକ୍ତି, ସ୍ଫୂର୍ତ୍ତି ବଢ଼ାଇଥାଏ । ଗାଈ ଏବଂ ଛେଳିର କ୍ଷୀର ପୁଷ୍ଟିବର୍ଦ୍ଧକ । ସେଥିପାଇଁ ଛେଳି କ୍ଷୀର କୋହ୍ଲମାନେ ପିଲାଙ୍କୁ ପିଇବାକୁ ଦେଇଥାଆନ୍ତି । ତାଜା ପନିପରିବା, ଶସ୍ୟ ଜାତୀୟ ବିଭିନ୍ନ ପ୍ରକାର ଖାଦ୍ୟ ଶରୀରକୁ ଖାଦ୍ୟପ୍ରାଣ ଯୋଗାଏ । ଯଦ୍ଵାରା ମଣିଷ ଜୀବନର ସମସ୍ତ ପର୍ଯ୍ୟାୟକୁ ସୁରୁଖୁରୁରେ ଅତିକ୍ରମ କରିପାରେ । ତେବେ ମାଛ, କଙ୍କଡ଼ା, ଗେଣ୍ଡା, କୁଡ଼ିଆ ଆଦିକୁ ଶୁଖାଇ ରଖିଲେ ସେଥିରେ ଜୀବସାର ହ୍ରାସ ପାଉଥିବାର ଏମାନେ ବିଶ୍ଵାସ କରନ୍ତି ।

## ଖାଦ୍ୟ ଅଭିରୁଚି :

ମାଂସ, ମାଛ, ଶୁଖୁଆ, ପିଠାପଣା, ଖିରୀ ଖେଚୁଡ଼ି ଇତ୍ୟାଦି ହୋ/କୋହ୍ଲମାନଙ୍କୁ ଭାରି ସ୍ଵାଦିଷ୍ଟ ମନେ ହୁଏ । କେତେକ ମାଂସ, ମାଛ, ମସଲା ଦେଇ ରାନ୍ଧିଲେ ସ୍ଵାଦଯୁକ୍ତ କହୁଥିବାବେଳେ କେତେକ ରନ୍ଧା ତରକାରୀ ଠାରୁ ପୋଡ଼ି ବା ପତୁଆ କରି ଖାଇଲେ ଅଧିକ ସ୍ଵାଦିଷ୍ଟ ହେଉଥିବାର ପ୍ରକାଶ କରନ୍ତି । ତେବେ ମାଛକୁ ସୋରିଷ ପକାଇ ତରକାରୀ କଲେ ବେଶୀ ରୁଚିକର ହେଉଥିବାର ସାଧାରଣ ଧାରଣା ସେହିପରି ସଜନା ଶାଗ ଏବଂ ବିଲ ଶୁଖୁଆ ଏକତ୍ର ରାନ୍ଧିଲେ ବେଶ୍ ସ୍ଵାଦିଷ୍ଟ ହୁଏ । ମାଂସ ସହିତ ଆଳୁ ଠାରୁ ପପୟା ମିଶିଲେ ଅଧିକ ସ୍ଵାଦ । ପିଠା ସିଝାଇ ଖାଇବା ଅପେକ୍ଷା ପୋଡ଼ିକରି ଖାଇବାକୁ ଏମାନେ ପସନ୍ଦ କରନ୍ତି । ତେବେ ମନସ୍ତାତ୍ତ୍ଵିକ ଦୃଷ୍ଟିକୋଣରୁ ସ୍ଵାଦିଷ୍ଟ ଖାଦ୍ୟ ଖାଇ ହୋ/କୋହ୍ଲମାନେ ଆନନ୍ଦ ଅନୁଭବ କରନ୍ତି ।

## ଖାଦ୍ୟର ସାମାଜିକ ଓ ଧାର୍ମିକ ମୂଲ୍ୟବୋଧ :

ମଣିଷ ବଞ୍ଚି ରହିବାରେ ମୁଖ୍ୟତଃ ଖାଦ୍ୟ ସହାୟକ ହୋଇଥାଏ । ଅର୍ଥାତ୍ ଖାଦ୍ୟ ମଣିଷକୁ ବଞ୍ଚାଇ ରଖେ । ତେଣୁ ତାର ଜୀବନର ପ୍ରତିଟି ସ୍ତରରେ ଖାଦ୍ୟର ମୂଲ୍ୟବୋଧ ଅବର୍ଣ୍ଣନୀୟ । ଅନୁରୂପ ଭାବେ ହୋ/କୋହ୍ଲ ସଂପ୍ରଦାୟରେ ଖାଦ୍ୟ ସାମାଜିକ ଏବଂ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ଵପୂର୍ଣ୍ଣ ।

ବିଭିନ୍ନ ପ୍ରକାର ପର୍ବପର୍ବାଣୀ, ବିବାହୋତ୍ସବ ଶୁଦ୍ଧିକ୍ରିୟା, ଏକୋଇଶ, ପୂଜାପାର୍ବଣ, ସାଧାରଣ ଭୋଜି ଭାତ ଇତ୍ୟାଦିରେ ଖାଦ୍ୟ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୁଏ । ପରିବାରକୁ ବନ୍ଧୁବାନ୍ଧବ ଆସିଲେ ଭାତ, ମାଂସ ଓ ହାଣ୍ଡିଆ ଦେଇ ବନ୍ଧୁଚର୍ଚ୍ଚା କରାଯାଏ ।

ବିବାହ, ଏକୋଇଶା ଓ ଶୁଦ୍ଧିକ୍ରିୟା ମାନଙ୍କରେ ନିମନ୍ତ୍ରିତ ଅତିଥି ତଥା ବନ୍ଧୁବାନ୍ଧବଙ୍କ ପାଇଁ ସେହିପରି ଭାତ, ମାଂସ, ପିଠାପଣା, ହାଣ୍ଡିଆ ଇତ୍ୟାଦି ସ୍ୱତନ୍ତ୍ର ଖାଦ୍ୟର ଆୟୋଜନ କରାଯାଇଥାଏ । ପର୍ବପର୍ବାଣୀ,ପୂଜାପାଠ ଦିନରେ ସ୍ୱତନ୍ତ୍ର ଖାଦ୍ୟ ସହିତ ବଳି ଭୋଗ ଗ୍ରହଣ କରନ୍ତି । କୌଣସି ମାମଲାର ସମାଧାନ ପାଇଁ ଗ୍ରାମସଭାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କ ଠାରୁ ଆଦାୟ କରାଯାଉଥିବା ଜୋରିମନାରେଭୋଜି ଭାତ ହୋଇ ଜଟିଳ ପରିସ୍ଥିତିକୁ ହାଲୁକା କରନ୍ତି । ମକର, ନୂଆଖିଆ, ଶାଳେଇ ପୂଜା, ଗ୍ରାମ ଦେବାଦେବୀ ପୂଜା, ଦୃଷ୍ଟିନଜର- ଭୂତପ୍ରେତ ପାଇଁ ପୂଜା, ଘରୋଇ ପାରମ୍ପରିକ ପୂର୍ବପୁରୁଷଙ୍କ ପାଇଁ ପୂଜା, ଜାହିରା ପୂଜା ସବୁଥିରେ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଭୋଗ ଲାଗଯାଉଥିବା ବେଳେ କୁକୁଡ଼ା, ଛେଳି, ଆଦି ଜୀବ ବଳି ମଧ୍ୟ ଦିଆଯାଇଥାଏ । ପୂର୍ବପୁରୁଷଙ୍କ ପାଇଁ ପିଠା, ହାଣ୍ଡିଆ ଭାତ, ମାଛ, ମାଂସ,ସବ୍‌ଜି ତରକାରୀ ପ୍ରଭୃତି ଭୋଗ ଚଢ଼ାଯାଏ । ନୂଆଖିଆ, ଶାଳେଇ ପୂଜାରେ ମାଂସ ଖେଚୁଡ଼ି ହୁଏ । ଗ୍ରାମ ଦେବାଦେବୀଙ୍କ ପୂଜାରେ ମୁଣ୍ଡ ଖେଚୁଡ଼ି ହୋଇ ଦେହୁରୀ ଗଡ଼େତ ଓ ପାରାନିକ୍‌ଙ୍କୁ କେବଳ ଖାଇବାକୁ ଦିଆଯାଇଥାଏ । ଗଣ୍ଡି ମାଂସ ସମସ୍ତେ ଖାଆନ୍ତି ।

କୋହ୍ଲ ସମାଜରେ ଖାଦ୍ୟ ବିଭିନ୍ନ ସମୟରେ ତାର ସାମାଜିକ ଓ ଧାର୍ମିକ ମୂଲ୍ୟବୋଧ ବଜାୟ ରଖିଥାଏ । ସାମାଜିକ ଜୀବନକୁ ସୁଦୃଢ଼ କରିବା ସହି ପରସ୍ପର ମଧ୍ୟରେ ବନ୍ଧୁଭାବ, ପ୍ରୀତି ସଂପର୍କ ଓ ସହଯୋଗ ମନୋବୃତ୍ତିକୁ ସୁଦୃଢ଼ କରେ । ସମାଜରେ ଏକତା ରକ୍ଷା ଦିଗରେ ସହାୟକ ହୁଏ । ପୁନଶ୍ଚ ପାରମ୍ପରିକ ଧାର୍ମିକ ଚେତନକୁ ଦ୍ୱିଗୁଣିତ କରିଥାଏ । ପରମ୍ପରାର ସୁରକ୍ଷା ପାଇଁ ଖାଦ୍ୟ ଏକ ଉତ୍ତମ ସେତୁ । କର୍ମମୁଖର ଜୀବନ ଧାରାରେ ଖାଦ୍ୟ ଆନନ୍ଦ ଉଲ୍ଲାସ ଭରି ଦେଇଥାଏ ।

ସମୟାନୁକ୍ରମେ କୋହ୍ଲ ସଂପ୍ରଦାୟ ଉନ୍ନତି ପଥରେ ଆଗେଇ ଚାଲିଥିଲେ ହେଁ ଖାଦ୍ୟସେବନ କିମ୍ବା ଖାଦ୍ୟାଭ୍ୟାସରେ ପରମ୍ପରାକୁ ସଂପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇନାହାନ୍ତି ।

# ପାନୀୟ
## (ନୂଜାଲାଗାମ୍)

ମଣିଷର ଜୀବନ ଧାରଣ ପାଇଁ ଖାଦ୍ୟ ସହ ପାନୀୟର ଆବଶ୍ୟକତା ଅନିବାର୍ଯ୍ୟ । ଏହାକୁ ଜଳ ଭାବରେ ହିଁ ଗ୍ରହଣ କରାଯାଇଥାଏ । ତେବେ ଜଳ ବ୍ୟତୀତ କେତେକ ନିଶାଯୁକ୍ତ ପାନୀୟ (ନୂବୁଲ) ମଧ୍ୟ ମଣିଷ ସମାଜରେ କେଉଁ ଅବାହମାନ କାଳରୁ ପ୍ରଚଳିତ । ଏହିପରି ପାନୀୟକୁ ଅନେକ ଗୋଷ୍ଠୀ ବା ସଂପ୍ରଦାୟର ଲୋକେ ମାତ୍ରାଧିକ୍ୟ ଆପଣେଇ ଜୀବନ ସହିତ ଅଙ୍ଗାଙ୍ଗି ଭାବରେ ସଂପର୍କିତ କରିଦେଇଥିବାର ଦେଖାଯାଏ । ସେ ମଧ୍ୟରୁ କୋହ୍ଲ ବା ହୋ ସଂପ୍ରଦାୟ ଅନ୍ୟତମ ।

### ପାନୀୟର ଉତ୍ପତ୍ତି ଓ ଇତିବୃତ୍ତ:

ହୋ/କୋହ୍ଲ ସଂପ୍ରଦାୟରେ ପାନୀୟର ଉତ୍ପତ୍ତି ଓ ଇତିହାସ ସେମାନଙ୍କର ସୃଷ୍ଟିତତ୍ତ୍ୱ ସହିତ ଜଡ଼ିତ । କିମ୍ବଦନ୍ତୀ କହେ, ଏହା ୫ ଲକ୍ଷ ବର୍ଷ ପୂର୍ବର କଥା । ସୃଷ୍ଟି ପୂର୍ବରୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଜଳମୟ ଥିଲା । ସର୍ବଶକ୍ତିମାନ ଈଶ୍ୱର (ଓ୍ୱାରଂଦାଳେ)ଙ୍କ ଇଙ୍ଗିତରେ ଈଶ୍ୱରଙ୍କ ଦୂତ ରୁଇ, ସୁମି, ମୁଗୁଲୁ, ବୁଦୁ, ଗୁରା, ଶୁକ୍ର ଏବଂ ଶନି ପୃଥିବୀ ସର୍ଜନା କଲେ । ଫଳସ୍ୱରୂପ ଗଭୀର ସମୁଦ୍ରରୁ ମାଟି ଆଣି ସ୍ଥଳଭାଗର ଉତ୍ପତ୍ତି କରାଗଲା । ପାହାଡ଼, ପର୍ବତ, ଗଛଲତା, ଜୀବଜନ୍ତୁ ସୃଷ୍ଟି ହେଲେ । ପୁନଶ୍ଚ ପରବର୍ତ୍ତୀ ସମୟରେ ଈଶ୍ୱର ନିଜର ଦୂତ ଦେଶାଉଲି ପାଉଁଇ ଗଅବଙ୍ଗା ଏବଂ ଜାୟାରା ପ୍ରଭୃତି ଦେବଦେବୀମାନଙ୍କୁ ପୃଥିବୀପୃଷ୍ଠକୁ ପ୍ରେରଣ କରି ମନୁଷ୍ୟ ସୃଷ୍ଟି ପାଇଁ ନିର୍ଦ୍ଦେଶ ଦେଲେ । ଯେଉଁ ଦୂତମାନଙ୍କର ଓଡ଼ିଆ ନାମ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ ଶକ୍ତିମୟୀ ଦେବୀ ଲକ୍ଷ୍ମୀ । ସେମାନେ ଲୁକୁ ପାହାଡ଼ ନିକଟବର୍ତ୍ତୀ ଏକ ବାଲ୍ମୀକି (ହୁଙ୍କା)ର ମାଟିରେ କଙ୍କଡ଼ାର ଆତ୍ମା ସୃଷ୍ଟି କଲେ ଆଦି ପୁରୁଷ ଲୁକୁକଳା । ପୁଣି ସର୍ବଶକ୍ତିମାନ ଈଶ୍ୱର ମଣିଷର ବଂଶ ବୃଦ୍ଧି ନିମିତ୍ତ ନାରୀର ଆବଶ୍ୟକତା ଉପଲବ୍ଧି କରି ପୁରୁଷ ସୃଷ୍ଟିର ୧୨ ବର୍ଷ ପରେ ଆଦିନାରୀ ଲୁକୁକୁଳିକୁ ସୃଷ୍ଟି କଲେ । ସେମାନେ ହେଲେ ସୃଷ୍ଟିର ଆଦିପୁରୁଷ ଓ ଆଦି ନାରୀ (ହୁପୁମ୍ ଦିଶୁମ୍ ମାରଂ ବଙ୍ଗା ଓ ଚାନାଲ ଦିଶୁମ ମାରଂ ବଙ୍ଗା) ଦୁହିଁଙ୍କ ମଧ୍ୟରେ ଭାଇ ଭଉଣୀର ସଂପର୍କ ଥିଲା । ଏହାଦ୍ୱାରା ସୃଷ୍ଟିକର୍ତ୍ତାଙ୍କ ଉଦ୍ଦେଶ୍ୟ ସାଧନରେ ବ୍ୟାଘାତ ଉପୁଜିବାରୁ (ମଣିଷର ବଂଶ ବୃଦ୍ଧି) ଈଶ୍ୱର ଏକ ଯୋଜନା ପ୍ରସ୍ତୁତ କଲେ । ସେହି ଯୋଜନା ଅନୁଯାୟୀ ଲୁକୁକୁଳି ଯେତେବେଳେ ୧୩ ବର୍ଷ ବୟସରେ ପଦାର୍ପଣ

କରିବା ସହିତ ଋତୁବତୀ ହେଲା । ଈଶ୍ୱରଙ୍କ ନିର୍ଦ୍ଦେଶରେ ଋତୁବତୀ ହେବାର ପ୍ରଥମ ଦିବସରୁ ମାଗେ ପର୍ବ ପାଳିତ ହେଲା । ଦେଶାଉଲି ଦେବତା (ଯିଏକି ଜନ୍ମ ସମୟରେ ପାଳନକର୍ତ୍ତା ଭାବରେ ଆପ୍ୟାୟିତ କରିବାକୁ ନିର୍ଦ୍ଦେଶ ଦେଲେ ଏବଂ ହାଣ୍ଡିଆ ପ୍ରସ୍ତୁତିର ଉପାୟ ବତାଇଲେ । ଚତୁର୍ଥ ଦିବସରେ ଲୁକୁକୁଳି ଲଜ୍ୟା ଅନୁଭବ କରିବାରୁ ବିଶ୍ୱକର୍ମାଙ୍କ (ଦାନ୍‌ସାରୀ) ଦୂତ ଭାବରେ ବୁଢ଼ିଆଣୀ ଓ ଟସରପୋକ ତାକୁ ଲଜ୍ୟା ନିବାରଣର ମାର୍ଗ କହିଲେ । ପଞ୍ଚମ ଦିବସରେ ସୃଷ୍ଟିକର୍ତ୍ତା ବୃଷଭ ରୂପରେ ଆସି କହିଲେ- "ତୁମର ସୃଷ୍ଟି କରିବାକୁ (ପ୍ରଜନନ) ସମୟ ଆସିଛି । ତେଣୁ ତୁମେ ମଣିଷ ବଂଶ ବିସ୍ତାର କର ।" ଷଷ୍ଠ ଦିବସରେ ଦେଶାଉଲି ଆସି ତାଙ୍କଠାରୁ ପୂଜା ଭୋଗ ହାଣ୍ଡିଆ ଗ୍ରହଣ କରି ଲୁକୁକୁଳି ଓ ଲକୁକଳାଙ୍କୁ ହାଣ୍ଡିଆ ପାନ କରିବାକୁ କହିଲେ । ଫଳରେ ଉଭୟେ ହାଣ୍ଡିଆ ପାନ କଲେ ଏବଂ ଭାଇଭଉଣୀର ସଂପର୍କ ଭୁଲି ସ୍ୱାମୀ-ସ୍ତ୍ରୀ ରୂପରେ ମିଳିତ ହେଲେ (ମାର୍ଗଶିର ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶ ତିଥିରେ) ସପ୍ତମ ଦିବସରେ (ପୂର୍ଣ୍ଣମୀ) ପାଉଁଇ ବଙ୍ଗା ଅର୍ଥାତ୍ ମହେଶ୍ୱରଙ୍କୁ ପୂଜା କରିବାରୁ ମହେଶ୍ୱର ଉଭୟଙ୍କୁ ଦୈହିକ ମିଳନର ବିଧି ସଂପର୍କରେ ଅବଗତ କରାଇଲେ । ସେହିଦିନଠାରୁ କୋହ୍ଲ ସମାଜରେ ମାଗେ ପର୍ବପ ପାଳିତ ହୋଇଆସୁଛି । ଭାଇଭଉଣୀର ସଂପର୍କକୁ କଳୁଷିତ କରିଥିବାରୁ ଦେଶାଉଲି ଓ ପାଉଁଇ ବଙ୍ଗା ମାଗେ ପର୍ବରେ କୋହ୍ଲ ସମାଜ ଦ୍ୱାରା ଭର୍ତ୍ସିତ ହେଉଛନ୍ତି । ଏହି କିମ୍ବଦନ୍ତୀ ଭିତ୍ତିକ କାହାଣୀ ବା ଇତିହାସ ଅନୁଯାୟୀ ନିଶାଯୁକ୍ତ ପାନୀୟ ହାଣ୍ଡିଆ ମଣିଷ ବଂଶ ବିସ୍ତାରରେ ସହାୟକ ତଥା କୋହ୍ଲ ସଂପ୍ରଦାୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ହାଣ୍ଡିଆ ସହିତ କୋହ୍ଲମାନଙ୍କର ଜୀବନଧାରା ଓତଃପ୍ରୋତଃ ଭାବେ ଜଡ଼ିତ । ମନେହୁଏ ଯେପରି ହାଣ୍ଡିଆ ବିନା ସେମାନଙ୍କର ଜୀବନ ଧାରଣ ଦୁର୍ବିସହ କିମ୍ବା ଅସମ୍ଭବ ମଧ୍ୟ ।

## ପାନୀୟର ପ୍ରକାରଭେଦ:

କୋହଲ ସଂପ୍ରଦାୟରେ ତିନିପ୍ରକାର ପାନୀୟ ବ୍ୟବହୃତ ହୁଏ । ୧- ହାଣ୍ଡିଆ, (ଡ଼ିଆ) ୨- ହାଣ୍ଡିଆ ରସି (ଡ଼ିଅଂ ରାସି), ମହୁଲି ରସି (ମାତକାମ୍ଇଲି ରାସି), ୩- ମଦ (ଆର୍‌କି), ମୁଖ୍ୟ ପାନୀୟ ହାଣ୍ଡିଆ ।

## ସଂଗ୍ରହ ପ୍ରଣାଳୀ ଓ ପ୍ରସ୍ତୁତି ପ୍ରଣାଳୀ:

ପାନୀୟ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାର ଉପାଦାନ ଓ ଉପକରଣ: (୧) ହାଣ୍ଡିଆ: (ଡ଼ିଅଂ/ ଇଲି) କୋହ୍ଲମାନଙ୍କର ହାଣ୍ଡିଆ ଅତିପ୍ରିୟ ଏବଂ

ସେମାନେ ହାଣ୍ଡିଆ ପ୍ରଚୁର ପରିମାଣରେ ବ୍ୟବହାର କରନ୍ତି । ଖାଦ୍ୟ ବଦଳରେ ହାଣ୍ଡିଆ ପାନ କରି ମଧ୍ୟରହି ପାରନ୍ତି । ହାଣ୍ଡିଆ ଘରେ ପ୍ରସ୍ତୁତ କରାଯାଏ । ହାଣ୍ଡିଆ ପ୍ରସ୍ତୁତି ପାଇଁ ଯେଉଁ ଦ୍ରବ୍ୟମାନ ଆବଶ୍ୟକ ହୁଏ ସେଗୁଡ଼ିକ ହେଲା- ୧- ହାଣ୍ଡି (ଚାଟୁ) ବା ଡ଼େକ୍‌ଚି, ବେଲଚା ପରି ଏକ ବଡ଼ଚଟୁ (ଆନ୍ଦାଃ ଦାଣ୍ଡାଃ / ଲୁଣ୍ଡାଃଇ) ପଟିଆ (ଜାଃଟି) ହାଣ୍ଡିଆ ଚଲା (ଡ଼ିଆଂ ଚାଲା) ଅରୁଆ (ଆଦୁଆ) ଚାଉଳ କିମ୍ବା ଉଷୁନା (ଚାଉଲି) ଚାଉଳ,ପାଣି (ଦାଆଃ) ତାଳପତ୍ର (ତାଳସାକାମ୍) ଛୋଟ ଚଟୁ (ଲୁଣ୍ଡୁଃଇ) ଢାଙ୍କୁଣୀ ଏବଂ ମଳିକା (ରାନୁ) ।

## ମଳିକା ପ୍ରସ୍ତୁତି :

କୁରୁଚି ଚେର (ଗୁରୁଚି ରେଃଦ) ଚାମ୍‌ରାଙ୍ଗା ରେଃଦ୍ ବା ଜାମ୍‌ଜାଲି ରେଃଦ୍ ଏବଂ ରାନୁ ହାଳାଃ (ଏହା ଏକପ୍ରକାର ଗଛ, ଯାହାର ନାମ ପାରମ୍ପରିକ ସୂତ୍ରରେ ଧରାଯାଏ ନାହିଁ । କାରଣ ଏହାର ନାମ ଧରିଲେ ମଳିକା ଭଲ ହୁଏ ନାହିଁବୋଲି କୋହ୍ଲମାନଙ୍କର ବିଶ୍ୱାସ । ତେଣୁ ଗଛଟିରର ନାମ ଏମାନଙ୍କୁ ଜଣାନାହିଁ) ଜଙ୍ଗଲରୁ ସଂଗ୍ରହ କରିଆଣନ୍ତି । ଖରାରେ ଶୁଖାଇ ଦିଆଯାଏ । ଭଲ ଭାବରେ ଶୁଖିଗଲା ପରେ ସବୁ ଚେରଗୁଡ଼ିକୁ ଏକତ୍ର ମିଶାଇ ଢ଼ିଙ୍କିରେ କୁଟି ଗୁଣ୍ଡ କରନ୍ତି । କେତେକେ ସେହି ଗୁଣ୍ଡକୁ ଚଲାରେ ଚଲାଇ ଖଦଡ଼ା ଅଂଶ ବାହାର କରି ଦିଅନ୍ତି ନତୁବା ବା ନ ଚଲାଇ ମଧ୍ୟ ତାହାକୁ ଅରୁଆ ଚାଉଳ ସହିତ ମିଶାଇ ଢ଼ିଙ୍କିରେ କୁଟାଯାଏ ଏବଂ ତା ପରେ ଚଲାଇ ଥାଆନ୍ତି । ସେହି ମିଶ୍ରଣକୁ ଅଳ୍ପ ପାଣି ଦେଇ ଚକଟି ଗୋଲ ଗୋଲ ମଳିକା ପ୍ରସ୍ତୁତ କରାଯାଏ । ପୁନଶ୍ଚ ମଳିକା ଗୋଲି ଗୁଡ଼ିକୁ ଭଲ ଭାବରେ ଖରାରେ ଶୁଖାଇ ଘରେ ସାଇତି ରଖନ୍ତି ଓ ହାଣ୍ଡିଆ ପ୍ରସ୍ତୁତି ସମୟରେ ବ୍ୟବହାର କରିଥାଆନ୍ତି ।

## ହାଣ୍ଡିଆ ପ୍ରସ୍ତୁତି :

ପ୍ରଥମେ ହାଣ୍ଡି କିମ୍ବା ଡ଼େକଚିକୁ ଭଲ ଭାବରେ ଧୋଇ ପରିଷ୍କାର କରି ଶୁଖାଇ ଦିଆଯାଏ । ଅରୁଆ କିମ୍ବା ଉଷୁନା ଚାଉଳ ଖରାରେ ଶୁଖାଇ ସ୍ତ୍ରୀ ଲୋକଟିଏ ହାଣ୍ଡି ଚୂଲୀରେ ବସାଇ ବଡ଼ ଚଟୁ ସାହାଯ୍ୟରେ ଚାଉଳ ପକାଇ ମୁଳାଏ । ଚାଉଳ ଭଲଭାବରେ କୁଡୁକୁଡୁ ହେବା ପର୍ଯ୍ୟନ୍ତ ପାଟିରେ ପକାଇ ଦେଖୁଥାଏ । ତାପରେ ଗରମ ପାଣି ହାଣ୍ଡିରେ ଚାଉଳ ପଡ଼େ । ଚାଉଳକୁ ନ ବୁଲାଇ ମଧ୍ୟ ସିଧାସଳଖ ଗରମ ପାଣି ହାଣ୍ଡିରେ ଭାତ ଚାଉଳ ଭଳି ପଡ଼ିପାରେ । ସାଧାରଣତଃ ୧ରୁ ୬ କିଲୋ ପର୍ଯ୍ୟନ୍ତ ଚାଉଳର ହାଣ୍ଡିଆ ହୋଇଥାଏ । ହାଣ୍ଡି ପାଣିରେ ଚଟୁ ବୁଡ଼ାଇ ଚାଉଳକୁ ଦେଖି ମାପ

ଅନୁଯାୟୀ ପାଣି ଦିଆଯାଇଥାଏ । ବେଶୀ ପାଣି ଦିଆଯାଏ ନାହିଁ । ଭାତ ଭଳି ଚାଉଳ ହାଣ୍ଡିରେ ଫୁଟେ, ପାଣି ମରି ଆସିଲେ ହାଣ୍ଡି ଭିତରେ ଚଟୁ ବୁଲାଇ ଘଣ୍ଟାଯାଏ ଯେପରି ହାଣ୍ଡିରେ ଭାତ ଲାଗି ନଯାଏ, ବହଳିଆ ହୋଇଗଲେ ହାଣ୍ଡିକୁ ଚୂଲୀରୁ ଓହ୍ଲାଇ ଆଣି ଅଳ୍ପ ଥଣ୍ଡା ହେବାକୁ ଛାଡ଼ିଦିଆଯାଏ । ତାପରେ ସେହି ଘଣ୍ଟା ଭାତକୁ ଚଟୁ ସାହାଯ୍ୟରେବାହାର କରି ପଟିଆରେ ମେଲାଇ ଦିଅନ୍ତି । ଗୋଟା ଗୋଟା ନ ହେବା ପାଇଁ ପଟିଆ ଉପରେ ମଧ୍ୟ ଭାତ ଘଣ୍ଟାଯାଏ । ଥଣ୍ଡା ହେବା ପରେ ମଳିକା ଗୋଲି (ଆଗରୁ ଚୂଲୀ ପାଖରେ ରଖି ଗରମ କରାଯାଇଥାଏ) ଗୁଡ଼ିକୁ ଥାଳି କିମ୍ବା କୁଲାରେ ରଖି ଶିଳପୁତା ଦ୍ୱାରା ଭଲ ଭାବରେ ଗୁଣ୍ଡ କରାଯାଇ ଭାତ ସହିତ ଘଣ୍ଟା ଯାଇଥାଏ ସାଧାରଣତଃ ୧ କିଲୋ ଚାଉଳକୁ ୭-୮ଟି ମଳିକା ଗୋଲି ବ୍ୟବହୃତ ହୁଏ । ଭାତ ଏବଂ ମଳିକା ଗୁଣ୍ଡ ଭଲ ଭାବେ ମିଶିଗଲେ ପୁଣି ହାଣ୍ଡି ଭିତରେ ତାକୁ ରଖନ୍ତି । ସେଥିରେ ଅଳ୍ପ ଥଣ୍ଡା ପାଣି ସିଞ୍ଚି ହାଣ୍ଡି ମୁହଁକୁ ଢ଼ାଙ୍କାଦେଇ ଘରର ଗୋଟିଏ କୋଣରେ ରଖିଦିଅନ୍ତି । ସେହିପରି ଅବସ୍ଥାରେ ତିନିଦିନ ଯାଏଁ ରହେ । ମଳିକା ମିଶ୍ରିତ ଭାତ ପଚିଯାଏ । ତିନିଦିନ ପରେ ହାଣ୍ଡିଟିକୁ ବାହାରକୁ ଆଣି, ହାଣ୍ଡିଆ, ଚଲାରେ ତାଳପତ୍ର ଖଣ୍ଡ ଖଣ୍ଡ କରି ପକାଇ ସେଥିରେ ସେହି ମଳିକା ମିଶ୍ରିତ ପଚା ଭାତ ଢ଼ାଳାଯାଏ କିମ୍ବା ଚଟୁରେ ବାହାର କରି ରଖନ୍ତି । ତାପରେ ସେଥିରେ ଥଣ୍ଡା ପାଣି ଅଳ୍ପ ଅଳ୍ପ ଦେଇ ଘାଣ୍ଟନ୍ତି । ତାହା ସଂପୂର୍ଣ୍ଣ ତରଳ ହୋଇ ତାଳପତ୍ର ସହ ହାଣ୍ଡିଆ ମେରା (ଖଦଡ଼ିଆ ଅଂଶ) ଉପରକୁ ଉଠି ଆସେ ବା ସେମାନେ ଘାଣ୍ଟିଘାଣ୍ଟି ସେଗୁଡ଼ିକ ବାହାର କରିଦିଅନ୍ତି । ଯାହା ଚଲାରେ ରହିଲା ତାହା ହିଁ ନିରୋଳା ହାଣ୍ଡିଆ । ହାଣ୍ଡିଆ ମେରା କିଏ କିଏ ଖାଆନ୍ତି ନହେଲେ ଗୋରୁ ଗାଈଙ୍କୁ ଖାଇବାକୁ ଦେଇ ଦିଆଯାଏ ।

**ହାଣ୍ଡିଆ ଲସି:** ହାଣ୍ଡିଆ ପାଇଁ ପ୍ରସ୍ତୁତ ହୋଇଥିବା ମଳିକା ମିଶ୍ରିତ ଭାତ ପଚିଗଲା ପରେ, ସେହି ହାଣ୍ଡି ଭିତରେ ଭାତ ମଝିରେ ଗୋଟିଏ ଖାଲ କରି ବାଉଁଶର ଟୋକେଇଟିଏ ସେଥିରେ ବୁଡ଼ାଇ ଦିଆଯାଏ । ଟୋକେଇଟିକୁ ଢ଼ାକିଲେ ଭାତରୁ ପାଣି (ହାଣ୍ଡିଆ ଲସି) ଉପରକୁ ଉଠେ । ସେହି ରସିକୁ ଗିନା ବା ଚଟୁରେ ସଂଗ୍ରହ କରି ଡେକଚି କିମ୍ବା ଛୋଟ ହାଣ୍ଡିରେ ରଖାଯାଏ ଏବଂ ପାନୀୟ ଭାବରେ ବ୍ୟବହୃତ ହୁଏ ।

**ମଦ:** ହୋ/କୋହ୍ଲମାନେ ମଦ ଘରେ ପ୍ରସ୍ତୁତ କରନ୍ତି କିମ୍ବା କ୍ରୟ କରି ମଧ୍ୟ ପାନ କରିଥାଆନ୍ତି । ତେବେ ମଦର ବ୍ୟବହାର ତଥା ପ୍ରସ୍ତୁତ କମ୍ ହୋଇଥାଏ । ମଦ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ଉପକରଣ ଗୁଡ଼ିକ ହେଲା - ମହୁଲ (ମାତ୍‌କାମ୍), ହାଣ୍ଡି କିମ୍ବା ଡେକ୍‌ଚି, ମଳିକା, ବାଉଁଶନଳୀ (ମାଃଡ଼୍ ନୁଳୀ / ଠୁଙ୍ଗା), ଚଟୁ ଉଷୁନା ଚାଉଳ, ଢ଼ାଙ୍କୁଣୀ, ପାଣି ଇତ୍ୟାଦି ।

**ପ୍ରସ୍ତୁତି :** ମହୁଲକୁ ସଂପୂର୍ଣ୍ଣ ଭାବରେ ଶୁଖାଇ ଦିଆଯାଏ କିମ୍ବା ନ ଶୁଖାଇ ମଧ୍ୟ ବ୍ୟବହାର କରାଯାଇପାରେ । ଗୋଟିଏ ହାଣ୍ଡିରେ ମହୁଲକୁ ଦେଖି ମାପ ଅନୁଯାୟୀ (ବେଶୀ ନୁହେଁ) ପାଣି ରଖି ମହୁଲ ଢ଼ାଳି ଦିଆଯାଏ । ମଳିକା ଗୋଲି ଗୁଣ୍ଡ କରି ସେଥିରେ ମିଶାଇ ଦିଅନ୍ତି । (ପ୍ରାୟତଃ ୧ କିଲୋ ମହୁଲ ପାଇଁ ୬/୭/୮ଟି ମଳିକା ଗୋଲି ବ୍ୟବହୃତ ହୁଏ) ଭଲ ଭାବରେ ଘାଣ୍ଟି ଦେଇ, ଢ଼ଙ୍କା ଲଗାଇ ୬-୭ ଦିନ ରଖିଦିଅନ୍ତି । ୫/୬/୭ ଦିନ ପରେ ଦେଖନ୍ତି ସେଥିରେ ଫେଣ ଅଂଶ ବାହାରିଛି କି ନାହିଁ, ସର୍‌ସର୍ ଶବ୍ଦ ହେଉଛି କି ନାହିଁ ଏତିକି ହେଲେ, ମଳିକା ମିଶ୍ରିତ ମହୁଲ ପଚିଲା ବୋଲି ଜାଣନ୍ତି । ହାଣ୍ଡିଟିକୁ ଚୂଲୀରେ ବସାଯାଏ । ତା ଉପରେ ଆଉ ଦୁଇଟି ହାଣ୍ଡି ରହେ । ଉପର ହାଣ୍ଡିଟିରେ ଅଳ୍ପ ପାଣି ଦିଆଯାଏ । ମଝି ହାଣ୍ଡିରେ ଢ଼ଙ୍କା ଲଗାଯାଇଥାଏ ଏବଂ ହାଣ୍ଡିର ଗୋଟିଏ ପଟରେ କଣାଟିଏ କରି ସେଥିରେ ୨ କିମ୍ବା ଅଢ଼େଇ ହାତର ବାଉଁଶନଳୀ (ପବ ଥିଲେ ମଧ୍ୟ ତାକୁ କାଟି ଫାଙ୍କା କରାଯାଏ) ଲଗାଇ କଣା ଅଂଶଟିକୁ ମାଟି ଦ୍ୱାରା ଭଲ ଭାବରେ ବନ୍ଦ କରିଥାଆନ୍ତି । ବାଉଁଶ ନଳୀର ଅପରପାର୍ଶ୍ୱ ହାଣ୍ଡିରୁ ଆଣି ପାଖରେ ଗୋଟିଏ ହାଣ୍ଡି କିମ୍ବା ଡେ଼କ୍‌ଚି ବସାଇ ସେଥିରେ ରଖନ୍ତି । ଚୂଲୀରେ ହୁହୁ ନିଆଁ ଜଳାଯାଏ । ଉପରହାଣ୍ଡିରେ ଅଳ୍ପ ଅଳ୍ପ ପାଣି ଦେଉ ଥାଆନ୍ତି । ଏହାଫଳରେ ଉପର ହାଣ୍ଡିର ପାଣି ଅଂଶ ଏବଂ ତଳ ହାଣ୍ଡିର ମହୁଲ ବାଷ୍ପ – ଏ ଉଭୟ ମିଶି ବୁନ୍ଦାବୁନ୍ଦା ହୋଇ ମଦ ତିଆରି ହୋଇ ବାଉଁଶ ନଳୀ ଦେଇ ପାଖରେ ଥିବା ହାଣ୍ଡିରେ ପଡ଼େ । ଯେତିକି ମଦ ହେବା କଥା (ତାଙ୍କର ଆନୁମାନିକ ହିସାବ ଅନୁଯାୟୀ) ସେତିକି ହେବା ସହିତ ହାଣ୍ଡିରୁ ଗୋଟିଏ ପ୍ରକାର ଶବ୍ଦ ବାହାରେ । ତଦ୍ୱାରା ମଦ ପ୍ରସ୍ତୁତିର ପ୍ରକ୍ରିୟା ଶେଷ ହୁଏ କାରଣ ତଳ ହାଣ୍ଡିରେ ଜଳୀୟଅଂଶ ଶୁଖି ଯାଇଥାଏ । ସମସ୍ତ ସରଞ୍ଜାମ ଖୋଲାଖୋଲି କରି ଚୂଲୀରୁ ହାଣ୍ଡି ଓହ୍ଲାଇ ଆଣନ୍ତି । ବାହାର ହାଣ୍ଡିଟିରେ ସଂଗୃହୀତ ମଦ ପାନୀୟ ଭାବରେ ବ୍ୟବହୃତ ହୁଏ ।

ଉଷୁନା ଚାଉଳରୁ ପ୍ରସ୍ତୁତ ହେଉଥିବା ମଦ ଭାତ ଭଳି ରନ୍ଧାଯାଏ । ଭାତରୁ ପେଜ ମଧ୍ୟ ଗଳାଯାଇଥାଏ । ତାପରେ ଭାତକୁ ପଟିଆ ଶୁଖାଇ ଥଣ୍ଡା କରାଯାଏ । ଥଣ୍ଡା ହୋଇଗଲେ ମଳିକା ଗୁଣ୍ଡ ସେଥିରେ ପକାଇ ଭଲ ଭାବରେ ଘଣ୍ଟା ଯାଇଥାଏ । ଭାତ ଏବଂ ମଳିକା ଗୁଣ୍ଡ ସଂପୂର୍ଣ୍ଣ ରୂପେ ମିଶିଗଲେ ତାହାକୁ ହାଣ୍ଡିରେ ରଖି ଢ଼ଙ୍କା ଲଗାଇ ତିନିଦିନ ଛାଡ଼ିଦିଆଯାଏ । ତିନିଦିନ ପରେ ହାଣ୍ଡି ଉଠାଇ ଆଣି ମହୁଲ ମଦ ପ୍ରକ୍ରିୟାରେ ମଦ ପ୍ରସ୍ତୁତ କରାଯାଏ । ମହୁଲ-ମଳିକା ବା ଭାତ ମଳିକା ପଚିଗଲା ପରେ ସେଥିରେ ବାଉଁଶ ଚୋଙ୍ଗେଇ ବୁଡ଼ାଇ ଜାକି ଜାକି ରସି ସଂଗ୍ରହ କରାଯାଇଥାଏ ।

## ପାନୀୟର ବ୍ୟବହାର:
## ଉପହାର ଓ ଜୋରିମାନ ହିସାବରେ ପାନୀୟର ବ୍ୟବହାର:

ହୋ/କୋହ୍ଲ ସମାଜରେ ହାଣ୍ଡିଆ ବହୁଳ ଭାବରେ ବ୍ୟବହୃତ ହୋଇଥାଏ । ମଦ କମ୍ ବ୍ୟବହାର କରନ୍ତି ଏବଂ ରସି ଇଚ୍ଛା ଅନୁଯାୟୀ ସଂଗ୍ରହ କରି ପାନ କରିଥାଆନ୍ତି । ତେବେ ହାଣ୍ଡିଆ କିମ୍ବା ମଦରୁ ରସି ବାହାର କରିବାକୁ ଏମାନେ ବିଶେଷ ଚାହାନ୍ତି ନାହିଁ । କାରଣ ସେଥିରୁ ରସି ବାହାରି ଗଲେ ହାଣ୍ଡିଆ କିମ୍ବା ମଦର ନିଶ / କଡ଼ାଅଂଶ ତଥାଅସଲ ଉପାଦାନଟି ବାହାରି ଯାଇଥାଏ ।

ଏମାନେ ହାଣ୍ଡିଆ ଖାଦ୍ୟ ଭାବରେ ମଧ୍ୟ ଗ୍ରହଣ କରନ୍ତି । ଏପରିକି ଭାତ ନଖାଇ ହାଣ୍ଡିଆ ପିଇ ରହିଯାଇପାରନ୍ତି । ସକାଳେ କାମକୁ ଯିବା ପୂର୍ବରୁ ଘରେଯଦି ପଖାଳ ନଥାଏ ତେବେ ହାଣ୍ଡିଆ ପିଇ କାମକୁ ଯାଉଥିବାର ଦେଖାଯାଏ । ଦିନଯାକ ଖାଦ୍ୟ ନ ପାଇଲେ ହାଣ୍ଡିଆ ପାନ କରି ରହିଥାଆନ୍ତି । ସକାଳେ ଉଠିବା ପରେ ଖାଦ୍ୟ ଖାଇବାକୁ ବିଳମ୍ବ ଥିଲେ ହାଣ୍ଡିଆ ପିଇ ଦିଅନ୍ତି । ସୁଖରେ ହେଉ ବା ଦୁଃଖରେ ହେଉ ହାଣ୍ଡିଆର ଆବଶ୍ୟକତା ଉପଲବ୍ଧ ହୋଇଥାଏ । ହସଖୁସିରେ ପରିବେଶକୁ ଅଧିକ ଉଲ୍ଲାସମୟ କରିବା ପାଇଁ ହାଣ୍ଡିଆ ଏକ ବଳିଷ୍ଠ ମାଧ୍ୟମ । ତେଣୁ ପ୍ରତ୍ୟେକ ପର୍ବପର୍ବାଣୀ,ବାହାଘର, ଏକୋଇଶା ସବୁଥିରେ ହାଣ୍ଡିଆ ବେଶ୍ ପ୍ରଚଳିତ । ଏପରିକି ଶୁଦ୍ଧିକ୍ରିୟାରେ ମଧ୍ୟ ହାଣ୍ଡିଆ ଉପହାର ଏବଂ ଜୋରିମନା ଭାବରେ ବ୍ୟବହୃତ ହୋଇଥାଏ । କୌଣସି ଉତ୍ସବ ଅନୁଷ୍ଠାନରେ ସ୍ୱଜାତିର ନିମନ୍ତ୍ରିତ ଅତିଥି ବା ବଂଧୁବାନ୍ଧବମାନେ ହାଣ୍ଡିଆ ଉପହାରସ୍ୱରୂପ ଆଣିଥାଆନ୍ତି । ସାମୁହିକ ଗ୍ରାମଦେବତୀଙ୍କ ପୂଜା ହେଲେ ପୂଜାରେ ବସିଥିବା ଗ୍ରାମବାସୀଙ୍କୁ ହାଣ୍ଡିଆ ଉପହାର ଦିଆଯାଇଥାଏ । ଏକୋଇଶାରେ ପିଲାର ଆଜାଆଈ, ମାମୁଁ ମାଇଁ ହାଣ୍ଡିଆ ନେଇ ଆସନ୍ତି । କୌଣସି ପରିବାରରେ କାହାରି ମୃତ୍ୟୁ ହେଲେ ସେହି ମୃତ୍ୟୁ ଦିବସରେ ସଂପୃକ୍ତ ପରିବାର ବା ସଂପୃକ୍ତ ଗୃହକର୍ତ୍ତାଙ୍କୁ ଗ୍ରାମବାସୀ ତଥା ବଂଧୁବାନ୍ଧବମାନେ ହାଣ୍ଡିଆ ଉପହାରସ୍ୱରୂପ ଦେଇଥାଆନ୍ତି । କାରଣ ସେଦିନ ତାଙ୍କ ଘରେ ଚୁଲି ଜଳେ ନାହିଁ ।

ଗ୍ରାମରେ କେହି ଦୋଷ କଲେ (ଚୋରୀ,ଗାଳି ଗୁଲଜ, ପିଟାମରା, ଝିଅବୋହୂ ନେବା ବା ଅଶ୍ଳୀଳ ଇଙ୍ଗିତ୍ କରିବା, ମା ବାପାଙ୍କ ସହିତ ଝଗଡ଼ା କରି ସେମାନଙ୍କ କଥା ନ ବୁଝିବା, ଛେଳି କୁକୁଡ଼ା ମାରିବା (ଅନ୍ୟର ଗ୍ରାମସଭାରେ ବିଚାର ହୋଇ ଜୋରିମାନ କରାଯାଇଥାଏ । ସେଥିରେ ହାଣ୍ଡିଆ ଜୋରିମନା ହୁଏ କିମ୍ବା ଟଙ୍କା ଆଦାୟ

କରି ହାଣ୍ଡିଆ କିଣି ପିଅନ୍ତି । ତାହା ସେହିଦିନ ହୁଏ କିମ୍ବା ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରି ହାଣ୍ଡିଆ ପାନ କରିଥାଆନ୍ତି । କୌଣସି ଦୋଷୀକୁ ଯଦି ଟ୫୦ ଏବଂ ଗୋଟିଏ ହାଣ୍ଡିହାଣ୍ଡିଆ ଜୋରିମନା ହୁଏ ଏବଂ ସେ ହାଣ୍ଡିଆ ପ୍ରସ୍ତୁତ କରିଦେବକୁ ଇଛା କରେନାହିଁ, ତେବେ ସେ କ୍ଷେତ୍ରରେ ୫୦ଟଙ୍କା ସହିତ ହାଣ୍ଡିଆ ବାବଦକୁ ଅଧିକ ୫୦ଟଙ୍କା ତାକୁ ଦେବାକୁ ହୋଇଥାଏ । ସେହି ଟଙ୍କାରେ ଗ୍ରାମସଭାର ସଦସ୍ୟମାନେ ହାଣ୍ଡିଆ କ୍ରୟ କରିପଅନ୍ତି ।

ଏହା ବ୍ୟତୀତ ହୋ/କୋହ୍ଲମାନଙ୍କର ପ୍ରତ୍ୟେକ ପୂଜାପାଠରେ ହାଣ୍ଡିଆ ଭୋଗ ସ୍ୱରୂପ ବ୍ୟବହୃତ ହୋଇଥାଏ । ଏପରିକିକ ପୂର୍ବପୁରୁଷ (ହାପାଲାମ୍) ଙ୍କ ଠାରେ ହାଣ୍ଡିଆ ଭୋଗ ନଦେଲେ ପେଟବ୍ୟଥା ହୁଏ ଏବଂ ପରିବାରରେ ଅଶାନ୍ତି, ଦୁଃଖ ବଢୁଥିବାର କୋହ୍ଲମାନଙ୍କର ବିଶ୍ୱାସ । କୌଣସି ବିପଦରେ ପଡ଼ିଲେ ଦେବାଦେବୀଙ୍କ ଠାରେ ହାଣ୍ଡିଆ ମାନସିକ (ହାଣ୍ଡିଆ ହାଣ୍ଡିର ପରିଣାମ) କରିଥାଆନ୍ତି ।

## ବିଭିନ୍ନ ଅବସରରେ ପାନୀୟ:

ହୋ/କୋହ୍ଲ ସମାଜରେ ହାଣ୍ଡିଆ ଏକ ଜରୁରୀ ପାନୀୟ । ମଦ ଓ ରସି କେବେ କେବେ ପ୍ରସ୍ତୁତ କରନ୍ତି ଓ ଅନେପେକ୍ଷିତ ରୂପେ ବ୍ୟବହୃତତ ହୁଏ । ହାଣ୍ଡିଆ ପ୍ରାୟ ପ୍ରତିଦିନ ପ୍ରସ୍ତୁତ କରି ଘରେ ରଖନ୍ତି ଏବଂ ସବୁଦିନେ ପାନୀୟ ରୂପେ ଗ୍ରହଣ କରିଥାଆନ୍ତି । ଏମିତି ଖାଦ୍ୟ ବଦଳରେ ହାଣ୍ଡିଆ ପିଇ ମଧ୍ୟ ରହିଯାଆନ୍ତି କିମ୍ବା ଦିନ ଯାକର ଯେ କୌଣସି ସମୟରେ ହାଣ୍ଡିଆ ପିଇ ପାରନ୍ତି । ଘରକୁ ବନ୍ଧୁବାନ୍ଧବ ଆସିଲେ ଖାଦ୍ୟ ସହିତ ହାଣ୍ଡିଆ ଜରୁରୀ ହୋଇପଡ଼େ । ହାଣ୍ଡିଆ ପାନ କରି ବନ୍ଧୁ କିମ୍ବା ଅତିଥି ସତ୍କାରରେ ପ୍ରୀତ ହୋଇଥାଆନ୍ତି । ପ୍ରତ୍ୟେକ ପର୍ବପର୍ବାଣୀରେ ହାଣ୍ଡିଆ ପାନୀୟ ଭାବରେ ଗ୍ରହଣ କରି ହୋ/କୋହ୍ଲ ସମାଜ ଜୀବନକୁ ଆନନ୍ଦ ମୁଖରିତ କରିବା ସହ ପର୍ବପର୍ବାଣୀର ଉଲ୍ଲାସକୁ ଦ୍ୱିଗୁଣିତ କରିଥାଆନ୍ତି । ସମସ୍ତ ପୂଜାପାଠରେ ମଧ୍ୟ ହାଣ୍ଡିଆ ଜରୁରୀ । ସେମାନଙ୍କର ସବୁ ଦେବାଦେବୀଙ୍କ ଠାରେ ହାଣ୍ଡିଆ ଭୋଗ ଲାଗିଥାଏ । ଏପରିକି ହାପାଲାମ୍ ବା ପୂର୍ବପୁରୁଷଙ୍କୁ ହାଣ୍ଡିଆ ଅର୍ପଣ ନ କଲେ ପେଟବ୍ୟଥା କିମ୍ବା ରୋଗବ୍ୟାଧି ହୁଏ ବୋଲି ସେମ୍ୟାନଙ୍କର ବିଶ୍ୱାସ । ବିବାହୋତ୍ସବରେ କୋହ୍ଲମାନେ ହାଣ୍ଡିଆ ପ୍ରଚୁର ପରିମାଣରେ ପିଅନ୍ତି । ସ୍ୱଜାତିର ନିମନ୍ତ୍ରିତ ଅତିଥି କିମ୍ବା ବଂଧୁମାନେ ହାଣ୍ଡିଆ ଉପହାର ସ୍ୱରୂପ ମଧ୍ୟ ଆଣିଥାଆନ୍ତି । ପିଲାର ଏକୋଇଶାରେ ଘରେ ହାଣ୍ଡିଆ ଆଣି ଏକୋଇଶାରେ ଯୋଗ ଦେଇଥାଆନ୍ତି । ଶବଦାହ ପରେ ବଂଧୁବାନ୍ଧବ ଏବଂ ଗ୍ରାମବାସୀ

ସଂପୃକ୍ତ ପରିବାର ପାଇଁ ହାଣ୍ଡିଆ ପ୍ରଦାନ କରନ୍ତି କିନ୍ତୁ ଶୁଦ୍ଧିକ୍ରିୟା ଦିନ ଗୃହକର୍ତ୍ତା ସମସ୍ତ ଗ୍ରାମବାସୀ ତଥା ବଂଧୁମାନଙ୍କୁ ଖାଦ୍ୟସହ ହାଣ୍ଡିଆ ଦେଇ ଆପ୍ୟାୟିତ କରିଥାଆନ୍ତି । ଗ୍ରାମଦେବତୀଙ୍କ ପୂଜା ସମୟରେ ପୂଜାରେ ବସିଥିବା ଗ୍ରାମବାସୀଙ୍କୁ ହାଣ୍ଡିଆ ପ୍ରଦାନ କରାଯାଇଥାଏ । କନ୍ୟାସୁନା ବା ପଣ ସହ ବରପକ୍ଷ କନ୍ୟାଘରକୁ ହାଣ୍ଡିଆ ମଧ୍ୟ ପ୍ରଦାନ କରିପାରନ୍ତି । ଗ୍ରାମସଭାରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ଟଙ୍କା ସହିତ ହାଣ୍ଡିଆ ଜୋରିମାନ କରାଯାଇଥାଏ । କାମବେଳେ ମୂଲିଆ ପକାଇଲେ ହାଣ୍ଡିଆ ଦିଆଯାଏ । ସହଯୋଗ ଭିତ୍ତି ଶ୍ରମଦାନ କଲେ ମଧ୍ୟ ହାଣ୍ଡିଆ ଖୁସୀରେ ପାନ କରାଯାଏ । ତେବେ କୋହ୍ଲମାନଙ୍କର ଜୀବନଧାରାରେ ହାଣ୍ଡିଆ ଅନିବାର୍ଯ୍ୟ ।

## ସଂରକ୍ଷଣ ପ୍ରଣାଳୀ:

ସଂରକ୍ଷଣ ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଯାଏ ନାହିଁ। ହାଣ୍ଡିଆ ତିନିଦିନ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇପାରେ । ଆଉ ଅଧିକ ଦିନ ରଖିଲେ ତାହା ଅଧିକ ଖଟା ହୋଇ ଦେହ ପାଇଁ ଉପକାର ବଦଳରେ ଅପକାର ହୋଇଥାଏ । ହାଣ୍ଡିଆର ଖାଦ୍ୟପ୍ରାଣ ନଷ୍ଟ ହୋଇଯାଏ । ତେଣୁ ତିନିଦିନ ଯାଏଁ ହାଣ୍ଡିଆ ଗୋଟିଏ ହାଣ୍ଡି (ମାଟି)ରେ ରଖାଯାଇପାରେ । ହାଣ୍ଡିଟି ଚୂଲ୍ଲା ଉପରେ ବିଶେଷ ଗତାଗତ କରୁନଥିବା କୋଠରୀରେ ରଖନ୍ତି । ସଂରକ୍ଷଣ ନ କରି ମଧ୍ୟ ହାଣ୍ଡିଆ ଏମିତି ସବୁବେଳେ ପ୍ରସ୍ତୁତ ହୁଏ ।

ମଦ ୧୦/୧୨ ଦିନ ବା ମାସେ ଯାଏଁ ରହିପାରେ । ଏହାକୁ କାଚ ବୋତଲ ବା ଶିଶିରେ ଭଲ ଭାବରେ ଠିପି ଦେଇ ରଖନ୍ତି । ହାଣ୍ଡିଆ ରସି କିମ୍ବା ମହୁଲି ରସି ପ୍ରାୟତଃ ସଂରକ୍ଷିତ ହୁଏନାହିଁ । କାରଣ ତାହା କମ୍ ହୁଏ ଅଳ୍ପ ବାହାରେ । ସଂଗେ ସଂଗେ ପାନ କରିଥାଆନ୍ତି ।

## ପାନୀୟର ଉପାଦେୟତା: ଉପକାର ଓ ଅପକାର

ପାନୀୟର ଖାଦ୍ୟ ମୂଲ୍ୟ ହୋ/କୋହ୍ଲସମାଜ ପାଇଁ ଅତି ବେଶୀ । କାରଣ ଖାଦ୍ୟ ନଖାଇ ମଧ୍ୟ ସେମାନେ କେବଳ ହାଣ୍ଡିଆ ପିଇ ରହିଯାଇପାରନ୍ତି । ସକାଳେ ଖାଦ୍ୟ ନଖାଇ ହାଣ୍ଡିଆ ପିଅନ୍ତି । ଘରେ ପଖାଳ ନଥିଲେ ହାଣ୍ଡିଆ ପିଇ କାମକୁ ବାହାରି ଯାଆନ୍ତି । ଦିନଯାକ ଭୋଗହେଲେ ଖାଦ୍ୟ ନ ପାଇଲେ ହାଣ୍ଡିଅ ପିଇଦେଇ ରହିଯାଆନ୍ତି ଓ କାମ ମଧ୍ୟ କରିପାରନ୍ତି । ଅର୍ଥାତ୍ ସେମାନଙ୍କ ପକ୍ଷରେ ହାଣ୍ଡିଆ ବା ପାନୀୟର ମୂଲ୍ୟ ଖାଦ୍ୟ ମୂଲ୍ୟ ସହିତ ସମାନ । ସେମାନଙ୍କର ଧାରଣା ଯେ ଭାତ ଚାଉଳରୁ ହୁଏ

ଏବଂ ହାଣ୍ଡିଆ ମଧ୍ୟ ଚାଉଳରୁ ପ୍ରସ୍ତୁତ କରାଯାଏ । ତେଣୁ ଭାତର ଖାଦ୍ୟ ପ୍ରାଣ ଯାହା ହାଣ୍ଡିଆର ଖାଦ୍ୟପ୍ରାଣ ସେଇଆ । ବରଂ ହାଣ୍ଡିଆରେ ମଲିକା ପଡ଼ିଥିବାରୁ ତାହା ଦେହକୁ ଅଧିକ ଶକ୍ତି ଯୋଗାଇଥାଏ ।

**ଉପକାର:** ହାଣ୍ଡିଆର ଉପକାର ଗୁଣ କୋହ୍ଲ ସମାଜ ପାଇଁ ଅବର୍ଣ୍ଣନୀୟ । ହାଣ୍ଡିଆ ଖାଦ୍ୟଶକ୍ତି ଯୋଗାଏ, ଶରୀରକୁ ସୁସ୍ଥ ରଖେ, ହଜମ ଶକ୍ତି ବଢ଼ାଏ, ଫାଇଲେରିଆ, ପେଟ ଫୁଲା, ଅଜିର୍ଣ୍ଣ ରୋଗ ଭଲ ହୁଏ ଝାଡା ପରିଷ୍କାର କରାଏ, ପେଟ ଥଣ୍ଡା ରଖେ, କାମ କରିବାକୁ ଆଗ୍ରହ ଆସେ ପରିଶ୍ରମ କରି ଥକିପଡ଼ିଲେ ହାଣ୍ଡିଆ କ୍ଳାନ୍ତି ଦୂରକରେ, ଦେହ ଫୁଟିଲାଗେ,ହାଣ୍ଡିଆ ପିଇଦେଇ କଠିନ ପରିଶ୍ରମ କରିହୁଏ, ଦୁଃଚିନ୍ତା ଦୂର କରେ ଏବଂ ବେଶ୍ ଆନନ୍ଦ ଉପଲବ୍ଧ ହୋଇଥାଏ । ହାଣ୍ଡିଆ ଭୋଗ ପାନ କଲେ ଭକ୍ତିଭାବ ଉଦ୍ରେକ ହୁଏ କିମ୍ବା ବଢ଼ାଏ ଏତଦ୍ ଭିନ୍ନ ଉତ୍ସବାନୁଷ୍ଠାନମାନଙ୍କରେ ହାଣ୍ଡିଆ ପାନ କରି କୋହ୍ଲସମାଜ ଜୀବନର ମାଦକତା ଅନୁଭବ କରିଥାଆନ୍ତି । ବନ୍ଧୁଚର୍ଚ୍ଚାରେ ହାଣ୍ଡିଆ ବ୍ୟବହାର କରୁଥିବାରୁ ପରସ୍ପର ମଧ୍ୟରେ ପ୍ରୀତିଭାବ ଅକ୍ଷୁର୍ଣ୍ଣ ରହେ । ତେଣୁ ହାଣ୍ଡିଆ କୋହ୍ଲସମାଜର ଏକତା ସଦ୍‌ଭାବକୁ ରକ୍ଷା କରିବା ସହିତ ସାମାଜିକ, ସଂସ୍କୃତିକ,ଆଧ୍ୟାତ୍ମିକ ତଥା ମନସ୍ତାତ୍ତ୍ୱିକ ଭାବଧାରାକୁ ବେଶ୍ ପ୍ରଭାବିତ କରିବାରେ ସକ୍ଷମ ହୋଇଥାଏ ।

**ଅପକାର:** ହୋ/କୋହ୍ଲ ସମାଜ ପାଇଁ ପାନୀୟର ଅପକାରୀତା ବିଶେଷ ନାହିଁ । ତେବେ ମାତ୍ରାଧିକ ପିଇଲେ ଅପକାରର ପ୍ରଶ୍ନ ଉଠିଥାଏ । ବେଶୀ ପିଇ ଦେଲେ ନିଶା ହୁଏ । ନିଶାହେଲେ ଘରେ ଝଗଡ଼ା ହୁଏ । ପାରିବାରିକ ଗଣ୍ଡଗୋଳ ବା ଅଶାନ୍ତି ସୃଷ୍ଟି ହୋଇଥାଏ । ମାଡ଼ ମରାମରି ହୋଇ ପରିବାର ବିକ୍ଷିପ୍ତ ହୋଇପାରେ । ହିତାହିତ ଜ୍ଞାନ ହଜିଯାଏ । ବୁଦ୍ଧି ଭ୍ରମ ହୁଏ, ବାଟ ଚାଲି ହୁଏନାହିଁ, ଚତୁର୍ଦ୍ଦିଗ ଅନ୍ଧାର ଦେଖାଯାଏ । ଅବାଟରେ ଯାଇ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡ଼େ । କାମ କରିବାକୁ ଶକ୍ତି, ସାହସ କିମ୍ବା ଇଚ୍ଛା ହୁଏନାହିଁ । ପେଟ ଫୁଲାଇ ଦିଏ । ନିଶାସକ୍ତ ହୋଇ ଅଭ୍ୟସ୍ତ ହୋଇଗଲେ ପାନୀୟ ପାନ ନ କଲେ ଚଳତ୍ ଶକ୍ତିହୀନ ହୋଇଯାଆନ୍ତି । ଅର୍ଥାଭାବ ଘଟେ, ପରିବାରର ସଭିଏଁ ଏହାର ଶୀକାର ହୁଅନ୍ତି । ଶେଷରେ ସଂପତ୍ତି ବିକ୍ରି କରି ରାସ୍ତାର ଭିଖାରୀ ସାଜିବାକୁ ପଡ଼େ । ଆସ୍ତେ ଆସ୍ତେ ଦେହ-ମନ ସବୁ ଦୁର୍ବଳ ହୋଇଯାଏ । ଗ୍ରାମବାସୀ, ବଂଧୁପରିଜନଙ୍କ ସହିତ ସଂପର୍କ ଖରାପ ହୁଏ । କିଛି ନା କିଛି ଅଘଟଣ ଘଟାଇ ଗ୍ରାମସଭା ଦ୍ୱାରା ଦଣ୍ଡିତ ହୁଏ । ସଭିଏଁ ମଦୁଆ, ମାତାଲିଆ କହି ଭର୍ତ୍ସନା କରିବା ସହିତ ଟାହିଟାପରା ମଧ୍ୟ କରନ୍ତି । ସାହାଯ୍ୟ ସହାନୁଭୂତି ମିଳେନାହିଁ । ଶେଷରେ ସାମାଜିକ ବାସନ୍ଦ ହେବାକୁ ପଡ଼ିଥାଏ ।

## ଦେବାଦେବୀଙ୍କ ସହିତ ପାନୀୟର ସଂପର୍କ:

ହୋ/କୋହ୍ଲ ସଂପ୍ରଦାୟରେ ପ୍ରତ୍ୟେକ ଦେବାଦେବୀଙ୍କ ସହିତ ସେମାନଙ୍କର ପାନୀୟ ହାଣ୍ଡିଆର ସଂପର୍କ ଅତି ନିବିଡ଼ । କାରଣ ପ୍ରତ୍ୟେକ ପୂଜାପାଠରେ ହାଣ୍ଡିଆ ଭୋଗ ସ୍ୱରୂପ ଦେବାଦେବୀଙ୍କ ଠାରେ ଅର୍ପଣ କରିବା ଏକ ଆଧ୍ୟାତ୍ମିକ ପରମ୍ପରା ଏହା ଦ୍ୱାରା ଦେବାଦେବୀ ସନ୍ତୁଷ୍ଟ ହୋଇ ସେମାନଙ୍କୁ ଆଶୀର୍ବାଦ ଦେଇଥାଆନ୍ତି ବୋଲି କୋହ୍ଲମାନଙ୍କର ବିଶ୍ୱାସ । ପୂର୍ବପୁରୁଷଙ୍କ ଠାରେ ହାଣ୍ଡିଆ ଭୋଗ ଦେଲେ ଗୃହରେ ଅଶାନ୍ତି କିମ୍ବା ଅସୁସ୍ଥତା ରହେନାହିଁ । ରୋଗବ୍ୟାଧି ଦୂର ହୁଏ । ଜଙ୍ଗଲ ପାହାଡ଼ ଏବଂ ନଦୀ ଦେବତାଙ୍କୁ ହାଣ୍ଡିଆ ଭୋଗ ଦେଲେ ସେମାନେ ସନ୍ତୁଷ୍ଟ ହୁଅନ୍ତି । ଫଳରେ ସେମାନେ ନିର୍ବିଘ୍ନରେ ଜଙ୍ଗଲ, ପାହାଡ଼ କିମ୍ବା ନଦୀକୁ ଯାଇପାରନ୍ତି । ଆବଶ୍ୟକୀୟ ଦ୍ରବ୍ୟ ସଂଗ୍ରହ କରିବା ସହିତ ଶୀକାର ମଧ୍ୟ କରିପାରନ୍ତି । ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ମିଳେ ଭଲ ବର୍ଷା ହେବା ସହ ଚାଷ ମଧ୍ୟ ଭଲ ହୁଏ । ଗ୍ରାମ ଦେବାଦେବୀ ସନ୍ତୁଷ୍ଟ ହୋଇ ଗ୍ରାମର ସର୍ବରିଷ୍ଟ ଖଣ୍ଡନ କରନ୍ତି । କେତେ ହାଣ୍ଡି ହାଣ୍ଡିଆ ଦେବାଦେବୀଙ୍କ ଠାରେ ଅର୍ପଣ କରାଯିବ, ତାହା ମାନସିକ ମଧ୍ୟ କରନ୍ତି ଓ ତଦନୁସାରେ ସଂପୃକ୍ତ ଦେବାଦେବୀଙ୍କ ଠାରେ ହାଣ୍ଡିଆ ଅର୍ପିତ ହୁଏ । ହାଣ୍ଡିଆ ହୋ/କୋହ୍ଲ ସଂପ୍ରଦାୟର ଦେବତାଙ୍କ ଠାରୁ ସୃଷ୍ଟି ହୋଇ ପ୍ରଥମେ ଦେବତାଙ୍କୁ ଅର୍ପଣ କରାଯାଇଥିବାରୁ ଏବଂ ଦେବତାଙ୍କ ନିର୍ଦ୍ଦେଶରେ ଆଦିପୁରୁଷ ଓ ଆଦିନାରୀ ତାହା ସେବନ କରିଥିବାରୁ ସେମାନଙ୍କ ଦେବାଦେବୀଙ୍କ ସହିତ ହାଣ୍ଡିଆର ସଂପର୍କ ଆଧ୍ୟାତ୍ମିକବାଦର ଭିତିଭୂମି ଉପରେ ପ୍ରତିଷ୍ଠିତ ।

## ମହିଳା ଓ ପାନୀୟ:

ହୋ/କୋହ୍ଲ ସମାଜର ସ୍ତ୍ରୀ ଲୋକଙ୍କ ପାଇଁ କୌଣସି ପ୍ରକାର ପାନୀୟ ସେବନର କୌଣସି ପ୍ରତି ବନ୍ଧକ ନାହିଁ । ସମସ୍ତେ ନିଜ ନିଜର ରୋଚକ ତଥା ଇଚ୍ଛା ଅନୁଯାୟୀ ପାନ କରିପାରନ୍ତି । ସ୍ତ୍ରୀ ଲୋକମାନେ ପୁରୁଷଙ୍କ ସହିତ ଏକତ୍ର ବସି ପିଇବାରେ ମଧ୍ୟ କିଛି ବାରଣ ନାହିଁ । ପିଲାର ୧୦-୧୨ ବର୍ଷ ବୟସ ଠାରୁ ସେ ବେଶ୍ ପିଇପାରେ । ଛୋଟ ଛୋଟ ପିଲାମାନେ ଅଳ୍ପ ଅଳ୍ପ ପିଇପାରନ୍ତି । ତେବେ ଗର୍ଭବତୀ ମହିଳାଙ୍କ ପାଇଁ ହାଣ୍ଡିଆ, ମଦ ଆଦି ପାନୀୟ ଗ୍ରହଣ କରିବାର ବାରଣ ଥାଏ । ଗର୍ଭସଂଚାର ହେବା ଦିନ ଠାରୁ ପିଲାଜନ୍ମ ହୋଇ ଏକୋଇଶା ନ ଯିବା ପର୍ଯ୍ୟନ୍ତ ସେ ପାନୀୟ ପ୍ରାୟତଃ ସେବନ କରେନାହିଁ । କୌଣସି ରୋଗବ୍ୟାଧି ହେଲେ ପାନୀୟ ଗ୍ରହଣ କରିବାକୁ ବାରଣ କରାଯାଇଥାଏ ।

## ପୁରୁଷ ଓ ପାନୀୟ:

ହୋ/କୋହ୍ଲ ପୁରୁଷମାନଙ୍କ ପାଇଁ କୌଣସି ସମୟରେ କୌଣସି ପାନୀୟ ସେବନ କରିବାରେ କୌଣସି ପ୍ରକାର ବାରଣ କିମ୍ବା ପ୍ରତିବନ୍ଧକ ନଥାଏ । ତେବେ ରୋଗବ୍ୟାଧି ହେଲେ ଅଳ୍ପ ଅଳ୍ପ ପିଅନ୍ତି କିମ୍ବା ଦୂରାରୋଗ୍ୟ ବ୍ୟାଧି ହେଲେ ଅଳ୍ପ ଅଳ୍ପ ପିଅନ୍ତି, କିମ୍ବା ଦୂରାରୋଗ୍ୟ ବ୍ୟାଧି ହେଲେ ପିଇବାକୁ ଦିଅନ୍ତି ନାହିଁ । ବାହାଘର ସମୟରେ କର୍ମକାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ବର କନ୍ୟା ଓ ବର-କନ୍ୟାଙ୍କର ପିତାମାତା କୌଣସି ପ୍ରକାର ଖାଦ୍ୟ ସହିତ ପାନୀୟ ଗ୍ରହଣ କରି ନଥାଆନ୍ତି ।

## ଉପଲବ୍ଧିର ସମୟ ଓ ସର୍ବାଧିକ ସେବନର ସମୟ:

ହୋ/କୋହ୍ଲ ସଂପ୍ରଦାୟ ଅପେକ୍ଷାକୃତ ଭାବରେ ପ୍ରାୟତଃ ସ୍ୱଚ୍ଛଳ ଥିବାରୁ ଏବଂ ହାଣ୍ଡିଆର ପାନୀୟ ତଥା ଖାଦ୍ୟମୂଲ୍ୟ ସମାନ ଉପଲବ୍ଧ ହେଉଥିବାରୁ ଏମାନେ ବର୍ଷଯାକ ହାଣ୍ଡିଆ ବେଶ୍ ବ୍ୟବହାର କରିଥାଆନ୍ତି । ସେହି ଅନୁସାରେ ପ୍ରସ୍ତୁତ ମଧ କରନ୍ତି । ପ୍ରାୟ କୋହ୍ଲଙ୍କର ଚାଷଜମି ଥାଏ କିମ୍ବା ମଜୁରୀ କାମ କରି କିମ୍ବା ଅନ୍ୟାନ୍ୟ ଛୋଟମୋଟ କାମଧନ୍ଦା କରି ଅର୍ଥ ଉପାର୍ଜନ କରିଥାଆନ୍ତି । ତେଣୁ ହାଣ୍ଡିଆର ଗୁରୁତ୍ୱ ଥିବାରୁ ଏମାନେ ପ୍ରାୟ ପ୍ରସ୍ତୁତ କରି ବର୍ଷଯାକ ସେବନ କରିଥାଆନ୍ତି । ତେବେ ଫସଲ ଆମଦାନୀ ପରେପଡୁଥିବା ପର୍ବପର୍ବାଣୀଗୁଡ଼ିକରେ ଅଧିକ ହାଣ୍ଡିଆ ପ୍ରସ୍ତୁତ ହୁଏ । ମଳିକା ଗୋଳି ତ ସଂରକ୍ଷିତ ଥାଏ । ତେଣୁ ହାଣ୍ଡିଆ ପ୍ରସ୍ତୁତିରେ ଅସୁବିଧା ହୁଏନାହିଁ । ତେବେ ମଦ ପ୍ରାୟତଃ ମହୁଲ ସମୟରେ ପ୍ରସ୍ତୁତ କରନ୍ତି । କାରଣ ସବୁ ସମୟରେ ମହୁଲ ମିଳେ ନାହିଁ । ଯଦି କେହି ମହୁଲ ଶୁଖାଇ ସଂରକ୍ଷଣ କରିଥାଆନ୍ତି, ତେବେ ବେଳେବେଳେ ଅନ୍ୟ ସମୟରେ ମଦ ପ୍ରସ୍ତୁତ କରିପାରନ୍ତି ।

କିନ୍ତୁ ସର୍ବାଧିକ ହାଣ୍ଡିଆ ସେବନ କରାଯାଇଥାଏ ବିବାହୋତ୍ସବ ଏବଂ ମକରପର୍ବରେ । ଏହି ଦୁଇଟି ଉତ୍ସବରେ ଧନୀ ଗରୀବ ନିର୍ବିଶେଷରେ ହାଣ୍ଡିଆ ପ୍ରଚୁର ପରିମାଣରେ ପ୍ରସ୍ତୁତ ହୁଏ ଓ ସେବନ କରିଥାଆନ୍ତି । ହୋ/କୋହ୍ଲମାନଙ୍କର ଏଇ ଦୁଇଟି ଉତ୍ସବ ବୋଧହୁଏ ସବୁଠାରୁ ଅଧିକ ଆନନ୍ଦ ପ୍ରଦାୟକକାରୀ । ବିବାହ ଉତ୍ସବରେ ଘରେ ତ ହାଣ୍ଡିଆ ପ୍ରସ୍ତୁତ ହୁଏ, ସେଥିରେ ପୁଣି ନିମନ୍ତ୍ରିତ ବନ୍ଧୁବାନ୍ଧବ ଅତିଥି ଅଭ୍ୟାଗତ ସମସ୍ତେ ହାଣ୍ଡିଆ ନେଇ ବାହାଘରରେ ଯୋଗଦାନ କରିଥାଆନ୍ତି । କନ୍ୟାସୁନା ବା ପଣ ସହିତ ମଧ ହାଣ୍ଡିଆ ପ୍ରଦାନ କରାଯାଇଥାଏ । ବାହାଘରରେ ଗ୍ରାମବାସୀ ୫ ଜଣଙ୍କୁ (୧ରୁ ୧୦୦୦ ପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ପାଞ୍ଚଜଣ କୁହାଯାଏ) ୭ ହାଣ୍ଡି ହାଣ୍ଡିଆ ପିଇବାକୁ

ଦିଆଯାଏ ପୁଣି ଘର-ପରିବାର ତଥା ବଂଧୁବାନ୍ଧବଙ୍କ ପାଇଁ ତ ଅଲଗା । ମକରରେ ସେହିପରି ହୋ/କୋହ୍ଲ ସଂପ୍ରଦାୟର ପ୍ରତ୍ୟେକଟି ପରିବାର ଆବାଳବୃଦ୍ଧ ବନିତା ହାଣ୍ଡିଆ ବେଶ୍ ସେବନ କରନ୍ତି । ମକର ପର୍ବ ୩ରୁ ୭/୮/୯/୧୦ ଦିନ ଯାଏଁ ଚାଲେ । ସବୁଦିନେ ହାଣ୍ଡିଆ ଜରୁର ପିଅନ୍ତି । ମଉଜ ମଜଲିସରେ ସବୁଠାରୁ ବଡ଼ ମକର ପର୍ବ କୋହ୍ଲମାନେ ପାଳନ କରିଥାଆନ୍ତି । ଏହି ସମୟରେ କିଏ କିଷ ମଦ ପ୍ରସ୍ତୁତ କରି ପାନ କରିଥାଆନ୍ତି । ପ୍ରସ୍ତୁତ ନ କରପାରିଲେ କ୍ରୟ କରି ମଧ ମଦ ପିଇଥାଆନ୍ତି । ଏହି ଦୁଇଟି ଉତ୍ସବରେ ପାନୀୟ ସେବନ କରିବାରେ କାହାରି କୌଣସି ପ୍ରକାର ପ୍ରତିବନ୍ଧକ ନଥାଏ ।

## ଅପରିହାର୍ଯ୍ୟ ସମୟ:

ହୋ/କୋହ୍ଲ ସଂପ୍ରଦାୟର କେତେକ ପୂଜାଅନୁଷ୍ଠାନ ବିବାହୋତ୍ସବ, ଏକୋଇଶା, ଶବଦାହ ଏବଂ ଶୁଦ୍ଧିକ୍ରିୟାରେ ହାଣ୍ଡିଆ ସେବନ ଅତ୍ୟାବଶ୍ୟକ ହୋଇଥାଏ । ବାହାଘରରେ ହାଣ୍ଡିଆ ଘରେ ବହୁ ପରିମାଣରେ ପ୍ରସ୍ତୁତ କରାଯାଏ । ପରିବାର ବନ୍ଧୁବାନ୍ଧବ, ଅତିଥି ଅଭ୍ୟାଗତ ତଥା ଗ୍ରାମବାସୀଙ୍କ ପାଇଁ କିନ୍ତୁ ସ୍ୱତନ୍ତ୍ର ଭାବରେ ଗ୍ରାମବାସୀ ୫ ଜଣଙ୍କ ପାଇଁ ପାଇଁ ୭ ହାଣ୍ଡି ହାଣ୍ଡିଆ ପ୍ରସ୍ତୁତ କରାଯାଇଥାଏ । ଏହା ବ୍ୟତୀତ ବଂଧୁବାନ୍ଧବମାନେ ମଧ ହାଣ୍ଡିଆ ଉପହାର ସ୍ୱରୂପ ପ୍ରଦାନ କରିଥାଆନ୍ତି । ସେହିପରି ଏକୋଇଶାରେ ଗ୍ରାମବାସୀ ୫ ଜଣଙ୍କୁ ୩ ହାଣ୍ଡି ହାଣ୍ଡିଆ ସେବନ କରିବାକୁ ଦିଆଯାଇଥାଏ । ପରିବାର, ବଂଧୁବାନ୍ଧବଙ୍କ ପାଇଁ ଅଲଗା ଅଧିକ ହୁଏ । ପିଲାର ଅଜାଆଇ, ମାମୁଁ ମାଇଁ ମଧ ହାଣ୍ଡିଆ ଉପହାର ଆଣନ୍ତି । ଶବଦାହ ଦିନ ଗ୍ରାବାସୀ ଓ ବଂଧୁବାନ୍ଧବ ସଂପୃକ୍ତ ପରିବାରର ଲୋକମାନଙ୍କୁ ହାଣ୍ଡିଆ ସେବନ ପାଇଁ ପ୍ରଦାନ କରିଥାଆନ୍ତି । କାରଣ ସେଦିନ ମୃତ ପରିବାରରେ ଚୂଲୀ ଜଳେନାହିଁ । ଶୁଦ୍ଧିକ୍ରିୟାରେ ମୃତ ପରିବାରର କର୍ତ୍ତା ଗ୍ରାମବାସୀଙ୍କୁ ହାଣ୍ଡିଆ ପିଇବାକୁ ଦେବା ଜରୁରୀ ପିଲା ମୃତ୍ୟୁବରଣ କରିଥିଲେ ୩ ହାଣ୍ଡି ହାଣ୍ଡିଆ, ବଡ଼ ଲୋକର ମୃତ୍ୟୁର ୫ରୁ ୭ ହାଣ୍ଡି ପର୍ଯ୍ୟନ୍ତ ହାଣ୍ଡିଆର ବ୍ୟବସ୍ଥା କରାଯାଇଥାଏ । ଯେଉଁମାନେ ଶବ ବୋହି ଥାଆନ୍ତି ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ଏକ ହାଣ୍ଡି ହାଣ୍ଡିଆ ଦିଆଯାଏ । ସକ୍ଷମ ଅନୁସାରେ ଅଧିକ ମଧ ହୋଇପାରେ କିନ୍ତୁ ଉପରୋକ୍ତ ପରିମାଣ କମେ ନାହିଁ ।

ପୂଜା ମଧରେ ଘରୋଇ ପୂର୍ବପୁରୁଷଙ୍କ ପୂଜାମାଗେ ପର୍ବ, ଶାଳେଇ ପୂଜା ଓ କରମ ପୂଜାରେ ହାଣ୍ଡିଆ, ଭୋଗ ପ୍ରଦାନ ତଥାହାଣ୍ଡିଆ ସେବନ ଅତ୍ୟାବଶ୍ୟକ । ଅନ୍ୟ

ପୂଜାମାନଙ୍କରେ ମନସ୍ତାତ୍ତ୍ୱିକ ବା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ହାଣ୍ଡିଆ ବ୍ୟବହୃତ ହୁଏ କିମ୍ବା ପାରମ୍ପରିକତା ରକ୍ଷା ପୂର୍ବକ ହାଣ୍ଡିଆ ଭୋଗ ଅର୍ପଣ କରାଯାଇଥାଏ ।

ହାଣ୍ଡିଆ ଯେ ହୋ/କୋହ୍ଲ ସଂପ୍ରଦାୟରେ ଖାଦ୍ୟମୂଲ୍ୟ ଭିତ୍ତିକ ଏକ ବଳିଷ୍ଠ ପାନୀୟ ଏହା ଅନସ୍ୱୀକାର୍ଯ୍ୟ । ପାନୀୟ ସେବନ ସମୟରେ ଗୀତ:

**ହୋ/କୋହ୍ଲ:** "ନିଦାଦମ୍ ନୁ ବୁଲାକାନାଗା
ସିଙ୍ଗିଦମ୍ ସେଙ୍ଗେରାକାନା
ତାୟରମ୍‌ରେମ୍ ତାନମ୍‌ତୂନୁମାଗା
କସଓ୍ୱାଁମେରମ୍ ଜମ୍‌ଚାବାୟାତାନା"

**ଓଡ଼ିଆ:** "ନିଶାପାନ କରି ରାତି ପାହିଲା
ଅବସାଦେ ଶୋଇ ଦିନତ ଗଲା
ପଛରେ ପଡ଼ିଛ କାହିଁକି ଭଲା
ସବୁ ଜଞ୍ଜାଳ ଏବେ ଘନେଇ ଆସିଲା ।"

ହୋ/କୋହ୍ଲ ସମାଜରେ 'ବା' ପର୍ବରେ ପାନୀୟ ସେବନ ସମୟରେ ଏହି ଗୀତଟି ପୁରୁଷ ଏବଂ ସ୍ତ୍ରୀ- ଉଭୟ ଦ୍ୱୈତ କଣ୍ଠରେ ଗାଇଥାଆନ୍ତି ।

❑❑❑

# କନ୍ୟାସୁନା
## (ବାପ୍‌ଲା / ଗନଂ)

ଅନ୍ୟ ଆଦିବାସୀ ସଂପ୍ରଦାୟ ପରି କୋହ୍ଲ ସମାଜରେ ମଧ୍ୟ କନ୍ୟାସୁନା ପ୍ରଥା ପାରମ୍ପରିକ ସମୟାନୁକ୍ରମେ ଏହାର ପରିମାଣ ତଥା ଶୈଳୀରେ ପରିବର୍ତ୍ତନ ଆସିଥାଇ ପାରେ କିନ୍ତୁ କନ୍ୟାସୁନା ପ୍ରଥାର ଅସ୍ତିତ୍ୱ ଅକ୍ଷୁର୍ଣ୍ଣ ରହିଛି ।

### କନ୍ୟାସୁନା-ଧାରଣା, ଉତ୍ପତ୍ତି ଓ ଇତିବୃତ୍ତ:

ହୋ/କୋହ୍ଲ ସଂପ୍ରଦାୟରେ ବିବାହ ପୂର୍ବରୁ ପରଂପରା ଭିତ୍ତିରେ ବରପକ୍ଷରୁ କନ୍ୟାଘରକୁ କନ୍ୟାସୁନା (ଗୋଟିଏ ଗାଈ ବା ବାଛୁରୀ,ଗୋଟିଏ ଛେଳି ବା କୁକୁଡ଼ା ଏବଂ ଟ ୧୦୧) ପ୍ରଦାନ କରାଯାଇଥାଏ । କୋହ୍ଲମାନେ ଏହାକୁ "ଗନଂ ସିଡ଼" କହନ୍ତି ।

ହୋ/କୋହ୍ଲ ସମାଜରେ କନ୍ୟାସୁନାର ଉତ୍ପତ୍ତି ଓ ଇତିହାସ ସଂପର୍କରେ ଏକ ସୁନ୍ଦର କିମ୍ବଦନ୍ତୀଟିଏ ଶୁଣିବାକୁ ମିଳେ । କାହାଣୀଟି ଏହିପରି - କୋହ୍ଲମାନେ ୧୨୪ କିଷମ ବିବାହ ଗୋତ୍ରରେ ବିଭକ୍ତ । ସେ ମଧ୍ୟରୁ 'କାରଆ' ଅନ୍ୟତମ । କାରଆକୁ କୁଲାହାବ୍‌କ ମଧ୍ୟ କୁହାଯାଇଥାଏ । ଯାହାର ଅର୍ଥ 'ବାଘ ଖାଏ' । ବହୁଦିନ ତଳର କଥା କାରଆ ଗୋତ୍ର (କିଲି) ହୋ/କୋହ୍ଲଙ୍କର ଏକ ଅନ୍ଧବିଶ୍ୱାସ ଥିଲା ଯେ ମୁହଁରେ ହାତ ନ ଦେଇ ହାଇ ମାରିଲେ, ବାଘ ଟାଣି ନେଇଖାଇଦିଏ । ତେଣୁ ସେମାନେ ଏହାକୁ ଅଶୁଭ ଲକ୍ଷଣ ବୋଲି ମାନୁଥିଲେ ଏବଂ କୌଣସି ଲୋକ ମୁହଁରେ ହାତ ନ ଦେଇ ହାଇ ମାରିବାର ଧରାପଡ଼ିଲେ, ତାକୁ ନେଇ ବାଘ ଗୁମ୍ଫାରେ ଛାଡ଼ି ଦେଉଥିଲେ । ଏହି ଅନ୍ଧବିଶ୍ୱାସର ଶୀକାର ହେଲା ଗୋଟିଏ ଗାଁର ମୁଖିଆଙ୍କ ଯୁବତୀ ଝିଅ । ଫଳରେ ତାକୁ ବାଘ ଗୁଂଫା ନିକଟକୁ ନେଇ ଭାତ ତରକାରୀ ରାନ୍ଧି ଖାଇବାକୁ ଦିଆଗଲା । ମୁଣ୍ଡର ବାଳକୁ କୁଣ୍ଡାଇ ଦେଇ ଝିଅଟିକୁ ବାଘଗୁଂଫା ପାଖରେ ବସାଇ ସମସ୍ତେ ଗ୍ରାମକୁ ବାହୁଡ଼ି ଗଲେ । କିଛି ଦୂରରେ ଥାଇ ଜଣେ ଗାଈ ଜଗୁଆଳ ଯୁବକ ଏ ସବୁ ଘଟଣା କୌତୁହଳର ସହ ଦେଖୁଥାଏ । ଭାଗ୍ୟକୁ ନିନ୍ଦା କରି ଯୁବତୀଟି କାନ୍ଦିବାକୁ ଲାଗିଲା । ଗାଈ ଜଗୁଆଳ ଯୁବକଟି ଏଥିରେ ମ୍ରିୟମାଣ ହୋଇ ସମସ୍ତ ଗୋରୁ-ଗାଈଙ୍କୁ ଗୁହାଳରେ ବାନ୍ଧି ଧନୁଶର ଧରି ଗୁମ୍ଫା ନିକଟକୁ ଫେରିଆସିଲା ଏବଂ ବାଘକୁ ଅପେକ୍ଷା କରିରହିଲା । ସଂଧ୍ୟା ହେବାରୁ ଏକ ମହାବାଳ ବାଘ ଯୁବତୀ ଉପରକୁ ପାଟି ମେଲାଇ ଲମ୍ଫ ପ୍ରଦାନ କରିବାକୁ ଉଦ୍ୟମ କରନ୍ତେ ଯୁବକଟି କାଳବିଳମ୍ବ ନ କରି ବାଘର ପାଟି ଭିତରକୁ

ଶର ନିକ୍ଷେପ କଲା । ଫଳରେ ବାଘର ମୃତ୍ୟୁ ହେଲା । ଯୁବକଟି ଯୁବତୀକୁ ଆଶ୍ୱାସନା ଦେଇ ନିଜ ଘରକୁ ନେଇଗଲା ଓ ଦୁହେଁ ସ୍ୱାମୀ ସ୍ତ୍ରୀ ଭାବରେ କାଳାତିପାତ କଲେ । ଦିନେ ଜଣେ ତନ୍ତୀ (ଯୁବତୀର ବାପାଙ୍କ ଗାଁ ଲୋକ) ଲୁଗା ବିକିବାକୁ ଏମାନଙ୍କ ଗ୍ରାମକୁ ଆସିଲା । ଯୁବତୀଟିକୁ ଦେଖି ତାଙ୍କ ଗାଁ ମୁଖିଆଙ୍କ ଝିଅ ବୋଲି ଚିହ୍ନିଲା ଏବଂ ଯୁବକଟିକୁ ନିରୋଳାରେ କହିଲା- "ମୁଁ ଏ ଯୁବତୀକୁ ଜାଣେ, ସେ ଆମ ଗ୍ରାମର ମୁଖିଆଙ୍କ ଝିଅ ତାକୁ ତୁମେ ସ୍ତ୍ରୀ ଭାବରେ ତୁମ ଘରେ ରଖି ଠିକ୍ କାମ କରିନାହଁ । ମୁଖିଆ ଏକଥା ଜାଣିଲେ ତୁମ ଜୀବନ ରହିବ କି ନା ସନ୍ଦେହ ।" ଯୁବକଟି ସାହସ ସଞ୍ଚୟ କରି ତନ୍ତୀକୁ କହିଲା- "ମୁଁ ଯୁବତୀର ମୂଲ୍ୟ ବାବଦକୁ ତିନିଟି ଗାଈ ଓ ଗୋଟିଏ ମଇଁଷି ଦେବାକୁ ପ୍ରସ୍ତୁତ ଅଛି । ତୁମେ ଯାଇ ତୁମ ମୁଖିଆଙ୍କୁ କୁହ ।" ତନ୍ତୀଟି ସେଦିନ ଆଉ ଲୁଗା ନ ବିକି ଗାଁକୁ ଫେରିଗଲା ଏବଂ ଗ୍ରାମ ମୁଖିଆଙ୍କୁ ସବୁ କଥା କହିଲା । ତନ୍ତୀ କଥାକୁ ବିଶ୍ୱାସ ନ କରି ସ୍ୱଜାତିର ଜଣେ ଲୋକକୁ ସତ୍ୟାସତ୍ୟ ଜାଣିବା ପାଇଁ ପଠାଇଲେ । ସେ ଆସି ସବୁ ସତ୍ୟ ବୋଲି ଜାଣିଲା ଏବଂ ଯୁବକଟି ସହିତ କଥାବାର୍ତ୍ତା ହୋଇ ମୁଖିଆଙ୍କୁ ଅବଗତ କରାଇଲା । ଏହାପରେ ମୁଖିଆ ଯୁବକ (ନିଜର ଜ୍ୱାଇଁ) ଠାରୁ ପଶୁଧନ ଭେଟି ଗ୍ରହଣ ପୂର୍ବକ ଝିଅ-ଜ୍ୱାଇଁଙ୍କୁ ଆଶୀର୍ବାଦ ଦେଲେ । ସେହିଦିନ ଠାରୁ କୋହ୍ଲ ସମାଜରେ କନ୍ୟାସୁନା ବା କନ୍ୟାଧନ ସ୍ୱରୂପ ପଶୁ (ଗାଈ, ଗୋରୁ, ବାଛୁରୀ ଇତ୍ୟାଦି) ଦେବା ନେବାର ପ୍ରଥା ପ୍ରଚଳିତ ହେଲା । ତତ୍ ସହିତ ମୁହଁରେ ହାତ ନଦେଇ ହାଇମାରିବା ଅଶୁଭ ଲକ୍ଷଣ ପରି ଅନ୍ଧବିଶ୍ୱାସର ପରିସମାପ୍ତି ଘଟିଲା ।

## କନ୍ୟାସୁନା ପ୍ରଥାର ପ୍ରଚଳନ:

ଆଦିକାଳରେ ହୋ/କୋହ୍ଲ ସଂପ୍ରଦାୟର କନ୍ୟାସୁନା ପ୍ରଥା ପ୍ରଚଳିତ ନଥିଲା । ସମ୍ଭବତଃ ମଧ୍ୟଯୁଗରୁ ଏହି ପରମ୍ପରା ପ୍ରଚଳନ ହେଲା । ବର୍ତ୍ତମାନ ଏହା ଓଡ଼ିଶାରେ ବହୁଳ ମାତ୍ରାରେ ଚାଲୁଥିବା ସ୍ଥଳେ ଝାଡ଼ଖଣ୍ଡ ପ୍ରଦେଶରେ ବିଲୟ ହେବାକୁ ବସିଲାଣି । କନ୍ୟାସୁନା ପ୍ରଥାର ଆରମ୍ଭବେଳକୁ ଏ ବାବଦରେ ଏକାଧିକ (୫୦/୬୦) ଗାଈଗୋରୁ ପ୍ରଦାନର ବ୍ୟବସ୍ଥା ଥିବାବେଳେ, ତାହା କାଳକ୍ରମେ ଯୋଡ଼ିଏ ବଳଦ ଓ ଗୋଟିଏ ଗାଈ ଏବଂ ବର୍ତ୍ତମାନ ଗୋଟିଏ ଗାଈ କିମ୍ବା ବାଛୁରୀରେ ସୀମିତ ରଖାଯାଇଛି । ଯୁଗ ତଥା ଚିନ୍ତାଧାରାର ପରିବର୍ତ୍ତନ ହେତୁ ଯେଉଁଠାରେ କିମ୍ବା ଯାହା ପାଖରେ ଗୋ-ସଂପଦ ଉପଲବ୍ଧ ହେଉନାହିଁ, ସେଠାରେ ନଦେଲେ ମଧ୍ୟ ଚଳାଇ ନିଆଯାଉଛି । ସେହିପରି ଆଗରୁ ଛେଳି, କୁକୁଡ଼ା କନ୍ୟାସୁନାରେ ସ୍ଥାନିତ ନଥିଲେ ହେଁ ଏବେ ଗୋଟିଏ ଛେଳି କିମ୍ବା ଗୋଟିଏ କୁକୁଡ଼ା କନ୍ୟାସୁନାରେ ପ୍ରଦାନ କରାଯାଉଛି । ଅନୁରୂପ ଭାବେ ପୂର୍ବରୁ କନ୍ୟାସୁନା ବାବଦ ଅର୍ଥର ପରିମାଣରେ କୌଣସି ନିର୍ଦ୍ଦିଷ୍ଟତା ନଥିଲା । ଇଚ୍ଛା ଅନୁଯାୟୀ

ଆଦାୟ କରାଯାଉଥିଲା ବା ପ୍ରଦାନ କରାଯାଉଥିଲା । କିନ୍ତୁ ଏବେ ତାହା ୧୦୧ଟଙ୍କାରେ ସୀମିତ ରଖାଯାଇଛି । ତେଣୁ ଏବେ କନ୍ୟାସୁନାର ପରିମାଣ ଗୋଟିଏ ଗାଈ ବା ବାଛୁରୀ (ପ୍ରାୟତଃ ବାଛୁରୀ) ଗୋଟିଏ ଛେଳି ବା ଗୋଟିଏ କୁକୁଡ଼ା ଏବଂ ୧୦୧ଟଙ୍କା ।

## କନ୍ୟାସୁନା ପ୍ରଦାନ ରୀତି :

ହୋ/କୋହ୍ଲ ସମାଜରେ ବିବାହର ପ୍ରଥମ ସୋପାନରେ କନ୍ୟାସୁନା ଦେତା-ନେତା ହୁଏ । ଏଥିରେ ମଧ୍ୟସ୍ଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିବାହ ପାଇଁ ପୁଅ ଘରପକ୍ଷରୁ ଜଣେ ମଧ୍ୟସ୍ଥି (ଦୂତାମ୍ କାଜିଁ) ଏବଂ ଝିଅଘର ତରଫରୁ ଜଣେ ମଧ୍ୟସ୍ଥି (ଲିଉ) ରହନ୍ତି । ଏହି ଦୁଇ ମଧ୍ୟସ୍ଥିଙ୍କର ସଂପୂର୍ଣ୍ଣ ତତ୍ତ୍ୱାବଧାନରେ ବିବାହର ପୂର୍ବ ତଥା ସମସ୍ତ ବିବାହ କାମକାର୍ଯ୍ୟ ସଂପାଦିତ ହୋଇଥାଏ । ହୋ/କୋହ୍ଲ ସଂପ୍ରଦାୟରେ ଝିଅପୁଅଙ୍କର ଦେଖାଦେଖି ବା ବରକନ୍ୟା ଚୟନ ପାଇଁ ପରିବାରବର୍ଗଙ୍କର ସମ୍ମତି ନିତାନ୍ତ ଆବଶ୍ୟକ । ସମସ୍ତଙ୍କର ସମ୍ମତି ପରେ ବର ଏବଂ କନ୍ୟାଘରର କର୍ତ୍ତାକର୍ତ୍ତୀଙ୍କ ସିଦ୍ଧାନ୍ତ କ୍ରମେ ନିର୍ବନ୍ଧର ଦିନ ଧାର୍ଯ୍ୟ କରାଯାଏ । ଏହା କନ୍ୟାଘରେ ଅନୁଷ୍ଠିତ ହୁଏ । ବର ପକ୍ଷରୁ ବରର କର୍ତ୍ତା ଓ ମଧ୍ୟସ୍ଥି ନିର୍ବନ୍ଧ ପାଇଁ କନ୍ୟା ଘରକୁ ଯାଆନ୍ତି । ସାଙ୍ଗରେ ହାଣ୍ଡିଆ ନିଅନ୍ତି । କନ୍ୟାଘରେ ତାଙ୍କୁ ଖୁବ୍ ଆଦରର ସହିତ ସ୍ୱାଗତ କରାଯାଇଥାଏ । ବସିବା ପାଇଁ ଆସନ (ପଟିଆ) ଦିଅନ୍ତି । ସ୍ତ୍ରୀ ଲୋକଟିଏ ସେମାନଙ୍କର ଗୋଡ଼ ଧୋଇଦିଏ । ପ୍ରଥମେ ବିଡ଼ି, ଦୁକ୍ତାର ବ୍ୟବସ୍ଥା ହୋଇଥାଏ । ଆନୁଷ୍ଠାନିକ ଭାବରେ ସ୍ୱାଗତ କରିବାକୁ ଯାଇ ପରିବାରର ସମସ୍ତ ସଦସ୍ୟ / ସଦସ୍ୟା ସେମାନଙ୍କୁ ପ୍ରଣାମ ଜଣାଇଥାଆନ୍ତି । ସେ ଦୁହିଁଙ୍କୁ କୋଠରୀ ଭିତରକୁ ନେଇ ବସିବାକୁ ଦିଅନ୍ତି କିମ୍ବା ସେହି ଅଗଣା ବା ପିଣ୍ଡାରେ ବସାଇ ହାଣ୍ଡିଆ ପାନର ଆୟୋଜନ କରାଯାଇଥାଏ । ହାଣ୍ଡିଆ ପିଇବା ସମୟରେ କନ୍ୟାପକ୍ଷ ଅତିଥିମାନଙ୍କୁ ଆସିବାର ଅଭିମୁଖ୍ୟ ସଂପର୍କରେ ପରୋକ୍ଷରେ ପ୍ରଶ୍ନ କରନ୍ତି । (ଏହି ପ୍ରଶ୍ନ କନ୍ୟାପକ୍ଷର ଭଦ୍ରଲୋକ କିମ୍ବା ମଧ୍ୟସ୍ଥି ପଚାରିଥାଆନ୍ତି) "ବନ୍ଧୁ ! ଏତେଦିନ ତ ଆମ ଘରକୁ କେବେ ଆସି ନଥିଲ, ହଠାତ୍ ତୁମମାନଙ୍କର ଆମ ପରିବାର ପ୍ରତି କାହିଁକି ଏତେ ମମତା ଜାଗିଲା ଯେ ଆସିଲ ?" ବରପକ୍ଷ ମଧ ଭାରି କୌତୁକିଆ ଉତ୍ତରଦେଇ କହନ୍ତି- "ଆମ ଦେଶରେ ସବୁ ଜିନିଷ ଅଛି । ସମସ୍ତ ପ୍ରାଚୁର୍ଯ୍ୟ ଭିତରେ ମଧପତ୍ରର ଅଭାବ ଅନେକ । ତାହା ଯଦି ଏଠାରେ ମିଳନ୍ତା ତେବେ ଆମର ଆଶା ପୂରଣ ହୋଇପାରନ୍ତା । ଏହି ଆଶାରେ ଆମେଏଠାକୁ ଆସିଛୁଁ । ଏହିପରି କଥୋପକଥନ ମଧରେ ଆରମ୍ଭ ହୁଏ ଆନୁଷ୍ଠାନିକ କନ୍ୟାସୁନା ବାବଦ କଥାବାର୍ତ୍ତା ଦୁଇ ମଧ୍ୟସ୍ଥି ଏବଂ କନ୍ୟାପକ୍ଷର ଭଦ୍ରଲୋକ ଏକତ୍ର କନ୍ୟାସୁନା ସମ୍ବନ୍ଧରେ ଆଲୋଚନା

କରନ୍ତି । ଏଥିରେ ବରକର୍ତ୍ତା ଅଂଶଗ୍ରହଣ କରନ୍ତି ନାହିଁ । କନ୍ୟାସୁନା ବାବଦକୁ କ'ଣ କ'ଣ ଏବଂ କେତେ ପରିମାଣ କିମ୍ବା ସଂଖ୍ୟାରେ ଦିଆଯିବ – ତାହା ଆଲୋଚନା ପରିସରଭୁକ୍ତ ହୋଇଥାଏ । କନ୍ୟାସୁନା ସ୍ଥିର ହୋଇଗଲେ କନ୍ୟାସୁନା ଦେବାର ଦିନ ଧାର୍ଯ୍ୟ କରି ବରକର୍ତ୍ତା ଓ ତାଙ୍କ ମଧ୍ୟସ୍ଥି ଘରକୁ ବାହୁଡ଼ନ୍ତି ।

ଧାର୍ଯ୍ୟଦିନରେ କନ୍ୟାପକ୍ଷ ମଧ୍ୟ ତାଙ୍କ ମଧ୍ୟସ୍ଥିକୁ ନେଇ ବରଘରକୁ ଯାଆନ୍ତି । ଅନୁରୂପ ଭାବେ ସେମାନଙ୍କୁ ମଧ୍ୟ ବରଘରେ ସ୍ୱାଗତ କରାଯାଇଥାଏ । ରାତିରେ ସେମାନଙ୍କର ସମ୍ମାନାର୍ଥେ ଭୋଜି ଓ ପାନୀୟର ଆୟୋଜନ ହୁଏ । ତା ପରଦିନ ବିଦାୟ ସମୟ ଉପନୀତ ହେଲେ କନ୍ୟା ଘରେ କନ୍ୟାସୁନା ବାବଦରେ ହୋଇଥିବା ଆଲୋଚନା ଓ ସିଦ୍ଧାନ୍ତ ବିଷୟରେ କନ୍ୟା ପକ୍ଷରୁ ବରପକ୍ଷଙ୍କୁ ସୂଚାଇ ସ୍ମରଣ କରାଇଦିଅନ୍ତି । ତଦନୁଯାୟୀ ବରପକ୍ଷରୁ ସ୍ଥିରୀକୃତ ଗୋରୁ / ଗାଈ, ଛେଳି କିମ୍ବା କୁକୁଡ଼ା ଏବଂ ଟଙ୍କା (୧୦୧) କନ୍ୟାପକ୍ଷଙ୍କୁ ପ୍ରଦାନ କରିଥାଆନ୍ତି । ପଣ ଗୋଧନ ଚିହ୍ନଟ କରିବା ପାଇଁ କନ୍ୟାର ଭ୍ରାତାକୁ ଗୋଟିଏ ଦୋନା (ଚୂକୁଦି)ରେ ତେଲ-ହଳଦୀ ମିଶାଇ ଚକ ଗାଈଗୋରୁଙ୍କ ମୁଣ୍ଡରେ ଲଗାଇ ଚିହ୍ନିତ କରେ, ଏବଂ ତାହାହିଁ କନ୍ୟାସୁନା ବାବଦ ଗୋରୁଗାଈ ବୋଲି ସ୍ଥିରୀକୃତ ହୁଏ । କନ୍ୟାସୁନା ନେଇ କନ୍ୟାପକ୍ଷର ଲୋକେ ଘରକୁ ବାହୁଡ଼ନ୍ତି ।

## ନୀତିନିୟମ :

ବିବାହ ପାଇଁ ଝିଅ-ପୁଅ ଦେଖାଦେଖି ଠାରୁ କନ୍ୟାସୁନା ଦେବା ନେବା ଓ ବାହାଘର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ କେତେକ ଶୁଭାଶୁଭ ସଙ୍କେତ ଅନୁଯାୟୀ ନୀତିନିୟମ ନିର୍ଦ୍ଧାରିତ ହୋଇଥାଏ, ବିବାହ କାମକାର୍ଯ୍ୟ ପାଇଁ ଗତାଗତ ସମୟରେ ଗିଧ (ଶାଗୁଣା) ସମ୍ମୁଖରେ ଡ଼େଣା ମେଲାଇ ବସିଲେ ବା ଉଡ଼ିଲେ ବଡ଼ାସାପ (ଗୁଲ ବିଂ) ବାଟରେ ଦେଖିଲେ କୋହ୍ଲମାନେ ଅଶୁଭ ବୋଲି ବିଶ୍ୱାସ କରିଥାଆନ୍ତି । ଏଥିପାଇଁ ଜ୍ୟୋତିଷ (ପାଣ୍ଡାଇତି) ପାଖରେ ଗଣନା କରାନ୍ତି ଓ ତଦନୁଯାୟୀ ରାହୁରିଷ୍ଟ ଖଣ୍ଡନ ସକାଶେ ବର-କନ୍ୟା ଘରର ମଧ୍ୟସ୍ଥଳରେ ବାଟପୂଜା ଅନୁଷ୍ଠିତ ହୁଏ । ଯଦି ଅତିମାତ୍ରାରେ ଅଶୁଭ ଲକ୍ଷଣମାନ ପ୍ରକାଶିତ ହୁଏ, ତେବେ ସେ ବିବାହ ପ୍ରସ୍ତାବ ବାତିଲ କରିଦିଆଯାଏ । ସେହିପରି ବର କିମ୍ବା କନ୍ୟାର ଦୁରାରୋଗ୍ୟ ରୋଗ ଥିବାର ଜାଣିଲେ ମଧ୍ୟ ବିବାହ ପ୍ରସ୍ତାବ ଭାଙ୍ଗି ଯାଇଥାଏ ।

ହୋ/କୋହ୍ଲ ସଂପ୍ରଦାୟରେ ସାଧାରଣ ବିବାହକୁ ଛାଡ଼ି ଅନ୍ୟ ସମସ୍ତ ବିବାହ (ପ୍ରେମ ବିବାହ, ବିଧବା ବିବାହ, ପୂନର୍ବିବାହ ଇତ୍ୟାଦି)ରେ କନ୍ୟାସୁନା ସେପରି ନିର୍ଦ୍ଦିଷ୍ଟ ଭାବରେ ଦେବାନେବା ହୁଏନାହିଁ । ଏସବୁ ଥିରେ କୌଣସି ବିଧିବଦ୍ଧ ନୀତିନିୟମ ବା ବାଧବାଧକତା ନଥାଏ । କନ୍ୟାସୁନା ନହେଲେ ମଧ୍ୟ ବିବାହ ସଂପାଦିତ ହୋଇପାରେ ।

## କନ୍ୟାସୁନାରେ ମଧ୍ୟସ୍ଥିର ଭୂମିକା:

ହୋ/କୋହ୍ଲ ସଂପ୍ରଦାୟର ବିବାହରେ ମଧ୍ୟସ୍ଥିର ଭୂମିକା ଅନିବାର୍ଯ୍ୟ । କନ୍ୟାସୁନା ଦେବା-ନେବା ବାବଦକୁ ଯାହା ସ୍ଥିର ହୋଇଥାଏ ତାହା ଠିକ୍ ଭାବରେ ସଂପନ୍ନ କରିବା ପାଇଁ ମୁଖ୍ୟତଃ ମଧ୍ୟସ୍ଥି ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ । ଦେଖାଦେଖିରେ ମଧ୍ୟସ୍ଥିର ଅନୁମୋଦନ କ୍ରମେ ବରକନ୍ୟା ଚୟନ କରାଯାଏ। ମଧ୍ୟସ୍ଥିର ବାକ୍‌ପଟୁତା ତଥା ଉପସ୍ଥାପନ ଶୈଳୀର ବରକନ୍ୟା ପକ୍ଷର ମନ କିଣିପାରେ । କନ୍ୟାସୁନା ଦେବା-ନେବା ସ୍ଥାନରେ ମଧ୍ୟସ୍ଥିର ଉପସ୍ଥିତି ଅତ୍ୟାବଶ୍ୟକ । କନ୍ୟାସୁନା ବିବାହ ଆଦିର ଦିନ ଧାର୍ଯ୍ୟ ପାଇଁ ମଧ୍ୟାସ୍ଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସର୍ବୋପରି କନ୍ୟାପକ୍ଷର ସମସ୍ତ ଆବେଗକୁ ବରଘରେ ଓ ବରଘର ଲୋକଙ୍କର ଆବେଗକୁ କନ୍ୟାଘରେ ସୁଚାରୁ ରୂପେ ଉପସ୍ଥାପନ କରି ମଧ୍ୟସ୍ଥି ବିବାହ କାର୍ଯ୍ୟ ସୁରୁଖୁରୁରେ ସଂପନ୍ନ କରାଇ ଥାଆନ୍ତି । ତଦ୍ୱାରା ଉଭୟ ପକ୍ଷର ମଧ୍ୟସ୍ଥିକୁ ହଳଦିଆ ରଂଗର ଧୋତି, ଗଞ୍ଜି, ପଗଡ଼ି ଓ ସେମାନଙ୍କର ସ୍ତ୍ରୀକୁ ହଳଦିଆ, ଶାଢ଼ୀ ଏବଂ ଖୁସିରେ ଛତା ମଧ୍ୟ ଦିଆଯାଇଥାଏ । ହଳଦିଆ ରଂଗର ବସ୍ତ୍ର ନ ମିଳିଲେ ହଳଦୀରେ ବୁଡ଼ାଇ ଦିଅନ୍ତି । ପଗଡ଼ିଟି ଧଳା ରଂଗର ହୁଏ ।

## କନ୍ୟା ପାଇଁ କନ୍ୟାସୁନାର ଗୁରୁତ୍ୱ:

କନ୍ୟା ପାଇଁ କନ୍ୟାସୁନାର ଯଦିଓ ଏତେ ଗୁରୁତ୍ୱ ନାହିଁ ତଥାପି ପାରମ୍ପରିକ ଦୃଷ୍ଟିକୋଣରୁ ଏହାର ମୂଲ୍ୟବୋଧ ଯଥେଷ୍ଟ ବେଶୀ । ହୋ/କୋହ୍ଲ ସମାଜରେ ଆଦ୍ୟଯୁଗରୁ ଏହି ପ୍ରଥା ପ୍ରଚଳିତ ନଥିଲେ ହେଁ ମଧ୍ୟଯୁଗରେ ଏହାର ଆବିର୍ଭାବ ଘଟି ପରମ୍ପରା ହୋଇଥିବାର ଦେଖାଯାଏ । କନ୍ୟାସୁନା ଦେବାର ଅନ୍ୟ ଏକ ଦିଗଟି ହେଲା କୋହ୍ଲ ପରିବାରରେ ବଢ଼ିଥିବା ଗେଲବସରର ଝିଅଟିକୁ ନେଇ ବରଘର ଝିଅ ପରି ସ୍ନେହଶ୍ରଦ୍ଧାରେ ରଖନ୍ତି । ତାର ସୁଖ-ଦୁଃଖର ସାଥି ହୁଅନ୍ତି । ତେଣୁ ଝିଅଟି ପ୍ରତି ଶ୍ରଦ୍ଧା ଓ ସମ୍ମାନର ପ୍ରତୀକ ସ୍ୱରୂପ କନ୍ୟାସୁନା ଦେଇ ନିଜଘରକୁ ନେଇଥାଆନ୍ତି । ଉଲ୍ଲେଖ କରାଯାଇପାରେ ଯେ ହୋ/କୋହ୍ଲ ସଂପ୍ରଦାୟରେ ନାରୀ ନିର୍ଯ୍ୟାତନା ପ୍ରାୟ ନାହିଁ କହିଲେ ଚଳେ ।

## କନ୍ୟାସୁନାର ସାମାଜିକ ଓ ଅର୍ଥନୈତିକ ଦିଗ:

ହୋ/କୋହ୍ଲ ସଂପ୍ରଦାୟରେ କନ୍ୟାସୁନା ଏକ ପାରମ୍ପରିକ ସାମାଜିକ ପ୍ରକ୍ରିୟା । ଏହା ସାମାଜିକ ବଂଧନକୁ ସୁଦୃଢ଼ କରେ । ଦୁଇ ପରିବାର ମଧ୍ୟରେ ବଂଧୁତ୍ୱ ଭାବ ବଢ଼ାଏ । କନ୍ୟାସୁନା ପ୍ରଦାନ କରି ବରଘର ବା ବରର ପିତାମାତା କନ୍ୟାଟିକୁ ସୁଖରେ ରଖିବାକୁ କନ୍ୟାର ପିତାମାତାଙ୍କ ଠାରେ ପରୋକ୍ଷ ଭାବରେ ପ୍ରତିଶ୍ରୁତିବଦ୍ଧ ହୋଇଥାଆନ୍ତି ।

ଅର୍ଥନୈତିକ ଦୃଷ୍ଟିକୋଣରୁ କନ୍ୟାସୁନାର ବିଶେଷ ସେପରି ଗୁରୁତ୍ୱ ନଥିଲେ ହେଁ ସ୍ଥଳ ବିଶେଷରେ ଏହା ଗରୀବ ପିରବାରକୁ ସହାୟକ ପ୍ରଦାନ କରିଥାଏ । ଗୋ ସଂପଦ ବୃଦ୍ଧି ଘଟେ କିମ୍ବା ଯାହାର ଗୋ ସଂପଦ ନଥାଏ ସେମାନେ ତାହା ପ୍ରାପ୍ତ ହୋଇଥାଆନ୍ତି । ଯେଉଁମାନଙ୍କର ବିଶେଷ ସମ୍ବଳ ନଥାଏ ସେମାନେ କନ୍ୟାସୁନା ନ ଦେଇ ମଧ୍ୟ ବିବାହ କାର୍ଯ୍ୟ ସଂପନ୍ନ କରିଥାଆନ୍ତି । ବିଧବା, ପରିତ୍ୟକ୍ତା କନ୍ୟାଙ୍କ ପାଇଁ କନ୍ୟାସୁନା ଆବଶ୍ୟକ ହୁଏନାହିଁ କିମ୍ବା ଦେଲେ ଆପତ୍ତି ନ ଥାଏ ।

## ବିଭିନ୍ନ ପ୍ରକାର ବିବାହରେ କନ୍ୟାସୁନାରେ ପାର୍ଥକ୍ୟ:

ହୋ/କୋହ୍ଲ ସଂପ୍ରଦାୟର ବିବାହ ପ୍ରଥାକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ ୧- ନୂତନ ବିବାହ,( ଆଦଓ୍ୱା ଆଁନ୍ଦି) ୨- ପୁନର୍ବିବାହ (ସେଲୁ ଆଁନ୍ଦି)

ନୂତନ ବିବାହ (ଆଦଓ୍ୱା ଆଁନ୍ଦି) ଏହାକୁ ୪ ଭାଗରେ ବିଭକ୍ତ କରାଯାଇଥାଏ ।

୧- ଆୟୋଜିତ ବିବାହ (ଜିସୁକୁ ଆଁନ୍ଦି)
୨- ପ୍ରେମ ବିବାହ (କେପେୟା)
୩- ଘେନିପଳା ବିବାହ (ସାଙ୍ଗାଉରା)
୪- ବଳପୂର୍ବକ ବିବାହ (ଅପରିତିପିଃ)

ପୁନର୍ବିବାହ (ସେଲୁ ଆଁନ୍ଦି)- ଏହାକୁ ୩ ଭାଗରେ ବିଭକ୍ତ କରାଯାଏ ।

୧- ବିଧବା ବିବାହ (ରାଣ୍ଡି ଆଁନ୍ଦି)
୨- ପରିତ୍ୟକ୍ତା ବିବାହ (ବାରର୍ଗିଲ ଆଁନ୍ଦା)
୩- ଛାଡ଼ପତ୍ର ବିବାହ (ବାପାଗୋ ଆଁନ୍ଦି)

## ଆୟୋଜିତ ବିବାହ:

ପୁଅ ଝିଅଙ୍କର ପ୍ରଥମ ବିବାହକୁ ନୂତନ ବିବାହ ବୁଝାଇଥାଏ । ଏହା ପାରମ୍ପରିକ ଭାବରେ ପିତାମାତାଙ୍କର ସମ୍ମତି ଓ ଆୟୋଜନ କ୍ରମେ ହୋଇପାରେ । ଏଥିରେ ପରମ୍ପରାଭିତ୍ତିକ କନ୍ୟାସୁନା ଉପରେ ଗୁରୁତ୍ୱ ଦିଆଯାଇଥାଏ । ଆଗରୁ ଏପରି ବିବାହରେ କନ୍ୟାସୁନାର ପରିମାଣରେ ସ୍ଥିରତା ନଥିଲା । ସକ୍ଷମ ଅନୁଯାୟୀ ଦେବା ନେବା ହେଉଥିଲା କିମ୍ବା ଇଚ୍ଛାମୁତାବକ ଗୋ ସଂପଦ ସୁନା ଓ ରୂପା ଗହଣା ଏବଂ ଟଙ୍କା ଆଦାୟ କରାଯାଉଥିଲା । କିନ୍ତୁ ଏହା ନିର୍ଦ୍ଦିଷ୍ଟ ଭାବରେ ୧୦୧ଟଙ୍କା ଗୋଟିଏ ଗାଈ କିମ୍ବା ବାଛୁରୀ ଏବଂ ଗୋଟିଏ ଛେଳି ବା କୁକୁଡ଼ାରେ ସୀମିତି ରହିଲା ପ୍ରାୟତଃ ୧୯୭୫ ମସିହାରୁ ଏଥି ସହିତ କନ୍ୟା ଓ କନ୍ୟାର ମା ପାଇଁ ଶାଢ଼ୀ ଏବଂ କନ୍ୟାପାଇଁ ସୁନା ରୂପାରଗହଣା ଓ କନ୍ୟାର ବାପା, ଭାଇ-ଭଉଣୀଙ୍କ ପାଇଁ ଲୁଗାପଟା ମଧ୍ୟ ଖୁସିରେ ଦିଆଯାଇପାରେ ।

## ପ୍ରେମ ବିବାହ:

ପ୍ରେମ ବିବାହ ଯଦି ଆୟୋଜିତ ବା ଉଭୟ ବର ଓ କନ୍ୟା ଘରର ସହମତିରେ ହୁଏ, ତେବେ ସାଧାରଣ ବିବାହ ପରି କନ୍ୟାସୁନା ଦିଆଯାଇଥାଏ । ଉଭୟ ପରିବାରର ସହମତି ନଥିଲେ ସେମାନଙ୍କୁ ଅଲଗା କରାଇ ଅନ୍ୟତ୍ର ବିବାହ କରାଇଥାଆନ୍ତି । ଯଦି କେବଳ ବର ଘରେ ରାଜି ଥାଆନ୍ତି ଓ କନ୍ୟାର ପରିବାର ଏଥିରେ ସହମତି ପ୍ରକାଶ କରନ୍ତି ନାହିଁ,ତେବେ ପଣ ବା କନ୍ୟାସୁନା ହୁଏତ ନେଇ ନପାରନ୍ତି । କିନ୍ତୁ କନ୍ୟାଘରେ ରାଜିଥାଇ ବର ପରିବାର ସମ୍ମତି ନ ଦେଲେ, ସେ କ୍ଷେତ୍ରରେ କନ୍ୟାଘରର ଲୋକ ଝିଅଟିକୁ ବୁଝାଇ ସୁଝାଇ ଅନ୍ୟତ୍ର ସାଧାରଣ କନ୍ୟାସୁନା ସହ ବିବାହ କରାନ୍ତି । ତେବେ ଝିଅ ଓ ପୁଅ କେବଳ ରାଜି ଥାଇ ଉଭୟ ପରିବାର ଏଥିରେ ଅସମ୍ମତି ପ୍ରକାଶ କଲେ, ସେ ଦୁହେଁ ସ୍ୱଇଚ୍ଛାରେ ବିବାହ କରି ଅନ୍ୟତ୍ର ବସବାସ କରିପାରନ୍ତି । ଏଥିରେ କନ୍ୟାସୁନାର ପ୍ରଶ୍ନ ଉଠେ ନାହିଁ ।

## ଘେନିପଳା ବିବାହ:

ପୁଅଟିଏ ଝିଅଟିକୁ ପୂର୍ବରୁ ପ୍ରେମ ସଂପର୍କ ନଥାଇ ମଧ୍ୟ ଯଦି ଘେନି ପଳାଏ ଏବଂ ଏଥିରେ ଝିଅଟିର ସହମତି ଥାଏ ତେବେ ଏ କ୍ଷେତ୍ରରେ ସାଧାରଣ କନ୍ୟାସୁନା ଆଦାୟ କରାଯାଏ । ସ୍ଥଳବିଶେଷରେ ଝିଅ ପରିବାର ଅଧିକ ଗୋରୁଗାଈ, ଛେଳିକୁକୁଡ଼ା ଇତ୍ୟାଦି ଦାବି କରିଥାନ୍ତି ।

**ବଳପୂର୍ବକ ବିବାହ:** ଏପରି କ୍ଷେତ୍ରରେ ପୁଅଟିଏ ଝିଅଟିକୁ ବଳପୂର୍ବକ ବା ଜବରଦସ୍ତି ଉଠାଇ ନେଇଥାଏ । ସାମାଜିକ ଦୃଷ୍ଟିକୋଣରୁ ଝିଅର ପିତାମାତା ଇଚ୍ଛା ନ ଥିଲେ ମଧ୍ୟ ଅନେକ ସମୟରେ ରାଜି ହୋଇଯାଆନ୍ତି । ଏଥିରେ ଇଚ୍ଛାମୁତାବକ କନ୍ୟାସୁନା ଆଦାୟ କରାଯାଇଥାଏ ଅଥବା ଆପୋଷ ସମାଧାନ କରି ଝିଅଟିକୁ ନେଇ ଆଣି ସାଧାରଣ କନ୍ୟାସୁନା ସହିତ ଅନ୍ୟତ୍ର ବିବାହ କରାଇ ଦେଇଥାଆନ୍ତି ।

## ବିଧବା ବିବାହ:

ଏପରି ବିବାହକୁ ପୁନର୍ବିବାହ ବା ଦ୍ୱିତୀୟ ବିବାହ କୁହାଯାଏ । ଏଥିରେ କନ୍ୟାସୁନାର ନିୟମ ଭାରି କୋହଳ । ଦେଲେ ଭଲ, ନ ଦେଲେ ମଧ୍ୟ ଚଳେ । ପରିତ୍ୟକ୍ତା ବିବାହ -କନ୍ୟାଟି ପ୍ରତି ତାର ସ୍ୱାମୀ ଏବଂ ପରିବାର ଲୋକ ମାତ୍ରାଧିକ ଅସନ୍ତୁଷ୍ଟ ହେଲେ ସ୍ୱାମୀଟି ସ୍ତ୍ରୀକୁ ପରିତ୍ୟାଗ କରିଥାଏ । ସେ ପୁନଶ୍ଚ ପିତ୍ରାଳୟକୁ ବାହୁଡ଼ି ଆସେ ଏବଂ ସେହିପରି ପରିତ୍ୟକ୍ତ ପୁରୁଷଟିଏ ଅନୁସନ୍ଧାନ କରି ତାକୁ ପୁଣି ବିବାହ କରାଇ ଦିଅନ୍ତି । ଏପରି ସ୍ଥଳେ ମଧ୍ୟ କନ୍ୟାସୁନାର ନିୟମ କୋହଳ । ଦାବୀ କରାଯାଏ ନାହିଁ । ବରପକ୍ଷ ଇଚ୍ଛାହେଲେ ଦିଅନ୍ତି, ନ ଦେଲେ ଆପତ୍ତି ନଥାଏ ।

## ଛାଡ଼ପତ୍ର ବିବାହ:

ସ୍ତ୍ରୀଟିଏ ସ୍ୱାମୀ ପ୍ରତି ବୀତସ୍ପୃହା ହୋଇ ଯଦି ସ୍ୱଇଚ୍ଛାରେ ସ୍ୱାମୀକୁ ଛାଡ଼ପତ୍ର ଦେଇ ପିତ୍ରାଳୟକୁ ବାହୁଡ଼ି ଆସେ ଏବଂ ପୁଣି ଅନ୍ୟତ୍ର ତାକୁ ବିବାହ କରିଦିଆଯାଏ, ତେବେ କନ୍ୟାସୁନା ଉପରେ ଗୁରୁତ୍ୱ ଦିଆଯାଇ ନଥାଏ । ବରପକ୍ଷ ଇଚ୍ଛା କଲେ ଯାହା ଦିଅନ୍ତି କିମ୍ବା କିଛି ମଧ୍ୟ ନ ଦେଇ ପାରନ୍ତି ।

## କନ୍ୟାସୁନା ଫେରସ୍ତର ପରିସ୍ଥିତି:

ହୋ/କୋହ୍ଲ ସମାଜରେ କନ୍ୟାସୁନା ଫେରସ୍ତ ଦେବାର ପରମ୍ପରା ରହିଥିଲେ ହେଁ ଏ ପରି ପରସ୍ଥିତି ସାଧାରଣତଃ ଉପୁଜେ ନାହିଁ । ନିମ୍ନୋକ୍ତ ସ୍ଥଳେ କେବେ କେବେ ଏହି ପରିସ୍ଥିତି ସୃଷ୍ଟି ହୋଇପାରେ ।

୧. କନ୍ୟା ସ୍ୱଇଚ୍ଛାରେ ବରକୁ ଛାଡ଼ପତ୍ର ଦେଲେ,

୨. କନ୍ୟାର ଆଚରଣ ପ୍ରତି ବରପକ୍ଷ ସନ୍ତୋଷ ପ୍ରକାଶ କରୁନଥିଲେ ଏବଂ କନ୍ୟାଟିକୁ ପିତାମାତାଙ୍କୁ ଫେରାଇ ଦେଲେ,

୩. କନ୍ୟା ଶାଶୁ ଘରେ ରହିଥିବା ବେଳେ ଅନ୍ୟ କୌଣସି ପୁରୁଷ ସହିତ ପଳାୟନ କଲେ ।

ଏସବୁ କ୍ଷେତ୍ରରେ ବର-କନ୍ୟାଙ୍କ ପିତାମାତା, ବର ଓ କନ୍ୟାପକ୍ଷର ମଧ୍ୟସ୍ଥି, ଗ୍ରାମ ସଭା ତଥା ବନ୍ଧୁବାନ୍ଧବଙ୍କ ସହଯୋଗ କ୍ରମେ କନ୍ୟାସୁନା ଫେରସ୍ତ ଦେବାନେବା କାର୍ଯ୍ୟ ସଂପାଦିତ ହୋଇଥାଏ ।

## କନ୍ୟାସୁନା ଫେରସ୍ତ ପଦ୍ଧତି:

ବରଘର ପକ୍ଷରୁ କିଛି ଭଦ୍ରଲୋକ ତଥା ମଧ୍ୟସ୍ଥି (ଜୀବିତ ଥିଲେ) ଙ୍କୁ କନ୍ୟାସୁନା ଆଦାୟ କରିବାକୁ କନ୍ୟାଘରୁ ପଠାଯାଇଥାଏ । ସେମାନେ କନ୍ୟାଘରକୁ ଏକଥା ଜଣାଇବା ସହିତ ସେହି ଗ୍ରାମର ମୁଖିଆଙ୍କୁ ମଧ୍ୟ ଏହାର ସୂଚନା ଦିଅନ୍ତି । କନ୍ୟା ପକ୍ଷ ନିଜ ଗ୍ରାମର ମୁଖିଆ ମଧ୍ୟସ୍ଥି ତଥା ଅନ୍ୟ କେତେକ ମୁରବି ଶ୍ରେଣୀୟ ଲୋକଙ୍କ ସହିତ ଆଲୋଚନ କରିଥାଆନ୍ତି । ବରପକ୍ଷରୁ ଯାଇଥିବା ଭଦ୍ରଲୋକ ଓ ମଧ୍ୟସ୍ଥିଙ୍କର ଅଭିଯୋଗ ସଂପର୍କରେ ଯଦି କନ୍ୟା ସପକ୍ଷର ଲୋକେ ଭଲ ରୂପେ ଅବହିତ ହୋଇ ବିଶ୍ୱାସ କରନ୍ତି । ତେବେ ଗ୍ରାମର ମୁଖିଆ, ମଧ୍ୟସ୍ଥି ଓ ଅନ୍ୟାନ୍ୟ ଗ୍ରାମବାସୀଙ୍କ ଉପସ୍ଥିତିରେ ବରପକ୍ଷ ଦେଇଥିବା ସମସ୍ତ କନ୍ୟାସୁନା ଫେରସ୍ତ ଦେଇଥାଆନ୍ତି । ଗାଈ କିମ୍ବା ବାଛୁରୀ ମରିଯାଇଥିଲେ ଫେରାଇ ନ ପାରନ୍ତି /ଥିଲେ ଦିଅନ୍ତି ଏବଂ ଟଙ୍କା, ଛେଳି/କୁକୁଡ଼ା ନିଶ୍ଚିତ ଫେରାଇ ଥାଆନ୍ତି । କେତେକ କ୍ଷେତ୍ରରେ ସଂପୂର୍ଣ୍ଣ ଭାବେ କନ୍ୟାସୁନା ଫେରସ୍ତ ଦିଆଯାଇ ନଥାଏ । କାରଣ କନ୍ୟାପକ୍ଷ ଯୁକ୍ତିଦର୍ଶାନ୍ତି ଯେ ତାଙ୍କର ଝିଅ ବରଘରେ କ୍ଷତି ସହିତ କିଛି ଭଲ କିମ୍ବା ଉପକାର କରିଥିବ । ତେଣୁ ଆଂଶିକ କନ୍ୟାସୁନା ଫେରସ୍ତ ଦିଆଯାଇପାରେ । ତେବେ ହୋ/କୋହ୍ଲ ସମାଜରେ ଏପରି ପରିସ୍ଥିତି କେବେ କେମିତି କାଁ ଭାଁ ଆସିଥାଇ ପାରେ ବୋଲି ହୋ/କୋହ୍ଲମାନେ କହନ୍ତି ।

## ଫେରସ୍ତ କନ୍ୟାସୁନାର ଆବଣ୍ଟନ:

କନ୍ୟାସୁନା ଫେରସ୍ତ ଅର୍ଥ ଯେ ବିବାହ ବିଚ୍ଛେଦ / ଭଂଗ । ଏପରି ଏକ ଦୁଃଖଦ ପରିବେଶରେ ପରିସ୍ଥିତିରେ କୋହ୍ଲ ପରିବାରର ସୁଖ ହଜିଯାଇଥାଏ । ତେଣୁ ସେମାନେ ଏଥିପାଇଁ କୌଣସି ବନ୍ଧୁବାନ୍ଧବବଙ୍କୁ ନିମନ୍ତ୍ରଣ କରନ୍ତିନାହିଁ । କେବଳ ମାନବିକତା କିମ୍ବା ଭଦ୍ରାମୀ ଦୃଷ୍ଟିକୋଣରୁ କନ୍ୟାସୁନା ଫେରସ୍ତ ଆଣିବାକୁ ଯାଇଥିବା ଭଦ୍ରଲୋକ ଓ ମଧ୍ୟସ୍ଥିକୁ ଛୋଟକାଟର ଭୋଜି ଏବଂ ହାଣ୍ଡିଆରେ ଆପ୍ୟାୟିତ କରାଯାଇଥାଏ ।

## କନ୍ୟାସୁନା ବଳପୂର୍ବକ ଫେରସ୍ତ ଦାବୀର ପରିସ୍ଥିତି:
## (ଯଦି ସ୍ତ୍ରୀ ଲୋକ ସ୍ୱଇଚ୍ଛାରେ ସ୍ୱାମୀଙ୍କୁ ପରିତ୍ୟାଗ କରେ)

ହୋ/କୋହ୍ଲ ସମାଜର ସ୍ତ୍ରୀ ଲୋକଟିଏ ନିଜର ସ୍ୱାମୀକୁ ପରିତ୍ୟାଗ କରି ଅନ୍ୟ ପୁରୁଷ ସହିତ ପଳାୟନ କଲେ ବା ବିବାହ କଲେ କନ୍ୟାସୁନା ବଳପୂର୍ବକ ଆଦାୟ

କରାଯାଇଥାଏ । କାରଣ ଏଠାରେ ଆତ୍ମସମ୍ମାନ ପ୍ରସଙ୍ଗ ଉଠେ । ତେଣୁ ବରପକ୍ଷର ଗ୍ରାମସଭାରେ ଏ ବିଷୟ ଆଲୋଚନା କରାଯାଇ, ତାଙ୍କରି ପରାମର୍ଶରେ ଗ୍ରାମର ଆଲୋଚନ କରାଯାଇ, ତାଙ୍କରି ପରାମର୍ଶରେ ଗ୍ରାମର କେତେକ ମୁରବୀ ଶ୍ରେଣୀୟ ଭଦ୍ରଲୋକ ବରପକ୍ଷ ମଧ୍ୟସ୍ଥିଙ୍କୁ ସଂଗରେ ନେଇ କନ୍ୟାଘରକୁ ଯାଆନ୍ତି । ସମସ୍ତ ବିଷୟ କନ୍ୟାଘରେ ଜଣାଇବା ସହିତ ଗ୍ରାମମୁଖ୍ୟ ଓ ଗ୍ରାମବାସୀଙ୍କୁ ମଧ ଅବଗତ କରାନ୍ତି । ସେଠାରେ ଗ୍ରାମସଭାର ବୈଠକ ଆହୂତ ହୋଇପାରେ ନଚେତ କେବଳ ଗ୍ରାମ ମୁଖ୍ୟ ସଂପୃକ୍ତ ଗୃହକର୍ତ୍ତା / କର୍ତ୍ତୀ ଏବଂ ଗ୍ରାମର ମୁଖ୍ୟ ମୁଖ୍ୟ ଲୋକଙ୍କ ସହିତ ଆଲୋଚନା କରି ସମସ୍ତ କନ୍ୟାସୁନା ଫେରସ୍ତ ଦେବା କନ୍ୟାକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି । କନ୍ୟାସୁନା ବା ସମସ୍ତ କନ୍ୟାସୁନା ଫେରାଇବାକୁ କନ୍ୟାର ପିତା/ମାତା ରାଜି ନ ହେଲେ ଜରୁରୀକାଳୀନ ଗ୍ରାମସଭା ଆହ୍ୱାନ କରାଯାଇଥାଏ । ଏଥିରେ କନ୍ୟାର ପିତାଙ୍କୁ କନ୍ୟାସୁନା ଫେରସ୍ତ ଦେବା ପାଇଁ ବାଧ କରାଯାଏ ବା ବଳପୂର୍ବକ ଆଦାୟ କରାଯାଇଥାଏ । କନ୍ୟାସୁନା ବଳପୂର୍ବକ ଆଦାୟ ହେଲେ ସଂପୃକ୍ତ ପରିବାର ତଥା କନ୍ୟାଟି ଗ୍ରାମସଭା ଦ୍ୱାରା ଦଣ୍ଡିତ ହୋଇଥାଆନ୍ତି । ଅର୍ଥନୈତିକ ଦଣ୍ଡ କିମ୍ବା ସାମାଜିକ ବାସନ୍ଦ କରାଯାଇପାରେ ।

## କନ୍ୟାସୁନାର ବିବର୍ତ୍ତନ:

ଆଗରୁ ଉଲ୍ଲେଖ କରାଯାଇଛି ଯେ ହୋ/କୋହ୍ଲ ସଂପ୍ରଦାୟରେ କନ୍ୟାସୁନା ପରିମାଣ ସ୍ଥିର ନଥିଲା । ଏହି ପ୍ରଥାର ଆରମ୍ଭରୁ ୫୦ / ୬୦ ପର୍ଯ୍ୟନ୍ତ ଗୋଧନ, ସୁନା, ରୂପା ଅଳଙ୍କାର ଏବଂ ଇଚ୍ଛାମୁତାବକ ଅର୍ଥ ଆଦାୟ କରାଯାଉଥିଲା, ପରବର୍ତ୍ତୀ ସମୟରେ ତାହା ଅବଶ୍ୟ ହ୍ରାସ ପାଇଲା, କିନ୍ତୁ ଅଳଙ୍କାର ଗାଈ, ବଳଦ, ଛେଳି, କୁକୁଡ଼ା ଏବଂ ଇଚ୍ଛା ଅନୁଯାୟୀ ଟଙ୍କା ଦାବୀ କରାଗଲା । ଫଳରେ ଗରୀବ ଶ୍ରେଣୀର ଲୋକେ ଅସୁବିଧାର ସମ୍ମୁଖୀନ ହେଲେ । ପୁଅର ବିବାହକାର୍ଯ୍ୟ ସଂପନ୍ନ କରିବାକୁ ସେମାନେ ସକ୍ଷମ ହେଲେ ନାହିଁ । ତଦ୍ୱାରା ସାମାଜିକ ବିଶୃଙ୍ଖଳା ଦେଖାଦେଲା । ତେଣୁ କୋହ୍ଲ ସମାଜର ପ୍ରତିନିଧି ସ୍ଥାନୀୟ ବ୍ୟକ୍ତିମାନେ ଆଲୋଚନ କରି କନ୍ୟାସୁନା ପାଇଁ ବିଧିବଦ୍ଧ ନିୟମ ପ୍ରସ୍ତୁତ ପୂର୍ବକ ବିଶୃଙ୍ଖଳିତ ପରିସ୍ଥିତିରୁ କୋହ୍ଲସମାଜକୁ ରକ୍ଷା କଲେ । ପୂର୍ବଧାରା ସଂଶୋଧିତ ହେଲା । କନ୍ୟାସୁନାର ପରିମାଣ ସୀମିତ ରହିଲା ୧୦୧ ଟଙ୍କାରେ । ଏଥିସହିତ ଗୋଟିଏ ବାଛୁରୀ, ଗୋଟିଏ ଛେଳି ବା କୁକୁଡ଼ା, କନ୍ୟା ପାଇଁ ଶାଢ଼ୀ, କନ୍ୟାର ମା ପାଇଁ ଶାଢ଼ୀ ଜଡ଼ିତ ରହିଲା, ଏତଦ୍ ଭିନ୍ନ କନ୍ୟା ପାଇଁ ସୁନା/ ରୂପା ଅଙ୍ଗକାର, କନ୍ୟାର ବାପା, ଭାଇ ଓ ଭଉଣୀଙ୍କ ପାଇଁ ଲୁଗାପଟା ଇତ୍ୟାଦି ଖୁସିରେଦିଆଗଲା । ତେବେ କନ୍ୟାସୁନା କହିଲେ ମୁଖ୍ୟତଃ ବୁଝାଗଲା ଯେ, ୧୦୧ ଟଙ୍କା ଗୋଟିଏ ବାଛୁରୀ, ଗୋଟିଏ ବା କୁକୁଡ଼ା ଦେବାକୁ ହୁଏ ।

## କନ୍ୟାସୁନା: ଅତୀତ ଓ ବର୍ତ୍ତମାନ:

ସମୟାନୁକ୍ରମେ ପରିସ୍ଥିତି, ପରିବେଶ ତଥା ହୋ/କୋହ୍ଲସମାଜର ଚିନ୍ତାଧାରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଆଧୁନିକ ସଭ୍ୟତାର ପ୍ରଭାବ ସେମାନଙ୍କର ଚିନ୍ତାଧାରାକୁ ପରିବର୍ତ୍ତିତ କରିପାରିଛି । ଅନ୍ୟ ସଂସ୍କୃତି ସଂପନ୍ନ ଗୋଷ୍ଠୀଙ୍କ ସହିତ ଭାବ, ଭାଷା ତଥା ସଂସ୍କୃତିର ଆଦାନପ୍ରଦାନ ଫଳରେ, ସେମାନେ ନିଜର ସମାଜକୁ ଶୃଙ୍ଖଳିତ ତଥା ଉନ୍ନତ କରିବା ପାଇଁ ପରମ୍ପରିକ ପ୍ରଥାରେ ସଂଶୋଧନ ଆଣିଛନ୍ତି । ତେଣୁ ଅତୀତର ଅପରିମିତ କନ୍ୟାସୁନା ପରିମାଣ (୫୦/୬୦ ଗୋଧନ, ମଇଁଷି, ଅଳଙ୍କାର, ଛେଳି କୁକୁଡ଼ା,ଲୁଗାପଟା ତଥା ମାତ୍ରାଧିକ ଅର୍ଥ କ୍ରମଶଃ ସମାୟାନୁକ୍ରମେ ହ୍ରାସ ପାଇଛି । ସ୍ଥଳ ବିଶେଷରେ କନ୍ୟାସୁନାର ପରିମାଣରେ ତାରତମ୍ୟ ହୋଇଛି । କନ୍ୟାସୁନାର ପରିମାଣ ଓ ତାରତମ୍ୟ ଯୋଗୁଁ ହୋ/କୋହ୍ଲ ସମାଜର ଗରୀବ ଶ୍ରେଣୀର ଲୋକେ ହନ୍ତସନ୍ତ ହେବାରୁ ଏହାକୁ ବିଧିବଦ୍ଧ ନିୟମ କରି ପରିମାଣକୁ ସୀମିତ ରଖିବା ପାଇଁ କୋହ୍ଲସମାଜର ପ୍ରତିନିଧି ଶ୍ରେଣୀୟ ଲୋକେ ଉଦ୍ୟମ କଲେ । ତେଣୁ କେଉଁଠି ୮-୧୦ ଟି ଗୋ-ସଂପଦ, ୫୦୦-୧୦୦୦ ଟଙ୍କା ତ କ୍ବେଁଠି ୩-୪ ଯୋଡ଼ା ଗୋରୁଗାଇ, ୧୦୦୦ ଟଙ୍କା କିମ୍ବା କେଉଁଠି ଯୋଡ଼ିଏ ବଳଦ, ଗୋଟିଏ ଗାଇ, ୫୦୦/୧୦୦୦ ଟଙ୍କା ସହିତ ଛେଳି, କୁକୁଡ଼ା ଅଳଙ୍କାର, ଲୁଗାପଟା ଆଦି କନ୍ୟାସୁନା ବାବଦରେ ଚାଲୁଥିଲା ବେନିୟମ ଧାରାକୁ ବାତିଲ କରାଯାଇ ସ୍ଥିତ କରାଗଲା ଯେ କନ୍ୟାସୁନାର ପରିମାଣ ୧୦ ଟଙ୍କା, ଗୋଟିଏ ବାଛୁରୀ, ଗୋଟିଏ ଛେଳି/କୁକୁଡ଼ା ଏବଂ ଝିଅ/କନ୍ୟା ପାଇଁ ଶାଢ଼ୀ କନ୍ୟାସୁନା ବାବଦରେ ଦିଆଯାଇପାରିବ ।

ତେବେ ବର୍ତ୍ତମାନ ହୋ/କୋହ୍ଲସମାଜ ଆର୍ଥିକ, ସାମାଜିକ ସଂସ୍କୃତିକ ତଥା ଶିକ୍ଷା ଦିଗରେ ବେଶ୍ ଉନ୍ନତ ଲାଭ କରିଥିବାରୁ କନ୍ୟାସୁନାର ବିଧିବଦ୍ଧ ସ୍ଥିରୀକୃତ ପ୍ରଥାକୁ ସ୍ଥଳବିଶେଷରେ କୋହଳ ବା ଅଧିକ କରି ଦେଉଛନ୍ତି । ଅନେକ ହୋ/କୋହ୍ଲ ପରିବାରରେ କନ୍ୟାସୁନା ଦେବାନେବା ହେଉ ନଥିବାର ମଧ୍ୟ ଦେଖାଯାଉଛି । ଅନେକ କ୍ଷେତ୍ରରେ କମିଛି ଏବଂ ଅନେକ ସ୍ଥଳରେ ବଢ଼ିଛି । ବଢ଼ିବାର କାରଣ ହେଉଛି ଯେ, ଏବେର ସ୍ୱଚ୍ଛଳ ଧନୀ ବ୍ୟକ୍ତିମାନେ ନିଜର ଆତ୍ମସମ୍ମାନ ବଢ଼ାଇବା ପାଇଁ ଅଧିକ ଟଙ୍କା, ସୁନା ଗହଣା, ଦୁଇଚକିଆ ଯାନ, ଲୁଗାପଟା (କନ୍ୟାର ପରିବାର ତଥା ସେମାନଙ୍କର ବଂଧୁଙ୍କ ପାଇଁ) ଇତ୍ୟାଦି ଦେଉଛନ୍ତି । ଅନେକ ସମୟରେ ଶିକ୍ଷିତ ସମାଜର ପ୍ରଭାବରେ କନ୍ୟାସୁନା ପାରମ୍ପରିକ ଦୃଷ୍ଟିରୁ ଯତ୍‌କିଞ୍ଚିତ ନେଉଛନ୍ତି ବା ନିଜର ସମାଜକୁ ନେଇଛନ୍ତି କହି ନେଉନାହାନ୍ତି । ତେବେ ହୋ/କୋହ୍ଲ ଗାଁଗଣ୍ଡା ମାନଙ୍କରେ କନ୍ୟାସୁନା ପ୍ରଥା ବିଧିବଦ୍ଧ ଭାବେ ପ୍ରଚଳନ ଥିବାର ଦେଖାଯାଏ । ଏଥିରେ କୌଣସି ବ୍ୟତିକ୍ରମ ହୋଇନାହିଁ ।

## କନ୍ୟାସୁନା ଯୌତୁକରେ ପରିଣତ ହୋଇଛି କି ? ଯଦି ହଁ ତେବେ କିପରି ଓ କାହିଁକି ?

ହୋ/କୋହ୍ଲ ସଂପ୍ରଦାୟରେ କନ୍ୟାସୁନା ପ୍ରଥା ଏବେ ମଧ୍ୟ ଯୌତୁକର ରୂପ ନେଇନାହିଁ । ଯୌତୁକ ପରମ୍ପରାକୁ ହୋ/କୋହ୍ଲସମାଜ କେବେ ଭଲ ଦୃଷ୍ଟିରେ ଗ୍ରହଣ କରେ ନାହିଁ । ଏହା ତାଙ୍କର ସ୍ୱ-ପରମ୍ପରା ବିରୋଧୀ । ତେବେ ଆଜିକାଲି ସ୍ଥଳବିଶେଷରେ କନ୍ୟାର ପିତା ନିଜ ସମାଜର ଅଗୋଚରରେ ଜ୍ୱାଇଁଙ୍କୁ ଅଧିକ ଅର୍ଥ, ଗାଡ଼ି, ଆସବାବପତ୍ର ଇତ୍ୟାଦି ଖୁସିରେ ଦେଉଥିବାର ଦେଖାଯାଉଛି । କିନ୍ତୁ ତାହାକୁ ଯୌତୁକ ଭାବରେ ନାମକରଣ କରାଯାଇନାହିଁ । ସେସବୁ ନିଜର ଝିଅ ପାଇଁ ଉପହାର ବା ନୂତନ ବନ୍ଧୁଙ୍କ ସାହାଯ୍ୟ ହୋଇପାରେ । ଅବଶ୍ୟ କୋହ୍ଲସମାଜର ଏହି ପକ୍ରିୟାକୁ ଅନେକ ହୋ/କୋହ୍ଲ ସଂପ୍ରଦାୟର ଲୋକ ବିରୋଧ କରୁଥିବାର ଦେଖାଯାଉଛି । କାରଣ ସେମାନେ ଆଶଙ୍କା କରୁଛନ୍ତି; ଏପରି ଉପହାର ବା ସାହାଯ୍ୟ ହୁଏତ ଦିନେ ଯୌତୁକର ରୂପନେଇ ଅନ୍ୟାନ୍ୟ ସମାଜ ପରି କନ୍ୟାପିତାର ଚିନ୍ତାର କାରଣ ହେବ ଏବଂ ଏକ ସାମାଜିକ କଳଙ୍କ ଭାବରେ କୋହ୍ଲ ସଂପ୍ରଦାୟର ସ୍ୱଇଚ୍ଛାକୁ କଳୁଷିତ କରାଇବାରେ ସହାୟତା ପ୍ରଦାନ କରିବ ।

❑❑❑

# ପର୍ବପର୍ବାଣୀ ପଞ୍ଜିକା

## ବିଭିନ୍ନ ସମୟରେ ଅନୁଷ୍ଠିତ ପର୍ବପର୍ବାଣୀ:

ହୋ/କୋହ୍ଲ ଏକ ସଂସ୍କୃତି ସଂପନ୍ନ କଳା ପ୍ରିୟ ସଂପ୍ରଦାୟ । ତେଣୁ ଜୀବନର ପ୍ରତିଟି ମୂହୂର୍ତ୍ତ ତାଙ୍କର ଭରିଯାଇଥାଏ ନାଚ-ଗୀତର ମାଦକତାରେ । କୋହ୍ଲ ଲୋକମୁଖରେ ପ୍ରଚଳିତ କଥା "ସେନ୍‌ଗୋ ସୁସୁନ୍ କାଜିଗୋ ଦୁରାଂ" ଅର୍ଥାତ୍ ଚାଲିଲେ ନାଚ, କହିଲେ ଗୀତ ଅତଏବ ଗୀତିମୟ କୋହ୍ଲଙ୍କର ଜୀବନଧାରା ସୁଖରେ, ଦୁଃଖରେ, ପୂଜା ପାର୍ବଣରେ, କୃଷିକର୍ମରେ ଏବଂ ଅବସର ବିନୋଦନ ସମୟରେ ସବୁଠି ଗୀତ-ନାଚର ଆସର ଏପରି ଗୀତିମୁଖର ଜୀବନଶୈଳୀ ଅବଶ୍ୟ କୋହ୍ଲ ସମାଜର ପାରମ୍ପରିକ । ସୃଷ୍ଟି ପ୍ରାରମ୍ଭରୁ ଏହାର ଉଦ୍ଭବ ଏବଂ ଅଦ୍ୟାବଧି ଉଜ୍ଜିବିତ ମଧ୍ୟ । କୋହ୍ଲ ସଂସ୍କୃତିକୁ ଜାଣିବାକୁ ହେଲେ ତାଙ୍କର ବଳିଷ୍ଠ ଲୋକକଥା, ଲୋକଗୀତ-ନୃତ୍ୟ ସର୍ବୋପରି ସୁଭଚ ଲୋକ ସାହିତ୍ୟ ପ୍ରତି ସିଂହାବଲୋକନ କରିବା ଅପରିହାର୍ଯ୍ୟ ।

ଭାରି ଚମତ୍କାର ବିଷୟ ଏହି ଯେ କୋହ୍ଲ ସଂପ୍ରଦାୟର ପ୍ରତ୍ୟେକ ପର୍ବପର୍ବାଣୀ ଲୋକକଥା ଭିତ୍ତିକ ଏବଂ ଲୋକକଥା ବା ଲୋକକାହାଣୀ ଗୁଡ଼ିକ ସୃଷ୍ଟି ପ୍ରକ୍ରିୟାର ପ୍ରାରମ୍ଭରୁ ଆରମ୍ଭ ହୋଇ କ୍ରମାନ୍ୱୟରେ ଆଗେଇ ଚାଲଇଥାଆନ୍ତି । ଲୋକକାହାଣୀର କ୍ରମଗତିରୁ ହିଁ ଉତ୍ପତ୍ତି ହୁଏ ସମସ୍ତ ପର୍ବପର୍ବାଣୀ- ପୂଜାବିଧି ଏବଂ ଲୋକଗୀତ-ନୃତ୍ୟ । ତେଣୁ ପ୍ରତ୍ୟେକ ପର୍ବପର୍ବାଣୀ ସହିତ ସଂପୃକ୍ତ ପର୍ଯ୍ୟାପ୍ତ ଲୋକକଥା, ଲୋକଗୀତ ସ୍ଥାନୀତ କରିବାର ପରିସର ଏ ନୁହେଁ । ସେଥିପାଇଁ ଆବଶ୍ୟକ ବିସ୍ତୃତ ଚାରଣ ଭୂମି । ଯେଉଁଠାରେ କୋହ୍ଲ ସଂପ୍ରଦାୟର ସୃଷ୍ଟି ତତ୍ତ୍ୱ ଠାରୁ ଆରମ୍ଭ କରି ଦେବାଦେବୀ,ପୂଜାବିଧି, ପର୍ବପର୍ବାଣୀ, ଗୀତନାଚ ଏବଂ ସମସ୍ତ କାର୍ଯ୍ୟକାରଣର ଉତ୍ପତ୍ତି ଓ ଧାରାକୁ ଏକ ସଂଗେ ସୁଲଳିତ ଢ଼ଂଗରେ ବୁଣିଦେଇ ହେବ । ଅନ୍ୟ ଅର୍ଥରେ କୁହାଯାଇପାରେ ଯେ କୋହ୍ଲ ସମାଜର ବିଶାଳ ସଂସ୍କୃତିକୁ ଉପସ୍ଥାପନ କରିବାରେ ପ୍ରଚୁର ସ୍ୱାଧୀନତା ରହିଥିବ । ତଥାପି କେତୋଟି ଲୋକକଥା ଓ ଲୋକଗୀତ ନିମ୍ନରେ ସ୍ଥାନିତ ହେଲା । ଏଗୁଡ଼ିକ ଅସୀମ ସାଗରରୁ କେଇବୁନ୍ଦା ଜଳ ସଦୃଶ ।

## ମାଗେ ପର୍ବ:

ସର୍ବଶକ୍ତିମାନ ଇଶ୍ୱର (ଓ୍ୱାରାଂଦାଲେ)ଙ୍କ ଇଙ୍ଗିତରେ ତାଙ୍କର ଦୂତଗଣ ରୁଇ, ସୁମି, ମୁଙ୍ଗୁଲୁ, ବୁଦୁ,ଗୁରା, ଶୁକ୍ରା ଏବଂ ଶୁନିମାନେ ପୃଥିବୀ ସର୍ଜନା କଲେ ଓ

ଦେଶାଉଲୀ, ପାଉଁଇ ଏବଂ ଜାୟାରା ପ୍ରଭୃତି ଦେବାଦେବୀ ଗଣ ବାଲ୍ମୀକିର ମାଟିରେ କଙ୍କଡ଼ାର ଆମୃଭରି ସୃଷ୍ଟିର ପ୍ରଥମ ପୁରୁଷ ଲୁକୁକଲାକୁ ଜନ୍ମ ଦେଲେ । ପୁନଶ୍ଚ ମଣିଷ ବଂଶର ବୃଦ୍ଧି ନିମିତ୍ତ ନାରୀଟିଏର ଆବଶ୍ୟକତା ଉପଲବ୍ଧି କରି ପୁରୁଷ ସୃଷ୍ଟିର ୧୨ ବର୍ଷ ପରେ ଈଶ୍ୱର ଆଦିନାରୀ ଲୁକୁକୁଳିକୁ ଧରାପୃଷ୍ଠକୁ ଆଣିଥିଲେ । ସେମାନେ ସୃଷ୍ଟିର ଆଦି ପୁରୁଷ ଓ ଆଦିନାରୀ (ଦୁପୁମ ଦିଶୁମ୍ ମାଙ୍ଗ ବଙ୍ଗା ଓ ଚାନାଲ ଦିଶୁମ୍ ମାରଂ ବଙ୍ଗା) ରୂପେ ଅଭିହିତ ହେଲେ । ପ୍ରଥାନବସ୍ଥାରେ ଏ ଦୁହିଁଙ୍କ ମଧ୍ୟରେ ଭାଇଭଉଣୀର ସଂପର୍କ ଥିବାରୁ ମଣିଷ ବଂଶ ବୃଦ୍ଧିରେ ବ୍ୟାଘାତ ସୃଷ୍ଟିକଲା । ଫଳରେ ଈଶ୍ୱର ଯୋଜନା ଅନୁଯାୟୀ ଲୁକୁକୁଳି ଯେତେବେଳେ ତେର ବର୍ଷରେ ପଦାର୍ପଣ କରି ପ୍ରଥମ ଯୌବନ ପ୍ରାପ୍ତ ହେଲା ସେତେବେଳେ ଲୁକୁକକୁଳି ଓ ଲୁକୁକଳାଙ୍କର ମିଳନ କରାଇବାକୁ ଈଶ୍ୱର ବିଭିନ୍ନ ଦେବାଦେବୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ । ତେଣୁ ଲୁକୁକୁଳିର ପ୍ରଥମ ଋତୁସ୍ରାବ ଦିନଠାରୁ ସାତ ଦିନ ଧରି ମାଗେ ପର୍ବ ପାଳିତ ହେଲା । ମାଗେ ପର୍ବର ପ୍ରଥମ ଦିବସକୁ ମାଗେ ଆନାଦେର (ଯୌବନ ପ୍ରବେଶ) ଦ୍ୱିତୀୟ ଦିବସ ଗୁରୀଃ ପରବ୍ (ଘରଦ୍ୱାର ଶୌଚ) ତୃତୀୟ ଦିବସ ଅତେଲୀ (ଆଦି ନାରୀଙ୍କର ପୂର୍ଣ୍ଣ ଋତୁସ୍ଖଳନ), ଚତୁର୍ଥଦିନ ହେଃ ସାକାମ୍ (ଲଜ୍ୟା ଆଗମନ- ବିଶ୍ୱକର୍ମା / ଦାନସାରୀଙ୍କ ଦୂତ ଭାବରେ ବୁଢ଼ିଆଣୀ ଓ ଟସରପୋକ ଲୁକୁକୁଳିଙ୍କୁ ଲଜ୍ୟାନିବାରଣର ଉପାୟ ବଢାଇବା), ପଞ୍ଚମ ଦିବସରେ ଗାଆଁ ବଙ୍ଗା (ସୃଷ୍ଟିକର୍ତ୍ତା) ବୃଷଭ ରୂପରେ ଆସି କହିଲେ "ତୁମର ସୃଷ୍ଟି କରିବାକୁ ସମୟ ଆସିଛି, ତେଣୁ ତୁମେ ମଣିଷ ବଂଶ ବିସ୍ତାର କର" । ଷଷ୍ଠ ଦିବସରେ ଦେଶାଉଲୀ (ଯିଏ କି ଜନ୍ମ ସମୟରେ ଥିଲେ ପାଳନକର୍ତ୍ତା) ଠେକୁଆ ରୂପରେ ଆସି (ଦ୍ୱିତୀୟ ଦିବସରେ ହାଣ୍ଡିଆର ପ୍ରସ୍ତୁତି ପ୍ରଣାଳୀ ଶିକ୍ଷା ଦେଇଥିଲେ । ମାଗେ ମାସରେ (ମାର୍ଗଶୀର ମାସ) ଶୁକ୍ଳପକ୍ଷ ଚତୁର୍ଦ୍ଦଶ ତିଥିରେ ସେମାନଙ୍କ ପାଖରୁ ପୂଜା ଭୋଗ ସ୍ୱରୂପ ହାଣ୍ଡିଆ ଗ୍ରହଣ କରି ଲୁକୁକଳା ଓ ଲୁକୁକୁଳିଙ୍କୁ ହାଣ୍ଡିଆ ସେବନ ପାଇଁ ନିର୍ଦ୍ଦେଶ ଦେଲେ । ଫଳରେ ସେ ଦୁହେଁ ହାଣ୍ଡିଆ ପାନ କରି ଭାଇଭଉଣୀର ସଂପର୍କ ଭୁଲି ନିଶାଗ୍ରସ୍ତ ଅବସ୍ଥାରେ ସ୍ୱାମୀ-ସ୍ତ୍ରୀ ରୂପରେ ଯୌନ ସଂପର୍କ ସ୍ଥାପନ କରିଥିଲେ । ତଦ୍ୱାରା ମଣିଷ ବଂଶ ବୃଦ୍ଧିର ପଥ ଉନ୍ମୁକ୍ତ ହେଲା । ସପ୍ତମ ଦିବସରେ (ପୂର୍ଣ୍ଣମୀ ଦିନ) ପୁଣି ପାଉଁଇ ବଙ୍ଗା (ମହାଦେବ) ସେମାନଙ୍କୁ ଦୈହିକ ମିଳନର ବିଧି ସଂପର୍କରେ ଅବଗତ କରାଇଥିଲେ । ସେହିଦିନ ଠାରୁ କୋହ୍ଲ ସଂପ୍ରଦାୟ ପାରମ୍ପରିକ ମାଗେ ପର୍ବ ପାଳନ କରି ଆସୁଛନ୍ତି । ଦେଶାଉଲୀ ଭାଇଭଉଣୀର ସଂପର୍କକୁ କଳୁଷିତ କରିଥିବାରୁ ଏବଂ ପାଉଁଶବଙ୍ଗା ଯୌନ ବିଧି ବିଷୟରେ ସଚେତନ କରାଇଥିବାରୁ ଏହି ମାଗେ ପର୍ବରେ ସେହି ଦୁଇ ଦେବତା କୋହ୍ଲ ସମାଜ ଦ୍ୱାରା ଅଶ୍ଳୀଷ ଭାଷାରେ ଭର୍ତ୍ସିତ ହେଉଛନ୍ତି । ସେପରି ପରିସ୍ଥିତିର ପୁନରାବୃତ୍ତି ନଘଟିବାକୁ ଏହି ଦିନରେ ସେମାନେ ମାଗେପର୍ବ ପାଳନ ପୂର୍ବକ ପୂର୍ବ ଇତିହାସ ସ୍ମରଣ କରିଥାଆନ୍ତି ।

ଏହି ଲୋକକଥାଟିର ସମ୍ୟକ୍ ସୂଚନା ହୋ/କୋହ୍ଲ ସମାଜ ପାରମ୍ପରିକ ବାହା ପର୍ବ ଲୋକଗୀତରେ ମିଳିଥାଏ :

**କୋହ୍ଲ:** "ବଲେ ବଲେ- ଚିମିନ୍ ଚିମିନ୍ ନାଗଂ ଡ଼ିଣ୍ଡାକିନା
ଗୁଞ୍ଜୁ ଗିଚିଲେକାମ୍ ତେଏଁସାକଓ୍ୱା
ବଲେ ବଲେ- ଚିମିନ୍ ଚିମିନାଗମ୍ ଡ଼ାଙ୍ଗୁଲାକିନା
ଯଯମ୍ କୁଲାଲେକାମ୍ ଏସେଡ଼୍ କଆ
ଗେଲ୍‌ବାର୍ ବରଷଗେଞ୍ଜ ଡ଼ିଣ୍ଡାକିନା
ଗୁଞ୍ଜୁ ଗିଚିଲେକାମ୍ ତେଏଁସାକଓ୍ୱା
ହିସିବାର ବରଷଗେଞ୍ଜ ଡ଼ାଙ୍ଗୁଲା କିନା
ଯଅ ଜମ୍ କୁଲା ଲାକମ୍ ଏସେଡ଼୍‌କଓ୍ୱା ।"

**ଓଡ଼ିଆ**

"କେତେବର୍ଷ ତୁମେ ଅବିବାହିତ ଥିଲ ଯେ
ଛଞ୍ଚାଣ ଭଳି ଝାମ୍ପୁଛ-
ତୁମେ କେତେବର୍ଷ ଅବିବାହିତ ଥିଲ ଯେ
ହିଂସ୍ରକ ବ୍ୟାଘ୍ର ଭଳି ଛକୁଛ-
ବାରବର୍ଷ ମୁଁ ଅପ୍ରାପ୍ତ ବୟସ୍କା ଥିଲି
ତେଣୁ ଏବେ ଚଞ୍ଚାଣ ଭଳି ଝାମ୍ପିବାକୁ ଉଦ୍ୟତ ହେଉଛି
ଯେହେତୁ ମୁଁ ବାଇଶି ବର୍ଷର ଅପ୍ରାପ୍ତ ବୟସ୍କ ଥିଲି
ତେଣୁ ଏବେ ହିଂସ୍ରବ୍ୟାଘ୍ର ଭଳି ଆକ୍ରମଣ କରୁଛି ।"
ଏହା ଲୁକୁକଳା ଓ ଲୁକୁକୁଳିଙ୍କ ମଧ୍ୟରେ କାବ୍ୟିକ ଶୈଳୀରେ କଥପୋକଥନ ।

## ବାଆପର୍ବ :

ଆଦି ପୁରୁଷ (ଲୁକୁକୁଳା) ଓ ଆଦିନାରୀ (ଲୁକୁକୁଳି) ମାନେ ପର୍ବରେ ହାଣ୍ଡିଆ ସେବନ ଶିଖିବା ପରେ ସର୍ବଦା ନିଶାଗ୍ରସ୍ତ ହୋଇ ଦେବାଦେବୀଙ୍କ ପୂଜାରେ ହେଳା ବା ବ୍ୟତିକ୍ରମ କରି ଚାଲିଲେ । ସେଥିପାଇଁ ଦେବା ଦେବୀ ଗଣ ଏକତ୍ରିତ ହୋଇ ସେମାନଙ୍କୁ ଉଚିତମାର୍ଗକୁ ଫେରାଇ ଆଣିବା ପାଇଁ ଏକ ଯୋଜନା ପ୍ରସ୍ତୁତ କଲେ । ଏବଂ ତାହା ବାଗିଏ ଦେବଙ୍କ ଦ୍ୱାରା ସଂପାଦିତ ହେବାର ସ୍ଥିର ହେଲା ।

ଏକଦା ଲୁକୁବୁଳି ନବପତ୍ରର ସନ୍ଧାନରେ ବନସ୍ଥ ହୁଅନ୍ତେ ଏକ ବିରାଟକାୟ ଉଗ୍ର ବ୍ୟାଘ୍ର ତାଙ୍କୁ ଭୟଭୀତ କରାଇବାକୁ ଉଦ୍ୟମ କଲା । ସକଳ ଜୀବଜନ୍ତୁ ଲୁକୁବୁଳି ଓ ଲୁକୁବୁଳାଙ୍କ ଇଙ୍ଗିତରେ ଆତଯାତ ହେଉଥିବା ସ୍ଥଳେ ବ୍ୟାଘ୍ରର ଏପରି ଦୁଃସାହସରେ ଭୟଭୀତ ହୋଇ ଲୁକୁବୁଳି ନିଜର ଗୁହାରୀ ଲୁକୁବୁଳାଙ୍କୁ ଜଣାନ୍ତେ; ଲୁକୁବୁଳା ନିଶାଗ୍ରସ୍ତ ହୋଇ ଲୁକୁବୁଳିଙ୍କର ଆର୍ତ୍ତନାଦ ଶୁଣି ନଥିଲେ । ଏଥିରେ ଲୁକୁବୁଳି ରାଗରେ ଜର୍ଜରିତ ହୋଇ ଲୁକୁବୁଳାଙ୍କୁ ପୂର୍ବସ୍ଥିତିକୁ ଫେରାଇ ଆଣିବା ନିମନ୍ତେ ପଦାଘାତ କରିଥିଲେ । ତଦ୍ୱାରା ଲୁକୁବୁଳା ପ୍ରକୃତିସ୍ଥ ହୋଇ ନିଜର ଭୁଲପାଇଁ ଲଜ୍ଜିତ ଓ ଅପମାନିତ ବୋଧକଲେ । କୁକର୍ମ ଯୋଗୁଁ ଉଚିତ ଶିକ୍ଷା ପାଇଥିବାରୁ ଏହାର ମର୍ମ ସମସ୍ତଙ୍କୁ ବୁଝାଇବା ପାଇଁ ଲୁକୁବୁଳା ଦେଶାନ୍ତର ଭ୍ରମଣରେ ବାହାରିଲେ । ଯିବା ଅବସରରେ ଲୁକୁବୁଳା ଲୁକୁବୁଳିଙ୍କୁ ଏପରି ପୁଷ୍ପ ଆଣିବାକୁ କହିଲେ ଯେ, ଯାହା ଦୀର୍ଘ ସମୟ ଧରି ସତେଜ ରହିପାରିବ । ଲୁକୁବୁଳି ସ୍ୱାମୀଙ୍କୁ ଭେଟି ଦେବା ପାଇଁ ପାଇଁ ଯେତେଫୁଲ ଆଣିଲେ ସବୁ ମଉଳିଗଲା । ଏଣୁ ନିରାଶ ହୋଇ ଆରଧଦେବୀ ଜାୟାରାଙ୍କୁ ସ୍ମରଣ କରନ୍ତେ ଜାୟାରା ଦେବୀ ଏକ ଶୁଆପକ୍ଷୀ ରୂପରେ ଉଡ଼ିଆସି ପୁଷ୍ପିତ ଶାଳଡ଼ାଳରେ ବସିଲେ । ଲୁକୁବୁଳି ଦୁଇହାତ ଉପରକୁ ଉଠାଇ ସ୍ମରଣ କଲେ (ବାଆ ପର୍ବ ପୂଜାର ଆରମ୍ଭରେ ଦୈତ କଣ୍ଠରେ ଗାନ କରାଯାଇଥାଏ ।)

କୋହ୍ଲ : "ବଲେ ବଲେ- ଦେଲାରେ ସାର୍‌ଜମ୍ ବାଲା
ଦେଲାରେ ମୁଳେସାଗେନ୍ ଦେଲାରେ ନସରେନ୍ ମେ
ନଳାଦକ ସାରିଲ୍‌ତେତେ ଦେଲାରେ ନସରେନ୍ ମେ
ଲୁକ୍‌ବୁଳି ଇଏମ୍‌ତେ ଦେଲାରେ ନାତାଗୁନମେ
ଲୁକୁବୁଳା ସେନଃତାନ୍ ଦିଶୁମ୍ ଦାଣାତେ ।"

ଓଡ଼ିଆ : "ଆହାରେ ଶାଳଫୁଲ
ଆହାରେ ବଉା ଫୁଲ
ଧରାକୁ ଟିକେ ଓହ୍ଲାଇ ଆସ
ଘରସବୁ ଗୋବରରେ ଲିପିଦେଇ
ପରିଷ୍କାର ହୋଇଛି ଆସ
ଅଗଣା ସବୁ ମାଟିରେ ପ୍ରଲେପ ଦେଇ
ମସୃଣ ହୋଇଛି, ଆସ
ଲୁକୁବୁଳିଙ୍କ ନିବେଦନରେ
ମୋ ହସ୍ତଗତ ହୁଅ
ଲୁକୁବୁଳା ଦେଶାନ୍ତର ଭ୍ରମଣେ ଯିବେ
ତାଙ୍କୁ ପୁଷ୍ପିତ କରିଦିଅ ।"

ତଦ୍ୱାରା ଶାଳଡ଼ାଳ ଭାଙ୍ଗିଯାଇ ଲୁକୁବୁଳିଙ୍କ ହସ୍ତଗତ ହେଲା । ଲୁକୁବୁଳି ଶାଳଡାଳ ଆଣି ଘର ଅଗଣାର ଏକପାର୍ଶ୍ୱରେ ଥିବା ଚତୁରୀ ଉପରେ ଓଲଟା ପୋତି, ତାର ଚତୁଃପାର୍ଶ୍ୱରେ ଆମୋଦପ୍ରମୋଦ ପୂର୍ବକ ଜାୟାରା ବନ୍ଦନା କରି ସେନ୍ଦେରା ପାନାଇଁ (ମାଘ-ଫାଲଗୁନ୍ ମଧରେ ପଡୁଥିବା ପୂର୍ଣ୍ଣମୀ)ରେ ଲୁକୁବୁଳା ଦେଶାନ୍ତର ଗମନ କଲେ । ଲୁକୁବୁଳା ବିଦେଶରୁ ବାହାଡ଼ିବା ବେଳେ ଲୁକୁବୁଳିଙ୍କ ପାଇଁ ଆମ୍ବକଷି ଓ ମହୁଲ ପ୍ରଭୃତି ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେଥିପାଇଁ ବାଆପୂର୍ବର ତୃତୀୟ ଦିବସରେ ମହୁଲ ଓ ଆମ୍ବକଷି ପୂଜା କରାଯାଇଥାଏ ଏବଂ ଲୁକୁବୁଳି ଲୁକୁବୁଳାଙ୍କୁ ପାଦଘାତ କରିଥିବାରୁ ଏବେ ମଧ ବାଆ ପର୍ବର ନାଚଗୀତ ସମୟରେ ହୋ/କୋହ୍ଲୁ ଯୁବକମାନେ ଯୁବତୀମାନଙ୍କର ପଦାଘାତକୁ ସାଦରେ ଗ୍ରହଣ କରିବାର ପରମ୍ପରା ପ୍ରଚଳିତ ।

**ବାଆ ପର୍ବ ଗୀତ:**

**ହୋ/କୋହ୍ଲୁ** "ବଲେ ବଲେ- ତେଏଖାଞ୍ଜ
ତେଏଗାଞ୍ଜ ଦ ଦୟାଗ ଦାବିରେ
କୁଲୁସୁଞ୍ଜ କରୁସଞ୍ଜ ଦ
ଲିପିର୍ କୁଆମ୍‌ରେ
ନାଲ୍‌ରେ ହିଆତିଙ୍ଗ୍ ଟାଞ୍ଜ
ସାରଜମ୍ ବାଆ ମୁଲିକତରେ
ନାଲରେମ୍ ଚାକାତିଙ୍ଗ ତାଞ୍ଜ
ଶୁଙ୍କେ ସାଗେନ୍ ତୁଙ୍କେତାଲାରେ ।"

**ଓଡ଼ିଆ** "ପଦ ଆପିବାକୁ ଯାଅ
ଯେବେ ଥାପ ମୋ ପୃଷ୍ଠରେ
ପଦାଘାତ କରିବାକୁ ଚାହଁ ଯେବେ
କର ମୋ ବକ୍ଷରେ କେବେ ଦ୍ୱିଧା ନ କରିବ,
ହେ ବଉଳା ଫୁଲ
ଆଜି ହେ ବାଆପର୍ବ,
ଦେହି ପଦପଲ୍ଲବ ମୁଦାରଙ୍କା ।"

## ହେରଃ ପର୍ବ:

ସମୟ କ୍ରମେ ଆଦିପୁରୁଷ (ଲୁକୁବୁଳା/ ଲୁକୁକଳା) ଓ ଆଦି ସ୍ତ୍ରୀ (ଲୁକୁବୁଳି / ଲୁକୁକଳି)ଙ୍କ ସନ୍ତାନ ସନ୍ତତି ଜାତ ହୋଇ ବଂଶ ବିସ୍ତାର କଲେ । ମାଗେ ପର୍ବ ଓ

ବାଆପର୍ବ କେବଳ ଆଦିପୁରୁଷ ଆଦି ସ୍ତ୍ରୀଙ୍କର ବିଷୟଭିତ୍ତିକ ହୋଇଥିବା ସ୍ଥଳେ ହେରଃପର୍ବ ଓ ଜମ୍‌ନାମା ପର୍ବ ସେମାନଙ୍କର ନାତିଅଣନାତିମାନଙ୍କର ଲୋକକଥା ପ୍ରକାଶ ଥାଉକି, ଲୁକୁବୁଳା ଓ ଲୁକୁବୁଳିଙ୍କର ସନ୍ତାନଙ୍କ ମଧ୍ୟରୁ ସୁର୍ମି, ଦୁର୍ମି, ମାଦେଃ ଏବଂ ତାଙ୍କର କନିଷ୍ଠ ପୁତ୍ର (ସୁର୍ମି + ମାଦେଃ) ଲିଟାଙ୍କର ପୂଜା ଅର୍ଚ୍ଚନା ପର୍ବଭାବେ ହେରଃପର୍ବ ବିଖ୍ୟାତ ।

ସୁର୍ମି ଓ ମାଦେଃଙ୍କ ଔରସରୁ ଦୁଇପୁତ୍ର ମୁଟୁହନ୍ ଓ ସେନ୍‌ତାଲା ଜାତ ହୋଇଥିଲେ ଏବଂ ଲିଟା ଗର୍ଭରେ ଥିବାବେଳେ ମାଦେଃଭଙ୍କୁ ଏକ ସ୍ୱପ୍ନ ହେଲା ଯେ ସାତ ପାହାଡ଼ର ଅପରପାର୍ଶ୍ୱରେ ଏକ ବାଲ୍ମିକୀ ଉପରେ ଛତ୍ରାକୃତି ଛତୁଟିଏ ପ୍ରସ୍ଫୁଟିତ ରହିଛି, ତାକୁ ଆଣି ଭକ୍ଷଣ କରିବାକୁ । ଏକଥା ମାଦେଃ ସ୍ୱାମୀ ସୁର୍ମିଙ୍କୁ ଜଣାନ୍ତେ ସ୍ୱାମୀ ସ୍ତ୍ରୀ ଦୁହେଁ ଦୁଇପୁତ୍ରଙ୍କୁ ଘରେ ଛାଡ଼ି ଛତୁ ଆଣିବା ପାଇଁ ଗଲେ । ସେଠାରେ ଛତୁଟି ଏକ ହିଂସ୍ର ଜନ୍ତୁ (ବିର୍‌ବିଏର)ର କବ୍‌ଜାରେ ଥିବାରୁ ତାହାକୁ ଘଉଡ଼ାଇବା ପାଇଁ ସେମାନେ ଶର ସନ୍ଧାନ କଲେ । ଯୁଦ୍ଧ ହେଲା ଏବଂ ସୁର୍ମି ଯୁଦ୍ଧରେ ପରାସ୍ତ ହେଲେ । ହିଂସ୍ରଜନ୍ତୁଟି ସୁର୍ମିଙ୍କୁ ଯୁଦ୍ଧରେ ପରାସ୍ତ କଲେ । ହିଂସ୍ରଜନ୍ତୁଟି ସୁର୍ମିଙ୍କୁ ନିଜ ଶିଙ୍ଗରେ ବହନ କରି ଅନ୍ୟତ୍ର ନେଇଯିବାରୁ ମାଦେଃ ଦୁଃଖରେ ଅଧିର ହୋଇ କାନ୍ଦି କାନ୍ଦି ଛତୁଟିକୁ ନେଇ ଘରକୁ ଫେରିଲେ ଏବଂ ସ୍ୱପ୍ନ ଅନୁସାରେ ସେଛ ଛତୁଟିକୁ ପଢୁଆ କରି ଖାଇଲେ । ତତ୍‌ପରେ ସେଇ ସ୍ଥାନଟି ମୁରବୀ ବିହୀନ ହୋଇଯିବାରୁ ମାଦେଃ ନିଜର ଦୁଇପୁତ୍ରଙ୍କ ସହିତ ଦୁର୍ମିଙ୍କ ଠରେ ପହଞ୍ଚି ତାଙ୍କୁ ସ୍ୱାମୀ ଭାବରେ ବରଣ କଲେ । ସେଠାରେ 'ଲିଟା' ଜାତ ହେଲେ। ମାଦେଃ ପୂର୍ବଜଙ୍କ ଆତ୍ମାରୁ ସୃଷ୍ଟ ଛତୁ ଖାଇଥିବାରୁ ଲିଟା ସର୍ବଗୁଣସଂପନ୍ନ ହୋଇ ଜନ୍ମ ଗ୍ରହଣ କରିଥିଲେ । କିନ୍ତୁ ଲିଟାର ପିତା ନଥିବାରୁ ଦୁର୍ମିଙ୍କର ସନ୍ତାନ ମାନେ ତାଙ୍କୁ ଜାରଜ ସନ୍ତାନ କରି ଅପମାନିତ କରିବାକୁ ଲାଗିଲେ । ଏହାର କାରଣ ଜାଣିବା ପାଇଁ ଲିଟା ମା ମାଦେଃଙ୍କ ଠରେ ଅଳି କରନ୍ତେ ମାଦେଃ ପିତାଙ୍କ ମୃତ୍ୟୁର ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ । ଲିଟା ସମସ୍ତ ବିଷୟ ଅବଗତ ହୋଇ ପିତୃଉଦ୍ଧାର ନିମିତ୍ତ ଧନୁଶର ଧରି ଆଷାଢ଼ ପୂର୍ଣ୍ଣମୀ ତିଥିରେ (ଆଦ୍‌ର ରତୁ ପନାଇଁ)ମାଙ୍କ ଆଶୀଷ ଘେନି ବାହାରିଲାବେଳେ ମା ବାଟରେ ଖାଇବା ପାଇଁ ଶିଆଳୀପତ୍ରରେ ପ୍ରସ୍ତୁତ ହୋଇଥିବା ଦୁଇଗୋଟି ସୁବର୍ଣ୍ଣ ପିଠା ଲିଟାଙ୍କୁ ଦେଲେ । ଲିଟା ସାତପର୍ବତର ଅପରପାର୍ଶ୍ୱରେ ଥିବା ନିଘଞ୍ଚ ଜଙ୍ଗଲରେ ପହଞ୍ଚି ଦେଖିଲେ ଯେ ସେହି ହିଂସ୍ରଜନ୍ତୁର ଶିଙ୍ଗରେ ତାଙ୍କ ପିତାଙ୍କର ଶବ ଲାଗି ରହିଛି । ତେଣୁ ପିତାଙ୍କର ଶବକୁ ଉଦ୍ଧାର କରିବା ପାଇଁ ସାତରଂଗର ସାତ ପ୍ରକାରର ଶର ସଂଧାନ କରି ହିଂସ୍ରଜନ୍ତୁ ସହିତ ଯୁଦ୍ଧ କଲେ । ଯୁଦ୍ଧରେ ଜନ୍ତୁଟିକୁ

ହତ୍ୟାକରି ତାର ଶିଙ୍ଘକୁ ଶଙ୍ଖ ହିସାବରେ ଫୁଙ୍କି ବିଜୟର ଧ୍ୱନି ଶୁଣାଇଲେ । ପିତାଙ୍କର ମରଶରୀରକୁ ଏକ ବିରାଟକାୟ ପତ୍ର (କର୍କଟା)ରେ ଆଣି ଶ୍ରାବଣ-ଭାଦ୍ରବ ମାସ ଶୁକ୍ଳପକ୍ଷ ପ୍ରତିପଦ (ଜନମ ଚାଣ୍ଡଃ)ରେ ମାଙ୍କ ଠାରେ ପହଞ୍ଚାଇଥିଲେ । କିନ୍ତୁ ମୃତ ଶରୀରକୁ ପିତା ବୋଲି କହିବା ବା ପ୍ରମାଣ କରିବା ତାଙ୍କ ପକ୍ଷେ ସମ୍ଭବ ନ ହେବାରୁ ଲିଟା ସୃଷ୍ଟିର ପରମ ଦେବାଦେବୀ ଦେଶାଭଲୀ ପାଉଁଇ ଓ ଗଆଁବଙ୍ଗାଙ୍କୁ ସ୍ମରଣ କଲେ । ଏମାନେ ଲିଟାଙ୍କର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ବର ପ୍ରଦାନ କଲେ । ଫଳରେ ସିମୁଳି ତୁଳା ସଦୃଶ ଏକ ଦ୍ରବ୍ୟ ଉଡ଼ି ଉଡ଼ି ଯାଇ କାଳବୁରୁ ଜୀବନ ଦାରୁର (କାଳପର୍ବତର ସାହାଡ଼ା ବୃକ୍ଷ) ମଲାଙ୍ଗ ପାଖରେ ଲାଗିଲା । ଲିଟା ଲବଣ ହ୍ରଦରୁ (ରାସୁଇ ବାନ୍ଦେଲା) ଘଟଇଲ ଆଣି ସେହି ମଲାଙ୍ଗରେ ସିଞ୍ଚନ କରନ୍ତେ ଉଦିତ ସୂର୍ଯ୍ୟ ପରି ସୁର୍ମି ପୁନର୍ଜୀବନ ପ୍ରାପ୍ତ ହେଲେ । ତ୍ରିଦେବଙ୍କ ନିର୍ଦ୍ଦେଶ ମତେ ଲିଟା ଜମ୍‌ନାମା (ନୂଆଖିଆ)ର ପୂର୍ବଦିନ ଧାନବିଲରେ ଭାଲିଆ ଓ ଶାଳଗଛା ପୋତି ପ୍ରତିଶ୍ରୁତି ପାଳନ କରିବା ସହିତ ତ୍ରିଦେବଙ୍କୁ ଭକ୍ତିପୂତ ଆର୍ଘ୍ୟ ବାଢ଼ିଥିଲେ । ସେହିଦିନ ଠାରୁ ହେରଃପର୍ବ କୋହ୍ଲ ସମାଜରେ ପାଳିତ ହୋଇଆସୁଛି । ଏହା ପୁନର୍ଜନ୍ମର ପର୍ବ ଭାବରେ ନବାନ୍ନ ଭୋଗ ଦିଆଯାଇଥାଏ । ଅରୁଆ ଚାଉଳର ଚୂନାରେ ଶିଆଳୀ ପତ୍ରରେ ପିଠା କରି ପୂର୍ବପୁରୁଷ ଲିଟାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଏ ଏବଂଲିଟାଙ୍କର ବୀରତ୍ୱ କାହାଣୀକୁ ସ୍ମରଣ ରଖିବା ପାଇଁ ହେରଃପର୍ବକୁ ବୀରତ୍ୱର ପର୍ବ କୁହାଯାଏ । ପୁନଶ୍ଚ ଧାନବିଲରେ ଭାଲିଆ ଶାଳଗଛା ଲିଟା ପୋତିଥିବାରୁ (ତ୍ରିଦେବଙ୍କ ନିର୍ଦ୍ଦେଶ କ୍ରମେ) ଏହାକୁ ଚାଷ ସଂପର୍କୀୟ ପର୍ବ ମଧ କୁହାଯାଏ ।

**ହେରଃ ପର୍ବର ଲୋକଗୀତ:**

**ହୋ/କୋହ୍ଲ:** "ନକନ୍ କରୋଗାକ ଲାଲାଇତାନାଗା
ଲଆବାନାଗାରଦ ରୁମୁଲ୍‌କିନା
ନକନ୍ କରେଗାକ କାଲାନ୍ଦିତାନାଗା
ଇଚେଃ ବା ରଲସିଂଗେ କୁଲୁୟୁର୍‌କେନା
ଜାମ୍ବୁ ଡ଼ିପୋଗାକ୍ ବିରେଡ଼୍‌ତାନା
ଲଆବାନଗାରଦ ରମୁଲ୍‌କିନା
ହାରତା ହାସ୍ୟକାକ ଚିନାତାନା
ଇଚେଃ ବା ରଲସିଂଗେ କୁଲୁୟୁରକେନା
ଜାମ୍ବୁ ଡ଼ିପୋଗାକ ବିରେଡ଼୍‌ତାନା
ଲଆବାନାନାରଦ ରମୁଲ୍‌କିନା
ହାରୁଣ ହାସ୍ୟଗାକ ଚିନାଚାନା
ଇଚେଃ ବା ରଲସିଂଗେ କୁଲୁୟୁର୍‌କେନା ।"

**ଓଡ଼ିଆ :**

"କେଉଁ ସ୍ଥାନରେ ଲାଗିଅଛି ଲଢ଼େଇ,
ବିରାଟକାଯ଼ୟ ଲୌହ ନିର୍ମିତ ନାଗରଧ୍ୱନି ଶୁଭୁଛି
କେଉଁ ସ୍ଥାନରେ ଲାଗିଅଛି ସଂଘର୍ଷ
ସିଙ୍ଗ-ଶଙ୍ଖ ଧ୍ୱନି ମୁଖରିତ ହେଉଛି
ଜମ୍ବୁ ଦୀପରେ ଲାଗିଛି ଲଢ଼େଇ,
ତେଣୁ ଲୌହନାଗରା ଧ୍ୱନି ଶୁଭୁଅଛି
ଜନ୍ମଭୂମିର ଟେକ ରଖିବା ପାଇଁ
ତୁମୁଳ ସଂଘର୍ଷ ଲାଗି ରହିଛି ।"

ପୂଜା ପରେ କେବଳ ସ୍ତ୍ରୀ ଲୋକଙ୍କ ଦ୍ୱାରା ପରିବେଶିତ ହୋଇଥାଏ ମାଗେ ପର୍ବର ଲୋକଗୀତ :

**କୋହ୍ଲ** "ବାଗେଂରାଚା ବାଆକାରା,
କିଟୁବାକାନ୍ ଡିରୁବାକାନ୍
ସନା ବାକାରା
ଆସିଚେର କାନାକନେମେ
କିରିଂଡେର କାକନେମେ
କିଟୁକାନ୍ ଡିରୁବାକାନ୍
ସନା ବାକାରା
ଚିତାନେତେ ବାଦୁଲି
ଲାଣରେତେ ବାଦୁଲି
ବୁଲିବୁଲି ବାଦୁଲିକିଂ,
ତାପାଗାସାର୍‌କେଡ଼ (କଂ)

**ଓଡ଼ିଆ :** ଭାଇଙ୍କ ଅଗଣାରେ ବରକୋଳି
ସୁନ୍ଦର ଫଳରେ ଭରପୂର
ସୁନାର ବରକୋଳି
ମାଗେଣେ ବା କ୍ରୟେ ନ ମିଳଇ
ସେହି ସୁବର୍ଣ୍ଣ ବରକୋଳି
କିନ୍ତୁ ଉପରୁ ତଳଯାଏଁ
ବିରାଟକାୟ ବାଦୁଡ଼ିଦ୍ୱୟଙ୍କର
ଡେ଼ଣା ପ୍ରହାରରେ
ସବୁତକ ଫଳ ଝଡ଼ି ପଡୁଛି ।

ହୋ/କୋହ୍ଲ ସମାଜରେ ପର୍ଯ୍ୟାପ୍ତ ପରିମାଣର ଲୋକକଥା, ଲୋକଗୀତ ଭରିରହିଛି । ଯେଉଁଗୁଡ଼ିକର ସାମାଜିକ, ଧାର୍ମିକ, ସାଂସ୍କୃତିକ, ମନସ୍ତାତ୍ତ୍ୱିକ, ଦାର୍ଶନିକ ତଥା ସାହିତ୍ୟିକ ମୂଲ୍ୟବୋଧ ଅପରିସୀମ ଏବଂ ହୋ/କୋହ୍ଲ ସଂପ୍ରଦାୟର ବିଜ୍ଞାନୀ ବ୍ୟକ୍ତିଙ୍କ ମତ ଯେ ସେ ସବୁ ବିଜ୍ଞାନସିଦ୍ଧ ମଧ୍ୟ ।

□□□

## "ହୋ" ପର୍ବପର୍ବାଣୀ ସାରଣୀ (ପରବପନାଇଁ ଗର୍‌ଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | ହୋ/କୋହ୍ଲ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସରନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ / ଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୦୧. | ବୈଶାଖ | ଅବାଙ୍ଗା | ଏପ୍ରିଲ-ମେ | ହେରମୁଟ୍ ବା ହନ୍‌ବା | ଅବାଙ୍ଗା ମିଆଙ୍ଗ ତେର ତିଥି (ବୈଶାଖ ଶୁକ୍ଳପକ୍ଷ ତୃତୀୟା) | ଦେସା-ଉଲି | ଗାଁ ମୁଖିଆ ଓ ଦେହୁରୀ ଘରର ମୁଖିଆ | ସିନ୍ଦୁର, ଝୁଣା, ଧୂପ, ଅଗୁଆ, ଚାଉଳ, ଶାଳପତ୍ର, ନାଲିଆ, କାକୁଲି, ଧଳା ଗଜା, ତୁଳସୀପତ୍ର | ପ୍ରଥମେ, ଦେହୁରୀ ଏହି ହେରମୁଟ୍ ପୂଜା କରନ୍ତି ତା'ପରେ ପ୍ରତ୍ୟେକ ଘରର ମୁଖିଆ ଏହି ପୂଜା କରନ୍ତି । ଏହି ପୂଜା କରିବାର ଉଦ୍ଦେଶ୍ୟ ହେଲା ଜମିରେ ଭଲ ଫସଲ ହେବ, ଫସଲକୁ ରୋଗ ଧରିବ ନାହିଁ । ଏଥିପାଇଁ ମାଟି ମାଆକୁ ଧର୍ମ ନାମ ଧରି ପୂଜା କରାଯାଏ । ପାଣି, ନୋଟା, ସିନ୍ଦୁର, ଦୁବଘାସ ଓ ଗୋବରକୁ ସଙ୍ଗରେ ନେଇ ଯେଉଁ କିଆରୀରେ ପ୍ରଥମେ ଧାନ ବୁଣିବେ ସେହି ସ୍ଥାନର କିଛିଅଂଶକୁପରିଷ୍କାର କରିପୂଜା କରନ୍ତି । କୁକୁଡ଼ାକୁ ବଳି ଦିଆଯାଇଥାଏ । | ପୂଜାଦିନ କୋହ୍ଲ ଯୁବକ ଓ ଯୁବତୀ ଗୀତ ଓ ନାଚ କରନ୍ତି । ମାଦଳ ବାଣା, ନାଗରା, ଚଡ଼କା ଇତ୍ୟାଦି ବାଦ୍ୟଯନ୍ତ୍ର ପରି- ବେଷଣ ହୁଏ । ହେରମୁଟ୍ ବା ହନ୍‌ବା ପର୍ବକୁ ସମସ୍ତେ ବେଶ୍ ମଉଜ ମଜ୍‌ଲିସ୍‌ରେ ପାଳନ କରନ୍ତି । | ହନ୍‌ବା ପର୍ବର ପୂର୍ଣ୍ଣାଙ୍ଗୀକରଣ ନିମନ୍ତେ ନାଚ-ଗୀତ ହୋଇଥାଏ । |
| ୦୨. | ଜ୍ୟେଷ୍ଠ | ଆଡେନ୍ | ମେ-ଜୁନ୍ | - | - | - | - | - | - | - | - |

## "ହୋ" ପର୍ବପର୍ବାଣୀ ସାରଣୀ (ପରବପନାଇଁ ଗରଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | ହୋ/କୋହ୍ଲ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସରନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାଯ୍ୟକ୍ରମ ନାଚ /ଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୦୩. | ଆଷାଢ଼ | ଆନ୍ଦର୍ | ଜୁନ୍- ଜୁଲାଇ | ହେରଃ ପରବ୍ | ଆଷାଢ଼ ଶୁକ୍ଳପକ୍ଷ ପୂର୍ଣ୍ଣମା ଦିନ | ଲିଟେ ଓ ଦେଶାଉଲି | ଗାଁ ଦେହୁରୀ | ସିନ୍ଦୁର, ଶାଳପତ୍ର, ଝୁଣା,ଅରୁଆ ଚାଉଳ,ବୋଦା, ନାଲିଓ ଧଳାକୁକୁଡ଼ା, ହାଣ୍ଡିଆ | ସାମୂହିକଭାବେ ଏହା ପାଳନ କରାଯାଏ । ହେରଃ ଶବ୍ଦର ଅର୍ଥ ହେ ର + ଅ ଲ + ଉ ଡ଼ + (ବୁଣିବା+କାଟିବା+ପୂର୍ଣ୍ଣଚ୍ଛେଦ) । ବୁଣାବୁଣିର ଶେଷଦିନରେ ଏହି ପର୍ବ ପାଳନ ହୁଏ । ଜଙ୍ଗଲ, ଜୁଆଁଳିରେ ଚିତା ପକାଯାଇଥାଏ । ଭଲ ଧାନ ବା ଫସଲ ହେବା ପାଇଁ ଦେଶାଉଲିଙ୍କୁ କୃତଜ୍ଞତାପୂର୍ବକ ପାଳନ କରାଯାଏ । | ନାଗରା, ମାଦଳ, ବଂଶୀ ବଜାଇ ଦେଶାଉଳିଙ୍କର ଗୁଣଗାନ ପୂର୍ବକ ଓ ଭବିଷ୍ୟତକୁ ଅଧିକ ଆନନ୍ଦ ପାଇବା ପାଇଁ ନ । ଚ - ଗ । ତ କରାଯାଇଥାଏ । | ଏହି ପର୍ବ ପାଳନ ପରେ ଲଙ୍ଗଲ ବୁଆଳିକୁ ସାଇତି ରଖିଦିଆଯାଏ । ଆସନ୍ତା ବର୍ଷ ପର୍ଯ୍ୟନ୍ତ ବୁଣାବୁଣି କରାଯାଏ ନାହିଁ। |
| ୦୪. | ଶ୍ରାବଣ | କଅରା | ଜୁଲାଇ-ଅଗଷ୍ଟ | ବଣଅଲି ଓ ଜମ୍‌ନାମା | ଶ୍ରାବଣ ଶୁକ୍ଳପକ୍ଷ ପ୍ରଥମା ତିଥିରେ ପାଳନ କରାଯାଏ | ଦେଶାଉଲି, ପୁରମି, ଲିଟେ | ଗାଁ ଦେହୁରୀ | ସିନ୍ଦୁର,ଧୂପ, ଶାଳ ପତ୍ର, ଅରୁଆଚାଉଳ, ନାଲିଓ କଳାକୁକୁଡ଼ା, କେନ୍ଦୁ, ଭାଲିଆଗଛ ଗଜା | ଠାକୁରାଣୀ ଶାଳରେ ଗୁହବର୍ଗୀ ନେଇଥିବା କେନ୍ଦୁ ଓ ଭାଲିଆ ଗଜାକୁ ଠାକୁରାଣୀ ସାମ୍ନାରେ ଉପସ୍ଥାପନ କରି ପୂଜା କରାଯାଏ ଓ ପରେ ଏହି ଗଜା ଦ୍ୱୟଙ୍କୁ ନେଇ ଧାନକ୍ଷେତରେ ସ୍ଥାପନ କରାଯାଏ । ଏହାକୁ ପ୍ରାଣଦାତା ବୋଲିବିବେଚନା କରାଯାଇଥାଏ । | ମାଦଳ, ବଂଶୀ, ନାଗରା ବଜାଇ ପୁରୁଷ ଓ ସ୍ତ୍ରୀ ନାଚ-ଗୀତ କରିଥାନ୍ତି । | ଏହି ତିଥିରେ ଲିଟେ ମୃତ ପିତାଙ୍କର ପୁର୍ନ ଜନ୍ମପ୍ରାପ୍ତ ଦିଗରେ ଦେଶାଉଲି ତାଙ୍କୁ ସାହାଯ୍ୟ କରି ଥିବାରୁ ଏହାକୁ ମୃତ୍ୟୁଞ୍ଜୟ ଜନ୍ମର ପ୍ରତୀକ ହିସାବରେ ମାନିଥାନ୍ତି । |

## "ହୋ" ପର୍ବପର୍ବାଣୀ ସାରଣୀ (ପରବପନାଇଁ ଗରଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | ହୋ/କୋହ୍ଲ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସରନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ / ଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୦୫. | ଭାଦ୍ରବ | ଜନମ୍ | ଅଗଷ୍ଟ-ସେପ୍ଟେମ୍ବର | କାରାମ୍ ପୂଜା | ଭାଦ୍ରବ ମାସ ପୂର୍ଣ୍ଣିମା ତିଥି | ଲିଟେ (କରମ ଦେବତା) | ଗୃହକର୍ତ୍ତା | ଶାଳ ଓ ଶିଆଳୀପତ୍ର ସିନ୍ଦୁର, ଅରୁଆଚାଉଳ, ପଞ୍ଚଶସ୍ୟ, ଦୀପ, ଛେଳି। | ଗୃହକର୍ତ୍ତା ଦିନଯାକ ଉପବାସ ପାଳିବା ପରେ ସନ୍ଧ୍ୟାବେଳକୁ ଦୀପଜାଳି କରମଦ୍ୱାରକୁ ଆବାହନ କରି ଗୀତନାଚର ତାଳେ ତାଳେ କାରମ ଡାଳରକୁ ଆଣି ଅଗଣାରେ ପ୍ରତିଷ୍ଠିତ କରି ପୂଜା କରନ୍ତି । ପୂଜା ପରେ ଗୃହକର୍ତ୍ତା କିମ୍ବା କରମା କାହାଣୀ ଜାଣିଥିବା ଦକ୍ଷଲୋକ ଗ୍ରାମବାସୀଙ୍କୁ ଏହି କିମ୍ବଦନ୍ତୀ କାହାଣୀ ଶୁଣାଇଥାନ୍ତି। | ପୂଜାପରେ ପୁରୁଷ ଓ ସ୍ତ୍ରୀ ନାଚ-ଗୀତ କରିଥାନ୍ତି । ମାଦଳ ବଂଶୀ ବଜାଇ ନିଜକୁ ଗୀତ-ନାଚରେ ହଜାଇ ଦେଇଥାନ୍ତି। | ମାନସିକ ପୂରଣ ପାଇଁ ଏହା କରାଯାଇଥାଏ। |
| ୦୬. | ଆଶ୍ୱିନ | ଦୁକାନ୍ | ସେପ୍ଟେମ୍ବର-ଅକ୍ଟୋବର | ଦାସାଏଁ ପରବ୍ (ଗୁରୁ ପୂଜା) | ଅଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରଥମାରୁ ଦଶମୀ ପର୍ଯ୍ୟନ୍ତ ପାଳନ କରାଯାଏ | ଗୁରୁଙ୍କୁ ପୂଜା କରାଯାଏ। ମନ୍ତ୍ର-ତନ୍ତ୍ର ଶିକ୍ଷାଗୁରୁ (ଦେଓ୍ୱା) | ଗୁଣିଆ | ସିନ୍ଦୁର,ଧୂପ ଓ ଝୁଣା | ଏହି ପୂଜା ଗୁରୁ ଓ ଶିଷ୍ୟ ମଧ୍ୟରେ ସୀମିତ। ଶିଷ୍ୟମାନେ ଏହି ଶିକ୍ଷା ଗୁରୁଙ୍କଠାରୁ ପାଇଥାନ୍ତି। ଏହି ପୂଜାରେ ମଧ୍ୟ ଗୁରୁ ଶିଷ୍ୟକୁ ପରୀକ୍ଷା କରିଥାନ୍ତି। | ଶିଷ୍ୟମାନେ ଗୁରୁବନ୍ଦନା ଗାଇ ଗାଇ ଗାଁ ଗାଁ ବୁଲି ଚାଉଳ ଓ ପନିପରିବା ମାଗିଥାନ୍ତି। | ଶିଷ୍ୟମାନେ ଗୁରୁଙ୍କ ଠାରୁ ଶିକ୍ଷା ପାଇବାର ଏହା ଉପଯୁକ୍ତ ସମୟ । ଗୁରୁ ଶିଷ୍ୟମାନଙ୍କୁ ତାଙ୍କ ଦକ୍ଷତାର ପ୍ରମାଣ କରାଇବାକୁ ସୁଯୋଗ ଦେଇଥାନ୍ତି |

## "ହୋ" ପର୍ବପର୍ବାଣୀ ସାରଣୀ (ପରବପନାଇଁ ଗର୍‌ଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | ହୋ/କୋହ୍ମ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସରନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ / ଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୦୭. | କାର୍ତ୍ତିକ | ସାର୍‌ଦି | ଅକ୍ଟୋବର-ନଭେମ୍ବର | ମାଗ୍‌ ବଙ୍ଗା | ସାର୍‌ଦି ଏଣ୍ଡିଡାରା (କାର୍ତ୍ତିକ କୃଷ୍ଣପକ୍ଷ ଷଷ୍ଠୀ ତିଥି) | ଲୁକୁହାଡାମ୍ | ଗୃହକର୍ତ୍ତା | ମେଣ୍ଢା, ଛେଳି, କୁକୁଡା, ସିନ୍ଦୁର, ଝୁଣା, ଧୂପ, ଶାଳପତ୍ର, ଅରୁଆ ଚାଉଳ, ଶିଆଳି ପତ୍ର | ପ୍ରତ୍ୟେକ ଗୃହକର୍ତ୍ତା ଆଦିପିତା ହିସାବରେ (ଲୁକୁହାଡାମ୍)ଙ୍କୁ ଧୂପ, ଝୁଣା, ଶିଆଳି ପତ୍ର ଓ ମେଣ୍ଢା, ଛେଳି, ଆଦିକୁ ବଳୀ ଦେଇ ପୂଜା କରନ୍ତି । ସୃଷ୍ଟି ଠାରୁ ଏପର୍ଯ୍ୟନ୍ତ ହୋଇଥିବା ଆଗମନ ବିଷୟରେ ବାଖ୍ୟା କରି ଗୃହକର୍ତ୍ତା ନିଜର ଆବେଗ ଜଣାଇଥାନ୍ତି । | - | ଏହି ପୂଜା ୩୦ ବର୍ଷରେ ଥରେ କରାଯାଇଥାଏ । ଏହି ପୂଜାରୁ ସେହି ନିଜ ପରିବାରର ଐତିହାସିକ ବସତି ମାନଙ୍କର ସୂଚନା ମିଳିଥାଏ । |
| ୦୮. | ମାର୍ଗଶିର | ମାଗେ | ନଭେମ୍ବର-ଡିସେମ୍ବର | ମାଗେ ପରବ୍ | ମାର୍ଗଶିର ମାସ ଶୁକ୍ଳପକ୍ଷ ନବମୀ ତିଥି ଠାରୁ କୃଷ୍ଣପକ୍ଷ ପ୍ରତିପଦ ସାତ ଦିନ ପର୍ଯ୍ୟନ୍ତ ପାଳନ ହୁଏ | ଲୁକୁ ହାଡାମ୍, ଲୁକୁବୁଢ଼ି, ଦେଶାଉଲି, ପାଉରି ହାଏରା, ଗଆଁବୁଙ୍ଗା ଓ ଦାନ୍‌ସାରୀ | ଗାଁ ଦେହୁରୀ | ନାଲି କୁକୁଡା, କଳାଟିଆଁ, ଶିଆଳି ପତ୍ର, ସିନ୍ଦୁର, ଅରୁଆ ଚାଉଳ ଓ ଝୁଣା | ଏହା ହେଉଛି ସୃଷ୍ଟି ସର୍ଜନା ସମ୍ପର୍କୀୟ ପର୍ବ । ଏଥିରେ ସୃଷ୍ଟି କର୍ତ୍ତାଙ୍କର ବିଭିନ୍ନ ଦୂତଙ୍କର ନାନା ପ୍ରକାର ପୂଜା ସାତଦିନ ଧରି କରାଯାଏ । | ବେନ୍ଦରା, ନାଗରା ଓ ବଂଶୀ ଇତ୍ୟାଦି ବାଦ୍ୟଯନ୍ତ୍ର ବଜାଇ ନାଚଗୀତ ସାଙ୍ଗକୁ ଅଶ୍ଳୀଳ ଶବ୍ଦ ପ୍ରୟୋଗ କରାଯାଇଥାଏ । | ଏହି ପରବ୍ କୁ ଫେଷ୍ଟିଭାଲ୍ ଅଫ୍ ସେକ୍ସ କୁହାଯାଏ । ଏହାକୁ ବିଭିନ୍ନ ସମୟରେ ଅନ୍ୟ ସମ୍ପ୍ରଦାୟମାନେ ମାନିଆସନ୍ତି । ଓଡିଆ ମାନଙ୍କର ରଥଟଣା, ଗଣ୍ଡମାନଙ୍କର ତାଳ ପୂଜାରେ ମାନିଥାନ୍ତି |

"ହୋ" ପର୍ବପର୍ବାଣୀ ସାରଣୀ (ପରବପନାଇଁ ଗରଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | ହୋ/କୋହ୍ନୁ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ /ଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୦୯. | ପୌଷ | ବାହି | ଡିସେମ୍ବର-ଜାନୁୟାରୀ | ବଲବଳି | ପୌଷ ମାସର ଅମାବାସ୍ୟା ଦିନ ଏହା ପାଳନ କରାଯାଏ। | ବଡ଼ାମ୍ | ଗାଁ ଦେହୁରୀ | ନାଲି କୁକୁଡ଼ା, କଳାଚିଆଁ, ସିନ୍ଦୁର, ଧୂପ, ଝୁଣା, ଅରୁଆ ଚାଉଳ। | ଗାଁର ପ୍ରତ୍ୟେକ ପରିବାରକୁ ରୋଗରୁ ମୁକ୍ତି ପାଇଁ ବଡ଼ାମ୍ ପୂଜା କରାଯାଏ । ଗ୍ରାମ ବାହାରେ କୌଣସି ଏକ ସ୍ଥାନରେ ଛିଣ୍ଡା ପାଛିଆ, କୁଲା, ଡଲା, ପାଛିଆ, ଝାଡୁଣୀକୁ ଘରୁ ନେଇ ପକାଇଥାନ୍ତି । ଗୃହସାମ୍ନାରେ ଚେରମୂଳକୁ ପୋତି ଦେଇଥାନ୍ତି। | - | ପ୍ରକୃତିକ ବିପର୍ଯ୍ୟୟ ଓ ରୋଗରୁ ମୁକ୍ତି ପାଇଁ ଏହା ପାଳନ କରାଯାଏ । |
| ୧୦. | ମାଘ | ଦେଗେରା | ଜାନୁୟାରୀ-ଫେବୃୟାରୀ | ବାଆ ପରବ୍ | ମାଘ ମାସର ପୂର୍ଣ୍ଣିମା ତିଥିରେ ପାଳିତ ହୁଏ। | ଦେଶାଉଲି, ଲୁକୁବୀଡ଼ୀ, ଦେଶରା ବୁଢ଼ୀ। | ଗାଁ ଦେହୁରୀ ସହିତ ଗୃହକର୍ତ୍ତା | ଶାଳଫୁଲ, ଧୂପ,ଝୁଣା, ସିନ୍ଦୁର, ନାଲିକୁକୁଡ଼ା। | ଜାହିରାଠାରେ ଗାଁର ଦେହୁରୀ ତାଙ୍କର ଧର୍ମପତ୍ନୀ ଓ ସହାୟକ ଶାଳଡ଼ାଳକୁ ପୂଜା କରନ୍ତି ଓ ସମବେତ ଗ୍ରାମବାସୀଙ୍କୁ ଦେଇଥାନ୍ତି । ଏହାକୁ ଗୃହକର୍ତ୍ତା / ଗୃହିଣୀ ଆଣି ଉଷାରେ ବ୍ୟବସ୍ଥାପନ କରି ନିଜର ଆବେଗ ଜଣାନ୍ତି । | ସମୃଦ୍ଧଶାଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୁଏ, ଯାହାକି କୋହ୍ନୁ ସମ୍ପ୍ରଦାୟର ଇତିହାସକୁ ଇତିହାସର ବାହକ ରୂପେ ସୁପରିଚିତ କରାଏ। | ଏହି ବାଆ ପର୍ବ ଗୀତରେ ୭ ପ୍ରକାର ବିଭାଗ ରହିଛି. ଯାହା ସାମ୍ ବେଦରେ ନିଖୁଣ ଭାବରେ ଚିତ୍ରିତ । |
| ୧୧. | ଫାଲ୍‌ଗୁନ | ହାପାଲ୍ | ଫେବୃୟାରୀ-ମାର୍ଚ୍ଚ | - | - | - | - | - | - | - | - |
| ୧୨. | ଚୈତ୍ର | ଦାପାଇ | ମାର୍ଚ୍ଚ-ଏପ୍ରିଲ | - | - | - | - | - | - | - | - |

"ହୋ" କୃଷି ସାରଣୀ (ଚାଆଷ ଗର୍‌ଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | କୋହ୍ଲ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ, ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୦୧. | ବୈଶାଖ | ଆଚାଙ୍କା | ଏପ୍ରିଲ-ମେ | ପ୍ରଥମେ ବିଲକୁ ଭଲଭାବେ ହଳ କରାଯାଏ । ତାହି ଜମିରେ ଥିବା ଅନାବନା ଗଛକୁ କାଟି ସଫା କରାଯାଇ ତାହାକୁ ପୋଡ଼ି ଦିଆଯାଏ । ବର୍ଷା ହେବା ପରେ ପ୍ରଥମେ ହଳ (କଡ଼ାଣ) କରାଯାଏ । ତାହାପରେ ଖରାପାଗ ଦେଖି ଦ୍ୱିତୀୟଥର ହଳ କରାଯାଏ । ଏତଦ୍‌-ବ୍ୟତୀତ ମୁଗ(ମୁଗ୍), ବିରି (ବିରି), କୋଳଥ (କୋଲଥ୍) ମକା (ଗାଙ୍ଗାଇ), ହରଡ (ହରଡ଼), ବାଜରା (ବାଜରା) ଚାଷ ପାଇଁ ଜମି ପ୍ରସ୍ତୁତ କରାଯାଏ । | କାକୁଡ଼ି (ଟାୟାର୍), ଲାଉ(ନାଉ), କଖାରୁ (କାଖାରୁ) ସାରୁ(ସାରୁ) ଲଙ୍କା (ମାରିଚ) ଭେଣ୍ଡି (ଭୁଣ୍ଡି) | ହେରମୁଟ୍ ବା ହନ୍‌ବା ପୂଜା ପାଆନ୍ତି ।ଏହି ପୂଜାରେ ନାଲିଆ କାଟୁଳି ଓ ଧଳାଗଞ୍ଜା ପୂଜା ହୁଏ । | ଲଙ୍ଗଳ, କୁଆଳୀ, ଗୋରୁଙ୍କୁ ସିନ୍ଦୁର ଧୂପ, ଝୁଣା ଦ୍ୱାରା ପୂଜା ଅର୍ଚ୍ଚନା କରାଯାଏ । | - | କୃଷି କାର୍ଯ୍ୟ ପାଇଁ ଏହି ମାସକୁ ଶୁଭାରମ୍ଭ ମାସ ବୋଲି ବିବେଚନା କରା ଯାଇଥାଏ । |

## "ହୋ" କୃଷି ସାରଣୀ (ଚାଆଷ ଗରଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | ହୋ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ, ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୦୨. | ଜ୍ୟେଷ୍ଠ | ଆତେନ୍ | ମେ-ଜୁନ୍ | ଖରାପାଗ ଦେଖି କରାଯାଇଥିବା ଜମିକୁ ସଜଡ଼ା ଯାଏ, ଜମିରେ ଖତ ପ୍ରୟୋଗ କରାଯାଏ, ମାଟିକୁ ଗୁଣ୍ଡ କରାଯାଏ । ମାଟିର ମଧ୍ୟମ ଧରଣର ଆର୍ଦ୍ରତା ଦେଖି ବାଜରା, ହରଡ଼, ମୁଗ, ବିରି, ମକା, କୋଳଥ ବୁଣାଯାଇଥାଏ । ଧାନଗଛ ପାଇଁ ତଳି (ପଟାଳି) ପକାଯାଇଥାଏ । ଘରବାଡ଼ିରେ ମାଟିକୁ ଖୋଳି ମନ୍ଦା ତିଆରି କରି ସେଥିରେ ଖତ ଦେଇ ଜହ୍ନି, କଖାରୁ, ବୋଇତାଳୁ ମଞ୍ଜି ଲଗାଯାଏ । | କଖାରୁ, ଲାଉ, ଇଙ୍କା, ସାରୁ ଓ ଭେଣ୍ଡି । | - | - | - | - |

## "ହୋ" କୃଷି ସାରଣୀ (ଚାଆଷ ଗର୍‌ଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | ହୋ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ, ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୦୩. | ଆଷାଢ଼ | ଆଦର୍ | ଜୁନ୍-ଜୁଲାଇ | ଧାନ ରୋଇବା ପାଇଁ ଏହି ମାସଟି ଉପଯୁକ୍ତ। ପୂର୍ବରୁ ଧାନ ଗଛ ପାଇଁ ପକାଯାଇଥିବା ତଳିକୁ ଉପାଡ଼ି ପୁଣି ତାହାକୁ କାଦୁଅ କରି ପୋତାଯାଇଥାଏ। ଧାନ ବୁଣାଯାଇଥିବା ଜମିକୁ ହଳକରି ମଇ ଦିଆଯାଇ ମେଞ୍ଚା ମେଞ୍ଚା ଧାନବୁଦାକୁ ଗୋଟି ଗୋଟି କରି ସମାନ ଭାବେ ଜମିର ଚାରିଆଡ଼େ ଖେଳାଇ ଦିଆଯାଇଥାଏ। | ପୋଇ ଶାଗ (ପୋଇ ଆଃ ଆଃ) କଳମ୍ (କଳମ୍ ଆଃ ଆଃ) କନ୍ଦମୂଳ (ଉଆସାଙ୍ଗା) ପପୟା (ବିହି) | ହେରଃ ପରବରେ ଗ୍ରାମ ଜାହିରାରେ ଗାଁ ଦେହୁରୀ କୁକୁଡ଼ା, ବୋଦା ବଳି ପକାଇ ପୂଜା କରନ୍ତି । | ଜାହିରା ଠାରେ ପୂଜା ସମୟରେ ନାଚ-ଗୀତ ହୋଇଥାଏ। | – | ସେହି ବର୍ଷରେ ଭଲ ବର୍ଷା ପାଇଁ ଜାହିରାଠାରେ ପୂଜା କରାଯାଏ । |
| ୦୪. | ଶ୍ରାବଣ | କଅରା | ଜୁଲାଇ-ଅଗଷ୍ଟ | ବିନ୍ଧୁଡ଼ା ପରେ ଧାନକିଆରୀରେ ମଇ ସହାଯ୍ୟରେ ଜମିକୁ ସମାନ କରାଯାଇଥାଏ, ମଇ ଦିଆଯିବା ପରେ ପୁନଃ ଜମିରେ ପାଣି ବନ୍ଧାଯାଇଥାଏ, କିଛିଦିନ ପରେ ଜଳ ନିଷ୍କାସନ କରି କିଆରୀରୁ ଘାସ ବଛାଯାଇଥାଏ ବାଘୁଆ ସାହାଯ୍ୟରେ ବାଟିଆ ଉଗାଯାଇ କିଆରୀର ସବୁଆଡ଼େ ସମାନ ଭାବରେ ଧାନବୁଦାକୁ ପକାଯାଇଥାଏ, ଫଳରେ ଧାନଗଛ ସମାନ ଭାବେ ବୁଦା ଦେଇଥାଏ । | ରେଣ୍ଡି, ଜହ୍ନି, କଖାରୁ, କଲରା, ମୂଳା (ମୂଳା), ବାଇଗଣ (ବେଙ୍ଗା), ବିଲାତି (ବିଲାତି) କୋବି । | ବାତାଉଲି ପର୍ବ ଏହି ମାସରେ ପାଳିତ ହୁଏ । କେନ୍ଦୁ ଓ ଭାଲିଆ ଡ଼ାଳକୁ ପୂଜା କରାଯାଇ ଏହାକୁ ଧାନକ୍ଷେତରେ ସ୍ଥାପନ କରାଯାଏ। | ଏହି ପର୍ବରେ ପୁରୁଷ ଓ ସ୍ତ୍ରୀ ଉଭୟେ ମିଶି ବାଦ୍ୟଯନ୍ତ୍ରର ତାଳେ ତାଳେ ନାଚ-ଗୀତ କରିଥାନ୍ତି । | – | ଚାଷକାର୍ଯ୍ୟକୁ ଯାଗେଇ ନେବାରେ ଏହି ମାସର ମହତ୍ତ୍ୱ ଅଧିକ । |

“ହୋ” କୃଷି ସାରଣୀ (ଚାଆଷ ଗର୍‌ଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | କୋହ୍ଲ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ, ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୦୫. | ଭାଦ୍ରବ | ଜନମ୍ | ଅଗଷ୍ଟ-ସେପ୍ଟେମ୍ବର | ଆଶୁଧାନ ଜମିରୁ କଟାଯାଇ ଅମଳ କରାଯାଏ । ଉକ୍ତ ଜମିରେ ଦୁଇଥର ଲଳଭାବେ ଚାଷ କରାଯାଇ ମଧ୍ୟମ ଆର୍ଦ୍ରତା ପାଗ ଦେଖି ସେହି ଜମିରେ କୋଳଥ, ମୁଗ, ବିରି, ବୁଣାଯାଇଥାଏ । ପନିପରିବା କ୍ଷେତରେ ଭଲଭାବରେ ବାଡ଼ ଦିଆଯାଇଥାଏ । | କୋଳଥ, ଆଶୁଧାନ, ମୁଗ, ବିରି, ଅମଳ କରାଯାଇଥାଏ । ପରିବା କ୍ଷେତରୁ ଭେଣ୍ଡି, ଲାଉ, କଖାରୁ, କାକୁଡ଼ି, ଇତ୍ୟାଦି ତୋଳଯାଇଥାଏ । | - | - | ଆଶୁଧାନକୁ କେହି କେହି ଲୋକେ ବେପାରୀଙ୍କୁ ବିକ୍ରୟ କରିଥାନ୍ତି । ପନିପରିବା ମଧ୍ୟ ହାଟରେ ବିକ୍ରୟ ହୋଇଥାଏ । | ଆଶୁଧାନ ଏହି ମାସରେ ଅମଳ ହେଉଥିବାରୁ ଘରକୁ ଲକ୍ଷ୍ମୀ ବିରାଜମାନ କଲେ ବୋଲି ବିଶ୍ବାସ କରାଯାଏ । |
| ୦୬. | ଆଶ୍ବିନ | ସୁକାନ୍ | ସେପ୍ଟେମ୍ବର-ଅକ୍ଟୋବର | ମାଟିର ଆର୍ଦ୍ରତା ଦେଖି ଡାହି ଜମିରେ ଦୁଇ ତିନିଥର ଚାଷ କରାଯାଇଥାଏ । ସେଥିରେ ରାଶି, କୋଳଥ, ମୁଗ ଓ ବିରି ବୁଣାଯାଇଥାଏ । ପନିପରିବା କ୍ଷେତରୁ ଜହ୍ନି, ଭେଣ୍ଡି, ବାଇଗଣ, କାକୁଡ଼ି, କଖାରୁ, ଲାଉ ଇତ୍ୟାଦି ତୋଳଯାଇଥାଏ । | କନ୍ଦମୂଳ ଖୋଳି ଅମଳ କରାଯାଏ । ପନିପରିବା ମଧ୍ୟରେ ଜହ୍ନି, ଭେଣ୍ଡି, ବାଇଗଣ ଇତ୍ୟାଦି ଅମଳ କରାଯାଏ । | - | - | ପନିପରିବା ମଧ୍ୟରୁ ଜହ୍ନି, ଭେଣ୍ଡି, ବାଇଗଣ ପ୍ରଭୃତିକୁ ହାଟମାନଙ୍କରେ ବିକ୍ରୟ କରାଯାଇଥାଏ । | - |

"ହୋ" କୃଷି ସାରଣୀ (ଚାଆଷ ଗର୍‌ଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | କୋହ୍ନ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ, ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୦୭. | କାର୍ତ୍ତିକ | ସାରଦି | ଅକ୍ଟୋବର-ନଭେମ୍ବର | ଏହି ମାସରେ ଡ଼ିପଜମିରୁ ନଗୁନା ଧାନ କଟାଯାଇ ଅମଳ କରାଯାଏ । ପ୍ରଥମଦିନ ଧାନକୁ କାଟି ଜମିରେ ରଖି ଦ୍ୱିତୀୟଦିନ ବିଡ଼ାବାନ୍ଧି ହାତରେ ଖଳାକୁ ଆଣିଥାନ୍ତି । ଗହୀର ଜମି ମାନଙ୍କରେ ଚାଷ କରାଯାଇଥିବା ଧାନକ୍ଷେତକୁ ପାଣି ମଡ଼ାଯାଇଥାଏ । | ନଗୁନା ଧାନ, ରାଶି ଓ ସୋରିଷ ଅମଳ କରାଯାଇଥାଏ । | - | - | - | - |
| ୦୮. | ମାର୍ଗଶୀର | ମାଗେ | ନଭେମ୍ବର-ଡିସେମ୍ବର | ମଧ୍ୟମ କିସମର ଧାନ, ଅମଳ କରାଯାଇଥାଏ । ତାହି ଜମିରେ ଆଳୁ, ବିଲାତି, କୋବି, ମୂଳା, ବାଇଗଣ ଇତ୍ୟାଦି ଲଗାଯିବା ପାଇଁ ଜମିକୁ ଦୁଇ-ତିନିଥର ହଳ କରାଯାଏ । ତାହିରେ ହଳ କରାଯାଇ ଓ ଖତ ଲଗାଇ ସିଆର କରି ଆଳୁ ଲଗାଯାଏ । | ଆଳୁ, ବିଲାତି, କୋବି, ମୂଳା, ବାଇଗଣ ଇତ୍ୟାଦି ଚାଷ କରାଯାଏ । ଧାନ ଅମଳ କରାଯାଇଥାଏ । | କ୍ଷେତଉଠା ପର୍ବ ପଡ଼େ। ଘରର ମୁଖିଆ ଇକ୍ଷୀଦେବୀକୁ ପୂଜା କରିଥାନ୍ତି । | ଗୃହକର୍ତ୍ତୀ ଘରର ଇଷ୍ଟଣ ଦେବତାଙ୍କୁ ଭୋଗଲଗାଇ ପୂଜା କରିଥାନ୍ତି । | ବିଲାତି, ବାଇଗଣ, ମୂଳା ଇତ୍ୟାଦିକୁ ବଜାରରେ ବିକ୍ରି କରାଯାଏ । | - |
| ୦୯. | ପୌଷ | ବାଦି | ଡିସେମ୍ବର-ଜାନୁୟାରୀ | ଧାନ ଅମଳ କରାଯାଇଥାଏ, ବିହନ ତଥା ସଞ୍ଚୟ ପାଇଁ ମଧ ଧାନ ଓଳିଆ ବନ୍ଧାଯାଇଥାଏ । ଗୋରୁମାନଙ୍କ ସାହାଯ୍ୟରେ ଧାନବିଡ଼ାକୁ ପଦୁଳି କରାଯାଇ ଧାନ ସଂଗ୍ରହ କରାଯାଇଥାଏ । | ବିଲାତି, ମୂଳା, ବାଇଗଣ, କଇର ମଧ ଅମଳ କରାଯାଇଥାଏ । | (ସାକାରାତ୍) ମକର ସଂକ୍ରାନ୍ତି ଏହି ମାସରେ ପଡ଼େ । ଘରର ମୁଖିଆ ଇଷ୍ଟଦେବତାଙ୍କୁ ପୂଜା କରିଥାନ୍ତି । | ମକର ପର୍ବରେ ପୁରୁଷ ଓ ସ୍ତ୍ରୀ ମିଶି ହାଣ୍ଡିଆ ପାନ କରନ୍ତି ଓ ନାଚ- ଗୀତ ଗାଇ ନିଜକୁ ଆନନ୍ଦରେ ବିଭୋର କରିଥାନ୍ତି । | ଧାନ ଅମଳ ପରେ ସେହି ଧାନକୁ ଚାଷୀସ୍ଥାନୀୟ ବେପାରୀଙ୍କୁ ବିକ୍ରୟ କରିଥାନ୍ତି । | ଧାନ ଅମଳ ପରେ ଚାଷୀ ତାର ଧାନଚାଷର ଆୟ-ବ୍ୟୟ ହିସାବ କରିଥାଏ । |

## "ହୋ" କୃଷି ସାରଣୀ (ଚାଆଷ ଗର୍‌ଗଣି)

| କ୍ର.ନଂ | ଓଡ଼ିଆ ମାସର ନାମ | ହୋ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫଳ,ଫୁଲ ଓ ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣୀ, ଦେବାଦେବୀ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୧୦. | ମାଘ | ସେନ୍ଦେରା | ଜାନୁଯାରୀ-ଫେବୃୟାରୀ | ଅବଶିଷ୍ଟ ଧାନବିଡ଼ାକୁ ବେଙ୍ଗଜା ଉଠାଯାଇ ଖଳାରେ ରଖାଇ ଧାନକୁ ଅଗାଡ଼ିକୁ ଅଲଗା କରନ୍ତି । ଧାନକୁ କୁଟାକୁ ଗଦାକରି ସାଇତି ରଖିଥାନ୍ତି ଘରର ଛପର ପାଇଁ । ଘରର ଛପର କାର୍ଯ୍ୟ ଆରମ୍ଭ ହୋଇଯାଏ । ଜମିରୁ ଆଳୁକୁ ଖୋଳିବାହାର କରାଯାଏ । କୋବି ଓ ମୂଳାକୁ ଓପାଡ଼ି ବାହାର କରାଯାଏ, ବାଇଗଣ ତୋଳାଯାଇଥାଏ । | ବିଲାତି, ଆଳୁ, କୋବି, ମୂଳା, ବାଇଗଣ ଇତ୍ୟାଦିଜମିରୁ ଅମଳ କରାଯାଇଥାଏ । | ବାଆ ପରବ୍, ଏହି ମାସରେ ପଡ଼େ । ଗାଁ ଦେହୁରୀ ଓ ଗୃହକର୍ତ୍ତା ଜାହିରା ଠାରେ ଓ ଇଷାଣ ଠାରେ ପୂଜା କରିଥାନ୍ତି । | ବାଆ ପରବ୍ ପ୍ରତ୍ୟେକ ନୃତ୍ୟ ଗୀତରେ ନିଜକୁ ସାମିଲ କରିଥାନ୍ତି । ଗାଁ ଦେହୁରୀ ଓ ଗୃହକର୍ତ୍ତା ଜାହିରା ଓ ଇଶାଣ ଠାରେ ପୂଜା କରନ୍ତି । - | ବିଲାତି, ଆଳୁ,କୋବି,ମୂଳା, ବାଇଗଣ ଇତ୍ୟାଦି ବଜାରରେ ବିକ୍ରି କରିଥାନ୍ତି । | |
| ୧୧. | ଫାଲ୍‌ଗୁନ୍ | ହାପାଇ୍ | ଫେବୃୟାରୀ-ମାର୍ଚ୍ଚ | ପ୍ରଥମ ବର୍ଷା ହେବାପରେ ଗହୀର ଜମିନର ପ୍ରଥମ ଥର ଚାଷ କରାଯାଏ, ଜମିଯାଇଁ ହୁଡ଼ା ପ୍ରସ୍ତୁତ କରିଥାନ୍ତି । ବଡ଼ବଡ଼ ମାଟିଖଣ୍ଡକୁ ଗୁଣ୍ଡ କରିଥାନ୍ତି । | ବିଲାତି, ଆଳୁ, ମୂଳା, କୋବି, ବାଇଗଣ ଇତ୍ୟାଦି ଜମିରୁ ଅମଳ କରାଯାଇଥାଏ । | - | | ବିଲାତି,ମୂଳା, କୋବି,ବାଇଗଣ ଇତ୍ୟାଦି ବଜାରରେ ବିକ୍ରୀ କରାଯାଏ । | - |
| ୧୨. | ଚୈତ୍ର | ବାପାଇ୍ | ମାର୍ଚ୍ଚ-ଏପ୍ରିଲ | ଏହି ମାସରେ ଡଙ୍ଗିରେ ଅନାବନା ଘାସ ଓ ବୁଦାକୁ କାଟି ସଫା କରାଯାଏ, ଗହୀର ଜମିରେ ଦ୍ୱିତୀୟ ଥର ଚାଷ କରାଯାଏ, ଖରାପାଗ ଦେଖି ପୁନଃ ଚାଷ କରାଯାଏ । କଲରା, ଜହ୍ନି, ଭେଣ୍ଡି, କଖାରୁ ମଞ୍ଜି ଲଗାଇବା ପାଇଁ କ୍ଷେତକୁ ଚାଷ କରି ମଦା କରାଯାଇଥାଏ, ସେଥିରେ ଖତ ଦିଆଯାଇ ମଞ୍ଜି ଲଗାଯାଏ । | କଲରା, ଜହ୍ନି, କାକୁଡ଼ି,ପୋଇ, କଖାରୁ ଇତ୍ୟାଦି ମଞ୍ଜି ଲଗା ଯାଇଥାଏ । | - | - | - | - |

"ହୋ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ଓଡ଼ିଆ ଭାଷାରେ ମାସର ନାମ | କୋହ୍ଲ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ସଂଗୃହିତ ବନଜାତ ଦ୍ରବ୍ୟର ନାମ: ମୁଖ୍ୟ | ସଂଗୃହିତ ବନଜାତ ଦ୍ରବ୍ୟର ନାମ: ଗୌଣ | ସଂପୃକ୍ତ ପର୍ବପର୍ବାଣୀ ଓ ଦେବଦେବୀ |
|---|---|---|---|---|---|---|
| ୦୧. | ବୈଶାଖ | ଆଚାଲା | ଏପ୍ରିଲ-ମେ | ଜାଳେଣି କାଠ (କୁଟୁବେ ସାହନ୍), ମୂଲ୍ୟବାନ୍ କାଠ (ସାହାନ୍) ଶାଳପତ୍ର (ସାରଜମ୍ ଶାକାମ୍) କୁଆଳି( ଆରାଁ) ବାଉଁଶ (ମାଃନ୍) ଲଙ୍ଗଳ (ନାୟାଲ), ଝୁଣା (ଝୁଣା), ପାଳ (ପାଳ)। | ଚାରକୋଳି (ତାରବ୍) ପିତାଶାଗ (ବିର୍ଆ) ଖଟାଶାଗ (ବିର୍ଜଃଆଃ) କେନ୍ଦୁ (କିନ୍ଦୁ) ରାଇଫଳ (ରାୟୁ) ଆମ୍ବ (ଉଲି) ଦାନ୍ତକାଠି (କାଟି), ପଣସ (ପଣସ) ପିତାଶାଗ (ମେରଆଃ) । | ହେରମୁଟ ବା ହନ୍‌ବା ପର୍ବରେ ଦେଶାଉଲି ଦେବତାଙ୍କୁ ନାଲିଆ କାଟୁଲି ଓ ଧଳା ଗଞ୍ଜା ସହିତ ଶାଳ ଓ ସିଆଳି ପତ୍ର ଆଦି ଉପକରଣ ଦ୍ୱାରା ପୂଜା କରାଯାଏ । |
| ୦୨. | ଜ୍ୟେଷ୍ଠ | ଆଡେନ୍ | ମେ-ଜୁନ୍ | ଶାଳପତ୍ର, ଜାଳେଣି କାଠ, ମୂଲ୍ୟବାନ କାଠ, ବାଉଁଶ, ଲଙ୍ଗଳ, ଝୁଣା, ପାଳ ଓ ମହୁ ରୁଅ, ଇଶ । | ,, | – |
| ୦୩. | ଆଷାଢ଼ | ଆଦର୍ | ଜୁନ୍-ଜୁଲାଇ | ଶାଳପତ୍ର, ଶିଆଳି ପତ୍ର, ଲଙ୍ଗଳ, କୁଆଳି, ଇଶ ବଣଆଳୁ (ବିର୍ ଆଲୁ) କଣ୍ଡା ଆଳୁ (କଣ୍ଡା ଆଲୁ) କାଠ । | ଆମ୍ବ, ପଣସ, ମାଟି ଛତୁ, (ପାତା ଉଟ୍) ଟିକିରା, ଛତୁ (ବୁନୁ ଉଟ୍) ବିହିଡ଼ା ଛତୁ (କାଳଏ ଉଟ୍) ଜାମୁ କୋଳି (ଜୁଡାଜୋ) ଲୁଣ (ଜନ), ଝୁଣା । | ହେରଃ ପରବ ଓ ଆଦର ପୁନେଇରେ ଲିଟେ ଓ ଦେଶାଉଲିଙ୍କୁ ବୋଦା, ନାଲି, ଓ ଧଳା କୁକୁଡ଼ା, ଝୁଣା ଦ୍ୱାରା ପୂଜା କରାଯାଇଥାଏ । |
| ୦୪. | ଶ୍ରାବଣ | କଅରା | ଜୁଲାଇ-ଅଗଷ୍ଟ | ଶାଳପତ୍ର, ସିଆଳି ପତ୍ର ଜାଳେଣି କାଠ, ଦାନ୍ତକାଠି, ବଣଆଳୁ, କଣ୍ଡାଆଳୁ । | ଜାମୁ, ଖଜୁରୀ କୋଳି (ଖଜୁରୀ ଜୋ) କରଞ୍ଜ କୋଳି (କରଞ୍ଜ ଜୋ) ରୁଟ୍‌କା ଛତୁ) | ବାତାଉଲି ଓ ଜମ୍‌ନାମା ପର୍ବରେ 'ଦେଶାଉଲି 'ସୁରମି' ଓ ଲିଟେ ଦେବତାଙ୍କୁ ପୂଜା କରାଯାଏ । ଏଥିରେ ନାଲି ଓ ଧଳା କୁକୁଡ଼ାରୁ ପୂଜା କରାଯାଏ । |

**"ହୋ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ**

| କ୍ର.ନଂ | ସଂଗୃହୀତ ବନଜାତ ଦ୍ରବ୍ୟର ବ୍ୟବହାର<br>ମୁଖ୍ୟ | ଗୌଣ | ସଂଗୃହୀତ ବନ୍ୟଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
|---|---|---|---|---|
| ୦୧. | ଚାଷ କାର୍ଯ୍ୟ ପାଇଁ ବଣରୁ ଜୁଆଳି, ଲଙ୍ଗଳ ପାଇଁ କାଠ ଓ ଜାଳେଣୀ ପାଇଁ କାଠ ସଂଗ୍ରହ କରନ୍ତି । ଶାଳପତ୍ରରେ ଦୋନା ଓ ଖଲି ତିଆରି କରନ୍ତି । | ଚାରକୋଳି, କେନ୍ଦୁ, ଆମ୍ବ, ପଣସ ଇତ୍ୟାଦି ଖାଇଥାନ୍ତି । ଦାନ୍ତକାଠି ଦାନ୍ତ ଘଷିବାରେ, ଶାଗକୁ ଖାଦ୍ୟ ପାଇଁ ସଂଗ୍ରହ କରନ୍ତି । | ଶାଳପତ୍ରର ଖଲି ଓ ଦୋନା, ଝୁଣା ବିଭିନ୍ନ ପ୍ରକାର କାଠ, ଝୁଣା ଓ ମହୁକୁ ସ୍ଥାନୀୟ ବେପାରୀ ମାନଙ୍କୁ ବିକ୍ରୀ କରିଥାନ୍ତି । | ମୂଲ୍ୟବାନ କାଠକୁ ସେମାନେ ପୋଡ଼ଶୀ ଗ୍ରାମର ଲୋକଙ୍କୁ ବିକ୍ରୀ କରିଥାନ୍ତି ଓ ଗୃହ ଉପକରଣ ଦ୍ରବ୍ୟ ମଧ୍ୟ ତିଆରି କରିଥାନ୍ତି । |
| ୦୨. | ଶାଳପତ୍ରରୁ ପ୍ରସ୍ତୁତ ଖଲି ଓ ଦୋନାକୁ ପୂଜାକାର୍ଯ୍ୟରେ ଓ ଖାଦ୍ୟ ସେବନରେ ବ୍ୟବହାର କରନ୍ତି । କାଠକୁ ଜାଳେଣି ରୂପେ ବ୍ୟବହାର କରନ୍ତି । | କରଞ୍ଜରୁ ତେଲ ବାହାର କରାଯାଇ ଔଷଧ ରୂପେ ବ୍ୟବହାର କରିଥାନ୍ତି, ଫଳମୂଳକୁ ଖାଦ୍ୟକାରରେ ଗ୍ରହଣ କରିଥାନ୍ତି । | ଖଲି ଓ ଦୋନାକୁ ସ୍ଥାନୀୟ ବେପାରୀ ମାନଙ୍କୁ ବିକ୍ରୀ କରାଯାଇଥାଏ । | କାଠରେ ତିଆରି ଖଟ ଖୋରା ମଧ୍ୟ ବିକ୍ରୀ କରିଥାନ୍ତି । |
| ୦୩. | ବଣରୁ ସଂଗୃହୀତ ସମସ୍ତ ଆଳୁକୁ ଖାଦ୍ୟ ହିସାବରେ ଗ୍ରହଣ କରନ୍ତି । ଜୁଆଳୀ, ଲଙ୍ଗଳକୁ ଚାଷକାର୍ଯ୍ୟରେ ପତ୍ରରୁ ପ୍ରସ୍ତୁତ ଖଲିଓ ଦୋନାକୁ ପୂଜା କାର୍ଯ୍ୟରେ ବ୍ୟବହାର କରନ୍ତି । | ସମସ୍ତ ପ୍ରକାର ଛତୁକୁ ତରକାରୀ ପାଇଁ ସଂଗ୍ରହ କରିଥାନ୍ତି । ଆମ୍ବ, ପଣସକୁ ଖାଦ୍ୟ ହିସାବରେ ବ୍ୟବହାର କରନ୍ତି । | ଦୋନା ଓ ଖଲିକୁ ସ୍ଥାନୀୟ ବେପାରୀ ମାନଙ୍କୁ ବିକ୍ରୀ କରିଥାନ୍ତି । ଅଧିକ ଛତୁ ସଂଗୃହୀତ ହୋଇଥିଲେ ତାହାକୁ ମଧ୍ୟ ବିକ୍ରୀ କରିଥାନ୍ତି । | ଆମ୍ବ, ପଣସ ଇତ୍ୟାଦି ଫଳ ଏହି ମାସରେ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହୋଇଥାଏ । |
| ୦୪. | ଶାଳପତ୍ର ଓ ଶିଆଳୀପତ୍ରରୁ ଖଲି ଓ ଦୋନା ତିଆରି କରନ୍ତି । ସମସ୍ତ ପ୍ରକାର ଆଳୁକୁ ଖାଦ୍ୟ ହିସାବରେ ଗ୍ରହଣ କରନ୍ତି । ଦାନ୍ତକାଠିକୁ ଦାନ୍ତ ଘଷିବା ପାଇଁ ସଂଗ୍ରହ କରନ୍ତି । | ଏହି ମାସରେ ମିଳୁଥିବା ଫଳ ଓ ଛତୁକୁ ମଧ୍ୟ ଖାଦ୍ୟ ଭାବରେ ଗ୍ରହଣ କରିଥାନ୍ତି । | ଅଧିକ ଛତୁ ମିଳିଲେ ତାହାକୁ ଗାଁ ଗଣ୍ଡାମାନଙ୍କରେ ବିକ୍ରୀ କରନ୍ତି । ଖଲି ଓ ଦୋନା ସହିତ କରଞ୍ଜ ତେଲକୁ ସମୟ ସମୟରେ ବିକ୍ରୀ କରାଯାଇଥାଏ । | ବିଭିନ୍ନ ପ୍ରକାରର ଛତୁ ଏହି ମାସରେ ଯଥେଷ୍ଟ ପରିମାଣରେ ଜଙ୍ଗଲରୁ ସଂଗୃହିତ ହୋଇଥାଏ । |

## "ହୋ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ଓଡ଼ିଆ ଭାଷାରେ ମାସର ନାମ | କୋହ୍ଲ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ସଂଗୃହିତ ବନଜାତ ଦ୍ରବ୍ୟର ନାମ: ମୁଖ୍ୟ | ସଂଗୃହିତ ବନଜାତ ଦ୍ରବ୍ୟର ନାମ: ଗୌଣ | ସଂପୃକ୍ତ ପର୍ବପର୍ବାଣୀ ଓ ଦେବଦେବୀ |
|---|---|---|---|---|---|---|
| ୦୫. | ଭାଦ୍ରବ | ଜନମ୍ | ଅଗଷ୍ଟ-ସେପ୍ଟେମ୍ବର | ଜାଳେଣି କାଠ, ଶାଳପତ୍ର, ସିଆଳୀ ପତ୍ର, ଦାନ୍ତକାଠି । | ବଡ଼ ଛତୁ, ବିନ୍ଧୁଡ଼ା ଛତୁ ମାଟି ଛତୁ, ଟିକିରା ଛତୁ ଓ ପିତାଆଳୁ । | କାରମ୍ ପୂଜାରେ 'ଲିଟେ' ଦେବତାଙ୍କୁ ପୂଜା କରାଯାଏ । ଏଥିରେ ଜଙ୍ଗଲର ସଂଗୃହିତ ଶାଳପତ୍ର, ଶିଆଳୀପତ୍ରକୁ ପୂଜାରେ ବ୍ୟବହାର କରାଯାଏ । |
| ୦୬. | ଆଶ୍ୱିନ | ଶୁକାନ୍ | ସେପ୍ଟେମ୍ବର-ଅକ୍ଟୋବର | ଶିଆଳୀପତ୍ର, ଜାଳେଣୀ କାଠ, ଶାଳପତ୍ର, ଦାନ୍ତକାଠି ବଣଆଳୁ, କଣ୍ଢାଆଳୁ । | ବଡ଼ ଛତୁ | ଦାସାଇଁ ପରବ୍‌ରେ ଗୁରୁ ପୂଜା ହୁଏ, ଏଥିରେ ଗୁରୁ 'ଦେଓ୍ୱାଁ'ଙ୍କୁ ଝୁଣା, ସିନ୍ଦୁର, କୁକୁଡ଼ା ଦେଇ ପୂଜା ଅର୍ଚ୍ଚନା କରାଯାଇଥାଏ । |
| ୦୭. | କାର୍ତ୍ତିକ | ସାର୍‌ଦି | ଅକ୍ଟୋବର-ନଭେମ୍ବର | ସମସ୍ତପ୍ରକାର କାଠ, ଦାନ୍ତକାଠି, ଶାଳପତ୍ର, ସିଆଳୀପତ୍ର । | ଝୁଣା(ଝୁଣା), ପାଳ (ପାଲ), ବାଉଁଶ (ମାଃଟ୍) । | 'ମାରାଂବଙ୍ଗା' ପର୍ବରେ ଲୁକୁ ହାଡାମ୍ ଦେବତାଙ୍କୁ ମେଣ୍ଢା, ଛେଳି, ଝୁଣା, ମହୁ, ଇତ୍ୟାଦି ଦ୍ୱାରା ପୂଜା କରାଯାଇଥାଏ । |
| ୦୮. | ମାର୍ଗଶୀର | ମାଗେ | ନଭେମ୍ବର-ଡିସେମ୍ବର | ଶିଆଳିପତ୍ର, ଶାଳପତ୍ର, ଦାନ୍ତକାଠି । | ଝୁଣା, କୁଣ (କନଃ), ଶିଆଳୀ ଫଳ, ଖଜୁରୀ ଫଳ । | ମାଗେ ପରବ୍‌ରେ ଲୁକୁବୁଢ଼ୀ ଲୁକୁହାଡ଼ାମ୍ ଦେଶାଓଲିଙ୍କୁ ସିଆଡ଼ି ଫଳ ଇତ୍ୟାଦି ଦ୍ରବ୍ୟ ଦ୍ୱାରା ପୂଜାକରାଯାଇଥାଏ । |

"ହୋ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ସଂଗୃହୀତ ବନଜାତ ଦ୍ରବ୍ୟର ବ୍ୟବହାର | | ସଂଗୃହୀତ ବନ୍ୟଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
|---|---|---|---|---|
| | ମୁଖ୍ୟ | ଗୌଣ | | |
| ୦୫. | ରୋଷେଇ ପାଇଁ ଜାଳେଣୀ କାଠ ବ୍ୟବହାର କରନ୍ତି । ଦାନ୍ତ ସଫା କରିବା ପାଇଁ ଦାନ୍ତକାଠି ବ୍ୟବହାର କରନ୍ତି । | ପିଠା ଆଦିକୁ ଔଷଧ ରୂପେ ବ୍ୟବହାର କରନ୍ତି । ସମସ୍ତ ଛତୁକୁ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । | ଶାଳ ଓ ଶିଆଳୀପତ୍ରରୁ ପ୍ରସ୍ତୁତ ଖଲି ଓ ଦୋନାକୁ ସ୍ଥାନୀୟ ବେପାରୀ କିମ୍ବା ହାଟ ବଜାରରେ ବିକ୍ରୀ କରିଥାନ୍ତି । ଛତୁକୁ ମଧ୍ୟ ଗାଁ ଗାଁ ବୁଲି ଲୋକଙ୍କୁ ବିକ୍ରୀ କରିଥାନ୍ତି । | ଶାଳପତ୍ର, ଶିଆଳୀପତ୍ର ଏହି ମାସରେ ବହୁ ପରିମାଣରେ ମିଳିଥାଏ । |
| ୦୬. | ରୋଷେଇ ପାଇଁ ଜାଳକାଠକୁ ବ୍ୟବହାର କରନ୍ତି । ଶାଳ ଓ ଶିଆଳୀପତ୍ରରୁ ଖଲି ଓ ଦୋନା ତିଆରି କରନ୍ତି, ଦାନ୍ତ ସଫା କରିବା ପାଇଁ ଦାନ୍ତକାଠି କୁ ସଂଗ୍ରହ କରାଯାଇଥାଏ । | ଛତୁକୁ ତରକାରୀ ପାଇଁ ସଂଗ୍ରହ କରାଯାଇଥାଏ । | ଖଲି, ଦୋନା ଓ ଅନ୍ୟାନ୍ୟ ଆଦିକୁ ଗାଁମାନଙ୍କରେ ବୁଲି ବୁଲି ବିକ୍ରୀ କରାଯାଇଥାଏ । | ବଡ଼ ଛତୁକୁ ପାଖ ଗାଁମାନଙ୍କରେ ବିକ୍ରୀ କରିଥାନ୍ତି । |
| ୦୭. | କାଠକୁ ଜାଳେଣୀ ରୂପେ ଦାନ୍ତକାଠିକୁ ଦାନ୍ତ ଘଷିବା ଓ ଶାଳ ଓ ଶିଆଳୀପତ୍ରକୁ ପୂଜା ଓ ଖାଦ୍ୟ ସେବନରେ ବ୍ୟବହାର କରନ୍ତି । | ଝୁଣା, ପାଳକୁ ପୂଜାକାର୍ଯ୍ୟରେ ଓ ବାଉଁଶକୁ ଘର ମରାମତିରେ ବ୍ୟବହାର କରନ୍ତି । | ସମୟ ସମୟରେ ଝୁଣାକୁ ଗାଁମାନଙ୍କରେ ବିକ୍ରୟ କରିଥାନ୍ତି । କାଠକୁ ମଧ୍ୟ ଗାଁ ମାନଙ୍କରେ ବିକ୍ରୟ କରାଯାଇଥାଏ । | - |
| ୦୮. | ଶିଆଳିପତ୍ର, ଶାଳପତ୍ରକୁ ପୂଜାକାର୍ଯ୍ୟରେ ଓ ଏଥିରୁ ପ୍ରସ୍ତୁତ ଖଲି ଦୋନାକୁ ଖାଦ୍ୟ ସେବନରେ ବ୍ୟବହୃତ କରନ୍ତି । | ଢ଼ୁଣରୁ ଛାଞ୍ଚୁଣୀ ତିଆରି ହୁଏ ଓ ଗୁଣିଆମାନେ ମଧ୍ୟ ତାଙ୍କ କାର୍ଯ୍ୟରେ ଢ଼ୁଣକୁ ବ୍ୟବହାର କରନ୍ତି । | ପତ୍ରରୁ ପ୍ରସ୍ତୁତ ଖଲି ଓ ଦୋନାକୁ ସ୍ଥାନୀୟ ବେପାରୀକୁ ବିକ୍ରୀ କରାଯାଇଥାଏ । | ଖଜୁରୀଫଳରୁ ପ୍ରସ୍ତୁତ ତେଲକୁ ସମୟ ସମୟରେ ଔଷଧ ରୂପେ ବ୍ୟବହାର କରାଯାଉଥାଏ । |

## "ହୋ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ଓଡ଼ିଆ ଭାଷାରେ ମାସର ନାମ | କୋହ୍ଲ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ସଂଗୃହିତ ବନଜାତ ଦ୍ରବ୍ୟର ନାମ: ମୁଖ୍ୟ | ସଂଗୃହିତ ବନଜାତ ଦ୍ରବ୍ୟର ନାମ: ଗୌଣ | ସଂପୃକ୍ତ ପର୍ବପର୍ବାଣୀ ଓ ଦେବଦେବୀ |
|---|---|---|---|---|---|---|
| ୦୯. | ପୌଷ | ବାଦି | ଡିସେମ୍ବର-ଜାନୁୟାରୀ | ଶାଳପତ୍ର, ଛାଲେଣି କାଠ, ଦାନ୍ତକାଠି । | ମହୁ, ପାଲୁଅ ଛତୁ, ଝୁଣା, ଶତବରୀ (ଔଷଧୀୟ ବୃକ୍ଷ)। | ଏହି ମାସରେ 'ବଡ଼ବଜି' ପର୍ବରେ ଓ 'ବାଡ଼ାମ୍' ଦେବତାଙ୍କୁ ନାଲିକୁକୁଡ଼ା କଳା ଚିଅଁ ଇତ୍ୟାଦି ବଳିଦିଆଯାଇ ପୂଜା କରାଯାଏ। |
| ୧୦. | ମାଘ | ସେନ୍ଦେରା | ଜାନୁୟାରୀ-ଫେବୃୟାରୀ | ଦାନ୍ତକାଠି, ଶାଳପତ୍ର, ଶିଆଳୀପତ୍ର, ଜାଳେଣୀ କାଠ। | ମହୁ, ଝୁଣା, ଛଣ, କୁଣ । | ବାଆପରବ୍‌ରେ ଦେଶାଉଲି ନୁକୁବୁଡ଼ୀ ଜାଏରା ବୁଢ଼ୀ, ଦେବତାଙ୍କୁ ଶାଳଫୁଲ, କୁକୁଡ଼ା ଆଦି |
| ୧୧. | ଫାଲଗୁନ୍ | ହାପାଲ୍ | ଫେବୃୟାରୀ ମାର୍ଚ୍ଚ | ଶାଳପତ୍ର, ଶିଆଳୀପତ୍ର, ଦାନ୍ତକାଠି, ମହୁଲଫୁଲ, ଶାଳଫୁଲ, ଆମ୍ବ ଓ କେନ୍ଦୁ । | ଝୁଣା, ଦୁଣ, ଛଣ କଣ୍ଡାଆଳୁ । | - |
| ୧୨. | ଚୈତ୍ର | ବାପାଲ୍ | ମାର୍ଚ୍ଚ ଅପ୍ରେଲ | ଜାଳେଣୀ କାଠ, ଦାନ୍ତକାଠି, ଆମ୍ବ, ପଣସ, ଶାଳପତ୍ର ଓ ଶିଆଳିପତ୍ର | ଚାରକୋଳି, ଖଟା ଶାଗ, ପିତାଶାଗ | - |

## "ହୋ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ସଂଗୃହୀତ ବନଜାତ ଦ୍ରବ୍ୟର ବ୍ୟବହାର<br>ମୁଖ୍ୟ | <br>ଗୌଣ | ସଂଗୃହୀତ ବନ୍ୟଜାତ ଦ୍ରବ୍ୟର ବିପଣନ | ମନ୍ତବ୍ୟ |
|---|---|---|---|---|
| ୦୯. | ଜାଳେଣୀକାଠକୁ ରୋଷେଇ କାର୍ଯ୍ୟରେ ଦାନ୍ତକାଠିକୁ ଦାନ୍ତ ଘଷିବାରେ ଓ ପତ୍ରକୁ ଖାଦ୍ୟ ସେବନ ସମୟରେ ବ୍ୟବହାର କରାଯାଏ । | ଶତାବରୀ ବୃକ୍ଷର ଚେରକୁ ବାଖରରେ ମିଶାଯାଏ । ମହୁ, ପାଳକୁ ସାଧାରଣଙ୍କ ବିକ୍ରୀ ଉଦ୍ଦେଶରେ ସଂଗ୍ରହ କରାଯାଇଥାଏ । | ଖଲି ଓ ଦୋନାକୁ ସାଧାରଣତଃ ବ୍ରିକୀ କରାଯାଇଥାଏ । ମହୁ, ଝୁଣା ଓ ପାଳକୁ ଗାଁରେ ବିକ୍ରୀ କରାଯାଇଥାଏ । | - |
| ୧୦. | ରୋଷେଇ କାର୍ଯ୍ୟରେ ଜାଳେଣୀ କାଠକୁ, ଶାଳପତ୍ର ଓ ଶିଆଳୀପତ୍ରକୁ ଖାଦ୍ୟ ସେବନରେ ବ୍ୟବହାର କରନ୍ତି । | ମହୁ, ଝୁଣାକୁ ପୂଜାକାର୍ଯ୍ୟରେ ବ୍ୟବହାର କରାଯାଏ । କୁଶ ଓ ଛଣରୁ ଝାଡୁ ତିଆରି କରାଯାଏ । | ମହୁ, ଝୁଣାକୁ ପାଖ ଗାଁରେ ବିକ୍ରୟ କରାଯାଇଥାଏ । | - |
| ୧୧. | ଶାଳ ଓ ଶିଆଳୀପତ୍ରରେ ଖଲି ଓ ଦୋନା ତିଆରି ହୋଇ ଖାଦ୍ୟ ସେବନ ସମୟରେ ବ୍ୟବହୃତ ହୋଇଥାଏ । ମହୁଲ ଫୁଲରୁ ପିଠା ଓ ମଦ ତିଆରି ହୋଇଥାଏ । | ପୂଜା ପାଇଁ ଝୁଣା ବ୍ୟବହାର କରାଯାଏ । କୁଶ ଓ ଛଣରୁ ଝାଡୁ ତିଆରି କରାଯାଏ । | ଖଲି, ଦୋନା, ମହୁଲ ଫୁଲ, ଶାଳ ଫୁଲକୁ ସ୍ଥାନୀୟ ବେପାରୀ ମାନଙ୍କୁ ବିକ୍ରୟ କରାଯାଇଥାଏ । | ଏହି ମାସରେ ମହୁଲଫୁଲ, ଶାଳଫୁଲ ଇତ୍ୟାଦି ସଂଗ୍ରହ ପାଇଁ ଉପଯୁକ୍ତ ସମୟ । |
| ୧୨. | ରୋଷେଇ କାର୍ଯ୍ୟରେ ଜାଳେଣୀ କାଠ, ଦାନ୍ତ ଘଷିବା ପାଇଁ ଦାନ୍ତକାଠକୁ ବ୍ୟବହୃତ କରନ୍ତି । ଶାଳ ଓ ଶିଆଳୀପତ୍ରକୁ ଖାଦ୍ୟ ସେବନ ସମୟରେ ବ୍ୟବହାର କରନ୍ତି । | ଖଟାଶାଗ ପିତାଶାଗକୁ ତରକାରୀ ପାଇଁ ସଂଗ୍ରହ କରିଥାନ୍ତି । | ଦୋନା ଓ ଖଲିକୁ ସ୍ଥାନୀୟ ବେପାରୀ ମାନଙ୍କୁ ବିକ୍ରୟ କରିଥାନ୍ତି । | - |

# ଶ୍ରମ ସମବାୟ

## (ଦେପେଙ୍ଗା / ପାଇଟି ଦେପିଙ୍ଗା)

ସହଯୋଗ ଭିତ୍ତିରେ ସମଗ୍ର ବିଶ୍ୱ ଏକତାରେ ସୂତ୍ରରେ ବାନ୍ଧି ହୋଇରହିଛି । ପ୍ରତ୍ୟେକ ଦେଶ, ଜାତି, ସଂପ୍ରଦାୟ, ଗୋଷ୍ଠୀ, ସାମାଜ, ପରିବାର ଏହି ମନ୍ତ୍ରରେ ଅଭିମନ୍ତ୍ରିତ । ଶ୍ରମ ସହଯୋଗୀତାର ଧାରା ହୋ ସଂପ୍ରଦାୟରେ ବର୍ତ୍ତମାନ ବଳିଷ୍ଠ ମଧ ।

## ଆଦିବାସୀଙ୍କ ଦୃଷ୍ଟିରେ ଶ୍ରମ ସମବାୟ:

କାର୍ଯ୍ୟ ସଂପାଦନ ପାଇଁ ଗ୍ରାମର କିଛି ଲୋକ ଶ୍ରମଦାନ ପୂର୍ବକ ପରସ୍ପରକୁ ସାହାଯ୍ୟ କଲେ ଶ୍ରମସହଯୋଗୀତା ବୁଝାଯାଇଥାଏ ଅର୍ଥାତ୍ ସହଯୋଗୀ ଭିତ୍ତିକ କର୍ମ ।

ହୋ/କୋହ୍ଲ ସଂପ୍ରଦାୟରେ ଏହି ସହଯୋଗୀ ଶ୍ରମ ପରମ୍ପରା ବେଶ୍ ପ୍ରଚଳିତ । ସମସ୍ତ କର୍ମାନୁଷ୍ଠାନ, ପର୍ବପର୍ବାଣୀ, ବିବାହୋତ୍ସବ ଆଦିରେ ମିଳିତ ଶ୍ରମଦାନ କରି ସେମାନେ ପ୍ରତ୍ୟେକ କାର୍ଯ୍ୟ ସଂପାଦନ କରିଥାଆନ୍ତି । ଏବେ ସାପ୍ତାହିକ ଶ୍ରମ ସହଯୋଗ ଦିବସ ମାନ ଅନୁଷ୍ଠିତ ହୋଇ ପର୍ଯ୍ୟାୟକ୍ରମେ ଶ୍ରମ ସହଯୋଗ କରୁଥିବାର କହନ୍ତି ଅର୍ଥାତ୍ ସପ୍ତାହକୁ ସପ୍ତାହ ଚାଷ କାମରେ ଜଣଜଣକୁ ସାହାଯ୍ୟ । ପର୍ଯ୍ୟାୟକ୍ରମେ ସମସ୍ତେ ପ୍ରତ୍ୟେକ ସପ୍ତାହରେ ଜଣ ଚାଷକାମ ଉଠାଇଥାନ୍ତି । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଏକତା ଭାବ ବଜାୟ ରହିବା ସହିତ ସମାଜ, ଗ୍ରାମ ତଥା ବ୍ୟକ୍ତିଗତ ସ୍ତରରେ ମଂଗଳପ୍ରଦ ହୋଇଥାଏ । ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବା ସଂଗେ ସଂଗେ ଶୀଘ୍ର, ସହଜ ତଥା ସୁଚାରୁ ରୂପେ କର୍ମ ସଂପାଦିତ ହୋଇପାରେ । ଆବଶ୍ୟକ ସମୟ ଭିତରେ କାର୍ଯ୍ୟ ଶେଷ ହୋଇଥାଏ ।

## ଜଣକ କାମରେ ପ୍ରତି ପରିବାରରୁ ଜଣେ କରି ଶ୍ରମଦାନ:

ହୋ/କୋହ୍ଲ ସମାଜରେ ଅଣପାରମ୍ପରିକ ଶ୍ରମଦାନ କ୍ଷେତ୍ରରେ ଏହି ଧାରା ଲାଗୁ ହୋଇଥାଏ । ଚାଷକାର୍ଯ୍ୟ, ଗୃହନିର୍ମାଣ ଓ ପତିତଜମିର ପୁନରୁଦ୍ଧାର ଇତ୍ୟାଦି ସମୟରେ ପ୍ରାୟତଃ ଏହି ପ୍ରକ୍ରିୟା ଦୃଷ୍ଟିଗୋଚର ହୁଏ । ଚାଷ ସମୟରେ ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ପୁରୁଷ କିମ୍ବା ସ୍ତ୍ରୀ ଜଣକ ପାଇଁ ଚାଷକାମ କରନ୍ତି । ସମସ୍ତଙ୍କର ଚାଷକାର୍ଯ୍ୟ ଶେଷ ହେବା ପାଇଁ ଏହି ପ୍ରକ୍ରିୟାରେ କାମ ହୁଏ ଓ ସୁରୁଖୁରୁରେ

ସମୟ ଅନୁଯାୟୀ ସମସ୍ତଙ୍କର ଚାଷକାର୍ଯ୍ୟ ସଂପାଦିତ ହୋଇପାରେ । ଗୃହନିର୍ମାଣ ସମୟରେସେହିପରି ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ସଦସ୍ୟ/ ସଦସ୍ୟା ଗୃହକର୍ତ୍ତାଙ୍କୁ କାମରେ ସହଯୋଗ କରିଥାଆନ୍ତି । ଅନୁରୂପ ଭାବେ ପତିତ ଜମିର ପୁନରୁଦ୍ଧାର ପାଇଁ ସଭିଏଁ ଉତ୍ସାହର ସହ ସହଯୋଗ କରିବାକୁ ଆଗେଇ ଆସିଥାଆନ୍ତି । ଶୀଘ୍ର ତଥା ସହଜରେ ଜମି ଚାଷୋପଯୋଗୀ ହୋଇପାରେ ।

## ଜଣକ କାମରେ ପ୍ରତି ପରିବାରର ମନୋନୀତ ବ୍ୟକ୍ତିଙ୍କ ଶ୍ରମଦାନ:

ହୋ/କୋହ୍ଲ ସଂପ୍ରଦାୟରେ ସହଯୋଗୀ ଶ୍ରମର ଗୁରୁତ୍ୱ ବେଶ୍ ଉପଲବ୍ଧ । ପାରଂମ୍ପରିକ ପର୍ବପର୍ବାଣୀ,ବିବାହୋତ୍ସବ, ଶୁଦ୍ଧିକ୍ରିୟା,ଶବସତ୍କାର ଆଦି ପ୍ରତ୍ୟେକ କାମରେ ପରିବାରର ଦୁଇଜଣ ଲେଖାଏଁ (ପୁରୁଷ ଓ ସ୍ତ୍ରୀ) ସଦସ୍ୟ ସଦସ୍ୟା ଶ୍ରମପ୍ରଦାନ କରିଥାଆନ୍ତି ଏବଂ ଏହା ନିତାନ୍ତ ଜରୁରୀ । ପରିବାରର ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ତାଙ୍କର ସାଁବାଳକ ପୁତ୍ର ଏଥିରେ ଯୋଗ ଦେଇପାରେ । ବିବାହହୋତ୍ସବରେ ପୁରୁଷମାନେ ପୁରୁଷ ଅତିଥିମାନଙ୍କ ସହିତ ବାର୍ତ୍ତାଳାପ ପାରମ୍ପରିକ ଉପଚାର ପାଳନ ସମ୍ପନ୍ନ କରୁଥିବା ସ୍ଥଳେ ସ୍ତ୍ରୀ ଲୋକମାନେ ଖାଦ୍ୟପେୟ ପରିବେଷଣ ଓ ମହିଳା ଅତିଥିଙ୍କୁ ସତ୍କାର କରିବାରେ ଗୃହକର୍ତ୍ତାଙ୍କୁ ସହାୟତା ପ୍ରଦାନ କରନ୍ତି । ସେହିପରି ଶବସତ୍କାର ସମୟରେ ଶବ ବୋହିବା ଏବଂ ଶବ ପାଇଁଗାତ ଖୋଳିବାରେ ପୁରୁଷ ଲୋକମାନେ ସହଯୋଗ କରୁଥିବା ବେଳେ ସ୍ତ୍ରୀ ଲୋକମାନେ କାବ୍ୟିକ ଶୈଳୀରେ ମୃତଲୋକର ଗୁଣ ବାହୁନି ବାହୁନି କ୍ରନ୍ଦନ ପୂର୍ବକ ସମବେଦନା ଜ୍ଞାପନ କରିବାକୁ ସମବେତ ହୁଅନ୍ତି । ପର୍ବପର୍ବାଣୀମାନଙ୍କରେ ପୁରୁଷ ଲୋକ ପୂଜାସ୍ଥଳୀ ପରିଷ୍କାର ପରିଛନ୍ନ କରିବା ପୂଜା ଉପକରଣ ଯୋଗାଡ଼ କରିଆଣିବା, ବନ୍ଦୀ ଦେବାର ଆୟୋଜନ କରିବାଆଦି କର୍ମଦବାରା ଗ୍ରାମ ପୁରୋହିତ (ଦିହୁରୀ)ଙ୍କୁ ସହାୟତା ପ୍ରଦାନ କରନ୍ତି । ମହିଳାମାନେ ପୂଜା ସ୍ଥଳୀରେପୂଜା ସଜାଡ଼ିବା,ଭୋଗ ପ୍ରସ୍ତୁତ କରିବା ଓ ଖାଦ୍ୟ-ପାନୀୟ ଆୟୋଜନରେ ସହଯୋଗ କର୍ମ ପାଇଁ ଉପସ୍ଥିତ ରହିଥାଆନ୍ତି । ଶୁଦ୍ଧିକ୍ରିୟାରେ କୋହ୍ଲମାନଙ୍କର କୌଣସି ବ୍ରାହ୍ମଣ, ବାରିକ ଓ ଧୋବାର ଆବଶ୍ୟକତା ପଡ଼ିନଥାଏ । ତାଙ୍କର ବିଶ୍ୱାସ ଯେ ବ୍ରାହ୍ମଣ ବାରିକ, ଧୋବା ଆଦିଙ୍କର ଆବିର୍ଭାବ ସଭ୍ୟତାର ପରବର୍ତ୍ତୀ କାଳରେ । ତେଣୁ ସେ ସବୁ ଏମାନଙ୍କର ପରମ୍ପରା ନୁହେଁ । ଗ୍ରାମ ଲୋକଙ୍କ ମଧ୍ୟରୁ ଯେଉଁମାନେ କେଶ ବିନ୍ୟାସରେ ପାରଙ୍ଗମ / ନିପୁଣ ସେମାନେ ପୁରୁଷ ଲୋକମାନଙ୍କର ବାଳକାଟି ଗାଧୋଇବା ପାଇଁ ଜଳାଶ୍ରୟକୁ ନେଇଯାଇଥାଆନ୍ତି ଏବଂ ସେଇମାନେ ହିଁ ରଜକର କାର୍ଯ୍ୟ ସଂପନ୍ନ କରନ୍ତି । ପ୍ରତ୍ୟେକ କାର୍ଯ୍ୟ ସହଯୋଗୀ ଭିତ୍ତିରେ ସୁଚାରୁ ରୂପେ ସଂପାଦିତ ହୋଇଥାଏ ।

## ଜଣକ ପାଇଁ ଯୁବା ଶୟନାଗାରର ସଦସ୍ୟାଙ୍କ ଶ୍ରମଦାନ:

ହୋ/କୋହ୍ଲ ସଂପ୍ରଦାୟରେ ଯୁବ ଶୟନାଗାର (ଯୁବକ ଏବଂ ଯୁବତୀ ଶୟନାଗାର) ପରମ୍ପରା ପ୍ରଚଳିତ ନାହିଁ । କୌଣସି କାରଣରୁ ହେଉ ନା କାହିଁକି ସେମାନେ (ଯୁବ ପୁତ୍ର କନ୍ୟାମାନେ) ସପରିବାର ଗୋଟିଏ ଘରେ ଅବସ୍ଥାନ କରିବା ସହିତ ରାତ୍ରିଯାପନ ମଧ୍ୟ କରିଥାଆନ୍ତି । କନ୍ୟାଟିଏ ବିବାହ ପରେ ଶ୍ୱଶୁରାଳୟକୁ ଯାଏ ଏବଂ ପୁତ୍ର ବିବାହ ପରେ ମଧ୍ୟ ପିତାମାତାଙ୍କ ସହିତ ଏକତ୍ର ସହାବସ୍ଥାନ କରେ । ତେଣୁ ବାଳିକା ଶୟନାଗାରରେ ଶ୍ରମ ସହଯୋଗୀତାର ପ୍ରଶ୍ନ ଉଠେ ନାହିଁ ।

## ଜଣକ ପାଇଁ ବଂଶୱାରୀ ଜଣକର ଶ୍ରମଦାନ:

ହୋ/କୋହ୍ଲ ସଂପ୍ରଦାୟରେ ମାରଂବଙ୍ଗା ପୂଜା (ଆଦିପୁରୁଷ ପୂଜା) ପ୍ରତ୍ୟେକ ତିରିଶ ବର୍ଷରେ ଥରେ ପାଳିତ ହୋଇଥାଏ । ଏହି ଗୋଟିଏ ପୂଜା ହିଁ ବଂଶ ଅନୁଯାୟୀ ହୋଇପାରେ । ଏଥିରେ ଅନ୍ୟାନ୍ୟ ସମସ୍ତ ବଂଶରୁ ଜଣେ ଲେଖାଏଁ ସଦସ୍ୟ ଯୋଗଦାନ ପୂର୍ବକ ଶ୍ରମରେ ସହାୟତା ପ୍ରଦାନ କରିଥାଆନ୍ତି । ପ୍ରାୟତଃ ପ୍ରତ୍ୟେକ ବଂଶର ମୁଖ୍ୟ ବା ବୟୋଜ୍ୟେଷ୍ଠ ପୁରୁଷ ପାରମ୍ପରିକ ମାରଂବଙ୍ଗା ପୂଜାରେ ଯୋଗ ଦେବାର ବିଧି ରହିଛି ।

## ଜଣକ ପାଇଁ ଘରୱାରୀ ଜଣକର ଶ୍ରମଦାନ:

କୌଣସି କାମକାର୍ଯ୍ୟ ପାଇଁ ପ୍ରତ୍ୟେକ ଘରୁ ଜଣେ ଲେଖାଏଁ ଯୁବକ ଶ୍ରମଦାନ କରିବାର ବିଧି ହୋ/କୋହ୍ଲ ସଂପ୍ରଦାୟରେପ୍ରଚଳିତ ଥିବାର ଦୃଷ୍ଟାନ୍ତ ନାହିଁ । ଗ୍ରାମର ପ୍ରତ୍ୟେକ ଶ୍ରମଭିତ୍ତିକ କାର୍ଯ୍ୟ ପାଇଁ ଯୁବଗୋଷ୍ଠୀଙ୍କୁ ସାଧାରଣ ଭାବେ ଲୋଡ଼ାଯାଇଥାଏ । ସେଥିରେ ପରିବାରରୁ ଜଣେ କିମ୍ବା ଏକାଧିକ ଯୁବକ ଆସି ଶ୍ରମଦାନ କରନ୍ତୁ ସେଥିରେ କିଛି ପ୍ରତିବନ୍ଧକ ନାହିଁ । ଗ୍ରାମର କୌଣସି ସାମୁହିକ କାର୍ଯ୍ୟ, ଯେପରି ପରିତ୍ୟକ୍ତ କୂପର ପୁନଃଉଦ୍ଧାର, ପୋଖରୀରକୁ ପଙ୍କଉଦ୍ଧାର, ରାସ୍ତା ମରାମତି ବା ନିର୍ମାଣ, ଗ୍ରାମ ସଫେଇ ଇତ୍ୟାଦିରେ ଗ୍ରାମର ଯୁବଗୋଷ୍ଠୀଙ୍କ ସହାୟତା ଲୋଡ଼ାଯାଇଥାଏ ବା ସେମାନେ ସ୍ୱତଃସ୍ଫୁର୍ତ୍ତ ଭାବେ ଏଥିରେ ବିନା ପାରିଶ୍ରମିକରେ ଉତ୍ସାହରେ ସହିତ ଶ୍ରମଦାନ କରିଥାଆନ୍ତି । ଗ୍ରାମରେ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ, ଶତ୍ରୁ ପ୍ରବେଶ କଲେ, କୌଣସି ଗ୍ରାମବାସୀ ବିପଦରେ ପଡ଼ିଲେ, ରୋଗୀକୁ ଡ଼ାକ୍ତରଖାନା ନେବାର ଆବଶ୍ୟକତା ଆସିଲେ, କିମ୍ବା ଚାଷ ହେଉ ବା ଯେକୌଣସି କାମ ପାଇଁ କେହି ଯୁବକମାନଙ୍କର

ସହାୟତା ଲୋଡ଼ିଲେ, ପରିବାରର ପ୍ରତ୍ୟେକ ଯୁବକ ଶ୍ରମଦାନ କରିବାକୁ ଆଗେଇ ଆସିଥାଆନ୍ତି । ଯୁବକର ଶକ୍ତି ହିଁ ପ୍ରତ୍ୟେକଟି ଗୋଷ୍ଠୀ, ସଂପ୍ରଦାୟ ତଥା ମଣିଷ ସମାଜ ପାଇଁ ଏକାନ୍ତ ଅପରିହାର୍ଯ୍ୟ ।

ଏତଦ୍ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରେ ଯୁବକମାନେ ସକ୍ରିୟ ଭୂମିକା ଗ୍ରହଣ କରିଥାଆନ୍ତି । ବିନା ପାରିଶ୍ରମିକରେ ଆୟୋଜନ ପାଇଁ ଶ୍ରମଦାନ କରନ୍ତି ବିବାହ ପର୍ବପର୍ବାଣୀ, ନାଚଗୀତ ସବୁଥିରେ ଯୁବକମାନଙ୍କର ଶ୍ରମ ଲୋଡ଼ାଯାଇଥାଏ । ଏପରିକି ଦାସାଏଁ ପୂଜା (ଗୁରୁ / ଗୁରୁଙ୍କ ପାଇଁ ଶ୍ରମଦାନ ପୂର୍ବକ ସହଯୋଗ କରନ୍ତି । ପୂଜାର ଆୟୋଜନ କରି ସୁଚାରୁ ରୂପେ ସଂପାଦିତ କରିବାକୁ ଗୁରୁଙ୍କୁ ସହାୟତା ପ୍ରଦାନ କରିଥାଆନ୍ତି । ଗୋଟିଏ ଗ୍ରାମରେଏକ କିମ୍ବା ତତୋଧିକ ଗୁରୁ ବା ଗୁଣିଆ ଥିଲେ ଗ୍ରାମ୍ୟ ଯୁବକମାନେ ଭାଗ ହୋଇ ସମସ୍ତଙ୍କୁ ସାହାଯ୍ୟ-ସହଯୋଗ କରୁଥିବାର ଦେଖାଯାଇଥାଏ ।

## ଜଣକ ପାଇଁ ଘରଓ୍ୱାରୀ ଜଣେ ଯୁବକର ଶ୍ରମଦାନ:
## ଠିକା ଭିତ୍ତିରେ କରୁଥିବା କାମ:

ହୋ/କୋହ୍ଲ ସଂପ୍ରଦାୟ ଏକ ସହଯୋଗପ୍ରବଣ ଜାତି । ପ୍ରତ୍ୟେକଟି କର୍ମ ସେମାନେ ପ୍ରାୟତଃ ସହଯୋଗ ଭିତ୍ତିରେ ହିଁ କରିବାକୁ ଭଲ ପାଆନ୍ତି ଏବଂ ପାରିଶ୍ରମିକ ଆଶା କରନ୍ତି ନାହିଁ । ଗ୍ରାମର ସାମୁହିକ କାର୍ଯ୍ୟଗୁଡ଼ିକ ଯଥା- ପୂଜାପାର୍ବଣ, ସାଂସ୍କୃତକି ଅନୁଷ୍ଠାନ, ରାସ୍ତା ମରାମତି ଓ ନିର୍ମାଣ,କୂପ ପୁନଃଖନନ, ପୋଖରୀ ତାଙ୍କ ଉଦ୍ଧାର, ରୋଗୀଙ୍କୁ ସହାୟତା ପ୍ରଦାନ,ପ୍ରାକୃତିକ ବିପର୍ଯ୍ୟୟ, ଚାଷକାର୍ଯ୍ୟ, ଜଙ୍ଗଲ ସୁରକ୍ଷା, ଗ୍ରାମ ସଫେଇ ଇତ୍ୟାଦି ପ୍ରତ୍ୟେକ କାମରେ ପ୍ରତ୍ୟେକ ସହଯୋଗ ଭିତ୍ତିରେ ଶ୍ରମଦାନ କରିଥାଆନ୍ତି । ସକ୍ଷମ ଅନୁସାରେ ଶ୍ରମଦାନ କରାଯାଇଥାଏ । ଏତଦ୍‌ବ୍ୟତୀତ ବିବାହ, ଘର ମରାମତି ରୋଗଗ୍ରସ୍ତ ବ୍ୟକ୍ତିର ସେବା, ଶବ ପୋତା/ ପୋଡ଼ା,ଶୁଦ୍ଧିକ୍ରିୟା, ବ୍ୟକ୍ତିଗତ ପୂଜା ଅନୁଷ୍ଠାନ (କରମପୂଜା, ମାରଂବଙ୍ଗା ପୂଜା ବା ଅନ୍ୟ କୌଣସି ଆବଶ୍ୟକୀୟ ପୂଜା) ସ୍ତ୍ରୀର ପ୍ରସବ କାଳ, ଚାଷକାର୍ଯ୍ୟ ଏବଂ ବ୍ୟକ୍ତିଗତ ଭାବରେ କୌଣସି କାର୍ଯ୍ୟ ପାଇଁ କାହାରି ସହାୟତା ଲୋଡ଼ାଗଲେ ଇତ୍ୟାଦି ସମସ୍ତ ବ୍ୟକ୍ତିଗତ କାମକାର୍ଯ୍ୟରେ ସଭିଏଁ (ସ୍ଥଳବିଶେଷରେ ସ୍ୱତନ୍ତ୍ର ବ୍ୟକ୍ତି-ପରିବାରର) ଶ୍ରମ ସହଯୋଗ ଯୋଗାଇ ଦେଇଥାଆନ୍ତି । ଅନେକ ସ୍ୱେଚ୍ଛାକୃତ ଭାବରେ ମଧ୍ୟ ଶ୍ରମଦାନ କରିବାକୁ ଆଗେଇ ଆସୁଥିବାର ହୋ/କୋହ୍ଲ ସଂପ୍ରଦାୟରେ ଦେଖାଯାଇଥାଏ । ଫଳତଃ ଏମାନେ କାମ ସମୟରେ ଅସୁବିଧାର ସମ୍ମୁଖୀନ ହୁଅନ୍ତିନାହିଁ । ସହଜ ତଥା ସୁଚାରୁ ରୂପେ କର୍ମ ସଂପାଦିତ ହୋଇଥାଏ ।

## ଅନ୍ୟାନ୍ୟ ସହଯୋଗୀ ଶ୍ରମ :

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ହୋ/କୋହ୍ଲ ଏକ ସହଯୋଗ ପ୍ରବଣ ସଂପ୍ରଦାୟ । ସହଯୋଗ ମନୋବୃତ୍ତି ଯୋଗୁଁ ହିଁ ସେମାନେ ହୁଏତ ତୁଳନାତ୍ମକ ଭାବରେ ଉନ୍ନତ ଜାତି ରୂପେ ପରିଗଣିତ । ଆଗ୍ରହ ତଥା ଉତ୍ସାହର ସହ ହୋ/କୋହ୍ଲ ପରସ୍ପରକୁ ସହାୟତା ପ୍ରଦାନ କରିଥାଆନ୍ତି । ଅନେକ ପରମ୍ପରା ଦୃଷ୍ଟିରୁ ଏବଂ ସମସ୍ତେ ସ୍ୱେଚ୍ଛାକୃତ ଭାବରେ ଶ୍ରମ ସହଯୋଗ ଏବଂ ସମସ୍ତେ ସ୍ୱେଚ୍ଛାକୃତ ଭାବରେ ଶ୍ରମ ସହଯୋଗ କରିବାକୁ ପ୍ରସ୍ତୁତ ଥାଆନ୍ତି । ଏଥିପାଇଁ ପାରିଶ୍ରମିକ ଆଶା କରନ୍ତି ନାହିଁ ।

ସାମୁହିକ କାର୍ଯ୍ୟଗୁଡ଼ିକରେ ସହଯୋଗୀ ଶ୍ରମ ପାଇଁ କୌଣସି ପାରିଶ୍ରମିକ ଦେବାନେବା ହୁଏନାହିଁ । ଇଚ୍ଛା ହେଲେ ଖୁସିରେ ସଭିଏଁ ମିଳିମିଶି ହାଣ୍ଡିଆ ଗ୍ରାମବାସୀଙ୍କ ଠାରୁ ସଂଗ୍ରହ କରି ପିଅନ୍ତି କିମ୍ବା ଗ୍ରାମଲୋକ ଖୁସିରେ ସହଯୋଗୀ ଶ୍ରମୀମାନଙ୍କୁ ହାଣ୍ଡିଆ ସେବନ ପାଇଁ ଦେଇ ଥାଆନ୍ତି । ଚାଷକାର୍ଯ୍ୟରେ ମଧ୍ୟ ସେହିପରି ଶ୍ରମୀଙ୍କ ସମ୍ମାନାର୍ଥେ ବା ଆନନ୍ଦରେ ହାଣ୍ଡିଆ ପ୍ରଦାନ କରାଯାଇଥାଏ । ଏତଦ୍‌ଭିନ୍ନ କେତେକ ପରିବାରର ଶ୍ରମଭାବାପନ୍ନ ବ୍ୟକ୍ତିମାନେ ସ୍ୱେଚ୍ଛାକୃତ ଭାବରେ ଶ୍ରମଦାନ କରିଥାଆନ୍ତି– ପ୍ରତି ସାହାଯ୍ୟ ବା ପ୍ରତିସହଯୋଗୀ ଆଶରେ । କେତେକ କ୍ଷେତ୍ରରେ ହୋ/କୋହ୍ଲମାନେ ଗରୀବଶ୍ରେଣୀୟ ବ୍ୟକ୍ତିଙ୍କଠାରୁ ଶ୍ରମ ଆଦାୟ କରି ପାରିଶ୍ରମିକ ଭାବରେ ଧାନ, ଚାଉଳ ବା ଟଙ୍କା ଦେଇଥାଆନ୍ତି । ଏପରି ସାଧାରଣତଃ ହୋଇଥାଏ ଚାଷକାର୍ଯ୍ୟ ସମୟରେ ।

## ସମବାୟ ଶ୍ରମ ପ୍ରତିବଦଳରେ ପ୍ରାପ୍ୟ ପ୍ରଦାନ:

ସହଯୋଗ ଶ୍ରମରେ ହୋ/କୋହ୍ଲମାନଙ୍କର ଶ୍ରମୀମାନଙ୍କ ପାଇଁ କୌଣସି ଖାଦ୍ୟ ବନ୍ଦୋବସ୍ତ ହୁଏ ନାହିଁ । କାରଣ ସେମାନଙ୍କର ମତ ଯେ ଖାଦ୍ୟ ବ୍ୟବସ୍ଥା ଅର୍ଥ ପରୋକ୍ଷ ପାରିଶ୍ରମିକ । ଅବଶ୍ୟ କେବେ କେମିତି ସହଯୋଗୀଶ୍ରମୀଙ୍କ ପାଇଁ ଖୁସି ବା କୃତଜ୍ଞତାରେ ହାଣ୍ଡିଆ ବନ୍ଦୋବସ୍ତ ହୁଏ ବା ହୋଇପାରେ କିମ୍ବା ଘରେ କୌଣସି ନିକଟ ଉତ୍ସବାନୁଷ୍ଠାନକୁ ନିମନ୍ତ୍ରଣ ଜଣାଇ ଭୋଜିରେ ଅପ୍ୟାୟିତ କରାଯାଇଥାଏ ।

ହୋ/କୋହ୍ଲ ସମାଜରେ ସାଧାରଣ ଭାବେ ମୁକ୍ତ ବା ମାଗଣା ସହଯୋଗୀ ଶ୍ରମ ପ୍ରଚଳିତ । ଏମାନେ ବସ୍ତୁତଃ ସହଯୋଗୀ ଶ୍ରମ ପାଇଁ ପାରିଶ୍ରମିକ ଆଶା କରନ୍ତି ନାହିଁ । କେବେ କେମିତି ପ୍ରତିସାହାଯ୍ୟ ଆଶାରେ ଅବଶ୍ୟ ଶ୍ରମଦାନ କରିଥାଆନ୍ତି କିନ୍ତୁ ପାରିଶ୍ରମିକ ଅଶାରେ ନୁହେଁ । ତେଣୁ ପ୍ରତ୍ୟେକ ସାମୁହିକ ତଥା ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଶ୍ରମ ସହଯୋଗୀତା ମୁକ୍ତ ବା ମାଗଣା ଭାବରେ ହୋଇଥାଏ । ଚାଷକାର୍ଯ୍ୟ ସମୟରେ ମୁକ୍ତ ତଥା ପାଳି ସହଯୋଗ କରାଯାଏ । ପର୍ଯ୍ୟାୟ କ୍ରମେ ସମସ୍ତେ ସମସ୍ତଙ୍କ ଚାଷକାର୍ଯ୍ୟରେ ଶ୍ରମଦାନ କରି ଚାଷ ସମାପ୍ତ କରିଥାଆନ୍ତି । ଏହାଦ୍ୱାରା କାମଟି ଯେତେ

କଠିନ ତଥା ସମୟସାପେକ୍ଷ ହେଲେ ମଧ୍ୟ ତାହା ଶୀଘ୍ର ଏବଂ ଅନାୟାସରେ ସଂପାଦିତ ହୋଇପାରେ । ତେଣୁ ହୋ/କୋହ୍ଲମାନଙ୍କର ସମସ୍ତ ସହଯୋଗୀ ଶ୍ରମ ମୁକ୍ତ ବା ମାଗଣା କହିଲେ ଅତ୍ୟୁକ୍ତି ହେବନାହିଁ ।

## ଶ୍ରମ ସମବାୟ ସମ୍ପୃକ୍ତ ପ୍ରତିଯୋଗିତା,କର୍ମକର୍ମାଣୀ,ଉପହାର ଓ ପୁରସ୍କାର:

ହୋ/କୋହ୍ଲ ସମାଜରେ ସହଯୋଗୀ ଶ୍ରମ ପାଇଁ ପ୍ରାୟତଃ ପାରିଶ୍ରମିକର ଆବଶ୍ୟକତା ନଥିବା ସ୍ଥଳେ ବେଳେବେଳେ ସହଯୋଗୀ ଶ୍ରମ ପାଇଁ ଉପହାର ବା ପୁରସ୍କାରର ବ୍ୟବସ୍ଥା ହୋଇଥାଏ ଏବଂ ଏହା ହାଣ୍ଡିଆ ବା ଭୋଜି ରୂପରେପ୍ରଦାନ କରାଯାଏ । ଯେପରି ଶୁଦ୍ଧିକ୍ରିୟା ଦିନ ଗ୍ରାମବାସୀଙ୍କୁ ହାଣ୍ଡିଆ ସେବନ ପାଇଁ ଗୃହକର୍ତ୍ତା ଦେଉଥିବା ବେଳେ ଯେଉଁମାନେ ଶବ ବହନ କରି ଶ୍ମଶାନକୁ ନେଇଥାଆନ୍ତି ବା ଶବ ବୋହିବାରେ ଶ୍ରମଦାନ କରିଥାଆନ୍ତି ଗୃହକର୍ତ୍ତା ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଅଧିକ ଏକ ହାଣ୍ଡି ହାଣ୍ଡିଆ ପ୍ରସ୍ତୁତ କରି ଦିଅନ୍ତି । ବିବାହୋତ୍ସବ ମାନଙ୍କରେ ଶ୍ରମଦାନ କରୁଥିବା ଗ୍ରାମବାସୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା ହୁଏ ଭୋଜି ମଧ୍ୟ ସେମାନଙ୍କୁ ଶ୍ରଦ୍ଧାର ସହ ଦିଆଯାଇଥାଏ । ଏଥିରେ ପାରିଶ୍ରମିକର ପ୍ରଶ୍ନ ନଥାଏ, ସବୁବେଳେ ପୁରସ୍କାର ବା ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ । କୋହ୍ଲ ସଂପ୍ରଦାୟରେଅନେକ ସମୟରେ ଶ୍ରମ ସହଯୋଗୀତା କାଳରେ ପ୍ରତିଦ୍ୱନ୍ଦିତା ମଧ୍ୟ ହୋଇଥାଏ । ପ୍ରାୟତଃ ସାମୂହିକ କାର୍ଯ୍ୟ (ରାସ୍ତା ନିର୍ମାଣ /ମରାମତି, ପୋଖରୀରୁ ପଙ୍କ ଉଦ୍ଧାର ଇତ୍ୟାଦି) ଗୁଡ଼ିକ ଗ୍ରାମର ମୁଖ୍ୟ (ମୁଣ୍ଡା)ଙ୍କ ତତ୍ତ୍ୱାବଧାନରେ ହୋଇଥାଏ । ମୁଣ୍ଡା କାର୍ଯ୍ୟକୁ ତ୍ୱରାନ୍ୱିତ କରାଇ ଥାଆନ୍ତି । ପୁରସ୍କାର ବା ଉପହାର ସ୍ୱରୂପ ସହଯୋଗୀ ଶ୍ରମୀଙ୍କୁ ହାଣ୍ଡିଆ ପ୍ରଦାନ କରାଯାଇଥାଏ ଏବଂ କେବେ କେବେ ମୁଣ୍ଡା ଗ୍ରାମସଭା ପାଣ୍ଠିରୁ ସେମାନଙ୍କ ପାଇଁ ଗାମୁଛା/ଗଞ୍ଜି/ ଝଙ୍କାର ବ୍ୟବସ୍ଥା କରନ୍ତି । ଏହା ମଧ୍ୟ ସହଯୋଗୀ ଶ୍ରମ ପାଇଁ ପାରିଶ୍ରମିକ ନୁହେଁ ବରଂ ଖୁସିରେ ପୁରସ୍କୃତ କରାଯାଇଥାଏ ।

## ମାଗଣା ଶ୍ରମ ସମବାୟ ବ୍ୟବସ୍ଥା:

ହୋ/କୋହ୍ଲ ସମାଜରେ ସହଯୋଗୀ ଶ୍ରମର ଗୁରୁତ୍ୱ / ମୂଲ୍ୟବୋଧ ଯଥେଷ୍ଟ । ସେମାନେ ପାରମ୍ପରିକ ସୂତ୍ରରେ ସହଯୋଗ ମନୋବୃତ୍ତି ଆପଣେଇ ଥାଆନ୍ତି । କୋହ୍ଲ ସଂପ୍ରଦାୟର ଉତ୍ପତ୍ତି କାଳରୁ ଏହି ସହଯୋଗ ମନୋବୃତ୍ତି କୋହ୍ଲ ସମାଜରେ ବଳବତ୍ତର ଥିବାର ଦେଖାଯାଇଥାଏ ଏବଂ ଏବେ ମଧ୍ୟ ଏହାର ହ୍ରାସ ଘଟିନାହିଁ । ପ୍ରତ୍ୟେକଟି କାର୍ଯ୍ୟ ସେମାନେ ସହଯୋଗ ଭିତ୍ତିରେ ହିଁ କରିବାକୁ ଭଲ ପାଆନ୍ତି । ସେଥିପାଇଁ ତ ସହଯୋଗୀ ଶ୍ରମ ପାଇଁ କୌଣସି ପାରିଶ୍ରମିକର ବ୍ୟବସ୍ଥା କୋହ୍ଲ ସମାଜରେ ପ୍ରଚଳିତ ନାହିଁ । ଯଦି କିଛି କେବେ ଦିଆଯାଏ, ତେବେ ଖୁସିରେ ଉପହାର ବା ପୁରସ୍କାର ବା ମାନବିକତା ଦୃଷ୍ଟିକୋଣରୁ ।

## ଶ୍ରମ ସମବାୟ ପ୍ରତି ଆଦିବାସୀଙ୍କ ମନୋବୃତ୍ତି:

ହୋ/କୋହ୍ଲ ସମାଜରେ ପ୍ରାରମ୍ଭରୁ ଗଢ଼ି ଆସିଥିବା ଶ୍ରମ ସହଯୋଗୀ ମନୋବୃତ୍ତି ଏବେ ମଧ୍ୟ ସୁଦୃଢ଼ ରହିଥିବାର ଜଣାଯାଏ । ଅବଶ୍ୟ ଏହାର ଧାର ଯତ୍ କିଞ୍ଚିତ ପରିବର୍ତ୍ତିତ ହେବାର ଦେଖାଯାଇଥାଏ । ବର୍ତ୍ତମାନ ସାପ୍ତାହିକ ଶ୍ରମ ସହଯୋଗ ଦିବସ ମାନ ଅନୁଷ୍ଠିତ ହୋଇ ପର୍ଯ୍ୟାୟ କ୍ରମେ ଶ୍ରମ ସହଯୋଗ କରାହେଉଛି । ଯେପରି ଚାଷକାର୍ଯ୍ୟ ସମୟରେ ପାଳି ପକାଇ ସମସ୍ତେ ସପ୍ତାହକୁ ସପ୍ତାହ ଜଣକ ଚାଷ ଜମିରେ ଶ୍ରମଦାନ କରନ୍ତି ଏବଂ ସମସ୍ତଙ୍କ ଚାଷକାର୍ଯ୍ୟ ସମାପ୍ତ ହେବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହେ । ଏହି ଧାରାରେ ଗ୍ରାମର ୩-୪ଜଣ ମିଶି ମଧ୍ୟ ସହଯୋଗୀ ଶ୍ରମ ମାଧ୍ୟମରେ ଅନ୍ୟାନ୍ୟ କାର୍ଯ୍ୟ ସଂପାଦନ କରିପାରିନ୍ତି । ଏବେ କୋହ୍ଲମାନେ ପ୍ରତି ସହଯୋଗ ଶ୍ରମ ଆଶାରେ ସ୍ୱେଚ୍ଛାକୃତ ଭାବରେ କେତେକ ଶ୍ରମ ଦାନ କରୁଥିବାର ଦେଖାଯାଉଛି । ଏତଦ୍ ଭିନ୍ନ ବର୍ତ୍ତମାନ ପ୍ରାୟ ଗ୍ରାମର କେତେକ ସାମୂହିକ କାର୍ଯ୍ୟ ସରକାରୀ ସହୟତାରେ ହେଉଛି ଫଳରେ ଗ୍ରାମବାସୀମାନେ ସେଥିରେ ସହଯୋଗୀ ଶ୍ରମ ଯୋଗାଇ ଦେଇ ପ୍ରତି ବଦଳରେ ପାରିଶ୍ରମିକ ପାଉଛନ୍ତି ଯାହାକି ପୂର୍ବରୁ ସାମୂହିକ କାର୍ଯ୍ୟଗୁଡ଼ିକ ଗ୍ରାମ୍ୟ ମୁଖ୍ୟ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ହେଉଥିଲା ଏବଂ ଏଥିରେ ପାରିଶ୍ରମକର ବ୍ୟବସ୍ଥା ମଧ୍ୟ ନଥିଲା ।

ହୋ/ କୋହ୍ଲ ସମାଜରେ ସହଯୋଗ ମନୋବୃତ୍ତି ସୁଦୃଢ଼ ଥିବାରୁ ସହଯୋଗୀ ଶ୍ରମରେ ବିଶେଷ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଏବେ ମଧ୍ୟ ଗ୍ରାମର ପ୍ରତ୍ୟେକ ଉତ୍ସବାନୁଷ୍ଠାନ,ଶବଦାହ,ଶୁଦ୍ଧିକ୍ରିୟା ପର୍ବପର୍ବାଣୀ, ଭୋଜି, ଗୃହ ମରାମତି / ନିର୍ମାଣ ଇତ୍ୟାଦି ଏବଂ କେତେକ ଅତ୍ୟାବଶ୍ୟକୀୟ ସାମୂହିକ କାର୍ଯ୍ୟମାନଙ୍କରେ ସମସ୍ତ କୋହ୍ଲସମାଜ ସହଯୋଗ ମନୋବୃତ୍ତି ଏମାନଙ୍କର ଏତେବେଶୀ ଯେ ଅନେକ ସ୍ଥଳରେ ଏହା ପରଂପରା ଭୂତ ହୋଇଯାଇଥିବାର ଦେଖାଯାଇଥାଏ । ଏପରିକି ସ୍ତ୍ରୀ ଲୋକର ମୃତ୍ୟୁରେ ତାଙ୍କର ଭାଇ ମୁଖାଗ୍ନି ଦେଉଥିବା ବେଳେ ଭାଇର ଅଲବ୍ଧରେ ଯେକୌଣସି ଜଣେ ଗ୍ରାମବାସୀ ମଧ୍ୟ ମୁଖାଗ୍ନି ଦେଇପାରନ୍ତି ।

❑❑❑

# ପାରମ୍ପରିକ ଗ୍ରାମସଭା
## (ହାତୁ ଦରବାର)

ବିବେକ ଓ ମନ ଏ ଉଭୟର ସମାହାରରେ ମଣିଷ ଜୀବନ ଗଢ଼ା । ବିବେକ ବୁଦ୍ଧି ଦ୍ୱାରା ପରିଚାଳିତ ହେଉଥିବା ସ୍ଥଳେ ମନ ଇନ୍ଦ୍ରିୟର ଇଙ୍ଗିତରେ ବାଟ ଚାଲେ । ଇନ୍ଦ୍ରିୟ ମଣିଷକୁ ଅବାଟରେ ନିଏ ବୋଲି ଶତ୍ରୁ ଆଖ୍ୟା ପାଇଥାଏ । ସାଧାରଣ ଭାବେ ଦେଖାଯାଏ, ମଣିଷର ମନ ଇନ୍ଦ୍ରିୟ ନିୟନ୍ତ୍ରଣାଧିନ । ବାରମ୍ବାର ବିବେକ ମନ ଦ୍ୱାରା ପରାଜିତ ହେଉଥାଏ । ତେଣୁ ମଣିଷର କାର୍ଯ୍ୟଧାରାରେ ଭୁଲ-ତ୍ରୁଟି ରହିବା ସ୍ୱଭାବିକ । ତଥାପି ସାମାଜିକ ସନ୍ତୁଳନ ରକ୍ଷା କରିବା ପାଇଁ ମଣିଷ ବାଟଖୋଜେ ଏଥିପାଇଁ ବୋଧହୁଏ ବିଚାର ପ୍ରକ୍ରିୟାର ଅୟମାରମ୍ଭ । ପ୍ରତ୍ୟେକ ସଂପ୍ରଦାୟ ଏଥିନେଇ ସଚେତନ କୋହ୍ଲ ସଂପ୍ରଦାୟର ପାରମ୍ପରିକ ଗ୍ରାମସଭା ଏପରି ମାନସିକତାର ଫଳଶ୍ରୁତି ନିଶ୍ଚୟ ।

### ପାରମ୍ପରିକ ଗ୍ରାମସଭାରେ ଧାରଣା ଓ ଉତ୍ପତ୍ତି ଓ ଇତିବୃତ୍ତି :

ହୋ/କୋହ୍ଲ ସଂପ୍ରଦାୟର ସଂସ୍କୃତିକୁ ଅନୁଧାନ କଲେ ଜଣାଯାଏ ଯେ ପାରମ୍ପରିକ ଗ୍ରାମସଭା ପ୍ରଥା ବହୁ ପ୍ରାଚୀନ । ସଭ୍ୟତାର ପ୍ରାରମ୍ଭରୁ ହିଁ ଏହି ପ୍ରକ୍ରିୟା ସୃଷ୍ଟି ହୋଇଥାଇପାରେ । ଐତିହାସିକ ମାନଙ୍କ ମତରେ ଆଜକୁ ପ୍ରାୟ ୩୫୦୦ ବର୍ଷ ପୂର୍ବେ (ସମ୍ଭବତଃ ଖ୍ରୀ.ପୂ ୧୫୦୦) ବିକ୍ରାମାଦିତ୍ୟ(ବିଂବିକ୍ରମ)ଙ୍କ ରାଜତ୍ୱ କାଳରେ ଗ୍ରାମସଭା ଗଢ଼ିଉଠିଥିଲା । ଏହି ସଭା ଉଭୟ ପୁରୁଷ ଏବଂ ମହିଳାମାନଙ୍କ ପରିଚାଳନାଧିନ ଥିବାର ଅନୁମାନ କରାଯାଏ । କାରଣ ତତ୍କାଳୀନ ଉତୁର୍କିଲେ ରାଜ୍ୟ କୋହ୍ଲ ସଂପ୍ରଦାୟର ମହାରାଣୀ ମଂକୁଶ୍ରୀଙ୍କ ଦ୍ୱାରା ଅନୁଶାସିତ ହେଉଥିବାର ପ୍ରମାଣ ମିଳେ ।

ପୁନଶ୍ଚ ପରବର୍ତ୍ତୀ କାଳରେ, ଯାହା ଭାରତୀୟ ସଭ୍ୟତାର ମୂଳଦୁଆ ଦ୍ରାବିଡ଼ ସଭ୍ୟତା ନାମରେ ଅଭିହିତ, ଯାହାକି ସିନ୍ଧୁନଦୀର ଅବବାହିକାରେ ଗଢ଼ି ଉଠିଥିଲା । ସେଥିରେ ଦୁଇଗୋଟି ରାଜ୍ୟ ଯଥା-ମାଞ୍ଜୋଦାରୁ ଓ ହରପ୍ପା (ମହେଞ୍ଜୋଦାର ଓ ହରପ୍ପା) ମଧ୍ୟରେ ଗିରୁନଗର, ଚଂପା ନଗରରେ କୋହ୍ଲ ସଂପ୍ରଦାୟର ଗ୍ରାମସଭା ଅନୁଶାସନ ରହିଥିବାର ଦୃଷ୍ଟାନ୍ତମାନ ଦେଖାଯାଏ ।

ପୁଣି ଇଂରେଜ ଶାସନକାଳରେ ବର୍ତ୍ତମାନର ଝାଡ଼ଖଣ୍ଡ ପ୍ରଦେଶ ଅନ୍ତର୍ଗତ ଛୋଟନାଗପୁର ମାଳଅଞ୍ଚଳ ଛିତିଶଗଡ଼ର ପୂର୍ବାଞ୍ଚଳ, ମହାରାଷ୍ଟ୍ରର ଦକ୍ଷିଣ ପଶ୍ଚିମାଞ୍ଚଳରେ

ହୋ/କୋହ୍ଲମାନଙ୍କର ଏହି ପ୍ରକାର ପାରମ୍ପରିକ ଗ୍ରାମସଭା ପ୍ରାୟତଃ ୧୮୩୭ ମସିହା ପର୍ଯ୍ୟନ୍ତ ସୁଦୃଢ଼ ଥିବା ଜଣାଯାଏ । ୧୮୨୧ରୁ ୧୮୩୧ ମସିହା ମଧ୍ୟରେ ସିଂଭୂମ୍ ଜିଲ୍ଲାରେ କୋହ୍ଲାନ୍ ବିଦ୍ରୋହ ସମୟରେ ଇଂରେଜମାନଙ୍କ ଅତ୍ୟାଚାରର ଶୀକାର ହୋଇ ଏପରି ଗ୍ରାମସଭାର ଭଙ୍ଗା ପଡ଼ିଥିବାର ମଧ୍ୟ ନଜିର ଦେଖାଯାଇଥାଏ ।

୧୮୯୧-୧୮୯୨ ମସିହା ପରେ ପୁନର୍ବାର କେତେକ ବୁଦ୍ଧିଜିବୀ ସମାଜସେବୀଙ୍କ ଦ୍ୱାରା କୋହ୍ଲମାନଙ୍କର ପାରମ୍ପରିକ ଗ୍ରାମସଭା ପ୍ରଥାକୁ ପୁନର୍ଜୀବିତ କରାଯାଇ ଅଦ୍ୟାବଧି ସେହି ପ୍ରଣାଳୀରେ ଗ୍ରାମସଭା ଝାଡ଼ଖଣ୍ଡ ସିଂଭୂମ ଜିଲ୍ଲାରେ ଖୁବ୍ ସକ୍ରିୟ ହୋଇ ଉଠିଥିବାର ଦେଖାଯାଏ । ଅନୁରୂପ ଭାବେ ଓଡ଼ିଶାର କୋହ୍ଲ ବସତି ଜିଲାମାନଙ୍କରେ ଗ୍ରାମସଭା ପରମ୍ପରା ଉଜ୍ଜୀବିତ । ସମାଜକୁ ଶୃଙ୍ଖଳିତ ସୁସଂଗଠିତ ଏବଂ ସୁଦୃଢ଼ କରି ଗଢ଼ିତୋଳିବା ପାଇଁ ଗ୍ରାମସଭାର ଆବଶ୍ୟକତା ଯେ ଅପରିହାର୍ଯ୍ୟ-ଏହା କୋହ୍ଲଙ୍କର ବିଶ୍ୱାସ/ଧାରଣା ।

## ପାରମ୍ପରିକ ଗ୍ରାମସଭାର ଗଠନ:

ହୋ/କୋହ୍ଲ ସଂପ୍ରଦାୟରେ ଆଗରୁ ଗ୍ରାମସଭାର ପରମ୍ପରା ତିନୋଟି ସ୍ତରରେ ଥିଲା । ୧- ନିମ୍ନ ଗ୍ରାମସଭା, ୨- ମଧ୍ୟ ଗ୍ରାମସଭା, ୩- ଉଚ୍ଚ ଗ୍ରାମସଭା ।

**ନିମ୍ନ ଗ୍ରାମସଭା:** ଏହା ଗ୍ରାମର ପ୍ରତ୍ୟେକ ପରିବାରରୁ ମୁଖ୍ୟମାନଙ୍କୁ ନେଇ ଗଠନ କରାଯାଉଥିଲା । ସମସ୍ତ ପରିବାର ମୁଖ୍ୟ ନିମ୍ନ ଗ୍ରାମସଭାର ସଦସ୍ୟ । ସଦସ୍ୟମାନଙ୍କ ଦ୍ୱାରା ମନୋନୀତ ହେଉଥିବା ବ୍ୟକ୍ତି (ସଦସ୍ୟମାନଙ୍କ ମଧ୍ୟରୁ) ଗ୍ରାମସଭାର ମୁଖ୍ୟ/ ମୁଖିଆ (ମୁଣ୍ଡା) ହେଉଥିଲେ । ନିମ୍ନଗ୍ରାମ ସଭାର ଅନ୍ୟାନ୍ୟ ସଦସ୍ୟମାନେ ହେଲେ ଧର୍ମ ନିୟନ୍ତ୍ରକ (ପୂଜକ /ଦିଉରୀ), ତାଙ୍କର ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ 'ଜମସିମ୍' ଏବଂ ଗ୍ରାମସଭା ମୁଖ୍ୟ ତଥା ଧର୍ମନିୟନ୍ତ୍ରକଙ୍କୁ ସହଯୋଗ କରିବା ପାଇଁ ଜଣେ ଡ଼ାକୁଆ ।

**ମଧ୍ୟ ଗ୍ରାମସଭା:** କିଛି ଗ୍ରାମର ସମ୍ମିଶ୍ରଣରେ/ସମନ୍ୱୟରେ ମଧ୍ୟ ଗ୍ରାମସଭା ଗଠିତ ହେଉଥିଲା । କୋହ୍ଲ ଭାଷାରେ ଏହା 'ପିଢ଼ି' । ବର୍ତ୍ତମାନ ରୂପ ଏହାର ପଞ୍ଚାୟତ କହିଲେ ଅତ୍ୟୁକ୍ତି ହେବନାହିଁ । 'ପିଢ଼ି'ରେ ସଂପୃକ୍ତ ଗ୍ରାମର ମୁଖ୍ୟ ବା ମୁଣ୍ଡାମାନେ ସଦସ୍ୟତା କରୁଥିଲେ । ତନ୍ମଧ୍ୟରୁ ଜଣେ ଅଭିଜ୍ଞ ତଥା ନ୍ୟାୟବାନ ସଦସ୍ୟଙ୍କୁ 'ପିଢ଼ି' ବା ମଧ୍ୟ ଗ୍ରାମସଭାର ମୁଖ୍ୟ ହିସାବରେ ସଦସ୍ୟମାନେ ହିଁ ଚୟନ କରୁଥିଲେ । ତାହାକୁ 'ମାଣାକି' କୁହାଯାଉଥିଲା । ନିମ୍ନ ଗ୍ରାମସଭାରେ ଯେଉଁ ମାମଲା ଫଇସଲା ହୋଇ ପାରୁନଥିଲା ସେଗୁଡ଼ିକ 'ପିଢ଼ି'କୁ ଯାଉଥିଲା ବିଚାର ପାଇଁ । ଏହି ସଭାକୁ ମଧ୍ୟ ରାଜସ୍ୱ ରାଶିରୁ କିଛି ଅଂଶ ପ୍ରଦାନ କରାଯାଉଥିଲା ।

**ଉଚ୍ଚ ଗ୍ରାମସଭା:** ଗ୍ରାମସଭାର ତୃତୀୟ ସ୍ତରକୁ 'ପାଳା' କୁହାଯାଉଥିଲା । ପ୍ରଶାସନିକ ଦୃଷ୍ଟିକୋଣରୁ ରାଜ୍ୟଶାସକମାନେ ପ୍ରଜାବତ୍ସଳତାର ପରିଚୟ ଦେଇ ତାଙ୍କ ରାଜ୍ୟକୁ କେତେକ ଭାଗରେ ବିଭକ୍ତ କରି ଏ ପ୍ରକାର ଅନୁଶାସନ ପ୍ରକ୍ରିୟା ସୃଷ୍ଟି କରିଥିଲେ । ପ୍ରତ୍ୟେକ 'ପିଳି' (ଗ୍ରାମସଭାର ଦ୍ୱିତୀୟସ୍ତର)ର ମୁଖ୍ୟ (ମାତାକି) ମାନେ ଏଥିରେ ସଦସ୍ୟତା କରୁଥିଲେ । 'ପାଳା'ର ସୁପରିଚାଳନା ନିମନ୍ତେ 'ମାଣାକି'ମାନଙ୍କ ମଧ୍ୟରୁ ଜଣଙ୍କୁ ମୁଖ୍ୟ ହିସାବରେ ମନୋନୀତ କରାଯାଉଥିଲା । ତାହାଙ୍କୁ 'ବିଶୋଇ' କୁହାଯାଉଥିଲା । ବର୍ତ୍ତମାନର ଗଣତାନ୍ତ୍ରିକ ଧାରା ପରି ସେସବୁ ପରିଚାଳିତ ହେଉଥିଲା ।

ଇଂରେଜମାନଙ୍କର ବିଭାଜିତ ଅନୁଶାସନ ସମୟରେ ଇଂରେଜମାନେ କୋହ୍ଲାନ୍ ବିଦ୍ରୋହ ଭୟରେ (ଗ୍ରାମସଭାରେ ସୁଦୃଢ଼ତା) ଏହି ଗ୍ରାମ ସଭାମାନଙ୍କୁ ସ୍ୱତନ୍ତ୍ର କ୍ଷମତା ଦେଇଥିଲେ । ଗ୍ରାମସଭା ମାଧ୍ୟମରେ ଗ୍ରାମରୁ ରାଜସ୍ୱ ଆଦାୟ କରାଯାଉଇଥିଲା । ଏହି ରାଜସ୍ୱ ରାଶିରୁ ଗ୍ରାମର ମୁଖ୍ୟ 'ମୁଣ୍ଡା'ଙ୍କୁ ଅଧା ଦିଆଯାଉଥିଲା । ଗ୍ରାମର ଉନ୍ନତି ପାଇଁ ଆଉ ଅଧା ଇଂରେଜମାନେ ନେଉଥିଲେ । ବିଚାର କ୍ଷେତ୍ରରେ କେବଳ ହତ୍ୟା ଓ ଧର୍ଷଣ- ଏହି ଦୁଇଟି ମାମଲାକୁ ବାଦ୍ ଦେଲେ ଆଉ ସମସ୍ତ ସବୁପ୍ରକାର ମାମଲା ଗ୍ରାମସଭାରେ ବିଚାର ହୋଇପାରୁଥିଲା ।

## ପାରମ୍ପରିକ ଗ୍ରାମସଭାର ସଦସ୍ୟମାନଙ୍କର ନିର୍ବାଚନ ପ୍ରଣାଳୀ:

ହୋ/କୋହ୍ଲ ସଂପ୍ରଦାୟରେ ପ୍ରଚଳିତ ଥିବା ତିନୋଟି ସ୍ତରରେ ଗ୍ରାମସଭାର ମୁଖ୍ୟମାନେ ସଂପୃକ୍ତ ଗ୍ରାମସଭାର ସଦସ୍ୟମାନଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ମନୋନୀତ ହୋଇଥାଆନ୍ତି । ଏଥିରେ ପ୍ରତିଦ୍ୱନ୍ଦ୍ୱିତା ହୁଏନାହିଁ । ନିମ୍ନ ଗ୍ରାମସଭାର 'ମୁଣ୍ଡା'ଙ୍କୁ ଗ୍ରାମର ସମସ୍ତ ପରିବାରର ମୁଖ୍ୟ/ନିମ୍ନ ଗ୍ରାମସଭାର ସଦସ୍ୟମାନେ ମନୋନୟନ କରୁଥିବା ସ୍ଥଳେ 'ମାଣାକି'ଙ୍କ ମନୋନୟନ ପ୍ରତ୍ୟେକ ଗ୍ରାମସଭାର ମୁଖ୍ୟ / ମୁଣ୍ଡାମାନଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ଅନୁରୂପ ଭାବେ ଉଚ୍ଚ ଗ୍ରାମସଭାର ମୁଖ୍ୟ 'ବିଶୋଇ' ସମସ୍ତ ମଧ୍ୟ ଗ୍ରାମସଭାର ମୁଖ୍ୟ 'ମାଣାକି'ମାନଙ୍କ ଦ୍ୱାରା ସର୍ବସମ୍ମତ କ୍ରମେ ମନୋନୀତ ହୋଇ ଥାଆନ୍ତି । ସେହିପରି ପୂଜା (ଦିଉଣୀ) ପଦବୀରେ ଗୁଣିଆ (ଦେଓ୍ୱାଁ)ମାନଙ୍କ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଦୈବ ଆଶୀର୍ବାଦଯୁକ୍ତ ବ୍ୟକ୍ତିବିଶେଷମାନଙ୍କୁ ବଂଶାନୁକ୍ରମିକ ରୀତିରେ ଅବସ୍ଥାପିତ କରାଯାଇଥାଏ । କୌଣସି କାରଣ ବଶତଃ ସଂପୃକ୍ତ ବଂଶର ଯୋଗ୍ୟତାସଂପନ୍ନ ପୁରୁଷର ବିଚ୍ୟୁତି (ବାର୍ଦ୍ଧକ୍ୟ/ମୃତ୍ୟୁ/ଅନିଚ୍ଛା/ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ) ଘଟିଲେ ପୂର୍ବୋକ୍ତ ଧାରାରେ ପୁନଃ ନିର୍ବାଚନ ବା ସ୍ଥିର କରାଯାଇଥାଏ । ଏତଦ୍ ବ୍ୟତୀତ ନିମ୍ନଗ୍ରାମ ସଭାର ସର୍ବନିମ୍ନ ପଦବୀ 'ଡ଼ାକୁଆ' ବଂଶାନୁକ୍ରମିକ ଭିତ୍ତିରେ ନ

ହୋଇ ଗ୍ରାମସଭାର ମୁଖ୍ୟ / ମୁଣ୍ଡାଙ୍କ ମତାମତ ଅନୁଯାୟୀ ସଦସ୍ୟମାନଙ୍କ ଦ୍ୱାରା ବାର୍ଷିକ ଚୟନ ବା ନିଯୁକ୍ତି ପାଇଥାଆନ୍ତି । ଗ୍ରାମର ମୁଖ୍ୟ ପୂଜକଙ୍କୁ (ଦିଉରୀ) ସହାୟତା ପ୍ରଦାନ କରୁଥିବା ଉପପୂଜପ (ଜମ୍‌ସିମ୍) ଗ୍ରାମମୁଖ୍ୟ (ମୁଣ୍ଡା)ଙ୍କ ଦ୍ୱାରା ଦିହୁରୀଙ୍କ ପରାମର୍ଶ କ୍ରମେ ନିଯୁକ୍ତ ହୋଇଥାଆନ୍ତି । ଜମ୍‌ସିମ୍ ପୂଜାକାର୍ଯ୍ୟରେ ମୁଖ୍ୟପୂଜକଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଗ୍ରାମସଭାରେ ଧର୍ମ ବା ପୂଜା ସମ୍ବନ୍ଧୀୟ କୌଣସି ମାମଲାର ବିଚାର ପାଇଁ ମୁଖ୍ୟ ପୂଜକଙ୍କୁ ସହଯୋଗ କରିଥାଆନ୍ତି ।

ପରବର୍ତ୍ତୀ ସମୟରେ ଗ୍ରାମସଭାର ତ୍ରିସ୍ତରୀୟ ଧାରା ଉଚ୍ଛେଦ ହୋଇଥିବା ଦେଖାଯାଇଥାଏ । ମଧ୍ୟ ଗ୍ରାମସଭା ଏବଂ ଉଚ୍ଚ ଗ୍ରାମସଭା ପ୍ରଥାକୁ ଉଠାଇ କେବଳ ନିମ୍ନ ଗ୍ରାମସଭା କୋହ୍ଲବସତି ଗ୍ରାମଗୁଡ଼ିକରେ ପ୍ରଚଳିତ ହୋଇଥାଏ । ଏପରି ହ୍ରାସ ପ୍ରକ୍ରିୟା ହୁଏତ ୧୮୯୧-୯୨ ପରେ ପ୍ରଚଳନ ହୋଇଥିବା ଅନୁମାନ କରାଯାଇଥାଏ । ଏହି ନିମ୍ନ ଗ୍ରାମସଭା ଆଉ ନିମ୍ନ ଗ୍ରାମସଭା ନାମରେ ନାମିତ ନ ହୋଇ କୋହ୍ଲ ସମାଜରେ କେବଳ ଗ୍ରାମସଭାର ଆଖ୍ୟା ଦିଆଯାଏ । ଯେଉଁମାନେ ଯେପରି ଭାବରେ ନିମ୍ନ ଗ୍ରାମସଭାରେ ସଦସ୍ୟ ରହୁଥିଲେ, ଠିକ୍ ସେହିପରି ଏହି ଗ୍ରାମସଭାରେ ପରିବାରର ମୁଖ୍ୟମାନେ ସଦସ୍ୟତା କରିବା ସହିତ ଅନୁରୂପ ଧାରାରେ ଗ୍ରାମମୁଖ୍ୟ ମନୋନୟନ ଗ୍ରାମ ମୁଖ୍ୟ ପୂଜକଙ୍କ ଆଧାତ୍ମିକ ପ୍ରକ୍ରିୟାରେ ନିଯୁକ୍ତି ସହ ପୂଜକ ବା ମୁଖ୍ୟ ପୂଜକଙ୍କୁ ସହାୟତା ପ୍ରଦାନ କରୁଥିବା ଜମ୍‌ସିମ୍ ଦିହୁରୀ ଭଳି ଦେବୀ ଆଶୀର୍ବାଦଯୁକ୍ତ ହୋଇ ଦେଓ୍ୱାଁଙ୍କ ଆଧ୍ୟାତ୍ମିକ ଶକ୍ତି (ଦାସୀ) ଦ୍ୱାରା ଅବସ୍ଥାପିତ ହୁଅନ୍ତି କିନ୍ତୁ ଏହା ବଂଶାନୁକ୍ରମିକ ନୁହେଁ ବାର୍ଷିକ ଏବଂ ଡ଼ାକୁଆର ବାର୍ଷିକ ଚୟନ ଇତ୍ୟାଦି କାର୍ଯ୍ୟ ସଂପାଦିତ ହୋଇଥାଏ । ହୋ/କୋହ୍ଲ ସଂପ୍ରଦାୟରେ ପାରମ୍ପରିକ ଗ୍ରାମସଭା ବର୍ତ୍ତମାନ ଏହି ପ୍ରକ୍ରିୟାରେ ପ୍ରଚଳିତ ।

## ସଦସ୍ୟମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ଅନ୍ୟାନ୍ୟ ଗୁଣାବଳୀ:

ହୋ/କୋହ୍ଲ ସଂପ୍ରଦାୟରେ ଗ୍ରାମସଭାର ମୁଖ୍ୟ ସଦସ୍ୟମାନେ ମୂଳତଃ ପରିବାରର କର୍ତ୍ତା / ମୁଖ୍ୟ ହୋଇଥାନ୍ତି  ପରିବାରର ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ଥାଏ । ପରିବାରଟିକୁ ଶାନ୍ତି ତଥା ଶୃଙ୍ଖଳାର ସହିତ ଚଳାଇବାକୁ ସେମାନେ ନିଜସ୍ୱ ଗୃହରୁ ଶିକ୍ଷାଲାଭ କରିଥାଆନ୍ତି । ତେଣୁ ପ୍ରାୟତଃ ଗ୍ରାମସଭାର ସମସ୍ତ ସଦସ୍ୟ ଗମ୍ଭୀର, ଦାୟିତ୍ୱସଂପନ୍ନ, ବିଚାରବନ୍ତ, ଧୈର୍ଯ୍ୟଶୀଳତା କ୍ଷମାଗୁଣର ଅଧିକାରୀ ହୋଇଥାଆନ୍ତି କିମ୍ବା ସେମାନଙ୍କ ନିକଟରୁ ସମସ୍ତ ମହତ୍ ଗୁଣ ଆଶା କରାଯାଇଥାଏ । ସର୍ବସମ୍ମତିକ୍ରମେ ସଫଳତା ମୁଖ୍ୟତଃ ନିର୍ଭର କରେ ସଭାପତି / ମୁଣ୍ଡା / ମାଣାକି /

ବିଶୋଇମାନଙ୍କ ଉପରେ । ଏମାନେ ସମସ୍ତେ ନିର୍ଦ୍ୱନ୍ଦରେ ସର୍ବସମ୍ମତି କ୍ରମେ ମନୋନୀତ ହେଉଥିବାରୁ ସଭାକାର୍ଯ୍ୟରେକୌଣସି ବାଧା ଉପୁଜେ ନାହିଁ । ସଭାପତି ମଧ୍ୟ ଉଚ୍ଚ ବ୍ୟକ୍ତିତ୍ୱ ସଂପନ୍ନ ବ୍ୟକ୍ତିବିଶେଷ ହୋଇଥାଆନ୍ତି । ସେମାନଙ୍କର ସ୍ୱଭାବ ଶାନ୍ତ, ବ୍ୟବହାର ଅମାୟିକ, ପ୍ରଖରବୁଦ୍ଧି, ଭାଷାରେ ଶାଳୀନତା,ପରିପକ୍ୱ ଅବସ୍ଥା ବେଶ୍ ଅଭିଜ୍ଞତାପୂର୍ଣ୍ଣ ପ୍ରଜାବତ୍ସଳ ବ୍ୟକ୍ତିତ୍ୱ ରହିଥାଏ । ବିଚାର କ୍ଷମତା ରହିଥିବାରୁ ସଭାପତିଙ୍କ ମନସ୍ତାତ୍ତ୍ୱିକ ଚିନ୍ତାଧାରା ନୀରପେକ୍ଷ ହେବା ଏକାନ୍ତ ଅପରିହାର୍ଯ୍ୟ । ଗ୍ରାମର ଶାନ୍ତି ନିର୍ଭର କରିଥାଏ ସଭାପତିଙ୍କ ଦକ୍ଷତା ଉପରେ ।

ଗ୍ରାମସଭାର ଅନ୍ୟତମ ସଦସ୍ୟ ପୂଜାରୀ (ଦିଉରୀ) ସହଜେ ତ ଧର୍ମନିୟନ୍ତ୍ରକ । ସେଥିରେ ପୁଣି ସେ ଗୁଣିଆ (ଦେଓ୍ୱଂ)ମାନଙ୍କ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଦୈବୀ ଆଶୀର୍ବାଦଯୁକ୍ତ ହୋଇ ଆସିଥାଆନ୍ତି । ତେଣୁ ତାଙ୍କର ପୃଷ୍ଠଭୂମି, ବ୍ୟକ୍ତିତ୍ୱ ତଥା ସମସ୍ତ ଗୁଣବତ୍ତାରେ କୌଣସି ପ୍ରଶ୍ନ ଉଠେନାହିଁ ।

## ନିର୍ବାଚିତ ବା ମନୋନୀତ ସଦସ୍ୟମାନଙ୍କର କାର୍ଯ୍ୟକଳାପ :

ଗ୍ରାମସଭାର ସଦସ୍ୟ ବା ପ୍ରତ୍ୟେକ ପରିବାରର ଦାୟିତ୍ୱ ସଂପନ୍ନ ମୁଖିଆମାନେ ଗ୍ରାମସଭାର ମର୍ଯାଦା, ଶୃଙ୍ଖଳା, ଆସ୍ଥା,ଏକତା ତଥା ଗୋପନୀୟତା ସହ ତାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ ପୂର୍ବକ ଗ୍ରାମସଭାର ସଭାପତି ମୁଣ୍ଡାଙ୍କୁ ବିଚାର ପ୍ରକ୍ରିୟାରେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରି ଗ୍ରାମସଭାର ମର୍ଯ୍ୟଦା ଅକ୍ଷୁର୍ଣ୍ଣ ରଖିବାକୁ ସର୍ବଦା ଚେଷ୍ଟିତ ଥାଆନ୍ତି ।

ଗ୍ରାମସଭାର ମୁଖ୍ୟ ଲକ୍ଷ୍ୟ ଗ୍ରାମରେ ଶାନ୍ତି ଏବଂ ଶୃଙ୍ଖଳାର ସହାବସ୍ଥାନ ପାଇଁ ସମସ୍ତ ପ୍ରକାର ମାମାଲାର ସୁବିଚାର / ନିରପେକ୍ଷ ବିଚାରକରି ଦୋଷୀକୁ ଦଣ୍ଡ ତଥା ନିର୍ଦ୍ଦୋଷକୁ ଯଥୋଚିତ ନ୍ୟାୟ ପ୍ରଦାନ କରିବା ଏହାର ସଦସ୍ୟମାନେ ପ୍ରତିଟି ମାମଲା ବିଷୟରେ ଆଲୋଚନା କରନ୍ତି, ମତାମତ ଦିଅନ୍ତି କିନ୍ତୁ ନିଷ୍ପତ୍ତି ବା ନ୍ୟାୟ ଘୋଷଣା କରିଥାଆନ୍ତି ସଭାପତି ମୁଣ୍ଡା । ସେ ହୋ/କୋହ୍ଲସମାଜର ପ୍ରଥା ଅନୁଯାୟୀ ମାମଲାର ପ୍ରତ୍ୟେକ ଦିଗକୁ ତର୍ଜମା ପୂର୍ବକ ନୀରପେକ୍ଷ ନିଷ୍ପତ୍ତି ଗ୍ରହଣ କରୁଥିବାର ଦେଖାଯାଇଥାଏ । ପ୍ରାଚୀନ କାଳରେ ଗ୍ରାମସଭାରେ ହତ୍ୟା ଓ ଧର୍ଷଣ ମାମଲାଗୁଡ଼ିକ ବ୍ୟତୀତ ଅନ୍ୟସମସ୍ତ ମାମଲା ବିଚାର ହୋଇପାରୁଥିବା ବେଳେ ପରବର୍ତ୍ତୀ ସମୟରେ ପ୍ରତ୍ୟେକ ମାମଲା ବିଚାର ହେବା ସହିତ ଏବେକୁ ହତ୍ୟା ଓ ଧର୍ଷଣ ପ୍ରାୟତଃ କୋର୍ଟକଚେରୀକୁ ଯାଇଥାଏ । ତେବେ କୋହ୍ଲମାନର ଗ୍ରାମସଭାଗୁଡ଼ିକ ଚୋରୀ, ବିବାହ

ବିଚ୍ଛେଦ, କନ୍ୟାସୁନା ଫେରସ୍ତ, ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା, ଦୁର୍ବ୍ୟବହାର ଆଦି ସମସ୍ତ ପ୍ରକାର ମମଲା ବିଚାରଯୋଗ୍ୟ ହୋଇଥାଏ । ଏତଦ୍‌ବ୍ୟତୀତ ଗ୍ରାମରେ ଦୈବ ଦୁର୍ଘଟଣା, ପ୍ରାକୃତି ବିପର୍ଯ୍ୟୟ ଆଦିରେ ସାମାଜିକ, ନୈତିକ କର୍ତ୍ତବ୍ୟ ସ୍ୱରୂପ ଗ୍ରାମସଭାର ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବରେ ସହାୟତା ପ୍ରଦାନ କରିଥାଆନ୍ତି । ବିବାହୋତ୍ସବ, ମରଣ ସଂସ୍କାର ପ୍ରଭୃତି ଅନୁଷ୍ଠାନରେ ମଧ୍ୟ ଅନୁରୂପ କାର୍ଯ୍ୟ କରିବା ସହିତ ଶୃଙ୍ଖଳାଗତ ଏବଂ ପରଂପରା ସଙ୍ଗତ କାର୍ଯ୍ୟ ସଂପାଦନ ପ୍ରତି ଦୃଷ୍ଟି ଦେଇଥାଆନ୍ତି । ଗ୍ରାମସଭାର ମୁଖ୍ୟମୁଣ୍ଡାଗ୍ରାମ ସଭାର ଏକ ପାଣ୍ଠି ଗଠନ କରିପାରନ୍ତି । ଗ୍ରାମସଭାର ପ୍ରତ୍ୟେକ ସଦସ୍ୟ ପ୍ରତ୍ୟେକ ପରିବାରରୁ ବାର୍ଷିକ ୫ ସେର ଲେଖାଏଁ ଧାନ ଏହି ପାଣ୍ଠିକୁ ପ୍ରଦାନ କରାଯାଇଥାଏ । ସେହି ପାଣ୍ଠିରୁ ପ୍ରତ୍ୟେକ ପର୍ବପର୍ବାଣୀରେ ଗ୍ରାମର ମୁଖ୍ୟ ପୂଜା (ଦିହୁରୀ)କୁ କିଛି ଅଂଶ ଦିଆଯାଏ । ସେ ଏଥିରେ ପୂଜାସମାଗ୍ରୀ କ୍ରୟ କରିବା ସହିତ ପୂଜାର ପୌରହିତ୍ୟ ପାଇଁ ନବବସ୍ତ୍ର କ୍ରୟ କରି ପରିଧାନ କରନ୍ତି ।

ବସ୍ତୁତଃ ଗ୍ରାମସଭାର ମୁଣ୍ଡାଙ୍କର ବିଚାରଗତ କ୍ଷମତା ବଳିଷ୍ଠ । ସେ ପ୍ରତ୍ୟେକ ମାମଲା ପାଇଁ ସିଦ୍ଧାନ୍ତ, ଦଣ୍ଡବିଧାନ କରୁଥିବା ସଙ୍ଗେ ସଙ୍ଗେ ଗ୍ରାମରେ କୌଣସି ପ୍ରକାର ଅସୁବିଧା କିମ୍ବା ବିପଦ ସମୟରେ ମଧ୍ୟ ଆଶୁ ସମାଧନ / ସିଦ୍ଧାନ୍ତ / କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥାଆନ୍ତି । ଗ୍ରାମକୁ ଶତ୍ରୁ ଆକ୍ରମଣର ଆଶଙ୍କା କିମ୍ବା କୌଣସି ଦୁରାରୋଗ୍ୟ ବ୍ୟାଧି ପ୍ରବେଶ କଲେ ମୁଣ୍ଡା ସଦସ୍ୟମାନଙ୍କ ସହିତ ଆଲୋଚନା କରି / ନକରି ମଧ୍ୟ ସିଦ୍ଧାନ୍ତ ନେଇପାରିଥାଆନ୍ତି କିମ୍ବା ଦିହୁରୀଙ୍କ ସହିତ ଆଲୋଚନା ପୂର୍ବକ ବ୍ୟାଧିରୁ ମୁକ୍ତି ପାଇଁ ପୂଜାପାଠର ଆୟୋଜନ ପାଇଁ ଦିହୁରୀଙ୍କୁ ନିର୍ଦ୍ଦେଶ ଦିଅନ୍ତି ।

ହୋ/କୋହ୍ଲମାନଙ୍କର ପାରମ୍ପରିକ ଗ୍ରାମସଭାର ଅନ୍ୟତମ ବିଭାଗର ମୁଖ୍ୟ ଦିହୂରୀ ଗ୍ରାମରେ ଧର୍ମ/ ପୂଜା ସମ୍ବନ୍ଧୀୟ ସମସ୍ତ ମାମଲାର ସିଦ୍ଧାନ୍ତ ଗ୍ରହଣ କରନ୍ତି । ପୂଜା ଭିତ୍ତିକ ମାମଲାର ସର୍ବୋଚ୍ଚ ବିଚାରପତି ଦିହୂରୀ । ତାଙ୍କର ନିଷ୍ପତ୍ତି ଗ୍ରାମବାସୀ ସମସ୍ତେ ଅନାୟାସରେ ଗ୍ରହଣ କରିଥାଆନ୍ତି । ପୂଜାପର୍ବ କେବେ କେମିତି ପାଳନ କରାଯିବ ସେ ସଂପର୍କରେ ପୂଜକ ଗ୍ରାମବାସୀଙ୍କୁ ସୂଚାଇବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତି । ପ୍ରାକୃତିକ ବିପର୍ଯ୍ୟୟ, ରୋଗବ୍ୟାଧି ତଥା କଳୁଷତାରୁ ଗ୍ରାମକୁ ରକ୍ଷା କରିବାକୁ ଏହି ମୁଖ୍ୟ ପୂଜକ ଦିହୂରୀ ଦେବାଦେବୀମାନଙ୍କୁ ସନ୍ତୁଷ୍ଟ କରି ଗ୍ରାମର ମଙ୍ଗଳ ସାଧନ କରିଥାଆନ୍ତି । ଉପ ପୂଜକ ବା ସହାୟକ ପୂଜାରୀ 'ଜମ୍‌ସିମ୍'ଙ୍କର ଗ୍ରାମସସଭାରେ ସେପରି କୌଣସି ଭୂମିକା ନଥିଲେ ହେଁ ମୁଖ୍ୟ ପୂଜକ ଦିହୂରୀଙ୍କର ଅନୁପସ୍ଥିତିରେ ସେ ପୂଜା / ଧର୍ମ ସମ୍ବନ୍ଧୀୟ ମାମଲା ବିଚାର କରନ୍ତି କିନ୍ତୁ ନିଷ୍ପତ୍ତି ଗ୍ରହଣ

କରିବାର କ୍ଷମତା ତାଙ୍କର ନଥାଏ । ଆଶୁ ସିଦ୍ଧାନ୍ତ ମୁଣ୍ଡା ନିଅନ୍ତି କିମ୍ବା ଦିହୂରୀଙ୍କୁ ଉପସ୍ଥିତିକୁ ପ୍ରତୀକ୍ଷା କରାଯାଇଥାଏ । ସମସ୍ତ ପୂଜାକର୍ମରେ ଜମ୍‌ସିମ୍ ଦିହୂରୀଙ୍କୁ ସହାୟତା ପ୍ରଦାନ କରନ୍ତି । ସେହିପରି ଗ୍ରାମମୁଖ୍ୟଙ୍କ ନିର୍ଦ୍ଦେଶ କ୍ରମେ ଡ଼ାକୁଆ ଗ୍ରାମସଭାର ବୈଠକ ପାଇଁ ସଦସ୍ୟମାନଙ୍କୁ ଢେଙ୍ଗୁରା ପିଟି ବା ମୁହଁରେ କହି ଡ଼ାକି ଥାଆନ୍ତି । ସେଥି ସହିତ ସଭାପତିଙ୍କ ନିକଟରେ ଆଗତ କରାଯାଇଥିବା ମାମଲାରେ ଅଭିଯୁକ୍ତ ଓ ଅଭିଯୋଗକାରୀଙ୍କୁ ମଧ୍ୟ ଡ଼ାକୁଆ ଗ୍ରାମସଭା ସମୟରେ ଉପସ୍ଥିତ ରହିବାକୁ କହିଥାଆନ୍ତି । ଆଜିକାଲିର ପିଅନ ପରି ଡ଼ାକୁଆ ସମସ୍ତଙ୍କର ବୋଲହାକ କରିଥାଏ ।

## ଗ୍ରାମସଭାରେ ବିଚାର କରାଯାଉଥିବା ମାମଲା :

ହୋ/କୋହ୍ଲ ସଂପ୍ରଦାୟର ପାରମ୍ପରିକ ଗ୍ରାମସଭାରେ ଗ୍ରାମର ସମସ୍ତ ପ୍ରକାର ସୁବିଧା-ଅସୁବିଧା ଆଲୋଚନା ହୋଇପାରୁଥିବା ବେଳେ ଗ୍ରାମରେ ଉପୁଜୁଥିବା ସମସ୍ତ ପ୍ରକାର ଗଣ୍ଡଗୋଳ/କେସ୍/ମାମଲାର ବିଚାର କରାଯାଇଥାଏ । ସେ ମଧ୍ୟରେ ଚୋରୀ, କନ୍ୟା, ଅପହରଣ, ବିବାହ ବିଚ୍ଛେଦ, କନ୍ୟା ଫେରସ୍ତ, ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା, ମାଡ଼ପିଟ୍,ଗାଳିଗୁଲଜ, ଦୁର୍ବ୍ୟବହାର, ପର ଝିଅବୋହୂଙ୍କ ପ୍ରତି ଅଶ୍ଳୀଳ ଆଚରଣ, ଡକାୟତି,ଜମିଜମା ସଂକ୍ରାନ୍ତୀୟ ଗଣ୍ଡଗୋଳ, ପାରିବାରିକ କଳହ, ପୂଜା ସମ୍ବନ୍ଧୀୟ ଦ୍ୱନ୍ଦ୍ୱ, ଗୁଣିଗାରେଡ଼ି ଦ୍ୱାରା କ୍ଷତିସାଧନ, ଅସାମାଜିକ କର୍ମରେ ଲିପ୍ତ ଇତ୍ୟାଦି ସବୁପ୍ରକାର ମାମଲା ଅନ୍ତର୍ଭୁକ୍ତ । ଏତଦ୍‌ଭିନ୍ନ ଗ୍ରାମର ଅନ୍ୟାନ୍ୟ ସୁବିଧା-ଅସୁବିଧା (ସାମୁହିକ କାର୍ଯ୍ୟ- ରାସ୍ତା ନିର୍ମାଣ/ ମରାମତି, ପୂଜା ସମ୍ବନ୍ଧୀୟ ଦିନ, ବାର, ତିଥି ନିର୍ଣ୍ଣୟ (ଯଦି କିଛି ଦ୍ୱନ୍ଦ୍ୱ ଉପୁଜେ) ସାଂସ୍କୃତିକ ଅନୁଷ୍ଠାନ,କୌଣସି ପ୍ରକାର ବିପଦ ବା ବ୍ୟାଧିର ଆଶଙ୍କା) ସମୟରେ ମଧ୍ୟ ସମସ୍ତ ବିଷୟ ଗ୍ରାମସଭାରେ ଆଲୋଚନା ହୋଇପାରିଥାଏ ।

## ଗ୍ରାମସଭାରେ ସଦସ୍ୟମାନଙ୍କ ବୈଠକୀ ବ୍ୟବସ୍ଥା ଓ ପରିଚାଳନା ପଦ୍ଧତି:

ଗ୍ରାମସଭାର ବୈଠକ ସଭାପତିଙ୍କ ଗୃହ ପରିସରରେ ଥିବା କୌଣସି ବସିବା ଉପଯୋଗୀ ସ୍ଥାନ ବା ସଭାପତି ଘରେ ବୈଠକ ହୋଇପାରିବା ଭଳି କୋଠରୀ ଥିଲେ କିମ୍ବା ଗ୍ରାମସଭା ପାଇଁ ସ୍ୱତନ୍ତ୍ର ଗୃହ ନିର୍ମିତ ହୋଇଥିଲେ ଆହୂତ ହୋଇଥାଏ । ସ୍ଥଳ ବିଶେଷରେ ଖୋଲା ପଡ଼ିଆ (ଅନ୍ୟଗ୍ରାମ ସହିତ ବିବାଦର ବିଚାର ପାଇଁ ଉଭୟ ଗ୍ରାମର ମଧ୍ୟବର୍ତ୍ତୀ ସ୍ଥାନ)ରେ ମଧ୍ୟ ବୈଠକ ବସିପାରେ । ସାଧାରଣତଃ ସଭା ପାଇଁ ଖଟିଆର ବନ୍ଦୋବସ୍ତ ହୁଏ । ଧର୍ମ/ପୂଜା ସମ୍ବନ୍ଧୀୟ ବୈଠକରେ ପୂଜାରୀଙ୍କ ଉପସ୍ଥିତି ଅନିବାର୍ଯ୍ୟ ।

ଅନ୍ୟ ସାଧାରଣ ବୈଠକକୁ ପୂଜାରୀ ପ୍ରାୟତଃ ଆସନ୍ତି ନାହିଁ । କାରଣ ବିଚାର ସମ୍ବନ୍ଧୀୟ ବୈଠକରେ ପୂଜାରୀଙ୍କ ଭୂମିକା ନଥାଏ । ଯଦି ଆସନ୍ତି, ତେବେ ତାଙ୍କୁ ସ୍ୱତନ୍ତ୍ର ପଟିଆରେ ବସିବାକୁ ଦିଆଯାଇଥାଏ । ଧର୍ମ ନିୟନ୍ତ୍ରକ ପୂଜାରୀଙ୍କ ସହଯୋଗୀ 'ଜମ୍‌ସମ୍' ମଧ୍ୟ ଅନୁରୂପ ଭାବେ ସାଧାରଣ ବୈଠକରେ ଯୋଗଦେବା ଜରୁରୀ ନୁହେଁ । ଯଦି ଆସନ୍ତି ତେବେ ପୂଜାରୀଙ୍କ ପାଖରେ ବସନ୍ତି କିମ୍ବା ସଦସ୍ୟମାନଙ୍କ ସହିତ ମଧ୍ୟ ବସିପାରନ୍ତି । ଡ଼ାକୁଆ ପାଇଁ ଆସନ ବ୍ୟବସ୍ଥା ହୁଏନାହିଁ । ସେ ବୈଠକ ସମୟରେ ଛିଡ଼ାହୋଇ ରହେ କିମ୍ବା ପାର୍ଶ୍ୱବର୍ତ୍ତୀ ଭୂମିରେ ବସେ ।

ମଧ୍ୟ ଗ୍ରାମସଭା ଓ ଉଚ୍ଚ ଗ୍ରାମସଭା (ଗ୍ରାମସଭାର ଦ୍ୱିତୀୟ ଓ ତୃତୀୟ ସ୍ତର)ରେ ସଭାପତି ତଥା ସଦସ୍ୟମାନଙ୍କ ପାଇଁ ପ୍ରାୟତଃ ଖଟିଆର ବନ୍ଦୋବସ୍ତ ହୋଇଥାଏ ।

## ଆଲୋଚନା ପଦ୍ଧତି, ନିଷ୍ପତ୍ତି ଗ୍ରହଣ ଓ ନିଷ୍ପତ୍ତି ଘୋଷଣା ପ୍ରକ୍ରିୟା:

ସଭାର କୌଣସି ସଦସ୍ୟ ପ୍ରଥମେ ଡ଼ାକୁଆକୁ ସଭା ଆହୂତର ଉଦ୍ଦେଶ୍ୟ ପଚାରନ୍ତି । ଡ଼ାକୁଆ କିନ୍ତୁ ସଭାର ଉଦ୍ଦେଶ୍ୟ ନ କହି ତାହା ଗ୍ରାମର ମୁଖ୍ୟଙ୍କ ଦ୍ୱାରା ବା ନିର୍ଦ୍ଦେଶରେ ଆହୂତ ହୋଇଥିବାର ପ୍ରକାଶ କରେ । 'ସଭାପତି ଏହାର ଉଦ୍ଦେଶ୍ୟ କହିବେ'- ଏତିକି ସଦସ୍ୟମାନଙ୍କୁ ଡ଼ାକୁଆ ସ୍ପଷ୍ଟ କରିଦିଏ । ତାପରେ ସଭାପତି ବିଷୟବସ୍ତୁ କହିବା ସହିତ ସଭାକାର୍ଯ୍ୟ ଆନୁଷ୍ଠାନିକ ଭାବରେ ଆରମ୍ଭ କରନ୍ତି । ଅଭିଯୋଗ ଦାଖଲ କରିଥିବା ପକ୍ଷକୁ ସଭାପତି ପଚାରନ୍ତି ଯେ କାହିଁକି,କେଉଁ ପରିସ୍ଥିତି ଏପରି ଅଭିଯୋଗ ଆଗତ କରାଗଲା । ଅଭିଯୋଗକାରୀ ସର୍ବସମକ୍ଷରେ ଅଭିଯୋଗର ବିଶଦ୍ ବିବରଣୀ ଶୁଣାଇଥାଆନ୍ତି । ବିପରୀତ ପ୍ରଶ୍ନଛଳରେ ସଭାପତି ତାଙ୍କଠାରୁ ସମସ୍ତ ବିଷୟ ଅବଗତ ହେବା ପରେ ପ୍ରତିପକ୍ଷଙ୍କୁ ତାହାର ଉତ୍ତର ଦେଇ ନିଜରସିର୍ଦ୍ଦୋଷତା ପ୍ରମାଣ କରିବାକୁ ସୁଯୋଗ / ନିର୍ଦ୍ଦେଶ ଦିଅନ୍ତି । ଉଭୟ ପକ୍ଷରୁ ସମସ୍ତ ଜବାବ ସୁଆଲ ଶୁଣିସାରିବା ପରେ ଗ୍ରାମସଭାର ସଦସ୍ୟମାନେ ତତ୍ ସଂପର୍କରେ ଦୋଷତ୍ରୁଟି ତର୍ଜମା କରି ସଭାପତିଙ୍କୁ ଅବଗତ କରାଇଥାଆନ୍ତି । ଶେଷରେ ସଭାପତି ସମସ୍ତ ତର୍ଜମାର ଫଳାଫଳକୁ ବିଚାରକୁ ନେଇ ନିଜର ଧୀଶକ୍ତି ପ୍ରୟୋଗ ପୂର୍ବକ ମାମଲାର ନିଷ୍ପତ୍ତି ଶୁଣାନ୍ତି । ଦଣ୍ଡ ଦିଅନ୍ତି କିମ୍ବା କ୍ଷମା ପ୍ରଦାନ କରିପାରନ୍ତି ।

ଗ୍ରାମସସଭାର ତିନୋଟି ଯାକ ସ୍ତରରେ ଅନୁରୂପ ବିଚାରଧାରା ଅନୁସୃତ ହୋଇଥାଏ । ଶେଷ ନିଷ୍ପତ୍ତି ନିଅନ୍ତି ସଭାପତି । ସଦସ୍ୟମାନେ ମତାମତ ଦିଅନ୍ତି, ନ୍ୟାୟ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିପାରନ୍ତି, ମାମଲାର ଗୁରୁତ୍ୱକୁନେଇ ଦଣ୍ଡ ପରିସୀମା

/ ପରିମାଣ ପାଇଁ ସଭାପତିଙ୍କୁ ସହଯୋଗ କରନ୍ତି କିମ୍ବା ପ୍ରଭାବିତ କରିବାକୁ ଉଦ୍ୟମ କରିଥାଆନ୍ତି । ସଭାପତି ସ୍ଥିର ଚିତ୍ତରେ ସମସ୍ତଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ସବୁ ଶୁଣନ୍ତି ଓ ନୀରପେକ୍ଷ ଭାବରେ ନିଜର ନିଷ୍ପତ୍ତି ଘୋଷଣା କରିଥାଆନ୍ତି ।

ନିମ୍ନ ଗ୍ରାମସଭାରେ ଯେଉଁ ମାମଲାଗୁଡ଼ିକ ବିଚାର ହୋଇପାରେ ନାହିଁ କିମ୍ବା ଜଟିଳ ହୋଇ ପଡ଼େ ସେଗୁଡ଼ିକ ମଧ୍ୟ ଗ୍ରାମସଭା ବା ଦ୍ୱିତୀୟ ସ୍ତରର ଗ୍ରାମସଭାରେ ବିଚାର ପାଇଁ ପଠାଯାଇଥାଏ । ଅନୁରୂପ ଭାବେ ମଧ୍ୟଭାଗ ଗ୍ରାମସଭାରେ କୌଣସି ମାମଲା ଫଇସଲା ହୋଇ ନାପାରିଲେ ତାହା ଉଚ୍ଚ ଗ୍ରାମସଭା ବା ତୃତୀୟ ସ୍ତରର ଗ୍ରାମସଭାରେ ବିଚାର ପାଇଁ ଯାଏ ଏବଂ ଉଚ୍ଚ ଗ୍ରାମସଭାରେ ଯେଉଁ ମାମଲାକୁ ବିଚାର କରିବାକୁ ଅସୁବିଧା / ଅସମ୍ଭବ ହୁଏ ତାହା ରାଜ୍ୟ ସ୍ତର (ଶାସକଙ୍କ ନିକଟକୁ)ରେ ବିଚାର ପାଇଁ ପଠାଯାଇଥାଏ । ଅବଶ୍ୟ ଗ୍ରାମସଭାରୁ ରାଜ୍ୟସ୍ତରକୁ କୌଣସି ମାମଲା ଅମିମାଂସିତ ଭାବରେ ପଠାଯାଉଥିବାର ଦୃଷ୍ଟାନ୍ତ ନାହିଁ । କାରଣ କୋହ୍ଲ ସଂପ୍ରଦାୟ ନିଜ ମାମଲା ନିଜର ଗ୍ରାମସଭା ଭିତରେ ବିଚାର ହୋଇନପାରିବା ଭଳି ଏତେ ଉଶୃଙ୍ଖଳ ନଥିଲେ କିମ୍ବା ନୁହଁନ୍ତି । କେବଳ ହତ୍ୟା ଓ ଧର୍ଷଣ ମାମଲାଗୁଡ଼ିକ ରାଜ୍ୟସ୍ତରକୁ ଯାଇଥାଏ କାରଣ ସେ ସବୁ ଧରଣର ମାମଲା ବିଚାର କ୍ଷମତା ପାରମ୍ପରିକ ଗ୍ରାମସଭା ଗୁଡ଼ିକରେ ନଥାଏ ।

ନିମ୍ନ ଗ୍ରାମସଭାରୁ ମାମଲାଗୁଡ଼ିକ ମଧ୍ୟ ଗ୍ରାମସଭାକୁ ଏବଂ ମଧ୍ୟ ଗ୍ରାମସଭାର ମାମଲା ଉଚ୍ଚ ଗ୍ରାମସମାକୁ ସଂପୃକ୍ତ ସଭାପତି ପଠାଇ ଥାଆନ୍ତି (ଯଦି ଅମିମାଂସିତ ରହେ/ ବିଚାର ଧାରା ଜଟିଳ ହୋଇପଡ଼େ) କିମ୍ବା କୌଣସି ମାମଲାର ଅଭିଯୁକ୍ତ ବା ଅଭିଯୋଗକାରୀ ବିଚାରରେ ସନ୍ତୁଷ୍ଟ ନ ହେଲେ ନିଜେ ଉପରିସ୍ଥ ଗ୍ରାମସଭାର ସହାୟତା ଲୋଡ଼ି ଥାଆନ୍ତି । ସେହିପରି ମଧ୍ୟ ଗ୍ରାମସଭା (ପିଡ଼ି)ରେ ଯେଉଁ ମାମଲା ସମାଧାନ ହୋଇପାରେ ନାହିଁ ( ଦୁଇ ବା ତତୋଧିକ ଗ୍ରାମ ମଧ୍ୟରେ ବିବାଦ ଉପୁଜିଲେ) ସେଗୁଡ଼ିକ ଉଚ୍ଚ ଗ୍ରାମସଭା (ପାଢ଼ା)କୁ ପଠାଯାଇଥାଏ । (ସଭାପତିଙ୍କ ଦ୍ୱାରା) କିମ୍ବା ଅଭିଯୁକ୍ତ ଗ୍ରାମ / ଗ୍ରାମବାସୀ ଓ ଅଭିଯୋଗକାରୀ ଗ୍ରାମ/ଗ୍ରାମବାସୀ ସ୍ୱୟଂ ଉଚ୍ଚ ଗ୍ରାମସଭାକୁ ଯାଇପାରନ୍ତି ।

ହୋ/କୋହ୍ଲ ସଂପ୍ରଦାୟର ଏହି ତ୍ରିସ୍ତରୀୟ ପାରମ୍ପରିକ ଗ୍ରାମସଭା ପୁରାତନ କାଳରୁ ଗଣତାନ୍ତ୍ରିକ ରୀତିରେ ପରିଚାଳିତ । ଏହାର ଅନୁରୂପ ବର୍ତ୍ତମାନର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ।

## ବିଭିନ୍ନ ପ୍ରକାର ପ୍ରତିଜ୍ଞା ଓ କଠୋର ପରୀକ୍ଷା:

ପାରମ୍ପରିକ ଗ୍ରାମସଭାର ବିଚାରରେ ଦଣ୍ଡିତ ବା ଦୋଷୀ ସାବ୍ୟସ୍ତ ବ୍ୟକ୍ତି ବିଶେଷଙ୍କ ପାଇଁ ଆର୍ଥିକ, ଶାରୀରିକ ଓ ସାମାଜିକ ପ୍ରଭୃତି ଦଣ୍ଡବିଧାନ କରାଯାଇଥାଏ । ଦଣ୍ଡର ସମୟସୀମା ପୂରଣ ହେଲେ କିମ୍ବା ଆର୍ଥିକ ଦଣ୍ଡରାଶି ପୈଠ ପରେ ଗ୍ରାମସଭାର ସଦସ୍ୟମାନଙ୍କ ଉପସ୍ଥିତିରେ ଦୋଷୀ ବା ଦଣ୍ଡିତ ବ୍ୟକ୍ତି ଅନୁରୂପ ଦୋଷ / ମୁଳ / ଅପରାଧର ପୁନରାବୃତ୍ତି ନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୁଏ । ଅନେକ ସ୍ଥଳରେ ସାମାନ୍ୟ ଦୋଷ (ଗାଳିଗୁଲଜ / ଗଣ୍ଡଗୋଳ ସୃଷ୍ଟି) ପାଇଁ ପୁଣି ସେପରି ନ କରିବାକୁ ତାଗିଦ୍ କରିବାକୁ ଯାଇ ଦୋଷୀକୁ ଗ୍ରାମସଭାରେ ପ୍ରତିଜ୍ଞା କରାଇ ନେଇଥାଆନ୍ତି ।

ହୋ/କୋହ୍ଲ ସଂପ୍ରଦାୟରେ କୌଣସି ଅପରାଧ ପାଇଁ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିନଥାଏ । କେବଳ ଦଣ୍ଡର ପରିସୀମା / ପରିମାଣ ଅଳ୍ପ ବହୁତ/ତାରତମ୍ୟ ହୋଇପାରେ ।

## ବିଭିନ୍ନ ପ୍ରକାର ଦଣ୍ଡବିଧାନ-ଶାରୀରିକ, ଆର୍ଥିକ ଏବଂ ନୈତିକ:

**ଶାରୀରିକ:** ଯେଉଁ ଅପରାଧୀ ଅର୍ଥଦଣ୍ଡ ଗ୍ରହଣ କରିବାକୁ ସକ୍ଷମ ହୁଏନାହିଁ ବା ତାହା ଗ୍ରାମସଭା ହୃଦ୍‌ବୋଧ କରେ ତାକୁ ହିଁ ଶାରୀରିକ ଦଣ୍ଡ ଦିଆଯାଇଥାଏ । ପୁନଶ୍ଚ ପ୍ରତିଜ୍ଞାବଦ୍ଧ ହେବା ପରେ ଦୋଷୀ ଯଦି ଅନୁରୂପ ଅପରାଧକୁ ଦୋହରାଏ, ତେବେ ତାକୁ ଅର୍ଥଦଣ୍ଡ ସହିତ ଶାରୀରିକ ଦଣ୍ଡ ଦିଆଯାଇପାରେ । ଏଥିରେ ସର୍ବସାଧାରଣ କାର୍ଯ୍ୟରେ ଅପରାଧୀ ନିୟୋଜିତ ହୁଏ । କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ଭିତରେ (୫ ଦିନର କାମକୁ ୧/୨ ଦିନରେ ଶେଷ କରିବ) କରିବାକୁ ସେ ବାଧ ହୋଇଥାଏ କିମ୍ବା ୫ ଜଣଙ୍କ କାମକୁ ତାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ପରୋକ୍ଷ ଶାରୀରିକ ଦଣ୍ଡ ଦିଆହୋଇଥାଏ । ବେଳେବେଳେ ଚୋରୀ ଡ଼କାୟତି ବା କୌଣସି ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିଲେ କିମ୍ବା ଗ୍ରାମସଭାରେ ପାଟିତୁଣ୍ଡ କରି କୌଣସି ପ୍ରକାର ଗଣ୍ଡଗୋଳ ଉପୁଜାଇ ଥିଲେ ଦୋଷୀକୁ ମାଡ଼ଦିଆଯାଏ ।

**ଆର୍ଥିକ:** ଝଗଡ଼ା, ଚୋରୀ, ଡ଼କାୟତି, ଦୁର୍ବ୍ୟବହାର। ପର ଝିଅବୋହୂଙ୍କ ପ୍ରତି ଅଶ୍ଳୀଳ ଆଚରଣ, ସର୍ବସାଧାରଣ ସଂପତ୍ତି କ୍ଷତି, ପାରମ୍ପରିକ ରୀତିନୀତି ପ୍ରତି ଅବମାନନା, ଜମିଜମା ସଂକ୍ରାନ୍ତୀୟ ଗଣ୍ଡଗୋଳ ଇତ୍ୟାଦି ସମସ୍ତ ପ୍ରକାର ମାମଲାରେ ଅପରାଧୀ / ଦୋଷୀକୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇପାରେ । ଅପରାଧର ଗଭୀରତା / ଗୁରୁତ୍ୱ

ବା ସଂପୃକ୍ତ ଅପରାଧୀର ଅର୍ଥ କ୍ଷମତାକୁ ଦେଖି ଅର୍ଥଦଣ୍ଡ ଦିଆଯାଏ କିମ୍ବା ଅର୍ଥ ସହ ହାଣ୍ଡିଆ, ଚାଉଳ, ଛେଳି, କୁକୁଡ଼ା ଇତ୍ୟାଦି ମଧ୍ୟ ଦଣ୍ଡସ୍ୱରୂପ ଆଦାୟ କରାଯାଇଥାଏ । ଏପରିକି ଭୋଜି ଦଣ୍ଡ ମଧ୍ୟ ହୋଇପାରେ ।

ନୈତିକ: କୋହ୍ଲ ସମାଜରେ ସେପରି ସିଧାସଳଖ କୌଣସି ନୈତିକ ଦଣ୍ଡ ନଥିଲେ ହେଁ ଦଣ୍ଡ ବିଧାନ ହୋଇଥିବା ଅର୍ଥ ଯଦି ଅପରାଧୀ/ଦୋଷୀ ଦେଇ ନପାରେ ବା ଦେବାକୁ ଅନିଚ୍ଛା ପ୍ରକାଶ କରେ, ଗ୍ରାମସଭାରନିଷ୍ପତ୍ତିକୁ ଅବଜ୍ଞା କରେ, ତେବେ ତାକୁ ସମାଜିକ ବାସନ୍ଦ କରାଯାଇଥାଏ । ଏତଦ୍‌ଭିନ୍ନ ଆବଶ୍ୟକ ସ୍ଥଳେ କନ୍ୟାସୁନା ଫେରସ୍ତ ଦେବାକୁ ଯଦି କନ୍ୟାପିତା ଅମଙ୍ଗ ହୁଏ / ଫେରସ୍ତ ଦିଏ ନାହିଁ, ତେବେ ସଂପୃକ୍ତ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥାଏ । ଏତଦ୍ ଦ୍ୱାରା ସଂପୃକ୍ତ ଅପରାଧୀ ବା ସଂପୃକ୍ତ କନ୍ୟାପିତା ପରୋକ୍ଷ ଭାବରେ ନୈତିକ ଦଣ୍ଡର ଶୀକାର ହୁଅନ୍ତି । ଗ୍ରାମରେ ତାଙ୍କ ପାଇଁ ନିଆଁପାଣି ବନ୍ଦ ହୁଏ । ଗ୍ରାମବାସୀଙ୍କ ସହିତ ସେମାନେ ମିଳାମିଶା କରିପାରନ୍ତି ନାହିଁ । ନାନାବିଧ ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଚାପର ବଶବର୍ତ୍ତୀ ହେବାକୁ ପଡ଼େ । ସେମାନଙ୍କର ନୈତିକ ବଳ ଭାଙ୍ଗିଯାଇଥାଏ ।

## ଗ୍ରାମସଭାର ଗଠନ ଓ କାର୍ଯ୍ୟପ୍ରଣାଳୀର ସାମ୍ପ୍ରତିକ ପରିବର୍ତ୍ତନ:

### ପାରମ୍ପରିକ ଗ୍ରାମସଭାର ଅତୀତ ଓ ବର୍ତ୍ତମାନ:

ହୋ/କୋହ୍ଲ ସଂପ୍ରଦାୟରେ ପ୍ରଚଳିତ ଅତୀତର ପାରମ୍ପରିକ ତ୍ରିସ୍ତରୀୟ ଗ୍ରାମସଭାର ପରିବର୍ତ୍ତିତ ରୂପ ବର୍ତ୍ତମାନର ଏକ ସ୍ତରୀୟ ଗ୍ରାମସଭା । ପ୍ରତ୍ୟେକ କୋହ୍ଲବସତି ଗ୍ରାମଗୁଡ଼ିକରେ ନିଜସ୍ୱ ଗୋଟିଏ ଗୋଟିଏ ଗ୍ରାମସଭାମାନ ରହିଥିବାର ଦେଖାଯାଏ । ଅର୍ଥାତ୍ ପୂର୍ବରୁ ଯାହା ନିମ୍ନଗ୍ରାମସଭା କୁହାଯାଉଥିଲା ଏବେ ସେଇ ଗୋଟିକର ସ୍ଥିତି ଅନୁଭୂତ ହୁଏ । ଏହାର ଗଠନ ଓ କାର୍ଯ୍ୟଧାରାରେ କୌଣସି ପରିବର୍ତ୍ତନ ହୋଇନାହିଁ । ସେହିପରି ଗ୍ରାମର ସମସ୍ତ ପରିବାର ମୁଖିଆମାନେ ଏହାର ସଦସ୍ୟତା କରନ୍ତି । ସେହି ସଦସ୍ୟମାନଙ୍କ ମଧ୍ୟରୁ ପୁଣି ସଭାପତି / ଗ୍ରାମମୁଖ୍ୟ / ମୁଣ୍ଡା ସର୍ବସମ୍ମତ କ୍ରମେ ମନୋନୀତ ହୋଇଥାଆନ୍ତି । ଜଣେ ଧର୍ମ ନିୟନ୍ତ୍ରକ /ପୂଜାରୀ/ ଦିଉରୀ ଗୁଣିଆର ଆଧାତ୍ମିକ ଶକ୍ତି (ଦାସୀ) ଦ୍ୱାରା ଦୈବ ଆର୍ଶୀବାଦଯୁକ୍ତ ହୋଇ ବଂଶାନୁକ୍ରମିକ ରୀତିରେ ଗ୍ରାମସଭାର ସଦସ୍ୟ ରହନ୍ତି । ଗ୍ରାମସଭାର ସଭାପତି ଗ୍ରାମର ମୁଖ୍ୟ ପୂଜକ (ଦିହୁରୀ) ଙ୍କ ପରାମର୍ଶକ୍ରମେ ଉପ / ସହାୟକ ପୂଜା (ଜମ୍‌ସିମ୍) ଚୟନ କରିଥାଆନ୍ତି । ଗ୍ରାମସଭାର ସଦସ୍ୟମାନଙ୍କ ମତାମତ ଅନୁଯାୟୀ ସଭାପତି ଡ଼ାକୁଆକୁ ବାର୍ଷିକ ଭିତ୍ତିକରେ ନିଯୁକ୍ତି ଦିଅନ୍ତି ।

ଉପରୋକ୍ତ ସମସ୍ତଙ୍କର କାର୍ଯ୍ୟକଳାପ ପୁରାତନ ନିମ୍ନଗ୍ରାମ ସଭାର ଅନୁରୂପ । ସଭାପତି (ମୁଣ୍ଡା)ଙ୍କ ତତ୍ତ୍ୱାବଧାନରେ ଗ୍ରାମସଭାର ବୈଠକ ପରିଚାଳିତ ହୋଇଥାଏ । ସଦସ୍ୟମାନଙ୍କ ସହିତ ଆଲୋଚନା କରି କିମ୍ବା ମତାମତ ଗ୍ରହଣ କରି ସଭାପତି ସବୁ ମାମଲାର ବିଚାର କରନ୍ତି ଏବଂ ଶେଷ ସିଦ୍ଧାନ୍ତ ନେଇ ନିଷ୍ପତ୍ତି ବା ନ୍ୟାୟ ଘୋଷଣା କରନ୍ତି । ନ୍ୟାୟ ପ୍ରଦାନରେ ସଦସ୍ୟମାନେ ସଭାପତିଙ୍କୁ ଉଚିତ ମାର୍ଗରେ ସହଯୋଗ କରିଥାଆନ୍ତି । ଗ୍ରାମରେ ଚୋରୀ, ଡ଼କାୟତୀ, ଜମିଜମା ଗଣ୍ଡଗୋଳ, ପାରିବାରିକ କଳହ, ବିବାହ ବିଚ୍ଛେଦ (ଛାଡ଼ପତ୍ର), ମାଡ଼ପିଟ୍, କନ୍ୟା ଅପହରଣ, ବିଧୂ ନିର୍ଯ୍ୟାତନା, ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା, ଗୁଣିଗାରେଡ଼ି କ୍ଷତି ଘଟାଇବା, କନ୍ୟାସୁନା ଫେରସ୍ତ, ଗ୍ରାମସଭାରେ ପାଟିତୁଣ୍ଡ, ପୂଜାପାଠ ସଂପର୍କିତ ବିବାଦ, ଗ୍ରାମ ସଂପତ୍ତି ହଡ଼ପ, ପର ଝିଅ ବୋହୂଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ, କୌଣସି ଅସାମାଜିକ କର୍ମରେ ଲିପ୍ତ, ଦୁର୍ବ୍ୟବହାର ଆଦି ପ୍ରତ୍ୟେକ ମାମଲା ଗ୍ରାମସଭାର ବିଚାର ମଧ୍ୟ କରିପାରିଥାଏ । ଗ୍ରାମସଭାରେ ଦୋଷୀ ସାବ୍ୟସ୍ତ ହେଉଥିବା ବ୍ୟକ୍ତିବିଶେଷ କିମ୍ବା ପରିବାର ଶାରୀରିକ, ଆର୍ଥିକ ଏବଂ ନୈତିକ ଦଣ୍ଡରେ ଦଣ୍ଡିତ ହୋଇଥାଆନ୍ତି । ଏହି ଗ୍ରାମସଭାରେ ଦୋଷୀକୁ ଅନୁରୂପ ଦୋଷର ପୁନରାବୃତ୍ତି ନ କରିବାକୁ ମଧ୍ୟ ପ୍ରତିଜ୍ଞାବଦ୍ଧ କରାଯାଇଥାଏ ।

ଅତୀତର ନିମ୍ନଗ୍ରାମ ସଭାର ଗଠନ ଶୈଳୀ ତଥା କାର୍ଯ୍ୟଧାରା ଅନୁରୂପ ବର୍ତ୍ତମାନର କୋହ୍ଲମାନଙ୍କର ଗ୍ରାମସଭା କେବଳ ମଧ୍ୟ ଗ୍ରାମସଭା ଓ ଉଚ୍ଚ ଗ୍ରାମସସଭାଗୁଡ଼ିକ ଅନୁସୃତ ହେଉନାହିଁ । ସେଗୁଡ଼ିକର ଅସ୍ତିତ୍ୱ ବିଲୋପପ୍ରାୟ । କାରଣ ବର୍ତ୍ତମାନର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କୋହ୍ଲମାନଙ୍କର ଆବଶ୍ୟକତା ପୂର୍ବୋକ୍ତ ଦୁଇଟି ଗ୍ରାମସଭାର ମୂଲ୍ୟବୋଧ/ଆବଶ୍ୟକତା ଥିବାର ଅନୁମେୟ ହୁଏ ନାହିଁ ।

ଏହି ଦୃଷ୍ଟିକୋଣରୁ ଦେଖିଲେ ହୋ/କୋହ୍ଲ ସଂପ୍ରଦାୟର ବର୍ତ୍ତମାନର ପାରମ୍ପରିକ ଗ୍ରାମସଭାର ଗୁରୁତ୍ୱ ମଧ୍ୟ ହ୍ରାସ ପାଇଥିବାର କୁହାଯାଇପାରେ । ସମୟାନୁକ୍ରମେ ଏହା ପରିବର୍ତ୍ତନର ଏକ ଅବସ୍ଥା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତବର୍ଷର ସାମ୍ବିଧାନିକ ବ୍ୟବସ୍ଥାର ପ୍ରଚଳନ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଓ ପଞ୍ଚାୟତରାଜ ଧାରାକୁ ଆଦିବାସୀମାନଙ୍କ ଉପରେ ଲଦି ଦିଆଯିବା ଫଳରେ ହୋ/କୋହ୍ଲମାନଙ୍କର ପାରମ୍ପରିକ ଗ୍ରାମସଭାର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ । ସୁନିଶ୍ଚିତ ଫଳସ୍ୱରୂପ କୌଣସି ମାମଲାର ବିଚାର ନିମନ୍ତେ ଗ୍ରାମବାସୀମାନେ ନିଜସ୍ୱ ମୁଖିଆ ବା ଗ୍ରାମସଭାର ଦୃଷ୍ଟି ଆକର୍ଷଣ ନ କରି ଅନେକ ସମୟରେ ୱାର୍ଡ଼ମେମ୍ବର ଓ ତତ୍‌ପରେ ସରପଞ୍ଚ ଏବଂ ସର୍ବୋପରି ଥାନା-କୋର୍ଟ ଇତ୍ୟାଦିର ଆଶ୍ରୟ ନେଉଥିବା ଦେଖାଯାଏ । ଏହା

ଦ୍ୱାରା କୋହ୍ଲ ସଂପ୍ରଦାୟ ପରମ୍ପରାରୁ ବିଚ୍ୟୁତ ହେବା ସଂଗେ ସଂଗେ ଅଯଥା କୋର୍ଟ କଚେରୀରେ ହନ୍ତସନ୍ତ ହୋଇ ଆର୍ଥିକ ପୀଡ଼ା ଭୋଗ କରିଥାଆନ୍ତି । ନ୍ୟାୟ ବିଚାର ପାଇବାକୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼େ । ଫଳତଃ ମାନସିକ ଯନ୍ତ୍ରଣାର ଶୀକାର ହୁଅନ୍ତି । ଏଥିପାଇଁ ପରମ୍ପରା/ ସଂସ୍କୃତି ସଚେତନତା ଏକାନ୍ତ ଅପରିହାର୍ଯ୍ୟ ।

## ବିଭିନ୍ନ ପ୍ରକାର ମାମଲା ଅଧ୍ୟୟନ:

ଚୋରୀ, ଜମିଜମା ସଂପର୍କୀତ ଗଣ୍ଡଗୋଳ, ପାରିବାରିକ କଳହ, ବିବାହ ବିଚ୍ଛେଦ ଛାଡ଼ପତ୍ର କନ୍ୟାସୁନା ଫେରସ୍ତ, ଡ଼ାହାଣୀ/ ଗୁଣୀ କରି କ୍ଷତି ଘଟାଇବା , ମାଡ଼ପିଟ୍ କନ୍ୟା ଅପହରଣ,ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା,ପୂଜା ପାଠ ସଂପର୍କିତ ବିବାଦ, ଅସାମାଜିକ କାର୍ଯ୍ୟରେ ଲିପ୍ତ, ଦୁର୍ବ୍ୟବହାର ଇତ୍ୟାଦି ।

□□□

# ଯାଦୁ-ଧର୍ମୀୟ କାର୍ଯ୍ୟନିର୍ବାହୀ
## (ଦେଓ୍ୱାଁ- ଦିଉରୀ)

ଭାରତୀୟ ସଂସ୍କୃତି ଧର୍ମର ମୂଳଭିତ୍ତି ଉପରେ ପ୍ରତିଷ୍ଠିତ । ଏଠାରେ ବିଭିନ୍ନ ସଂପ୍ରଦାୟର ମଧୁର ସମ୍ମିଶ୍ରଣ ଘଟିଥିଲେ ହେଁ ସଭିଏଁ ନିଜସ୍ୱ ପାରମ୍ପରିକ ଧର୍ମୀୟ ଚିନ୍ତାଧାରା/କାର୍ଯ୍ୟଧାରାରେ ଉଦ୍‌ବୁଦ୍ଧ । ଭିନ୍ନ ଭିନ୍ନ ଧାରାକୁ ଆପଣେଇ ଥିଲେ ସୁଦ୍ଧା ମୂଳମନ୍ତ୍ର ଧର୍ମ ପରିତେଜ୍ୟ ହୋଇନାହିଁ କିମ୍ବା ହେବାର ସମ୍ଭାବନା ମଧ ନାହିଁ । ଅନୁରୂପ ଭାବେ କୋହ୍ଲ ସଂପ୍ରଦାୟର ଧାର୍ମିକ ଚେତନା ବେଶ୍ ବଳିଷ୍ଠ ।

ଧର୍ମୀୟ କାର୍ଯ୍ୟାନୁଷ୍ଠାନ ଗୁଡ଼ିକ ପାରମ୍ପରିକ ରୀତିରେ ପରିଚାଳିତ କରାଇ ବ୍ୟକ୍ତିଗତ,ପାରିବାରିକ ତଥା ସାମାଜିକ ସ୍ତରରେ କୋହ୍ଲସମାଜ ସୁଖ-ଶାନ୍ତିରେ କାଳାତିପାତ କରିବା ପାଇଁ କୋହ୍ଲ ବସତି ଗ୍ରାମମାନଙ୍କରେ ଧର୍ମୀୟ କର୍ମକର୍ତ୍ତା ମାନେ ନିଯୁକ୍ତ ହୋଇଥାଆନ୍ତି । ସେ ମଧ୍ୟରୁ ଗ୍ରାମର ମୁଖ୍ୟ ଧର୍ମୀୟ କର୍ମକର୍ତ୍ତା / ପୂଜକ / ପୂଜାରୀ/ଧର୍ମନିୟନ୍ତ୍ରକ ଏବଂ ସହ ପୂଜକ ଅନ୍ୟତମ । ହୋ/କୋହ୍ଲମାନେ ମୁଖ୍ୟ ପୂଜକଙ୍କୁ 'ଦୁଉରୀ' କହୁଥିବା ବେଳେ ସହପୂଜକଙ୍କୁ 'ଜମ୍‌ସିମ୍' କହିଥାଆନ୍ତି । ଏତଦ୍ ଭିନ୍ନ କୋହ୍ଲ ବସତି ଗ୍ରାମଗୁଡ଼ିକରେ ଜଣେ ସ୍ୱତନ୍ତ୍ର ତାଲିମ୍‌ପ୍ରାପ୍ତ ଧର୍ମୀୟକର୍ତ୍ତା ରହନ୍ତି । ଯିଏକି କେବଳ ବ୍ୟକ୍ତିଗତ ଭାବରେ ରାହୁରିଷ୍ଟ ଖଣ୍ଡନ ନିମନ୍ତେ ପୂଜା ଏବଂ ବିବାହ ସମୟରେ ବେଦୀ ପୂଜା ଓ ବାଟପୂଜା କରିଥାଆନ୍ତି । ତାଙ୍କୁ 'ଏରେ' କୁହାଯାଇଥାଏ ।

ଧର୍ମୀୟ କର୍ମକର୍ତ୍ତାମାନଙ୍କୁ ବାଦ୍‌ଦେଲେ କୋହ୍ଲସମାଜରେ ଦୈବଦୁର୍ବିପାକ ଓ ରୋଗବ୍ୟାଧି ଦୂର କରିବା ନିମିତ୍ତ ପ୍ରତ୍ୟେକ ଗ୍ରାମରେ କେତେକ ଅଲୌକିକ ଶକ୍ତିସଂପନ୍ନ ଗୁଣିଆ / ଯାଦୁକାର (ଦେଓ୍ୱାଁ) ଥାଆନ୍ତି । ଏମାନଙ୍କୁ ତନ୍ତ୍ର କାର୍ଯ୍ୟରେ ସହାୟତା ପ୍ରଦାନ କରିବାକୁ ଶିଷ୍ୟଗଣଙ୍କ ମଧ୍ୟରେ ଜଣେ ପାଟଶିଷ୍ୟ ବା ପାଟଚେଲା ରହିଥାଆନ୍ତି ।

### ଗ୍ରାମ/ଗୋଷ୍ଠୀ ସ୍ତରରେ ଯାଦୁ-ଧର୍ମୀୟ କାର୍ଯ୍ୟନିର୍ବାହୀ: ମନୋନୟନ ପଦ୍ଧତି :

କୋହ୍ଲ ସଂପ୍ରଦାୟରେ ଗ୍ରାମର ମୁଖ୍ୟ ପୂଜକ ବା ଧର୍ମୀୟ କର୍ମକର୍ତ୍ତାଙ୍କୁ ଦିଉରୀ କୁହାଯାଇଥାଏ । ଏମାନେ ସାଧାରଣତଃ ଗ୍ରାମବାସୀଙ୍କ ମଧ୍ୟରେ ଗୁଣିଆ/ତାନ୍ତ୍ରିକ/ଯାଦୁ ଧର୍ମୀୟ କର୍ମକର୍ତ୍ତା (ଦେଓ୍ୱାଁ) ଙ୍କର ଦେବୀଶକ୍ତି (ଦାସୀ/ ବିଶ୍ରାମ) ଦ୍ୱାରା ଆଶୀର୍ବାଦଯୁକ୍ତ

ହୋଇ ନିର୍ବାଚିତ ହୋଇଥାଆନ୍ତି । ପର୍ଯ୍ୟାୟକ୍ରମେ ଏହି ପଦବୀ ବଂଶାନୁକ୍ରମିକ ରୀତିରେ ଗଢ଼ିଚାଲେ । କୌଣସି ପରିସ୍ଥିତିରେ ସେହି ବଂଶରେ ଯଦି ସେପରି ଧାର୍ମିକ ବ୍ୟକ୍ତିଙ୍କର ବିଚ୍ୟୁତି ଘଟେ, ତେବେ ପୁନଶ୍ଚ ଅନୁରୂପ ପ୍ରକ୍ରିୟାରେ ଦିଉରୀ ନିର୍ବାଚିତ ହୋଇଥାଆନ୍ତି ।

## ଯାବୁ ଧର୍ମୀୟ କାର୍ଯ୍ୟନିର୍ବାହୀମାନଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା:

ଧର୍ମୀୟ କର୍ମକର୍ତ୍ତାମାନେ ମୂଳତଃ ପରୋକ୍ଷରେ ଦୈବୀ ନିର୍ଦ୍ଦେଶାନୁସାରେ ନିଯୁକ୍ତ ହେଉଥିବାରୁ ସାଧାରଣଭାବେ ସେମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ବଳିଷ୍ଠ ହେବା ନିଶ୍ଚିତ ପ୍ରାୟତଃ ଏମାନେ ଧର୍ମପରାୟଣ, ସେବା ଭାବାପନ୍ନ, ନୈଷ୍ଠିକ, ପରୋପକାରୀ, ସର୍ବହିତାର୍ଥେ ପୂଜା ଉପଚାରରେ ନିପୁଣ ବ୍ୟକ୍ତିବିଶେଷ ଅଟନ୍ତି । ସମୟାନୁବର୍ତ୍ତିତା ସହ ପାରମ୍ପରିକ ପୂଜାବିଧି ସଂପର୍କରେ ସଂପୂର୍ଣ୍ଣ ଅବହିତ ଥାଆନ୍ତି । ବସ୍ତୁତଃ ସମସ୍ତ ପ୍ରକାର ମହତ୍ ଗୁଣାବଳୀରେ ଦିଉରୀ ପର୍ଯ୍ୟବେସିତ ଥିବାର ଦେଖାଯାଇଥାଏ । ଦିଉରୀ କୋହ୍ଲ ସମାଜର ପାରମ୍ପରିକ ପୂଜା ପାଇଁ ଧର୍ମୀୟ କର୍ମକର୍ତ୍ତା, ଗ୍ରାମର ମୁଖ୍ୟପୂଜକ ତଥା ଧର୍ମନିୟନ୍ତ୍ରକ ମଧ୍ୟ ।

## ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା:

ଏମାନଙ୍କର ନିର୍ବାଚନ ପ୍ରକ୍ରିୟାରୁ ଜଣାଯାଏ ଯେ ଦିଉରୀମାନେ କୌଣସି ସ୍ୱତନ୍ତ୍ର ତାଲିମ ନେଇ ନଥାଆନ୍ତି କିମ୍ବା ଏମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ନଥାଏ । କାରଣ ଏମାନଙ୍କର ଅନ୍ତର୍ନିହିତ ଆଧ୍ୟାତ୍ମିକ ଶକ୍ତି ଯୋଗୁଁ ହିଁ ଏମାନେ ଦୈବ ନିର୍ଦ୍ଦେଶପ୍ରାପ୍ତ ହୋଇ ମୁଖ୍ୟ ପୂଜକର ଆସନ ଅଳଙ୍କୃତ କରିଥାଆନ୍ତି ।

## ଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ:

ଦିଉରୀ ଗ୍ରାମର ଯାବତୀୟ ପାରମ୍ପରିକ ଧର୍ମୀୟ କାର୍ଯ୍ୟକ୍ରମରେ ଅଦ୍ୱୀତିୟ ନିର୍ବାହକ ଅଟନ୍ତି । ସମସ୍ତ ପାରମ୍ପରିକ ପୂଜା ଉପଚାର ଦିଉରୀର ସକଳ କର୍ତ୍ତୃତାଧୀନ । କେବେ କେବେ ଏମାନେ କେତେକ ଅଣ ପାରମ୍ପରିକ ପୂଜା କରୁଥିବାର ମଧ୍ୟ ଦେଖାଯାଇଥାଏ । କହିବା ବାହୁଲ୍ୟ ଯେ ଧର୍ମୀୟ ମୁଖ୍ୟ କର୍ମକର୍ତ୍ତା ଦିଉରୀ କୌଣସି ପର୍ବପର୍ବାଣୀର ଅବ୍ୟବହିତ ପୂର୍ବରୁ ସଂପୃକ୍ତ ପର୍ବକୁ ଧରାପୃଷ୍ଠକୁ ଆଣିବାରେ ମାଧ୍ୟମ ରୂପେ କୋହ୍ଲ ସମାଜ ବିଶ୍ୱାସ କରନ୍ତି ଏବଂ ସେଥିପାଇଁ ଗ୍ରାମବାସୀ ସାମୁହିକ ଭାବେ ପର୍ବପର୍ବାଣୀ ଉପଭୋଗ କରିବାରେ ସୁଯୋଗ ପାଇଥାଆନ୍ତି । ପୁନଶ୍ଚ ଗ୍ରାମସଭାର ଅନ୍ୟତମ ସଦସ୍ୟ ଭାବରେ ଦିଉରୀ ଧର୍ମୀୟ ବିଭାଗର ଦାୟିତ୍ୱ ନିର୍ବାହ କରନ୍ତି ।

ଗ୍ରାମରେ ଧର୍ମର ବିଚ୍ୟୁତି ଘଟିଥିବାର ଅନୁଭୂତ ହେଲେ ଏହାର ଉଚିତ ମୁକାବିଲା କରି ପୁନଃ ସଂସ୍ଥାପନ ପାଇଁ ପୂଜାଅର୍ଚ୍ଚନା କରିଥାଆନ୍ତି । ସର୍ବୋପରି ଗ୍ରାମସଭାରେ ଧର୍ମ /ପୂଜା ସଂପର୍କିତ ସମସ୍ତ ମାମଲାର ଶେଷ ନିଷତ୍ତି / ସିଦ୍ଧାନ୍ତ ପୂଜକଙ୍କ ଉପରେ ନ୍ୟସ୍ତ ଥାଏ ।

## କାର୍ଯ୍ୟନିବାହୀମାନଙ୍କର ଖାଦ୍ୟ, ସ୍ତ୍ରୀ ସଂସର୍ଗ ଓ ଅନ୍ୟାନ୍ୟ ବିଧି ନିଷେଧ:

ସାଧାରଣ ଭାବେ ଧର୍ମୀୟ କର୍ମକର୍ତ୍ତାଙ୍କ ପାଇଁ ଖାଦ୍ୟ କିମ୍ବା ପାନୀୟର କୌଣସି ବାରଣ ନଥାଏ । ମାତ୍ର ପରିସ୍ଥିତି ଅନୁସାରେ ଏମାନେ କେତେକ ଖାଦ୍ୟ ସମୟ ପୂର୍ବରୁ ଗ୍ରହଣ କରନ୍ତି ନାହିଁ । ଯେପରି ନୂଆଖିଆ ପର୍ବ ପୂର୍ବରୁ ନବାନ୍ନ ଭକ୍ଷଣ କରିପାରିବେ ନାହିଁ କିମ୍ବା ବାହାପର୍ବ ପୂର୍ବରୁ କୌଣସି ପୁଷ୍ପ ଜାତୀୟ ଖାଦ୍ୟ / ପୁଷ୍ପ ସ୍ପର୍ଶ କରନ୍ତି ନାହିଁ । ଅନ୍ୟର ଉଚ୍ଛିଷ୍ଟ ଗ୍ରହଣ କରିବା ଏମାନଙ୍କ ପାଇଁ ସଂପୂର୍ଣ୍ଣ ନିଷେଧ । ପୂଜାତିଥିମାନଙ୍କରେ ସମସ୍ତ ପ୍ରକାର ଆହାର ବିହାରରୁ ନିବୃତ୍ତ ରହିଥାଆନ୍ତି । ପୂଜାର ପୂର୍ବଦିନ ସୁଦ୍ଧା ସେ ସ୍ତ୍ରୀ ସଂପର୍କ ରଖନ୍ତିନାହିଁ । କୌଣସି ପୂଜାତିଥି ମଧ୍ୟରେ କିମ୍ବା ପୂଜାର ୬ ଦିନ ପୂର୍ବରୁ ଯଦି ଦିଉରୀଙ୍କ ପତ୍ନୀ ରଜୋବତୀ ହୁଅନ୍ତି ତେବେ ଋତୁସ୍ରାବର ସମାପ୍ତି ପରେ ୭ ଦିନ ପରେ) ସଂପୃକ୍ତ ପୂଜାପର୍ବ ପାଳନ କରାଯାଇଥାଏ । ଫଳରେ ଏହି ପରମ୍ପରା ଯୋଗୁଁ ପର୍ବପର୍ବାଣୀ ପାଳନରେ ବେଳେବେଳେ ହୋ/କୋହ୍ଲ ସମାଜରେ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହୁଏ । କାହାରି ଘରେ ଛୁତିକା ଏବଂ ମୃତ୍ତିକା ସମୟରେ ଦିଉରୀ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରନ୍ତି ନାହିଁ ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ:

ସାଧାରଣତଃ ହୋ/କୋହ୍ଲ ସମାଜରେ ଗ୍ରାମର ମୁଖ୍ୟ ପୂଜକ/ଧର୍ମୀୟ କର୍ମକର୍ତ୍ତା ଦିଉରୀଙ୍କୁ ପ୍ରତି ଲୋକମାନଙ୍କର ମନୋଭାବ ଅତ୍ୟୁତ୍ତମ । ସମସ୍ତଙ୍କର ଦିଉରୀଙ୍କ ଉପରେ ଅତୁଟ ବିଶ୍ୱାସ ତଥା ଭରସା ଥାଏ । କୌଣସି ପରିସ୍ଥିତିରେ ମଧ୍ୟ ଏମାନଙ୍କ ପ୍ରତି ଲୋକେ କଠୋର ମନୋଭାବ ପୋଷଣ କରନ୍ତି ନାହିଁ । ବରଂ ଆବଶ୍ୟକସ୍ଥଳେ ଦିଉରୀଙ୍କୁ ସବୁପ୍ରକାର ସାହାଯ୍ୟ ଯୋଗାଇ ଦେବା ସଂଗେ ସଂଗେ ଅର୍ଥ ସହୟତା ମଧ୍ୟ ପ୍ରଦାନ କରିଥାଆନ୍ତି । ଦିଉରୀ ଧର୍ମୀୟ ମୁଖ୍ୟ ହୋଇଥିବାରୁ ଲୋକମାନଙ୍କର ଏହାଙ୍କ ପ୍ରତି ଭକ୍ତିଭାବ ରହିଥାଏ । କୋହ୍ଲ ସଂପ୍ରଦାୟ ଏକ ଧର୍ମଭୀରୁ ଜାତି । ତେଣୁ ଧର୍ମୀୟ କର୍ମକର୍ତ୍ତାଙ୍କ ପ୍ରତି ସେମାନଙ୍କର ମନୋଭାବ ଭକ୍ତିପୂର୍ଣ୍ଣ, ସମ୍ମାନଜନକ, ବିଶ୍ୱସ୍ତ, ତଥା ଶ୍ରଦ୍ଧାଯୁକ୍ତ ହେବା ସ୍ୱଭାବିକ ।

## ଲୋକମାନଙ୍କର କାର୍ଯ୍ୟନିର୍ବାହୀଙ୍କ ପ୍ରତି ଆଚରଣଗତ ଆଦର୍ଶ:

ହୋ/କୋହ୍ଲ ବସତି ଗ୍ରାମରେ ଗ୍ରାମର ମୁଖ୍ୟ ପୂଜକ/ଧର୍ମୀୟ କର୍ମକର୍ତ୍ତା ହେଉଛନ୍ତି ଦିଉରୀ । ସେ ଗ୍ରାମସଭାରେ ଧର୍ମୀୟ ବିଭାଗର ମୁଖ୍ୟ ମଧ୍ୟ । ପୁଣି ଗ୍ରାମରେ ଆବଶ୍ୟକସ୍ଥଳେ ଜଡ଼ିବୁଟି ମାଧ୍ୟମରେ ଲୋକଙ୍କର ରୋଗ ଉପଶମ / ମୁକ୍ତ କରି ସେ ଗ୍ରାମ ବୈଦ୍ୟ ରୂପରେ ମଧ୍ୟ ଅବତୀର୍ଣ୍ଣ ହୋଇଥାଆନ୍ତି । ବହୁମୁଖୀ କାର୍ଯ୍ୟ ସଂପାଦନ ଯୋଗୁଁ ଦିଉରୀ ଗ୍ରାମ ଲୋକଙ୍କ ବେଶ୍ ଆଦୃତ । ସମସ୍ତେ ତାଙ୍କ ପ୍ରତି ଉତ୍ତମ ବ୍ୟବହାର/ ଆଚରଣ ପ୍ରଦାର୍ଶନ କରିଥାଆନ୍ତି । ପାରମ୍ପରିକ ପୂଜାପାଠରେ ମୁଖ୍ୟ ଭାବରେ ଦିହୁରୀ ଗ୍ରାମ ତଥା ଗ୍ରାମବାସୀଙ୍କୁ ପୂଜାଅର୍ଚ୍ଚନାରେ ସନ୍ତୁଷ୍ଟ କରି ଗ୍ରାମବାସୀଙ୍କୁ ଉଦ୍ଦେଶ୍ୟରେ ଆଶୀର୍ବାଦ ଭିକ୍ଷା କରିଥାଆନ୍ତି । ଏଥିଯୋଗୁଁ ଧର୍ମପରାୟଣ କୋହ୍ଲ ସମାଜ ଦିଉରୀଙ୍କୁ ପ୍ରଚୁର ଶ୍ରଦ୍ଧା, ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବାରେ କୌଣସି ତ୍ରୁଟି କରନ୍ତି ନାହିଁ । ସ୍ୱତଃସ୍ଫୂର୍ତ୍ତ ଭାବରେ ଦିଉରୀଙ୍କ ପାଖରେ ସମସ୍ତଙ୍କ ମଥାନତ ହୋଇଯାଏ । ଦ୍ୱିତୀୟତଃ ସେ ଗ୍ରାମସଭାର ଅନ୍ୟତମ ସଦସ୍ୟ ଏବଂ ତାଙ୍କ ପ୍ରତି ଲୋକମାନଙ୍କର ଭୟମିଶ୍ରିତ ଶ୍ରଦ୍ଧା ସହିତ ସମ୍ମାନବୋଧ ରହିବା ସ୍ୱାଭାବିକ । ଧର୍ମ/ପୂଜାଭିତ୍ତିକ ଦ୍ୱନ୍ଦ୍ୱର ସମାଧାନ ଦିଉରୀ ହିଁ କରନ୍ତି । ତାଙ୍କର ସିଦ୍ଧାନ୍ତ ଏବଂ ନିର୍ଦ୍ଦେଶକୁ ସମସ୍ତେ ଅକ୍ଷରେ ଅକ୍ଷରେ ପାଳନ କରିଥାଆନ୍ତି । ତାଙ୍କୁ କେହି ଅମାନ୍ୟ କରୁଥିବାର ଦୃଷ୍ଟାନ୍ତ ନାହିଁ । ବିପଦ ଆପଦ ସମୟରେ ମଧ୍ୟ ପ୍ରତ୍ୟେକେ ଦିଉରୀଙ୍କର ପରାମର୍ଶ ଲୋଡ଼ିଥାଆନ୍ତି । ଦିଉରୀ ଦୈବୀଶକ୍ତି ଦ୍ୱାରା ଆଶୀର୍ବାଦଯୁକ୍ତ ହୋଇ ନିର୍ବାଚିତ ହୋଇଥିବା ଯୋଗୁଁ ତାଙ୍କର ନିର୍ଦ୍ଦେଶ ବା ବାକ୍ୟକୁ ଲୋକେ ଦେବବାକ୍ୟ ବୋଲି ଗ୍ରହଣକ କରିନିଅନ୍ତି । ତୃତୀୟତଃ ସେ ଜଡ଼ିବୁଟି ଦ୍ୱାରା ଲୋକଙ୍କୁ ରୋଗମୁକ୍ତ କରୁଥିବାରୁ ତାଙ୍କ ପ୍ରତି ଲୋକମାନଙ୍କର ଶ୍ରଦ୍ଧା, ସମ୍ମାନ, ଭକ୍ତି ବିଶ୍ୱାସ ଓ ଭରସା ରହିଥିବା ନିଶ୍ଚିତ । ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇ ଦିଉରୀ ପ୍ରତ୍ୟେକ ଲୋକଙ୍କର ବାହ୍ୟ ତଥା ଅନ୍ତଃ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଳଙ୍କୃତ କରିପାରିଥାଆନ୍ତି । ସେଥିପାଇଁ ସମସ୍ତେ ନିଜନିଜର ଉତ୍ସବାନୁଷ୍ଠାମାନଙ୍କରେ ଦିଉରୀଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ ଜଣାଇ ଉପଯୁକ୍ତ ସତ୍କାର କରିଥାଆନ୍ତି । ଯଦି ଦିଉରୀ କେବେ ଇଚ୍ଛାକରି କାହାରି ଘରକୁ ବୁଲିବାକୁ ଯାଆନ୍ତି ତେବେ ତାଙ୍କୁ ଖାଦ୍ୟ ଏବଂ ହାଣ୍ଡିଆ ଦେଇ ଆପ୍ୟାୟିତ କରାଯାଇଥାଏ ।

## କାର୍ଯ୍ୟନିର୍ବାହୀମାନଙ୍କର ପୋଷାକ ପରିଚ୍ଛେଦ ଓ ପରିପାଟୀ:

ସାଧାରଣ ଭାବେ ଦିଉରୀ ଲୁଙ୍ଗି, ଗାମୁଛା, ଗଞ୍ଜି, ଧୋତି, କୁର୍ତ୍ତା ଇତ୍ୟାଦି ପୋଷାକ ବ୍ୟବହାର କରୁଥିବା ସ୍ଥଳେ ପୂଜାପାଠ ସମୟରେ ପୋଷାକ ପରିଚ୍ଛେଦରେ ଭିନ୍ନତା ଦେଖାଯାଇଥାଏ । ଦିଉରୀ ପାଟବସ୍ତ୍ର, ଗଞ୍ଜି ପରିଧାନ ପରି ପୂଜାରେ ବସନ୍ତି ।

ଦିଉରୀଙ୍କ ସ୍ତ୍ରୀ ମଧ୍ୟ ପାଟଶାଢ଼ୀ ପରିଧାନ ପୂର୍ବକ ପୂଜାକାର୍ଯ୍ୟରେ ଦିଉରୀଙ୍କୁ ସହଯୋଗ କରିଥାଆନ୍ତି । ଏବେ ଅବଶ୍ୟ ପାଟବସ୍ତ୍ର ଅଭାବରେ ଦିଉରୀ ଧଳାଧୋତି, ଧଳାଗଞ୍ଜି ଓ ତାଙ୍କର ସ୍ତ୍ରୀ ଧଳାଶାଢ଼ୀ ପିନ୍ଧି ପୂଜାକାର୍ଯ୍ୟ ସଂପାଦନ କରୁଥିବାର ଦେଖାଯାଇଥାଏ । ଏହି ପାଟବସ୍ତ୍ର ବା ଧଳାରଂଗର ବସ୍ତ୍ରର ଆଧ୍ୟାତ୍ମିକ ଭାବବର୍ଦ୍ଧକ ତଥା ଭଗବତ୍ ବିଶ୍ୱାସର ପ୍ରତୀକ ଭାବରେ କୋହ୍ଲସମାଜ ଗ୍ରହଣ କରିଥାଆନ୍ତି । ଦିଉରୀ କାନ୍ଧରେ ରେଶମ ପଇତା ଧାରଣ କରନ୍ତି ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ପାଉଥିବା ସ୍ୱତନ୍ତ୍ର ଉପହାର ଏବଂ ପାଉଣା:

ହୋ/କୋହ୍ଲ ସଂପ୍ରଦାୟରେ ଗ୍ରାମର ମୁଖ୍ୟ ପୂଜକ ଦିଉରୀଙ୍କୁ ପୂର୍ବକାଳରେ କିଛି ଜମି ଗ୍ରାମ ତରଫରୁ ଦିଆଯାଉଥିଲା । ଏହାକୁ ଦେବ ସଂପତ୍ତି ହିସାବରେ କେବଳ ଦିଉରୀ ଭୋଗ ଦଖଲ କରୁଥିଲେ । ବର୍ତ୍ତମାନ ସମୟରେ ଏପରି ପ୍ରଥା ଆଉ ସମ୍ଭବପର ହେଉଥିବାରୁ ଗ୍ରାମର ପ୍ରତ୍ୟେକ ପରିବାର ତରଫରୁ ବାର୍ଷିକ ଦିଉରୀଙ୍କୁ କିଛି କିଛି ଧାନ ଅମଳ ଶେଷରେ ଦିଆଯାଇଥାଏ । ପାରମ୍ପରିକ ପୂଜାପାଠ ନିମନ୍ତେ ଗ୍ରାମବାସୀମାନେ ଚାନ୍ଦା କରି ବାର୍ଷିକ କିମ୍ବା ପ୍ରତ୍ୟେକ ପୂଜା ପୂର୍ବରୁ କିଛି ଅର୍ଥ ତାଙ୍କୁ ଦେଇଥାଆନ୍ତି । ସେହି ଅର୍ଥରେ ଦିଉରୀ ପୂଜାପାଠର ଆୟୋଜନ କରନ୍ତି ଏବଂ ନିଜ ପାଇଁ ଓ ସ୍ତ୍ରୀ ପାଇଁ ପୂଜା ଉପଲକ୍ଷେ ନୂତନ ବସ୍ତ୍ର କ୍ରୟ କରିଥାଆନ୍ତି । ପୂଜାଦିନ ଆଉ କିଛି ପାଉଣା ତାଙ୍କୁ ଦିଆଯାଏ ନାହିଁ । କେବଳ ପୂଜାରେ ବ୍ୟବହୃତ ଭୋଗହାଣ୍ଡିଆ ଓ ବଳିଭୋଗର ମାଂସ ଦିଉରୀଙ୍କୁ ସ୍ୱତନ୍ତ୍ର ଭାବରେ ଦିଆଯାଇଥାଏ । ସାଧାରଣ ଭାବେ ଶୀକାରରୁ ଆଣୁଥିବା ପଶୁପକ୍ଷୀଙ୍କ ମାଂସ ମଧ୍ୟ ଦିଉରୀଙ୍କୁ ପ୍ରଦାନ କରାଯାଏ । ଘରୋଇ ଉତ୍ସବାନୁଷ୍ଠାନମାନଙ୍କୁ ଦିଉରୀ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୁଅନ୍ତି । ଭାତ-ମାଂସ ଭୋଜି ଓ ହାଣ୍ଡିଆରେ ତାଙ୍କୁ ଅପ୍ୟାୟିତ କରାଯାଇଥାଏ । ଦିଉରୀ କୌଣସି ବ୍ୟକ୍ତିବିଶେଷଙ୍କ ଘରକୁ ସ୍ୱଇଚ୍ଛାରେ ବୁଲିବାକୁ ଗଲେ ମଧ୍ୟ ଯଥୋଚିତ ସତ୍କାର ପ୍ରାପ୍ତ ହୋଇଥାଆନ୍ତି । ହଠାତ୍ ଖାଦ୍ୟ କିଛି ଘରେ ମହଜୁଦ ନଥିଲେ ମଧ୍ୟ ହାଣ୍ଡିଆ ସେବନ ପାଇଁ ଦିଆଯାଇଥାଏ । ଗ୍ରାମର ଦିଉରୀଙ୍କୁ କୋହ୍ଲ ସଂପ୍ରଦାୟ ଦେବତା ସଦୃଶ ଭକ୍ତି କରିଥାନ୍ତି ।

## ବିଭିନ୍ନ ମାମଲାର ନିଷ୍ପତ୍ତି ପ୍ରକ୍ରିୟା:

ଗ୍ରାମସଭାରେ ଦିଉରୀ ଜଣେ ଅନ୍ୟତମ ସଦସ୍ୟ ଏବଂ ଧର୍ମୀୟ ମାମଲାରେ ସର୍ବୋଚ୍ଚ ବିଚାରପତି । ଗ୍ରାମସଭାରେ ସାଧାରଣ ବିଚାର ବୈଠକରେ ସେ ସାଧାରଣ

ସଦସ୍ୟ ଭାବରେ କାର୍ଯ୍ୟନିର୍ବାହ କରୁଥିବା ବେଳେ ଧର୍ମ ପୂଜା ସମ୍ବନ୍ଧୀୟ ବିଚାର ବୈଠକରେ ଦିଉରୀ ସଭାପତି ଆସନ ଅଳଙ୍କୃତ କରୁ ନଥିଲେ ହେଁ ଧର୍ମୀୟ ମାମଲାଗୁଡ଼ିକର ନିଷ୍ପତି ତାଙ୍କରି ଉପରେ ନ୍ୟସ୍ତ ଥାଏ । ଦିଉରୀଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ ଏବଂ ତାହା ସମସ୍ତେ ଗ୍ରହଣ କରିବାକୁ ବାଧ୍ୟ । କୌରସି ପୂଜା, ପର୍ବପର୍ବାଣୀ ଆଦିର ଦିନ, ବାର, ତିଥି ଦିଉରୀହିଁ ନିର୍ଣ୍ଣୟ କରିଥାଆନ୍ତି ଏବଂ ସମସ୍ତେ ତାହା ସଦରେଗ୍ରହଣ ମଧ କରନ୍ତି । ପୂଜା ସମ୍ବନ୍ଧୀୟ କୌଣସି ପ୍ରକାର ଦ୍ୱନ୍ଦ୍ୱ ଦିଉରୀ ହିଁ ସମାଧାନ କରିଦିଅନ୍ତି ଯଦ୍ୱାରା ସମସ୍ତେ ପୂଜାବିଧି ସଂପର୍କରେ ସ୍ପଷ୍ଟ ହୋଇପାରନ୍ତି ।

## ଏମାନେ ପାଉଥିବା ସ୍ୱତନ୍ତ୍ର ସୁଯୋଗ:

ହୋ/କୋହ୍ଲ ସମାଜରେ ଦିଉରୀଙ୍କୁ ସ୍ଥାନ ଅଦ୍ୱିତୀୟ । ବଂଶାନୁକ୍ରମିକ ରୀତିରେ ଦୈବ ନିର୍ଦ୍ଦେଶରୁ ତାଙ୍କର ନିର୍ବାଚନ । ତେଣୁ ଧାର୍ମିକ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ୍ରୁ ସଭିଙ୍କର ସେ ଆଦରଣୀୟ ତଥା ସମ୍ମାନନୀୟ । ତେଣୁ ଗ୍ରାମରେ ଯାହା ସାମୂହିକ ସ୍ତରରେ ବଣ୍ଟାଯାଏ ସେଥିରେ ଦିଉରୀଙ୍କ ଭାଗ ମଧ ରହେ । ଶୀକାର ମାଂସ, ପୂଜାର ଆମିଷ-ନିରାମିଷ,ପାନୀୟ ସବୁପ୍ରକାର ଭୋଗ ତାଙ୍କୁ ପ୍ରଦାନ କରାଯାଇଥାଏ । ତାଙ୍କ ପ୍ରତି ସମ୍ମାନ ଓ ସହାରରେ କୌଣସି ତ୍ରୁଟି ରହେନାହିଁ । ବିଶେଷ କରି ଦିଉରୀଙ୍କ ଆବଶ୍ୟକତା ପଡ଼ିଲେ ଗ୍ରାମବାସୀ ତାଙ୍କୁ ଆର୍ଥିକ, ସାମାଜିକ, ଶ୍ରମଦାନ ଆଦି ସବୁପ୍ରକାର ସହାୟତା ବିନା ଦ୍ୱିଧାରେ ପ୍ରଦାନ କରିଥାଆନ୍ତି ।

## ସାମାଜିକ / ପାରିବାରିକ ଏବଂ ବ୍ୟକ୍ତିଗତ ସ୍ତରରେ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ: ମନୋନୟନ ପଦ୍ଧତି

ପରିବାରର ମୁଖ୍ୟ ଗୃହର ଧର୍ମୀୟ କର୍ମକର୍ତ୍ତା ଭାବରେ ପରିଚିତ । ଏହା ବଂଶାନୁକ୍ରମିକ ରୀତିରେ ଗଡ଼ିଚାଲେ । ଏଥିରେ ସାଧାରଣତଃ ପରିବାରର ଜ୍ୟେଷ୍ଠ ପୁତ୍ରଙ୍କୁ ଅଗ୍ରାଧିକାର ଦିଆଯାଇଥାଏ । ଗୃହକର୍ତ୍ତାଙ୍କର ମୃତ୍ୟୁ ପୂର୍ବରୁ ମଧ ଜ୍ୟେଷ୍ଠପୁତ୍ର ଘରର ପୂଜା ଭାର ସମ୍ଭାଳିଥାଆନ୍ତି । କିନ୍ତୁ ପୂଜାପାଠ ପାଇଁ କିମ୍ବା ଘରୋଇ ଧର୍ମୀୟ କର୍ମକର୍ତ୍ତା ହେବାପାଇଁ ଜ୍ୟେଷ୍ଠ ପୁତ୍ରଙ୍କର ବିବାହ ଜରୁରୀ । ଏକାଙ୍ଗୀ ହୋଇ ପୂଜାପାଠ କରିବା କୋହ୍ଲ ସମାଜର ପରମ୍ପରା ବିରୋଧୀ (ରାମାୟଣର ସୂର୍ଯ୍ୟବଂଶ ଭଳି) ।

## ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀମାନଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା:

ଘରୋଇ ଧର୍ମୀୟ କର୍ତ୍ତାମାନେ ପରିବାରର ମୁଖ୍ୟ ହୋଇଥିବାରୁ ସମଗ୍ର ପରିବାରର ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ଥାଏ । ଗୃହର ଦୁଃଖ-ସୁଖ, ସୁବିଧା-ଅସୁବିଧା ସହିତ ପ୍ରତ୍ୟେକଟି ସମସ୍ୟା ସଂପର୍କରେ ସେମାନେ ସଂପୂର୍ଣ୍ଣ ଅବହିତ ହୋଇ

ସ୍ଥିର ଚିତ୍ତରେ ସବୁ ସମାଧାନ କରିଥାଆନ୍ତି । ସନ୍ତାନସନ୍ତତିଙ୍କର ଅଳି ଅଝଟ ସହନ୍ତି । ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବ ତଥା ପଡ଼ୋଶୀଙ୍କ ସହିତ ଯଥୋଚିତ ସଂପର୍କ ରଖିବା ସଂଗେ ସଂଗେ ଯାବତୀୟ ସାଂସାରିକ ବୋଝ ବୋହି ସେମାନେ ଅଭିଜ୍ଞ, ସ୍ଥିର ଧୈର୍ଯ୍ୟଶୀଳ ଏବଂ ଉଦାର ଆପଣାଛାଏଁ ହୋଇଯାଇଥାଆନ୍ତି । ସେଥିରେ ପୁଣି ଘରୋଇ ପୂଜାପାଠ ଏବଂ ପାରମ୍ପରିକ ପୂଜାପାର୍ବଣରେ ସକ୍ରିୟ ଅଂଶଗ୍ରହଣ କରି ନିଜ ନିଜକୁ ଧର୍ମାନୁମୋଦିତ କରାଇ ପାରିଥାଆନ୍ତି । ପୁନଶ୍ଚ ପ୍ରତ୍ୟେକ ପରିବାର ମୁଖ୍ୟ ଗ୍ରାମସଭାର ଜଣେ ଜଣେ ସଦସ୍ୟ । ତେଣୁ ଗ୍ରାମସଭାର ଗୁରୁ ଦାୟିତ୍ୱ ସେମାନଙ୍କୁ ଅଧିକ ଅଭିଜ୍ଞତା ସଂପନ୍ନ ମଣିଷଟିଏ କରି ଗଢ଼ି ତୋଳିଥାଏ ।

ଉପରୋକ୍ତ କାରଣରୁ ଏପରି ଧର୍ମୀୟ କର୍ମକର୍ତ୍ତାମାନେ ଉଚ୍ଚ ବ୍ୟକ୍ତିତ୍ୱ ସଂପନ୍ନ ଭାବରେ ସ୍ୱତନ୍ତ୍ର ଗୁଣବତ୍ତାର ଅଧିକାରୀ ହୋଇଥାଆନ୍ତି । ଧର୍ମଭାବନା ସେମାନଙ୍କର ସୁଦୃଢ଼ ଥାଏ । ଧର୍ମ ବଳରେ ସେମାନେ ପରିବାରକୁ ସୁରକ୍ଷିତ ରଖିପାରନ୍ତି ।

## ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା:

ଘରୋଇ ବା ବ୍ୟକ୍ତିଗତ ପୂଜାପାଠ ପାଇଁ କୌଣସି ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ନଥାଏ । କେବଳ ପରମ୍ପରା ଭିତ୍ତିରେ ଏମାନେ ନିଜର ବାପା-ଜେଜେବାପାଙ୍କ ଠାରୁ ପୂଜାବିଧି ସଂପର୍କିତ ଜ୍ଞାନ ଅର୍ଜନ କରିଥାଆନ୍ତି । ଆବଶ୍ୟକ ସ୍ଥଳେ ଗୃହକର୍ତ୍ତାମାନେ ଗ୍ରାମର ମୁଖ୍ୟ ପୂଜକ ଦିଉରୀଙ୍କର ପରାମର୍ଶ ଲୋଡ଼ିପାରନ୍ତି । ତେବେ ଯୁବାବେଳୁ ଏମାନେ ପାରିବାରିକ ଘରୋଇ ପୂଜାପାଠ କରି ବା ସଂଶ୍ଳିଷ୍ଟ ରହି ନିଜନିଜକୁ ତାଲିମପ୍ରାପ୍ତ କରାଇ ନେଇଥାଆନ୍ତି । ପୂଜାପାଠ ସଂପର୍କିତ ବିଧି ଅଧିକ ଜାଣିବା ପାଇଁ ଉତ୍ସୁକ ଏବଂ ବିଜ୍ଞାନ ସଂସ୍ଥାନ, ଝିକ୍‌ପାନି (ଏଟେଃ ତୁର୍ତଙ ପିଟିକା ଆକାଲ, ଝିକ୍‌ପାନି)କୁ ମଧ୍ୟ ଯାଇଥାଆନ୍ତି ।

## ଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ:

ବ୍ୟକ୍ତିଗତ ତଥା ପରିବାର ସ୍ତରରେ ମୁଖ୍ୟ ପୂଜକ ହେଉଛନ୍ତି ଗୃହକର୍ତ୍ତା ବା ପରିବାରର ମୁଖ୍ୟ । ପରିବାରର ସମସ୍ତ ଦିଅଁଦେବତା ତଥା ଇଷ୍ଟ ଦେବାଦେବୀଙ୍କୁ ଏହି ଗୃହକର୍ତ୍ତା ହିଁ ପୂଜା କରିଥାଆନ୍ତି । ଘରୋଇ ଭାବରେ ନିଜର ଘର ଓ ପରିବାରର ସୁଖଶାନ୍ତି ମଂଗଳ ପାଇଁ ଗୃହକର୍ତ୍ତା ଯେଉଁ ପୂଜାଗୁଡ଼ିକ କରନ୍ତି ସେଗୁଡ଼ିକ ହେଲା-

ଆଦିବଙ୍ଗା (ଇଷ୍ଟଦେବତା), ମାରଂବଙ୍ଗା (ଆଦିପୁରୁଷ), ଖଆଁବଙ୍ଗା (ସୃଷ୍ଟିକର୍ତ୍ତା), ପାଉଁଇ(ସଂହାରକର୍ତ୍ତା), ଦେଶଉଲୀ (ପାଳନ କର୍ତ୍ତା),ଜାୟାରା, (ପାଳନକର୍ତ୍ତୀ) ମାଗେ ବଙ୍ଗା (ଉତୁର କିଲେ) ସାଙ୍ଗାର୍ ବଙ୍ଗା (ନିର୍ମାଣ କର୍ତ୍ତା) ଇତ୍ୟାଦି ଏସବୁ ପୂଜା ଘର ଭିତରେ ଏବଂ ଘରର ବାହାରେ ହୋଇଥାଏ । ଏହାଦ୍ୱାରା ପରିବାର ପ୍ରତି ସମସ୍ତ ବିପଦ ଚାଲିଯାଇପାରେ ବୋଲି କୋହ୍ଲ ସଂପ୍ରଦାୟର ବିଶ୍ୱାସ । ପଡ଼ୋଶୀ ଗୃହକର୍ତ୍ତାଙ୍କ ଅନୁପସ୍ଥିତି କିମ୍ବା ଶାରୀରିକ ଅସୁସ୍ଥତା ଯୋଗୁଁ ନିମନ୍ତ୍ରିତ ହୋଇ ମଧ୍ୟ ଏମାନେ ପୂଜାକାର୍ଯ୍ୟ ସଂପାଦନ କରିପାରନ୍ତି । ଏତଦ୍ ଭିନ୍ନ ଏଭଳି ଧର୍ମୀୟ କର୍ମକର୍ତ୍ତାମାନେ କୋହ୍ଲମାନଙ୍କର ପାରମ୍ପରିକ ଗ୍ରାମସଭାର ସଦସ୍ୟ । ତେଣୁ ସେଠାରେ ସେମାନେ ବିଚାର ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ଗ୍ରାମର ମୁଖ୍ୟ ସଭାପତି / ମୁଣ୍ଡାଙ୍କୁ ବିଚାର ପ୍ରକ୍ରିୟାରେ ସହଯୋଗ କରିଥାଆନ୍ତି । ଗ୍ରାମର ପ୍ରତ୍ୟେକ ସାମୂହିକ କାର୍ଯ୍ୟରେ ଯୋଗ ଦିଅନ୍ତି । ବ୍ୟକ୍ତିଗତ ଭାବରେ ମଧ୍ୟ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥାଆନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କର ଖାଦ୍ୟ, ସ୍ତ୍ରୀ ସଂସର୍ଗ ଓ ଅନ୍ୟାନ୍ୟ ବିଧି ନିଷେଧ:

ଏଭଳି କର୍ମକର୍ତ୍ତାଙ୍କ ପାଇଁ ଖାଦ୍ୟ ବା ପାନୀୟରେ କୌଣସି ବାରଣ ନଥାଏ । ଘରେ ଛୁତିକା କିମ୍ବା ମୃତିକା ହୋଇଥିଲେ ପୂଜାପାଠରୁ ନିବୃତ୍ତି ରହନ୍ତି । ଉପରୋକ୍ତ ପରିପ୍ରେକ୍ଷୀରେ ମଧ୍ୟ ସେମାନେ ଅନ୍ୟ ଘରେ ଖାଦ୍ୟପାନୀୟ ଗ୍ରହଣ କରନ୍ତିନାହିଁ । ଦିଉରୀଙ୍କ ପରି ନୂଆଖିଆ ପୂର୍ବରୁ ନବାନ୍ନ ଭକ୍ଷଣ ନିଷେଧ ଓ ବାହାପର୍ବ ପୂର୍ବରୁ ପୁଷ୍ପ ସ୍ପର୍ଶ ସୁଦ୍ଧା କରିନଥାଆନ୍ତି । କୌଣସି ପୂଜାତିଥି କିମ୍ବା ପୂଜା ପର୍ବଦିନ ସ୍ତ୍ରୀ ସଂପର୍କ ରଖନ୍ତି ନାହିଁ । ସ୍ତ୍ରୀ ରଜୋବତୀ ହୋଇଥିଲେ ଋତୁସ୍ରାବର ୭ ଦିନ ପରେ ଘର ଲିପାପୋଛା କରି ପବିତ୍ର କରିସାରିବା ପରେ ପୂଜାପାଠ କରନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ:

ପ୍ରତ୍ୟେକ ପରିବାରର ମୁଖ୍ୟମାନେ ହିଁ ପାରିବାରିକ ପୂଜାରେ ଧର୍ମୀୟ କର୍ମକର୍ତ୍ତା ଏବଂ ଗ୍ରାମସଭାର ସଦସ୍ୟ ମଧ୍ୟ । ତେଣୁ ସାଧାରଣ ଭାବେ ପ୍ରତ୍ୟେକ ପରିବାରର ସଦସ୍ୟ / ସମସ୍ତ ଗ୍ରାମବାସୀ ସେମାନଙ୍କୁ ଅସମ୍ମାନିତ କରି ନଥାଆନ୍ତି । ପରିବାରର ମୁଖ୍ୟ ଭାବରେ ସେମାନେ ତ ଏମିତି ପରିବାର ସଦସ୍ୟ / ସଦସ୍ୟାଙ୍କର ଶ୍ରଦ୍ଧା ସମ୍ମାନ ଲାଭ କରିଥାଆନ୍ତି, ତେବେ ଗ୍ରାମରେ ବୟସ୍କ, ଅଭିଜ୍ଞ ବ୍ୟକ୍ତି ଭାବରେ ସେମାନଙ୍କ

ପ୍ରତି ଗ୍ରାମବାସୀଙ୍କର ମନୋଭାବ ଉତ୍ତମ ରହେ । ଏମାନେ ପ୍ରାୟତଃ ଧର୍ମଭାବ ସଂପନ୍ନ ହୋଇଥିବାରୁ ସମସ୍ତଙ୍କର ଭକ୍ତିଭାବ ମଧ୍ୟ ରହିଥାଏ । ବସ୍ତୁତଃ କହିବାକୁ ଗଲେ ଗୁଣ ନେଇ ଲୋକ ପୂଜା ପାଆନ୍ତି । ତେଣୁ ଧର୍ମୀୟ କର୍ମକର୍ତ୍ତା ଭାବରେ ସୁଗୁଣ ସଂପନ୍ନ ହେଲେ ମନୋଭାବ ନିଶ୍ଚିତ ସମ୍ମାନାସ୍ପଦ ହୋଇଥାଏ ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ଆଚରଣଗତ ଆଦର୍ଶ:

ଏପରି ଧର୍ମୀୟ କର୍ମକର୍ତ୍ତାମାନେ ସୁଗୁଣ ସଂପନ୍ନ ହୋଇଥିଲେ ସମସ୍ତ ଗ୍ରାମବାସୀମାନଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇପାରିଥାଆନ୍ତି । ତେବେ ସାଧାରଣତଃ ଏମାନେ ଅତ୍ୟ ବହୁତେ ଭଦ୍ର, ମାର୍ଜିତ, ଶାନ୍ତ ଓ ଧୈର୍ଯ୍ୟଶୀଳ ହୋଇଥାଆନ୍ତି । କାରଣ ଅନେକ ସମାଜିକ କାର୍ଯ୍ୟାନୁଷ୍ଠାନରେ ଏମାନଙ୍କୁ ଗୁରୁ ଦାୟିତ୍ୱ ବହନ କରିବାକୁ ପଡ଼ିଥାଏ । ଯେପରି ବିବାହ, କନ୍ୟାସୁନା ଦେବାନେବା – ଫେରସ୍ତ ଆଦି କାମକାର୍ଯ୍ୟ ପାଇଁ ଏହି ଗୃହକର୍ତ୍ତା ଭଦ୍ରଲୋକ ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି । ବନ୍ଧୁ, ପଡ଼ୋଶୀଙ୍କ ସହିତ ସୁସଂପର୍କ ସ୍ଥାପନ ପୂର୍ବକ ସାମାଜିକ ବନ୍ଧନ ସୁଦୃଢ଼ କରନ୍ତି । ତେଣୁ ପ୍ରତିଟି ଦିଗରୁ ଏପରି କର୍ମକର୍ତ୍ତାଙ୍କ ପ୍ରତି ଲୋକମାନଙ୍କର ବ୍ୟବହାର ଉତ୍ତମ ରହିଥାଏ । ଗ୍ରାମବାସୀଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇ ଗୋଷୀଗତ ପାରମ୍ପରିକ ଭାବଧାରାକୁ ଉଜ୍ଜୀବିତ କରିଥାଆନ୍ତି । କେତେକ ସ୍ଥଳରେ ପାରିବାରିକ ଧର୍ମୀୟ କର୍ମକର୍ତ୍ତା ହୋଇ ନଥାଆନ୍ତି । କୌଣସି କାରଣରୁ ତାଙ୍କର ଜୀବିତାବସ୍ଥାରେ ମଧ୍ୟ ପରିବାରର ଜ୍ୟେଷପୁତ୍ର ପାରିବାରିକ ଧର୍ମୀୟ କର୍ମକର୍ତ୍ତା ହୋଇପାରନ୍ତି । ଏପରିସ୍ଥଳେ ବ୍ୟକ୍ତିର ବ୍ୟକ୍ତିତ୍ୱ ଉପରେ ଲୋକମାନଙ୍କର ବ୍ୟବହାର, ଶ୍ରଦ୍ଧା, ସମ୍ମାନ ସବୁକିଛି ନିର୍ଭର କରିଥାଏ । ତେବେ ମୁଖ୍ୟତଃ ଗୃହକର୍ତ୍ତା / ଧର୍ମୀୟ କର୍ତ୍ତାମାନେ ଗ୍ରାମସଭାର ସଦସ୍ୟ ହୋଇ ବିଚାର ବିଭାଗର ଦାୟିତ୍ୱ ତୁଲାଉଥିବା ସହ ପରିବାରର ମୁଖ୍ୟ ଭାବରେ ବ୍ୟକ୍ତିଗତ / ପାରିବାରିକ ପୂଜାପାଠ କରୁଥିବା ଯୋଗୁଁ ଏମାନେ ସାଧାରଣ ଭାବେ ଲୋକଙ୍କର ସମ୍ମାନନୀୟ ।

## କାର୍ଯ୍ୟନିର୍ବାହୀମାନଙ୍କର ପୋଷାକ ପରିଛେଦ ଓ ପରିପାଟୀ:

ଗୃହକର୍ତ୍ତାମାନେ ସାଧାରଣଭାବେ ସମସ୍ତଙ୍କ ପରି ପୋଷାକ ପରିଧାନ କରନ୍ତି । କିନ୍ତୁ ପୂଜାପାଠ ସମୟରେ ଏମାନେ ସ୍ୱତନ୍ତ୍ର ପାଟବସ୍ତ୍ର ବା ଧଳା ଧୋତି, ଗଞ୍ଜି ପରିଛନ୍ନ ଭାବରେ ବ୍ୟବହାର କରିଥାଆନ୍ତି । ପୂଜା ସମୟରେ ଏହି ଧର୍ମୀୟ କର୍ମକର୍ତ୍ତାମାନେ

ଏକ ସ୍ୱତନ୍ତ୍ର ଧରଣର ପଇତା ସ୍ୱତନ୍ତ୍ର ଦିଗରେ ଧାରଣ କରନ୍ତି । ପଇତାଟି ଡ଼ାହାଣ କାନ୍ଧରେ ପଡ଼ି ବାମ ପାର୍ଶ୍ୱକୁ ଓହଳିଥାଏ । ଏହା ରେଶମ ସୂତାରେ ହିଁ ପ୍ରସ୍ତୁତ ହୁଏ । (ଅବିବାହିତ ଯୁବକମାନେ ଗୁରୁଙ୍କଠାରୁ ଶିକ୍ଷାଗ୍ରହଣ କରୁଥିବା ପୂଜାରେ ବସିଲେ ଶିଆଡ଼ି ଦଉଡ଼ିରେ ପ୍ରସ୍ତୁତ ପଇତା ଧାରଣ କରନ୍ତି) କୋହ୍ଲମାନଙ୍କର ବିଶ୍ୱାସ ମତେ ପଇତା ହେଉଛି ଦୁଇ ଅଙ୍ଗର ସଂଯୋଗକାରୀ ଅର୍ଥାତ୍ ପୁରୁଷଙ୍ଗ ଏବଂ ସ୍ତ୍ରୀ ଅଙ୍ଗ । ଯେହେତୁ ସୃଷ୍ଟିକାଳରେ ସ୍ତ୍ରୀ ଅଙ୍ଗ ନିମ୍ନରେ ପୁରୁଷ ଅଙ୍ଗ ଉର୍ଦ୍ଧ୍ୱରେ ଥାଇ ସୃଷ୍ଟି ହୋଇଥାଏ । ସେଥି ଯୋଗୁଁ ଦକ୍ଷିଣକାନ୍ଧକୁ ପୁରୁଷ ଅଙ୍ଗ ଓ ବାମକାନ୍ଧକୁ ସ୍ତ୍ରୀ ଅଂଗ ହିସାବରେ ବିବେଚନା କରି ସୃଷ୍ଟିଗତ କାରଣରୁ ସ୍ତ୍ରୀ ଉପରେ ପୁରୁଷ ଥାଏ । କେବଳ ଏହି ପଇତା ପାଇଁ ପୂଜା ସମୟରେ ପୁରୁଷ ସହିତ ସ୍ତ୍ରୀ ନ ବସିଲେ ଚଳେ କିମ୍ବା କେତେକ ସ୍ଥଳରେ ବସନ୍ତି ମଧ୍ୟ ।

## କାର୍ଯ୍ୟନିର୍ବାହୀମାନଙ୍କ ପାଇଁ ପାଉଣା:

ଘରୋଇ ପୂଜାରେ ଧର୍ମୀୟ କର୍ମକର୍ତ୍ତା ନିଜେ ପରିବାର ମୁଖ୍ୟ । ସେ ନିଜେ ନିଜର ଏବଂ ନିଜ ପରିବାରର ମଙ୍ଗଳ ଓ ଶାନ୍ତି ପାଇଁ ପୂଜା କରି ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଥାଆନ୍ତି । ତେଣୁ ଏଠାରେ ପାଉଣାର ପ୍ରଶ୍ନ ଉଠେ ନାହିଁ । କେତେ ବେଳେ ଯଦି ପଡ଼ୋଶୀଙ୍କ ଘରକୁ ପୂଜା କରିବାକୁ ଯାଆନ୍ତି, ତେବେ ସେମାନେ ହାଣ୍ଡିଆ ପିଇବାକୁ ଦେଇଥାଆନ୍ତି ।

## ବିଭିନ୍ନ ମାମଲାର ନିଷ୍ପତ୍ତି ପ୍ରକ୍ରିୟା:

ଗୃହର ମୁଖ୍ୟ ଭାବରେ ଏହି କର୍ମକର୍ତ୍ତାମାନେ ଘରର ସବୁପ୍ରକାର ସମସ୍ୟା ସମାଧାନ କରିଥାଆନ୍ତି । ଗ୍ରାମସଭାର ସଦସ୍ୟଭାବରେ କୌଣସି ମାମଲାରେ ନିଷ୍ପତ୍ତି ନେବାର କ୍ଷମତା ନଥିଲେ ମଧ୍ୟ ମାମଲାର ନିଷ୍ପତ୍ତି ପାଇଁ ସେମାନେ ଗ୍ରାମସଭାର ମୁଖ୍ୟ ମୁଣ୍ଡାଙ୍କୁ ସହଯୋଗ ତଥା ସହାୟତା ପ୍ରଦାନ କରିବା ସହ ପ୍ରଭାବିତ କରିପାରନ୍ତି । ଗୃହ ତଥା ପରିବାରରେ ସମସ୍ତ ନିଷ୍ପତ୍ତି ଏମିମାନେ ହିଁ ନେଇଥାନ୍ତି । ଗ୍ରାମରେ କିମ୍ବା କୌଣସି ପରିବାରରେ ଛୋଟମୋଟର ଗଣ୍ଡଗୋଳ ହେଲେ କିଏ କିଏ ପରିବାର ମୁଖ୍ୟଙ୍କୁ ଡକାଯାଇଥାଏ । ସେମାନେ ବୁଝାସୁଝା ପ୍ରକ୍ରିୟାରେ ସମାଧାନ କରିବାକୁ ଚେଷ୍ଟା କରନ୍ତି ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ଏମାନେ ପାଉଥିବା ସ୍ୱତନ୍ତ୍ର ଉପହାର, ପାଉଣା ଏବଂ ସ୍ୱତନ୍ତ୍ର ସୁଯୋଗ:

ଘରୋଇ ଧର୍ମୀୟ କର୍ମକର୍ତ୍ତାମାନେ କେବଳ ନିଜର, ନିଜ ପରିବାରର ସୁଖଶାନ୍ତି ପାଇଁ ପୂଜାପାଠ କରିଥାଆନ୍ତି । ତେଣୁ ଗ୍ରାମ ବା ଗୋଷ୍ଠୀ ସ୍ତରରେ କୌଣସି ପାଉଣାର

ପ୍ରଶ୍ନ ଏମାନଙ୍କ ପାଇଁ ଉଠେନାହିଁ । ତେବେ କେତେବେଳେ ଯଦି ପଡ଼ୋଶୀ ଗହକର୍ତ୍ତା ଅନୁପସ୍ଥିତି ଥାଆନ୍ତି କିମ୍ବା ଶରୀର ଅସୁସ୍ଥ ଥାଏ ତେବେ ତାଙ୍କ ଘରେ ପୂଜା କରିଦିଅନ୍ତି । ତେଣୁ ପୂଜକ ଭାବରେ ନୁହେଁ, ବରଂ ପଡ଼ୋଶୀ ବୋଲି ତାଙ୍କୁ ହାଣ୍ଡିଆରେ ଆପ୍ୟାୟିତ କରାଯାଇଥାଏ ।

ପରିବାରର ଜ୍ୟେଷ୍ଠପୁତ୍ର ଘରୋଇ ପୂଜାପାଠର ଦାୟିତ୍ୱ ଭାରଗ୍ରହଣ କରିଥିଲେ ତାଙ୍କୁ ପୈତୃକ ସଂପତ୍ତିର କିଛି ଅଧିକ ଅଂଶ ଉପହାର ବା ଅଧିକାର ସୂତ୍ରରେ ଦିଆଯାଇଥାଏ । କାରଣ ସମସ୍ତ ଘରୋଇ/ପାରିବାରିକ ପୂଜାରେ ଆୟୋଜନ ତଥା ପୂଜା ସେମାନେ ସ୍ୱଖର୍ଚ୍ଚରେ ବହନ କରିଥାଆନ୍ତି । ଆଉ ବିଶେଷ ସ୍ୱତନ୍ତ୍ର ସୁଯୋଗ ଏମାନଙ୍କ ପାଇଁ କିଛି ନାହିଁ । ଘରୋଇ ସ୍ତରରେ ପୂଜାବିଧି ଏମାନେ କରୁଥିବାରୁ ଗ୍ରାମ ବା ଗୋଷ୍ଠୀ ସ୍ତରରେ ଏମାନଙ୍କୁ କିଛି ଦିଆଯାଏ ନାହିଁ ।

## ଗ୍ରାମସ୍ତରର ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ ସହାୟକ:

ହୋ/କୋହ୍ଲ ସଂପ୍ରଦାୟରେ ଗ୍ରାମର ମୁଖ୍ୟ ପୂଜକ/ଧର୍ମୀୟ କର୍ମକର୍ତ୍ତା ଦିଉରୀଙ୍କୁ ଧର୍ମ/ପୂଜା କାମ କାର୍ଯ୍ୟରେ ସହାୟତା ପ୍ରଦାନ କରିବା ପାଇଁ ଜଣେ ସହ-ପୂଜକ ବା ଉପଧର୍ମୀୟ କାର୍ଯ୍ୟନିର୍ବାହୀ ରହିଥାଆନ୍ତି । ତାଙ୍କୁ 'ଜମ୍‌ସିମ୍' କୁହାଯାଇଥାଏ ।

## ମନୋନୟନ ପଦ୍ଧତି: ନିର୍ବାଚିତ, ମନୋନୀତି ଓ ବଂଶଗତ

ଏମାନେ ଦିଉରୀଙ୍କ ପରି ଗ୍ରାମର ଗୁଣିଆ/ଦେଓଁାଙ୍କ ଦୈବୀଶକ୍ତି ଦ୍ୱାରା (ଦାସୀ) ଦେବ ଆଶୀର୍ବାଦଯୁକ୍ତ ହୋଇ ନିର୍ବାଚିତ ହୋଇଥାଆନ୍ତି । କିନ୍ତୁ ଉତ୍ତରାଧିକାରୀ ସୂତ୍ରରେ ଏହି ପଦବୀ ସେମାନେ ପାଆନ୍ତି ନାହିଁ କିମ୍ବା ଏହା ଦିଉରୀଙ୍କ ପରି ବଂଶାନୁକ୍ରମିକ ହୋଇନଥାଏ । ପ୍ରତ୍ୟେକ ବର୍ଷ ଅନୁରୂପ ପ୍ରକ୍ରିୟାରେ ଜମ୍‌ସିମ୍ ନିଯୁକ୍ତି ପାଇଥାଆନ୍ତି ।

## ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା:

ପରୋକ୍ଷରେ ଏମାନେ ଦୈବ ନିର୍ଦ୍ଦେଶ ଦ୍ୱାରା ହେଉଥିବାରୁ ଏମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ବା ସ୍ୱତନ୍ତ୍ର ଗୁଣବତ୍ତାର କୌଣସି ପ୍ରଶ୍ନ ଉଠେନାହିଁ । ନିଶ୍ଚିତ ଭାବରେ ଏପରି ଧର୍ମୀୟ କର୍ମକର୍ତ୍ତା ଆଧ୍ୟାତ୍ମିକବାଦୀ, ଧର୍ମଗୁଣ, ସଂପନ୍ନ ଏବଂ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାଆନ୍ତି ।

## ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା:

ଗ୍ରାମର ଦିଉରୀ ପୂଜାବିଧିରେ ବେଶ୍ ପାରଙ୍ଗମ ଥାଆନ୍ତି । ତେଣୁ ତାଙ୍କୁ ପୂଜାପାଠରେସହାୟତା ଦେବା ପାଇଁ 'ଜମ୍‌ସିମ୍'ଙ୍କୁ କାର୍ଯ୍ୟତଃ ତାଲିମପ୍ରାପ୍ତ କରାଇ ଥାଆନ୍ତି । 'ଜମ୍‌ସିମ୍'ଙ୍କୁ କାର୍ଯ୍ୟତଃ ତାଲିମପ୍ରାପ୍ତ କରାଇ ଥାଆନ୍ତି । 'ଜମ୍‌ସିମ୍' ଦୈବୀ ନିର୍ଦ୍ଦେଶରୁ ନିର୍ବାଚିତ ହେଉଥିବା ଯୋଗୁଁ ସହଜରେ ପୂଜାବିଧି ସଂପର୍କରେ ପାରଦର୍ଶିତା ହାସଲ କରିପାରନ୍ତି । ଏତଦ୍ ବ୍ୟତୀତ ଅଧିକ ଉତ୍ସୁକୀ ଜମ୍‌ସିମ୍ ମାନେ ଆଦି ସଂସ୍କୃତି ଏବଂ ବିଜ୍ଞାନ ସଂସ୍ଥାନ, ଝିଙ୍କପାନି (ଏଟେଃ ତୁରୁ ପିଟିକା ଆକାଲ ଝିଙ୍କପାନି)ଠାରେ ତାଲିମ ନେଇ ଥାଆନ୍ତି ।

## ଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ:

ଜମ୍‌ସିମ୍ ମାନେ ମୁଖ୍ୟ ପୂଜକ ଦିଉରୀମାନଙ୍କ ଅନୁପସ୍ଥିତିରେ ଅନୁରୂପ ପାରମ୍ପରିକ ପୂଜାକର୍ମ ସଂପାଦନ କରିଥାଆନ୍ତି । ଗ୍ରାମ ସଭାର ସଦସ୍ୟ ଥିବାରୁ ସାଧାରଣ ଭାବେ କୌଣସି ଦାୟିତ୍ୱ ବହନ କରୁନଥିଲେ ହେଁ ଦିଉରୀ ଗ୍ରାମସଭାରେ ଅନୁପସ୍ଥିତ ରହିଲେ ଜମ୍‌ସିମ୍ ଧର୍ମ / ପୂଜା ସମ୍ବନ୍ଧୀୟ ମାମଲା ଶୁଣାଣୀ କରନ୍ତି କିନ୍ତୁ କୌଣସି ନିଷ୍ପତ୍ତି ନେବାର କ୍ଷମତା ଏହାଙ୍କର ନଥାଏ । ନିଷ୍ପତ୍ତି ଗ୍ରାମମୁଖ୍ୟ ମୁଣ୍ଡା ନିଅନ୍ତି କିମ୍ବା ନିଷ୍ପତ୍ତି ନେବାକୁ ଦିଉରୀଙ୍କର ଉପସ୍ଥିତିକୁ ପ୍ରତୀକ୍ଷା କରାଯାଇଥାଏ । ତେବେ ଧର୍ମ ବା ପୂଜା ସମ୍ବନ୍ଧୀୟ କୌଣସି ଛୋଟମୋଟ ପ୍ରଶ୍ନର ଉତ୍ତର 'ଜମ୍‌ସିମ୍' ଦେଇପାରିଥାଆନ୍ତି । 'ଜମ୍‌ସିମ୍'ଙ୍କର ମୁଖ୍ୟ କାର୍ଯ୍ୟ ଦିଉରୀଙ୍କୁ ପୂଜାକର୍ମରେ ସହାୟତା ପ୍ରଦାନ କିମ୍ବା କେବେ କେବେ ଦିଉରୀଙ୍କ ଅନୁପସ୍ଥିତିରେ ପୂଜା କାର୍ଯ୍ୟ ପରିଚାଳନା କରିଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କର ଖାଦ୍ୟ, ସ୍ତ୍ରୀ ସଂସର୍ଗ ଓ ଅନ୍ୟାନ୍ୟ ବିଧି ନିଷେଧ:

ଦିଉରୀଙ୍କ ପରି ଜମ୍‌ସିମ୍ ମଧ ସାଧାରଣ ଭାବରେ ସବୁ ଖାଦ୍ୟ ଏବଂ ପାନୀୟ ଗ୍ରହଣ କରିପାରନ୍ତି କିନ୍ତୁ ପୂଜାତିଥିରେ ଆହାର ବିହାର ପରିତ୍ୟାଗ କରନ୍ତି । ପୂଜାପରେ ଖାଦ୍ୟପାନୀୟ ଗ୍ରହଣ ଯୋଗ୍ୟ ହୋଇଥାଏ । ନୂଆଖାଇ ପୂର୍ବରୁ ନବାନ୍ନ ଭକ୍ଷଣ କରନ୍ତି ନାହିଁ । ବାହାପର୍ବ ପୂର୍ବରୁ ପୁଷ୍ପ ସ୍ପର୍ଶ ସୁଦ୍ଧା ବାରଣ ଥାଏ । ପୂଜା ସମୟରେ ଏହାଙ୍କ ସ୍ତ୍ରୀ ଋତୁସ୍ରାବ ଜନିତ ଅପବିତ୍ର ହୋଇ ଥିଲେ ଜମ୍‌ସିମ୍ ପୂଜାକର୍ମରେ ଯୋଗ ଦେଇ ନଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ ଆଚରଣଗତ ଆଦର୍ଶ:

'ଜମ୍‌ସିମ୍' ଗ୍ରାମର ସହ ପୂଜକ ଏବଂ ଏହାଙ୍କର ନିର୍ବାଚନ ଦୈବ ନିର୍ଦ୍ଦେଶରେ ହୋଇଥିବାରୁ ଲୋକମାନଙ୍କର ମନୋଭାବ ଏମାନଙ୍କ ପ୍ରତି ନିଶ୍ଚିତ ଉଦାର ତଥା ଧର୍ମଭାବାପନ୍ନ ହୋଇଥାଏ । ଦିଉରୀଙ୍କ ପରି 'ଜମ୍‌ସିମ୍' ମଧ୍ୟ ଗ୍ରାମବାସୀଙ୍କ ଦ୍ୱାରା ଆଦୃତ ହୁଅନ୍ତ । ଲୋକମାନଙ୍କର ବ୍ୟବହାର ଏହାଙ୍କ ପ୍ରତି ବେଶ୍ ଭଦ୍ରୋଚିତ । ସମସ୍ତେ 'ଜମ୍‌ସିମ୍'ଙ୍କୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରନ୍ତି । କିନ୍ତୁ ମୁଖ୍ୟ ପୂଜକ ଦିଉରୀଙ୍କ ଉପସ୍ଥିତିରେ ଏହାଙ୍କ ଗୁରୁତ୍ୱ ନିଶ୍ଚିତ ଭାବରେ ତୁଳନାତ୍ମକ ଭାବେ କମ୍ ରହେ ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ପାଉଥିବା ସ୍ୱତନ୍ତ୍ର ଉପହାର,ପାଉଣା ଓ ସ୍ୱତନ୍ତ୍ର ସୁଯୋଗ:

ହୋ/କୋହ୍ଲ ସମାଜରେ ସହ ପୂଜକ 'ଜମ୍‌ସିମ୍' ମୁଖ୍ୟ ପୂଜକ ଦିଉରୀଙ୍କ ଭଳି ସମ ଶ୍ରଦ୍ଧା, ସମ ସମ୍ମାନ ପାଉଥିବା ବେଳେ ଏମାନଙ୍କ ପାଇଁ ସେପରି କୌଣସି ବାର୍ଷିକ ପାଉଣା (ଜମି, ଧାନ, ଟଙ୍କା ଇତ୍ୟାଦି)ର ବ୍ୟବସ୍ଥା କରାଯାଏ ନାହିଁ କିମ୍ବା ପୂଜା ପାଇଁ ମଧ୍ୟ ଏମାନଙ୍କୁ କୌଣସି ପାଉଣା ଗ୍ରାମ ବା ଗୋଷ୍ଠୀ ସ୍ତରରେ ଦିଆଯାଇ ନଥାଏ । 'ଜମ୍‌ସିମ୍' କୌଣସି ସ୍ୱତନ୍ତ୍ର ସୁଯୋଗ, ଉପହାର ବା ପାଉଣାର ଅଧିକାରୀ ହୋଇ ପାରନ୍ତି ନାହିଁ । କେବେ କେମିତି ଯଦି ଦିଉରୀ ଅନୁପସ୍ଥିତିରେ ପୂଜାକର୍ମ ପରିଚାଳିତ କରନ୍ତି ତେବେ ମଧ୍ୟ ଏମାନଙ୍କ ପାଇଁ କୌଣସି ପ୍ରକାର ପାଉଣା ବା ଉପହାର ପ୍ରଦାନ କରାଯାଇ ନଥାଏ । ଶୀକାର ମାଂସରେ ମଧ୍ୟ 'ଜମ୍‌ସିମ୍'ଙ୍କର ଭାଗ ହୁଏନାହିଁ । କେବଳ ପୂଜାରେ ଦିଉରୀଙ୍କୁ ସହାୟତା କଲେ ପୂଜାଭୋଗ (ଆମିଷ-ନିରାମିଷ) ହାଣ୍ଡିଆ, ଇତ୍ୟାଦି ଦିଉରୀଙ୍କ ସହିତ ଭାଗ କରି ନେଇଥାଆନ୍ତି । ବ୍ୟକ୍ତିଗତ ଭାବରେ କାହାରି ଘରକୁ ଗଲେ ଗୃହକର୍ତ୍ତା ଏହାଙ୍କୁ ହାଣ୍ଡିଆରେ ଆପ୍ୟାୟିତ କରିଥାଆନ୍ତି । ମୋଟାମୋଟି ଭାବେ ଦିଉରୀଙ୍କ ଉପସ୍ଥିତିରେ 'ଜମ୍‌ସିମ୍' କୋହ୍ଲ ସମାଜରେ ନିଷ୍ପ୍ରଭ ମନେହୁଏ ।

## ବିଭିନ୍ନ ମାମଲାର ନିଷ୍ପତ୍ତି ପ୍ରକ୍ରିୟା:

ଦିଉରୀଙ୍କ ପରି କୌଣସି ମାମଲାରେ ନିଷ୍ପତ୍ତି ନେବାର କ୍ଷମତା 'ଜମ୍‌ସିମ୍'ଙ୍କର ନଥାଏ । କେବଳ ସ୍ଥଳ ବିଶେଷରେ ଛୋଟ ଛୋଟ ପୂଜା ସମ୍ବନ୍ଧୀୟ ଉତ୍ତର ଦେଇ ଏମାନେ ଲୋକମାନଙ୍କୁ ସନ୍ତୁଷ୍ଟ କରିଥାଆନ୍ତି । ଦିଉରୀଙ୍କର ଅନୁପସ୍ଥିତିରେ ମଧ୍ୟ ଜମ୍‌ସିମ୍ ଗ୍ରାମସଭାରେ ଧର୍ମୀୟ ମାମଲାର ନିଷ୍ପତ୍ତି ନେଇପାରନ୍ତି ନାହିଁ । ସେତେବେଳେ ଗ୍ରାମମୁଖ୍ୟ ସଭାପତି/ ନିର୍ବାଚନକୁ ଅପେକ୍ଷା କରାଯାଇଥାଏ (ସାମୟିକ ଅନୁପସ୍ଥିତି କିମ୍ବା କୌଣସି କାରଣରୁ ଦିଉରୀଙ୍କ ବଂଶରେ ଧର୍ମଧାରୀ ବ୍ୟକ୍ତିର ବିଚ୍ୟୁତି ଘଟିଲେ) ।

## ତାନ୍ତ୍ରିକ ଓ ଯାଦୁକର:

ହୋ/କୋହ୍ଲ ବସତି ଗ୍ରାମଗୁଡ଼ିକରେ ଏକ ବା ଏକାଧିକ ତାନ୍ତ୍ରିକ / ଗୁଣିଆ (ଦେଓ୍ୱାଁ) ରହିଥିବାର ଦେଖାଯାଇଥାଏ । କୋହ୍ଲ ସଂପ୍ରଦାୟ ଭାରି ତନ୍ତ୍ରପ୍ରିୟ ଏବଂ ଗୁଣିଗାରେଡ଼ି ବିଶ୍ୱାସୀ । ତେଣୁ ଏମାନଙ୍କ ମଧ୍ୟରୁ ଅନେକେ ଗୁରୁଙ୍କ ଠାରୁ ତନ୍ତ୍ର ଶିକ୍ଷା କରିଥାଆନ୍ତି । ଯେଉଁମାନେ ଅଧିକ ନିଷ୍ଠାର ସହ ତନ୍ତ୍ର ସାଧନ କରିପାରନ୍ତି ସେମାନେ ଗ୍ରାମରେ ପ୍ରତିଷ୍ଠିତ ଗୁଣିଆ (ଦେଓ୍ୱାଁ) ଭାବରେ ପରିଚିତ ହୋଇଥାଆନ୍ତି । ଯେଉଁମାନେ ସିଦ୍ଧଯୁକ୍ତ ତନ୍ତ୍ରଶିକ୍ଷା ସହିତ ଦୈବୀ ଆଶୀର୍ବାଦ ଲାଭ କରିବାକୁ ସକ୍ଷମ ହୁଅନ୍ତି ସେମାନେ ସକା ନାମରେ ଆଖ୍ୟାୟିତ ହୁଅନ୍ତି ଏବଂ ଯେଉଁ ଦେଓ୍ୱାଁ ବା ସକାମାନେ କାଳୀଙ୍କର ବିଶେଷ ପୂଜା ଉପଚାର କରି ସିଦ୍ଧି ଲାଭ କରନ୍ତି ସେମାନେ ଯାଦୁବିଦ୍ୟାର ଅଧିକାରୀ ହୋଇପାରନ୍ତି ।

## ମନୋନୟନ ପଦ୍ଧତି: ନିର୍ବାଚିତ, ମନୋନୀତ ବା ବଂଶଗତ

ତାନ୍ତ୍ରିକ (ଦେଓ୍ୱାଁ) ସାଧାରଣତଃ ଅଲୌକିକ ଶକ୍ତିର ଅଧିକାରୀ ହୋଇଥାଆନ୍ତି । ସେମାନଙ୍କୁ ଅନ୍ୟ ଅର୍ଥରେ ଯାଦୁକର କୁହାଯାଇପାରେ । କୋହ୍ଲ ସମାଜରେ ଏହିପରି ତାନ୍ତ୍ରିକ ଦୁଇଟି ଧାରାରେ ଆବିର୍ଭୂତ ହୁଅନ୍ତି । ପ୍ରଥମରେ ପାରମ୍ପରିକ ତନ୍ତ୍ରଗୁରୁଙ୍କ ଠାରୁ ବିଦ୍ୟାଶିକ୍ଷା ଲାଭ କରି ସିଦ୍ଧହସ୍ତ ହେବାପରେ ଏବଂ ଅନ୍ୟଟି ଆକସ୍ମିକ ଦୈବୀ ଆଶୀର୍ବାଦ ଲାଭ କରି ତାନ୍ତ୍ରିକ ଆଖ୍ୟାପାଇ ଥାଆନ୍ତି । ଏହି ତାନ୍ତ୍ରିକ ମାନଙ୍କ ମଧ୍ୟରୁ ପ୍ରଥମ ଗୁରୁଙ୍କୁ (ତାଲିମପ୍ରାପ୍ତ ତାନ୍ତ୍ରିକ) ଦେଓ୍ୱାଁ ଏବଂ ଦେଓ୍ୱାଁଙ୍କର ଉପର ସ୍ତରର ତାନ୍ତ୍ରିକଙ୍କୁ 'ସକା' କୁହାଯାଇଥାଏ । ଏମାନେ (ସକା) ମଧ୍ୟ ତନ୍ତ୍ରଗୁରୁଙ୍କ ଠାରୁ ଶିକ୍ଷାଲାଭ କରିଥାଆନ୍ତି କିନ୍ତୁ ଅଧିକ ନିଷ୍ଠାବାନ ହୋଇ ତନ୍ତ୍ର ଶିକ୍ଷାରେ ପାରଦର୍ଶିତା ଲାଭ କରିଥିବା ଯୋଗୁଁ ବୋଧହୁଏ ଦୈବୀ ଆଶୀର୍ବାଦ ଲାଭ କରିବାକୁ ସକ୍ଷମ ହୋଇ ଉଚ୍ଚ ଶକ୍ତି ସଂପନ୍ନ ତାନ୍ତ୍ରିକର ମର୍ଯ୍ୟଦା ହାସଲ କରିପାରନ୍ତି । ତନ୍ତ୍ର ପାଠ୍ୟକ୍ରମର ଅନ୍ୟତମ ଅଂଗ ଯାଦୁ ଭାବରେ ପରିଚିତ । ଏହି ଯାଦୁଶିକ୍ଷା ଯେଉଁ 'ଦେଓ୍ୱାଁ' ବା 'ସକା'ମାନେ କାଳୀଙ୍କର ବିଶେଷ ପୂଜା ଉପଚାର ପୂର୍ବକ ହାସଲ କରିପାରନ୍ତି, ସେମାନେ ପ୍ରକୃତ ଯାଦୁବିଦ୍ୟାର ଅଧିକାରୀ ହୋଇଥାଆନ୍ତି । ତାହା ଆଧୁନିକ ଜଗତରେ ଏକପ୍ରକାର ବିଜ୍ଞାନ ଅଟେ । ଆଦିବାସୀମାନେ ଏହାକୁ ଆଦିବାସୀ ବିଜ୍ଞାନ ବୋଲି କହିଥାଆନ୍ତି ।

## ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା :

ତାନ୍ତ୍ରିକ ମୁଖ୍ୟତଃ ନିର୍ଲୋଭୀ ହୁଅନ୍ତି । କାରଣ ଲୋଭ କଲେ ତନ୍ତ୍ରବିଦ୍ୟା ହରଣ ହୋଇଯାଏ ବୋଲି ହୋ/କୋହ୍ଲ ସଂପ୍ରଦାୟର ବିଶ୍ୱାସ । ଏତଦ୍ ବ୍ୟତୀତ ତାନ୍ତ୍ରିକ ବାକ୍‌ସଂଯମୀ, ନିଷ୍ଠାପର, ଧର୍ମବିଶ୍ୱାସୀ, ସେବା ମନୋଭାବ ସଂପନ୍ନ ହୋଇଥିବାର ଦେଖାଯାଇଥାଏ । କୋହ୍ଲମାନଙ୍କର ଧାରଣା ଯେ ତାନ୍ତ୍ରିକର ବାକ୍ୟ ଅକାଟ୍ୟ ସେ ଯାହା କହନ୍ତି ତାହା ହିଁ ଘଟିଥାଏ । ତେଣୁ କଥାରେ ସଂଯମତା ଆଚରଣ ନ କଲେ ଅନ୍ୟର କ୍ଷତି ହେବାର ଆଶଙ୍କା ଥିବାରୁ ଏମାନଙ୍କୁ ବାକ୍‌ସଂଯମୀ ହେବାର ଆବଶ୍ୟକତା ଥାଏ । ନିଷ୍ଠାପର ନ ହେଲେ ତନ୍ତ୍ରବିଦ୍ୟା ଆବଶ୍ୟକତା ଥାଏ । ନିଷ୍ଠାପର ନ ହେଲେ ତନ୍ତ୍ରବିଦ୍ୟା ହ୍ରାସ ପାଇବା ସହିତ 'ସକା'ଙ୍କର ଦେବୀ ଆଶୀର୍ବାଦ ପ୍ରତ୍ୟାହୃତ ହୋଇପାରେ । ଏମାନଙ୍କର ସେବା ମନୋଭାବ ଯୋଗୁଁ ହିଁ କୋହ୍ଲସମାଜ ପରିବାର ଓ ବ୍ୟକ୍ତି ସୁଖ-ଶାନ୍ତିରେ କାଳାତିପାତ କରିପାରନ୍ତି । ସର୍ବୋପରି ତାନ୍ତ୍ରିକ ଧାର୍ମିକ ବ୍ୟକ୍ତିବିଶେଷ ହେବା ସ୍ୱାଭାବିକ । କାରଣ ସାଧନା ତଥା ଦୈବୀ ଆଶୀର୍ବାଦରୁ ସେମାନେ ଅଲୌକିକ ଶକ୍ତିର ଅଧିକାରୀ ହୋଇଥାଆନ୍ତି କିମ୍ବା ଯାଦୁବିଦ୍ୟା ହାସଲ କରିବାକୁ କାଳୀ ସାଧନା ଜରୁରୀ ।

## ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା:

ପ୍ରଥମତଃ ସବୁ ସ୍ତରର ତାନ୍ତ୍ରିକ ପାରମ୍ପରିକ ତନ୍ତ୍ରଗୁରୁଙ୍କ ଠାରୁ ଶିକ୍ଷାଲାଭ କରିଥାଆନ୍ତି । ସେ ମଧ୍ୟରୁ ନିଷ୍ଠାବାନ ଶିଷ୍ୟ ତାନ୍ତ୍ରିକ ବା ଗୁଣିଆ ହୁଅନ୍ତି ଏବଂ ଅତି ନିଷ୍ଠାବାନ ଶିଷ୍ୟ ଦୈବୀ ଆଶୀର୍ବାଦରୁ 'ସକା' ହେଉଥିବା ବେଳେ କାଳୀଙ୍କର ବିଶେଷ ପୂଜା ଉପଚାର-ଦ୍ୱାରା ସିଦ୍ଧିଲାଭ କରି ଯାଦୁକରଭାବରେ ପରିଚିତ ହୋଇଥାଆନ୍ତି । ମୂଳତଃ ସମସ୍ତେ ତନ୍ତ୍ରଗୁରୁଙ୍କ ଦ୍ୱାରା ତାଲିମପ୍ରାପ୍ତ ହୋଇ ନିଜ ନିଜର ନିଷ୍ଠା ତଥା ଅଧ୍ୟବସାୟ ବଳରେ ବିଭିନ୍ନ ସ୍ତରରେ ପର୍ଯ୍ୟାୟଭୁକ୍ତ ହୁଅନ୍ତି ।

## ଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ:

କୋହ୍ଲ ସମାଜରେ ତାନ୍ତ୍ରିକ ବା ଗୁଣିଆ (ଦେଓ୍ୱାଁ) ମାନଙ୍କର ଗୁରୁତ୍ୱ ଅତି ବେଶୀ । ଶାରିରୀକ ଅସୁସ୍ଥତା, ରୋଗବ୍ୟାଧିରୁ ମୁକ୍ତି ନିମନ୍ତେ ଏମାନଙ୍କର ଆବଶ୍ୟକତା ଜରୁରୀ ହୋଇପଡ଼େ । ଏମାନେ ଦୈବୀଶକ୍ତି ବଳରେ ଆରୋଗ୍ୟ ବିଧାନ ସହିତ ଜଡ଼ିବୁଟି ଔଷଧ ଦ୍ୱାରା ଲୋକମାନଙ୍କର ହିତସାଧନ କରିଥାଆନ୍ତି । ତେଣୁ ହୋ/କୋହ୍ଲମାନେ ଏମାନଙ୍କୁ ପ୍ରାୟତଃ ଗ୍ରାମବୈଦ୍ୟ ହିସାବରେ ବିବେଚନା କରନ୍ତି ।

ବସ୍ତୁତଃ ଏହି ତାନ୍ତ୍ରିକ ସଂସ୍ଥାକୁ ଗ୍ରାମର ସ୍ୱାସ୍ଥ୍ୟବିଭାଗ କହିଲେ ଅତ୍ୟୁକ୍ତି ହେବନାହିଁ । ଗୁଣିଗାରେଡ଼ି ଦ୍ୱାରା ଯଦି କାହାରି କିଛି କ୍ଷତି କରାଯାଇଥାଏ ଏବଂ ସେପରି କୌଣସି ମାମଲା ଗ୍ରାମସଭାରେ ଆଗତ କରାହୁଏ, ତେବେ ତାହାର ପ୍ରତିକାରର ଦାୟିତ୍ୱ ଗ୍ରାମସଭା ତାନ୍ତ୍ରିକଙ୍କୁ ଅର୍ପଣ କରେ । ତାନ୍ତ୍ରିକ ଯଥୋଚିତ ପଦକ୍ଷେପ ପୂର୍ବକ ମାମଲାଟିର ସମାଧାନ କରି ତନ୍ତ୍ର ପ୍ରୟୋଗ ହୋଇଥିବା ଲୋକକୁ ସୁସ୍ଥ କରନ୍ତି । ବ୍ୟକ୍ତିଗତ ଭାବରେ ଗ୍ରାମବାସୀ ତାନ୍ତ୍ରିକମାନଙ୍କୁ ନିମନ୍ତ୍ରଣ କରନ୍ତି । କେହି ଯଦି ଅନ୍ୟ ତାନ୍ତ୍ରିକ ଦ୍ୱାରା ବା କୌଣସି ଦେବାଦେବୀଙ୍କ କୋପର ଶୀକାର ହୋଇଥାଆନ୍ତି, ତେବେ ସେଭଳି ଲୋକଙ୍କୁ ଝଡ଼ାଫୁଙ୍କା ବା ଯନ୍ତ୍ର-ମନ୍ତ୍ର-ତନ୍ତ୍ର ମାଧ୍ୟମରେ ଆରୋଗ୍ୟ କରାଇଥାଆନ୍ତି । କୌଣସି କାର୍ଯ୍ୟପାଇଁ ତନ୍ତ୍ର ପ୍ରୟୋଗର ଆବଶ୍ୟକତା ଆସିଲେ ତାନ୍ତ୍ରିକ ନିଜର ଇଷ୍ଟଦେବାଦେବୀଙ୍କ ଠାରୁ ଅନୁମତିପ୍ରାପ୍ତ ହୋଇ କାର୍ଯ୍ୟ ସଂପାଦନ କରନ୍ତି । ତନ୍ତ୍ରବଳରେ ଗ୍ରାମବାସୀଙ୍କୁ ସୁରକ୍ଷା ପ୍ରଦାନ ତାନ୍ତ୍ରିକମାନଙ୍କର ନୈତିକ ଦାୟିତ୍ୱ, ଗ୍ରାମର ସମସ୍ତ ପାରମ୍ପରିକ ପୂଜାପାଠ ଦିଉରୀଙ୍କ ଦ୍ୱାରା ହେଉଥିବା ବେଳେ ବାଲାମ୍ (ବଦମ୍ ପୂଜା) ପୂଜା ଦେଓ୍ୱାଁ ସଂପାଦନ କରିଥାଆନ୍ତି ।

## କାର୍ଯ୍ୟନର୍ବାହୀମାନଙ୍କର ଖାଦ୍ୟ,ସ୍ତ୍ରୀ ସଂସର୍ଗ ଓ ଅନ୍ୟାନ୍ୟ ବିଧି ନିଷେଧ:

ତାନ୍ତ୍ରିକମାନେ ତନ୍ତ୍ରକର୍ମର ଅବ୍ୟବହିତ ପୂର୍ବରୁ ଦେବାଦେବୀଙ୍କର ଆଶୀଷ ଲାଭ ନିମନ୍ତେ ନିବେଦନ ଜଣାଇଥାଆନ୍ତି । ଏହିଦିନ ମାନଙ୍କର ପବିତ୍ରତା ଓ ଏକାଗ୍ରତାର ଆବଶ୍ୟକତା ଥିବାରୁ ଏମାନେ ଖାଦ୍ୟ, ପାନୀୟ ଏବଂ ସ୍ତ୍ରୀ ସହବାସ ଆଦିରୁ ନିବୃତ୍ତ ରହନ୍ତି । ତାନ୍ତ୍ରିକମାନେ ଦଶହରା ପୂର୍ବରୁ ଲାଉ ଖାଆନ୍ତି ନାହିଁ । ସାଧାରଣ ଭାବେ ଏମାନେ ସମସ୍ତଙ୍କ ଘରେ ଖାଦ୍ୟ, ପାନୀୟ ଗ୍ରହଣ କରିପାରନ୍ତି କିନ୍ତୁ କୌଣସି ସୂତିକା-ମୃତ୍ତିକା ଦ୍ୱାରା ଅପବିତ୍ର ହୋଇଥିବା ଘରୁ ଖାଦ୍ୟପାନୀୟ ଗ୍ରହଣ କରନ୍ତି ନାହିଁ ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ ଓ ଆଚରଣଗତ ଆଦର୍ଶ:

ତାନ୍ତ୍ରିକମାନେ ହୋ/କୋହ୍ଲ ସମାଜ ପାଇଁ ଆଶୀର୍ବାଦ । ଆଲୌକିକ ଶକ୍ତି ପ୍ରୟୋଗ କରି କିମ୍ୱା ତତ୍‌ସହିତ ଜଡ଼ିବୁଟି ଔଷଧ ସାହାଯ୍ୟରେ ଏମାନେ କୋହ୍ଲଗ୍ରାମ,ପରିବାର, ବ୍ୟକ୍ତି ସର୍ବୋପରି କୋହ୍ଲ ସଂପ୍ରଦାୟର ସୁରକ୍ଷା କବଚ ସଦୃଶ ପ୍ରତୀୟମାନ ହୁଅନ୍ତି । ତାନ୍ତ୍ରିକମାନଙ୍କ ପାଖରେ ଜୀବନରକ୍ଷାକାରୀ ଶକ୍ତିଥିବାରୁ କୋହ୍ଲ ସମାଜରେ ଏମାନଙ୍କର ଆଦର ଓ ସମ୍ମାନ ଅବର୍ଣ୍ଣନୀୟ । ଛୋଟବଡ଼ ସବୁପ୍ରକାରର

ରୋଗବ୍ୟାଧି ପାଇଁ ଲୋକେ ଆଗ ତାନ୍ତ୍ରିକର ସହାୟତା ଲୋଡ଼ିଥାଆନ୍ତି । କୋହ୍ଲମାନଙ୍କର ବିଶ୍ୱାସ ଯେ ତନ୍ତ୍ର ବା ଗୁଣ ପ୍ରୟୋଗ ବଳରେ ଦେହରୁ ଅପଶକ୍ତି ଅପସରି ଯାଏ । ଯଦ୍ୱାରା ଶରୀର ସୁସ୍ଥ ହୁଏ କିମ୍ବା ଅପଶକ୍ତିର ବିତାଡ଼ନ ପରେ ଯାଇ କୌଣସି ଔଷଧ ଦେହପାଇଁ କାମ କରେ । ତନ୍ତ୍ର ବା ଗୁଣର ସାହାଯ୍ୟ ନନେଇ ଔଷଧ ସେବନ କଲେ ତାହା ଦେହ ପାଇଁ କୌଣସି ପ୍ରକାର ଉପକାର କରେନାହିଁ । ଫଳରେ ଲୋକ ରୋଗରୁ ଆରୋଗ୍ୟ ଲାଭ କରିବା ଅସମ୍ଭବ ହୋଇପଡ଼େ । ଏଥିରୁ ତାନ୍ତ୍ରିକର ଗୁରୁତ୍ୱ କୋହ୍ଲ ସମାଜ ପାଇଁ କେତେ ବେଶୀ ତାହା ଅନୁମେୟ । ତେଣୁ ତାନ୍ତ୍ରିକମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ ଖୁବ୍ ବିଶ୍ୱାସ ଓ ଭରସା ରଖି କାଳାତିପାତ କରନ୍ତି । ତେଣୁ ସେମାନଙ୍କ ପ୍ରତି ସମସ୍ତଙ୍କର ଶ୍ରଦ୍ଧା, ସମ୍ମାନ,ଭକ୍ତିଭାବ ତଥା ଆନ୍ତରିକତା ରହିବା ସ୍ୱାଭାବିକ । ତାନ୍ତ୍ରିକମାନଙ୍କର ବିଶେଷ ଅସ୍ଥାଭାଜନ ବା ପ୍ରିୟହେବା ପାଇଁ ଲୋକେ ପର୍ବପର୍ବାଣୀ ବା ଉତ୍ସବାନୁଷ୍ଠାନମାନଙ୍କରେ ଘରକୁ ନିମନ୍ତ୍ରଣ କରି ଖାଦ୍ୟପାନୀୟରେ ଆପ୍ୟାୟିତ କରିଥାଆନ୍ତି । ଏହାଦ୍ୱାରା ପରୋକ୍ଷରେ କୃତଜ୍ଞତା ଜ୍ଞାପନ କରାଯାଇଥାଏ ।

## କାର୍ଯ୍ୟନିର୍ବାହୀମାନଙ୍କର ପୋଷାକ ପରିଚ୍ଛେଦ ଓ ପରିପାଟୀ:

ସାଧାରଣଭାବେ ତାନ୍ତ୍ରିକମାନେ ଲୁଙ୍ଗି, ଗାମୁଛା, ଧୋତି, ଗଞ୍ଜି, କୁର୍ତ୍ତା, ସବୁ ପରିଧାନ କରିପାରନ୍ତି । କେବଳ ଗୁଣିଗାରୋଡ଼ି ବା ତନ୍ତ୍ରପୂଜା ସମୟରେ ସେମାନେ ଧଳା ଧୋତି ଓ ଧଳା ଗଞ୍ଜି ପିନ୍ଧନ୍ତି । ଗୋଟିଏ ଛୋଟ ଗାମୁଛା ଉପରେ ପକାଇ ପାରନ୍ତି ।

## ଗ୍ରାମ/ଗୋଷ୍ଠୀସ୍ତରରେ ପାଉଥିବା ସ୍ୱତନ୍ତ୍ର ଉପହାର ଏବଂ ପାଉଣା:

ତାନ୍ତ୍ରିକମାନଙ୍କର ବାର୍ଷିକ ଉତ୍ସବ ତଥା ଶିଷ୍ୟମାନଙ୍କର ଶିକ୍ଷାର ଶେଷ ଦିବସରେ ସକଳ ଦେବାଦେବୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଧିକ ଭୋଗରାଗର ଆବଶ୍ୟକତା ଥିବାରୁ ଲୋକମାନେ (ଗ୍ରାମସ୍ତରୀୟ) ତାନ୍ତ୍ରିକମାନଙ୍କର ପ୍ରତି ଉପକାର ସ୍ୱରୂପ ଚାଉଳ, ହାଣ୍ଡିଆ, କୁକୁଡ଼ା, ଛେଳି ଇତ୍ୟାଦି ଭେଟି ରୂପରେ ଦେଇଥାଆନ୍ତି । ଶିଷ୍ୟମାନେ ମଧ୍ୟ ଦାସାଇଁ ମାଧ୍ୟମରେ ସଂଗ୍ରହ କରିଥିବା ସାହାଯ୍ୟ ରାଶିକୁ ଗୁରୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରି ନିଜକୁ କୃତଜ୍ଞ ମନେ କରନ୍ତି । ବ୍ୟକ୍ତିଗତ ଭାବରେ ଯେଉଁମାନଙ୍କର ତାନ୍ତ୍ରିକ ଉପକାର କରିଥାଆନ୍ତି, ସେମାନେ ତାଙ୍କୁ ଟଙ୍କା, ଲୁଗାପଟା ଏବଂ ତାଙ୍କ ସ୍ତ୍ରୀଙ୍କ ପାଇଁ ଶାଢ଼ୀ ମଧ୍ୟ ପ୍ରଦାନ କରୁଥିବାର ଦେଖାଯାଇଥାଏ । ଏତଦ୍‌ଭିନ୍ନ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ପର୍ବପର୍ବାଣୀ କିମ୍ବା ଉତ୍ସବାନୁଷ୍ଠାନମାନଙ୍କରେ ତାନ୍ତ୍ରିକମାନଙ୍କୁ ନିମନ୍ତ୍ରଣ କରି ଭୋଜନ ତଥା ପାନୀୟରେ ଆପ୍ୟାୟିତ କରାଯାଇଥାଏ ।

## ବିଭିନ୍ନ ମାମଲାର ନିଷ୍ପତ୍ତି ପ୍ରକ୍ରିୟା:

କୌଣସି ମାମଲାରେ ନିଷ୍ପତ୍ତି ନେବାର ଭୂମିକା ଯଦିଓ ତାନ୍ତ୍ରିକମାନଙ୍କର ନଥାଏ, ତଥାପି ଗୁଣିଗାରେଡ଼୍ ସଂପର୍କିତ କୌଣସି ମାମଲା ଗ୍ରାମସଭାରେ ଆଗତ କରାଯାଇଥିଲେ ଗ୍ରାମସଭା ତାନ୍ତ୍ରିକମାନଙ୍କର ସହାୟତା ଲୋଡ଼ିଥାଏ । ତାନ୍ତ୍ରିକ ପରିସ୍ଥିତିକୁ ଅନୁଧ୍ୟାନ କରି ତନ୍ତ୍ର ଦ୍ୱାରା ପୀଡ଼ିତ ହୋଇଥିବା ଲୋକଟିକୁ ପ୍ରତିତନ୍ତ୍ର ପ୍ରୟୋଗ ପୂର୍ବକ ସୁସ୍ଥ କରିଥାଆନ୍ତି । ଗ୍ରାମ, ପରିବାର ଓ ବ୍ୟକ୍ତିଙ୍କୁ ତନ୍ତ୍ର ବା ନିଜର ଦୈବୀଶକ୍ତି ବଳରେ ସୁରକ୍ଷା ପ୍ରଦାନ କରନ୍ତି ।

## ଏମାନେ ପାଉଥିବା ସ୍ୱତନ୍ତ୍ର ସୁଯୋଗ:

ତାନ୍ତ୍ରିକମାନଙ୍କ ପାଇଁ ଗ୍ରାମ ବା ଗୋଷ୍ଠୀସ୍ତରରେ ସେପରି କୌଣସି ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରାଯାଇ ନଥାଏ । କେବଳ ସେମାନଙ୍କର ବାର୍ଷିକ ଉତ୍ସବ ତଥା ଶିକ୍ଷାର ଶେଷ ଦିବସରେ ହେଉଥିବା ସ୍ୱତନ୍ତ୍ର ଉତ୍ସବ ପାଇଁ ଚାଉଳ, ହାଣ୍ଡିଆ, କୁକୁଡ଼ା, ଛେଳି ଆଦି ଭେଟି ସ୍ୱରୂପ ଦିଆଯାଏ । ଦାସାଇଁ ଶିଷ୍ୟମାନଙ୍କ ମାଧ୍ୟମରେ ଟଙ୍କା, ଚାଉଳ ଓ ପନିପରିବା ଇତ୍ୟାଦି ଗ୍ରାମବାସୀମାନେ ଦିଅନ୍ତି । ବ୍ୟକ୍ତିଗତ ସ୍ତରରେ ଉପକୃତ ହେଉଥିବା ବ୍ୟକ୍ତିବିଶେଷ ତାନ୍ତ୍ରିକଙ୍କୁ ଯେ କୌଣସି ପ୍ରକାର ଉପହାର ଦେଇପାରନ୍ତି ବା ଉତ୍ସବାଦିକୁ ନିମନ୍ତ୍ରଣ ପୂର୍ବକ ସମ୍ମାନିତ କରିଥାଆନ୍ତି ।

## ସ୍ୱତନ୍ତ୍ର ଉତ୍ସବ ପାଇଁ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ:

ଗ୍ରାମର ସମସ୍ତ ପୂଜା (ପାରମ୍ପରିକ) ପାଠ ଦିଉରୀ କରୁଥିବା ବେଳେ ବାଲାମ୍ (ବଡ଼ାମ୍ ପୂଜା) ଦେଓ୍ୱାଁଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ଏତଦ୍‌ବ୍ୟତୀତ ଜଣେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଧର୍ମୀୟ କର୍ମକର୍ତ୍ତା (ଏଣେ) ହୋ/କୋହ୍ଲ ସମାଜରେ ସ୍ୱତନ୍ତ୍ର ପୂଜା ପାଇଁ ନିୟୋଜିତ ହୋଇଥାଆନ୍ତି । ତାଙ୍କୁ ଏରୋ କୁହାଯାଏ ଏବଂ ସେ କେବଳ ବିବାହ ସମୟରେ ବେଦୀପୂଜା ଓ ବାଟ ପୂଜାପୂଜା କରିବା ସହିତ ରାହୁରିଷ୍ଟ ଖଣ୍ଡନ ନିମନ୍ତେ ପୂଜା କରିଥାଆନ୍ତି ।

## ମନୋନୟନ ପଦ୍ଧତି : ନିର୍ବାଚିତ, ମନୋନୀତ ବା ବଂଶଗତ

ସମୁଦାୟ କୋହ୍ଲ ସଂପ୍ରଦାୟ ପାଇଁ ଝିଙ୍କପାନିଠାରେ ଏକ ଆଦି ସଂସ୍କୃତି ଏବଂ ବିଜ୍ଞାନ ସଂସ୍ଥାନ ନାମକ ଏକ (ଏଟେଃ ତର୍ତ୍ତୁ ପିଟିକା ଆକାଲା) ଧର୍ମ ଓ ତନ୍ତ୍ର ଭିତ୍ତିକ ତାଲିମ କେନ୍ଦ୍ର ରହିଛି । ସ୍ୱତନ୍ତ୍ର ପୂଜା ପାଇଁ ଉଦ୍ଦିଷ୍ଟ ହୋ/କୋହ୍ଲ ସଂପ୍ରଦାୟର ଏହି ଏଣେ ଝିଙ୍କ୍‌ପାନି ଠାରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ହୋଇ, ସେହି ସଂସ୍ଥାନର ଶକ୍ତିପୀଠରୁ

ଦୈବୀ ଆଶୀର୍ବାଦଯୁକ୍ତ ହୋଇ ଆସିଥାଆନ୍ତି । ଉତ୍ତରାଧିକାରୀ ସୂତ୍ରରେ ସେମାନେ ଏହି ପଦବୀ ହାସଲ କରିପାରନ୍ତି ନାହିଁ । ଅର୍ଥାତ୍ ଏହା ବଂଶାନୁକ୍ରମିକ ନୁହେଁ । 'ଏଣେ' ପଦବୀ ପାଇଁ ସେହିପରି ସ୍ୱତନ୍ତ୍ର ଆଧାତ୍ମିକ ବ୍ୟକ୍ତିତ୍ୱ ସଂପନ୍ନ ମୁଖ୍ୟ ଶକ୍ତିପୀଠରୁ ହିଁ ଆସିଥାଆନ୍ତି ।

## ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀମାନଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା:

'ଏଣେ' କୋହ୍ଲମାନଙ୍କର ମୁଖ୍ୟ ଶକ୍ତିପୀଠ ଝିଙ୍କପାନିରୁ ସ୍ୱତନ୍ତ୍ର ତାଲିମ ପାଇ ଦୈବୀ ଆଶୀର୍ବାଦଯୁକ୍ତ ହୋଇ ଆସୁଥିବାରୁ ଏମାନଙ୍କର ବ୍ୟକ୍ତିତ୍ୱ ପ୍ରଶ୍ନ ଶୂନ୍ୟ । ନିଶ୍ଚିତ ଏମାନେ ପ୍ରଚଣ୍ଡ ଆଧ୍ୟାତ୍ମିକ ସଂପନ୍ନ ବ୍ୟକ୍ତିବିଶେଷ ହୋଇଥାଆନ୍ତି । ନିଜର ନିଷ୍ଠା, ସାଧନା, ଅଧ୍ୟବସାୟ ଓ ଧର୍ମଭାବ ଯୋଗୁଁ 'ଏଣେ' ଆଧ୍ୟାତ୍ମିକତାର ଚରମ ସୋପାନରେ ଉପନୀତ ହୋଇପାରନ୍ତି ।

## ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା:

'ଏଣେ' ପ୍ରଥମତଃ ଗ୍ରାମ ଗୁରୁଙ୍କ ଠାରୁ ବା ଦିଉରୀଙ୍କ ଠାରୁ ଧର୍ମ ସମ୍ବନ୍ଧୀୟ ଶିକ୍ଷା ଲାଭ କରନ୍ତି । ତତ୍‌ପରେ ନିଜର ପ୍ରବଳ ଅଭୀପ୍ସା ତଥା ଉତ୍ସୁକତା ଯୋଗୁଁ କୋହ୍ଲମାନଙ୍କର ମୁଖ୍ୟ ଶକ୍ତିପୀଠ ଝିଙ୍କପାନିକୁ ଯାଇଥାଆନ୍ତି ସ୍ୱତନ୍ତ୍ର ଭାବରେ ତାଲିମ ନେବାକୁ ବା ପାରମ୍ପରିକ ଧର୍ମଧାରା ସଂପର୍କରେ ଅଧିକ ଜ୍ଞାନ ଆହରଣ ଉଦ୍ଦେଶ୍ୟରେ । ସେଠାରେ ଧର୍ମ ସମ୍ବନ୍ଧୀୟ ଜ୍ଞାନ ଗ୍ରହଣ ସହିତ ନିଷ୍ଠାର ସହିତ ସାଧନା କରି ସିଦ୍ଧି ଲାଭ କରନ୍ତି ଓ ତତ୍‌ପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ହୋଇ ଏଣେ ପଦବୀ ଅଳଙ୍କୃତ କରିଥାଆନ୍ତି ।

## ଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ:

ଏଣେ କେବଳ ବିବାହ ସମୟରେ ବେଦୀପୂଜା ଓ ବାଟପୂଜା କରିବା ସହ ରାହୁରିଷ୍ଟ ଖଣ୍ଡନ ନିମନ୍ତେ ପୂଜାପାଠ କରିଥାଆନ୍ତି । ଅନ୍ୟ କୌଣସି ପୂଜା ବା ପର୍ବପର୍ବାଣୀରେ ଏହାଙ୍କର କୌଣସି ଭୂମିକା ନଥାଏ । ସାଧାରଣ ଲୋକଙ୍କ ପରି ସବୁଥିରେ ଅଂଶ ଗ୍ରହଣ କରିପାରନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କର ଖାଦ୍ୟ, ସ୍ତ୍ରୀ ସଂସର୍ଗ ଓ ଅନ୍ୟାନ୍ୟ ବିଧି ନିଷେଧ:

'ଏଣେ' ସାଧାରଣ ଭାବେ ସବୁପ୍ରକାର ଖାଦ୍ୟପାନୀୟ ଗ୍ରହଣ କରିପାରନ୍ତି । କେବଳ ପୂଜାଦିନ ପୂଜାକର୍ମ ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ପ୍ରକାର ଖାଦ୍ୟ ତଥା

ପାନୀୟ ଗ୍ରହଣ କରନ୍ତି ନାହିଁ । ପୂଜା ପୂର୍ବଦିନ ସ୍ତ୍ରୀ ସହବାସ ବର୍ଜନ କରାଯାଇଥାଏ । ସାଧାରଣ ଦିନମାନଙ୍କରେ ଅନ୍ୟାନ୍ୟ ଯାଦୁଧର୍ମୀୟ କର୍ମକର୍ତ୍ତାଙ୍କ ପରି ଛୁତିକା ମୃତିକାରେ ଲୋକଙ୍କ ଘରୁ ଖାଦ୍ୟପାନୀୟ ସ୍ପର୍ଶ କରନ୍ତି ନାହିଁ । ଅନ୍ୟର ଉଚ୍ଛିଷ୍ଟ ଭକ୍ଷଣ ନିଷେଧ । ନୂଆଖିଆ ପୂର୍ବରୁ ନୂଆଧାନର ଚାଉଳ ଓ ବାହାପର୍ବ ପୂର୍ବରୁ ପୁଷ୍ପ ବ୍ୟବହାର କରିବାକୁ ବାରଣ ଥାଏ ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ ଓ ଆଚରଣଗତ ଆଦର୍ଶ:

'ଏଣେ' ସ୍ୱତନ୍ତ୍ର ତାଲିମପ୍ରାପ୍ତ ହୋଇଥିବାରୁ ଜନସାଧାରଣ ଏହାଙ୍କ ପାଖରୁ ନିର୍ଭୁଲ ଗଣନା ତଥା ରାହୁରିଷ୍ଟ ଖଣ୍ଡନ ପାଇଁ ଉପଯୁକ୍ତ ପୂଜାବିଧି ଆଶା କରନ୍ତି । ଗ୍ରହଶାନ୍ତି ପାଇଁ ଏମାନେ ପୂଜା କରୁଥିବାରୁ ଲୋକମାନଙ୍କର ଶ୍ରଦ୍ଧା ତଥା ସମ୍ମାନର ପାତ୍ର ହୋଇପାରନ୍ତି । ଏଣେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ହୋଇ ଉନ୍ନତ ଆଧ୍ୟାତ୍ମିକତା ସଂପନ୍ନ ବ୍ୟକ୍ତିବିଶେଷ ହୋଇଥିଲେ ଦିଉରୀ ଓ ଦେଓ୍ୱାଁଙ୍କ ପରି ଏହାଙ୍କର ଗୁରୁତ୍ୱ ଉପଲବ୍ଧ ହୋଇନଥାଏ । ହୁଏତ ଏଣେଙ୍କର କାର୍ଯ୍ୟସୀମା ସୀମିତ ବୋଲି ଏହିପରି ଦେଖାଯାଏ । ତଥାପି ଲୋକମାନଙ୍କର ମନୋଭାବ, ବ୍ୟବହାର ଏତୋଙ୍କ ପ୍ରତି ବେଶ୍ ଉତ୍ତମ । ଜଣେ ଧର୍ମୀୟକର୍ତ୍ତା ଭାବରେ ସେ ଲୋକଙ୍କ ଠାରୁ ଶ୍ରଦ୍ଧା ତଥା ସମ୍ମାନ ପାଇପାରିଥାଆନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କର ପୋଷାକ ପରିଚ୍ଛେଦ ଓ ପରିପାଟୀ:

ସାଧାରଣ ଭାବରେ ଏଣେ ଲୁଙ୍ଗି, ଗାମୁଛା, ଗଞ୍ଜି, ଧୋତି ଆଦି ଧାରଣା କରିପାରନ୍ତି । କିନ୍ତୁ ପୂଜାପାଠରେ ବସିବାକୁ ସ୍ୱତନ୍ତ୍ର ମଠା ବା ସବୁଜ ରଂଗର ଧୋତି, ଗଞ୍ଜି ଓ ରେଶମ ପଇତା ଆଦି ପରିଧାନ କରିବାର ଆବଶ୍ୟକତା ଥାଏ ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ପାଉଥିବା ସ୍ୱତନ୍ତ୍ର ଉପହାର, ପାଉଣା ଓ ସ୍ୱତନ୍ତ୍ର ସୁଯୋଗ:

ହୋ/କୋହ୍ଲ ସଂପ୍ରଦାୟରେ ଏଣେ ଜଣେ କ୍ଷୀଣ ଗୁରୁତ୍ୱ ସଂପନ୍ନ ଧର୍ମୀୟକର୍ତ୍ତା । ଯଦିଓ ସେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଧର୍ମୀୟ କର୍ମକର୍ତ୍ତା, ତଥାପି କାର୍ଯ୍ୟ ସୀମିତତା ପାଇଁ ସେ ଧର୍ମ କିମ୍ବା ସାଧାରଣ କୋହ୍ଲସମାଜରେ ଗୌଣ ଭୂମିକାରେ ରହିଥାଆନ୍ତି । ସେଥିପାଇଁ ଏହାଙ୍କ ପାଇଁ ଗ୍ରାମ ବା ଗୋଷ୍ଠୀ ସ୍ତରରେ କୌଣସି ସ୍ୱତନ୍ତ୍ର ପାଉଣା, ଉପହାର

ବା ସୁଯୋଗ ପ୍ରଦାନ କରାଯାଇନଥାଏ । କେବଳ ବ୍ୟକ୍ତିଗତ ସ୍ତରରେ ଯାହାଙ୍କ ଘରେ ବିବାହ କାର୍ଯ୍ୟ ହୁଏ କିମ୍ବା ଗିଷ୍ଟ ଖଣ୍ଡନ ପୂଜା କରନ୍ତି, ତେବେ ସଂପୃକ୍ତ ଗୃହକର୍ତ୍ତା ପାଉଣା ବା ଉପହାରସ୍ୱରୂପ ଟଙ୍କା ପଇସା ବା ଚାଉଳ ଦେଇଥାଆନ୍ତି । ଏଥିରେ କୌଣସି ନିର୍ଦ୍ଦିଷ୍ଟତା ନଥାଏ ।

କୌଣସି ପରିସ୍ଥିତିରେ କୌଣସି ପ୍ରକାର ମାମଲାରେ ଏଣେଙ୍କର ନିଷ୍ପତ୍ତି ନେବାର ଭୂମିକା ନଥାଏ । ତେବେ ନିଜର ସୀମିତ ପୂଜାକର୍ମରେ ସେ ନିଜସ୍ୱ ଜ୍ଞାନ ତଥା ଧାରା ଅନୁସରଣ କରିପାରନ୍ତି ।

## ମହିଳା ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ:

ହୋ/କୋହ୍ଲ ସମାଜରେ କ୍ୱଚିତ୍ ମହିଳା ଯାଦୁଧର୍ମୀୟ କର୍ମକର୍ତ୍ତା ଦେଖାଯାଆନ୍ତି । ଏମାନେ ସାଧାରଣତଃ ଅବିବାହିତ ଥାଆନ୍ତି ।

## ମନୋନୟନ ପଦ୍ଧତି :

ଦେଓ୍ୱାଁଙ୍କ ପରି ମହିଳା ଯାଦୁଧର୍ମୀୟ କର୍ମକର୍ତ୍ତାମାନେ ଗୁରୁଙ୍କ ଠାରୁ ଶିକ୍ଷାଲାଭ କରି ସିଦ୍ଧହସ୍ତ ହୋଇଥାଆନ୍ତି ଓ ନିଜକୁ ତାନ୍ତ୍ରିକ ରୂପରେ ପରିଚିତ କରାନ୍ତି ।

## ମହିଳା ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀମାନଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା:

ହୋ/କୋହ୍ଲ ସମାଜର ମହିଳା ଯାଦୁଧର୍ମୀୟ କର୍ମକର୍ତ୍ତାଙ୍କର ବ୍ୟକ୍ତିତ୍ୱ ସାଧାରଣ କୋହ୍ଲ ମହିଳାଠାରୁ ବେଶ୍ ଉନ୍ନତ, ମାର୍ଜିତ ତଥା ଭଦ୍ରୋଚିତ ସେ ଧର୍ମଭାବସଂପନ୍ନା ଜଣେ ଉଦାରବାଦୀ ମହିଳାଭାବରେ ପରିଚିତ । ସେବା ମନୋବୃତ୍ତି ନେଇ ଲୋକଙ୍କର ଉପକାର କରିବାକୁ ଚେଷ୍ଟା କରିଥାଆନ୍ତି ।

## ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା:

ମହିଳା ତାନ୍ତ୍ରିକ ଗୁରୁ ଗୃହରେ ତନ୍ତ୍ରବିଦ୍ୟା ଶିକ୍ଷା କରିଥାଆନ୍ତି । କୋହ୍ଲସମାଜରେ ପୁରୁଷ ଏବଂ ସ୍ତ୍ରୀଙ୍କର ପ୍ରତ୍ୟେକ କ୍ଷେତ୍ରରେ ସମାନ ଭାବରେ ଅଧିକାର ଥିବାରୁ ଏଭଳି ତାନ୍ତ୍ରିକ ଗୁରୁ ଶିକ୍ଷା ସମାପ୍ତ କରି ତାନ୍ତ୍ରିକ ଆଖ୍ୟା ପାଇପାରନ୍ତି । ପୁରୁଷ ତାନ୍ତ୍ରିକମାନଙ୍କ ପରି ବ୍ୟକ୍ତିଗତ ଭାବରେ ଲୋକମାନଙ୍କ ଘରେ ଝଡ଼ାଫୁଙ୍କା ତଥା ତନ୍ତ୍ର ପୂଜା କରନ୍ତି । ସେ ବିଶେଷକରି ପିଲାଙ୍କୁ ଦୃଷ୍ଟି ନଜର ଲାଗିଥିଲେ ଝଡ଼ାଫୁଙ୍କା

ପାଇଁ ଗୃହକର୍ତ୍ତା / ଗୃହକର୍ତ୍ତୀଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଲୋକଙ୍କ ଘରକୁ ଯାଇଥାଆନ୍ତି । ତାନ୍ତ୍ରିକ ଭାବରେ ଏହାଙ୍କର ଆଉ ବିଶେଷ ଭୂମିକା ନଥାଏ ।

## କାର୍ଯ୍ୟନିର୍ବାହୀମାନଙ୍କର ଖାଦ୍ୟ, ସ୍ତ୍ରୀ ସଂସର୍ଗ ଓ ଅନ୍ୟାନ୍ୟ ବିଧି ନିଷେଧ:

ପୁରୁଷ ତାନ୍ତ୍ରିକମାନଙ୍କ ଭଳି ଏହାଙ୍କର ସାଧାରଣ ଖାଦ୍ୟରେ କୌଣସି ବାରଣ ନଥାଏ । ତେବେ ତନ୍ତ୍ରପୂଜା କରିବାକୁ ଗଲେ ପୂଜାପୂର୍ବରୁ ଖାଦ୍ୟ ଭକ୍ଷଣ କରନ୍ତି । ସାଧାରଣତଃ ମହିଳାଯାଦୁଧର୍ମୀୟ କର୍ମକର୍ତ୍ତା ପାନୀୟ ଗ୍ରହଣ କରନ୍ତିନାହିଁ । କୌଣସି ଅପବିତ୍ର (ଛୁତିକା, ମୃତିକା) ଲୋକଙ୍କ ଘରେ ଖାଦ୍ୟ ଖାଇ ନଥାଆନ୍ତି । ଧର୍ମୀୟକର୍ତ୍ତା ହୋଇଥିବା ଯୋଗୁଁ ପାରମ୍ପରିକ ନିବାରଣଗୁଡ଼ିକ ମାନି ଚଳନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ ଓ ଆଚରଣଗତ ଆଦର୍ଶ :

ହୋ/କୋହ୍ଲ ସମାଜ ମହିଳାଙ୍କ ଉପରେ ପ୍ରାଧାନ୍ୟ ଦେଉଥିବାରୁ ଏବଂ ମହିଳାଟିଏ ତନ୍ତ୍ରବିଦ୍ୟା ହାସଲ କରିଥିବା ଯୋଗୁଁ ଲୋକମାନଙ୍କର ଏହାଙ୍କ ପ୍ରତି ମନୋଭାବ ଉନ୍ନତ ଥାଏ । ତାଙ୍କୁ ଉପଯୁକ୍ତ ଶ୍ରଦ୍ଧା ଓ ସମ୍ମାନ ମଧ୍ୟ ପ୍ରଦର୍ଶନ କରିଥାଆନ୍ତି । ଭଦ୍ରୋଚିତ ବ୍ୟବହାର ଦେଖାନ୍ତି । ଗ୍ରାମବାସୀଙ୍କର ମହିଳା ତାନ୍ତ୍ରିକଙ୍କ ପ୍ରତି କୋମଳ, କୋହଳ ତଥା ଉଦାର ମନୋଭାବ ରହିଥାଏ । ସେ ଲୋକଙ୍କର ଉପକାର କରୁଥିବାରୁ ଲୋକେ ତାଙ୍କୁ ଶ୍ରଦ୍ଧା କରନ୍ତି । ଗ୍ରାମର ଛୋଟ ପିଲାଠୁଁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କ ସେ ପରିଚିତା ତଥା ସମ୍ମାନନୀୟ ।

## କାର୍ଯ୍ୟନିର୍ବାହୀମାନଙ୍କର ପୋଷାକ ପରିଚ୍ଛଦ ଓ ପରିପାଟୀ:

ସାଧାରଣ ଭାବେ ସେ କୋହ୍ଲ ମହିଳାଙ୍କ ପରି ଯେ କୌଣସି ଶାଢ଼ୀ ପିନ୍ଧିପାରନ୍ତି କିନ୍ତୁ ତନ୍ତ୍ର ପୂଜା କଲେ ଧଳାଶାଢ଼ୀ ପରିଧାନ ପୂର୍ବକ ପୂଜାରେ ବସନ୍ତି । କିନ୍ତୁ କେବଳ ଝଡ଼ାଫୁଙ୍କା କଲେ ସାଧାରଣ ଶାଢ଼ୀରେ ଚଳିଯାଇଥାଏ ।

## ଗ୍ରାମ/ଗୋଷ୍ଠୀ ସ୍ତରରେ ପାଉଥିବା ସ୍ୱତନ୍ତ୍ର ଉପହାର ଏବଂ ପାଉଣା:

ପୁରୁଷ ତାନ୍ତ୍ରିକ ବୋଓ୍ଙ୍କ ପରି ଏହାଙ୍କର ବାର୍ଷିକ ଉତ୍ସବରେ ଗ୍ରାମବାସୀମାନେ ଚାଉଳ, ଟଙ୍କା, ଛେଳି, କୁକୁଡ଼ା ଇତ୍ୟାଦି ପ୍ରଦାନ କରିଥାଆନ୍ତି । ଦାସାଇଁ, ଶିଷ୍ୟମାନେ ମଧ୍ୟ ଏହାଙ୍କୁ ସଂଗୃହୀତ ଉପହାର ରାଶି ଦିଅନ୍ତି,ଏତଦ୍‌ଭିନ୍ନ ବ୍ୟକ୍ତିଗତ ଭାବରେ କାହାର ଉପକାର କଲେ ବା ପୂଜାପାଠ କଲେ ଗୃହକର୍ତ୍ତା ଖୁସିରେ ଯାହା ଉପହାର ପାଉଣା

ସ୍ୱରୂପ ଦେଇଥାଆନ୍ତି । ଲୋକଙ୍କର ଉତ୍ସବ ଅନୁଷ୍ଠାନମାନଙ୍କରେ ନିମନ୍ତ୍ରିତ ହୋଇଯାଆନ୍ତି । ତାଙ୍କୁ ଭୋଜନରେ ଆପ୍ୟାୟିତ କରାଯାଇଥାଏ ।

## ଦେବତାଙ୍କୁ ଉତ୍ସର୍ଗୀତ ଦ୍ରବ୍ୟ:

ହୋ/କୋହ୍ଲ ସମାଜରେ ସାଧାରଣତଃ ଦେବଦେବୀଙ୍କ ଉଦ୍ଦେଶ୍ୟରେ ନିମ୍ନଲିଖିତ ଦ୍ରବ୍ୟମାନ ପ୍ରଦତ୍ତ କରାଯାଇଥାଏ । ଯଥା- କୁକୁଡ଼ା, ଛେଳି,ବୋଦା, ହାଣ୍ଡିଆ, ନଡ଼ିଆ, କଦଳୀ, ମିଠାସାମଗ୍ରୀ, ସିନ୍ଦୁର, ଗୁଆ, ଅରୁଆ ଚାଉଳ, ଦୂବଘାସ,ଶାଳପତ୍ର, ଭାଲିଆପତ୍ର, ମୃଣ୍ମୟ ଅର୍ଘ୍ୟପାତ୍ର, ଦୀପ, ଧୂପ, ଝୁଣା, କଜଳ ଘୃତ, ଦୁଗ୍ଧ, ଦହି ନବଶସ୍ୟ, ଚାଉଳ ଚୂନା,ହଳଦୀ ମେଥି ଗନ୍ଧାକୀ ହଳଦୀ, ସୋରିଷ ଇତ୍ୟାଦି ।

## ବିଭିନ୍ନ ସମୟରେ ଆବଶ୍ୟକ କର୍ମକର୍ମାଣୀ ସରଞ୍ଜାମ:

ହୋ/କୋହ୍ଲମାନଙ୍କର ବିଭିନ୍ନ ଦେବାଦେବୀଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାରର ପୂଜାଉପକରଣ ଆବଶ୍ୟକ ହୋଇଥାଏ । ତେବେ ପାରମ୍ପରିକ ପର୍ବପର୍ବାଣୀ ବା ପୂଜାପାଠରେ ବ୍ୟବହୃତ ପୂଜାସାମଗ୍ରୀ ଅଣପାରଂପରିକ ପୂଜାସାମଗ୍ରୀ ଠାରୁ ଭିନ୍ନ ପୃଥକ୍ ହୁଏ । ପାରମ୍ପରିକ ପୂଜାପାର୍ବଣରେ ଦିଉରୀ ଓ ଗୃହକର୍ତ୍ତାଙ୍କ ଦ୍ୱାରା ପୂଜାକର୍ମ ଅନୁଷ୍ଠିତ ହେଉଥିବାବେଳେ ଅଣପାରମ୍ପରିକ ପୂଜା ଦେଓ୍ୱାଁ ସଂପାଦନ କରିଥାଆନ୍ତି ।

ବିଭିନ୍ନ ପୂଜା ସମୟରେ ଆବଶ୍ୟକ ହେଉଥିବା ପୂଜା ଉପକରଣର ତାଲିକା ନିମ୍ନରେ ଉଲ୍ଲେଖ କରାଗଲା ।

## ପାରମ୍ପରିକ ପୂଜା:

**ମାଗେ ପର୍ବ:** କୁକୁଡ଼ା, ହାଣ୍ଡିଆ, ଅରୁଆ ଚାଉଳ, ଦୂବ ସିନ୍ଦୁର, ଝୁଣା, ଧୂପ, ବିରି, ଚୂନା,ଶିଆଳୀ ମଞ୍ଜି ଓ ଅଣ୍ଡା ।

**ବାହାପର୍ବ:** କୁକୁଡ଼ା, ହାଣ୍ଡିଆ, ସିନ୍ଦୂର, ଧୂପ, ଝୁଣା, ଦୂବ, ଅରୁଆଚାଉଳ, ଶାଳଫୁଲ, ମସୁର, ମହୁଲ, ଆମ୍ବକସି ଇତ୍ୟାଦି ।

**ହେର୍‌କାର୍ସା:** କୁକୁଡ଼ା, ହାଣ୍ଡିଆ, ଅରୁଆ ଚାଉଳ,ଦୂବଘାସ, ଧୂପ, ଝୁଣା, ଧାନ, ସିନ୍ଦୁର,ପଞ୍ଚଭୋଗ, ନଡ଼ିଆ ଇତ୍ୟାଦି ।

**ହେରଃପର୍ବ:** ଛେଳି, କୁକୁଡ଼ା, ହାଣ୍ଡିଆ, ଅରୁଆ ଚାଉଳ, ଝୁଣା, ସିନ୍ଦୂର ଅରୁଆ ଚାଉଳର ପିଠା, ଶିଆଡ଼ୀପତ୍ର ଇତ୍ୟାଦି ।

ବାଡାଉଲୀ: କୁକୁଡ଼ା, ହାଣ୍ଡିଆ, ଅରୁଆ ଚାଉଳ, ସିନ୍ଦୂର ଦୂବ, ଝୁଣା, କେନ୍ଦୁଗଛ, ଭାଲିଆ ଗଛ, ମକା ଇତ୍ୟାଦି ।

ଜମ୍‌ନାମା: କୁକୁଡ଼ା, ହାଣ୍ଡିଆ, ଅରୁଆ ଚାଉଳ, ସିନ୍ଦୂର, ଦବୁ, ଝୁଣା, ଭାଲିଆପତ୍ର, ନୂଆଧାନ ଇତ୍ୟାଦି ।

ମାରାଂବଙ୍ଗା: ମେଣ୍ଢା (କୁକୁଡ଼ା, ଛେଳି), ଚୂନା, ଅରୁଆଚାଉଳ, ଝୁଣା ଇତ୍ୟାଦି ।

ବଲବଙ୍ଗି: କୁକୁଡ଼ା, ଅରୁଆ ଚାଉଳ, ସିନ୍ଦୁର, ଝୁଣା, ହାଣ୍ଡିଆ, ଧୂପ, ଦୂବ ଇତ୍ୟାଦି ।

ଇଶାଣ ପୂଜା ବା ଆଦିଂବଙ୍ଗା ପୂଜା: କୁକୁଡ଼ା, ଅରୁଆ ଚାଉଳ ଓ ଶାଳଫୁଲ ।

କରମ ପୂଜା: କରମ୍ ଡ଼ାଳ, ବୋଦା, ଅରୁଆ ଚାଉଳ, ଦୂବ, ସିନ୍ଦୁର, ପୂଜାପିଣ୍ଡି, ଗଛଶସ୍ୟର ଡ଼ାଳ ଇତ୍ୟାଦି ।

## ଅଣ ପାରମ୍ପରିକ ପୂଜା:

ରାହୁରିଷ୍ଟ ଖଣ୍ଡନ ପାଇଁ ପୂଜା– ସିନ୍ଦୁର, ଅରୁଆ ଚାଉଳ, ଘିଅ, କୁକୁକଡ଼ା / ଛେଳି/ ଘୁଷୁରୀ / ମେଣ୍ଢା, କିଛି ଚେରମୂଳି, କିଛି ଧାତୁଦ୍ରବ୍ୟ ଇତ୍ୟାଦି ।

ବାଟପୂଜା (ଏରେ): ଛେଳି /କୁକୁଡ଼ା, କଦଳୀ, ନଡ଼ିଆ, ସିନ୍ଦୁର, ହାଣ୍ଡିଆ, ଶାଗଗଛ, କେନ୍ଦୁଗଛ, ଆଲକୁସି କଣ୍ଟା (ଏକପ୍ରକାର କଣ୍ଟକ ଲତା) ।

ବିବାହବେଦି ପୂଜା: ନଡ଼ିଆ, ଅରୁଆ ଚାଉଳ, ବିରି, ଦୂବ, କୁଶ, ଲବ, ଶିଆଳି ପତ୍ର, ଶାଳପତ୍ର. ପଳାଶ ବା ଶାଳକାଠ, ଘିଅ, କେତେକ କ୍ଷେତ୍ରରେ କୁକୁଡ଼ା, ପଟିଆ ଓ ପିଠା ।

ବାର୍ଷିକ ଗୁରୁପୂଜା: ଯାବତୀୟ ପ୍ରକାର ପଶୁପକ୍ଷୀ, ହାଣ୍ଡିଆ, ମଦ, ଗଞ୍ଜେଇ ତଥା ସମସ୍ତ ପୂଜାରେ ବ୍ୟବହୃତ ହେଉଥିବା ପୂଜାସାମଗ୍ରୀ ଆବଶ୍ୟକ ହୋଇଥାଏ ।

## କର୍ମକର୍ମାଣୀ ପଦ୍ଧତି:

ହୋ/କୋହ୍ଲ ସମାଜର ପୂଜାପାଠମାନଙ୍କରେ ଉଲ୍ଲେଖନୀୟ ଭିନ୍ନତା କେତେକ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ । କେତେକ ସମାପ୍ତ ପରେ ବିସର୍ଜନ ମନ୍ତ୍ର ଦ୍ୱାରା ପୂଜା ସମାପ୍ତିର ଘୋଷଣା କରାଯାଉଥିବା ସ୍ଥଳେ କେତେକ ପୂଜାରେ କର୍ମକାଣ୍ଡ ପରେ ମଧ୍ୟ ବିସର୍ଜନ ଦିଆଯାଏ ନାହିଁ । ସାଧାରଣତଃ ତାନ୍ତ୍ରିକ ପୂଜାଗୁଡ଼ିକରେ ବିସର୍ଜନ ନିଶ୍ଚିତ ଭାବେ ଦିଆଯାଇଥାଏ । ଦୁଷ୍ଟଶକ୍ତିକୁ ଦୁଷ୍ଟ ଦେବଦେବୀଙ୍କ ଦ୍ୱାରା ହିଁ ବିତାଡ଼ିତ କରାଯାଉଥିବା କାରଣରୁ ସେମାନଙ୍କୁ ବିସର୍ଜନ ନ ଦେଲେ ବିପଦର ଆଶଙ୍କା ଥାଏ

ବୋଲି କୋହ୍ଲମାନେ ବିଶ୍ୱାସ କରନ୍ତି । କିନ୍ତୁ ପାରମ୍ପରିକ ପୂଜା ମଧ୍ୟରେ କେବଳ ମାରାଂବଙ୍ଗାଙ୍କୁ ଛାଡ଼ିଦେଲେ ଆଉ କୌଣସି ଦେବାଦେବୀଙ୍କ ପୂଜାବିଧିରେ ବିସର୍ଜନ ପଦ୍ଧତି ଲାଗୁହୁଏ ନାହିଁ । ଏତଦ୍‌ବ୍ୟତୀତ ପାରମ୍ପରିକ ପୂଜାରେ ଦ୍ୟୁଉରୀ ବା ଗୃହକର୍ତ୍ତା ଖାଦ୍ୟପାନୀୟ ସ୍ପର୍ଶ ନ କରି ପବିତ୍ରତାର ସହ ମୌନବ୍ରତ ପାଳନ ପୂର୍ବକ ପୂଜାକର୍ମମାନ ସଂପାଦନ କରନ୍ତି । ତନ୍ତ୍ର ପୂଜାରେ କିନ୍ତୁ ସବୁ କ୍ଷେତ୍ରରେ ଦେଓ୍ୱାଁଙ୍କର ଉପବାସ ତଥା ମୌନବ୍ରତର ଆବଶ୍ୟକତା ନଥାଏ । ପାରମ୍ପରିକ ପୂଜାବିଧିର ଗୋଟିଏ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା-

ମାରାଂବଙ୍ଗା ପୂଜା:

ଏହା ପାରମ୍ପରିକ ସ୍ଥାନ (ଘର ବାହାରେ ପ୍ରତ୍ୟେକ ପରିବାର ପାଇଁ ଗୋଟିଏ ଲେଖାଏଁ ପାରମ୍ପରିକ ପୂଜାସ୍ଥଳୀ ଥାଏ)ରେ ହିଁ ମାରାଂବଙ୍ଗାଙ୍କର ପୂଜାପାଠ କରାଯାଇଥାଏ । ଏହି ପୂଜା ନିଜେ ଗୃହକର୍ତ୍ତା ସଂପାଦନ କରନ୍ତି । ସାଧାରଣତଃ କୌଣସି କାରଣରୁ ମାରାଂବଙ୍ଗାଙ୍କ କୋପଦୃଷ୍ଟି ଯୋଗୁଁ କୌଣସି ପରିବାରର କେହି କେହି ଅସୁସ୍ଥ ହୋଇପଡ଼ିଲେ ତାନ୍ତ୍ରିକଙ୍କର ପରାମର୍ଶ ଲୋଡ଼ାଯାଇଥାଏ । ତାନ୍ତ୍ରିକ ମାରାଂବଙ୍ଗାଙ୍କର କୋପଦୃଷ୍ଟି ପଡ଼ିଥିବାର ଜଣାଇ ଦେଲେ ଗୃହକର୍ତ୍ତା ଆଧ୍ୟାତ୍ମିକ ପଦ୍ଧତିରେ ମାରାଂବଙ୍ଗାଙ୍କ ପୂଜା ପାଇଁ ଦିନଧାର୍ଯ୍ୟ କରନ୍ତି । ଏହାକୁ କୋହ୍ଲ ଭାଷାରେ 'ଆଗମ୍' କୁହାଯାଇଥାଏ । ଏହି 'ଆଗମ୍'ର ସମୟସୀମା ଅତିକ୍ରାନ୍ତ ହେଲାପରେ ମାରାଂବଙ୍ଗାଙ୍କ ପୂଜାର ଅବ୍ୟବହିତ ପୂର୍ବ ସଂଧ୍ୟାରେ ମାରାଂବଙ୍ଗାର ଗୁଣଗାନ କରିବା ସହିତ ତାଙ୍କ ପାଇଁ ସମସ୍ତ ପୂଜାବିଧି ଆୟୋଜିତ ହୋଇଥିବାରୁ ଶ୍ଳୋକ୍ ମାଧ୍ୟମରେ ଅବଗତ କରାଇ ଦିଆଯାଏ । ଏହି ପୂଜା ସମସ୍ତ ପୂଜା ସାମଗ୍ରୀ ସହିତ କରାଯାଉଥିବାରୁ 'ଦାଂ' କୁହାଯାଏ । ଏହା ସଂଧ୍ୟାର ପ୍ରଥମ ବା ତୃତୀୟ ପ୍ରହରରେ ଅନୁଷ୍ଠିତ ହୁଏ । ପରଦିନ ସକାଳେ ଗୃହକର୍ତ୍ତା ଓ ଗୃହକର୍ତ୍ତୀ ପବିତ୍ରତାର ସହ ସ୍ନାନଶୌଚଚାଦି ସମାପନ କରି ମାରାଂବଙ୍ଗାଙ୍କର ପୂଜା ଡ଼ଲା ବା କୁଲାକୁ ସ୍ନାନ ତୁଠରେ ଧୌତ ପୂର୍ବକ କେତୋଟି ଶିଆଡ଼ିପତ୍ର ଡଲାରେ ରଖି ଘରକୁ ଆସନ୍ତି । ଗୃହରେ ଥିବା ସମସ୍ତ ପୂଜା ସାମଗ୍ରୀ ଏବଂ ପୂଜାପରର ଭୋଜିସାମଗ୍ରୀ (ଭୋଜି ପାଇଁ ବ୍ୟବହୃତ ସମସ୍ତ ଆବଶ୍ୟକୀୟ ଉପକରଣ) ସଂଗରେ ଧରି ଏକ ମୁହାଁ ହୋଇ ପୂଜାସ୍ଥଳୀକୁ ଗମନ କରନ୍ତି । ସେଠାରେ ପୂଜାସ୍ଥାନଟିକୁ ପରିଷ୍କାର ପରିଚ୍ଛନ୍ନ କରି ଗୋବର ପାଣିରେ ଲିପି ଦିଅନ୍ତି । ତତ୍‌ପରେ

ମାରାଂବଙ୍ଗାଙ୍କର ସଙ୍କେତକୁ ପୂଜାକୁଣ୍ଡଳୀ ମଧ୍ୟରେ ଚାଉଳ ଚୂନାରେ ଅଙ୍କନ କରାଯାଏ । ତାହା ନିମ୍ନ ମତେ ହୁଏ-



(ମାରାଂବଙ୍ଗାଙ୍କର ସଙ୍କେତ)

ଗୃହକର୍ତ୍ତା ବା ପୂଜକ ଚାଉଳ ଚୂନାରେ ଏହିପରି ଅଙ୍କନ କରି ସେହି ଆର୍ଦ୍ର ଚୂନାକୁ କପାଳ, କର୍ଣ୍ଣ ଏବଂ ବକ୍ଷରେ ଲେପନ କରି ପୂଜା ଆରମ୍ଭ କରନ୍ତି । ଅଙ୍କିତ କୋଠରୀ ମଧ୍ୟରେ ପ୍ରଦର୍ଶିତ ଚିତ୍ର ଅନୁଯାୟୀ ଶିଆଡ଼ୀପତ୍ର ଉପରେ ଅରୁଆ ଚାଉଳ ରଖି ମାରାଂବଙ୍ଗାଙ୍କର ଆବାହନ କରିଥାଆନ୍ତି । ଆବହନ ସମୟରେ ମାରାଂବଙ୍ଗାଙ୍କର ମହିମା, ଗୁଣଗାରିମାର ବର୍ଣ୍ଣନା ଶ୍ଲୋକ ମାଧ୍ୟମରେ ଗାନ କରାଯାଇଥାଏ ।

ଆବାହନର ଶେଷ ପର୍ଯ୍ୟାୟରେ ମାରାଂବଙ୍ଗା (ଆଦିପୁରୁଷ)ଙ୍କର ଉତ୍ପତ୍ତିସ୍ଥଳରୁ କେଉଁ କେଉଁ ସ୍ଥାନ ଦେଇ ବସତି ସ୍ଥାପନ କରି ଆସି ବର୍ତ୍ତମାନ ଯେଉଁଠାରେ ରହିଛନ୍ତି, ସେହିସବୁ ସ୍ଥାନଗୁଡ଼ିକ ବର୍ଣ୍ଣନା ଇତିହାସ ପର୍ଯ୍ୟାୟକ୍ରମେ କରାଯାଇ ସେହିଗ୍ରାମ ବା ପୂଜା ହେଉଥିବା ସ୍ଥାନରେ ମାରାଂବଙ୍ଗାଙ୍କୁ ପହଞ୍ଚାଇ ଦିଆଯାଏ । ଏହି ପଦ୍ଧତିରେ ସଂସ୍ଥାପନ କରାଯାଇଥାଏ । ସଂସ୍ଥାପନ ପରେ ପୂଜକ ନିଜର ଦୁଃଖ, ଦୁର୍ଦ୍ଦଶା ତଥା ଆବେଗକୁ ମାରାଂବଙ୍ଗାଙ୍କ ପାଖରେ ଗୁହାରୀ କରନ୍ତି । ଏହାପରେ ତାଙ୍କର ଭୋଗ ପିପାସା ମେଣ୍ଟାଇ ଛେଳି, କୁକୁଡ଼ା, କିମ୍ବା ମେଣ୍ଢା ଆଦି ବଳି ପ୍ରଦାନ ପୂର୍ବକ ମାରାଂବଙ୍ଗାଙ୍କୁ ସନ୍ତୁଷ୍ଟ କରାଯାଏ । ବଳି ପରେ ପୁନଶ୍ଚ ମାରାଂବଙ୍ଗାଙ୍କୁ ବିସର୍ଜନ କରିବା ପାଇଁ ଶ୍ଲୋକ୍ ଆବୃତ୍ତି କରି ପୂର୍ବସ୍ଥାନକୁ ଫେରାଇ ନେଇଥାଆନ୍ତି । (ବର୍ଣ୍ଣନା ମାଧ୍ୟମରେ ଯେଉଁ ଯେଉଁ ସ୍ଥାନ ଦେଇ ମାରାଂବଙ୍ଗାଙ୍କୁ) ଆଣିଥିଲେ ସେହି ସେହି ସ୍ଥାନ ଦେଇ ତାଙ୍କୁ ଫେରାଇ ନିଅନ୍ତି । ତାଙ୍କର ଉତ୍ପତ୍ତି ସ୍ଥଳକୁ ।) ମାରାଂବଙ୍ଗା ପୂଜାର ଏହି ଧାରା ଯୋଗୁଁ ହିଁ ହୋ/କୋହ୍ଲ ସଂପ୍ରଦାୟ ଇତିହାସ ଜାଣିହୁଏ । ସମସ୍ତ ପାରମ୍ପରିକ ପୂଜା ପଦ୍ଧତି ପ୍ରାୟତଃ ଏକପ୍ରକାର । କେବଳ ମାରାଂବଙ୍ଗାଙ୍କ ପୂଜାରେ ବିସର୍ଜନ ପଦ୍ଧତି ଅନୁସୃତ ହୋଇଥାଏ ।

ଅଣପାରମ୍ପରିକ ପୂଜା ସାଧାରଣତଃ ତାନ୍ତ୍ରିକମାନେ କରନ୍ତି । ଜନସାଧାରଣଙ୍କୁ ବହିଃ ଦେବାଦେବୀ ବା ଦୁଷ୍ଟ ଦେବାଦେବୀଙ୍କ କୋପଦୃଷ୍ଟିରୁ ରକ୍ଷା କରିବା ନିମନ୍ତେ

ତାନ୍ତ୍ରିକ ପୂଜାର ଆବଶ୍ୟକତା ପଡ଼ିଥାଏ । ତାନ୍ତ୍ରିକ ପୂଜାରେ ଆବାହନ କ୍ରମରେ ପ୍ରଥମେ ଈଶ୍ୱର (ସିଂବଙ୍ଗା) ତତ୍‌ପରେ ଗ୍ରାମ ଦେବତୀ (ଦେଶାଉଲୀ) ଏବଂ ଶେଷର ଆକ୍ରମଣ କରିଥିବା ଦୁଷ୍ଟ ଦେବାଦେବୀଙ୍କୁ ଶ୍ଳୋକ୍ ମାଧ୍ୟମରେ ସେହି ସ୍ଥାନକୁ ଆବହନ କରାଯାଏ । ଆମନ୍ତ୍ରଣ ପରେ ସୃଷ୍ଟି ହୋଇଥିବା ପରିସ୍ଥିତି ସଂପର୍କରେ ସିଂବଙ୍ଗାଙ୍କୁ ସାକ୍ଷୀ ରଖି ଧର୍ମର ପତନ ତଥା ଅନ୍ୟାୟ ଘଟିଛି ବୋଲି ଗୁହାରୀ ଜଣାଇ ଦୁଷ୍ଟ ଦେବାଦେବୀଙ୍କର ପାଉଣା ପୂଜାସାମଗ୍ରୀ ସ୍ୱରୂପ ପ୍ରଦାନ କରଯାଇଥାଏ । ସିଂବଙ୍ଗା ତଥା ଦେଶଉଲୀଙ୍କର ସହାୟତାରେ ଦୁଷ୍ଟ ଦେବଦେବୀଙ୍କୁ ବିତାଡ଼ନ କରିବାରେ ଗୁଣିଆ ବା ତାନ୍ତ୍ରିକମାନେ ସକ୍ଷମ ହୋଇଥାଆନ୍ତି । ଶେଷରେ ସିଂବଙ୍ଗା ଓ ଦେଶାଉଲୀ ବା ଗ୍ରାମଦେବତୀଙ୍କୁ ଗୁଣିଆ/ ଦେଓ୍ୱାଠ ରୋଗୀ ତଥା ଦୁଷ୍ଟ ଦେବଦେବୀଙ୍କ ମଧ୍ୟରେ ମଧ୍ୟସ୍ଥି ସ୍ୱରୂପ କୃତଜ୍ଞତା ଜ୍ଞାପନ ପୂର୍ବକ ପୂଜାକର୍ମ ସମାପନ କରନ୍ତି ଏବଂ ଦୁଷ୍ଟ ଦେବାଦେବୀଙ୍କୁ ବିସର୍ଜନ ଦିଆଯାଏ । ଯାବତୀୟ ତନ୍ତ୍ରଭିତ୍ତିକ ପୂଜା ଏହିପ୍ରକାର ପଦ୍ଧତିରେ ହୋଇଥାଏ ।

## ସାମ୍ପ୍ରତିକ ଧାରା ଓ ବିବର୍ତ୍ତନ:

ପ୍ରାଚୀନ କାଳରୁ ହୋ/କୋହ୍ଲ ସଂପ୍ରଦାୟରେ ବିଭିନ୍ନ ପୂଜାକର୍ମକାଣ୍ଡମାନ ଅତି ନିଷ୍ଠା ତଥା ପବିତ୍ରତାର ସହିତ ସଂପାଦିତ ହେଉଥିଲା । ସେଥିପାଇଁ ସେତେବେଳେ ରାଜ୍ୟମାନଙ୍କରେ ପ୍ରାୟତଃ ସୈନବାହିନୀର ଗୁରୁତ୍ୱ ବିଶେଷ ଉପଲବ୍ଧି ହେଉ ନଥିଲା । ଏପରିକି ଦୂରଭାଷ (ଟେଲିଫୋନ୍) ଓ ଦୂରଦୃଶ୍ୟ (ଟିଭି)ର ମଧ୍ୟ ଆଧ୍ୟାତ୍ମିକ ଶକ୍ତିବଳରେ ପାଇ ପାରୁଥିଲେ । ଏହି ପ୍ରଚଣ୍ଡ ଆଧ୍ୟାତ୍ମିକ ଶକ୍ତିସଂପନ୍ନ କାର୍ଯ୍ୟକୁଶଳତା ପ୍ରାୟତଃ ସିନ୍ଧୁସଭ୍ୟତା ପର୍ଯ୍ୟନ୍ତ ପରିବ୍ୟାପ୍ତ ବା ବଳବତ୍ତର ରହିଥିଲା । କିନ୍ତୁ ସିନ୍ଧୁ ସଭ୍ୟତା କାଳରେ କୋହ୍ଲ ସଂପ୍ରଦାୟର ଏକତା ତଥା ନିଷ୍ଠାପରତାର ଅଭାବ ଯୋଗୁଁ ଆର୍ଯ୍ୟମାନେ ଏମାନଙ୍କୁ ଯୁଦ୍ଧରେ ପରାସ୍ତ କରି ସେମାନଙ୍କର ପୂଜାବିଧି ଭ୍ରଷ୍ଟ ପୂର୍ବକ କାଳ୍ପନିକ ଭାଷାରେ ଉଦ୍ଭବ କଲେ, ଯାହାକୁ ସଂସ୍କୃତ କୁହାଗଲା । ସେତେବେଳେ କୋହ୍ଲମାନଙ୍କର ବଳିଷ୍ଠ ମନ୍ତ୍ର ପୂଜାର ଅଧଃପତନ ଘଟି କାଳକ୍ରମେ ମୋଗଲ ଓ ଇଂରେଜ ଶାସନକାଳରେ ପ୍ରାୟତଃ ବିଲୋପ ଅବସ୍ଥାରେ ଉପନୀତ ହେଲା । ଫଳସ୍ୱରୂପ କୋହ୍ଲସମାଜର ପୂଜା ପଦ୍ଧତି ପରିବର୍ତ୍ତିତ ରୂପ ଧାରଣ କଲା ପରିସ୍ଥିତି ତଥା ପରିବେଶରେ ଚାପରେ । ସେହି ସମୟରେ ହୁଏତ କୋହ୍ଲ ସଂପ୍ରଦାୟରେ ସାତ୍ତ୍ୱିକ ପୂଜା ସହିତ ତାନ୍ତ୍ରିକ (ରକ୍ତ) ପୂଜାପଦ୍ଧତି ଅନୁସୃତ ହୋଇଥିବା ଅନୁମେୟ । ଆଧାତ୍ମିକ ମାର୍ଗରେ କୋହ୍ଲ ସଂପ୍ରଦାୟର ପୂର୍ବସ୍ଥିତି ଫେରାଇବାକୁ ୧୯୫୫ ମସିହାରେ ଗୁରୁଲୋକବଦ୍ରାଙ୍କ ପ୍ରଚେଷ୍ଟା ଉଲ୍ଲେଖନୀୟ । ତେବେ

ତାହା କେତେକାଂଶରେ ସଫଳ ଓ ଆଂଶିକ ବିଫଳ ହୋଇଥିବାର ଜଣାଯାଏ । ବର୍ତ୍ତମାନ ସ୍ଥାନ, କାଳ, ପାତ୍ର ବିଶେଷରେ ପାରମ୍ପରିକ ପୂଜାପଦ୍ଧତିର ଧାରାରେ ତାରତମ୍ୟ ତଥା ପରିବର୍ତ୍ତନ ଘଟିଥିବାର ହୃଦ୍‌ବୋଧ ହୁଏ । ଏପରି ଅବକ୍ଷୟୀ ପରିବର୍ତ୍ତନ ହୁଏତ ଅନଭିଜ୍ଞ ପୂଜା ମୁଖ୍ୟମାନଙ୍କ ଦ୍ୱାରା ହେଉଥାଇ ପାରେ ବୋଲି କୋହ୍ଲ ସମାଜ କହେ । ତଥାପି ଏବେ ମଧ୍ୟ କୋହ୍ଲମାନଙ୍କର ପାରମ୍ପରିକ ପୂଜାପଦ୍ଧତି / ବିଧି ଓଡ଼ିଶାର ମୟୂରଭଂଜ, କେନ୍ଦୁଝର ଏବଂ ଝାଡ଼ଖଣ୍ଡ ପ୍ରଦେଶର ସିଂଭୂମ୍ ଜିଲ୍ଲାମାନଙ୍କରେ ସୁଦୃଢ଼ ରହିଥିବା ଜଣାଯାଇଥାଏ ।

□□□

# ବସତି ନମୁନା:

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ଏକତ୍ର ସହାବସ୍ଥାନର ଆବଶ୍ୟକତା ଅପରିହାର୍ଯ୍ୟ ମନେହୁଏ । ତେଣୁ ସଂପ୍ରଦାୟ କ୍ରମରେ ସମସ୍ତେ ବସତି ସ୍ଥାପନ କରିବାକୁ ଆଗ୍ରହାନ୍ୱୀତ ହୁଅନ୍ତି । ଯୁଗ ଯୁଗ ଧରି ଏହି ପ୍ରକ୍ରିୟାର ଧାରା ବର୍ତ୍ତମାନ ଅଦ୍ୟାବଧି ଏହାର ବିଚ୍ୟୁତି ଘଟିନାହିଁ ।

## ବସତିର ଉତ୍ପତ୍ତି ଓ ଇତିବୃତ୍ତ :

ସୃଷ୍ଟି ପ୍ରାରମ୍ଭରୁ ହୋ/କୋହ୍ଲ ସଂପ୍ରଦାୟ ସାମାଜିକ ବନ୍ଧନରେ ଆବଦ୍ଧ ହୋଇ ବସତି ସ୍ଥାପନ କରିଥିବାର ଇତିହାସ କହେ । ପ୍ରାଚୀନ କାଳରେ ଏମାନେ ପାହାଡ଼, ଝରଣା, କୂଳମାନଙ୍କରେ ବସବାସ କରୁଥିଲେ । ମାତ୍ର ପରବର୍ତ୍ତୀ କାଳରେ ନିଜର ସାଂସ୍କୃତିକ ତଥା ଧାର୍ମିକ ପରମ୍ପରା ଅନୁଯାୟୀ ପ୍ରାକୃତିକ ସାମଗ୍ରୀମାନ ଉପଲବ୍ଧ ସ୍ଥାନ ମାନଙ୍କରେ ବସତି ସ୍ଥାପନ କରିବାକୁ ଉଚିତ୍ ମଣିଲେ । ମୂଳତଃ କୋହ୍ଲ ଏକ ଧର୍ମପରାୟଣ ସଂପ୍ରଦାୟ ହୋଇଥିବାରୁ ପୂଜାବିଧିରେ ବ୍ୟବହୃତ ମହୁଲ, ଆମ୍ବକସି, ଝୁଣା, ଭାଲିଆ, ଶାଳ, କେନ୍ଦୁ,ଶିଆଳି ଇତ୍ୟାଦି ସାମଗ୍ରୀ ଗୁଡ଼ିକର ପ୍ରାଚୁର୍ଯ୍ୟଭରା ସ୍ଥାନରେ ସେମାନେ ବସତି ସ୍ଥାପନ କରୁଥିବାର ଦେଖାଯାଇଥାଏ ।

ହୋ/କୋହ୍ଲମାନଙ୍କର ପ୍ରଥମ ବସତି ସମ୍ଭବତଃ ବର୍ତ୍ତମାନର ଇରାନ୍-ଇରାକ୍‌ରେ ଥିବା ଲବଣ ହ୍ରଦ (ବୁଲୁଁବାଦେଲା) ନିକଟବର୍ତ୍ତୀ ଅଞ୍ଚଳରେ ହୋଇଥିବା ଅନୁମେୟ । କୋହ୍ଲ ସଂପ୍ରଦାୟର ପାରମ୍ପରିକ ବାଆ ପର୍ବର ଗୀତରେ ଉଲ୍ଲେଖ ରହିଛି-

"ବାଆ ବୁରୁଆ ଦାଦା ବଙ୍ଗାବୁରୁଆ
ମିଶେବାକେଡ଼ା ଦାଦା ବିଭେରେ ତବେନ୍
ବାଆ ବୁରୁଆ ଦାଦା ବଙ୍ଗାବୁରୁଆ
ବାର୍ସାବାକେଡ଼ା ଦାଦା ନାଚୁରେତୁବେନ୍
ତେଙ୍ଗ୍ ତେଙ୍ଗ୍ ଗୁଟୁଏକ ସଙ୍ଗାରାତାଡ଼ା
ନିରୋମେ ନିରେମେଆଁ, କୁଲାୟ ଚୁଲୁଃ ଚଲୁଃ
ବୁଲୁଁବାଦେଲାକ ହେଲାତାଡ଼ା
ସେନଃମେ ସେନଃମେଆଁ ହରଃରେପାରାଡ଼ି ।

ଓଡ଼ିଆ: "ପୂଜାରେ ବ୍ୟବହୃତ ଶାଳଫୁଲ ଦୈବ ସଦୃଶ ଅଟେ । ଭାଇ ! ଥରେ ହେଲେ ଦେଖିଯାଅ, ଥରେ ହେଲେ ବୁଲିଯାଅ । ନଣ୍ଡା ପାହାଡ଼କୁ ଶିକାରୀମାନେ ଘେରିଛନ୍ତି, ଶୀଘ୍ର ପଳାଅ, ଶଶକ ଭାଇ ! ଲବଣ ହ୍ରଦ ମନ୍ଥନ କରୁଛନ୍ତି, ଶୀଘ୍ର ଯାଅ, ଆରେ କଚ୍ଛପ ଭାଇ !"

ଡ଼ଃ. ନିର୍ମଳ କୁମାର ବର୍ମା (ଦିଲ୍ଲୀ ବିଶ୍ୱବିଦ୍ୟାଳୟ)ଙ୍କ ମତରେ ମେସୋପଟାମିଆ ସଭ୍ୟତାର ପରବର୍ତ୍ତୀ କାଳରେ ଉତ୍ତର ଆମେରିକାର ପୂର୍ବଭାବରେ ବହୁ ପ୍ରାଚୀନ କୋହ୍ଲ ବସତି ସ୍ଥାପିତ ହୋଇଥିଲା ଏବଂ ଦକ୍ଷିଣ ଆମେରିକାର ସମୁଦ୍ର ତଟବର୍ତ୍ତୀ ମାଡ଼ାଗାସ୍କର ଅଞ୍ଚଳରେ ପୁରାତନ କୋହ୍ଲ ବସତି ସଂପର୍କରେ ସାର୍ ଏଫ. ମ୍ୟାକ୍ସମୁଲାର୍ ବର୍ଣ୍ଣନା କରିଛନ୍ତି । ସେହିଭଳି ଭାରତବର୍ଷର ପ୍ରାଚୀନ କୋହ୍ଲ ସଭ୍ୟତା ସିନ୍ଧୁ ସଭ୍ୟତା ବର୍ଣ୍ଣିତ ଗିରୁନଗର, ଚଂପାନଗର ଅଞ୍ଚଳରେ ଗଢ଼ିଉଠିଥିବାର କୋହ୍ଲ ସଂପ୍ରଦାୟର ମାରାଂବଙ୍ଗା ଶ୍ଳୋକ୍‌ରେ ଆବୃତ୍ତି କରାଯାଇଥାଏ ।

କାଳକ୍ରମେ ଆର୍ଯ୍ୟମାନଙ୍କର ଆଗମନ ଫଳରେ କାସ୍ପିଆନ୍ ହ୍ରଦ କୂଳରୁ କୋହ୍ଲ ବସତି ଲୋପ ପାଇ ଅନ୍ୟାନ୍ୟ ଦୂରାଦୂରାନ୍ତ ସ୍ଥାନମାନଙ୍କରେ ପୁନର୍ଗଠିତ ହେଲା । ତନ୍ମଧ୍ୟରୁ ଦକ୍ଷିଣ ଝାଡ଼ଖଣ୍ଡ, ପୂର୍ବ ଛତିଶଗଡ଼, ଉତ୍ତରଓଡ଼ିଶା, ପଶ୍ଚିମ ମହାରାଷ୍ଟ୍ର ଆଦିରେ ଅଦ୍ୟାବଧି କୋହ୍ଲ ବସତି ମାନ ଦୃଷ୍ଟିଗୋଚର ହୋଇଥାଏ ।

ହୋ/କୋହ୍ଲ ସଂପ୍ରଦାୟ ଓଡ଼ିଶାର ମୟୂରଭଂଜ କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର ଓ ଦେବଗଡ଼ ଜିଲ୍ଲାମାନଙ୍କରେ ବସବାସ କରୁଥିଲେ ମଧ୍ୟ ମୟୂରଭଂଜ ଜିଲ୍ଲାରେ କୋହ୍ଲ ବସତିର ପ୍ରାଚୁର୍ଯ୍ୟ ଅନୁଭୂତ ହୋଇଥାଏ । ମୟୂରଭଂଜ ଜିଲ୍ଲାର କପ୍ତିପଦା,ବାମନଘାଟି ଓ ପାଞ୍ଚପିଢ଼ ଆଦି ଉପଖଣ୍ଡ(Sub Division) ଗୁଡ଼ିକରେ ବହୁଳ ପରିମାଣରେ କୋହ୍ଲ ବସତି ଅବସ୍ଥିତ । ସେ ମଧ୍ୟରୁ କପ୍ତିପଦା ଉପଖଣ୍ଡ ଅନ୍ତର୍ଗତ ନୋଟ୍, ଶରତ, ରାଣୀପୋଖରୀ, ରଜତନଗର, କାମଗଡ଼ିଆ, ଶାରୀଶୁଆ, ଲାବଣ୍ୟଦେଇପୁର, ପ୍ରସନ୍ନଚନ୍ଦ୍ରପୁର, ରାମଚନ୍ଦ୍ରପୁର ପ୍ରଭୃତି ପ୍ରାୟ ୨୦୦ରୁ ଅଧିକ ଗ୍ରାମ କୋହ୍ଲ ବସତି ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଗଣିତ ହୋଇଥାଏ ।

## ବସତିର ଅବସ୍ଥିତି:

କୋହ୍ଲ ସଂପ୍ରଦାୟର ବସତିଗୁଡ଼ିକ ସାଧାରଣତଃ ବନାଞ୍ଚଳ ବା ପାହାଡ଼ ସମୀପବର୍ତ୍ତୀ ଅଞ୍ଚଳମାନଙ୍କରେ ଗଢ଼ି ଉଠିଥାଏ । ସେମାନେ ଆର୍ଯ୍ୟ ବସତିଠାରୁ ଦୂରରେ

ତଥା ଦିକୁ (ଶୋଷକ / ନିର୍ଯ୍ୟାତକ)ମାନଙ୍କ ଦାଉରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ବନ୍ୟ ଅଞ୍ଚଳ, ପାହାଡ଼ ତଳ କିମ୍ବା ମୁଖ୍ୟରାସ୍ତା ଠାରୁ ଦୂରରେ ବସବାସ କରିବାକୁ ପସନ୍ଦ କରନ୍ତି । ଏତଦ୍‌ଭିନ୍ନ ହୋ/କୋହ୍ଲମାନଙ୍କର ମୁଖ୍ୟ ଜୀବିକା ଚାଷ । ତେଣୁ ଏପରି ଅଞ୍ଚଳଗୁଡ଼ିକରେ ଚାଷପୋଯୋଗୀ ଜମିର ପ୍ରାଚୁର୍ଯ୍ୟ ତଥା ପାରମ୍ପରିକ ଚଳଣି ଏବଂ ଆବଶ୍ୟକତାର ପରିପୂରଣ ଉଦ୍ଦେଶ୍ୟରେ ସେମାନେ ସେହିପରି ସ୍ଥାନରେ ବସତି ସ୍ଥାପନ କରିଥାଆନ୍ତି ।

ବସତି ସ୍ଥାପନ ପୂର୍ବରୁ ହୋ/କୋହ୍ଲ ସଂପ୍ରଦାୟ ସେମାନଙ୍କର ଅଭିଜ୍ଞ ଦେଓ୍ୱାଁ (ତାନ୍ତ୍ରିକ / ଗୁଣିଆ)ଙ୍କର ପରାମର୍ଶ ଲୋଡ଼ନ୍ତି । ଦେଓ୍ୱାଁଙ୍କର ଆଧାତ୍ମିକ ପରାମର୍ଶ ଅନୁଯାୟୀ ସେଠାରେ ବସତି ସ୍ଥାପିତ ହୋଇପାରିବ କି ନାହିଁ, ବସତି କିପରି ଭାବରେ ହେବ, ତାର ନାମକରଣ ଏବଂ ସେଠାକାର ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବାଦେବୀ କିଏ- ସେ ସବୁ ଜନସାଧାରଣ ଅବଗତ ହୋଇସାରିବା ପରେ ବସତି ସ୍ଥାପନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥାଏ ।

ନିର୍ଦ୍ଧାରିତ ସ୍ଥାନରେ ଦେଓ୍ୱାଁ କେତେଜଣଙ୍କୁ ବିଶ୍ରାମ (ବାସୀ) କରାଇ ତାହା ବସତିଯୋଗ୍ୟ କି ନୁହେଁ- ତାହା ନିର୍ଦ୍ଧାରଣ କରନ୍ତି । ଯଦି ସେହି ସ୍ଥାନଟି ବସତିଯୋଗ୍ୟ ହୋଇଥାଏ, ତେବେ ତାହା କେଉଁ ଦେବାଦେବୀଙ୍କ ଇଙ୍ଗିତ/ଆଶୀର୍ବାଦରେ ପରିଚାଳନାଧିନ, ବିଶ୍ରାମରେ ନିର୍ଣ୍ଣିତ ହୋଇଯାଇଥାଏ । ତତ୍‌ପରେ ସେହି ସ୍ଥାନଟିକୁ ପ୍ରତିଷ୍ଠା / ପବିତ୍ର କରିବା ନିମନ୍ତେ ଦେଓ୍ୱା ସମସ୍ତ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବକ ଅଧିଷ୍ଠାତ୍ରୀ ଦେବୀଙ୍କ ଅପାର କରୁଣା ନିର୍ଝର ନିରନ୍ତର ପ୍ରବାହମାନ ହେଉ ବୋଲି ଦୃଢ଼ତାର ସହ ମାନସିକ ରଖି ବସତି ସ୍ଥାପନର ଅଯମାରମ୍ଭ କରାଯାଇଥାଏ । ବିଶ୍ରାମରେ ପୂଜାର ଯେଉଁ ବିଧି / ପ୍ରକ୍ରିୟା ପ୍ରକାଶ ପାଏ ସେହି ଅନୁସାରେ ଦେଓ୍ୱାଁ ପୂଜାପାଠ କରିଥାଆନ୍ତି ।

## ବସତିର ଚତୁଃପାର୍ଶ୍ୱ :

ସାଧାରଣତଃ ହୋ/କୋହ୍ଲ ବସତିଗୁଡ଼ିକ ପାହାଡ଼ ଜଙ୍ଗଲ ଅଞ୍ଚଳରେ ହେଉଥିବାରୁ ଏହାର ଚତୁଃପାର୍ଶ ସବୁଜିମାମୟ ଜାଙ୍ଗଲିକ ପରିବେଶରେ ଭରି ରହିଥାଏ । କିନ୍ତୁ କୋହ୍ଲମାନଙ୍କ ପାଇଁ ସମୀପବର୍ତ୍ତୀ ସ୍ଥାନରେ ଜଳାଶ୍ରୟ ଜଙ୍ଗଲ ଚାଷଜମିର ଆବଶ୍ୟକତା ଅପରିହାର୍ଯ୍ୟ କାରଣ ହୋ/ କୋହ୍ଲ ସଂପ୍ରଦାୟ ଜୀବିକା ନିର୍ବାହ ପାଇଁ କୃଷି ଉପରେ

ନିର୍ଭର କରୁଥିବା ବେଳେ ଜଙ୍ଗଲଜାତ ଦ୍ରବ୍ୟ ପାରମ୍ପରିକ ପୂଜାବିଧି ଏବଂ ଚେରମୂଳି ଜଡ଼ିବୁଟି ରୋଗବ୍ୟାଧି ପାଇଁ ବ୍ୟବହୃତ ହୋଇଥାଏ । ଏତଦ୍‌ଭିନ୍ନ ସେମାନଙ୍କର ଗୃହପାଳିତ ପଶୁ ଗାଈ, ଗୋରୁ, ଛେଳି, ମେଣ୍ଢା, ମଇଁଷି ଇତ୍ୟାଦିଙ୍କ ପାଇଁ ଗୋଚର ଭୂମିର ଆବଶ୍ୟକତା ଥାଏ । ଗୃହନିର୍ମାଣ ମଧ୍ୟ ଜଙ୍ଗଲ -ପାହାଡ଼ରୁ ସଂଗୃହୀତ କାଠାଦିରେ କରିଥାଆନ୍ତି ।

ହୋ/କୋହ୍ଲ ବସତିର ଚତୁଃପାର୍ଶ୍ୱରେ ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀର ଆଦିବାସୀ ବସତି ମଧ୍ୟ ଦେଖାଯାଇଥାଏ । ଏମାନେ ଆଦିବାସୀ ସଂପ୍ରଦାୟମାନଙ୍କ ସହିତ ବସବାସ କରିବାକୁ ହିଁ ପସନ୍ଦ କରିଥାଆନ୍ତି । ସେଥିପାଇଁ  ହୋ/କୋହ୍ଲ ସମାଜ ପ୍ରାୟତଃ ୩୨ ଗୋଟି ଆଦିବାସୀ ସଂପ୍ରଦାୟଙ୍କୁ ଆପଣାର ମଣନ୍ତି । ଆଜିକାଲି କୋହ୍ଲ ବସତି ସମୀପବର୍ତ୍ତୀ ଗ୍ରାମଗୁଡ଼ିକରେ ଅଣଆଦିବାସୀ ଲୋକ ମଧ୍ୟ ବସବାସ କରୁଥିବାର ଜଣାଯାଏ ।

## ବସତିର ବିଭିନ୍ନ ବିଭାବ :ହୋ/କୋହ୍ଲ ଗୃହ ବନ୍ଦୋବସ୍ତ ପଦ୍ଧତି :

ହୋ/କୋହ୍ଲ ସଂପ୍ରଦାୟର ଗୃହନିର୍ମାଣ କ୍ଷେତ୍ରରେ ସ୍ୱତନ୍ତ୍ର ବିଧି ଅନୁସୃତ ହୋଇଥାଏ । ଏହି ବିଧି ଅନୁଯାୟୀ ଦେଓ୍ୱାଁ ଗୃହସ୍ଥାନ ଚୟନ କରନ୍ତି । ସାଧାରଣତଃ କୋହ୍ଲ ଗୃହଗୁଡ଼ିକ ପୂର୍ବପଶ୍ଚିମ ଆକାରରେ ହୁଏ । ଏମାନେ ଉତ୍ତର-ଦକ୍ଷିଣ ଧାରାରେ ଗୃହ ନିର୍ମାଣ କରିବାର ଦୃଷ୍ଟାନ୍ତ ଖୁବ୍ କମ୍ ଦେଖାଯାଇଥାଏ । ଏମାନଙ୍କର ପୂର୍ବପଶ୍ଚିମ ଧାରାରେ ଗୃହନିର୍ମାଣ କୋହ୍ଲ ସଂପ୍ରଦାୟର ଧର୍ମସମ୍ମତ ତଥା ଏହାର ବୈଜ୍ଞାନିକ ପୃଷ୍ଠଭୂମି ଥିବାର ଅନୁମାନ କରାଯାଏ । ଏମାନେ ପାଣିପାଗର ଆଗମନକୁ ଠିକ୍ ଭାବରେ ନିର୍ଣ୍ଣୟ କରିପାରନ୍ତି ସାଧାରଣତଃ ଉତ୍ତର ଦିଗରୁ ବର୍ଷା ଓ ପବନର ଆଗମନ ହେବା ସହିତ ପୃଥିବୀ କେନ୍ଦ୍ରବିନ୍ଦୁ: ୬୬$\frac{1^\circ}{2}$ ଧ୍ରୁବତାରାଙ୍କ ଆଡ଼କୁ ଢଳି ରହୁଥିବାରୁ ଧ୍ରୁବତାର ବା ଆଦିମାତାଙ୍କର ଉଦ୍ଭବ ଦିଗ ବୋଲି ବିବେଚନା କରି ଘରର ଦ୍ୱାର ଉତ୍ତର ଦିଗକୁ କରିଥାଆନ୍ତି । କୋହ୍ଲ ସମାଜ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ପୁରୁଷ ଭାବେ ଗ୍ରହଣ କରନ୍ତି । ତେଣୁ ସେମାନଙ୍କ ଘର ଉପର ଦେଇ ସୂର୍ଯ୍ୟ ଗମନ କଲେ  ସେମାନେ ସୂର୍ଯ୍ୟଦେବଙ୍କର ଆର୍ଶୀବାଦ ପ୍ରାପ୍ତ ହୁଅନ୍ତି ବୋଲି ବିଶ୍ୱାସ କରିଥାଆନ୍ତି । ପୁଣି ଗୃହ ମଧ୍ୟରେ ଉତ୍ତର ଦିଗକୁ ମୁଣ୍ଡ ରଖି ଶୟନ କରନ୍ତି । କାରଣ ପୃଥିବୀ ୬୬$\frac{1^\circ}{2}$ ଉପରକୁ ଢଳି ରହୁଥିବାରୁ ପୃଥିବୀର ଉପର ଅଂଶ ଉତ୍ତର ମେରୁ ଆକାରରେ ଉପରେ ରହେ ଏବଂ ଦକ୍ଷିଣ ମେରୁ ନିମ୍ନରେ ରହେ । ଯେଉଁଭଳି ସାଧାରଣ ଲୋକ ଶୋଇବା ବେଳେ ମୁଣ୍ଡକୁ ଉଚ୍ଚ ସ୍ଥାନ ବା ତକିଆରେ ରଖି ଶୋଇଥାଆନ୍ତି ।

## ଗୃହସଂଲଗ୍ନ ପନିପରିବା ବଗିଚା:

ସାଧାରଣତଃ ହୋ/କୋହ୍ଲୁ ସମାଜ ଚାଷପ୍ରିୟ ଏବଂ ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାଆନ୍ତି । ତେଣୁ ଚାଷ ଜମିରେ ବିଭିନ୍ନ ପ୍ରକାର କୃଷି ଉତ୍ପାଦନ ବ୍ୟତୀତ ଏମାନେ ନିଜ ନିଜର ଗୃହ ସଂଲଗ୍ନ ବାଡ଼ିବଗିଚାରେ ମଧ୍ୟ ଦରକାରୀ ଉପଯୋଗୀ ବିଭିନ୍ନ ପ୍ରକାର ଚାଷ କରୁଥିବାର ଦେଖାଯାଇଥାଏ । ସେ ମଧ୍ୟରୁ କୋଳଥ, ବିରି, ହଳଦୀ, ବାଇଗଣ, କଖାରୁ, ଲାଉ, ସିମ୍ବ, କୁନ୍ଦୁରୀ, କଦଳୀ, ପପୟା, ମସୁର, ଖେସାରୀ ଇତ୍ୟାଦି ସହ ସକ୍ଷମ ବା ସ୍ଥାନ ଅନୁସାରେ ଯାବତୀୟ ପନିପରିବା ଏମାନେ ଗୃହ ସଂଲଗ୍ନ ବାଡ଼ିବଗିଚାରେ କରିଥାଆନ୍ତି । ଏହିପ୍ରକାର ଚାଷ ମନୋବୃତ୍ତି କୋହ୍ଲୁମାନଙ୍କର ପ୍ରାଚୀନ ଏବଂ ନବୀନ ମଧ୍ୟ ।

## ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କର ବସତି:

ହୋ/କୋହ୍ଲୁ ବସତିର ବିଶେଷତ୍ୱ ହେଉଛି ହୋ/କୋହ୍ଲୁ ସଂପ୍ରଦାୟର ସମସ୍ତେ ବୃତ୍ତିରେ ଚାଷୀ ହୋଇଥିବାରୁ ପୂର୍ଣ୍ଣାଙ୍ଗ ଜୀବନଯାପନ ପାଇଁ ସେମାନେ ତାଙ୍କ ପାଖରେ ସହାୟକ ଗୋଷ୍ଠୀ / ସଂପ୍ରଦାୟମାନଙ୍କୁ ରଖିଥାଆନ୍ତି । ବସତି ସ୍ଥାପନ ପୂର୍ବରୁ ଭବିଷ୍ୟତ ସୁବିଧା ପାଇଁ ସେମାନେ ନିଜସ୍ୱ ବସତିରେ କମାର, ଗୋପାଳ, ବୁଣାକାର, କୁମ୍ଭକାର ଏବଂ ଡ଼ୋମ୍ବ ଗୋଷ୍ଠୀର ଗୋଟିଏ ଲେଖାଏଁ ପରିବାରକୁ ଆଣି ରଖିବାର ବନ୍ଦୋବସ୍ତ କରିଥାଆନ୍ତି । ଏତଦ୍‌ଭିନ୍ନ ୩୨ ଗୋଟି ଆଦିବାସୀ ସଂପ୍ରଦାୟକୁ ଏମାନେ ଆପଣାର ବୋଲି ମଣୁଥିବାରୁ ସେହିପରି ଗୋଷ୍ଠୀଙ୍କ ବସତି ନିକଟବର୍ତ୍ତୀ ଅଞ୍ଚଳରେ ବସତି ସ୍ଥାପନ କରିନ୍ତି ବା ସେମାନଙ୍କୁ ନିଜ ବସତି ପାଖାପାଖି ରହିବାର ସୁଯୋଗ ଦେଇଥାଆନ୍ତି । ସେହି ୩୨ ଗୋଟି ସଂପ୍ରଦାୟ ହେଲେ – ସାନ୍ତାଳ, ଭୂମିଜ, ବାଥୁଡ଼ି, କୁମ୍ଭାର, କମାର, ବୁଣାକାର, ଗୋପାଳ, ଡ଼ୋମ, ମାହାଲି, ହାଡ଼ି, ତେଲି, ରଜକ,ବାରିକ,ବଣିଆ, ମାଙ୍କିଡ଼ିଆ, ଲୋଧା,ସଉରା, ଓରାଂ, କନ୍ଧ, ମହାନ୍ତ, ସାଉଁତି, ଖଣ୍ଡ, ବଗତା,ଭୂମିଆ, ଭୁଁଜିଆ, ଦେଶୁଆ ଭୂୟାଁ, ଧାରୁଆ, କୋୟା କାରୁଆ ମୁଣ୍ଡାରୀ ଖେରଆ୍ୱାର୍ ଓ କୋହ୍ଲୁ । ଏହି ପ୍ରସଙ୍ଗ କୋହ୍ଲୁ ମାନଙ୍କରେ ମାରାଂବଙ୍ଗା ଶୋକ୍ଲରେ ଉଲ୍ଲେଖଥିବା ଜଣାଯାଏ । ଏଠାରେ ପ୍ରକାଶ ଥାଉ କି ବୈଦିକ ଯୁଗରେ ସମାଜକୁ ଚାରିଭାଗରେ କର୍ମଭିତ୍ତିକ ବିଭାଜନ କରାଯାଇଥିବାର ଯାହା ଉଲ୍ଲେଖ ରହିଛି ତାହା ଠିକ୍ ନୁହେଁ ବୋଲି କୋହ୍ଲୁ ସାମ୍ଭଖ୍ୟର ମତ । କାରଣ ତାଙ୍କର ମାରାଂବଙ୍ଗା ଶ୍ଳୋକ୍ ସ୍ପଷ୍ଟ କରିଦେଇ ଥାଏ ଯେ ଆର୍ଯ୍ୟ ସଂପ୍ରଦାୟ ତିନି ଭାଗରେ ବିଭକ୍ତ (ପ୍ରଶାସକ) ଓ ବୈଶ (ବେପାରୀ) ଏବଂ

ଉପରୋକ୍ତ ୩୨ ଗୋଟି ଆଦିବାସୀ ସଂପ୍ରଦାୟ ସମସ୍ତେ ଶୁଦ୍ର ଶ୍ରେଣୀର । ତେଣୁ କୋହ୍ଲୁ ବସତି ଅଞ୍ଚଳରେ ପ୍ରାୟତଃ ଏହି ୩୨ ପ୍ରକାରର ପ୍ରଜାତିକ ଗୋଷ୍ଠୀ ଅଳ୍ପ ବହୁତେ ବସବାସ କରୁଥିବାର ଦେଖାଯାଏ ଅବଶ୍ୟ ଏବେ କେତେକ ଅଣଆଦିବାସୀ (ଦିକୁ) ପରିବାର କୋହ୍ଲୁ ବସତି ସମୀପବର୍ତ୍ତୀ ଅଞ୍ଚଳରେ ବସତି ସ୍ଥାପନ କଲେଣି । କୋହ୍ଲୁ ବସତି ଠାରୁ ଏମାନଙ୍କର ଦୂରତା ଅତି କମ୍‌ରେ ଏକ କିଲୋମିଟର ପର୍ଯ୍ୟନ୍ତ ହୋଇଥାଏ । କିନ୍ତୁ ଆଦିବାସୀ ପ୍ରଜାତିକ ଗୋଷ୍ଠୀଙ୍କ ବସତି ଖୁବ୍ ନିକଟବର୍ତ୍ତୀ ହେଲେ ମଧ୍ୟ କୋହ୍ଲୁମାନଙ୍କର କୌଣସି ଆପତ୍ତି ନଥାଏ ।

## ବସତିର ବାସ୍ତୁବିଦ୍ୟା ନକ୍ସା:

ବାସ୍ତୁବିଦ୍ୟା ଭିତ୍ତିକ କୋହ୍ଲୁବସତି ହୁଏ ନାହିଁ କାରଣ ଏମାନଙ୍କର ବସତିରେ ଘରଗୁଡ଼ିକ ପ୍ରାୟତଃ ଗୋଟି ଗୋଟିକିଆ ହୋଇଥାଏ । ଦେଓ୍ୱାଁ ଅଞ୍ଚଳ ନିର୍ଦ୍ଧାରଣ କରିଦେଲେ ସଭିଏଁ ଇଚ୍ଛା ମୁତାବକ ଗୃହ ନିର୍ମାଣ କରନ୍ତି । ତେବେ ଜଙ୍ଗଲ ମଧ୍ୟରେ କିଛି ଘର ପାଖାପାଖି ରହିଥିଲେ ହେଁ ଅନେକ ଗୃହ ନିର୍ମାଣରେ ଦୂରତା ରକ୍ଷା କରନ୍ତି । ହୁଏତ ବାଡ଼ିବଗିଚାରେ ଚାଷ ପାଇଁ ଏହି ପଦ୍ଧତି ଅନୁସୃତ ହୋଇଥାଇପାରେ । ସେମାନଙ୍କର ଚାଷ ଜମିଗୁଡ଼ିକ ମଧ୍ୟ ବସତି ଭିତରେ କିମ୍ବା ବସତିର୍ ସମୀବର୍ତ୍ତୀ ଅଞ୍ଚଳରେ ଥାଏ । ଜଙ୍ଗଲ କାଟି ସମତଳ ଭୂମିକୁ ଏମାନେ ଚାଷପୋଯୋଗୀ କରନ୍ତି କିମ୍ବା ପାହାଡ଼ ତଳ ଢ଼ାଲୁ ଜମି ଚାଷ ପାଇଁ ବ୍ୟବହୃତ ହୁଏ । ବସତିର ପ୍ରାୟ ସମସ୍ତେ ଗୃହ ସଂଲଗ୍ନ ଜମିରେ ପନିପରିବା ଓ ଶସ୍ୟ ଜାତୀୟ ଫସଲ ଉତ୍ପାଦନ କରିଥାଆନ୍ତି । ଗ୍ରାମର ଏକ ପାର୍ଶ୍ୱରେ କୋହ୍ଲୁମାନଙ୍କର ଜାୟାର ଠାକୁରାଣୀଙ୍କ ଆସ୍ଥାନ ରହେ । ଭିନ୍ନ ଭିନ୍ନ ପ୍ରକାରର ବୃକ୍ଷର ସମାହାର ଏଠାରେ ହୋଇଥିଲେ ହେଁ ଜାୟାରାରେ ଶାଳବୃକ୍ଷ ରହିଥିବା ଅତ୍ୟାବଶ୍ୟକ । ନିକଟରେ ନଦୀ-ଝରଣା ଆଦି ଥାଏ । ଏବେ କୋହ୍ଲୁ ବସତିଗୁଡ଼ିକରେ କୂପ, ପୋଖରୀ, ଗଡ଼ିଆ କିମ୍ବା ଟ୍ୟୁବ୍‌ଏଲ ଥିବାର ମଧ୍ୟ ଦେଖାଯାଉଛି ।

ହୋ/କୋହ୍ଲୁ ସଂପ୍ରଦାୟର ପାରମ୍ପରିକ ଗୃହଗୁଡ଼ିକରେ ପ୍ରାୟତଃ ଝରକା ନଥାଏ । ଏବେ କାଁ ଭାଁ ଝରକା କରୁଥିବା ଦେଖାଯାଏ ଘରେଘରେ ଢ଼ିଙ୍କି ରହେ । ଗୁହାଳ (ଗୋରୁ, ଗାଈ, ଛେଳି, ମେଣ୍ଢା, ମଇଁଷି, ଘୁଷୁରୀ, କୁକୁଡ଼ା) ଘରର ପଶ୍ଚିମ ଦିଗରେ ହେବା ଜରୁରୀ,ରୋଷେଇ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ/କୋଠରୀ (ଆଦିଂ) ଘରର ପୂର୍ବକୋଣରେ ରହିବା ବିଧି । ସେଠାରେ ଈଶାଣ ପୂଜା କରାଯାଏ । ସର୍ବସାଧାରଣଙ୍କ ପ୍ରବେଶ ନିଷେଧ । ଏହାଦ୍ୱାରା ପରିବାର ସୁଖ, ଶାନ୍ତି ତଥା ସୁସ୍ଥରେ ରହିପାରେ ।

ଘରର ମଧ୍ୟଭାଗରେ ଭାଡ଼ି (ତାନ୍ତରା) କରାଯାଏ । ଏହା ଉପରେ ଧାନ, ବିରି, କୋଳଥ ଆଦି ସମସ୍ତ ପ୍ରକାର ଉତ୍ପାଦିତ ଶସ୍ୟ ପୁଟୁଳି ବାନ୍ଧି ରଖାଯାଏ । ଘରର ମଧ୍ୟଭାଗରେ ଭାଡ଼ି କଲେ ଚୋର ତଥା ଅପଶକ୍ତିଙ୍କ କବଳରୁ ଶସ୍ୟକୁ ସୁରକ୍ଷିତ ରଖାଯାଇପାରେ ବୋଲି କୋହ୍ଲଙ୍କର ବିଶ୍ୱାସ ।

## ଗ୍ରାମ ମଧ୍ୟରେ ଥିବା ଯୁବ ଶୟନାଗାର:

ହୋ/କୋହ୍ଲ ସଂପ୍ରଦାୟରେ ଯୁବ ଶୟନାଗାର ପ୍ରଥା ପ୍ରଚଳିତ ନାହିଁ । ଆଦିକାଳରୁ ଏମାନେ ତୁଳନାତ୍ମକ ଭାବରେ ବେଶ୍ ସାମାଜିକ । ଏମାନଙ୍କର ଚଳଣି, ବାସଗୃହ ମଧ୍ୟ ଉନ୍ନତ । ତେଣୁ ଯୁବାବସ୍ଥାରେ କୋହ୍ଲ ଯୁବକଯୁବତୀ ସପରିବାରରେ ଏକତ୍ର ରହନ୍ତି ।

## ଗୋଷ୍ଠୀଗୃହ:

ହୋ/କୋହ୍ଲ ସଂପ୍ରଦାୟର କେତେକ ବସତିରେ ଗ୍ରାମସଭା ବୈଠକ ପରିଚାଳନା ନିମନ୍ତେ ଗ୍ରାମମୁଖ୍ୟ ମୁଣ୍ଡାଙ୍କ ଗୃହ ପରିସର ବା ନିକଟରେ ଏକ ସଭାଗୃହ /ଗୋଷ୍ଠୀ ଗୃହ ରହିଥାଏ । ଏହି ଗୃହଗୁଡ଼ିକ ଏକ କୋଠରୀ ବିଶିଷ୍ଟ ଆନୁମାନିକ ଦୈର୍ଘ୍ୟ ୫୦ ଫୁଟ୍, ପ୍ରସ୍ଥ $17\frac{1}{2}$ ଫୁଟ୍ ହୋଇଥାଏ ଏବଂ ବାରଣ୍ଡା ଥାଏ । ବାରଣ୍ଡାରେ ଗ୍ରାମସଭାରେ ସଭ୍ୟଭୁକ୍ତ ହୋଇନଥିବା ଓ ଅଭିଯୁକ୍ତ ଏବଂ ଅଭିଯୋଗକାରୀ ମାନେ ତଳେ ବସିଥାଆନ୍ତି । ସଭାଗୃହର ଏକ ପାର୍ଶ୍ୱରେ ସମାନ୍ୟ ଉଚ୍ଚ ରଖାଯାଇଥାଏ । ସେଠାରେ ଗୋଟିଏ ଖଟ ପଡ଼େ । ସେହି ଖଟ ଉପରେ ବସି ସଭାପତି ମୁଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥାଆନ୍ତି । ସଭାର ଅନ୍ୟ ସଦସ୍ୟମାନେ ମୁଣ୍ଡାଙ୍କର ସମ୍ମୁଖ ଭାଗରେ ଏକ ପଟିଆ ପକାଇ ବସନ୍ତି । ଏହି ଗୃହଟି ସଭାକାର୍ଯ୍ୟ ପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ ।

## ଯାଦୁ-ଧର୍ମୀୟ ଗୃହ:

ଦେଓ୍ୱାଁଙ୍କ ବାସଭବନରେ ଯାଦୁଧର୍ମୀୟ ପୂଜାପାଠ ଅନୁଷ୍ଠିତ ହୁଏ । କିନ୍ତୁ ସମଗ୍ର ହୋ/କୋହ୍ଲ ସଂପ୍ରଦାୟ ନିମନ୍ତେ ଝିଙ୍କପାନି ଠାରେ ଏକ ସ୍ୱତନ୍ତ୍ର ଯାଦୁଧର୍ମୀୟ ଗୃହ ରହିଥିବାର ଜଣାଯାଏ ।

## ଭୋଜି କେନ୍ଦ୍ର:

ହୋ/କୋହ୍ଲମାନଙ୍କର ଭୋଜିଭାତ ପାଇଁ ସ୍ୱତନ୍ତ୍ର ଭାବରେ କୌଣସି ଭୋଜି କେନ୍ଦ୍ର ବା ସ୍ଥଳୀ ନଥାଏ । ଭୋଜିର ଆବଶ୍ୟକତା ପଡ଼ିଲେ ସେମାନେ ଗ୍ରାମର ସାଧାରଣ ଖୋଲା ସ୍ଥାନ / ପଡ଼ିଆ (ବସିବା ଉପଯୋଗୀ) ମାନଙ୍କରେ ଆୟୋଜନ କରିଥାଆନ୍ତି ।

## ଅବସର ବିନୋଦନ କେନ୍ଦ୍ର:

କର୍ମମୟ ଜୀବନରେ ମନକୁ ଟିକିଏ ଉଲ୍ଲାସ ଓ ପ୍ରଫୁଲ୍ଲତା ଦେବା ପାଇଁ ଅବସର ବିନୋଦନର ଆବଶ୍ୟକତା ପଡ଼ିଥାଏ । କୋହ୍ଲସମାଜ ବେଶ୍ କଳାପ୍ରିୟ ଓ ଆଡ଼ମ୍ବରୀ । ତେଣୁ ସମସ୍ତ ପୂଜାପର୍ବାଣି ଆଦିରେ ଦେବାଦେବୀଙ୍କର ପୂଜା ଅର୍ଚ୍ଚନା ସହିତ ସେମାନଙ୍କର ଗୁଣଗାନ କ୍ରମରେ ନାଚଗୀତ ଅନୁଷ୍ଠିତ ହୁଏ । ଏହାର ଦ୍ୱିତୀୟ ଦିବସକୁ ଚିତ୍ତବିନୋଦନ ଦିବସ ହିସାବରେ ଗ୍ରହଣ କରି ଗ୍ରାମର ମଧ୍ୟ ଭାଗ କୌଣସି ଖୋଲା ସ୍ଥାନରେ କିମ୍ବା ଦିଉରୀଙ୍କର ଗୃହ ପ୍ରାଙ୍ଗଣରେ ଥିବା ନାଟ୍ୟସ୍ଥଳ ବା ଆକ୍ଳାରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । କୋହ୍ଲ ଯୁବକ ଯୁବତୀମାନଙ୍କ ମଧ୍ୟରେ ମଧ୍ୟ ସେଠାରେ ପ୍ରେମ ସଂପର୍କ ଗଢ଼ି ଉଠେ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବିବାହ ବନ୍ଧନରେ ରୂପାୟିତ ହୁଏ ।

## ସ୍ଥଳୀ :

ଗ୍ରାମସଭା ଗ୍ରାମ ମୁଖ୍ୟ ମୁଣ୍ଡାଙ୍କ ଗୃହ ପରିସରରେ ଥିବା ବସିବା ଉପଯୋଗୀ ଖୋଲା ସ୍ଥାନ କିମ୍ବା ମୁଣ୍ଡାଙ୍କ ଗୃହରେ ସେପରି ସ୍ୱତନ୍ତ୍ର କୋଠରୀ ଥିଲେ କିମ୍ବା ମୁଣ୍ଡାଙ୍କ ଗୃହ ପରିସର ସଂଲଗ୍ନ କୌଣସି ସ୍ୱତନ୍ତ୍ର ସଭାଗୃହ ନିର୍ମିତ ହୋଇଥିଲେ ସଭାକାର୍ଯ୍ୟ ସେପରି ସ୍ଥାନମାନଙ୍କରେ ପରିଚାଳିତ ହୋଇଥାଏ । ଗ୍ରାମର ମୁଖ୍ୟମାନଙ୍କରେ ପରିଚାଳିତ ହୋଇଥାଏ । ଗ୍ରାମର ମୁଖ୍ୟ ତଥା ଗ୍ରାମସଭାର ସଭାପତି ମୁଣ୍ଡା ଥିବାରୁ ତାଙ୍କ ଗୃହ ସଂଲଗ୍ନ ସ୍ଥାନମାନ ଗ୍ରାମସଭାର ବୈଠକ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଇଥାଏ । ଗ୍ରାମର ସବୁପ୍ରକାର ସୁବିଧା-ଅସୁବିଧା, ହାନି-ଲାଭ ସମସ୍ୟା-ସମାଧାନ ସବୁ ବିଷୟରେ ଗ୍ରାମସଭାରେ ଆଲୋଚନା କରାଯାଇ ପାରେ ।

## ଗ୍ରାମ ମଧ୍ୟରେ ଥିବା ବିଭିନ୍ନ ପାନୀୟ ଜଳର ଉତ୍ସ:

କୋହ୍ଲମାନେ ଆଗରୁ ପାନୀୟ ଜଳ ଭାବରେ ନଦୀ, ଝରଣା କିମ୍ବା ଚୁଆର ଜଳକୁ ବ୍ୟବହାର କରୁଥିଲେ । ଏବେ କିନ୍ତୁ କୂଅ, ପୋଖରୀ, ଖଡ଼ିଆ ଓ ସରକାରୀ ନଳକୂପ ଆଦି ରହି ଜଳର ଉତ୍ସ ସଂଖ୍ୟା ବଢ଼ିଯାଇଛି । ତେବେ କୋହ୍ଲମାନେ ମୁଖ୍ୟତଃ କୂଅ ଏବଂ ନଳକୂପ ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରୁଛନ୍ତି ।

## ଗ୍ରାମକୁ ଆସିଥିବା ମୁଖ୍ୟରାସ୍ତା, ପାଦଚଲା ରାସ୍ତା ଓ ଗଳିରାସ୍ତା:

ସାଧାଣତଃ କୋହ୍ଲ ବସତିଗୁଡ଼ିକ ମୁଖ୍ୟରାସ୍ତା ଠାରୁ ଦୂରରେ ଗଢ଼ି ଉଠିଥାଏ । ମୁଖ୍ୟରାସ୍ତାରୁ ଗ୍ରାମକୁ ପାଦଚଲା ରାସ୍ତା ବା ଗଳିରାସ୍ତା ଦେଇ ଯିବାକୁ ହୁଏ । କେତେକ

ସ୍ଥାନରେ ରାସ୍ତା ନଥାଏ, ଲୋକେ ଚାଷ ଜମିର ହିଡ଼ ଉପର ଦେଇ ଯିବା ଆସିବା କରନ୍ତି କିମ୍ବା ଜାଙ୍ଗଲିକ ଗଛଲତା ଏଡ଼ାଇ ଗ୍ରାମ ମଧ୍ୟରେ ପ୍ରବେଶ କରନ୍ତି, ଖାଲ, ଢିପ- ପଥୁରିଆ ପଥ ଦେଇ । ଗ୍ରାମଠାରୁ ମୁଖ୍ୟରାସ୍ତାର ଦୂରତ୍ୱ ୫-୧୦ କିଲୋମିଟର କିମ୍ବା ତଦୂର୍ଦ୍ଧ ହୋଇଥାଏ । ହୋ/କୋହ୍ଲ ମାନଙ୍କର ବିଶ୍ୱାସ ଯେ ମୁଖ୍ୟରାସ୍ତାଠାରୁ ଦୂରରେ ବସବାସ କଲେ ଚୋର ଡ଼କାୟତ ତଥା ଦିକୁଙ୍କ କବଳରୁ ସୁରକ୍ଷା ମିଳିବ । ଗ୍ରାମରୁ ଜଙ୍ଗଲ, ପାହାଡ଼କୁ ପ୍ରାୟତଃ ଗଳି, କଣ୍ଟାଝଟା ରାସ୍ତାରେ ଯିବାକୁ ହୁଏ । ନଦୀ ଓ ଝରଣାକୁ ଯିବାକୁ ହେଲେ ଚଲାରାସ୍ତା ବା ହିଡ଼ରାସ୍ତାର ଆବଶ୍ୟକତା ପଡ଼େ ।

## ଅନ୍ୟାନ୍ୟ ଆକର୍ଷଣୀୟ ସ୍ଥଳୀ:

ସାଧାରଣତଃ କୋହ୍ଲ ବସତିର ଚତୁଃପାର୍ଶ୍ୱ ଜଙ୍ଗଲମୟ । ଯାବତୀୟ ବଣୁଆ ଗଛର (ମୂଲ୍ୟବାନ, ଅନାବାନ, ଔଷଧୀୟ ବୃକ୍ଷ ଓ ଗୁଳ୍ମ) ପରିବେଶ ଭରି ରହିଥାଏ । ବସତିର ଭିତରେ ଓ ବାହାରେ କୋହ୍ଲମାନଙ୍କର ଚାଷଜମି । ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଫସଲ ଉତ୍ପାଦନ କରି ଏମାନେ ଆନନ୍ଦରେ କାଳାତିପାତ କରିବାକୁ ଆଗ୍ରହ ପ୍ରକାଶ କରନ୍ତି ।

## ଗ୍ରାମ ବହାରେ ଥିବା ପୀଠ/ସ୍ଥଳୀ, ଗ୍ରାମକୁ ଲାଗିଥିବା ପାହାଡ଼ ପର୍ବତ :

ମୟୂରଭଂଜ ଜିଲ୍ଲାର ହୋ/କୋହ୍ଲ ବସତି ଥିବା ଗ୍ରାମଗୁଡ଼ିକର ବାହାର ଆକୃତି ସାଧାରଣତଃ ଜଙ୍ଗଲ ଓ ପାହାଡ଼ରେ ଭରା । କୋହ୍ଲ ସଂପ୍ରଦାୟ ମୟୂରଭଂଜର ପ୍ରଖ୍ୟାତ ଶିମିଳିପାଳ ପର୍ବତ ଚତୁଃପାର୍ଶ୍ୱରେ ବସତି ସ୍ଥାପନ କରିଥିବାର ଦେଖାଯାଇଥାଏ । ସ୍ଥାନ ବିଶେଷ ତଥା ଆକାର ବିଶେଷରେ ଏହି ଶିମିଳିପାଳ ପର୍ବତ ଭିନ୍ନ ଭିନ୍ନ ପାହାଡ଼ର ନାମ ଧାରଣ କରିଥିଲେ ହେଁ ମୂଳତଃ ପ୍ରତ୍ୟେକେ ଶିମିଳିପାଳର ଅଂଶବିଶେଷ । ତେଣୁ ଶିମିଳିପାଳ ପର୍ବତର ଗତି ବା ସ୍ଥିତି ଅନୁଯାୟୀ ବିଭିନ୍ନ ସ୍ଥାନରେ ଏହାର ପାଦଦେଶ କିମ୍ବା ସମୀପବର୍ତ୍ତୀ ଅଞ୍ଚଳରେ କୋହ୍ଲ ବସତି ମାନ ଦୃଷ୍ଟିଗୋଚର ହୁଏ । ପୁଣି ଏମାନଙ୍କର ବସତି ଭିତରେ ଜଙ୍ଗଲ ଓ ବାହାରେ ମଧ୍ୟ ଜଙ୍ଗଲ । ସର୍ବତ୍ର ସବୁଜିମାମୟ ।

## ଗ୍ରାମ ବାହାରେ ଥିବା ବିଭିନ୍ନ ପାନୀୟ ଜଳର ଉତ୍ସ :

ଆଗରୁ ପାନୀୟ ଜଳ ଭାବରେ କୋହ୍ଲ ନଦୀ ଓ ଝରଣାର ଜଳ ବ୍ୟବହାର କରୁଥିଲେ ତେଣୁ ବସତିରୁ ସେମାନଙ୍କୁ କିଛି ଦୂର ଯିବାକୁ ହେଉଥିଲା । ଏବେ କିନ୍ତୁ ବସତି ଭିତରେ କୂପ ଓ ସରକାରୀ ନଳକୂପ ଜଳକୁ ପାନୀୟ ରୂପେ ବ୍ୟବହାର କରୁଛନ୍ତି । ତଥାପି ନଦୀକୁ ଗାଧୋଇବାକୁ ଗଲେ ଚୁଆ ଜଳ ମଧ୍ୟ ପିଇବା ନିମିତ୍ତ ଆଣୁଥିବାର ଦେଖାଯାଉଛି ।

ପାହାଡ଼ର ପାର୍ଶ୍ୱଦେଶରେ କୋହ୍ଲ ବସତିଗୁଡ଼ିକ ରହିଥିବାରୁ ଝରଣା ସେମାନଙ୍କର ନିକଟତର । ଆଗରୁ ଝରଣାର ଜଳ ବିଶେଷ ଭାବରେ ବ୍ୟବହୃତ ହେଉଥିବା ସ୍ଥଳେ ଏବେ ଗ୍ରାମରେ କୂଅ, ପୋଖରୀ, ଖଡ଼ିଆ, ଟ୍ୟୁଏଲ ଆଦି ଥିବାରୁ ଝରଣା ଜଳ ବ୍ୟବହାର କରିବାର ଆବଶ୍ୟକତା ପଡୁନାହିଁ । ତେବେ ନଦୀ, ନାଳ ଓ ଝରଣାର ଜଳକୁ ଏବେ କୋହ୍ଲମାନେ କୃଷିକ୍ଷେତର ସେଚନ ରୂପେ ବ୍ୟବହାର କରୁଥିବାର ଦେଖାଯାଇଥାଏ । ଏତଦ୍‌ଭିନ୍ନ ଆଗରୁ ଗାଧେଇବା କିମ୍ବା ବାସନକୁସନ, ଲୁଗାପଟା ଆଦି ଧୋଇବା ସକାସେ ସେମାନେ ନଦୀ ଓ ଝରଣାର ଜଳକୁ ବ୍ୟବହାର କରୁଥିବା ବେଳେ ଏବେକୁ ନଦୀ, ପୋଖରୀ, ଗଡ଼ିଆ ଆଦିର ଜଳ ବ୍ୟବହୃତ ହୋଇଥାଏ । ହାତପାଆନ୍ତାରେ ସେମାନଙ୍କର ଜଳର ଉତ୍ସ ଭରରହିଛି । ତେବେ ଖରାଦିନେ ଝରଣା କିମ୍ବା ନଦୀକୁ ମଧ୍ୟ ଜଳ ପାଇଁ ଯାଇଥାଆନ୍ତି । ଗୃହପାଳିତ ପଶୁଗୋରୁ ଗାଈ, ମଇଁଷି ଆଦିଙ୍କୁ ନଦୀ କିମ୍ବା ଝରଣା ଜଳରେ ସ୍ନାନ କରାନ୍ତି ।

## ପୂଜାସ୍ଥଳୀ :

ହୋ/କୋହ୍ଲ ସଂପ୍ରଦାୟର ପୂଜାସ୍ଥଳୀ ଭିନ୍ନ ଭିନ୍ନ ଦେବାଦେବୀଙ୍କ ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ଥାଏ । ଯେପରି ମାରାଂବଙ୍ଗା ଓ ଦେଶାଉଲୀଙ୍କୁ ଗୋଟିଏ ସ୍ଥାନରେ ପୂଜା କରାଯାଇପାରେ ନାହିଁ । ପାରମ୍ପରିକ ପୂଜାପର୍ବରେ ଦିଉରୀ ଭିନ୍ନ ଭିନ୍ନ ସ୍ଥାନରେ ପୂଜା କରୁଥିବା ବେଳେ ଗୃହକର୍ତ୍ତା ମଧ୍ୟ ବ୍ୟକ୍ତିଗତ ଭାବରେ ଘର ଭିତରେ (ଈଶାଣ) ଓ ଘର ବାହାରେ ପୂଜା କରିଥାଆନ୍ତି । ପ୍ରତ୍ୟେକ ଗ୍ରାମରେ ଜାୟାରା ଗୋଟିଏ ଲେଖାଏଁ ଥାଏ ଏବଂ ସେଗୁଡ଼ିକ ଗ୍ରାମର ଯେ କୌଣସି ମୁଣ୍ଡରେ ଅବସ୍ଥିତ ରହେ । ସେଠାରେ ଜାୟାରା,ଦେଶାଉଲୀ, ଲୁକୁହାଡାମ୍, ଲୁକୁବୁଢ଼ି ଇତ୍ୟାଦି ଦେବଦେବୀଙ୍କୁ ପୂଜାଅର୍ଚ୍ଚନା କରାଯାଇଥାଏ ।

## ଦେବୀପୀଠ (Shrine):

ଦେବୀପୀଠକୁ ହୋ/କୋହ୍ଲମାନେ 'ଜାୟାରା' କହନ୍ତି । ଗ୍ରାମର ଯେ କୌଣସି ଦିଗରେ ଏକ ବନଖଣ୍ଡ ଅଞ୍ଚଳକୁ ଜାୟାର ପୀଠ ରୂପେ ରଖାଯାଇଥାଏ । ହୋ/କୋହ୍ଲ ସଂପ୍ରଦାୟର ଦେବୀପୀଠ ହେଉ ଅବା ବେଦୀ ପୀଠ ହେଉ, ସେହି ଗୋଟିଏ ସ୍ଥାନ ଜାୟାରା । 'ଜାୟାରା' କୋହ୍ଲମାନଙ୍କର ଦେବାଳୟ ସଦୃଶ ଏକ ପବିତ୍ର ପୀଠ । ସେଠାରେ ଜାୟାରା, ଦେଶାଉଲୀ, ଲୁକୁ ହାଡାମ୍, ଲୁକୁବୁଢ଼ି ଆଦି ଅନେକ ଠାକୁର ଠାକୁରାଣୀମାାନଙ୍କର ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୁଏ । ଜାୟାରରେ ବୃକ୍ଷାଦିର ବିନ୍ୟାସ

ବା ଛେଦନ ନିମିତ୍ତ କୌଣସି ବ୍ୟକ୍ତିଙ୍କୁ ଅନୁମତି ମିଳି ନଥାଏ । ହୋ/କୋହ୍ଲମାନଙ୍କର ପ୍ରତ୍ୟେକ ପର୍ବପର୍ବାଣୀ ଓ ପୂଜାପାଠରେ ଦିଉରୀ ଜାୟାରରେ ପୂଜା ଅର୍ଚ୍ଚନା କରିଥାଆନ୍ତି। ପୀଠଟି ଅନେକ ବନ-ବୃକ୍ଷର ସମାହାରରେ ମଣ୍ଡିତ ହୋଇଥାଏ । କିନ୍ତୁ ପାରମ୍ପରିକ ଦିଗରୁ ସେଠାରେ ଏକ ବା ଏକାଧିକ ଶାଳ ବୃକ୍ଷ ଥିବା ଅନର୍ବାର୍ଯ୍ୟ । ଅନ୍ୟାନ୍ୟ ଭୋଗ ସହିତ ସେଠାରେ ଠାକୁର ଠାକୁରାଣୀ / ଦେବାଦେବୀଙ୍କ ଉଦ୍ଦେଶ୍ୟରେ ପଶୁ-ପକ୍ଷୀ ବଳି ମଧ୍ୟ ଦିଆଯାଇଥାଏ । ଜାୟାରାର ଅଧିଷ୍ଠାତୀ ଦେବୀ ହେଉଛନ୍ତି ଜାୟାରା (ପାଳନକର୍ତ୍ତ୍ରୀ) ।

ଏତଦ୍‌ଭିନ୍ନ ଏଟଃ ତୁର୍ତ ପିଟିକା ଆକାଳା, ଝିଙ୍କ୍‌ପାନି ଠାରେ କୋହ୍ଲାନ୍ ନବବର୍ଷରେ ଥରେ ସେଠାକାର ସ୍ଥାୟୀ ବେଦୀରେ ସାଧାରଣ ବିବାହ ସଂପନ୍ନ କରାଯାଇଥାଏ । ଏହା ବ୍ୟତୀତ ଆୟୋଜିତ ବିବାହ ଗୁଡ଼ିକରେ ପ୍ରତ୍ୟେକ ବରକନ୍ୟାମାନଙ୍କ ପାଇଁ ବିବାହ ନିମନ୍ତେ ଅସ୍ଥାୟୀ ବେଦୀ ନିର୍ମିତ ହୁଏ । ବେଦୀଗୁଡ଼ିକ ବିବାହ ଦିବସର ଅବ୍ୟବହିତ ପୂର୍ବରୁ ଠିକ୍ ମଧ୍ୟରାତ୍ର ୧.୩୦ ମିନିଟ୍ ସମୟରେ ଶୁଭାରମ୍ଭ କରଯାଇଥାଏ । ଏହାକୁ ଦେଓ୍ୱାଁ ବା ଏଣ୍ (ବିବାହ ଯାଜ୍ଞାଦି ଶୁଭକର୍ମ ପାଇଁ ତାଲିମପ୍ରାପ୍ତ ପୂଜକ)ଙ୍କ ପରାମର୍ଶ କ୍ରମେ ନିର୍ମାଣ କରାଯାଏ । ଏହି ବେଦୀର ଦୈର୍ଘ୍ୟ ଏବଂ ପ୍ରସ୍ଥ ତିନିହାତ ତାଖଣ୍ଡେ ରହେ । ବେଦୀ ପୀଠରେ ଶାଳଗଜା ଚତୁଃକୋଣରେ ପୋତାଯାଇ ଗମ୍ବୁଜକୃତି କରାଯାଏ । ବେଦୀର ମୁହଁ ଦକ୍ଷିଣକୁ ହୁଏ ଏବଂ ପୂଜକ ବେଦୀର ଦକ୍ଷିଣ ପାର୍ଶ୍ୱରେ ବସି ଉତ୍ତରମୁହାଁ ହୋଇ ପୂଜା କରିଥାଆନ୍ତି ।

## ନୃତ୍ୟସ୍ଥଳୀ :

ହୋ/କୋହ୍ଲ ସମାଜରେ ପ୍ରତ୍ୟେକ ପୂଜାପାର୍ବଣରେ ଦେବାଦେବୀଙ୍କର ପୂଜା ସମାପ୍ତି ପରେ ସଂପୃକ୍ତ ଦେବାଦେବୀଙ୍କର ଗୁଣଗାନ କ୍ରମରେ ନାଚଗୀତର ଆସର ଅନୁଷ୍ଠିତ ହୋଇଥାଏ । ଏହା ଗ୍ରାମର ମଧ୍ୟଭାଗରେ ଥିବା କୌଣସି ଖୋଲା ସ୍ଥାନ ବା ଦିଉରୀଙ୍କ ଗୃହ ପାଙ୍ଗଣରେ ଆୟୋଜିତ ହୁଏ । ଗ୍ରାମର ସମସ୍ତ ଯୁବକ-ଯୁବତୀ, ପୁଅ-ଝିଅ ଏବଂ ମଧ୍ୟବୟସ୍କ ବ୍ୟକ୍ତି ମଧ୍ୟ ଏଥିରେ ଅଂଶ ଗ୍ରହଣ କରିଥାଆନ୍ତି ।

## ଶ୍ମଶାନ :

କୋହ୍ଲମାନଙ୍କର ମୃତ ସଂସ୍କାର ବା ଶବଦାହ ଶୈଳୀ ଅନ୍ୟ ସଂପ୍ରଦାୟଠାରୁ ଭିନ୍ନ ଓ ସ୍ୱତନ୍ତ୍ର ଏମାନଙ୍କର ପ୍ରାଚୀନ ନିୟମ ଅନୁଯାୟୀ ପୁରୁଷମାନଙ୍କୁ ପୋତାଯାଏ ଏବଂ ସ୍ତ୍ରୀ ଲୋକମାନଙ୍କୁ ପୋଡ଼ାଯାଇଥାଏ । ଏବେ କିନ୍ତୁ ଏହି ପ୍ରଭେଦ ନଥିବାର ପ୍ରାୟତଃ

ଦୃଷ୍ଟିଗୋଚର ହୁଏ । ତେବେ କୋହ୍ଲୁ ଶବସତ୍କାରର ଏକ ବିଶେଷତ୍ୱ ହେଉଛି ଯେ ବଂଶରେ ନିଜସ୍ୱ ଜମି ବା ସ୍ଥାନରେ ଗୋଟିଏ ଲେଖାଏଁ ଶ୍ମଶାନଘାଟ ଏମାନେ ରଖି ଥାଆନ୍ତି । ଅନ୍ୟମାନଙ୍କ ଭଳି ଯେ କୌଣସି ସ୍ଥାନରେ ବା ବାହାର ଶ୍ମଶାନରେ ଶବଦାହ କରନ୍ତି ନାହିଁ । ଶବ ପୋତିବା ପାଇଁ କେତେକ ନିୟମ ଅନୁସୃତ ହୋଇଥାଏ । ଶବ ପୋତିବା ପାଇଁ ଗାତଟି ଉତ୍ତର ଦକ୍ଷିଣ କରି ଖନନ କରାଯାଏ । ଶବକୁ ପୋତିବା ପୂର୍ବରୁ ହଳଦୀପାଣିରେ ଗାଧୋଇ ଦେଇ ସେ ମୃତ୍ୟୁବରଣ କରିଥିବା ଖଟିଆ ବୋହି ଗାତ ନିକଟକୁ ଆଣନ୍ତି । ସେଠାରେ ଖଟିଆର ଚତୁଃକୋଣରୁ କେବଳ ବଂଶର ସ୍ତ୍ରୀ ପୁରୁଷମାନେ ଧରି ଗାତ ଚାରିପାଖରେ ସାତଥର ଦକ୍ଷିଣରୁ ବାମ ଦିଗକୁ ବୁଲାଇ ଗର୍ତ୍ତ ମଧ୍ୟରେ ଓହ୍ଲାଇ ଦିଅନ୍ତି । ଗର୍ତ୍ତ ଭିତରେ ଶବକୁ ଶୁଆଇବା ନିମନ୍ତେ କାଠର ବାକ୍ସ ଭଳି କରାଯାଇ, ସେଥିରେ ମୃତବ୍ୟକ୍ତିର ବ୍ୟବହୃତ ଲୁଗାପଟା, ଗହଣା, ବାସନ ଇତ୍ୟାଦି ସହ ଶବର ମୁଣ୍ଡ ପାଖରେ ଗୋଟିଏ ମାଠିଆରେ ହାଣ୍ଡିଆ, ଓ କିଛି ମୁଦ୍ରା ରଖି, ଶବକୁ ସେଥିରେ ଶୁଆଇ ମାଟିରେ ପୋତି ଦେଇଥାଆନ୍ତି ପୋତିବା ବେଳେ ଶବର ମୁଣ୍ଡ ଦକ୍ଷିଣ ଦିଗକୁ ରହେ । ଦକ୍ଷିଣ ପାର୍ଶ୍ୱରେ ଗର୍ତ୍ତରୁ ଏକ ଛତା, ଛତାର ଅଗ୍ରଭାଗରେ ଧଳାସୂତା ମାଟି ଭିତରୁ ବାହାର କରାଯାଇଥାଏ । ମୁଣ୍ଡ ପାଖର ସ୍ଥଳଭାଗରେ ଏକ ନୂତନ ଧଳାବସ୍ତ୍ରର କଟା ଅଂଶ କୌଣସି ଡ଼ାଙ୍ଗ କିମ୍ବା ଡାଳରେ ବନ୍ଧା ଦିଆଯାଏ । ପ୍ରକାଶ ଥାଉକି ଶବ ସହିତ ପୋତା ଯାଇଥିବା ହୋ/କୋହ୍ଲୁ ସଂପ୍ରଦାୟର ମୁଦ୍ରା, ମାଠିଆ ଓ ବାସନ ଆଦି ପ୍ରାଚୀନ ସିନ୍ଧୁ ସଭ୍ୟତାର ଖନନରୁ ଉପଲବ୍ଧ । କୋହ୍ଲୁ ସଂପ୍ରଦାୟ ପୁନର୍ଜନ୍ମରେ ବିଶ୍ୱାସ କରିବା ସହିତ ମୃତ ବ୍ୟକ୍ତିର ଆତ୍ମା ତାଙ୍କର ବିପଦ-ଆପଦରେ ସହାୟକ ହେବ ବୋଲି ପୂର୍ବରୁ ବିଶ୍ୱାସ ରହି ଆସିଥିବାରୁ ଶବକୁ ନିଜ ନିଜ ଗୃହ ବାଡ଼ିରେ ହିଁ ପୋତିଥାଆନ୍ତି, ଯାହା ମିଶର ସଭ୍ୟତାର ପିରାମିଡ୍‌ରୁ ସ୍ପଷ୍ଟ ହୋଇଥାଏ ।

ଶବ ସତ୍କାରର ଅନ୍ୟ ଦିଗଟି ଶବଦାହ । ଏମାନେ ଆଗରୁ କେବଳ ସ୍ତ୍ରୀ ଲୋକଙ୍କୁ ହିଁ ଦାହ କରୁଥିଲେ । କୋହ୍ଲୁ ସଂପ୍ରଦାୟରେ ଶବଦାହ ପାଇଁ ସେହି ଗ୍ରାମର ଗ୍ରାମବାସୀଙ୍କ ଦ୍ୱାରା କାଷ୍ଠାଦି ଯୋଗାଡ଼ ହୁଏ । କାଠସବୁକୁ ଭାଡ଼ି ଭଳି ଆକୃତିରେ ରଖି ମଝିରେ ଶବକୁ ଶୁଆଇ ଦିଆଯାଏ । ଏଥିରେ ମଧ୍ୟ ଶବର ମୁଣ୍ଡ ଦକ୍ଷିଣ ଦିଗରେ ରହେ । ଶବ ଉପରେ ଆଉ କିଛି କାଠ ଲଦି ଦିଆଯାଏ । ଏହି ଶବଦାହ କାର୍ଯ୍ୟ ବଂଶର । ନିଜସ୍ୱ ବାଡ଼ିରେ ହିଁ ହୁଏ । ଶବ ପୋଡ଼ିବାର ଆଉ ଏକ ବିଶେଷତ୍ୱ ହେଉଛି, କୋହ୍ଲୁ ସଂପ୍ରଦାୟରେ ନିଜର ଆତ୍ମୀୟ କେହି ମୁଖାଗ୍ନି ଦିଅନ୍ତିନାହିଁ । ମୃତ ବ୍ୟକ୍ତିର ଭ୍ରାତା ହିଁ କେବଳ ମୁଖାଗ୍ନି ଦେବାର ଅଧିକାର ପାଇଥାଏ ।

## ଗୋଚର ଭୂମି :

ପ୍ରାଚୀନ କାଳରେ ଜନସଂଖ୍ୟାର ସ୍ୱଳ୍ପତା ଦୃଷ୍ଟିରୁ ଗୋଚର ଭୂମିର ଅଭାବ ଉପଲବ୍ଧ ହେଉନଥିଲା । ହୋ/କୋହ୍ଲ ବସତି ଗ୍ରାମଗୁଡ଼ିକର ଚତୁଃପାର୍ଶ୍ୱରେ ଥିଲା ପର୍ଯ୍ୟାପ୍ତ ପରିମାଣରେ ଗୋଚର ଭୂମି । ତେଣୁ ଗୋ- ମହିଷାଦି ଚାରଣ ନିମନ୍ତେ ପ୍ରଶସ୍ତ କ୍ଷେତ୍ର ଥିବାରୁ ଗୋଚର ଜମିର ସଂରକ୍ଷଣର ଆବଶ୍ୟକତା ଉପଲବ୍ଧ ହେଉନଥିଲା । ଏବେ କିନ୍ତୁ ଜନସଂଖ୍ୟାର ଅହେତୁକ ବିସ୍ଫୋରଣ ଯୋଗୁଁ ଗୋଚର ଭୂମିର ଆବଶ୍ୟକତା ଉପଲବ୍ଧି କରି ଗ୍ରାମବାସୀ ତଥା ସରକାରଙ୍କ ତରଫରୁ ଗୋଚରଭୂମିର ସଂରକ୍ଷଣ କରାଯାଉଛି ।

## ତଳିଆ ଜମି :

ତଳିଆ ଜମିକୁ ହୋ/କୋହ୍ଲମାନେ ସର୍ବଶ୍ରେଷ୍ଠ ଚାଷ ଜମି ରୂପେ ବିବେଚନା କରିଥାଆନ୍ତି, ଯାହାକୁ ବନ୍ଧ ଜମି କୁହାଯାଇଥାଏ । କୋହ୍ଲ ବସତି ନିକଟରେ ପ୍ରଚୁର ପରିମାଣରେ ତଳିଆ ଜମିଥାଏ । ଏହି ତଳିଆ ଜମିକୁ ଆଖି ଆଗରେ ରଖି ଚାଷପ୍ରିୟ ହୋ/କୋହ୍ଲମାନେ ବସତି ସ୍ଥାପନ କରିଥାଆନ୍ତି । ଏଥିରେ କେବଳ ସେମାନେ ଧାନ କିମ୍ବା ରବି ଫସଲ (ମସୁର,ଖେସାରୀ, ମୁଗ, ବିରି ଇତ୍ୟାଦି) ଚାଷ କରନ୍ତି ।

## ଢ଼ିପ ଜମି :

ଢ଼ିପଜମି ମଧ୍ୟ ହୋ/କୋହ୍ଲ ବସତି ଅଞ୍ଚଳର ନିକଟରେ ବା ଅନତିଦୂରରେ ଥାଏ । ଏଥିରେ ସେମାନେ ସହଳ କିସମ ଧାନ (ଡ଼ାହିଧାନ) ଚାଷ କରନ୍ତି । ଯହିଁର ଉତ୍ପାଦିତ ଧାନ ନୂଆଖିଆ ପର୍ବରେ ବ୍ୟବହୃତ ହୋଇଥାଏ । ତାହି ଧାନର ପରବର୍ତ୍ତୀ ଫସଲ ଭାବରେ ହୋ/କୋହ୍ଲମାନେ ସେଥିରେ କୋଳଥ, ରାଶି, ସୋରିଷ ଆଦି ପର୍ଯ୍ୟାୟ କ୍ରମେ ଚାଷ କରିଥାଆନ୍ତି ।

## ପୋଡୁଜମି :

ହୋ/କୋହ୍ଲ ବସତି ନିକଟରେ ଜଙ୍ଗଲ-ପାହାଡ଼ ଘେରି ରହିଥିବାରୁ ପୋଡୁ ଜମିର ଅଭାବ ପରିଲକ୍ଷିତ ହୁଏନାହିଁ । ଏଥିରେ ବୃକ୍ଷଗୁଳ୍ମାଦି ବିନ୍ୟାସ କରି କେତେକ ଅର୍ଥକାରୀ ଫସଲ ଆମଦାନୀ କରନ୍ତି । ଫଳରେ ଆର୍ଥିକ ଦିଗରୁ କୋହ୍ଲ ଲାଭବାନ ହୋଇପାରନ୍ତି । ଫସଲ ହିସାବରେ ଏଥିରେ ବାଇଗଣ, କଖାରୁ, ରାଶି, ଝୁଡୁଙ୍ଗ,ମକା, କପା ଇତ୍ୟାଦି ଚାଷ କରାଯାଇଥାଏ ।

## ଗ୍ରାମ ପାଚେରୀ:

ହୋ/କୋହ୍ଲ ବସତି ଗ୍ରାମଗୁଡ଼ିକରେ କୌଣସି ପାଚେରୀ ନିର୍ମିତ ହୋଇନଥାଏ । ପାହାଡ଼ର ପାଦଦେଶରେ ଥିବା ପାହାଡ଼-ପର୍ବତାଦି ପ୍ରାଚୀର ସଦୃଶ ପ୍ରତୀୟମାନ ହୁଏ ।

## ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା:

ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା ନିମିତ୍ତ ହୋ/କୋହ୍ଲ ସଂପ୍ରଦାୟରେ ଗ୍ରାମର ମୁଖ୍ୟ ପୂଜକ ଦିଉରୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେ କୌଣସି ଦୁଷ୍ଟ ଦେବଦେବୀଙ୍କ ପ୍ରକୋପରୁ ତଥା ସମସ୍ତ ରୋଗବ୍ୟାଧିରୁ ଗ୍ରାମକୁ ରକ୍ଷା କରିବା ପାଇଁ ପୂଜା ଅର୍ଚ୍ଚନା କରିଥାଆନ୍ତି । କୋହ୍ଲ ସମାଜରେ ଦେବାଦେବୀ ହେଉଛନ୍ତି ହର୍ତ୍ତା-କର୍ତ୍ତା, ସର୍ବ ନିୟନ୍ତା । ତେଣୁ ସେମାନେ ସନ୍ତୁଷ୍ଟ ହେଲେ ଗ୍ରାମର ସୁରକ୍ଷା ବ୍ୟବସ୍ଥା ଅତୁଟ ରହେ ।

## ବସତି ତତ୍ତ୍ୱାବଧାରକ:

ଏତଦ୍‌ଭିନ୍ନ ହୋ/କୋହ୍ଲ ବସତିଗୁଡ଼ିକରେ ଶତ୍ରୁ ଆକ୍ରମଣର ଆଶଙ୍କା ଆସିଲେ ଗ୍ରାମ ମୁଖ୍ୟ ମୁଣ୍ଡାଙ୍କ ନେତୃତ୍ୱରେ ଆଲୋଚନା କରାଯାଏ ଅଥବା ଜରୁରୀକାଳୀନ ଗ୍ରାମସଭା ଆହୂତ ହୁଏ । ଏଥିରେ ବିଭିନ୍ନ ଦିଗରୁ ଆଲୋଚନା କରାଯାଇ ଆଧ୍ୟାତ୍ମିକ ଦିଗରେ ସୁରକ୍ଷା ଦାୟିତ୍ୱ ଦିଉରୀଙ୍କ ଉପରେ ନ୍ୟସ୍ତ କରାଯାଏ ଏବଂ ଶାରୀରିକ ତଥା ବୁଦ୍ଧି ଶକ୍ତି ପାଇଁ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ମୁଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଲଢ଼େଇ କରିବାକୁ ପ୍ରସ୍ତୁତ ହୋଇଯାଆନ୍ତି । ଏଥିରେ ମୁଖ୍ୟ ଭୂମିକାରେ ଥାଆନ୍ତି ଯୁବଗୋଷ୍ଠୀ । ତେବେ ବସତି ରକ୍ଷକ ଭାବରେ ହୋ/କୋହ୍ଲ ସମାଜ ଦେବାଦେବୀଙ୍କୁ ହିଁ ସର୍ବଶ୍ରେଷ୍ଠ ସ୍ଥାନ ଦେଇଥାଆନ୍ତି ।

❑❑❑

# ବାସଗୃହ

ଖାଦ୍ୟ, ବସ୍ତ୍ର ସହ ବାସଗୃହର ଆବଶ୍ୟକତା ସାମାଜିକ ମନୁଷ୍ୟ ପାଇଁ ଅନିର୍ବାର୍ଯ୍ୟ । ପରମ୍ପରା ଅନୁଯାୟୀ ଏହାର ନିର୍ମାଣ ଶୈଳୀରେ ଭିନ୍ନତା ରହିପାରେ ମାତ୍ରେ ବାସଗୃହ ଯୁଗ ଯୁଗ ଧରି ତାର ଅସ୍ତିତ୍ୱ ବଜାୟ ରଖିଆସିଛି ।

ଅନୁରୂପ ଭାବେ ହୋ/କୋହ୍ଲ ସଂପ୍ରଦାୟ ସୃଷ୍ଟିକାଳରୁ ବାସଗୃହ ଉପରେ ଗୁରୁତ୍ୱ ଆରୋପ କରି ମାନବ ଇତିହାସରେ ନିଜର ସ୍ଥାନ ସୁଦୃଢ଼ କରିଥିବାର ଅନୁମତି ହୁଏ ।

## ପାରମ୍ପରିକ ଗୃହର ଦୃଶ୍ୟ:

ହୋ/କୋହ୍ଲ ସଂପ୍ରଦାୟର ପାରମ୍ପରିକ ଗୃହ ସାଧାରଣତଃ ଝାଟିମାଟି –ନଡ଼ା ଛପର ଆଦିରେ ନିର୍ମାଣ କରାଯାଇଥାଏ । ଗୃହର ନିମ୍ନଭାଗକୁ ଗୋବରରେ ଦୈନନ୍ଦିନ ଲିପିବା ବ୍ୟତୀତ ଏକପ୍ରକାର କୋମଳ ତଥା ପଙ୍କିଳ କାନ୍ଥକୁ ମସୃଣଯୁକ୍ତ କରି କୋହ୍ଲ ସଂପ୍ରଦାୟ ସ୍ତ୍ରୀଲୋକମାନେ ହସ୍ତକଳା ଦ୍ୱାରା ସୌନ୍ଦର୍ଯ୍ୟରେ ଭରି ଦେଇଥାଆନ୍ତି । ଏତଦ୍ ବ୍ୟତୀତ କାନ୍ଥଗୁଡ଼ିକ ବୈଚିତ୍ର୍ୟରଂଗରେ ରଂଗାୟିତ ହୋଇ ବିଶେଷ ଶୋଭା ବର୍ଦ୍ଧନରେ ସହାୟକ ହୋଇଥାଏ । ସାଧାରଣତଃ କାନ୍ଥର ନିମ୍ନଭାଗ କଳା ଓ ଉପର ଅଂଶରେ ନାଲି ବା ଧଳାରଙ୍ଗର ଲେପନ ଦିଆଯାଇଥାଏ । ବସ୍ତୁତଃ କୋହ୍ଲସମାଜର ପାରମ୍ପରିକ ବାସଗୃହଗୁଡ଼ିକ ମୁନି ଋଷିଙ୍କ ଆଶ୍ରମ ରୂପେ ପ୍ରତୀୟମାନ ହୋଇଥାଏ ।

## ବାସଗୃହର ଗଠନ:

ହୋ/କୋହ୍ଲମାନଙ୍କର ପାରମ୍ପରିକ ବାସଗୃହର ଉଚ୍ଚତା ସାଧାରଣତଃ ୧୧ ଫୁଟ୍, ପ୍ରକୋଷ୍ଠ ସଂଖ୍ୟା ଏକ ବା ତିନି, ପ୍ରକୋଷ୍ଠର ଆକାର ୧୨ X ୧୦ କିମ୍ବା ତଦୂର୍ଦ୍ଧ୍ୱ, କବାଟ ସଂଖ୍ୟା ଗୋଟିଏ କିମ୍ବା ତିନୋଟି ହୋଇଥାଏ । ପ୍ରତ୍ୟେକ ପ୍ରକୋଷ୍ଠରେ ଗୋଟିଏ ଲେଖାଏଁ ଦ୍ୱାର ଓ କବାଟ ରହେ । କବାଟର ଆକାର ପ୍ରାୟ ୬ X ୨.୫ ଫୁଟ୍ ହୋଇଥାଏ । ଏମାନଙ୍କର ବାସଗୃହର କୋଠରୀଗୁଡ଼ିକରେ ଝରକା ନଥାଏ ।

## ବାସଗୃହର ନିର୍ମାଣ : ଭିତ୍ତିଭୂମି ସ୍ଥାପନ (ସମ୍ପୃକ୍ତ ପୂଜାପାଠ, ଧର୍ମୀୟ କାର୍ଯ୍ୟନିର୍ବାହୀଙ୍କ ଭୂମିକା, ଗୃହ ସମ୍ପର୍କୀତ ଭବିଷ୍ୟତବାଣୀ ଇତ୍ୟାଦି)

ବାସଗୃହର ଭିତ୍ତିଭୂମି ସ୍ଥାପନ କ୍ଷେତ୍ରରେ ଯାଦୁ ଧର୍ମୀୟ କର୍ମକର୍ତ୍ତା 'ଦେଓ୍ୱା'ଙ୍କର ପରାମର୍ଶ ଓ ସହଯୋଗ ଲୋଡ଼ାଯାଇଥାଏ । 'ଦେଓ୍ୱା' ଦୈବୀଶକ୍ତି ବା ଆଲୌକିକ

ଶକ୍ତି ପ୍ରୟୋଗ କରି (ତେଲପାଣି) କିମ୍ବା ସିନ୍ଦୂର ଦେଖି) ବାସଗୃହ ନିର୍ମାଣ ହେବାକୁ ସ୍ଥାନଟି ଉପଯୁକ୍ତ କି ନାହିଁ ନିର୍ଦ୍ଧାରଣ କରିଥାଆନ୍ତି । ସଠିକ୍ ସ୍ଥାନ ନିରୂପିତ ପରେ ଭୂମିପୂଜା କରି 'ଦେଓ୍ୱା' ଗୃହକର୍ତ୍ତାଙ୍କୁ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଅନ୍ତି । ଭୂମିପୂଜା ନିମନ୍ତେ ପ୍ରାତଃକାଳରେ ସ୍ନାନଶୌଚାଦି ପୂର୍ବକ ଚୟନ ହୋଇଥିବା ସ୍ଥାନରେ ଗ୍ରାମଦେବତୀଙ୍କୁ ସ୍ମରଣ କରି ଦେଓ୍ୱାଁ ସିନ୍ଦୁର ଟୀକା ପ୍ରଦାନ କରିଥାଆନ୍ତି । ମାନସିକ ରଖି ନଡ଼ିଆ ସହିତ ପଞ୍ଚଭୋଗରେ ପୂଜା ଅର୍ଚ୍ଚନା କରଯାଏ । ତତ୍‌ପରେ ସେହି ସ୍ଥାନଟି ବାସଗୃହ ନିର୍ମାଣ ଉପଯୋଗୀ ହୋଇପାରିଥାଏ । ଏହାର ସୂଚନା ଦେଓ୍ୱାଁ ହଁ ଦିଅନ୍ତି । ଯେଉଁ ସ୍ଥାନରେ ଦେଓ୍ୱାଁ ବାସଗୃହ ନିର୍ମାଣ ପାଇଁ ନିଷେଧ କରନ୍ତି, ସେଠାରେ ଗୃହକର୍ତ୍ତା କୌଣସି ପରିସ୍ଥିତିରେ ମଧ୍ୟ ଗୃହ ନିର୍ମାଣ କରନ୍ତି ନାହିଁ ।

ପୂର୍ବ-ପଶ୍ଚିମ ଦିଗରେ ସିଧା ଦାଣ୍ଡଘର ହୁଏ । ହୋ/କୋହ୍ଲ ସଂପ୍ରଦାୟ ଉତ୍ତର-ଦକ୍ଷିଣ ଦିଗ ଆକାରରେ ବାସଗୃହ ନିର୍ମାଣ କରିବା ପ୍ରାୟ ଦୃଷ୍ଟିଗୋଚର ହୁଏ ନାହିଁ । କାରଣ ପୂର୍ବ-ପଶ୍ଚିମ ଧାରାରେ ଘର କରିବା କୋହ୍ଲ ସମାଜ ବିଶ୍ୱାସ କରେ । ଏମାନେ ପାଣିପାଗର ଆଗମନକୁ ଠିକ୍ ଭାବରେ ନିର୍ଣ୍ଣୟ କରିପାରୁଥିବାରୁ ପୁଣି ଉତ୍ତର ଦିଗରୁ ବର୍ଷା-ପବନର ଆଗମନ ହୁଏ ଏବଂ ପୃଥିବୀର କେନ୍ଦ୍ରବିନ୍ଦୁ ଧ୍ରୁବତାରାଙ୍କ ଆଡ଼କୁ ଢ଼ଳି ରହୁଥିବାରୁ ଉତ୍ତରଦିଗ ଧ୍ରୁବତାରା ବା ଆଦିମାତାଙ୍କର ଉଭଦ ଦିଗ ବିବେଚନା କରି ଘରର ଦ୍ୱାର ଉତ୍ତର ଦିଗକୁ କରନ୍ତି । ଘରୁ ବାହାରିଲେ ଧ୍ରୁବତାରାଙ୍କ ଦର୍ଶନ ଶୁଭପ୍ରଦ ବୋଲି କୋହ୍ଲମାନଙ୍କର ବିଶ୍ୱାସ । ଏମାନଙ୍କ ମତରେ ସୂର୍ଯ୍ୟ ସକଳ ଶକ୍ତିର ଆଧାର । ତେଣୁ ସୂର୍ଯ୍ୟ ବାସଗୃହ ଉପର ଦେଇ ଗମନାଗମନ କଲେ ସୂର୍ଯ୍ୟଦେବଙ୍କର ଆଶୀର୍ବାଦପ୍ରାପ୍ତ ହୋଇଥାଏ ।

ଗୃହନିର୍ମାଣ ସାଧାରଣତଃ ପୂର୍ବଗୃହର ପୂର୍ବପାର୍ଶ୍ୱରେ କଲେ ବିଶେଷ ଶୁଭଦାୟକ ମନେହୁଏ । ସ୍ଥାନାଭାବ ଥିଲେ ପରିବାରର ବଡ଼ପୁଅଙ୍କ ବ୍ୟତୀତ ଅନୁଜମାନେ ପଶ୍ଚିମ ପାର୍ଶ୍ୱରେ ମଧ୍ୟ ଘର ଗଲେ ଶୁଭପ୍ରଦ ହୁଏ ବୋଲି ହୋ/କୋହ୍ଲ ସମାଜ ବିଶ୍ୱାସ କରେ ।

## ଆବଶ୍ୟକ କଞ୍ଚାମାଲ, ନିର୍ମାଣ ପଦ୍ଧତି,

ହୋ/କୋହ୍ଲ ସଂପ୍ରଦାୟର ପାରମ୍ପରିକ ବାସଗୃହ ନିର୍ମାଣରେ ସାଧାରଣତଃ କାଠ, ଛଣ ବା ନଡ଼ା, ଝଟା, ବାଉଁଶ, ମୃତ୍ତିକା, ପ୍ରସ୍ତର, ଜଳ ଇତ୍ୟାଦି ବ୍ୟବହୃତ ହୁଏ । ଏସବୁ ଜଙ୍ଗଲରୁ ସଂଗ୍ରହ କରିବା ସହ ଛଡା ଚାଷ କରାଯାଇଥାଏ । ବା ପ୍ରାନ୍ତର ଭୂମିରେ ଆପଣାଛାଏଁ ହୋଇଥାଏ ଏବଂ ନନା ଧାନଚାଷରୁ ଉପଲବ୍ଧ ହୁଏ ।

ପାରମ୍ପରିକ ବାସଗୃହ ନିର୍ମାଣ କାଳରେ ପ୍ରଥମେ କାଠର ଖୁଣ୍ଟ ଘରର ନକ୍ସା ଅନୁଯାୟୀ ପୋତାଯାଏ । ତା ଉପରେ କାଠର ଦଣ୍ଡା (ଉରା) ଓ ରୁଅ ସବୁକୁ ଆବଶ୍ୟକ ଅନୁସାରେ ସଂଯୋଗ କରନ୍ତି । ରୁଅର ଉପର ଭାଗରେ କିଛି ପରାଶି ଝଟା ବିଛାଇ ବାଉଁଶ ବତା ଦ୍ୱାରା ସେଗୁଡ଼ିକୁ ବାନ୍ଧି ସୁଦୃଢ଼ କରାଯାଇଥାଏ । ତା ଉପରେ ଛଣା କିମ୍ବା ବଡ଼ା ଛାଉଣୀ (ଛପର) କରି ପୁଣି ବାଉଁଶ ବଣକୁ ଦଉଡ଼ିରେ ବାନ୍ଧି ଛପରକୁ ମଜଭୂତ କରିଥାନ୍ତି । ଏହାଦ୍ୱାରା ଝଡ଼ବାତ୍ୟାରେ ଛପର ଶୀଘ୍ର କ୍ଷତିଗ୍ରସ୍ତ ହୁଏ ନାହିଁ ତତ୍ପରେ କାଦୁଅରେ କିଛି ମୁରୁମ୍ (ନାଲିଗୋଡ଼ି) ମିଶାଇ, ସେହି ମିଶ୍ରଣରେ କାନ୍ଥ ନିର୍ମିତ ହୁଏ । ଗୃହର ଚତୁଃପାର୍ଶ୍ୱକୁ କାନ୍ଥ ଦ୍ୱାରା ଆବୃତ କରାଯାଇଥାଏ । ପୁଣି ପ୍ରକୋଷ୍ଠ ନିମିତ୍ତ ଗୃହର ମଝି ଅଂଶରେ କାନ୍ଥର ଆବଶ୍ୟକତା ପଡ଼େ । ପ୍ରକୋଷ୍ଠଗୁଡ଼ିକର ଉତ୍ତରଦିଗରେ ଦ୍ୱାର ରଖାଯାଏ ।

ଏବେ କିନ୍ତୁ ସଭ୍ୟତାର ପରିବର୍ତ୍ତନ ସହିତ ଗୃହନିର୍ମାଣ ଝାଟିମାଟି କିମ୍ବା ଇଟାକାନ୍ଥ କରିସାରିବା ପରେ ଯାଇ କାଠ, ଛତା, ଟାଇଲ ଇତ୍ୟାଦିରେ ଛପର ଦେଇ ଗୃହନିର୍ମିତ ହେଉଥିବାର ଦେଖାଯାଇଥାଏ ।

## ଶ୍ରମ ବିଭାଜନ:

ହୋ/କୋହ୍ଲ ସମାଜରେ ବାସଗୃହ ନିର୍ମାଣ କ୍ଷେତ୍ରରେ ପରିବାରର ସମସ୍ତ ସଦସ୍ୟ /ସଦସ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । କେତେକ କ୍ଷେତ୍ରରେ ଗ୍ରାମବାସୀଙ୍କର ସହଯୋଗ ମଧ୍ୟ ଲୋଡ଼ାଯାଇଥାଏ । ବାସଗୃହ ନିର୍ମାଣ କାଳରେ ପରିବାରର ପୁରୁଷ ଲୋକମାନେ ଛପର କରୁଥିବା ସ୍ଥଳେ ସ୍ତ୍ରୀଲୋକମାନେ କାନ୍ଥ ପ୍ରସ୍ତୁତ କରନ୍ତି । ଗୃହ ପାଇଁ ମାଟି ଚକଟିବା, ପାଣି ଆଣିବା,କାନ୍ଥ ପାଇଁ ମାଟି ପିଣ୍ଡୁଳା ଥାକ ମାରିବା ଇତ୍ୟାଦି ପ୍ରତ୍ୟେକ କାମ ସ୍ତ୍ରୀ କିମ୍ବା ଝିଅ / ଯୁବତୀମାନଙ୍କର ଦାୟିତ୍ୱ । ଅବଶ୍ୟ ଜଙ୍ଗଲରୁ କାଠ୍ୟାଦି ସଂଗ୍ରହରେ ଉଭୟ ପୁରୁଷ ଏବଂ ସ୍ତ୍ରୀ ଶ୍ରମ ବିନିଯୋଗ କରିଥାଆନ୍ତି । କୋହ୍ଲମାନଙ୍କର ସହଯୋଗ ମନୋବୃତ୍ତି ଯୋଗୁଁ କୌଣସି ଗୃହନିର୍ମାଣରେ ମଧ୍ୟ ଆବଶ୍ୟକ ସ୍ଥଳେ ଗ୍ରାମର ପୁରୁଷ ଏବଂ ସ୍ତ୍ରୀ ସହଯୋଗ ପ୍ରଦାନ କରୁଥିବାର ଦୃଷ୍ଟିଗୋଚର ହୁଏ । ସହଯୋଗ ଭିତ୍ତିକ କର୍ମ ପ୍ରକ୍ରିୟାକୁ ହୋ/କୋହ୍ଲ ସଂପ୍ରଦାୟ ଅଧିକ ଗୁରୁତ୍ୱ ଦିଏ ।

## ଗୃହ ନିର୍ମାଣରେ ଧର୍ମୀୟ କାର୍ଯ୍ୟ ନିର୍ବାହୀଙ୍କ ଭୂମିକା:

ପୂର୍ବରୁ ଉଲ୍ଲେଖ ରହିଛି ଯେ, କୋହ୍ଲ ସଂପ୍ରଦାୟ ତାଙ୍କର ଯାଦୁ-ଧର୍ମୀୟ କର୍ମକର୍ତ୍ତା- ଦେଓ୍ୱାଙ୍କ ବିନା ପରାମର୍ଶ ବା ନିର୍ଦ୍ଦେଶରେ ଗୃହନିର୍ମାଣ କରନ୍ତି ନାହିଁ । ଦେଓ୍ୱାଁ ତେଲପାଣି

କିମ୍ବା ହଳଦୀ ଗୁଣ୍ଡ ଦ୍ୱାରା ନିଜର ଅଲୌକିକ ଶକ୍ତି ପ୍ରୟୋଗ କରି ଗୃହ ପାଇଁ ସ୍ଥାନ ନିରୂପଣ କରିଥାଆନ୍ତି । ଆବଶ୍ୟକୀୟ ମାନସିକ ସହିତ ନଡ଼ିଆ, ପଞ୍ଚଭୋଗ ଦେଇ ପୂଜାଅର୍ଚ୍ଚନା କରିସାରିବା ପରେ ଦେଓ୍ୱାଁ, ଗୃହନିର୍ମାଣ ପାଇଁ ଗୃହକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥାଆନ୍ତି । ନିର୍ଦ୍ଧାରିତ ସ୍ଥାନ ଗୃହନିର୍ମାଣ ପାଇଁ ଶୁଭପତ୍ର ନଥିଲେ ଗୃହକର୍ତ୍ତା ଦେଓ୍ୱାଁଙ୍କର ପରାମର୍ଶ / ନିର୍ଦ୍ଦେଶ ସାଦରେ ଗ୍ରହ କରିନିଅନ୍ତି । ତେଣୁ କୋହ୍ଲ ସମାଜର ବାସଗୃହ ନିର୍ମାଣ କ୍ଷେତ୍ରରେ ଯାଦୁଧର୍ମୀୟ କର୍ତ୍ତା- ଦେଓ୍ୱାଁଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

## କାନ୍ଥଚିତ୍ର :

ବାସଗୃହ ନିର୍ମାଣ କାଳରେ କୋହ୍ଲ ସ୍ତ୍ରୀ ଲୋକମାନେ ଘରର ଚଟାଣରେ ବ୍ୟବହୃତ ହେଉଥିବା କୋମଳପଙ୍କିଳ ମାଟି ଉପରେ ବିଭିନ୍ନ ପ୍ରକାର ଚିତ୍ର କରିଥାଆନ୍ତି । ଚିତ୍ରଗୁଡ଼ିକ ମସୃଣ ପଥର ସାହାଯ୍ୟରେ ଦାଗ ଦେଇ ଅଙ୍କନ କରାଯାଇଥାଏ । ଏଥିରେ କେବଳ ଫୁଲ ଓ ଭ୍ରମରର ଚିତ୍ର ଗୃହର ଯୁବତୀମାନେ ହିଁ ଆଙ୍କିବାକୁ ଭଲ ପାଆନ୍ତି । କୋହ୍ଲମାନଙ୍କର ଗୃହଗୁଡ଼ିକ ଗୋଟି ଗୋଟିକିଆ । ଏଥିରେ ସଂଯୁକ୍ତ ସାଜିକାନ୍ଥ ନଥାଏ କିମ୍ବା ପଡ଼ୋଶୀଙ୍କ ସହିତ ତତ୍‌ଜନିତ ସଂପର୍କ ଭଲ / ଖରାପ ହେବାର ପ୍ରଶ୍ନ ଉଠେ ନାହିଁ ।

## ମୁଖ୍ୟଗୃହ ବ୍ୟତୀତ ଅନ୍ୟାନ୍ୟ ଗୃହ:(ଗୁହାଳ,ଘୁଷୁରୀ ଘର ଓ କୁକୁଡ଼ା ଘର)

ହୋ/କୋହ୍ଲମାନେ ପ୍ରାୟତଃ ବିଭିନ୍ନ ପ୍ରକାର ଗୃହପାଳିତ ପଶୁପକ୍ଷୀ ରଖିଥିବାର ଦେଖାଯାଏ । କାରଣ ପ୍ରଥମତଃ ଏମାନେ ଚାଷୀ ଏବଂ ଦ୍ୱିତୀୟତଃ ଏମାନଙ୍କର ପୂଜା ପାର୍ବଣରେ ବଳିପ୍ରଥା ପାରମ୍ପରିକ । ତେଣୁ ସାଧାରଣତଃ ପ୍ରତ୍ୟେକ ପରିବାରରେ ଗୋରୁ, ଗାଈ, ଛେଳି, ମେଣ୍ଢା, ମଇଁଷି, ଘୁଷୁରୀ ଏବଂ କୁକୁଡ଼ା ଏପରିକି ବତକ ମଧ୍ୟ ପାଳନ କରିଥାଆନ୍ତି । ଏମାନଙ୍କ ପାଇଁ ସ୍ୱତନ୍ତ୍ର ଗୁହାଳ ବା ଭାଡ଼ି ନିର୍ମାଣ କରାଯାଇଥାଏ । ବାସଗୃହର ପଶ୍ଚିମ ପାର୍ଶ୍ୱରେ ରହେ ଗୁହାଳ (ଗୋରୁ, ଗାଈ ଓ ମଇଁଷିଙ୍କ ପାଇଁ) ଘର ବାରଣ୍ଡାରେ ଛୋଟ ଛୋଟ ଭାଡ଼ି ଝାଟିମାଟିରେ ପ୍ରସ୍ତୁତ କରିଥାଆନ୍ତି । କୁକୁଡ଼ା ଓ ବତକଙ୍କ ପାଇଁ । ଛେଳି, ମେଣ୍ଢାଙ୍କୁ ଏମାନେ ସେହି ବାରଣ୍ଡାର ଗୋଟିଏ ପାଖରେ ବାନ୍ଧି ରଖନ୍ତି ନତୁବା କିଏ କିଏ କୋଠରୀ ଭିତରେ ରଖନ୍ତି କିମ୍ବା କେତେକ ଗୋରୁଗୁହାଳରେ ବାନ୍ଧି ଦିଅନ୍ତି ।

## ଗୃହ ବିଭାଗୀକରଣ ଓ ତାର ବ୍ୟବହାର:

ହୋ/କୋହ୍ଲ ସଂପ୍ରଦାୟ ଏକ ଧର୍ମ ତଥା ପରମ୍ପରା ଭିତ୍ତିକ ଗୋଷ୍ଠୀ ହୋଇଥିବାରୁ ସେମାନଙ୍କର ପବିତ୍ର ରୋଷେଇଶାଳ କୋହ୍ଲମାନଙ୍କର ଈଶାଣ ସ୍ଥାନ । ସେଠାରେ

ଈଶାଣ ପୂଜା ଓ ଇଷ୍ଟଦେବଦେବୀଙ୍କ ପୂଜା ଅନୁଷ୍ଠିତ ହୁଏ । ପୂର୍ବପୁରୁଷମାନଙ୍କୁ ପୂଜା ଦ୍ୱାରା ସନ୍ତୁଷ୍ଟ କରି ଆର୍ଶୀବାଦ ଲାଭ କରିଥାଆନ୍ତି । କୋହ୍ଲମାନଙ୍କର ବିଶ୍ୱାସ ଯେ ପରିବାରର ପିତୃପୁରୁଷଙ୍କ ଆତ୍ମା ଏହି ଈଶାଣରେ ହିଁ ଅବସ୍ଥାପିତ ହୋଇ ଗୃହକୁ ସୁରକ୍ଷା ପ୍ରଦାନ କରନ୍ତି । ତେଣୁ ବାସଗୃହର ପୂର୍ବକୋଣରେ ବା ପୂର୍ବାକୋଣର ଏକ ସ୍ୱତନ୍ତ୍ର ସ୍ଥାନରେ ରୋଷେଇଶାଳ ନିର୍ମାଣ କରାଯାଏ କିମ୍ବା କୋଠରୀ ନଥିଲେ ରୋଷେଇଶାଳ ବୋଲି ସ୍ୱତନ୍ତ୍ର ସ୍ଥାନ ରଖାଯାଇଥାଏ । ଏହାକୁ କୋହ୍ଲମାନେ 'ଆଦିଂ' କହନ୍ତି । ରୋଷେଇଶାଳକୁ ସର୍ବସାଧାରଣଙ୍କର ପ୍ରବେଶ ନିଷେଧ ଥାଏ । ତାହାକୁ ନିଷ୍ଠାର ସହିତ ପବିତ୍ର ରଖିପାରିଲେ ପୂର୍ବପୁରୁଷମାନେ ସନ୍ତୁଷ୍ଟ ହେବା ସହିତ ଦୈବୀ ଆଶୀର୍ବାଦ ମଧ ପ୍ରାପ୍ତ ହୋଇଥାଏ ବୋଲି କୋହ୍ଲମାନଙ୍କର ବିଶ୍ୱାସ । ସେଥିପାଇଁ ବ୍ୟକ୍ତିଗତ ଭାବରେ ସମସ୍ତ ଘରୋଇ ପୂଜା ଆଗ ଈଶାଣରେ ହିଁ ହୁଏ । ସାମୂହିକ ପୂଜାରେ ମଧ ସମୂହ ପୂଜା ସମାପ୍ତି ପରେ ଗୃହକର୍ତ୍ତା ଘରକୁ ବାହୁଡ଼ି ଏହି ଈଶାଣ ବା ରୋଷେଇ ଶାଳରେ ପୂଜା କରିଥାଆନ୍ତି । ଏତଦ୍‌ଭିନ୍ନ ରୋଷେଇଶାଳର ଏକ ପାର୍ଶ୍ୱରେ ଦୈନନ୍ଦିନ ରୋଷେଇର ଆୟୋଜନ କରାଯାଇଥାଏ ।

ବାସଗୃହର ଅନ୍ୟ କୋଠରୀଗୁଡ଼ିକ ଶୟନକକ୍ଷ ଭାବରେ ବ୍ୟବହୃତ ହୁଏ । ପରିବାରର ସମସ୍ତେ କୋଠରୀଗୁଡ଼ିକରେ ରାତ୍ରିଯାପନ କରନ୍ତି କିମ୍ବା କେହି କେହି ବୟସ୍କ / ବୃଦ୍ଧ ବାରଣ୍ଡାରେ ମଧ ନିଦ୍ରାଯିବାର ଦେଖାଯାଇଥାଏ । ଶୟନକାଳରେ କୋହ୍ଲ ବ୍ୟକ୍ତିମାନେ ଉତ୍ତରଦିଗକୁ ମୁଣ୍ଡ ରଖନ୍ତି । କାରଣ ପୃଥିବୀ ୬୬ ୧°/୨ ଉପରକୁ ଢ଼ଳି ରହୁଥିବାରୁ ପୃଥିବୀର ଉପରଅଂଶ ଉତ୍ତର ମେରୁ ଓ ନିମ୍ନ ଭାଗ ଦକ୍ଷିଣମେରୁ ବୋଲି ବିବେଚନା କରାଯାଇଥାଏ । ଫଳତଃ ବୈଜ୍ଞାନିକ ଦୃଷ୍ଟିକୋଣରୁ ଉତ୍ତରମେରୁ ଦିଗରେ ମୁଣ୍ଡ ରଖି ଶୋଇଲେ ଶରୀର ତଥା ମନ ଉପରେ ସୁପ୍ରଭାବ ପକାଇ ବା ସହିତ ନିଦ୍ରା ଭଲ ହୁଏ ବୋଲି କୋହ୍ଲମାନେ ବିଶ୍ୱାସ କରନ୍ତି । ଏମାନଙ୍କର ବାସଗୃହରେ ସାଧାରଣତଃ ଅତିଥିକକ୍ଷ ନଥାଏ । ଶୟନକକ୍ଷଗୁଡ଼ିକ ଅତିଥି କକ୍ଷ ଭାବରେ ବ୍ୟବହୃତ ହୋଇପାରେ । ଯଦି କିଏ କେମିତି ଅତିଥି କକ୍ଷ ନିର୍ମାଣ କରନ୍ତି,ତେବେ ତାହା ଶୟନକକ୍ଷ ସଂଲଗ୍ନ ସ୍ଥାନରେ ହିଁ ନିର୍ମିତ ହୁଏ । କେବଳ ଈଶାଣ ବା ରୋଷେଇ ଘର ବ୍ୟତୀତ ଏମାନଙ୍କର ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ଆଉ କୌଣସି ପ୍ରକୋଷ୍ଠର ଆବଶ୍ୟକତା ନଥାଏ । ଈଶାଣର ପବିତ୍ରତା ହିଁ ପରିବାରକୁ ସୁସ୍ଥତା ଏବଂ ଶାନ୍ତିପ୍ରଦାନ କରିପାରିଥାଏ । ପ୍ରତ୍ୟେକ କୋହ୍ଲ ବାସଗୃହରେ ପିଣ୍ଡା ବା ବାରଣ୍ଡା ଦୃଷ୍ଟିଗୋଚର ହୁଏ । ବାସଗୃହକୁ ସୁଦୃଢ଼ ତଥା କାନ୍ଥକୁ ମଜଭୁତ କରି ରଖିବା ପାଇଁ ପିଣ୍ଡା ଆବଶ୍ୟକ ହୋଇଥାଏ । ଏହାକୁ ସେମାନେ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟବହାର କରିଥାଆନ୍ତି । ପିଣ୍ଡାର ଆନୁମାନିକ ଓସାର ୨/୩ ଫୁଟ୍ ବା

୪ ଫୁଟ୍ ହୋଇଥିବାରୁ, ଏଠାରେ ସେମାନେ ମୁକ୍ତ ବାୟୁ ସେବନ ପୂର୍ବକ ବିଶ୍ରାମ ନିଅନ୍ତି, ଖିଆପିଆ କରନ୍ତି, ଶୁଅନ୍ତି, ଛେଳି ଆଦି ବାନ୍ଧନ୍ତି, କୁକୁଡ଼ା ଭାଡ଼ି କରନ୍ତି ବା ନିତ୍ୟନୈମିତିକ ଜୀବନଧାରାରେ ଆବଶ୍ୟକୀୟ ବ୍ୟବହାରରେ ଲାଗଇଥାଆନ୍ତି । ସେଥିପାଇଁ ପିଣ୍ଡାକୁ କୋହ୍ଲ ସ୍ତ୍ରୀମାନେ ଲିପିପୋଛା କରି ଚିକ୍‌କଣ ରଖିଥାଆନ୍ତି ।

ଏତଦ୍ ଭିନ୍ନ ବାସଗୃହର ମଧ୍ୟଭାଗରେ ସାଧାରଣତଃ ଗୋଟିଏ ଭାଡ଼ି (ତାନ୍ତରା) କରାଯାଇଥାଏ, ଭାଡ଼ି ଉପରେ ଧାନ, ବିରି, କୋଳଥ ଆଦି ସମସ୍ତ ପ୍ରକାର ଶସ୍ୟ ପୁଟୁଳି ବାନ୍ଧି ରଖିଥାଆନ୍ତି । ଅନ୍ୟ ଅର୍ଥରେ ଏହାକୁ ଭଣ୍ଡାର ଘର ବା ଭଣ୍ଡାର ଭାଡ଼ି କୁହାଯାଇପାରେ ।

## ଗୃହର ବିଭିନ୍ନ ସ୍ଥାନରେ କାର୍ଯ୍ୟକଳାପ:

ସଭ୍ୟତାର ଆଦିକାଳରୁ ହୋ/କୋହ୍ଲ ସଂପ୍ରଦାୟରେ ବାସଗୃହର ପ୍ରଥା ପ୍ରଚଳିତ ଥିବାରୁ ଏମାନେ ଯାବତୀୟ କାର୍ଯ୍ୟ ଗୃହ ମଧ୍ୟରେ କରିବାରେ ଅଭ୍ୟସ୍ତ । ତେବେ ପାରମ୍ପରିକ ବିଧିବିଧାନ ଅନୁଯାୟୀ ସମସ୍ତ କାର୍ଯ୍ୟ ପବିତ୍ରତା ତଥା ଶୃଙ୍ଖଳାର ସହ ଏମାନେ ସଂପାଦନ କରିଥାଆନ୍ତି ।

ନାରୀ ରଜବତୀ ସମୟରେ ଅନ୍ତତଃ ପକ୍ଷେ ୭ ଦିନ ବିଭିନ୍ନ ଧର୍ମ-ପୂଜା କାର୍ଯ୍ୟଧାରାରେ ଅଂଶ ଗ୍ରହଣ କରିବା ନିଷେଧ । ଏପରିକି ରୋଷେଇ କରିବା ମଧ୍ୟ ମନା । ଗର୍ଭବତୀ ସମୟରେ ସ୍ତ୍ରୀମାନଙ୍କୁ ସାଧାରଣ କାର୍ଯ୍ୟଭାରଠାରୁ ସ୍ୱଳ୍ପମାତ୍ରାରେ ଦିଆଯାଇ ଆଦର୍ଶ ମାତୃତ୍ୱର ସମ୍ମାନ ଦିଆଯାଇଥାଏ ଏବଂ ଦୁଗ୍ଧଦାତ୍ରୀ ମାଆମାନଙ୍କୁ ମଧ୍ୟ ଶିଶୁର ଉତ୍ତମ ସ୍ୱାସ୍ଥ୍ୟ ନିମିତ୍ତ ଖାଦ୍ୟପେୟାଦିରେ ବାରଣ ଓ ପରିବର୍ତ୍ତନ କରାଯାଇଥାଏ । ଯେପରି ଆମ୍ଳିଜଯୁକ୍ତ ଖାଦ୍ୟ ନ ଖାଇବା ଓ ତୈଳଯୁକ୍ତ ଖାଦ୍ୟଠାରୁ ଦୂରେଇ ରହିବା ଇତ୍ୟାଦି । ଶିଶୁ ସମାଜର ଭବିଷ୍ୟତ ହୋଇଥିବାରୁ ଏମାନଙ୍କର ଯତ୍ନ ଦିଗରେ ମାମାନଙ୍କ ବ୍ୟତୀତ କୋହ୍ଲ ପରିବାରରେ ମଧ୍ୟ ସମସ୍ତେ ତତ୍ପର ଏବଂ ସଚେତନ । ଅତଏବ ଶିଶୁର ଯତ୍ନ ନିମନ୍ତେ ମା ବାପା ଆତ୍ମୀୟସ୍ୱଜନ ସ୍ୱାସ୍ଥ୍ୟାବସ୍ଥାର ସ୍ଥିରତା ପାଇଁ ଗୁଣିଗାରେଡ଼ି, ବନୌଷଧି ପ୍ରଭୃତିର ସହାୟତା ଲୋଡ଼ିଥାଆନ୍ତି ।

ଯେ କୌଣସି ସଂପ୍ରଦାୟରେ ସମାଜ ଗଠନ ଦିଗରେ ପୁରୁଷ ଓ ସ୍ତ୍ରୀ ଏକ ଏକ ଅପରିହାର୍ଯ୍ୟ ଅଂଗ । ପୁରୁଷ-ସ୍ତ୍ରୀ ବିନା ସୃଷ୍ଟି ଅସମ୍ଭବ । ତେଣୁ ଆଧ୍ୟାତ୍ମିକ ଭାଷାରେ ପୁରୁଷ ଓ ସ୍ତ୍ରୀ-ପିତୃଶକ୍ତି ଓ ମାତୃଶକ୍ତି ତଥା ଆଦିଶକ୍ତି ଭାବରେ କୋହ୍ଲ ବେଦରେ ବର୍ଣ୍ଣିତ ।

ସମାଜ, ପରିବାର ବା ଗୃହ ଭଳି ପବିତ୍ର ଦେବାଳୟକୁ କେତେକ ବିଶୃଙ୍ଖଳିତ, ଆସାମାଜିକ ତଥା ଅସ୍ପୃଶ୍ୟ ବ୍ୟକ୍ତି ବିଶେଷ କଳୁଷିତ କରିଦେଇଥାଆନ୍ତି । ସେପରି କ୍ଷେତ୍ରରେ କୋହ୍ଲ ସମାଜ ସେମାନଙ୍କୁ ସାମାଜିକ ବାସନ୍ଦ କରିଥାଏ । ସେମାନଙ୍କ ପାଇଁ ନିଆଁପାଣି ବନ୍ଦ ହୋଇଯାଏ । ସେମାନେ ସମାଜ ପାଇଁ ଅସ୍ପୃଶ୍ୟ ହୋଇଯାଆନ୍ତି ।

ପାରମ୍ପରିକ ରୀତିରେ ଭୋଗରାଗ ନିମନ୍ତେ ପଶୁପକ୍ଷୀ ବଳିର ଆବଶ୍ୟକତା ତଥା ସ୍ୱାଦିଷ୍ଟ ଭୋଜନ ନିମିତ୍ତ କୋହ୍ଲ ପରିବାରରେ ପଶୁପକ୍ଷୀ ପାଳନ ଅନିବାର୍ଯ୍ୟ ହୋଇଥାଏ । ଏତଦ୍‌ଭିନ୍ନ ଅଲୌକିକ ଅପଶକ୍ତିର ପରାଭବରୁ ନିଜକୁ ପରିବାରକୁ ଓ ଗ୍ରାମକୁ ରକ୍ଷା କରିବା ପାଇଁ ଦେବଦେବୀମାନଙ୍କର ସହାୟତା ସବୁ ସମୟରେ ଉପଲବ୍ଧି କରାଯାଏ । ତେଣୁ ଯନ୍ତ୍ର, ମନ୍ତ୍ର, ତନ୍ତ୍ର ବଳରେ ଦେବାଦେବୀଙ୍କର ଅସ୍ତିତ୍ୱ ପ୍ରକଟ ନିମିତ୍ତ ହୋ/କୋହ୍ଲ ପରମ୍ପରା ସର୍ବଦା ତତ୍ପର ।

ମନୁଷ୍ୟର ଜୀବନ ଧାରଣ ପାଇଁ ଖାଦ୍ୟ ଅତ୍ୟାବଶ୍ୟକ । ଏହି ଖାଦ୍ୟ ମୁଖ୍ୟତଃ ହୋ/କୋହ୍ଲମାନେ ଚାଷରୁ ହିଁ ପାଇଥାଆନ୍ତି । ବିଭିନ୍ନ ପ୍ରକାର ଶସ୍ୟ ଯଥା- ଧାନ, କୋଳଥ, ମୁଗ, ବିରି, ମସୁରୀ, ଖେସାରୀ ଇତ୍ୟାଦି ଚାଷ ସେମାନେ ସ୍ୱହସ୍ତରେ କରନ୍ତି । ସେଥିପାଇଁ ଚାଷରେ ବହୁଳ ଉତ୍ପାଦନ ନିମନ୍ତେ କୃଷି ଯନ୍ତ୍ରପାତି ସହ ଆଧୁନିକ ଜ୍ଞାନ କୌଶଳ ଲୋଡ଼ା, କୃଷି ଯନ୍ତ୍ରପାତି ମଧ୍ୟରେ ଏମାନେ ଲଙ୍ଗଳ, ଜୁଆଳି, ଇଶପାଙ୍ଗଳ, ଶାବଳ, ଦାଆ, କଟୁରୀ, କୁରାଢ଼ୀ ଆଦି ଉପକରଣ ମାନ ବ୍ୟବହାର କରନ୍ତି ।

ଗୃହ ଉପକରଣ ସଜାଡ଼ି ରଖିବାର ଆବଶ୍ୟକତା ଯେ କେବଳ ଗୃହର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ, ତାହା ନୁହେଁ ବରଂ ମୁକ୍ତ ଉପକରଣର ସ୍ଥାୟୀତ୍ୱ ସୀମା ଅଧିକତର କରିବା ନିମିତ୍ତ ଏମାନେ ସମସ୍ତ ଗୃହୋପକରଣ ସଜାଡ଼ି ରଖିଥାଆନ୍ତି । ଏପରିକି ପୋକ ନ ଲାଗିବା ପାଇଁ କୋହ୍ଲମାନେ ଚାଉଳରେ ଶୁଖିଲା ଲଙ୍କା ଓ ଗୋଟା ହଳଦୀ ମିଶାଇ ରଖନ୍ତି ।

ହୋ/କୋହ୍ଲ ଘରଗୁଡ଼ିକର ଆଉ ଏକ ବିଶେଷତ୍ୱ ଯେ ପ୍ରାୟ ପ୍ରତ୍ୟେକଙ୍କ ଘରେ ଗୋଟିଏ ଲେଖାଏଁ ଢ଼ିଙ୍କି ଥାଏ । ଘରର ପଛ ପଟରେ ଚାଳିଆଟିଏ ବାହାର କରି ଢ଼ିଙ୍କିଶାଳ କରିଥାଆନ୍ତି । ଏଥିରେ ସେମାନେ ଧାନକୁଟିବା ସଙ୍ଗେ ସଙ୍ଗେ ଚାଉଳ କୁଟି ଚୂନା କରନ୍ତି, ହଳଦୀ ଗୁଣ୍ଡ ପ୍ରଭୃତି ପ୍ରସ୍ତୁତ କରିଥାଆନ୍ତି । ଏତଦ୍‌ଭିନ୍ନ କାଷ୍ଠ ନିର୍ମିତ ଆଉ ଏକ ଧାନକୁଟା ଯନ୍ତ୍ର ଥାଏ । ଗୋଟିଏ ବଡ଼ କାଠଗଣ୍ଡିକୁ ସମାନ ଭାବରେ କାଟି ତହିଁରେ ଗୋଲାକୃତିରେ ଗର୍ତ୍ତଟିଏ କରାଯାଏ । ସେଥିରେ ଧାନ ରହେ ଏବଂ ଆଉ

ଗୋଟିଏ ମୋଟାଳିଆ ଅଛ ଲମ୍ବ କାଠକୁ ମସୃଣ କରି ଖୁବ୍ ଜୋର୍‌ରେ ଗର୍ତ୍ତ ଭିତରେ କୁଟନ୍ତି, ତଦ୍ୱାରା ଧାନରୁ ଚାଉଳ ବାହାରିଥାଏ । ଏହାକୁ କୋହ୍ଲମାନେ 'ତୁକୁ' କହନ୍ତି । କୋହ୍ଲ ସଂପ୍ରଦାୟରେ ଅନ୍ୟଘର ଅପେକ୍ଷା ରୋଷେଇ ଘରର ଇଶାଣରେ ଇଷ୍ଟ ଦେବାଦେବୀଙ୍କ ସହିତ ପୂର୍ବ ପୁରୁଷମାନେ ପୂଜା ପାଆନ୍ତି । ଏହା ଗୃହର ମନ୍ଦିର ସଦୃଶ ଇଷ୍ଟଦେବୀ ତଥା ପୂର୍ବ ପୁରୁଷମାନଙ୍କୁ ପୂଜା ମାଧମରେ ସନ୍ତୁଷ୍ଟ କରି କୋହ୍ଲ ପରିବାର ତଥା ଶାନ୍ତିରେ କାଳାତିପାତ କରନ୍ତି । ବୈଠକଖାନା, ଖାଇବା ପାଇଁ ଶୋଇବା ଘର ବା ବାରଣ୍ଡା ବ୍ୟବହୃତ ହୋଇଥାଏ ।

ହୋ/କୋହ୍ଲ ସମାଜର ସ୍ତ୍ରୀ ଲୋକମାନେ ଭାରି କଳା ତଥା ଅଳଙ୍କାର ପ୍ରିୟ । ସେମାନେ ପାଦରୁ ଚୂଳ ପର୍ଯ୍ୟନ୍ତ ଅଳଙ୍କାରରେ ଭୂଷିତା ହୋଇଥାଆନ୍ତି । ସମସ୍ତ ସୁନା/ରୂପା ଅଳଙ୍କାର, ଟଙ୍କା ପଇସା ଆଦିକୁ କୋହ୍ଲମାନେ ସଂପତ୍ତି ବୋଲି ବିବେଚନା କରୁଥିବା ଦୃଷ୍ଟିରୁ ଚୋରଙ୍କ ଦାଉରୁ ରକ୍ଷା କରିବା ପାଇଁ ବାକ୍ସରେ ସାଇତି ରଖନ୍ତି ।

ହୋ/କୋହ୍ଲ ପରମ୍ପରାରେ ପୂଜାପାର୍ବଣର ଗୁରୁତ୍ୱ ଅନେକ ବେଶୀ । ବିଭିନ୍ନ ପ୍ରକାର ଦେବଦେବୀଙ୍କୁ ସେମାନେ ବିଭିନ୍ନ ସମୟରେ ତଥା ବିଭିନ୍ନ ଶୈଳୀରେ ପୂଜା କରୁଥିବାର ଦେଖାଯାଇଥାଏ । ସାଧାରଣତ ଭାବେ ଏମାନଙ୍କର ଦେବଦେବୀଙ୍କଠାରେ ବିଭିନ୍ନ ପ୍ରକାର ଫଳ, ଧୂପ, ଝୁଣା, ପତ୍ର, ଫୁଲ, ଶସ୍ୟ, ଗଜା, ହାଣ୍ଡିଆ ଏବଂ ଛେଳି, କୁକୁଡ଼ା, ବୋଦା ଆଦି ଭୋଗ ସ୍ୱରୂପ ଉତ୍ସର୍ଗ କରାଯାଇଥାଏ । ମାନସିକ ପୂଜାରେ ବିଶେଷ ଭାବରେ ପଶୁପକ୍ଷୀ ବଳି ଦିଆଯାଇଥାଏ ।

ପ୍ରାଚୀନ କାଳରେ କୋହ୍ଲ ସଂପ୍ରଦାୟର ପୁରୁଷ ଓ ସ୍ତ୍ରୀମାନେ ଭିନ୍ନପ୍ରକାର ପୋଷାକରେ ଭୂଷିତ ହେଉଥିଲେ । ତାହା ହେଲା ପୁରୁଷ ଲୋକେ କେବଳ ଗାମୁଛା ଏବଂ ସ୍ତ୍ରୀ ଲୋକମାନେ ସ୍ୱଳ୍ପ ଦୈର୍ଘ୍ୟ ବିଶିଷ୍ଟ ଶାଢ଼ୀ ଏବଂ ଶରୀର ଉପର ଅଂଶକୁ ଆବରଣ କରିବାକୁ ଏକ ଗାମୁଛା । ତାହାକୁ 'ଲାହାଗା' କୁହାଯାଉଥିଲା । ଏବେ କିନ୍ତୁ ସାଧାରଣ ଧୋତି, ଗଞ୍ଜି, ଲୁଙ୍ଗି, ଶାଢ଼ୀ ଇତ୍ୟାଦିକୁ ପରିବର୍ତ୍ତିତ ହୋଇଥିବାର ଦୃଷ୍ଟିଗୋଚର ହୋଇଥାଏ ।

ହୋ/କୋହ୍ଲମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମମାନଙ୍କରେ ବ୍ୟବହୃତ ହେଉଥିବା ବାଦ୍ୟଯନ୍ତ୍ରଗୁଡ଼ିକ ହେଲା ନାଗରା (ଦାମା),ମାଦଳ (ଦୁମୁଂ) କେନ୍ଦେରା ଓ ବଂଶୀ ଇତ୍ୟାଦି । ଏହିସବୁ ବାଦ୍ୟଯନ୍ତ୍ର ତାଳେ ତାଳେ ଗୀତ ନାଚ ହୁଏ । ହୋ/କୋହ୍ଲ ସମାଜ ଆନନ୍ଦର ସହିତ ଜୀବନକୁ ଉପଭୋଗ କରନ୍ତି ।

ହୋ/କୋହ୍ଲମାନେ ବ୍ୟକ୍ତିଗତ ବା ପାରିବାରିକ ସ୍ତରରେ ବିଭିନ୍ନ ଆସବାବପତ୍ର ବ୍ୟବହାର କରିଥାଆନ୍ତି । ତନ୍ମଧ୍ୟରୁ ବାସନକୁସନ, ହାଣ୍ଡି, କଳସୀ, ଆସନ (ପଟିଆ), ଖଟ, ବେଲା-ଥାଳିଆ, ଖଲି, ବିଛଣାପତ୍ର, କୁଲା, ଚଲା, ଟୋକେଇ ଝାଡୁ ଇତ୍ୟାଦି । ଏମାନଙ୍କର କୁଟୀର ଶିଳ୍ପ ହିସାବରେ ସ୍ତ୍ରୀ ଲୋକମାନେ ପଟିଆ, ଝାଡୁ, ଖଲି, ଚଉପଦୀ ପ୍ରଭୃତି ପ୍ରସ୍ତୁତ କରୁଥିବା ବେଳେ ପୁରୁଷ ଲୋକେ ଖଟ ବୁଣା, ଜାଲ ବୁଣା ଏବଂ କୃଷି ଉପକରଣ ପ୍ରସ୍ତୁତି କାର୍ଯ୍ୟ ସଂପାଦନ କରିଥାଆନ୍ତି ।

## ଗୃହ ସମ୍ପୃକ୍ତ ଅଶୁଦ୍ଧି ଓ ଶୁଦ୍ଧିକରଣ :

ଗୃହକର୍ତ୍ତାଙ୍କ ଦାୟିତ୍ୱବୋଧତା ଉପରେ ଘର ସମ୍ବନ୍ଧୀୟ ପବିତ୍ରତା ଓ ଅପବିତ୍ରତା ନିର୍ଭର କରେ । ଘରର ପବିତ୍ରତା ଅକ୍ଷୁର୍ଣ୍ଣ ରହିଲେ ଗୃହ ସମୃଦ୍ଧିର ଉନ୍ନତ ସୋପାନରେ ଉପନୀତ ହୋଇପାରେ ବୋଲି କୋହ୍ଲସମାଜର ବିଶ୍ୱାସ । ସାଧାରଣତଃ ଗୃହ ଦୁଇଟି କାରଣରୁ ଅପବିତ୍ର ହୋଇପାରେ । ଗୋଟିଏ ମନୁଷ୍ୟକୃତ ଏବଂ ଅନ୍ୟଟି ଦୈବକୃତ । ମନୁଷ୍ୟକୃତ ଅପବିତ୍ରତା ହେଲା ଗୃହରେ ଛୁତିକା କିମ୍ବା ମୃତିକା । ଛୁତିକାରେ ଗୃହପୂର୍ଣ୍ଣ ଅପବିତ୍ର ରହେ ୭ଦିନ(ନାରଣ ଯାଏଁ) ଏବଂ ଆଂଶିକ ରହେ ୨୧ ଦିନ (ଏକୋଇଶା ଯାଏଁ) ମୃତିକାରେ କିନ୍ତୁ କୋହ୍ଲସମାଜ ଗୃହର ଅପବିତ୍ରତା ୧୧ ଦିନଯାଏଁ ଅର୍ଥାତ୍ ଶୁଦ୍ଧିକ୍ରିୟା ଯାଏଁ ଗ୍ରହଣ କରି ନେଇଥାଆନ୍ତି । ଦୈବକୃତ ଅପବିତ୍ରତା ହେଲା କୌଣସି ତାନ୍ତ୍ରିକ ଦ୍ୱାରା ଦୁଷ୍ଟ ଦେବଦେବୀଙ୍କୁ ଗୃହ ମଧ୍ୟକୁ ପ୍ରେରଣ ବା ପେଷଣ । ଏହାଦ୍ୱାରା ଗୃହର ଶାନ୍ତି ଭ୍ରଷ୍ଟ ହେବା ସହିତ ପରିବାରର ଲୋକେ ରୋଗବ୍ୟାଧିରେ ପୀଡ଼ିତ ହୋଇଥାଆନ୍ତି । ଆକସ୍ମିକ ବିପଦମାନ ଦେଖାଦିଏ । ଘରର ପରିବେଶ କଳୁଷିତ ହୋଇଯାଏ । ଯେ କୌଣସି କାରଣରୁ ଗୃହ ଅପବିତ୍ର ବା କଳୁଷିତ ହେଲେ ତାହାକୁ ପବିତ୍ରୀକୃତ କରିବା ନିମନ୍ତେ ଦେଓ୍ୱାଁଙ୍କର ଆବଶ୍ୟକତା ପଡ଼େ । ଦେଓ୍ୱାଁ ଗୃହରେ ପୂଜା ଅର୍ଚ୍ଚନ କରି ଗୃହର କଳୁଷିତତାକୁ ଦୂର କରିବା ସହିତ ପବିତ୍ରତାର ପୁନଃ ପ୍ରତିଷ୍ଠା କରିଥାଆନ୍ତି । ଏହି ପୂଜାରେ ପକ୍ଷୀବଳି ଦିଆଯାଇଥାଏ । ଉପଯୁକ୍ତ ପୂଜାବିଧି ଦ୍ୱାରା ଦୁଷ୍ଟ ଦେବଦେବୀ ବିତାଡ଼ିତ ହୋଇ ଗୃହ କଳୁଷିତତାରୁ ରକ୍ଷାଯାଏ । ଗୃହ ଧ୍ୱଂସର କାରଣ ମଧ୍ୟ ଅନୁରୂପ ଦୁଇପ୍ରକାର- ପ୍ରାକୃତିକ ବିପର୍ଯ୍ୟୟ ଏବଂ ମନୁଷ୍ୟକୃତ । ପ୍ରାକୃତିକ ବିପର୍ଯ୍ୟୟ କ୍ରମରେ ନିଆଁ, ବାତ୍ୟା, ଭୂମିକମ୍ପ ଓ ନଦୀବଢ଼ି ଇତ୍ୟାଦି ଦ୍ୱାରା ଗୃହ ଧ୍ୱଂସ ପାଇଥାଏ । କିନ୍ତୁ ମନୁଷ୍ୟକୃତ ଧ୍ୱଂସର ଲକ୍ଷଣ ହେଲା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗୃହର କର୍ତ୍ତା ତଥା ସମସ୍ତ ସଦସ୍ୟ/ସଦସ୍ୟା ଉପଯୁକ୍ତ ହୋଇନଥିଲେ । ଅର୍ଥାତ୍ ପରମ୍ପରା ବା ବିଧି ଅନୁସାରେ ବିଅଁ ଦେବତାଙ୍କୁ ପୂଜା ନ କଲେ, ଇଶାଣର ଅପବିତ୍ରତା ଯୋଗୁଁ

ପୂର୍ବପୁରୁଷ ଏବଂ ଇଷ୍ଟଦେବତା ଅସନ୍ତୁଷ୍ଟ ହେଲେ ଗୃହଧ୍ୱଂସ ପାଏ ବୋଲି କୋହ୍ଲସମାଜ ବିଶ୍ୱାସ କରେ । ଏତଦ୍‌ଭିନ୍ନ ଘର ଉପରେ ଶାଗୁଣା ବସିଲେ ମଧ୍ୟ ସଂପୃକ୍ତ ଗୃହଟି ଧ୍ୱଂସ ହେବାର ଲକ୍ଷଣ ପ୍ରକାଶ ପାଏ । କୌଣସି କାରଣରୁ ଧ୍ୱଂସର ଲକ୍ଷଣମାନ ଅନୁଭୂତ ହେଲେ ତତ୍‌କ୍ଷଣାତ୍ 'ଦେଓ୍ୱାଁ'ଙ୍କୁ ସ୍ମରଣ କରାଯାଇଥାଏ । 'ଦେଓ୍ୱାଁ' ଉପଯୁକ୍ତ ପୂଜନ ଯାଜନ ଦ୍ୱାରା ଗୃହକୁ ଧ୍ୱଂସ ମୁଖରୁ ରକ୍ଷାକରିବା ସଂଗେ ସଂଗେ ଗୃହକର୍ତ୍ତାଙ୍କୁ ଆବଶ୍ୟକୀୟ ପରାମର୍ଶ ଦେଇଥାଆନ୍ତି । ସାଧାରଣତଃ ଗୃହରେ ଧ୍ୱଂସର ପୂର୍ବଲକ୍ଷଣମାନ ଦେଖାଯାଇଥାଏ, ଯେତେବେଳେ ଘରେ ସମସ୍ତଙ୍କୁ ରୋଗବ୍ୟାଧି ଲାଗିରହେ, ଘରଲୋକ ବାରମ୍ବାର ଅସୁବିଧାରେ ପଡ଼ନ୍ତି, ତୁହାକୁ ତୁହା ବିପଦ ମାଡ଼ିଆସେ ତଥା ଗୃହର ପରିସ୍ଥିତି (ଆର୍ଥିକ, ସାମାଜିକ, ଆଧ୍ୟାତ୍ମିକ ତଥା ମନସ୍ତାତ୍ତ୍ୱିକ) ଓ ପରିବେଶ ବିପର୍ଯ୍ୟସ୍ତ ହୋଇଯାଏ । ସେଥିପାଇଁ ତତ୍‌କ୍ଷଣାତ୍ ଦେଓ୍ୱାଁଙ୍କର ସହାୟତା ନ ଲୋଡ଼ିଲେ ଗୃହ ଧ୍ୱଂସ ଯେ ସୁନିଶ୍ଚିତ – ଏହା କୋହ୍ଲ ସଂପ୍ରଦାୟର ଦୃଢ଼ ବିଶ୍ୱାସ । ଏପରି ମଧ୍ୟ ଦେଖାଯାଏ ଯେ ଘର ଉପରେ ଶାଗୁଣା ବସିଥିବାର ଦେଖିଲେ ସଂପୃକ୍ତ ପରିବାର ଦୁରାରୋଗ୍ୟ ରୋଗରେ ପୀଡ଼ିତ ହେବା କିମ୍ବା ଭୟଙ୍କର ବିପଦ ମାଡ଼ିଆସୁଥିବାର ଆଶଙ୍କା କରି ଗୃହତ୍ୟାଗ କରିଥାଆନ୍ତି । ବସତି ମଧ୍ୟ ତ୍ୟାଗ କରିପାରନ୍ତି ।

## ବିଭିନ୍ନ ଗୃହର ବାହାର ଓ ଭିତର ପ୍ରାକ୍-ନିର୍ମାଣ ସମ୍ପର୍କୀୟ ନୀତି ନିୟମ:

ହୋ/କୋହ୍ଲ ପରମ୍ପରାରେ ଯୁବ ଶୟନାଗାର ପ୍ରଥା ପ୍ରଚଳିତ ନାହିଁ । ଗ୍ରାମ୍ୟସ୍ତରୀୟ ଧର୍ମୀୟ ଗୃହ ମଧ୍ୟ ନଥାଏ । ଏମାନେ ସାମୂହିକ ଗ୍ରାମସ୍ତରୀୟ ଧର୍ମୀୟ ଅନୁଷ୍ଠାନ ମାନ ଗ୍ରାମର ଯେକୌଣସି ଖୋଲା ସ୍ଥାନରେ ପାଳନ କରିଥାଆନ୍ତି । କୋହ୍ଲ ସମାଜର ବେଦୀପୀଠ ବା ଦେବଦେବୀଙ୍କ ପବିତ୍ର ପୀଠସ୍ଥଳୀ ମୁଖ୍ୟତଃ ଜାୟାରା । ଏହାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଜାୟାରା । ସେ କୋହ୍ଲମାନଙ୍କର ପାଳନକର୍ତ୍ତୀ ଜାୟାରା ପୀଠଟି କେତେକ ବନବୃକ୍ଷର ସମାହାରରେ ହୋଇଥାଏ । କିନ୍ତୁ ଶାଳବୃକ୍ଷର ଉପସ୍ଥିତି ଅନିର୍ବାଯ୍ୟ । ଏହା ଗ୍ରାମରେ ଯେ କୌଣସି ଦିଗର ପାର୍ଶ୍ୱସ୍ଥଳୀରେ ରହେ । ଏହି ଜାୟାରା ପୀଠରେ ଜାୟାରା, ଦେଶାଉଲୀ, ଲୁକୁ ହାଡାମ୍, ଲୁକୁବୁଢ଼ି ଇତ୍ୟାଦି ଦେବଦେବୀ ପୂଜିତ ହୋଇଥାଆନ୍ତି । ବଳିପ୍ରଥା ଏଠାରେ ଅନୁସୃତ ହୁଏ ।

ଯାଦୁ-ଧର୍ମୀୟ କର୍ମକର୍ତ୍ତା ତଥା ଗ୍ରାମମୁଖ୍ୟଙ୍କ ବାସଗୃହ ନିର୍ମାଣରେ କୌଣସି ସ୍ୱତନ୍ତ୍ର ନୀତିନିୟମ ଗ୍ରହଣ କରାଯାଇଥାଏ । ସାଧାରଣ ଲୋକଙ୍କ ପରି ସେମାନେ ଗୃହନିର୍ମାଣ କରିଥାଆନ୍ତି ।

## ଇନ୍ଦିରାଆବାସ ଯୋଜନା ଏବଂ ଅନ୍ୟାନ୍ୟ ସରକାରୀ ନିର୍ମାଣ ସମ୍ପର୍କୀତ ସରକାରୀ ଗୁରୁତ୍ୱାରୋପ:

ହୋ/କୋହ୍ଲ ସଂପ୍ରଦାୟ ପାଇଁ ଇନ୍ଦିରା ଆବାସଯୋଜନାର ବିଶେଷ ଗୁରୁତ୍ୱ ଥିବାପରି ମନେ ହୁଏନାହିଁ । କାରଣ ପ୍ରଥମତଃ ସଭ୍ୟତାର ପ୍ରାରମ୍ଭରୁ ହିଁ କୋହ୍ଲ ସଂପ୍ରଦାୟ ଉନ୍ନତ ତଥା ସେମାନଙ୍କର ବାସଗୃହ ପରମ୍ପରା ପ୍ରଚଳିତ। ଯେବେଠାରୁ ମଣିଷ ଜାତି ଯାଯାବାରୀୟ ଜୀବନ ଧାରା ପରିତ୍ୟାଗ କରି ସାମାଜିକ ହେଲା ଏବଂ ସମାଜ ଗଠନ ପୂର୍ବକ ବାସଗୃହ ନିର୍ମାଣ କରି ଏକତ୍ର ବସବାସ କଲା, ସେହିଦିନ ଠାରୁ କୋହ୍ଲ ସଂପ୍ରଦାୟ ମଧ୍ୟ ସାମାଜିକ ସ୍ତରରେ ବାସଗୃହ ନିର୍ମାଣ ଶୈଳୀ ଆପଣେଇଲେ । ତେଣୁ ପ୍ରାୟତଃ ସେମାନଙ୍କର ନିଜସ୍ୱ ବାସଗୃହ ଥିବାର ଦୃଷ୍ଟିଗୋଚର ହୋଇଥାଏ । ଏ ସଂପ୍ରଦାୟର ଲୋକେ କେଉଁଠି କେମିତି ଇନ୍ଦିରା ଆବାସ ଗୃହରେ ରହିଥାଇପାରନ୍ତି କିନ୍ତୁ ସାଧାରଣ ଭାବେ ନୁହେଁ । ସେଥିପାଇଁ କୌଣସି ସରକାରୀ ସଂରଚନା କିମ୍ବା ଇନ୍ଦିରା ଆବାସ ଯୋଜନାର ନିର୍ମିତ ସରକାରୀ ବାସଗୃହର ଗୁରୁତ୍ୱ ବା ମୂଲ୍ୟବୋଧ ଏମାନଙ୍କ ପାଇଁ କ୍ଷୀଣ ।

## ଆଧୁନିକ ସମାଜରେ ବ୍ୟବହୃତ ଗୃହ ନିର୍ମାଣ ଉପକରଣ, ପ୍ରାଚୀନ ଏବଂ ସାମ୍ପ୍ରତିକ ଗୃହନିର୍ମାଣର ସ୍ୱୀକୃତି ଓ ପ୍ରତ୍ୟାଖ୍ୟାନ:

ପ୍ରାଚୀନ କାଳରୁ ଆଧୁନିକ ସଭ୍ୟତାର ସ୍ପର୍ଶ ଯାଏଁ କୋହ୍ଲମାନଙ୍କର ଗୃହ ନିର୍ମାଣ ଶୈଳୀ ପରିମାର୍ଜିତ ନଥିଲା । ଅବଶ୍ୟ ଶୈଳୀ ଏତେ ମନ୍ଦ ନଥିଲା, ତେବେ ଗୃହଗୁଡ଼ିକ ଝାଟିମାଟିରେ ନିର୍ମିତ ହେବା ସହିତ ଏଥିରେ କାଠ, ଛଣ ବା ନଡ଼ା, ମାଟି, ପ୍ରସ୍ତର, ଜଳ, ବାଉଁଶ ଦଉଡ଼ି ବା ଗଛର ଛେଲି ପ୍ରଭୃତି ବ୍ୟବହୃତ ହେଉଥିଲା । ପ୍ରଥମେ ସେମାନେ କାଠର ଖୁଣ୍ଟ ପୋତି, ସେଥିରେ ଉରା, ରୁଅ, ଆଦି ଲଗାଇ ଛପର ପ୍ରସ୍ତୁତ କରୁଥିଲେ । ଛପରରେ ଛଣ କିମ୍ବା ନଡ଼ା ଦେବା ପୂର୍ବରୁ ପରାଶି ଝଟା ବିଛାଇ ବାଉଁଶ ବତାରେ ଭଲଭାବେ ବାନ୍ଧି ଦିଆଯାଉଥିଲା । ପୁଣି ଛପର ପରେ ନଡ଼ା କିମ୍ବା ଛଣ ଉପରେ ବାଉଁଶବତାକୁ ବାନ୍ଧି ଛପରକୁ ମଜଭୂତ କରୁଥିଲେ । ଶେଷରେ କାହୁଅ ଓ ମୁରମ୍ ଚକଟି କାନ୍ଥ ଦେଉଥିଲେ । ଘରଗୁଡ଼ିକ ଏକ ବା ତିନି ପ୍ରକୋଷ୍ଠ ବିଶିଷ୍ଟ ହେବା ସହିତ ପ୍ରକୋଷ୍ଠଗୁଡ଼ିକରେ ଝରକା ଲାଗୁନଥିଲା । ଏହା କୋହ୍ଲସମାଜରେ ପାରମ୍ପରିକ ବାସଗୃହ । ସଭ୍ୟତାର ପରିବର୍ତ୍ତନ ଯୋଗୁଁ କୋହ୍ଲ ସଂପ୍ରଦାୟ ଶିକ୍ଷିତ ଓ ତତ୍‌ଜନିତ ବିଶେଷ ଉନ୍ନତ ହୋଇଥିବାର ଦୃଷ୍ଟିଗୋଚର ହୁଏ । ତେଣୁ ଅନେକ ପାରମ୍ପରିକ

ଗୃହନିର୍ମାଣ ଶୈଳୀ ତଥା ଉପକରଣକୁ ପ୍ରତ୍ୟାଖ୍ୟାନ ପୂର୍ବକ ଆଧୁନିକ ଯୁଗରେ ବ୍ୟବହୃତ ହେଉଥିବା ଗୃହ ନିର୍ମାଣ ଶୈଳୀ ତଥା ଉପକରଣରେ ଉନ୍ନତ ଆଧୁନିକ ଗୃହ ନିର୍ମାଣ କରୁଛନ୍ତି । କେତେକ ପାରମ୍ପରିକ ବାସଗୃହ ପରି କରୁଥିଲେ ହେଁ ଆଗ ଝାଟିମାଟି କିମ୍ବା ଇଟାକାନ୍ଥ ଦେଇ ପରେ ନଡ଼ା-ଛଡା ବା ଟାଇଲ, ଆଜ୍‌ବେଷ୍ଟସ୍‌ରେ ଛପର କରୁଛନ୍ତି । କେହି କେହି ସିମେଣ୍ଟ, ବାଲିରେ ଙ୍କକ୍ରିଟ୍ ଦିଆ ବାସଗୃହ ମଧ୍ୟ ନିର୍ମାଣ କରୁଛନ୍ତି । ପୁନଶ୍ଚ ପାରମ୍ପରିକ ଏକ ବା ତିନି ପ୍ରକୋଷ୍ଠ ବିଶିଷ୍ଟ ବାସଗୃହ ପରିବର୍ତ୍ତେ ଇଚ୍ଛା ବା ଆବଶ୍ୟକ ଅନୁଯାୟୀ ପ୍ରକୋଷ୍ଠର ସଂଖ୍ୟା ବଢ଼ାଉଛନ୍ତି । ଆଗରୁ ପ୍ରକୋଷ୍ଠ ଗୁଡ଼ିକରେ ଝରକା ଲାଗୁନଥିବା ବେଳେ ଏବେ ଆଧୁନିକ ପର୍ଯ୍ୟାୟରେ ଝରକା ବ୍ୟବସ୍ଥା ରହୁଛି । ଗୃହନିର୍ମାଣରେ କୌଣସି ପାରମ୍ପରିକ ନୀତିନିୟମ ଅନୁସୃତ ହେଉନାହିଁ । ତେବେ ବସ୍ତୁତଃ କୋହ୍ଲ ସଂପ୍ରଦାୟ ଆଧୁନିକତାରେ ସ୍ପର୍ଶରେ ତାର ପାରମ୍ପରିକ ଗୃହନିର୍ମାଣ ଶୈଳୀ ପରିବର୍ତ୍ତନ କରିଛି କିମ୍ବା ଆଂଶିକ ବା ପୂର୍ଣ୍ଣ ପ୍ରତ୍ୟାଖାନ କରିଛି ।

## ଆଧୁନିକ ଗୃହର ସମସ୍ୟା ଓ ସମ୍ଭାବନା :

ତୁଳନାତ୍ମକ ଭାବେ ଆଧୁନିକ ଗୃହର ସମସ୍ୟା କମ୍ । ଏପରିକି ନାହିଁ କହିଲେ ଚଳେ । କେବଳ ଆର୍ଥିକ ଦୃଷ୍ଟିରୁ ଖର୍ଚ୍ଚ ଅଧିକ, କିନ୍ତୁ ସୁବିଧା ଅନେକ । ଏଗୁଡ଼ିକରେ ପ୍ରକୋଷ୍ଠ ଅଧିକ ଥିବାରୁ ଚଳପ୍ରଚଳ (ପରିବାର ଏବଂ ଅତିଥି) ପାଇଁ ବେଶ୍ ଆରାମ୍‌ଦାୟକ । ଝରକା ରଖୁଥିବାରୁ ପ୍ରକୋଷ୍ଠ ମଧ୍ୟକୁ ମୁକ୍ତବାୟୁ ଗତାଗତରେ ବାଧାନାହିଁ, ଯାହାକି ସ୍ୱାସ୍ଥ୍ୟ ପକ୍ଷେ ହିତକର । କାନ୍ଥ ଇଟା, ସିମେଣ୍ଟରେ ହେଉଥିବା ଯୋଗୁଁ ତାର ସ୍ଥାୟିତ୍ୱ ସୀମା ପରିବ୍ୟାପ୍ତ । ସର୍ବୋପରି ଛପରରେ ଟାଇଲ ଆଜବେଷ୍ଟସ୍ ବ୍ୟବହୃତ ଯୋଗୁଁ ଲୋକେ ନିଶ୍ଚିନ୍ତ ଓ ନିରାପଦରେ ବସବାସ କରିପାରୁଛନ୍ତି । ନଡ଼ା-ଛଡାପଚିବା ବା ତାକୁ ବାରମ୍ବାର ବଦଳାଇବାର ଝିନ୍‌ଝଟ୍ ନାହିଁ । ତେଣୁ ଆଧୁନିକ ଗୃହ ଉନ୍ନତ କୋହ୍ଲ ସଂପ୍ରଦାୟକୁ ଉନ୍ନତତର କରିବାରେ ସହାୟକ ହୋଇପାରିଛି ।

## ପାରମ୍ପରିକ ଗୃହନିର୍ମାଣ, ମରାମତି, ସଂରକ୍ଷଣ, ନିରାପତ୍ତା ଓ ସୁରକ୍ଷା ସମ୍ବନ୍ଧୀୟ ପ୍ରସ୍ତାବ :

ହୋ/କୋହ୍ଲ ସଂପ୍ରଦାୟର ପାରମ୍ପରିକ ଗୃହଗୁଡ଼ିକ ପ୍ରତ୍ୟେକ ଦୃଷ୍ଟିକୋଣରୁ ଅନୁନ୍ନତ ଅବଶ୍ୟ ଆଧୁନିକ ଗୃହ ତୁଳନାରେ । କାରଣ ନଡ଼ା-ଛଡା ଛପର ହେଉଥିବାରୁ ପଚିଗଲେ ବଦଳାଇବାର ଆବଶ୍ୟକତା ରହିଥାଏ । ବର୍ଷାପାଣିରେ ମାଟି କାନ୍ଥ ଓ ପିଣ୍ଡା

ନଷ୍ଟ ହୁଏ । ପ୍ରକୋଷ୍ଠ ସଂଖ୍ୟା କମ୍ ଯୋଗୁଁ ବଡ଼ ପରିବାର ଏକତ୍ର ଚଳିବା କଷ୍ଟକର ହୋଇପଡ଼େ । ଝରକା ବିହୀନ ପ୍ରକୋଷ୍ଠ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ । ସେଥିରେ ପୁଣି ପ୍ରକୋଷ୍ଠର ଭିତରେ, ସଂଲଗ୍ନ ବାହାରେ, ବାରଣ୍ଡାରେ ଗୃହପାଳିତ ପଶୁପକ୍ଷୀଙ୍କର ଆତଯାତ, ଆଜିକାଲିର ପ୍ରଭାବିତ ମାନସିକତାକୁ ନେଇ ପାରମ୍ପରିକ ଗୃହରେ ଚଳିବା ନିଶ୍ଚିତ କଷ୍ଟକର । ପୁନଶ୍ଚ ଦାଣ୍ଡି ଘର ଯୋଗୁଁ ଚୋରଙ୍କ ଭୟ ଅନେକ ସମୟରେ ଅସ୍ଥିରତାର କାରଣ ହୋଇଥାଏ । ପାରମ୍ପରିକ ଗୃହର ମରାମତି ଓ ସଂରକ୍ଷଣ ପାଇଁ ଅହରହ ଖର୍ଚ୍ଚାନ୍ତ ହେବାକୁ ପଡ଼େ ।

ତେଣୁ ହୋ/କୋହ୍ଲମାନଙ୍କର ପାରମ୍ପରିକ ଗୃହର ଉନ୍ନତି କଲେ ପରମ୍ପରାର ନବୀକରଣ ଆବଶ୍ୟକ । ପରମ୍ପରାକୁ ପରିବର୍ତ୍ତନ କରିବାକୁ ହେଲେ କୋହ୍ଲଙ୍କ ଭିତରେ ସଚେତନତା ସୃଷ୍ଟିର ପ୍ରୟାସ ଜାରି ରହିବା ଜରୁରୀ ଏବଂ ଏହି ପ୍ରୟାସ ଆନ୍ତରିକତାର ସହ ସେମାନଙ୍କ ଭିତରକୁ ପ୍ରବେଶ କରିବା । ବାହାରେ କିମ୍ବା କାଗଜ କଲମରେ ନୁହେଁ । ପାରମ୍ପରିକ ଗୃହନିର୍ମାଣର ପଦ୍ଧତି, ଆବଶ୍ୟକୀୟ ଉପକରଣ ମରାମତି, ସଂରକ୍ଷଣ, ନିରାପତ୍ତା ଓ ସୁରକ୍ଷା ବାବଦରେ ଦୋଷତ୍ରୁଟି ଏବଂ ତତ୍‌ଜନିତ ଅସୁବିଧା ତଥାପରିବର୍ତ୍ତିତ ବାସଗୃହର ପାରମ୍ପରିକ କାର୍ଯ୍ୟକାରିତାଭିତ୍ତିକ ସୁବିଧାସୁଯୋଗ, ପୁଣି ତାଲିମ୍ ଓ ସହାୟତା ପ୍ରତ୍ୟେକଟି ଦିଗପ୍ରତି ଗୁରୁତ୍ୱର ସହ ଧ୍ୟାନ ଦେଲେ ହୁଏତ ହୋ/କୋହ୍ଲ ସମାଜ ଅଧିକ ଉପକୃତ ହୋଇପାରନ୍ତେ ।

❑❑❑

# ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀ
## (ନେହାର୍ କରେନ୍ ଦୁଦେ)

ମଣିଷ ଯେ କୌଣସି ସଂପ୍ରଦାୟ ବା ଗୋଷ୍ଠୀର ହୋଇଥାଉନା କାହିଁକି ପ୍ରଥମତଃ ସେ ଏକ ସାମାଜିକ ପ୍ରାଣୀ । ସମାଜ ପରିତ୍ୟକ୍ତ ମଣିଷକୁ ପଶୁ କିମ୍ବା ଅତିମାନବ କୁହାଯାଇପାରେ । ସାଧାରଣ ମଣିଷଟିକୁ ସମାଜ ଭିତରେ ରହି ପଡ଼ୋଶୀ ପ୍ରଜାତିଗୋଷ୍ଠୀ ମାନଙ୍କ ସହିତ ସଂପର୍କ ସ୍ଥାପନ କରିବା ଅପରିହାର୍ଯ୍ୟ ମନେ ହୋଇଥାଏ । ନଚେତ ଜୀବନର ଚଲାପଥ ତା ପାଇଁ କଣ୍ଟକିତ ହୋଇପଡ଼େ, ନିତ୍ୟନୈମିତିକ ଚଳଣୀ ହୁଏ ବାଧାପ୍ରାପ୍ତ । ଏପରି ଏକ ମାନସିକତାକୁ ନେଇ ହୋ/କୋହ୍ଲ ସଂପ୍ରଦାୟ ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କ ସହିତ ସୁସଂପର୍କ ସ୍ଥାପନ କରିଥାଆନ୍ତି ।

### ପଡ଼ୋଶୀ ସମ୍ପର୍କୀତ ଧାରଣା:

ପଡ଼ୋଶୀ ସମ୍ବନ୍ଧୀୟ ଧାରଣା ହୋ/କୋହ୍ଲମାନଙ୍କର ବେଶ୍ ଉତ୍ତମ । କାରଣ ସେମାନେ ଜାଣନ୍ତି ଯେ ଅନ୍ୟଗୋଷ୍ଠୀର ସାହଚର୍ଯ୍ୟ ବିନା ସେମାନଙ୍କର ଜୀବନଧାରଣ ଦୁର୍ବିସହ, ନୀତିଦିନିଆ ଚଳଣିରେ ଆବଶ୍ୟକ ତଥା ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଲବ୍ଧ ପାଇଁ ସେମାନଙ୍କୁ ପ୍ରଜାତି ଗୋଷ୍ଠୀଙ୍କ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ସେଥିପାଇଁ କୋହ୍ଲ ସଂପ୍ରଦାୟ ବସତି ସ୍ଥାପନ ପୂର୍ବରୁ କେତେକ ଗୋଷ୍ଠୀର ପରିବାରମାନଙ୍କୁ ନିଜ ବସତିରେ ସ୍ଥାନ ଦିଅନ୍ତି । ସ୍ଥଳ ବିଶେଷରେ ସେମାନଙ୍କୁ ସହାୟତା ପ୍ରଦାନ ପୂର୍ବକ ବସବାସର ସୁବିଧା ଯୋଗାଇ ଦେଇଥାଆନ୍ତି । କୋହ୍ଲ ବସତି ମଧ୍ୟରେ କିମ୍ବା ବସତିର ପାର୍ଶ୍ୱଦେଶରେ ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କର ଗୃହ ନିର୍ମିତ ହୋଇଥାଏ । ଆବଶ୍ୟକ ହେଲେ କୋହ୍ଲମାନେ ସେମାନଙ୍କୁ ପ୍ରାଥମିକ ଚଳଣି ପାଇଁ ସାହାଯ୍ୟ ମଧ୍ୟ ପ୍ରଦାନ କରିଥାଆନ୍ତି । ତେଣୁ ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କର ଗୁରୁତ୍ୱ କୋହ୍ଲମାନଙ୍କ ପାଇଁ କେତେ ବେଶୀ ଏଥିରୁ ସ୍ପଷ୍ଟ ଅନୁମେୟ । କୋହ୍ଲ ସଂପ୍ରଦାୟର ଉତ୍ପତ୍ତି କାଳରୁ ଏପରି ଉନ୍ନତ ଧାରଣା ହୋ/କୋହ୍ଲମାନଙ୍କ ଭିତରେ ଏବେ ସୁଦ୍ଧା ବଳବତ୍ତର ରହିଥିବାର ଅନୁଭୂତ ହୋଇଥାଏ ।

### ତାଙ୍କ ସହିତ ବସବାସ କରୁଥିବା ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ:

ହୋ/କୋହ୍ଲ ବସତି ଭିତରେ, ପାର୍ଶ୍ୱରେ ବା ସମୀପରେ ଅନ୍ୟ ଯେକୌଣସି ପ୍ରଜାତିକ ଗୋଷ୍ଠୀ ବସବାସ କଲେ ମଧ୍ୟ କୋହ୍ଲ ସମାଜର ଆପତ୍ତି ନଥାଏ । ସମସ୍ତଙ୍କୁ

ସେମାନେ ପଡ଼ୋଶୀର ମର୍ଯ୍ୟଦା ଦେଇଥାଆନ୍ତି । କିନ୍ତୁ ତାଙ୍କ ବସତି ଭିତରେ କିମ୍ବା ପାର୍ଶ୍ୱରେ ସେମାନେ ସାଧାରଣତଃ କୁମ୍ଭକାର,ବୁଣାକାର, ଗୋପାଳ, କମାର ଓ ଡୋମ୍ - ଏହି ପାଞ୍ଚପ୍ରକାର ଗୋଷ୍ଠୀଙ୍କୁ ସ୍ଥାନ ଦେଇଥାଆନ୍ତି । ନିତିଦିନିଆ ଜୀବନଧାରାରେ ଏହି ପାଞ୍ଚଟି ଗୋଷ୍ଠୀଙ୍କର ସାହଚର୍ଯ୍ୟ ନିତାନ୍ତ ଜରୁରୀ ବୋଲି ସେମାନେ ହୃଦବୋଧ କରନ୍ତି । କାରଣ କୁମ୍ଭକାର ନିକଟରୁ ହାଣ୍ଡି, କଳସୀ, ଢ଼ାଳ ଆଦି ମୃତ୍ତିକା ଉପକରଣ, ବୁଣାକାର ଦ୍ୱାରା ପ୍ରସ୍ତୁତ ଲୁଗାପଟା, ଗୋପାଳ ପାଖରୁ ଗାଈ, ଗୋରୁ, ଛେଳି, ମେଣ୍ଢା, ମଇଁଷି ଇତ୍ୟାଦି,କମାର ନିର୍ମିତ ଚାଷୋପକରଣ, ଗୃହୋପକରଣ ଏବଂ ଡ଼ୋମ୍ କରୁଥିବା ନିତ୍ୟବ୍ୟବହାର୍ଯ୍ୟ କୁଲା, ଡ଼ଲା,ପାଛିଆ, ଚଲା ଆଦି ସମସ୍ତ ପ୍ରକାର ଚଳଣୀୟ ସାମଗ୍ରୀ ସେମାନେ ଲବ୍ଧ ହୋଇପାରନ୍ତି । ଏହାଦ୍ୱାରା ସେମାନଙ୍କର ସାଧାରଣ ଚଳଣିରେ ବାଧା ଉପୁଜିନଥାଏ । ଉପରୋକ୍ତ ପାଞ୍ଚପ୍ରକାର ଗୋଷ୍ଠୀଙ୍କ ବ୍ୟତୀତ କୋହ୍ଲୁ ବସତିରେ ଅନ୍ୟାନ୍ୟ ସମସ୍ତ ଆଦିବାସୀ ସଂପ୍ରଦାୟର ପରିବାର ମଧ୍ୟ ବସବାସ କରୁଥିବାର ଦେଖାଯାଇଥାଏ । ଏପରିକି ଦିକୁ (ଅଣ ଆଦିବାସୀ)ମାନେ ମଧ୍ୟ ରହିପାରନ୍ତି ବା ରହନ୍ତି ।

ତେବେ ହୋ/କୋହ୍ଲୁ ପରମ୍ପରା ଅନୁଯାୟୀ ସେମାନେ ୩୨ ଗୋଟି ପ୍ରଜାତି ଗୋଷ୍ଠୀଙ୍କୁ ଆପଣାର ମନେ କରନ୍ତି ଓ ସେମାନଙ୍କ ସହିତ ବସବାସ କରିବାକୁ ଅଧିକ ପସନ୍ଦ କରିଥାଆନ୍ତି । ସେ ସେବୁ ହେଲେ- ସାନ୍ତାଳ, ଭୂମିଜ, ବାଥୁଡ଼ି, କୁମ୍ଭାର, କମାର, ବୁଣାକାର, ଗୋପାଳ, ଡ଼ୋମ, ମାହାଲି, ହାଡ଼ି, ତେଲି, ରଜକ, ବାରିକ, ବଣିଆ, ମାଙ୍କିଡ଼ିଆ, ଲୋଧା ସଉରା, ଓରାଂ, କନ୍ଧ, ମହନ୍ତ, ସାଉଁତି, ଗଣ୍ଡ, ବଗତା, ଭୂମିଆ, ଭୂଂଜିଆ, ଦେଶୁଆ ଭୂୟାଁ, ଧାରୁଆ, କୋୟା, କାରୁଆ ମୁଣ୍ଡାରୀ ଓ ଖେରଓ୍ୱାର । ଓଡ଼ିଶା ତଥା ଓଡ଼ିଶା ବାହାର ଅନ୍ୟ ପ୍ରଦେଶରେ ଥିବା କୋହ୍ଲୁ ବସତି ଅଞ୍ଚଳଗୁଡ଼ିକରେ ପ୍ରାୟତଃ ଏହିସବୁ ପ୍ରଜାତି ଗୋଷ୍ଠୀର ଲୋକ ବସବାସ କରୁଥିବାର ଦେଖାଯାଇଥାଏ ।

ପାରମ୍ପରିକ ସୂତ୍ରରେ ହୋ/କୋହ୍ଲୁ ସଂପ୍ରଦାୟ ଦିକୁ (ଶୋଷକ/ନିର୍ଯ୍ୟାତକ) ମାନଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି । କାରଣ ଯୁଗ ଯୁଗ ଧରି ସେମାନେ ଦିକୁ ମାନଙ୍କ ଦ୍ୱାରା ପ୍ରତାରିତ ହୋଇ ଆସିଥିବାର ଅନୁଭବ କରିଥାଆନ୍ତି ବା ଏହା ସେମାନଙ୍କର ବଦ୍ଧମୂଳ ଧାରଣା । ଏହି ସୂତ୍ରରେ ଓଡ଼ିଆମାନେ ମଧ୍ୟ କୋହ୍ଲୁମାନଙ୍କର ଘୃଣାର ପାତ୍ର । ଅବଶ୍ୟ ଏବେ ସେମାନଙ୍କର ଏପରି ମନୋବୃତ୍ତି ପରି ବର୍ତ୍ତନ ଦିଗକୁ ମୁହାଁଉଥିବାର ଲକ୍ଷ୍ୟ କରାଯାଇଥାଏ । ଫଳତଃ କୋହ୍ଲୁ ବସତି କିମ୍ବା ସମୀପରେ କିମ୍ବା ଅନତି ଦୂରରେ

ଦିକୁମାନେ (ଅଣ ଆଦିବାସୀ) ଅଞ୍ଚଳରେ ବହୁତେ ବସବାସ କରୁଥିବା ସଂଗେ ସଂଗେ ହୋ/କୋହ୍ଲ ସମାଜ ସେମାନଙ୍କୁ ମଧ୍ୟ ପଡ଼ୋଶୀ ପ୍ରଜାତି ଗୋଷ୍ଠୀର ସମ୍ମାନ ଦେଇଥାଏ ।

## ବିଭିନ୍ନ ପ୍ରଜାତିକ ଗୋଷ୍ଠୀମାନଙ୍କ ମଧ୍ୟରେ ସଂପର୍କ:

**ଅର୍ଥନୈତିକ :** ହୋ/କୋହ୍ଲ ସଂପ୍ରଦାୟ ନିଜର ନିତିଦିନିଆ ଜୀବନଧାରାରେ ଆବଶ୍ୟକ କରୁଥିବା ସମସ୍ତ ପ୍ରକାର ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କ ଠାରୁ କ୍ରୟ କରିଥାଆନ୍ତି । ଯେପରି ନିଜସ୍ୱ ଚାଷକାର୍ଯ୍ୟ ପାଇଁ ଗୋରୁ, ଗାଈ, ମଇଁଷି ଗୋପାଳ ଠାରୁ, ଚାଷୋପକରଣ (ଲଙ୍ଗଳ, ପାଟଳ, କଟୁରୀ, କୁରାଢ଼ୀ, ଦାଆ, ଶାବଳ, କୋଦାଳ ଇତ୍ୟାଦି) ଗୁଡ଼ିକ କମାର ଠାରୁ, କୁମ୍ଭକାର ନିକଟରୁ ଗୃହୋପକରଣ ମାଟି ନିର୍ମିତ ହାଣ୍ଡି, କଳସୀ, ଢ଼ାଳ, ଦୀପ, ଠେକା ଇତ୍ୟାଦି, ବୁଣାକାର ପ୍ରସ୍ତୁତ ଶାଢ଼ୀ, ଧୋତି, ଗାମୁଛା, ଲୁଙ୍ଗି ପ୍ରଭୃତି ଏବଂ ଡ଼ୋମମାନଙ୍କର ହସ୍ତନିର୍ମିତ ନିତ୍ୟବ୍ୟବହାରର୍ଯ୍ୟ ଗୃହସାମଗ୍ରୀ (କୁଲା, ଡ଼ଲା, ପାଛିଆ, କଠା, ଚଲା ଇତ୍ୟାଦି) ଏମାନେ ସହଜ ଓ ସୁବିଧାରେ ପ୍ରାପ୍ତ ହୁଅନ୍ତି । ପ୍ରତିବଦଳରେ ହୋ/କୋହ୍ଲ ସେମାନଙ୍କୁ ଟଙ୍କା, ଧାନ, ଚାଉଳ, କୋଳଥ ଇତ୍ୟାଦି ଦେଇଥାଆନ୍ତି । କେବେକେବେ ହାଣ୍ଡିଆ, ମଦ ମଧ୍ୟ କ୍ରୟ କରିପିଅନ୍ତି । ଅଭାବ ସମୟରେ କେହି ଅବା ସ୍ୱଚ୍ଛଳ ପ୍ରଜାତି ଗୋଷ୍ଠୀଙ୍କ ଠାରୁ ଟଙ୍କା ପଇସା ଧାର କରଜ ଆଣୁଥିବାର ଦେଖାଯାଇଥାଏ । ସେମାନେ ମଧ୍ୟ ଏମାନଙ୍କ ଠାରୁ ଅନୁରୂପ ପ୍ରକ୍ରିୟାରେ ନେଇଥାଆନ୍ତି । ଅନେକ ସମୟରେ ପ୍ରଜାତି ଗୋଷ୍ଠୀ କୋହ୍ଲଙ୍କ ଠାରୁ ଧାନ ଚାଉଳ କିମ୍ବା ପନିପରିବା,ଶସ୍ୟାଦି କ୍ରୟ କରନ୍ତି ।

**ସାମାଜିକ:** ଭିନ୍ନ ଭିନ୍ନ ପ୍ରଜାତିକ ଗୋଷ୍ଠୀଙ୍କ ସହିତ ହୋ/କୋହ୍ଲମାନଙ୍କର ସାମାଜିକ ସଂପର୍କ ଉତ୍ତମ । ତେବେ ସାଧାରଣତଃ କୋହ୍ଲମାନେ ସାନ୍ତାଳ, ଭୂମିଜ, କୁମ୍ଭାର, ଜାତିର ଲୋକଙ୍କ ଘରେ ଖାଦ୍ୟ ଏବଂ ପାନୀୟ ଗ୍ରହଣ କରିଥାଆନ୍ତି । ଆଦ୍ୟରୁ ଅନ୍ୟ ଗୋଷ୍ଠୀଙ୍କ ପାଖରୁ ଖାଦ୍ୟ ଏମାନେ ଗ୍ରହଣ କରୁନଥିଲେ ମଧ୍ୟ ଏବେ ଏହି ପରମ୍ପରା କୋହଳ ହୋଇଥିବାର ଦେଖାଯାଇଥାଏ । ତେବେ ପାନୀୟ ସେବନରେ ପ୍ରାୟ ବାଛବିଚାର କରନ୍ତି ନାହିଁ । ପ୍ରତ୍ୟେକେ ପ୍ରତ୍ୟେକଙ୍କର ସାମାଜିକ ଅନୁଷ୍ଠାନରେ ଯୋଗ ଦେଇପାରନ୍ତି, ଏଥିରେ କିନ୍ତୁ ବାଧ୍ୟବାଧକତା ନଥାଏ । ଲୌକିକତା ଦୃଷ୍ଟିରୁ କେହି ସଂପର୍କିତ ଲୋକଙ୍କୁ ନିମନ୍ତ୍ରଣ ଜଣାନ୍ତି ଏବଂ ସେମାନେ ଯୋଗ ମଧ୍ୟ ଦିଅନ୍ତି । ହୋ/କୋହ୍ଲମାନଙ୍କ ଘରେ ପ୍ରାୟତଃ ସମସ୍ତ ପ୍ରଜାତି ଗୋଷ୍ଠୀ ଖାଦ୍ୟ ଏବଂ ପାନୀୟ ଗ୍ରହଣ କରିଥାଆନ୍ତି । ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକରେ ସମସ୍ତେ ଏକତ୍ରିତ ହେଉଥିବାର

ଦେଖାଯାଇଥାଏ । ଖେଳକୁଦରେ ମଧ୍ୟ କୋହ୍ଲୁ ଯୁବକମାନେ ପଡ଼ୋଶୀଗୋଷ୍ଠୀର ଯୁବକମାନଙ୍କ ସହିତ ସମନ୍ୱୟ ରକ୍ଷାକରି ଆନନ୍ଦିତ ହୋଇଥାଆନ୍ତି । ବିଶେଷ ସଂପର୍କ ସ୍ଥାପିତ ହୋଇଥିବା ସାନ୍ତାଳ ଓ ଭୂମିଜ ସଂପ୍ରଦାୟର ଲୋକଙ୍କ ସହିତ କୋହ୍ଲୁମାନେ ସଂଗାତ, ମିତ ମଧ୍ୟ ବସିପାରନ୍ତି । କୋହ୍ଲୁ, ସାନ୍ତାଳ, ଭୂମିଜ, ମାହାଲି, କାରୁଆ, ମାଙ୍କିଡ଼ିଆ ଇତ୍ୟାଦି ପ୍ରଜାତିକ ଗୋଷ୍ଠୀ ଏକ ଭାଷା (ଅଷ୍ଟ୍ରୋ ଏସିଆଟିକ୍) ଅନ୍ତର୍ଭୁକ୍ତ । ଏବଂ ଅନ୍ୟ ସମସ୍ତେ ଆଦିବାସୀ ସଂପ୍ରଦାୟର ହୋଇଥିବାରୁ ପ୍ରତ୍ୟେକ ପଡ଼ୋଶୀ ପ୍ରଜାତିଗୋଷ୍ଠୀଙ୍କ ସହିତ କୋହ୍ଲୁମାନଙ୍କର ସାମାଜିକ ସଂପର୍କ ରହିବା ନିଶ୍ଚିତ ସ୍ୱାଭାବିକ ।

## ରାଜନୈତିକ:

ପ୍ରାରମ୍ଭରୁ ଅନ୍ୟ ପ୍ରଜାତି ଗୋଷ୍ଠୀଙ୍କ ସହିତ ହୋ/କୋହ୍ଲୁ ମାନଙ୍କର ପ୍ରାୟତଃ ରାଜନୈତିକ ସଂପର୍କ ରହୁ ନଥିଲା । ରାଜନୈତିକ ପ୍ରକ୍ରିୟା କେବଳ କୋହ୍ଲୁସଂପ୍ରଦାୟ ବା କୋହ୍ଲୁ ବସତି ଗ୍ରାମଗୁଡ଼ିକରେ କୋହ୍ଲୁମାନଙ୍କ ଭିତରେ ସୀମିତି ରହୁଥିଲା । ଅନ୍ୟମାନେ ଏମାନଙ୍କର ପ୍ରଭୁତ୍ୱକୁ ସ୍ୱୀକାର କରି ଏକତ୍ର ବସବାସ କରୁଥିଲେ । ଏବେ କିନ୍ତୁ ସମୟ ବଦଳିବା ସହିତ ସମସ୍ତଙ୍କ ଭିତରେ ରାଜନୈତିକ ସଂପର୍କ ଗଢ଼ିଉଠିଥିବାର ଦେଖାଯାଏ । ସରକାରଙ୍କର ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରତ୍ୟେକ ପ୍ରଜାତି ଗୋଷ୍ଠୀ ସକ୍ରିୟ ହେବା ସହିତ ରାଜନୈତିକ ସ୍ତରରେ ସଂପର୍କିତ ହେବାକୁ ବାଧ୍ୟ ହୋଇଥାଆନ୍ତି । କାରଣ ଗଣତନ୍ତ୍ର ଶାସନଧାରାରେ ନିର୍ବାଚନ ଓ ତତ୍‌ଜନିତ ଭୋଟ୍ ପ୍ରଥା ସେମାନଙ୍କୁ ସଂପର୍କର ସୂତ୍ରରେ ବାନ୍ଧି ଦେଇଥାଏ । ତେବେ ପାରମ୍ପରିକ ଗ୍ରାମସଭା ରାଜନୀତିରେ କୌଣସି ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କର ପ୍ରବେଶ ନିଷିଦ୍ଧ ଥାଏ ।

## ଧର୍ମୀୟ:

ଧର୍ମ ଭିତ୍ତିକ ପୂଜାପାର୍ବଣ ସମସ୍ତଙ୍କର ନିଜସ୍ୱ । ପ୍ରତ୍ୟେକ ପ୍ରଜାତିଗୋଷ୍ଠୀ ନିଜ ନିଜର ପରଂପରା ଅନୁଯାୟୀ ସେସବୁ ପାଳନ କରିଥାଆନ୍ତି । ଏଥିରେ କେହି କାହାରି ଧାରାରେ ହସ୍ତକ୍ଷେପ କରନ୍ତି ନାହିଁ । ତେବେ ପର୍ବପର୍ବାଣୀ ଗୁଡ଼ିକରେ କୋହ୍ଲୁମାନେ ଅନ୍ୟ ସଂପ୍ରଦାୟର ଲୋକଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ଜଣାଇଥିବାବେଳେ ପୂଜା ପାଇଁ ଅନ୍ୟ କୌଣସି ଗୋଷ୍ଠୀଙ୍କୁ ଡକାଯାଇନଥାଏ । କେହି ଯଦି ପରିଚିତ ବନ୍ଧୁଙ୍କ ଘରକୁ ଆସିଥାଆନ୍ତି, ତେବେ ତାଙ୍କୁ ଯଥୋଚିତ ସତ୍କାର କରାଯାଇଥାଏ । କିନ୍ତୁ ହୋ/ କୋହ୍ଲୁମାନଙ୍କର ମୁଖ୍ୟ ପୂଜକ (ଦିଉରୀ) ଉପରୋକ୍ତ ୩୨ ପ୍ରକାର ପ୍ରଜାତି ଗୋଷ୍ଠୀଙ୍କର ମଙ୍ଗଳାର୍ଥେ ଈଶ୍ୱରଙ୍କୁ ପ୍ରାର୍ଥନା ପୂର୍ବକ ନିବେଦନ କରିଥାଆନ୍ତି ଯେ ସମସ୍ତେ ଅଙ୍କ ଓ

ପୂଜାପାଠ କରିବାକୁ ଅକ୍ଷମ ତେଣୁ ସେ ନିବେଦନ କରୁଛନ୍ତି । ସମସ୍ତେ ଶାନ୍ତିରେ ରହନ୍ତୁ । ସମସ୍ତଙ୍କର ମଂଗଳ ହେଉ । ହୋ/କୋହ୍ଲମାନଙ୍କର କେବଳ ବଳବଜି ପୂଜାରେ ପଡ଼ୋଶୀଗୋଷ୍ଠୀମାନଙ୍କୁ ଡ଼କାଯାଇଥାଏ ।

## ଅନ୍ୟାନ୍ୟ :

ସମସ୍ତ ବିପଦ ଆପଦରେ ହୋ/କୋହ୍ଲ ସଂପ୍ରଦାୟ ସବୁପ୍ରକାରର ପଡ଼ୋଶୀ ଗୋଷ୍ଠୀଙ୍କର ସହାୟତା ଲୋଡ଼ିଥାଆନ୍ତି ଏବଂ ତତ୍ ସହିତ ସହଯୋଗୀ ପ୍ରେମୀ ହୋ/କୋହ୍ଲମାନେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ଗୋଷ୍ଠୀ ନିର୍ବିଶେଷରେ ସାହାଯ୍ୟ କରିବାକୁ ଆଗେଇ ଯାଆନ୍ତି । ସେ ପ୍ରାକୃତିକ ବିପର୍ଯ୍ୟୟ ହେଉ କିବା ମନୁଷ୍ୟକୃତ ବିପଦ ହେଉ ଅଥବା ମହାମାରୀ ରୋଗବ୍ୟାଧି ମଧ୍ୟ ହେଉ ସବୁଥିରେ ହୋ/କୋହ୍ଲମାନେ ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କୁ ସହାୟତା ପ୍ରଦାନ କରିଥାଆନ୍ତି । ସେହିପରି ଅନ୍ୟମାନେ ନିଜର ପ୍ରକୃତି ବା ସକ୍ଷମ ଅନୁସାରେ ଏମାନଙ୍କୁ ସହଯୋଗ କରନ୍ତି । ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ କିଣାବିକାରେ ମଧ୍ୟ ପରସ୍ପର ମଧ୍ୟରେ ସଂପର୍କ ସ୍ଥାପିତ ହୋଇଥାଏ । କୋହ୍ଲମାନଙ୍କର ମୁଖ୍ୟ ଜୀବିକା ଚାଷ ହୋଇଥିବାରୁ ସେମାନେ ପ୍ରାୟତଃ ଉତ୍ପାଦିତ ଶସ୍ୟ ପ୍ରଜାତି ପଡ଼ୋଶୀଙ୍କୁ ବିକ୍ରୟ କରିଥାଆନ୍ତି ବା ଦ୍ରବ୍ୟ କ୍ରୟ କରି ପ୍ରତିବଦଳରେ ଶସ୍ୟ ଦିଅନ୍ତି । ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ କୋହ୍ଲ ସଂପ୍ରଦାୟ ନିଜର ଆବଶ୍ୟକୀୟ ଚାହିଦା ପୂରଣ ପାଇଁ ଭିନ୍ନ ଭିନ୍ନ ପ୍ରଜାତି ଗୋଷ୍ଠୀଙ୍କୁ ସ୍ୱବସତିରେ ସ୍ଥାନ ଦେଇଥାଆନ୍ତି । ତେଣୁ ସ୍ୱଭାବିକ ଭାବେ ସେମାନେ ସମସ୍ତ ପଡ଼ୋଶୀ ପ୍ରଜାତିଙ୍କ ସହିତ ସୁସଂପର୍କ ସ୍ଥାପନ ପୂର୍ବକ କାଳାତିପାତ କରିବାକୁ ପସନ୍ଦ କରନ୍ତି ।

## ଖାଦ୍ୟ ଗ୍ରହଣ ଓ ପ୍ରତ୍ୟାଖ୍ୟାନ :

ହୋ/କୋହ୍ଲ ସଂପ୍ରଦାୟ ପ୍ରାରମ୍ଭରୁ କେବଳ ସାନ୍ତାଳ, ଭୂମିଜ ଓ ଅତିବେଶୀରେ କୁମ୍ଭାରଙ୍କ ଘରେ ଖାଦ୍ୟ ବା ପାନୀୟ ଗ୍ରହଣ କରୁଥିଲେ । ଅନ୍ୟ କୌଣସି ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କ ପାଖରୁ ସାଧାରଣତଃ ଏମାନେ ଖାଦ୍ୟପାନୀୟ ଗ୍ରହଣ କରୁନଥିଲେ ମଧ୍ୟ ସମୟର ପରିବର୍ତ୍ତନ ଅନୁଯାୟୀ ଏହି ନିୟମକୁ କୋହଳ କରି ପ୍ରାୟ ଅଧିକାଂଶ ସମଭାବାପନ୍ନ ପ୍ରଜାତିଗୋଷ୍ଠୀଙ୍କ ଠାରୁ ଖାଦ୍ୟ ଗ୍ରହଣ କରୁଥିବାର ଦେଖାଯାଇଥାଏ । ଅତ୍ୟାଧୁନିକ ସଭ୍ୟତାର ସଂସ୍ପର୍ଶରେ କେତେକ କୋହ୍ଲ ମଧ୍ୟ ସମସ୍ତ ପରମ୍ପରାକୁ ଭାଙ୍ଗି ପ୍ରତ୍ୟେକ ଗୋଷ୍ଠୀଙ୍କ ଘରେ ଖାଦ୍ୟ ଗ୍ରହଣ କରୁଛନ୍ତି, ତେବେ ପାନୀୟ ସେବନ ପାଇଁ ସେପରି ସୁଦୃଢ଼ ପ୍ରତିବନ୍ଧକ ନଥାଏ । ସମସ୍ତ ପଡ଼ୋଶୀ ପ୍ରଜାତି ଗୋଷ୍ଠୀ ବା ପ୍ରତ୍ୟେକଟି ଆଦିବାସୀ ସଂପ୍ରଦାୟର ଲୋକ କୋହ୍ଲମାନଙ୍କ ପାଖରୁ ବା ଘରେ ଖାଦ୍ୟ ଏବଂ ପାନୀୟ ଗ୍ରହଣ କରିପାରନ୍ତି ।

## ଅନ୍ୟ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀର ଅପରିହାର୍ଯ୍ୟ ଭୂମିକା:

କୌଣସି ବିପଦ ଆପଦ ସମୟରେ ହିଁ କେବଳ ଅପରିତେଜ୍ୟ ପରିସ୍ଥିତି ଉପୁଜିଥାଏ । ନଦୀବନ୍ଧି, ବନ୍ୟା କିମ୍ବା ମହାବାତ୍ୟାରେ ଏମାନେ ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କ ସହିତ ସଂପର୍କ ରଖିବାକୁ କିମ୍ବା ସହୟତା ଲୋଡ଼ିବାକୁ ବାଧ ହୋଇଥାଆନ୍ତି । କୌଣସି ବ୍ୟକ୍ତି କିମ୍ବା ପରିବାରକୁ ଯଦି ସାମାଜିକ ବାସନ୍ଦ ଦଣ୍ଡ କୋହ୍ଲ ଗ୍ରାମସଭା ଦେଇଥାଏ । ତେବେ ସେ କ୍ଷେତ୍ରରେ ସଂପୃକ୍ତ ବ୍ୟକ୍ତି ଓ ପରିବାରଙ୍କ ପାଇଁ ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କର ପ୍ରଜାତି ଗୋଷ୍ଠୀଙ୍କର ସହୟତା ଗ୍ରହଣ କରିବାକୁ ବାଧ ହୋଇଥାଆନ୍ତି । ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ପାଇଁ ମଧ ହୋଇଥାଆନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପାଇଁ ମଧ ପ୍ରଜାତି ଗୋଷ୍ଠୀଙ୍କର ଅପରିତେଜ୍ୟ ଭୂମିକା ଥାଏ । କାରଣ ଚାହିଦା ମୁତାବକ ନିତିଦିନଆ ଚଳଣିରେ ହୋ/କୋହ୍ଲମାନେ ସବୁପ୍ରକାର ଦ୍ରବ୍ୟ ପ୍ରସ୍ତୁତ କିମ୍ବା ଉତ୍ପାଦନ କରିପାରନ୍ତି ନାହିଁ । ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କର ଅପରିତେଜ୍ୟ ଭୂମିକା/ସଂପର୍କ ପାଇଁ ତ କେବଳ କୋହ୍ଲମାନେ ନିଜର ବସତିରେ ଅନ୍ୟଗୋଷ୍ଠୀଙ୍କୁ ବସତି ପ୍ରାରମ୍ଭରୁ ଆଣି ରଖିଥାଆନ୍ତି । ଏପରିକି ସେମାନଙ୍କୁ ସାହାଯ୍ୟ ସହଯୋଗ ଦେଇ ମଧ ନିଜ ପାଖରେ ରଖିବାର ଆବଶ୍ୟକତା ଉପଲବ୍ଧି କରିପାରନ୍ତି ।

## ଅନ୍ୟାନ୍ୟ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀର ବର୍ତ୍ତମାନର ଅବସ୍ଥା:

ସମୟାନୁସାରେ ଅନ୍ୟାନ୍ୟ ପ୍ରଜାତି ଗୋଷ୍ଠୀଙ୍କର ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥାଏ । ସହଯେ ତ ସାନ୍ତାଳ, ଭୂମିଜ, ଗୋପାଳ, ମାହାଲି, ବାଥୁଡ଼ି ଆଦି ଗୋଷ୍ଠୀ ତୁଳନାତ୍ମକ ଭାବରେ ଉନ୍ନତ, ସେଥିରେ ପୁଣି ବର୍ତ୍ତମାନ ସମୟରେ ସମସ୍ତ ଗୋଷ୍ଠୀ ବାହ୍ୟ ସଭ୍ୟତାର (ଅଣ ଆଦିବାସୀ) ସଂସ୍ପର୍ଶରେ ଆସି ଚଳଣି ଏବଂ ଜୀବନଧାରାରେ ପରିବର୍ତ୍ତନ ଆଣିଛନ୍ତି । ସମସ୍ତଙ୍କର ଖାଦ୍ୟ, ବାସଗୃହ, ପୋଷାକ ପରିପାଟୀ, ଶିକ୍ଷା, କୃଷିକାର୍ଯ୍ୟ, ଅର୍ଥ ଉପାର୍ଜନର ପନ୍ଥା ସବୁଥିରେ ସଭିଏଁ ଉନ୍ନତି କରିବାକୁ ଉଦ୍ୟମରତ । ମୂଳତଃ ବାହ୍ୟ ସଭ୍ୟତାର ପ୍ରଭାବ ଏବଂ ଶିକ୍ଷାର ପ୍ରସାର ହୋଇପାରିଛି । ସ୍ଥୂଳତଃ ଜୀବନଧାରଣର ମାନରେ ବୃଦ୍ଧି ଘଟିଛି । କିନ୍ତୁ ପରିତାପର ବିଷୟ ଏହିଯେ ଆଧୁନିକ ସଭ୍ୟତା ଆଦିବାସୀ ସଂପ୍ରଦାୟକୁ ପରମ୍ପରା ବିମୁଖ କରାଇ ଦେଇଛି । ସେମାନେ ନିଜସ୍ୱ ସଂସ୍କୃତିକୁ ପ୍ରାୟତଃ ବିସ୍ମୃତପ୍ରାୟ । ଏପରିକି ନିଜ ନିଜର ଭାଷା ମଧ ଅନେକ ଆଦିବାସୀ ବ୍ୟକ୍ତିବିଶେଷଙ୍କୁ ଜଣା ନଥିବାର ଦେଖାଯାଉଛନ୍ତି । ଫଳତଃ ଆଦିବାସୀ ଭାଷା-ସଂସ୍କୃତିର ବିଲୋପ ପାଇଁ ରାସ୍ତା ସ୍ପଷ୍ଟ ହୋଇଯାଉଛି ।

## ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟିକରୁଥିବା କାରକ ଓ କାରଣ:

ସାଂପ୍ରଦାୟିକ ମନୋଭାବ ରଖି କୌଣସି ଘଟଣାକୁ ରଂଗ ଦେଲେ ତାହା ପରିସ୍ଥିତିକୁ ଉତ୍ତେଜନାମୟ କରିଥାଏ ଫଳରେ ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ସଂପର୍କ ତିକ୍ତ ହେବା ସହିତ ପ୍ରଭୃତ କ୍ଷତି ସାଧିତ ହୁଏ । ସାମାଜିକ ଆର୍ଥିକ ବ୍ୟବସ୍ଥା ଭୁଷୁଡ଼ି ପଡ଼େ । ସମସ୍ତେ ମାନସିକ ଚାପର ଶିକାର ହୁଅନ୍ତି । ଅବଶ୍ୟ ଆଗରୁ ଏ ପ୍ରକାର ପରିସ୍ଥିତି ଆଦିବାସୀ ସଂପ୍ରଦାୟଙ୍କ ଭିତରେ କମ୍ ଉପୁଜୁଥିଲା । ଏବେ କିନ୍ତୁ କଳୁଷିତ ରାଜନୀତିର ପ୍ରଭାବରେ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଓ ତଦ୍‌ଜନିତ କ୍ଷତିସାଧାନର ପରିମାଣ / ପରିସୀମା ବୃଦ୍ଧି ଘଟୁଥିବାର ପରିଲକ୍ଷିତ ହୋଇଥାଏ । ନିର୍ବାଚନ ଓ ଭୋଟ ପ୍ରକ୍ରିୟା ସରଳ ଆଦିବାସୀଙ୍କୁ ଜଟିଳ କରିଦେଇଥିବା ଅନୁଭୂତ ହୁଏ । ପ୍ରାୟତଃ ଉତ୍ତେଜନା ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ମୂଳତଃ ଏହି କାରଣରୁ ହୋଇଥାଏ । ଏତଦ୍ ବ୍ୟତୀତ କିଣା-ବିକା କିମ୍ବା ବ୍ୟବସାୟୀକ ଗଣ୍ଡଗୋଳ କେବେ କେବେ ଉପୁଜୁଥିବାର ଦେଖାଯାଇଥାଏ । ନିଶାଗ୍ରସ୍ତ ହୋଇ ମଧ୍ୟ କେହି କେହି ବ୍ୟକ୍ତିଗତ ଭାବରେ ମାଡ଼ପିଟ କରିବା ଯୋଗୁଁ ତାହା ଗୋଷ୍ଠୀ ଉତ୍ତେଜନାରେ ରୂପାନ୍ତରିତ ହୁଏ । ଖେଳକୁଦରେ ଯୁବକ-ଯୁବକମାନଙ୍କ ମଧ୍ୟରେ ସାମାନ୍ୟ ବଚସା ଅନେକ ସମୟରେ ଗୋଷ୍ଠୀମାନଙ୍କୁ ପ୍ରଭାବିତ କରିଥାଏ । ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ କନ୍ୟା ଅପହରଣ କିମ୍ବା ପ୍ରେମ ବିବାହ କେବେକେବେ ଗୋଷ୍ଠୀ ଉତ୍ତେଜନାର କାରଣ ହୋଇଥାଏ । ଆପୋଷ ସମାଧାନ ମାଧ୍ୟମରେ ଏହା ପ୍ରଶମିତ ନ କଲେ ପରିସ୍ଥିତି ଭୟଙ୍କର ହୋଇପଡ଼େ । ଏପରିକି ହତ୍ୟା ଭଳି ଜଘନ୍ୟ ଘଟଣା ଘଟିବାର ଆଶଙ୍କା ଦେଖା ଦେଇଥାଏ ।

ହୋ/କୋହ୍ଲ ସଂପ୍ରଦାୟ ସାଧାରଣତଃ ଶାନ୍ତିପ୍ରିୟ ସହଯୋଗ ମନୋବୃତ୍ତି ନେଇ ସମସ୍ତ ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କ ସହ ଏକତାର ସୂତ୍ର ବାନ୍ଧି ହୋଇ ବଂଚିବାକୁ ଅଧିକ ପସନ୍ଦ କରନ୍ତି । କିନ୍ତୁ କେତେକ ସ୍ଥଳରେ ଉଦ୍ଦେଶ୍ୟମୂଳକ ଭାବରେ ଏମାନଙ୍କର ଶାନ୍ତି ଭଂଗ କରାଯାଇ କ୍ଷତି ପହୁଁଚାଇ ଦିଆଯାଏ । ଦିକୁ (ଅଣ-ଆଦିବାସୀ)ମାନଙ୍କ ପ୍ରତି କୋହ୍ଲମାନଙ୍କର ଧାରଣା ଉତ୍ତମ ନୁହେଁ । ବିଭିନ୍ନ ଉପାୟରେ ସେମାନେ କୋହ୍ଲ/ସମସ୍ତ ଆଦିବାସୀମାନଙ୍କୁ ଶୋଷଣ କରିବାକୁ ଚେଷ୍ଟା କରନ୍ତି । ସେ ମଧ୍ୟରୁ ମୁଖ୍ୟ ହେଉଛି ଆର୍ଥିକ ଦିଗ । ଦ୍ରବ୍ୟର ଉଚିତ ଦାମ୍ ନ ଦେଇ ବହୁ କମ୍ ମୂଲ୍ୟରେ ସେମାନେ ଆଦିବାସୀଙ୍କ ଠାରୁ ଉତ୍ପାଦିତ ଶସ୍ୟ, ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟ ଏବଂ ନିତ୍ୟବ୍ୟବହାର୍ଯ୍ୟ ଉପକରଣ ମାନ କ୍ରୟ କରିଥାଆନ୍ତି । ଫଳରେ ଆର୍ଥିକ କ୍ଷେତ୍ରରେ ଏମାନଙ୍କୁ କ୍ଷତି ସହିବାକୁ ପଡ଼େ । କମ୍ ପାରିଶ୍ରମିକରେ ପରିଶ୍ରମ କୋହ୍ଲମାନଙ୍କ ଠାରୁ ଶ୍ରମ କ୍ରୟ କରିଥାଆନ୍ତି । ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ମଧ୍ୟ ଏମାନଙ୍କୁ କୋହ୍ଲ/

ଆଦିବାସୀ କହି ଉଚିତ ନ୍ୟାୟ ପ୍ରଦାନ କରାଯାଇନଥାଏ । ଏପରିକି ଶରତ ଅଞ୍ଚଳରେ କୋହ୍ଲମାନଙ୍କୁ ସମସ୍ତେ ଶରତ କୋହ୍ଲ ଶରତ ଭାଲୁ କହି ସମାଲୋଚନା / ଥଟ୍ଟା କରିବା ସହିତ ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଦିଆଯାଏ ।

ଏତଦ୍ ଭିନ୍ନ ପ୍ରଜାତି ଗୋଷ୍ଠୀଙ୍କର ଲୋଭ ବା ଚୋରୀ, ହିଂସା-ଇର୍ଷା, କଳି-ଝଗଡ଼ା ଇତ୍ୟାଦି ଭଳି ଅସଦ୍ ଗୁଣ କିମ୍ବା କାର୍ଯ୍ୟକୁ କୋହ୍ଲମାନେ ପସନ୍ଦ କରିନଥାନ୍ତି । କେବେକେବେ ପ୍ରଜାତି ଗୋଷ୍ଠୀ କୋହ୍ଲମାନଙ୍କ ଘରୁ ଆସବାବପତ୍ର, ଖାଦ୍ୟ ସାମଗ୍ରୀ, ଅଳଙ୍କାର ପତ୍ର ଏବଂ ଚାଷ ଜମିରୁ ଧାନ, ମୁଗ, ବିରି, କୋଳଥ ମଧ୍ୟ ଚୋରୀ କରୁଥିବାର ଦେଖାଯାଇଥାଏ । ଏହା ଚୋରୀ ମନୋବୃତ୍ତି କିମ୍ବା ଇର୍ଷାପରାୟଣ ହୋଇ ପ୍ରଜାତି ଗୋଷ୍ଠୀ କରିଥାଆନ୍ତି । ଫଳରେ ଏମାନେ ପ୍ରଭୂତ କ୍ଷତିର ସମ୍ମୁଖୀନ ହୁଅନ୍ତି । ଫଳରେ ସମୟ ସମୟରେ ଉଦ୍ଦେଶ୍ୟମୂଳକ ଭାବେ କଳିଝଗଡ଼ା କରନ୍ତି । ଯଦ୍ୱାରା କୋହ୍ଲମାନଙ୍କର ମାନସିକ ଶାନ୍ତି ବ୍ୟାହତ ହୋଇଥାଏ ।

## ସୁସମ୍ପର୍କ ସ୍ଥାପନ ସକାଶେ ଉପଯୁକ୍ତ ବାତାବରଣ ସୃଷ୍ଟି ପାଇଁ ପ୍ରସ୍ତାବ ଓ ସୁପାରିଶ:

ପ୍ରଥମତଃ ଆଦିବାସୀମାନଙ୍କ ପ୍ରତି ଦିକୁମାନଙ୍କର କଦ୍ରୁକ ହୀନମନ୍ୟ ଭାବର ଅପସାରଣ । ସବୁ ମଣିଷ ସମାନ । କେବଳ ପରିସ୍ଥିତି ଓ ପରିବେଶ ଯୋଗୁଁ ହିଁ ମଣିଷର ବାହ୍ୟ ସ୍ଥିତିରେ ଉଚ୍ଚନୀଚ ଭାବ ଦେଖାଦେଇଥାଏ । ତେଣୁ ବ୍ୟକ୍ତିଗତ ବା ସାମୂହିକ ଭାବେ ଲୋକଚରିତ୍ରର ସଂଶୋଧନ/ପରିବର୍ତ୍ତନ ଏକାନ୍ତି ଅପରିହାର୍ଯ୍ୟ । ଦ୍ୱିତୀୟତଃ ଶିକ୍ଷା ସମସ୍ତ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀ ଯଦି ଶିକ୍ଷିତ ହୁଅନ୍ତେ ତେବେ ହୁଏ ସେମାନଙ୍କ ମଧ୍ୟରେ ସଂପର୍କ ମଧ୍ୟ ଉଚ୍ଚମାନର ହୋଇପାରନ୍ତା । ତୃତୀୟତଃ ଆର୍ଥିକ ମାନଦଣ୍ଡର ଉନ୍ନତି । କେଉଁ ଉପାୟରେ ଅର୍ଥ ଉପାର୍ଜନ ହୋଇପାରିବ ପ୍ରତ୍ୟେକଟି ସତ୍‌ମାର୍ଗ ସମସ୍ତଙ୍କ ଆଗରେ ଖୋଲିଦିଆଯିବା ଆବଶ୍ୟକ । ସମୟ ସ୍ଥଳେ ସେମାନଙ୍କୁ ଆର୍ଥିକ ଏବଂ ତାଲିମ ସହାୟତା ଯୋଗାଇ ଦିଆଯାଇପାରେ । ସର୍ବୋପରି ସାମାଜିକ ସଚେତନତା ସୃଷ୍ଟି ଏକାନ୍ତ ଅନିବାର୍ଯ୍ୟ । ସାମାଜିକ ସ୍ତରରେ ମାନସିକତାର ପରିବର୍ତ୍ତନ ଘଟିଲେ ତାହା ବ୍ୟକ୍ତିସ୍ତରକୁ ସଂଚରଣ କରି ଗୋଷ୍ଠୀ ସଂପର୍କରେ ଉନ୍ନତି ଆଣିବାରେ ସକ୍ଷମ ହୋଇପାରିବ । ଅବଶ୍ୟ ଏଥିପାଇଁ ଏବେ ବହୁ ବେସରକାରୀ ସଂସ୍ଥା ଆଦିବାସୀ ବହୁଳ ଗ୍ରାମଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାମାଜିକ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଛନ୍ତି । ସରକାରୀ ସ୍ତରରେ ମଧ୍ୟ ଆଦିବାସୀମାନଙ୍କର ଉନ୍ନତି ପାଇଁ ବହୁ

ପ୍ରକଳ୍ପ ମଧ୍ୟ ଆଦିବାସୀମାନଙ୍କର ଉନ୍ନତି ପାଇଁ ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । କିନ୍ତୁ ଏସବୁଥିରେ ଆନ୍ତରିକତା ଘୋର ଅଭାବ ପରିଲକ୍ଷିତ ହୋଇଥାଏ । ସରକାରୀ ସ୍ତର କଥା ନ କହିବା ଭଲ । ପ୍ରଥମତଃ ପ୍ରକଳ୍ପର ଯୋଜନା ତ୍ରୁଟିପୂର୍ଣ୍ଣ, ସେଥିରେ ପୁଣି ଆମୂଳଚୂଳ ଅର୍ଥର ବାଟମାରଣା । ବେସରକାରୀ ସଂସ୍ଥାଗୁଡ଼ି ଦେଶ-ବିଦେଶରୁ ଅର୍ଥ ସହାୟତା ପାଇ ମଧ୍ୟ ଆନ୍ତରିକତାର ସହ ଉପଯୁକ୍ତ ଧାରାରେ ଆଦିବାସୀମାନଙ୍କ ଉନ୍ନତ କରିପାରୁ ନାହାଁନ୍ତି । ପୁନଶ୍ଚ ଆଦିବାସୀ ଗୋଷ୍ଠୀର ଯେଉଁ ଚତୁର ବ୍ୟକ୍ତିମାନେ ଶିକ୍ଷିତ ହୋଇ ବାହାରୁଛନ୍ତି । ସେମାନେ ଗୋଷ୍ଠୀର ଉନ୍ନତି କଥା ଆଦୌ ଚିନ୍ତାକରୁନାହାଁନ୍ତି । ସହରାଞ୍ଚଳରେ ଚାକିରୀ / ବସବାସ କରି ନିଜସ୍ୱ ଗୋଷ୍ଠୀ, ସମାଜ, ସଂସ୍କୃତି, ଭାଷା, ପରମ୍ପରା ସବୁକୁ ବେଶ୍ ସହଜରେ ଭୁଲିଯାଉଛନ୍ତି । ସେମାନଙ୍କୁ ଆଉ ଗାଁ ଭଲ ଲାଗୁନାହିଁ । ନିଜକୁ କୌଣସି ଆଦିବାସୀ ଗୋଷ୍ଠୀ ବା ସଂପ୍ରଦାୟର ବୋଲି ପରିଚୟ ଦେବାକୁ ମଧ୍ୟ ବା ସଂପ୍ରଦାୟର ବୋଲି ପରିଚୟ ଦେବାକୁ ମଧ୍ୟ ସେମାନେ କୁଣ୍ଠିତ । ଏଭଳି ପରିସ୍ଥିତିରେ ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠିତ ରହିବ । ବିଡ଼ମ୍ବିତ ନିଶ୍ଚୟ ।

❑❑❑

# ପାରମ୍ପରିକ ଚାରୁ ଓ କାରୁକଳା
## (ଦସ୍କୁରିଆ, ବାଲୁଇ ଆର୍ ହାରା)

ସର୍ବଶ୍ରେଷ୍ଠ ଶିଳ୍ପୀ ଈଶ୍ୱର କେତେ ସୁନ୍ଦର । ସୁସଜ୍ଜିତ ଭାବରେ ବିଚିତ୍ରମୟ କରି ଏହି ପୃଥିବୀର ସର୍ଜନା କରିଛନ୍ତି, ତାହା ଅତୁଳନୀୟ । ସେହି ଶିଳ୍ପୀଙ୍କର ଅମୃତ ସନ୍ତାନ ମଣିଷ ତେଣୁ ଐଶ୍ୱରିକ କଳା ନୈପୁଣ୍ୟତାକୁ ଆଧାର କରି ଏ ପୃଥିବୀରେ ପାଦ ଥୋଇଥାଏ । ସ୍ଥାନ ତଥା ବ୍ୟକ୍ତିବିଶେଷ କ୍ରମରେ ତାହା ପରିସ୍ଫୁଟିତ ହୋଇ ସମଗ୍ର ବିଶ୍ୱମାନବକୁ କରିଥାଏ ଚମତ୍କୃତ-ଆହ୍ଲାଦିତ ।

ସମୟାନୁକ୍ରମେ ପୁଣି ସେହି ଈଶ୍ୱରଦତ୍ତ କଳାନିପୁଣତା ପରମ୍ପରକାଭୂ ହୋଇ ସମସ୍ତ ସଂପ୍ରଦାୟ ତଥା ଗୋଷ୍ଠୀଙ୍କର ଗର୍ବ ଏବଂ ଗୌରବକୁ ମହିମାମଣ୍ଡିତ କରେ । ଅନୁରୂପ ଭିତ୍ତିରେ କୋହ୍ଲ ସଂପ୍ରଦାୟର କଳା ଓ ଶିଳ୍ପ ପ୍ରତିଷ୍ଠିତ ।

### ସମ୍ପୃକ୍ତ ଆଦିବାସୀ ସମ୍ପର୍କୀୟ ଚାରୁ ଓ କାରୁକଳାର ଧାରଣା, ଉତ୍ପତ୍ତି ଏବଂ ଇତିବୃତ୍ତ :

ହୋ/କୋହ୍ଲ ସଂପ୍ରଦାୟରେ ଶିଳ୍ପ ଓ କଳା ବହୁ ପ୍ରାଚୀନ । ସଭ୍ୟତାର କ୍ରମୋନ୍ନତି ସଂଗେ ସଂଗେ ଏମାନଙ୍କର କଳା ଓ ଶିଳ୍ପର ବିକାଶ ଘଟିଥିବା ଅନୁମେୟ । ପ୍ରଥମତଃ କୋହ୍ଲ ଏକ ଉନ୍ନତ ସଂପ୍ରଦାୟ । ଜୀବନଧାରାର କ୍ରମ ପର୍ଯ୍ୟାୟରେ ବହୁ ଘାତ-ପ୍ରତିଘାତ ମଧ୍ୟ ଦେଇ ସେ ନିଜର ସଂସ୍କୃତି ଓ ପରମ୍ପରାକୁ ସୁଦୃଢ଼ ରଖିପାରିଥିବାର ଇତିହାସ କହେ । ସେମାନଙ୍କ ବସତିର ଉତ୍ପତ୍ତି ଓ ଇତିହାସ, ବାସଗୃହ ପରିକଳ୍ପନା, ଧର୍ମୀୟ ଚେତନା ଓ ଆଧ୍ୟାତ୍ମିକ ଶକ୍ତିର ଧାରା ଅବଲୋକନ କଲେ ଏହା ସ୍ପଷ୍ଟ ହୋଇଯାଏ ।

କଳା ଓ ଶିଳ୍ପର ଶବ୍ଦ ଭିତ୍ତିକ ଭାଷା ହୁଏତ ସେମାନଙ୍କ ପାଖରେ ନଥିଲା, ହେଲେ କାର୍ଯ୍ୟତଃ ଶିଳ୍ପକଳାର ଛାପ ସର୍ବତ୍ର ଅନୁଭୂତ ହେଉଥିଲା । ଶୃଙ୍ଖଳିତ ବସତି ପଦ୍ଧତି ଏହାର ପ୍ରଥମ ଦୃଷ୍ଟାନ୍ତ । ଜୀବନ ଧାରଣର କଳା ଜଣା ନଥିଲେ ଏମାନେ ସଭ୍ୟତାର ପ୍ରାରମ୍ଭରୁ ସୁସଜ୍ଜିତ ବାସଗୃହର ପରିକଳ୍ପନା କରିପାରିଥାଆନ୍ତେ ବା କିପରି ! ଏକ ସୁଦୃଢ଼ ସାଂସ୍କୃତିକ ପରମ୍ପରାର ଉଦ୍ଭବ ହେବା ଅସମ୍ଭବ ମନେ ହୁଅନ୍ତା ବୋଧହୁଏ । ତେଣୁ ଏପରି କାର୍ଯ୍ୟକାରୀତା ସଂପନ୍ନ କଳାଶିଳ୍ପର ଧାରଣା ସମ୍ଭବତଃ ଆଜକୁ ୨୫୦୦ ବର୍ଷ ପୂର୍ବ କୋହ୍ଲ ସଂପ୍ରଦାୟ ଭିତରେ ଉଦ୍ଭବ ଘଟିଥିଲା ।

## ଚାରୁ ଓ କାରୁକଳା ତଥା ସୌନ୍ଦର୍ଯ୍ୟବୋଧର ପରିପ୍ରକାଶ :

ସ୍ଥାନ, କାଳ, ପାତ୍ର କ୍ରମରେ କୋହ୍ଲୁ ସମାଜ ବିଭିନ୍ନ ପ୍ରକାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ସେମାନଙ୍କର ସୌନ୍ଦର୍ଯ୍ୟ-ବୋଧତା ସେସବୁରେ ପରିସ୍ଫୁଟିତ ହୋଇଥାଏ ।

ହୋ/କୋହ୍ଲୁ ସଂପ୍ରଦାୟର ବିଭିନ୍ନ ଆଲୌକିକ ଶକ୍ତିସଂପନ୍ନ ବ୍ୟକ୍ତିଙ୍କ ମଧ୍ୟରେ ଶୀକାର ପରମ୍ପରାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିବିଶେଷ ଅନ୍ୟତମ । ବଂଶଭିତ୍ତିକ ଶୀକାର ପୂଜା ହୁଏ । ଶୀକାର ପୂଜାରୀଙ୍କର ଆହ୍ୱାନ କ୍ରମେ ଅନୁଷ୍ଠିତ ଶୀକାର ଅଭିଯାନରେ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୁଏ । ତନ୍ମଧ୍ୟରୁ ଧନୁତୀର (ଆଃ ସାର୍) ବର୍ଚ୍ଛା (ବୁର୍ସି), କଟୁରୀ (ବାଙ୍କିଏ), ବାଲା (କାପି) ଇତ୍ୟାଦି ଅନ୍ୟତମ । ସମସ୍ତ ଶୀକାର ଉପକରଣ ସ୍ୱନିର୍ମିତ ହେଲେ ହେଁ ଲୌହ ଅଂଶ କମାର ଦ୍ୱାରା ପ୍ରସ୍ତୁତ କରାଇଥାଆନ୍ତି । ବାଲାକୁ କମାରଶାଳାରେ ନିର୍ଦ୍ଦିଷ୍ଟ ତିଥି ଏବଂ ବିଧି ଅନୁସାରେ ପ୍ରସ୍ତୁତ କରାଯାଉଥିବାରୁ ଜୀବଜନ୍ତୁଙ୍କ ଆଗମନ ସଂପର୍କରେ ଶିକାରୀ ବହୁପୂର୍ବରୁ ଜାଣିପାରେ । ଟସର ଖୋଳପାରୁ ପଟି ବାହାର କରି କୋଦଣ୍ଡାଦିରେ ବ୍ୟବହାର କରାଯାଏ କେବଳ କୋଦଣ୍ଡର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ।

କର୍ମମୟ ଜୀବନରେ ଅବସରକାଳୀନ ସମୟ କୋହ୍ଲୁ ସ୍ତ୍ରୀ ଲୋକମାନେ ପଟିଆ (ଜାଟି) ବୁଣାରେ କାଟୁଥିବା ସ୍ଥଳେ କୋହ୍ଲୁ ପୁରୁଷମାନେ ମାଛ ଧରିବା ପାଇଁ ଜାଲ (ଜାଲମ୍) ବୁଣିବାରେ ଅତିବାହିତ କରନ୍ତି । ଏହି କଳା ସାଧାରଣତଃ ନଦୀ ତଟବର୍ତ୍ତୀ ଅଞ୍ଚଳର ଲୋକମାନେ ବିଶେଷ ଭାବରେ ଜାଣିଥାଆନ୍ତି । ଏହା ବ୍ୟତୀତ ବିଭିନ୍ନ ପ୍ରକାର ପଶୁପକ୍ଷୀମାନଙ୍କୁ ଧରିବା ପାଇଁ ସେମାନେ ଏକପ୍ରକାର ଜାଲ ବା ଫାଶ (ବାଲେ) ପ୍ରସ୍ତୁତ କରନ୍ତି । ଜାଲ ବୁଣିବା ପାଇଁ ପୂର୍ବରୁ ସାଧାରଣତଃ ପଶମ ଓ ରେଶମ ସୂତା ବ୍ୟବହୃତ ହେଉଥିବା ସ୍ଥଳେ ଅଧୁନା ନବଉଦ୍ଭାବିତ ପଲିଷ୍ଟର ସୂତା ଦ୍ୱାରା ଅତୀବ ସୁନ୍ଦର ଭାବରେ ନିଜସ୍ୱ ଜ୍ଞାନ କୌଶଳ ପ୍ରୟୋଗ କରି ନିବୁଜ ଛତ୍ର ସଦୃଶ କିମ୍ବା ମଧୁବାସର ଗର୍ତ୍ତ ଭଳି ମାଛ ଧରିବା ଉପଯୋଗୀ ଜାଲ ପ୍ରସ୍ତୁତ କରିଥାଆନ୍ତି ।

ସଭ୍ୟତାର ପ୍ରାକ୍ କାଳରେ ଯାଯାବାରୀୟ ଜୀବନର ପରି ସମାପ୍ତି ସହିତ ଖାଦ୍ୟର ଆବଶ୍ୟକତାକୁ ଉପଲବ୍ଧି କରି କୋହ୍ଲୁ ସମାଜ ଶସ୍ୟ ଉତ୍ପାଦନ ନିମନ୍ତେ କୃଷି ଅଭିମୁଖୀ ହୋଇଥିବା ଜଣାଯାଏ । କୃଷିକର୍ମ ପାଇଁ ଆବଶ୍ୟକୀୟ ଉପକରଣ ପ୍ରସ୍ତୁତ ତଥା ସେସବୁର ଉନ୍ନତିକରଣ ଦିଗରେ ମନୋନିବେଶ କରିଥିବା ଅନୁମିତ ହୁଏ । ଏମାନେ

ବ୍ୟବହାର କରୁଥିବା କୃଷି ଉପକରଣ ଗୁଡ଼ିକ ହେଲା – ଲଙ୍ଗଳ (ନାଇଲ୍) ଈଶ (ଈଶି), ଫାଳ (ପାଁଲ୍) ଜୁଆଳି (ଆର୍), କୋଦାଳ (କୁରୁଲାମ୍), ଶାବଳ (ଶାବଲ), କୁରାଢ଼ୀ (ହାକେ), ଦାଆ, (ଦାତାରମ୍) ଇତ୍ୟାଦି । ଉପକରଣ ଗୁଡ଼ିକରେ ବ୍ୟବୃହତ ହେଉଥିବା ଲୌହ ଅଂଶକୁ ସେମାନେ କମାର ଦ୍ୱାରା କରାଇଥାଆନ୍ତି । ଏମାନଙ୍କର ପୁରାତନ ପଦ୍ଧତିରେ ନିର୍ମିତ କୃଷି ଉପକରଣଗୁଡ଼ିକ ବର୍ତ୍ତମାନର ଉନ୍ନତ କୃଷି ଯନ୍ତ୍ରପାତି (ବୈଷୟିକ ଜ୍ଞାନ କୌଶଳରେ ନିର୍ମିତ ଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ ।

ହୋ/କୋହ୍ଲ ସଭ୍ୟତା ତଥା ଗୃହସ୍ଥ ଜୀବନଯାପନ ଶୈଳୀ ସଭ୍ୟତାର ପ୍ରାକ୍‌କାଳରୁ ବିକଶିତ ହୋଇଥିବାରୁ ଉନ୍ନତ ଚିନ୍ତାଧାରା ନେଇ ଏମାନେ ବାସଗୃହକୁ ସୌନ୍ଦର୍ଯ୍ୟ ମଣ୍ଡିତ କରିଥାଆନ୍ତି । ବାସଗୃହର କାନ୍ଥ ଦ୍ୱେତରଂଗରେ ରଂଗାୟିତ ହୋଇଥାଏ । କାନ୍ଥର ନିମ୍ନଭାଗ କଳା କରୁଥିବା ସ୍ଥଳେ ଉପର ଅଂଶରେ ନାଲି କିମ୍ବା ଧଳାର ମାଟି ଲେପନ କରିଥାଆନ୍ତି । ଚଟାଣ ମଧ୍ୟ ଏକପ୍ରକାର କୋମଳ ତଥା ପଙ୍କିଳ ମାଟିରେ ମସୃଣ କରାଯାଇଥାଏ । ସେଥିରେ ଗୁଣି କୋହ୍ଲମାନଙ୍କର ବାସଗୃହଗୁଡ଼ିକ ସାଧାରଣତଃ ଜାଙ୍ଗଲିକ ପରିବେଶ ମଧ୍ୟରେ ଗୋଟି ଗୋଟିକିଆ ହୋଇ ରହିଥାଏ । ତେଣୁ ଦୂରରୁ ଏସବୁ ମୁନିଋଷିଙ୍କ ଆଶ୍ରମ-କୁଟୀର ସମ ପ୍ରତୀୟମାନ ହୁଏ ।

ହୋ/କୋହ୍ଲମାନେ ବିଭିନ୍ନ ପ୍ରକାର ଆବଶ୍ୟକୀୟ ଗୃହୋପକରଣ ବ୍ୟବହାର କରିଥାଆନ୍ତି । ଆଗରୁ ଖାଇବା ପାଇଁ ବାସନକୁସନର ଚାହିଦା ମେଣ୍ଟାଇବାକୁ ଥାଳିଆ ସଦୃଶ ପତ୍ର ଥାଳି ପ୍ରସ୍ତୁତ କରୁଥିଲେ । ଏହାକୁ 'କାଲ୍‌ଣି' କୁହାଯାଏ । ଏତଦ୍‌ଭିନ୍ନ ଖଲି (ଚିଟିକି) ଚଉପଦୀ (ଚୂକୁଦି), ଦୋନା (ପୁଃ) ଇତ୍ୟାଦି ପତ୍ରରେ ପ୍ରସ୍ତୁତ କରି ପବିତ୍ର ବାସନକୁସନ ଭାବରେ ବ୍ୟବହାର କରିଥାଆନ୍ତି । ରୋଷେଇ କରିବା ପାଇଁ ହାଣ୍ଡିଆଦି କୁମ୍ଭାର ପାଖରୁ ସଂଗୃହୀତ ହୁଏ । ଗୃହୋପକରଣ ତଥା ବ୍ୟକ୍ତିଗତ ଆସବାବ ପତ୍ର ବ୍ୟବହାର କ୍ଷେତ୍ରରେ କୋହ୍ଲମାନେ କଠଉ, ଠେଙ୍ଗା, ଖଟ, ପୋଷାକପତ୍ର, ଅଳଙ୍କାର, ଦେବାଦେବୀଙ୍କର ପୂଜା ଦ୍ରବ୍ୟ, ବାଦ୍ୟଯନ୍ତ୍ର, କଠା, ଠେକା, ବାକ୍ସ, ଟୋପି, ପନ୍ଧିଆ, ଡ଼ଲା, କୁଲା, ଚଲା, ପାନିଆ ଇତ୍ୟାଦି ବହୁପ୍ରକାର ସାମଗ୍ରୀ ବା ଉପକରଣ ବ୍ୟବହାର କରନ୍ତି ।

ହୋ/କୋହ୍ଲ ପୁରୁଷମାନେ ଗାମୁଛା ଓ ଆଜିକାଲି ଧୋତି, ଗଞ୍ଜି, ଲୁଙ୍ଗି ଓ କୁର୍ତ୍ତା ଆଦି ପରିଧାନ କରୁଥିବା ସ୍ଥଳେ ସ୍ତ୍ରୀ ଲୋକମାନେ ଛିଟ ଶାଢ଼ୀ ବ୍ୟବହାର ପୂର୍ବକ ଆତ୍ମସୌନ୍ଦର୍ଯ୍ୟର ପରିଚୟ ଦେଇଥାଆନ୍ତି । କୋହ୍ଲ ସଂପ୍ରଦାୟର ମହିଳା ଭାରି ଅଳଙ୍କାର

ପ୍ରିୟ । ନିଜର ସୌନ୍ଦର୍ଯ୍ୟ ବୃଦ୍ଧି ନିମିତ୍ତ ସେମାନେ ହାର (ହିସିର୍), ଚୂଡ଼ି (ସାକମ୍) ମୁଦି (ପଲା) ପାଉଁଜି (ଆନ୍ଦୁ), ଖଡୁ (ବାଲୁ), ମଥାଫୁଲ (ବଃବାଆ), କାନଫୁଲ (ମୁର୍‌କି) ଇତ୍ୟାଦି ବିଭିନ୍ନ ପ୍ରକାର ଅଳଙ୍କାର ଶରୀରରେ ଧାରଣ କରନ୍ତି । ଏ ସମସ୍ତ ଅଳଙ୍କାର ସେମାନେ ପ୍ରାୟତଃ ପର୍ବପର୍ବାଣୀ ଦିନମାନଙ୍କରେ ବ୍ୟବହାର କରିବା ସହିତ ଖୋସାରେ ପତ୍ର, ଫୁଲ ମଧ୍ୟ ଲଗାଇଥାଆନ୍ତି । ଦାସାଇଁ ନାଚରେ ଶିଷ୍ୟମାନେ ସ୍ତ୍ରୀ ଲୋକର ବେଶ୍‌ପୋଷାକରେ ମଥାରେ ମୟୁର ପୁଚ୍ଛ ଧାରଣ କରନ୍ତି । ସ୍ତ୍ରୀ ଲୋକମାନେ ଆଖିରେ କଜଳ ଲଗାନ୍ତି, ଏବେ ସିନ୍ଦୂର ମଧ୍ୟ ବ୍ୟବହାର କଲେଣି । ଘରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସ୍ତ୍ରୀ ଲୋକମାନେ ବାସଗୃହ ନିର୍ମାଣ ସମୟରେ ବାରଣ୍ଡାରେ ବ୍ୟବହୃତ ହେଉଥିବା କୋମଳ-ପଙ୍କିଳ ମାଟି ଉପରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କି ଥାଆନ୍ତି । ସାଧାରଣତଃ ଯୁବତୀ ଝିଅମାନେ ବାରଣ୍ଡା ଉପରେ ବିଭିନ୍ନ ପ୍ରକାର ଫୁଲ ଚିତ୍ର କରିବାକୁ ଅଧିକ ପସନ୍ଦ କରନ୍ତି । ଏତଦ୍‌ଭିନ୍ନ ପାରମ୍ପରିକ ହେରଃ ପର୍ବରେ ଗୃହମାନଙ୍କରେ ପରମ୍ପରା ଭିତ୍ତିକ ଚିତ୍ର ଅଙ୍କନ କରାଯାଇଥାଏ ।

ହୋ/କୋହ୍ଲ ସମାଜ ବେଶ୍ ସଂସ୍କୃତିପ୍ରେମୀ ତେଣୁ ସେମାନଙ୍କର ପାରମ୍ପରିକ ପୂଜା ଏବଂ ପର୍ବ ପର୍ବାଣୀମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମୟ ପରିବେଷଣ କରିଥାଆନ୍ତି । ଏଥିରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହୃତ ହୋଇଥାଏ । ଯଥା- ନାଗରା (ଦାମା), ମାଦଳ (ଦୁମ୍‌ଂ) ଏବଂ ବଂଶୀ, କେନ୍ଦେରା ପ୍ରଭୃତି । ବଂଶୀ ଓ କେନ୍ଦେରା ସ୍ୱନିର୍ମିତ ହେଉଥିବା ସ୍ଥଳେ ଅନ୍ୟସବୁ ମୋଚି ଦ୍ୱାରା ପ୍ରସ୍ତୁତ ହୁଏ । କେନ୍ଦେରାରେ ପୁରାତନ ଶୈଳୀରେ ବିଭିନ୍ନ ପ୍ରକାର ଫୁଲ, ଭ୍ରମର ଆଦିଙ୍କ ଚିତ୍ର ସେମାନେ ଅଙ୍କନ କରିଥାଆନ୍ତି । କୋହ୍ଲମାନେ ଅଣାକାର ରୂପରେ ଈଶ୍ୱରଙ୍କୁ ଆରାଧନା କରୁଥିବାରୁ ଏମାନଙ୍କର ମୂର୍ତ୍ତିପୂଜା ନାହିଁ । ତେଣୁ ପ୍ରତ୍ୟେକ ପୂଜାପାଠରେ ସେମାନେ ସଂପୃକ୍ତ ଦେବାଦେବୀଙ୍କର ସଂକେତ ଭାବରେ ବିଭିନ୍ନ ପ୍ରକାର ରେଖାଚିତ୍ର ଅଙ୍କନ କରି ଅବଚେତନ ଓ ଚେତନ ସ୍ତରରେ ଦେବାଦେବୀଙ୍କୁ ସ୍ମରଣ ପୂର୍ବକ ଭକ୍ତିପୂତ ପ୍ରଣାମ ଜଣାନ୍ତି ।

କାଷ୍ଠ ନିର୍ମିତ ଦ୍ରବ୍ୟ ମଧ୍ୟରେ କୋହ୍ଲମାନେ ଖଟ (ପାର୍‌କମ୍), କଠା, (ଫଏଲା) ପିଢ଼ା (ଖାଣ୍ଡୁ), କଠଉ (କଳମ୍) ଠେକା (କାଟୁଏ), ବାକ୍ସ (ବାଗସ), କବାଟ ଆଦିରେ ବିଭିନ୍ନ ଜୀବଜନ୍ତୁଙ୍କର ଆକର୍ଷଣୀୟ ଚିତ୍ର ଖୋଦିତ ହେଉଥିବା ବେଳେ କଠାରେ ଲତାର ଚିତ୍ର ହୁଏ । ମୃତ୍ତିକା ଦ୍ରବ୍ୟ ହାଣ୍ଡି ଆଦି ଗ୍ରାମର କୁମ୍ଭକାର ଠାରୁ ଆଣି ବ୍ୟବହାର କରନ୍ତି । ତେବେ କଳସୀ କ୍ରୟ କରିବା ସମୟରେ ଏମାନେ କଳସୀର ସୌନ୍ଦର୍ଯ୍ୟକୁ ଦୃଷ୍ଟି ଦିଅନ୍ତି । ସେହିଭଳି ଗୋପାଳମାନଙ୍କ ବ୍ୟତୀତ ଗୋଚାରଣରେ ନିୟୋଜିତ

ବ୍ୟକ୍ତିମାନେ ଘାସରୁ ପ୍ରସ୍ତୁତ ଟୋପି ଓ ଶିଆଳୀ ପତ୍ରରେ ପ୍ରସ୍ତୁତ ଟୋପି ଓ ପଖିଆ ବ୍ୟବହାର କରୁଥିବାର ଦେଖାଯାଇଥାଏ । ଏହାଦ୍ୱାରା ସେମାନେ ଖରା ଓ ବର୍ଷା ଦାଉରୁ ରକ୍ଷା ପାଇପାରନ୍ତି । ଟୋପିଗୁଡ଼ିକ ଆଧୁନିକ ଚାର୍ଲିଚାପଲିନ୍ ଟୋପି ଭଳି ଦେଖାଯାଏ । ପଖିଆଗୁଡ଼ିକର ପ୍ରସ୍ତୁତ ଶୈଳୀ ବେଶ୍ ମନୋରମ ହୋଇଥାଏ । ଦୂରରୁ ଦେଖିଲେ ବକ୍ରକସ୍ତାର ଶୟନ ପରି ମନେହୁଏ ।

ବାଉଁଶ ସାମଗ୍ରୀଗୁଡ଼ିକ ଡମଠାରୁ ଆଣି କୋହ୍ଲମାନେ ନିଜର ଆବଶ୍ୟକତା ପୂରଣ କରନ୍ତି । ଆଦିକାଳରେ କୋହ୍ଲମାନେ ମଇଁଷି ଶିଙ୍ଗକୁ ଶଙ୍ଖ ହିସାବରେ ବ୍ୟବହାର କରୁଥିଲେ । ତାହା ପୂଜା କିମ୍ବା ଯୁଦ୍ଧର ଅବ୍ୟବହିତ ପୂର୍ବରୁ ନାଦିତ ହେଉଥିଲା । କୋହ୍ଲ ସଂପ୍ରଦାୟର କବର ଗୁଡ଼ିକରେ ସାଧାରଣତଃ ଏକ ବୃହତ୍ ପ୍ରସ୍ତର ଖଣ୍ଡ ଚାପ ଦିଆଯାଇଥାଏ । ଏହାକୁ 'ଦିରିଶାସନ' କହନ୍ତି । ସେଥିରେ ମୃତବ୍ୟକ୍ତିର ନାମ ଖୋଦିତ ହେବା ସହିତ ଆତ୍ମାର ଗତି ଚିତ୍ର ଅଙ୍କିତ ହୋଇଥାଏ । ସେମାନଙ୍କର ଈଶାଣରେ ଚାଉଳ ଚୂନା ଖଲିପତ୍ରରେ ବହନ କରି ମେଲାଇ ଦିଆଯାଏ । ସାତଦିନ ପରେ ସେହି ଚାଉଳ ଉପରେ ଯେଉଁ ପଶୁପକ୍ଷୀଙ୍କ ଚିତ୍ର ପଡ଼ିଥାଏ । (ବିରାଡ଼ି, କୁକୁର, କିମ୍ବା କୌଣସି ପକ୍ଷୀ) କବର ଉପରେ ଥିବା ପଥରରେ ସେହି ଚିତ୍ରଟି ଖୋଦନ କରାଯାଏ । ଯେଉଁ ଚିତ୍ରଚାଉଳ ଉପରେ ପଡ଼େ, ସେହି ବ୍ୟକ୍ତି ସେହି ରୂପରେ ପୁନର୍ଜନ୍ମ ଲାଭ କରେ ବୋଲି କୋହ୍ଲ ସମାଜର ବିଶ୍ୱାସ ।

ହୋ/କୋହ୍ଲମାନେ ଆଧୁନିକ ଲେଖାପଢ଼ାରେ ବ୍ୟବହୃତ ଉପକରଣର ଉତ୍ପାଦନ ଶୈଳୀ ଜାଣି ନଥିଲେ । ମଧ୍ୟ ପ୍ରାଚୀନ କାଳରେ ପଥରମାନଙ୍କରେ ଲିପି ଖୋଦନ କରିଥିବାର ଦୃଷ୍ଟାନ୍ତ ଅଦ୍ୟାବଧି ଉପଲବ୍ଧ । ମୟୁରଭଂଜ ଜିଲ୍ଲାର ପାକାଣାବୁରୁ, କେଉଁଝର ଜିଲ୍ଲାର ସିରସିପାହାଡ଼ ଓ ସିଂଭୂମି ଜିଲ୍ଲାର ଚିତ୍ରିବିଲି ଏବଂ ଜାମ୍‌ଡିଏ ଇତ୍ୟାଦି ଠାରେ ଏସବୁରୁ ପ୍ରମାଣ ଦୃଷ୍ଟିଗୋଚର ହୋଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ପୂଜା ପାର୍ବଣରେ ଦେବାଦେବୀଙ୍କର ନାମ ସଙ୍କେତ ୱାରାଂଚିତି ଲିପିରେ ଚୂନା, ଚାଉଳ, ଅଙ୍ଗାରଗୁଣ୍ଡ ତଥା ପ୍ରତାଦି ସାହାଯ୍ୟରେ ଲେଖାଯାଇଥାଏ । ସେ ସବୁ ପଠନ ପୂର୍ବକ ପୂଜାବିଧି ଅନୁସୃତ ହୁଏ । ପୁଣି ଗୋରୁ, ଗାଈମାନଙ୍କୁ ସହଜରେ ଜାଣିବା ପାଇଁ ନିଜସ୍ୱ ଗୋତ୍ର ଅକ୍ଷରରେ ଦାଗ ଦେଇ ଚିହ୍ନିତ କରାଯାଇଥାଏ । ଆଗକାଳରେ କାଷ୍ଠ ପାନିଆ ହୋ/କୋହ୍ଲ ସଂପ୍ରଦାୟରେ ସଂସ୍କୃତିର ପ୍ରତୀକ ଥିଲା । ବିବାହୋତ୍ସବରେ ଏହା ଉପହାର ସ୍ୱରୂପ ବ୍ୟବହୃତ ହୋଇଥାଏ ।

ତେବେ ସମୟର ତୀବ୍ର ପରିବର୍ତ୍ତନ ଯୋଗୁଁ ଉନ୍ନତ କୋହ୍ଲ ସମାଜ ନିଜକୁ ବେଶ୍ ଖାପଖୁଆଇ ନେଇଥିବାର ଦେଖାଯାଇଥାଏ । ସ୍ଥଳ ତଥା ବ୍ୟକ୍ତି ବିଶେଷରେ ସେମାନେ ନିଜର ବଳିଷ୍ଠ ପରମ୍ପରାକୁ ମଧ୍ୟ ବିସ୍ମୃତ ହେବାରେ କୁଣ୍ଠାବୋଧ କରୁନାହାଁନ୍ତି । ଆଧୁନିକର ଚାକଚକ୍ୟରେ ସେମାନେ ବିମୋହିତ । ତେଣୁ ଆଧୁନିକ ଜୀବନଚର୍ଯ୍ୟାରେ ସେମାନଙ୍କର ପାରମ୍ପରିକ କଳା ଓ ଶିଳ୍ପ ଅବଲୁପ୍ତ ପ୍ରାୟ । ଏକ ସଂସ୍କୃତି ସଂପନ୍ନ ଗୋଷ୍ଠୀ ଭାବରେ ହୋ/କୋହ୍ଲ ସଂପ୍ରଦାୟ ଏହାର ମୂଲ୍ୟବୋଧ ହୃଦୟଙ୍ଗମ କରିବା ଏକାନ୍ତ ଅନିବାର୍ଯ୍ୟ ।

❑❑❑

# ଔଷଧ ଓ ବୈଦ୍ୟ

## (ରେଏଡ୍ ରାନୁ କେଓ୍ୱାଁ / ରେଦ ଆର୍ କବିରାଜ)

ଯୁଗେ ଯୁଗେ ମଣିଷକୁ ସୁସ୍ଥ ତଥା ଶାନ୍ତିରେ ବଞ୍ଚିବା ପାଇଁ ଔଷଧ ଓ ବୈଦ୍ୟର ସହାୟତା ନେବାକୁ ପଡ଼ିଛି । ଜରା, ଜନ୍ମ, ମୃତ୍ୟୁ ଭଳି ରୋଗ ମଣିଷ ଜୀବନ ଧାରାରେ ଏକ ପ୍ରାକୃତିକ ପ୍ରକ୍ରିୟା । ରୋଗ କବଳରୁ ନିଜକୁ ମୁକ୍ତ ତଥା ସୁରକ୍ଷିତ ରଖିବା ମଧ୍ୟ ମଣିଷର ନୈତିକ କର୍ତ୍ତବ୍ୟ । ନଚେତ୍ ସାମାଜିକ ଜୀବନ ଭୁଷୁଡ଼ି ଯିବାର ସମ୍ଭାବନା ଥାଏ । ତେଣୁ ପ୍ରତ୍ୟେକଟି ବ୍ୟକ୍ତିବିଶେଷ ନିଜର ଜୀବନ ପରିଧି ମଧ୍ୟରେ ଔଷଧ ଏବଂ ବୈଦ୍ୟ ଉପରେ ନିର୍ଭରଶୀଳ । ଉପାୟ ଅବଲମ୍ବନରେ ତାରତମ୍ୟ ଥାଇପାରେ, କିନ୍ତୁ ଆଭିମୁଖ୍ୟ ଗୋଟିଏ ।

ଅନୁରୂପ ଭାବେ ହୋ/କୋହ୍ଲ ସଂପ୍ରଦାୟ ବ୍ୟକ୍ତି ପରିବାର ତଥା ସମାଜ ନିର୍ବିଶେଷରେ ଔଷଧ ଓ ବୈଦ୍ୟ ପରମ୍ପରାକୁ ଆପଣେଇ ଥିବା ଜଣାଯାଏ । ଏହା ସେମାନଙ୍କର ବହୁ ପ୍ରାଚୀନ । କୋହ୍ଲ ସମାଜର ଅନ୍ୟ ଏକ ବିଶେଷତ୍ୱ ହେଉଛି, ସେମାନେ ଚିକିତ୍ସା କ୍ଷେତ୍ରରେ ଚିକିତ୍ସା ସହିତ ଆଧ୍ୟାତ୍ମିକ ଚେତନାକୁ ମିଶାଇ ଥାଆନ୍ତି । ଏହି ଧର୍ମଭିତ୍ତିକ ସଂପ୍ରଦାୟଟି ଆଧ୍ୟାତ୍ମିକ ଶକ୍ତି ବିନା ଜୀବନ ଧାରଣ ଅସମ୍ଭବ ମନେକରେ । ସେଥିପାଇଁ ବୋଧହୁଏ କୋହ୍ଲ ସମାଜରେ ସ୍ୱତନ୍ତ୍ର ବୈଦ୍ୟ ନୁହେଁ, ଯାହୁ ଧର୍ମୀୟ କର୍ମକର୍ତ୍ତା 'ଦେଓ୍ୱା' ହିଁ ବୈଦ୍ୟ ରୂପରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି ।

'ଦେଓ୍ୱାଁ' ପୂଜାବିଧି ସହିତ ପ୍ରାକୃତିକ ଜଡ଼ିବୁଟି (ପ୍ରାକୃତିକ ଔଷଧୀୟ ଦ୍ରବ୍ୟ) ସାହାଯ୍ୟରେ କୋହ୍ଲମାନଙ୍କୁ ରୋଗ କବଳରୁ ସୁରକ୍ଷା ପ୍ରଦାନ କରିଥାଆନ୍ତି । ଏହି ଔଷଧୀୟ ଦ୍ରବ୍ୟ ପାଇଁ ସେମାନଙ୍କୁ ପ୍ରାୟତଃ ନିର୍ଭର କରିବାକୁ ପଡ଼ିଥାଏ ପାର୍ଶ୍ୱସ୍ଥିତ ଜଙ୍ଗଲ ଓ ପାହାଡ଼ ଉପରେ । ପାହାଡ଼, ଜଙ୍ଗଲରେ ଭରି ରହିଥିବା ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷର ପତ୍ର, ଫୁଲ, ଚେର, ଛେଲି, ମଞ୍ଜି କାଣ୍ଡ ଆଦିକୁ ସଂଗ୍ରହ କରି ସ୍ୱଜ୍ଞାନ କୌଶଳ ବଳରେ ଔଷଧ ପ୍ରସ୍ତୁତ ପୂର୍ବକ ସେମାନେ ରୋଗୀ ଚିକିତ୍ସା କରନ୍ତି । ଚିକିତ୍ସା କ୍ଷେତ୍ରରେ ଏହି ପ୍ରଣାଳୀ କୋହ୍ଲ ସଂପ୍ରଦାୟର ପାରମ୍ପରିକ । ଜୀବନ କାଳ ମଧ୍ୟରେ ସମସ୍ତ ଦୃଶ୍ୟମାନ ତଥା ଲବ୍ଧ ବୃକ୍ଷାଦି କୋହ୍ଲ ବୈଦ୍ୟଙ୍କ ପାଇଁ ଔଷଧ ତୁଲ୍ୟ । ପ୍ରତ୍ୟେକଟି ବୃକ୍ଷ, ଗୁଳ୍ମ, ତୃଣ ଆଦିରେ ସେମାନେ ବିଭିନ୍ନ ରୋଗର ନିଦାନ ପାଇଁ ଆବଶ୍ୟକୀୟ ଶକ୍ତିଥିବାର ଅନୁଭବ କରନ୍ତି । ତେଣୁ କୋହ୍ଲ ସଂପ୍ରଦାୟରେ ବ୍ୟବହୃତ / ପ୍ରଚଳିତ ଔଷଧୀୟ ଦ୍ରବ୍ୟ କିମ୍ବା ଔଷଧ ସଂପର୍କରେ ଉଲ୍ଲେଖ କରିବା କଷ୍ଟକର ବ୍ୟାପାର । ସେ ମଧ୍ୟରୁ କେତୋଟି ମାତ୍ର ନିମ୍ନମତେ ଦିଆଗଲା ।

## ବିଭିନ୍ନ ପ୍ରକାର ଔଷଧ : ତୃଣ ଜାତୀୟ: (ତାସାଡ୍)

ଦୁବଘାସ (ଦୁବିତାସାଡ୍) ମୂଷାକାନି (କାଟିଆ ଲୁତୁର), ମୁଥା ଘାସ (ସୁକୁରୀ ତୁମ୍ବୁ), ଦୂଦୂମଲ୍ଲା (ଦୁଦୁବାଚାର) ସବାଇଘାସ (ବାଡ୍ଚମ) ଖଡ଼ିଘାସ (ମାଇଲ) ବେଣା (ସିରୁଂ), ଗୟସ (ଟୁପିଆ) ଆଦି ତୃଣ ଔଷଧ ଆକାରରେ ବ୍ୟବହୃତ ହୋଇଥାଏ ।

ଦୁବଘାସ ମ୍ୟାଲେରିଆ, କାମଳ ରୋଗାଦି ଭଲ ହେଉଥିବା ସ୍ଥଳେ ଦୁବଘାସ ବାଟି ମସ୍ତକରେ ଲେପନ ଦେଲେ ନିମ୍ନ ରକ୍ତଚାପରୁ ମୁକ୍ତିମିଳିଥାଏ । ମୂଷାକାନି ତୃଣକୁ ବାଟି ରସୁଣ ଓ ସୋରିଷତେଲ ସହିତ ଫୁଟାଇ କପାଳରେ ଲେପନ ଦେଲେ ମୁଣ୍ଡବିନ୍ଧାରୁ ଆରୋଗ୍ୟ ମିଳେ । ସମସ୍ତ ପ୍ରକାର ଦନ୍ତରୋଗରେ ଅବ୍ୟର୍ଥ ଔଷଧ ମୁଥାଘାସ । ଏହା ନିମ୍ନ ରକ୍ତଚାପ ପାଇଁ ମଧ୍ୟ ବ୍ୟବହୃତ ହୋଇଥାଏ । ଦୂଦୂମୁଲ୍ଲା ଘାସ ବିଶେଷ କରି ଶିଶୁମାନଙ୍କର ତରଳ ଝାଡ଼ା ହେଲେ ଦିଆଯାଇଥାଏ । ଦୁଗ୍ଧବତୀ ମହିଳାମାନେ ଏହାର ରସ ସେବନ କଲେ ଅଧିକ କ୍ଷୀର ସଂଚରିତ ହୁଏ । ସବାଇ ଘାସ ଓ ଖଡ଼ିଘାସ ଏକଶିରା ରୋଗରେ ବ୍ୟବହୃତ ହୁଏ । ବେଣାତୃଣ ମଧ୍ୟ ସ୍ତ୍ରୀମାନଙ୍କର ବନ୍ଧ୍ୟା ଦୋଷ ଦୂର କରି ସୁ-ସନ୍ତାନ ପ୍ରାପ୍ତି କରାଇଥାଏ । ଗୟସ ତୃଣ ସାପକାମୁଡ଼ା ଓ ମଧୁମେହ ରୋଗ ପାଇଁ ଅବ୍ୟର୍ଥ ଔଷଧ ।

## ଗୁଳ୍ମଜାତୀୟ (ନାଇଁ)

ଲାଜକୁଳୀ (ଜାପିଡ) ଅପରାଜିତା (ଅଡୋସିଡ଼ିମ), ଅକାନବିନ୍ଧ (ରାନରେଡ୍) ଅନ୍ତମୂଳ (ହଡ଼ିଂଟେଃ), ଅନନ୍ତମୂଳ (ମାରାଂ ଟେଃ), ଭୂଇଁ କଖାରୁ (ଅଡେ କାକାରୁ), ବାଇଡ଼ଙ୍କ (କୁଲେଡିକା) ବିଛୁଆତି (ଜେପେଣ୍ଡେର), ଜହ୍ନି (ଜୁନି), ପଲାଙ୍ଗ (କୁଜୁରୀ), ନିର୍ଗୁଳି (ଜାନ୍ ସିଂ) ଅଷାଢୁଆ (ରିମିଲତୁଣ୍ଡୁ), ଶିଆଡ଼ୀ (ଲାମାଃ) ହାଡ଼ଯୁଡ଼ା (ହଳାଜଳା) ଏବଂ ପାନ ପ୍ରଭୃତି ଲତାମାନ ହୋ/କୋହ୍ଲ ବୈଦ୍ୟ ବିଭିନ୍ନ ପ୍ରକାର ରୋଗର ନିଦାନ ପାଇଁ ବ୍ୟବହାର କରିଥାଆନ୍ତି ।

ଲାଜକୁଳି, ଶିଆଡ଼ି, ଅକାନବିନ୍ଧ, ଅନ୍ତମୂଳ ଆଦିର ଲତା ପେଟରୋଗ ପାଇଁ ବ୍ୟବହୃତ ହୁଏ । ଏଗୁଡ଼ିକ ଯାବତୀୟ ପେଟ ରୋଗ ଭଲ କରିବା ସହିତପେଟକୁ ଥଣ୍ଡା ରଖେ, ହଜମ ଶକ୍ତି ବୃଦ୍ଧି ଘଟାଏ । ଏତଦ୍‌ଭିନ୍ନ ଅକାନବିନ୍ଧ ଅଂଶୁଘାତରୁ ରକ୍ଷାକରିବା ସଂଗେ ସଂଗେ ଏହି ଲତାକୁ ବାଟି ହାଣ୍ଡିଆରେ ମିଶାଇଲେ ଅଧିକ ସ୍ୱାଦୁଯୁକ୍ତ ହୋଇଥାଏ । ଲାଜକୁଳି ଲତାକୁ ତାନ୍ତ୍ରିକମାନେ ଶତ୍ରୁଦମନ ଓ ବଶୀକରଣ ପାଇଁ ମଧ୍ୟ ବ୍ୟବହାର କରିଥାଆନ୍ତି । ଅନ୍ତମୂଳର ଲତା ପ୍ଲୀହପା ରୋଗ ଭଲ କରେ । ଅପରାଜିତା,

ଅନନ୍ତମୂଳ, ବାଇଡ଼ଙ୍କ, ଭୃଇଁକଖାରୁ ଆଦିର ଲତା ଧାତୁ ସ୍ଖଳନରୁ ରକ୍ଷା କରିଥାଏ । ଭୃଇଁକଖାରୁ ପଲାଙ୍ଗ ବାତ ଏବଂ ବାଇଡ଼ଙ୍କ ଲତା ଯକ୍ଷ୍ମା ରୋଗ ପାଇଁ ବ୍ୟବହୃତ ହେଉଥିବା ସ୍ଥଳେ ଅଷାଢ଼ୁଆ ସ୍ତ୍ରୀର ବନ୍ଧ୍ୟାଦୋଷ ବା କାକବନ୍ଧ୍ୟା ଦୋଷ ନିବାରଣ କରିପାରେ । ବିଛୁଆତି ଛାଟଣୀ ଓ ନିର୍ମୁଳୀ ଗୋଡ଼ଫୁଲା ପାଇଁ ଆବଶ୍ୟକ ହୁଏ । ହାଡ଼ଯୁଡ଼ା ଏପରି ଏକ ଲତା, ଯାହାକୁ ବାଟି କ୍ରମାଗତ ଭାବେ ପ୍ରଲେପଦେଲେ ଭଙ୍ଗା ହାଡ଼ ମଧ୍ୟ ଯୋଡ଼ିଯାଇପାରେ ।

ଗୁଳ୍ମ/ବୁଦା-(ପୁନୂର୍) ଅରଖ (ପାଲାଟି) ହୁଡ୍ଡୁ। ତତଆ) ଅଗ୍ନିଝାଳ (ଉଗିନ୍‌କାଳ), ପାତାଳଗରୁଡ଼ (ପାତାଳ ଗାରୁଳ) ପାଲୁଅ (ପାଳ) ଅଦା (ଆଦା) ହଳଦୀ (ସାସାଂ) ଆଦି ଗୁଳ୍ମ ମଧ୍ୟରେ ଅରଖ, ମୁଣ୍ଡବ୍ୟଥା, ପେଟବ୍ୟଥା ତଥା ରକ୍ତସ୍ରାବ ଜନିତ ତ୍ରୁଟି ପାଇଁ ବ୍ୟବହୃତ ହେଉଥିବା ବେଳେ ହୁଡୁରା ବାତ, ଅଗ୍ନିଝାଳ, ବଦହଜମି, ଯକୃତ ରୋଗ, ପାତାଳଗରୁଡ଼, ସାପକାମୁଡ଼ା, ମାନସିକ ରୋଗ, ପେଟବ୍ୟଥା, ପାଲୁଅପେଟ ଗରମ, ଅଦା-ବଦହଜମ, ଏକଶିରା, ଚକ୍ଷୁରୋଗ ଏବଂ ହଳଦୀ କୃମି ଓ ଖାଦ୍ୟ ବିଷ ହରଣ ପାଇଁ ବ୍ୟବହାର କରାଯାଏ ।

## ପତ୍ର (ସାକାମ):

ହୋ/କୋହ୍ଲ ବୈଦ୍ୟ ପ୍ରାୟ ଗଛର ପତ୍ର ଔଷଧ ଆକାରରେ ବ୍ୟବହାର କରିଥାଆନ୍ତି । ସେ ମଧ୍ୟ ଅରଖ (ପାଲାଟି) ଓ ଲେମ୍ବୁ (ଲିମ୍ବୁ) ଗଛର ପତ୍ର ମୁଣ୍ଡବ୍ୟଥା ଭଲ କରୁଥିବା ବେଳେ ବେଙ୍ଗୁନିଆ (ବେଗେନା) ଅଣ୍ଡା, କାଶ, ମଞ୍ଜୁଆତି (ମେଞ୍ଜାତି) କାମଳ, ଜ୍ୟେଷ୍ଠ ମଧୁ (ବୁରୁଡ଼ଲା) ବାୟୁଦୋଷରୁ ନିବୃତ୍ତ ରଖେ । ଗେଣ୍ଠୁ (ନାରଗୁଲେ) ଏବଂ ଗଞ୍ଜେଇ (ମାଞ୍ଜାଏ) ଗଛର ପତ୍ର ବାଟି କଟା ସ୍ଥାନରେ ଲେପ ଦେଲେ ତତ୍‌କ୍ଷଣାତ୍ ରକ୍ତସ୍ରାବ ବନ୍ଦ ହୁଏ । ନାକରେ ପକାଇଲେ ନାକରୁ ରକ୍ତପଡ଼ିବା ଭଲ ହୁଏ । ଙ୍ଗଗଶିଉଳୀ (ସାପାରୁମ୍) ପତ୍ରର ରସରେ ମହୁ ମିଶାଇ ଖାଇଲେ ମ୍ୟାଲେରିଆ ତଥା ଯାବତୀୟ ପୁରୁଣା ଜ୍ୱର ଦୂର ହୋଇଥାଏ । ଜଡ଼ା (ଜାଲା) ପତ୍ରରେ ସେକ ଦେଲେ ଦରଜ ସ୍ଥାନର ବ୍ୟଥା ରହେନାହିଁ ।

## କାଣ୍ଡ (ବୁଟେ):

ପ୍ରାୟତଃ ବେଲ (ବେଲ) ଗଛର କାଣ୍ଡକୁ ମ୍ୟାଲେରିଆ ଜ୍ୱର ତଥା ବଶୀକରଣ ପାଇଁ ବ୍ୟବହାର କରାଯାଇଥାଏ । ଚିରାଇତା (ଚିର୍‌ତେ) କାଣ୍ଡ ବାଟି ପିଇଲେ

ପେଟବ୍ୟଥା କରିବା ସହ ହଜମ ଶକ୍ତି ବୃଦ୍ଧି ହୁଏ ଏବଂ ବାତ ଜନିତ ରୋଗରୁ ଉପଶମ ମିଳେ । ବାସଙ୍ଗ କାଣ୍ଡ ପ୍ରସବ ବେଦାନ ହ୍ରାସ କରିବା ସଂଗେ ସଂଗେ କାଶ ମଧ୍ୟ ଭଲ କରେ । ଏହାକୁ ବାଟି ମହୁ ସହିତ ପିଇଲେ ଥଣ୍ଡା କାଶ ଭଲ ହୋଇଥାଏ । ଛାତ୍‌ନା, ରୁଉଣୀ ଇତ୍ୟାଦି ଗଛର କାଣ୍ଡକୁ ବାଟି ଜଖମ ସ୍ଥାନରେ ପ୍ରଲେପ ଦେଲେ ବ୍ୟଥା ଦୂର ହୁଏ । ଶାଳ (ସାରଜମ୍) ବୃକ୍ଷର କାଣ୍ଡ ଗୋରୁମହିଷାଦିଙ୍କ ଝାଡ଼ାରୋଗ ଭଲ କରୁଥିବା ବେଳେ ପିଆଶାଳ (ହିଡ଼) ମଣିଷର ମଧୁମେହ ରୋଗ ଓ ପେଟଗରମ ଦୂରୀଭୂତ ହୋଇଥାଏ ।

## ଚେର (ରେଦ୍):

ପାତାଳ ଗରୁଡ଼ (ପାତାଲ ଗାରୁଲ) ଭୂଇଁ ନିମ୍ବ (ବିରିମାରଚି) ପିତାରାଙ୍ଗି (ମେରମର୍) ଅକାନବିନ୍ଧ) (ରାନ୍‌ରେଡ଼) ମଲ୍ଲୀ (ମାଲୀ) ଦୂଦୁରା (ତତଅ) ଅଗ୍ନିଝାଲ (ଉଗିନ୍ କାଜ) କଇଁ (ସାଲୁକାଡ଼୍) ଆଦିର ଚେର ବିଭିନ୍ନ ପ୍ରକାର ରୋଗ ଉପଶମ କରାଇଥାଏ । ସେ ମଧ୍ୟରୁ ଭୂଇଁ ନିମ୍ବ, ମ୍ୟାଲେରିଆ, ପାତାଳଗରୁଡ଼ ସାପକାମୁଡ଼ା ଓ ମାନସିକ ରୋଗ, ପିତାରାଙ୍ଗି କାମଲରୋଗ, ଅକାନବିନ୍ଧ ପେଟରୋଗ, ଦୂଦୁରାବାତ, ଅଗ୍ନିଝାଲ ବଦହଜମ, ଗାଇଚିରା କାଶ, କଇଁ ସ୍ତ୍ରୀ ରୋଗ ଏବଂ ମଲ୍ଲୀ ଚେର ପିଲାଜନ୍ମରେ ବ୍ୟବଧାନ ରଖିଥାଏ ।

କନ୍ଦା (ଦାକା) ଭୂଇଁ କଖାରୁ (ଅତେ କାକାରୁ)ର କନ୍ଦାବାଟି ଖାଇଲେ ଧାତୁ ସ୍ଖଳନ ହୁଏନାହିଁ । ଉଲା (ହାଦା) ଯାବତୀୟ ପେଟରୋଗ ଓ ଗଳାରୋଗ ଉପଶମ କରାଏ ।

## ମଞ୍ଜି (ଜାଙ୍ଗ୍):

ବାଇଦଙ୍କ ମଞ୍ଜି (ଇତିକେ ଜାଙ୍ଗ) ବାତ ପାଇଁ ବ୍ୟବହୃତ ହୁଏ । ଗିଲ (କାଲୁରୁ)ଗଳା ରୋଗ, ଶାଳ, ମଞ୍ଜି, ଝାଡ଼ାରୋଗ, ଭାଲିଆ, (ସସ) କାଶ ରୋଗ ଭଲ କରାଏ । ଶିଆଡ଼ି (ଲାମା) ମଞ୍ଜି ବ୍ୟବହାର ଦ୍ୱାରା ହଜମ ଶକ୍ତି ବଢ଼େ । କଲରା (କାଇରା) ମଞ୍ଜି ଜନ୍ମ ନିୟନ୍ତ୍ରଣରେ ସହାୟକ ହୁଏ । ସୁନାରୀ (ହାରି) ମଞ୍ଜି ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ବ୍ୟଥା ଦୂର ହୁଏ ଏବଂ ଜହ୍ନି ମଞ୍ଜି ବାଟି ପିଇଲେ ଯାବତୀୟ ସ୍ତ୍ରୀ ରୋଗରୁ ମୁକ୍ତି ମିଳେ । ହରିଡ଼ା (ରଲା) ବାହାଡ଼ା, (ଲୁପୁମ୍) ଓ ଅଁଳା (ମେରେଲ୍) ଏହି ତ୍ରିଫଳା ଗୁଣ୍ଡ ଯେ ପେଟରୋଗ ପାଇଁ ଅବ୍ୟର୍ଥ ମହୌଷଧଃ– ଏହା ସମସ୍ତଙ୍କୁ ଜଣା ।

ଫୁଲ (ବାଆ): ମନ୍ଦାର ଫୁଲ ସ୍ତ୍ରୀମାନଙ୍କର ରକ୍ତଜନିତ ସମସ୍ୟା ଦୂର କରେ । ନାଗେଶ୍ୱର ଫୁଲ ବାତ ରୋଗ, ଦୁଦୁରା ବନ୍ଧ୍ୟା ଦୋଷ ଏବଂ ଅଶୋକ ଫୁଲରେ ଯାବତୀୟ ସ୍ତ୍ରୀ ରୋଗ ଭଲ ହୋଇଥାଏ ।

ବକଳ (ବାକାଲ) : ଆମ୍ବ (ଉଲି)- ତରଳଝାଡ଼ା, ଆମ୍ବଡ଼ା (ଆମ୍ବାଉ) ତରଳ ଝାଡ଼ା , ଶାଳ-ତରଳ ଝାଡ଼ା, ବରକୋଳି (ବାକ୍ରା) ତରଳଝାଡ଼ା, ଅର୍ଜୁନ (ଗାଲା ହାଡ୍ନା) ଗଛର ବକ୍ଲରେ ହୃଦ୍‌ରୋଗ ଭଲ ହେବା ସହିତ ହାଡ଼ ଭାଙ୍ଗିଗଲେ ଅର୍ଜୁନ ଛେଲିକୁ ସିଝାଇ ସେକ ଦେଲେ କିମ୍ବା ତାକୁ ବାଟି ପ୍ରଲେପ ବାନ୍ଧି ରଖିଲେ ହାଡ଼ ଯୋଡ଼ିଯାଇଥାଏ । ପିଆଶାଳ (ହିଡ଼) ଛେଲିରେ ମଧୁମୋହ ରୋଗ ଭଲ ହୁଏ । ମାଙ୍କଡ଼ାପିଚୁଳା ଛେଲି ସମସ୍ତ ପ୍ରକାର ସ୍ତ୍ରୀ ରୋଗ ଭଲ କରାଏ  କରଞ୍ଜ ଛେଲି ସ୍ତ୍ରୀ ରୋଗ ପାଇଁ ଓ ପ୍ରସବ ବେଦନାରେ ବ୍ୟବହୃତ ହୋଇଥାଏ । ଏହା ରକ୍ତକୁ ଜମାଟ ବାନ୍ଧିବାରେ ସାହାଯ୍ୟ କରେ । ନିମ୍ବ - (ନିମ୍) ଗଛର ବକ୍ଲକୁ ପାଣିରେ ସିଝାଇ ସେହି ପାଣିରେ ନିୟମିତ ଗାଧୋଇଲେ ଚର୍ମରୋଗ ଭଲ ହେବା ସହିତ ଚର୍ମ ଚିକ୍କଣ ରହେ । ପଜ ଛେଲି ଘା ପାଇଁ ବ୍ୟବହୃତ ହୁଏ ।

## ଚୂର୍ଣ୍ଣ, ମଲମ, ଛେଚା ଏବଂ ଅନ୍ୟାନ୍ୟ:

ଗୁଣ୍ଡ: ଅନେକ ପ୍ରକାର ଔଷଧୀୟ ଦ୍ରବ୍ୟକୁ ଶୁଖାଇ ଗୁଣ୍ଡ କରି ଜଳ ସହିତ ପାନ କରାଯାଇପାରେ କିମ୍ବା ଗୁଣ୍ଡକୁ ବଟିବା ଆକାରରେ ରଖି ଗିଳିବାକୁ ହୁଏ କିମ୍ବା ଅନ୍ୟାନ୍ୟ ଔଷଧୀୟ ଦ୍ରବ୍ୟ ବସ୍ତୁ ସହିତ ମିଶାଇ ସେବନ କରାଯାଇଥାଏ । ହରିଡ଼ା, ବାହାଡ଼ା ଓ ଅଁଳା ଫଳର ମିଶ୍ରିତ ଚୂର୍ଣ୍ଣ ବା ତ୍ରିଫଳା ଗୁଣ୍ଡ ଶାରୀରିକ ସନ୍ତୁଳନତା ପାଇଁ ବ୍ୟବହୃତ ହୁଏ । ବିଶେଷ କରି ବାୟୁଦୋଷ, କୋଷକାଠିନ୍ୟ ଝାଡ଼ା ପତଳା ହେବା ପାଇଁ ଜଳରେ ମିଶାଇ ବ୍ୟବହାର କଲେ ପ୍ରଚୁର ଉପକାର ମିଳିଥାଏ । ପଜ ଛେଲିର ଚୂର୍ଣ୍ଣ ଘା ପାଇଁ, ଭୂଇଁ କଖାରୁ କନ୍ଦା ଶୁଖାଇ ଗୁଣ୍ଡ କରି ତଥା ପାଣିରେ ଗୋଳାଇ ବଟିକା ପ୍ରସ୍ତୁତ କରାଯାଏ । ତାହା ଖାଇଲେ ବାତ ରୋଗ ଉପଶମ ହୁଏ । ଗଙ୍ଗଶିଉଳୀ ପତ୍ରର ଗୁଣ୍ଡ (ବଟିକା) ବ୍ୟବହାର କଲେ ମ୍ୟାଲେରିଆ ସହିତ ଯାବତୀୟ ପୁରାତନ ଜ୍ୱରରୁ ମୁକ୍ତିମିଳେ । ବାଗଡ଼ଙ୍କଲତାର ଗୁଣ୍ଡ (ବଟିକା) ନାଗେଶ୍ୱର ଫୁଲର ଗୁଣ୍ଡ (ବଟିକା), ଚିରେଇତା ଚେରର ଗୁଣ୍ଡ (ବଟିକା) କିମ୍ବା ଏସବୁର କେବଳ ଗୁଣ୍ଡ ଔଷଧ ଭାବରେ ସେବନ କରାଯାଇଥାଏ । ଅବଶ୍ୟ ଗୁଣ୍ଡ ଠାରୁ ବଟିକା କରି ଖାଇଲେ ଅନୁପାତର ମାତ୍ରା ଠିକ୍ ରହିପାରେ ।

**ମଲମ:** ପଜ ଛାଲି ସହିତ ଝୁଣାକୁ ମିଶାଇ ମଲମ ପ୍ରସ୍ତୁତ ପୂର୍ବକ କଟାଘାରେ ବ୍ୟବହାର କଲେ ଘା ଅଧିକ ନ ବଢ଼ି ଖୁବ୍ ଶୀଘ୍ର ଶୁଖି ଯାଇଥାଏ ।

**ପତଳାଖଣ୍ଡ ଓ ଅନ୍ୟାନ୍ୟ:** ଯେ କୌଣସି ଔଷଧୀୟ ଦ୍ରବ୍ୟକୁ ପତଳା ଖଣ୍ଡ କରି ଚୋବେଇ ଖିଆଯାଇପାରେ କିନ୍ତୁ ଅନୁପାନ ଠିକ୍ ରଖିବା ପାଇଁ ଗୁଣ୍ଡ କିମ୍ବା ବଟିକା କରାଯାଇଥାଏ । ରୋଗୀ ମଧ୍ୟ ସହଜରେ ଖାଇପାରେ ।

## ପ୍ରୟୋଗ ପ୍ରଣାଳୀ:

ଔଷଧୀୟ ଦ୍ରବ୍ୟର ପ୍ରସ୍ତୁତିକରଣ ପରେ ବିଭିନ୍ନ ଉପାୟରେ ତାହା ବ୍ୟବହୃତ ହୋଇପାରେ । କିନ୍ତୁ ଗିଳିବା ଠାରୁ ପିଇଲେ କିମ୍ବା ଚାଟିକରି ଖାଇଲେ ତାହା ଅପେକ୍ଷାକୃତ ଶୀଘ୍ର କାମ ଦେଇଥାଏ ।

**ଚର୍ବ୍ୟ:** ଗାଈଚିରା ଚେର କିମ୍ବା ଅଦା ଚୋବାଇ ଖାଇଲେ କାଶ ଭଲ ହୋଇଯାଏ ।

**ଗିଳିବା:** ଜଡ଼ିବୁଟିରୁ ପ୍ରସ୍ତୁତ ହୋଇଥିବା ସମସ୍ତ ଗୁଣ୍ଡର ବଟିକା ଗିଳିବା ପ୍ରଣାଳୀରେ ବ୍ୟବହାର କରାଯାଇଥାଏ । ତେବେ କେତେକ ଫଳ ମଧ୍ୟ କୋହ୍ନମାନେ ସିଧାସଳଖ ଗିଳି ଖାଆନ୍ତି । ସେ ମଧ୍ୟରୁ ରିଠାଫଳ ଗିଳିଲେ ମାସିକ ରକ୍ତସ୍ରାବ ନିୟମିତ ହୁଏ । ଅଷାଢୁଆ ଫଳର ମଞ୍ଜି ଗିଳି ଖାଇଲେ ବନ୍ଧ୍ୟା ଦୋଷ ଦୂର ହୁଏ ।

**ଲେହ୍ୟ:** ପିଆଶାଳ ଛେଲିର ରସ ସହିତ ମହୁ ମିଶାଇ ଚାଟି ଖାଇଲେ ମଧୁମେହ ରୋଗ ଭଲ ହୁଏ ଗଧିଚର୍ମ ନିଆଁରେ ପୋଡ଼ି ଚାଟିଲେ ବାନ୍ତି, ତତ୍କ୍ଷଣାତ୍ ବନ୍ଦ ହୋଇଥାଏ । ଅନେକ ପ୍ରକାର ଔଷଧର ଦ୍ରବଣ ଚାଟି କିମ୍ବା ପାନୀୟ ଭାବରେ ବ୍ୟବହୃତ ହୁଏ ।

**ପେୟ:** ଚେର କନ୍ଦା ଏବଂ ବକ୍କଳ ଜାତୀୟ ଔଷଧକୁ ପାଣି ସହିତ ବାଟି ସାଧାରଣତଃ ପାନ କରାଯାଇଥାଏ । ଏହା ସହିତ ମହୁ ପ୍ରାୟତଃ ମିଶାଯାଇପାରେ । ମହୁ ଔଷଧର ଔଷଧୀୟ ଶକ୍ତିକୁ ବୃଦ୍ଧି କରାଇବା ସହିତ କଟୁତିକ୍ତ ଔଷଧର ସ୍ୱାଦ ମଧୁର କରିଥାଏ ।

**ଅନ୍ୟଜିନିଷ ସହ ବ୍ୟବହାର:** ପ୍ରତ୍ୟେକ ଔଷଧକୁ ମହୁ, ତ୍ରିଫଳା, ଚୂର୍ଣ୍ଣ, ଧଣିଆରସ, ପାନ ମଧୁରୀ ରସ କିମ୍ବା କ୍ଷୀର ସହିତ ବ୍ୟବହାର କରାଯାଏ ବା ବ୍ୟବହୃତ ହୋଇପାରେ । ମିଶ୍ରଣ ସବୁବେଳେ ଔଷଧୀୟ ଶକ୍ତି ତଥା ସ୍ୱାଦ ବଢ଼ାଇବାରେ ସହାୟକ ହୋଇଥାଏ ।

## ଔଷଧୀୟ ଉଦ୍ଭିଦର ସ୍ଥାନ ନିରୂପଣ :

**ଝରଣା କୂଳ-** ଦୁଦୁମଲ୍ଲା (ଡୁଡୁବାଚାରା) ତୃଣ ସାଧାରଣତଃ ଝରଣାକୂଳ ମାନଙ୍କରେ ହୋଇଥାଏ । ଏହାକୁ ବାଟି ବିଶେଷ କରି ଶିଶୁମାନଙ୍କୁ ପିଆଇଲେ ତରଳ ଝାଡ଼ା ଭଲ ହୁଏ ଏବଂ ଦୁଗ୍ଧବତୀ ସ୍ତ୍ରୀମାନେ ପିଇଲେ ଅଧିକ କ୍ଷୀର ସଂଚରିତ ହୋଇଥାଏ ।

**ପାହାଡ଼ ଶୀର୍ଷ-** ଅଗ୍ନିଝାଳ, ଅକାନବିନ୍ଧ, ଶାଳ, ପିଆଶାଳ, ଗିଲ୍ ବାଇଡ଼ଙ୍କ, ଭୂଇଁ କଖାରୁ, ଜ୍ୟେଷ୍ଠ ମଧୁ ଆଦି ଅନେକ ଔଷଧୀୟ ବୃକ୍ଷ ଲତାଆଦି ପାହାଡ଼ ଶୀର୍ଷରେ ଉପଲବ୍ଧ ହୋଇଥାଏ । ଯେଉଁ ଗୁଡ଼ିକୁ ଅନ୍ୱେଷଣ ପୂର୍ବକ ସଂଗ୍ରହ କରାଯାଏ ।

**ସନ୍ତସନ୍ତିଆ ସ୍ଥାନ-** ସାଧାରଣତଃ ସନ୍ତସନ୍ତିଆ ସ୍ଥାନ ବା ପଙ୍କିଳ ଜଳମାନଙ୍କରେ ଘୋଡ଼ାବଚ, ଗନ୍ଧାଳୀ ହଳଦୀ କଇଁ ଇତ୍ୟାଦି ଉପଲବ୍ଧ ହୁଏ ।

## ଔଷଧ ସଂଗ୍ରହ କାଳ:

ହୋ/କୋହ୍ଲ ସଂପ୍ରଦାୟରେ ଧର୍ମର ଭାବନା ଅଧିକ ଥିବାରୁ ଏବଂ ସେମାନେ ତନ୍ତ୍ର ତଥା ବିଧି ଅନୁସୃତ ଭାବରେ ଔଷଧ ପ୍ରୟୋଗ କରୁଥିବାରୁ ଔଷଧୀୟ ଦ୍ରବ୍ୟସଂଗ୍ରହରେ କାଳ ନିର୍ଣ୍ଣୟ କରିଥାଆନ୍ତି । ଉପଯୁକ୍ତ ପୂଜାବିଧି କିମ୍ବା ସମୟ ବିଧି ଅନୁସାରେ ଯେଉଁ ଔଷଧୀୟ ଦ୍ରବ୍ୟ ସଂଗୃହୀତ ହୋଇ ଚିକିତ୍ସା କାର୍ଯ୍ୟରେ ବିନିଯୋଗ କରାଯାଏ, ତାହା ଅପେକ୍ଷାକୃତ ଅଧିକ ବିଶ୍ୱାସ । ତତ୍ ସହିତ କୋହ୍ଲ ସଂପ୍ରଦାୟର ବୈଦ୍ୟ ହେଉଛନ୍ତି କୋହ୍ଲ ସମାଜରେ ଯାଦୁଧର୍ମୀୟ କର୍ମକର୍ତ୍ତା ଦେଓ୍ୱାଁ ଅନେକ ଐଶ୍ୱରୀୟ ଗୁଣ ବା ଦୈବଗୁଣ ସଂପନ୍ନ ହୋଇଥିବାରୁ 'ଦେଓ୍ୱାଁ' ତିଥି/କାଳ ନିର୍ଣ୍ଣୟ ପୂର୍ବକ ଗ୍ରହ ଯୋଗ ଅନୁଧ୍ୟାନ କରି ଔଷଧୀୟ ଦ୍ରବ୍ୟ ସଂଗ୍ରହ କରିଥାଆନ୍ତି ।

ସାଧାରଣତଃ ଅରଖମୂଳ/ଚେର ସଂକ୍ରାନ୍ତି ସକାଳେ, ନାଗଯୁଡ଼ି ପତ୍ର ମଧ୍ୟାହ୍ନରେ, ଅପରାଜିତା ମୂଳ ସାଇଁକାଳରେ ଅଣାଯାଇଥାଏ । ନାଗଯୁଡ଼ି ପତ୍ର ମଧ୍ୟାହ୍ନରେ ଆଣିବା ଦ୍ୱାରା ବଶୀକରଣ କାର୍ଯ୍ୟ ସୁଚାରୁ ରୂପେ ହୋଇପାରେ । କଳା ବିଛୁଆତି ଚେର ଶ୍ମଶାନଘାଟରୁ ମଧ୍ୟ ରାତ୍ରରେ ଅଣାଯାଇଥାଏ । ମଝିରେ କାନ୍ଧି ହୋଇଥିବା କଦଳୀ ଗଛର ଚେର ପୂର୍ଣ୍ଣମୀ ତିଥିରେ ଆଣି ଜୁଆଖେଳ ସମୟରେ ପାଖରେ ରଖିଲେ ବ୍ୟକ୍ତି ସହଜରେ ହାରେ ନାହିଁ ଏବଂ ସ୍ତ୍ରୀ ପ୍ରସବ ସମୟରେ ତାର କାନରେ ଖୋସି ଦେଲେ ଶୀଘ୍ର ପ୍ରସବ ହୋଇଥାଏ । ଶ୍ୱେତ ଲାଜକୁଳି ଓ ଶ୍ୱେତ ଅରଖ ଚେରକୁ ସଂକ୍ରାନ୍ତି ବ୍ୟତୀତ ଅମାବାସ୍ୟାର ଅନ୍ଧକାର ରାତ୍ରରେ ମଧ୍ୟ ଅଣାଯାଇପାରେ । ତେବେ ସମୟ ଓ ତିଥି ଅନୁସାରେ ଔଷଧୀୟ ଦ୍ରବ୍ୟ ସଂଗ୍ରହ ଦ୍ୱାରା ସଂପୃକ୍ତ ବା ସେହି ଔଷଧୀୟ ଦ୍ରବ୍ୟର ଶକ୍ତି

ଦ୍ୱିଗୁଣିତ ହୋଇଥାଏ ବୋଲି କୋହ୍ଲ ଯାଦୁ ଧର୍ମୀୟ କର୍ମକର୍ତ୍ତା ଦେଓ୍ୱାଁଙ୍କର ମତ । ତେଣୁ ସେ କଷ୍ଟସ୍ୱୀକାର କରି ମଧ ଜନହିତ ପାଇଁ ସମୟ ଓ ତିଥି ବିଧି ଅନୁସରଣ କରିଥାଆନ୍ତି ।

## ବିଭିନ୍ନ ଲୋକଙ୍କ ସାହାଯ୍ୟରେ ଔଷଧ ପ୍ରସ୍ତୁତି, ପ୍ରୟୋଗ ଓ ଆରୋଗ୍ୟ:

ଔଷଧ ପ୍ରସ୍ତୁତି ତଥା ପ୍ରୟୋଗ କ୍ଷେତ୍ରରେ ଗର୍ଭବତୀ ସ୍ତ୍ରୀଏବଂ ଦୁଗ୍ଧବତୀ ମାଙ୍କ ବ୍ୟତୀତ ହୋ/କୋହ୍ଲ ସମାଜରେ ସମସ୍ତେ ସବୁପ୍ରକାର କାର୍ଯ୍ୟ କରିପାରନ୍ତି କିମ୍ବା ସେହିପରି କାର୍ଯ୍ୟରେ ସାହାଯ୍ୟ ମଧ କରିଥାଆନ୍ତି । ପ୍ରକାଶ ଥାଉକି କୋହ୍ଲ ସଂପ୍ରଦାୟରେ ପୁରୁଷ ଏବଂ ସ୍ତ୍ରୀ ମାନଙ୍କର ସମାନ ଅଧିକାର ଥାଏ । ଉଭୟେ ସବୁପ୍ରକାର କାର୍ଯ୍ୟ ସଂପାଦନ କରିବାକୁ ସକ୍ଷମ । କୋହ୍ଲ ସମାଜରେ ମହିଳା ବୈଦ୍ୟ ମଧ ଦେଖାଯାଇ ଥାଆନ୍ତି । ପୁରୁଷ ବୈଦ୍ୟଙ୍କ ପରି ସେମାନେ ମଧ ଔଷଧୀୟ ଦ୍ରବ୍ୟ ସଂଗ୍ରହ ଠାରୁ ଔଷଧ ପ୍ରସ୍ତୁତ ଏବଂ ପ୍ରୟୋଗ ପୂର୍ବକ ରୋଗୀମାନଙ୍କୁ ଆରୋଗ୍ୟ କରିଥାଆନ୍ତି । ପୁନଶ୍ଚ ବୈଦ୍ୟଙ୍କ ପରିବାରର ସମସ୍ତ ସଦସ୍ୟ/ସଦସ୍ୟା,ଏପରିକି ଅଳ୍ପ ବୟସର ପୁଅ ଝିଅ ମଧ ବୈଦ୍ୟଙ୍କ ଅନୁପସ୍ଥିତିରେ ଦେଖି ଦେଖି ଶିଖିଥିବା ବା ଜାଣିଥିବା ଔଷଧ ରୋଗୀକୁ ଦେଇଥାଆନ୍ତି ଏବଂ ବୈଦ୍ୟଙ୍କୁ ଔଷଧ ପ୍ରସ୍ତୁତିରେ ସହାୟତା ପ୍ରଦାନ କରନ୍ତି । ତେଣୁ କେବଳ ଗର୍ଭବତୀ ସ୍ତ୍ରୀ ଏବଂ ଦୁଗ୍ଧବତୀମାଙ୍କ ବ୍ୟତୀତ ଅନ୍ୟ ସବୁପ୍ରକାର ବ୍ୟକ୍ତିଙ୍କ ଔଷଧ ପ୍ରକ୍ରିୟାକରଣ ତଥା ପ୍ରୟୋଗରେ କୌଣସି ପ୍ରତିବନ୍ଧକ ନଥାଏ ମାତ୍ର କିଛି କିଛି ଅଭିଜ୍ଞତାରୁ ଜାଣିଥିବା ଆବଶ୍ୟକ ।

## ଦୁଇ ବା ତିନୋଟି ଉପାଦାନର ସମିଶ୍ରଣରେ ପ୍ରସ୍ତୁତ ଔଷଧର ବ୍ୟବହାର:

ଔଷଧଗୁଡ଼ିକ ସାଧାରଣତଃ ମିଶ୍ରିତ ପ୍ରକ୍ରିୟାରେ ବ୍ୟବହୃତ ହୋଇଥାଏ । କାରଣ ଏହାଦ୍ୱାରା ଔଷଧୀୟ ଶକ୍ତି ବୃଦ୍ଧି ଘଟେ । ଯେପରି ହରିଡ଼ା, ବାହାଡ଼ା, ଅଁଳା ଗୁଣ୍ଡର ମିଶ୍ରଣକୁ ପାଣି ସହିତ ପାନ କଲେ ହଜମ ଶକ୍ତି ବଢ଼ାଇବା ସହିତ ପେଟ ସୁସ୍ଥ ରଖେ । ପୁଣି ଏହି ତ୍ରିଫଳା ଗୁଣ୍ଡରେ ମହୁ ମିଶାଇ ଖାଇଲେ ପ୍ରତ୍ୟେକ ଔଷଧ ଶୀଘ୍ର କାର୍ଯ୍ୟକ୍ଷମ ହୋଇଥାଏ କିମ୍ବା ଧଣିଆ ରସ ସହିତ ପାନ କଲେ ବାୟୁ ଦୋଷ ଦୂର ହୁଏ, ବାତ ରୋଗରେ ଭୂଇଁ କଖାରୁ, ଦେବଦାରୁ, ବାଉଁଶ ଲୋଚନ ଚିତାମୂଳ ଏକତ୍ର ମିଶାଇ ଭକ୍ଷଣ କଲେ ରୋଗ ଉପଶମ ହୋଇଥାଏ । କଇଁମୂଳ, ନାଲିମନ୍ଦାର ଫୁଲ, କୃଷ୍ଣଚୂଡ଼ା ଫୁଲ, ମିଶ୍ରି, ଦଣ୍ଡିକିରା, ମାଛ ମୁଥାମୂଳ ଏକତ୍ର ମିଶାଇ ଖାଇଲେ ଋତୁ ଅସୁବିଧା ଜନିତ ତ୍ରୁଟି ଦୂରୀଭୂତ କରାଯାଇପାରେ । ଠୁସି କଲରା, ପିତା କରାଣ୍ଡୀକୁ ପୋଡ଼ି ଋତୁସ୍ରାବର ପ୍ରଥମ ଦିବସରେ ଭୋଜନ କଲେ ଏକବର୍ଷ ପର୍ଯ୍ୟନ୍ତ ଗର୍ଭସଂଚାର ହୁଏ ନାହିଁ । ଏହା

ସନ୍ତାନ ଜନ୍ମରେ ବ୍ୟବଧାନ ରକ୍ଷା କରେ । ଏହିପରି ଅନେକ ଔଷଧୀୟ ଦ୍ରବ୍ୟ ଦୁଇ ବା ତତୋଧିକ ମିଶ୍ରଣରେ ଅଧିକ ସୁଫଳ ପ୍ରାପ୍ତ ହୋଇଥାଏ ।

## କୀଟପତଙ୍ଗ, ଝିଟିପିଟି, ପକ୍ଷୀ, ପର, ଚମଡ଼ା, ପଥର, ଗେଣ୍ଡା, ଶାମୁକା ଇତ୍ୟାଦିରୁ ପ୍ରସ୍ତୁତ ଔଷଧ ଓ ଏହାର ପ୍ରୟୋଗ:

ହୋ/କୋହ୍ଲୁ ସଂପ୍ରଦାୟ ବିଭିନ୍ନ ପ୍ରକାର ପଶୁପକ୍ଷୀ, କୀଟପତଙ୍ଗାଦିକୁ ଖାଦ୍ୟ ରୂପେ ଗ୍ରହଣ କରିଥାଆନ୍ତି । ସେମାନଙ୍କ ମତରେ ସବୁଥିରେ କିଛି ନା କିଛି ଔଷଧୀୟ ଗୁଣ ଭରିରହିଥାଏ । ଏସବୁକୁ ମଧ୍ୟ ସେମାନେ ଔଷଧ ରୂପେ ବ୍ୟବହାର କରୁଥିବାର ଦେଖାଯାଏ ।

କଳା ବୁଢ଼ିଆଣୀକୁ ବାଟି ପାଣି ସହିତ ପାନ କଲେ ଛାଟିଣି ରୋଗ ଭଲ ହୁଏ । କାଇପୋକ କଞ୍ଚା କିମ୍ୱା ଭାଜି ଖାଇଲେ ଅଜୀର୍ଣ୍ଣ ଦୋଷ ଦୂର ହୋଇଥାଏ । ଏହା ମଧ୍ୟ ବେଶ୍ ସ୍ୱାଦଯୁକ୍ତ ଝିଟିପିଟିକୁ କୁମ୍ଭାଟୁଆ ଗଛର ମଲାଙ୍ଗ, ଅସନି ଗଛର ମଲାଙ୍ଗ ସହିତ ଏକତ୍ର ବାଟି ପ୍ରଲେପ ଦେଲେ ଭଙ୍ଗା, ହାଡ଼, ଯୋଡ଼ିଯାଇଥାଏ । ମୟୁର ଅଣ୍ଡ, ଗରୁଡ଼ ପକ୍ଷୀର ଅଣ୍ଡ ଓ ଗୋଡ଼କୁ ସର୍ପ ତଥା ବିଛା ଦାଉରୁ ରକ୍ଷା ପାଇବା ନିମନ୍ତେ କବଚ ବା ତେଉଁରିଆ କରି ଧାରଣ କରାଯାଇପାରେ । ଶାଗୁଣା ପରକୁ ଶିକାରୀଙ୍କ ତୀରରେ ସଂଲଗ୍ନ ରଖିଲେ ସହଜରେ ଶୀକାରପ୍ରାପ୍ତ ହୁଏ ଓ ମୟୂରପର ସର୍ପ କାମୁଡ଼ାରେ ବିଷହରଣ ନିମନ୍ତେ ଝଡ଼ାଫୁଙ୍କା ପାଇଁ ବ୍ୟବହୃତ ହୋଇଥାଏ । ଆମ୍ବ ଓ ଆମ୍ବଡ଼ା ଛାଲି ସହିତ ଚୂନପଥରକୁ ଏକତ୍ର କରି ଗରମ ଧାତୁରେ ଚେଙ୍କ ଦେଇ ସେହି ଔଷଧ ପାନ କଲେ ଝାଡ଼ା ରୋଗ ଭଲ ହୁଏ । ଗେଣ୍ଡା ବା ଶାମୁକାରୁ ତିଆରି ଚୂନ ମଧ୍ୟ ଏଥିରେ ବ୍ୟବହୃତ ହୋଇପାରେ ।

ବସ୍ତୁତଃ କୋହ୍ଲୁ ସମାଜରେ ସମସ୍ତ ପ୍ରାକୃତିକ ବୃକ୍ଷ, ଗୁଳ୍ମ,ତୃଣ ଏବଂ ତହିଁର ପତ୍ର, କାଣ୍ଡ, ଚେର,କନ୍ଦା, ତନ୍ତୁ, ମଞ୍ଜି, ଫୁଲ, ଲତା, ବଲ୍କଳ ଇତ୍ୟାଦି ଔଷଧୀୟ ଦ୍ରବ୍ୟ ରୂପେ ପରିଗଣିତ ହୋଇଥାଏ । ଏତଦ୍‌ଭିନ୍ନ ପ୍ରତ୍ୟେକ ପଶୁପକ୍ଷୀ, କୀଟପତଙ୍ଗାଦି, ଗେଣ୍ଡା, ଶାମୁକା, ପଥର ତଥା ପକ୍ଷୀ-ପଶୁଙ୍କର ପର, ଚମଡ଼ା, ଅଣ୍ଡ,ଗୋଡ଼ -ସର୍ବାଙ୍ଗ ଶରୀର ମଧ୍ୟ ଔଷଧର ପ୍ରସ୍ତୁତିରେ ପ୍ରୟୋଗ ଭାବରେ ଇତିହାସଭୂତ । ଚିକିତ୍ସା କ୍ଷେତ୍ରରେ ସେ ଆଧୁନିକ ଚିକିତ୍ସା ବିଜ୍ଞାନର ଢ଼େର ପୂର୍ବରୁ ଉନ୍ନତ କାର୍ଯ୍ୟଧାରା ସଂପାଦନ କରୁଥିବାର କୋହ୍ଲମାନଙ୍କର ମତ । ଅବଶ୍ୟ ଚିକିତ୍ସା ପ୍ରଣାଳୀରେ କୋହ୍ଲୁସମାଜ ଆଧ୍ୟାତ୍ମିକ ତଥା ଅଲୌକିକ ଶକ୍ତିର ସନ୍ନିଶ୍ରଣ କରାଉଥିବାରୁ ଏପରି ସମ୍ଭବ ହୋଇଥାଇପାରେ ବୋଲି ଅନୁମାନ କରାଯାଏ ।

# ବୈଦ୍ୟ (କବିରାଜ)

ହୋ/କୋହ୍ଲ ସମାଜରେ ପ୍ରାୟତଃ ସ୍ୱତନ୍ତ୍ର ଭାବରେ ବୈଦ୍ୟ ନଥାଆନ୍ତି । ଗ୍ରାମର ଗୁଣିଆ / ତାନ୍ତ୍ରିକ ଯାଦୁ ଧର୍ମୀୟ କର୍ମକର୍ତ୍ତା 'ଦେଓ୍ୱାଁ' ହିଁ ବୈଦ୍ୟ କାମ ତୁଲାଇ ଥାଆନ୍ତି । କାଁ ଭାଁ କେତେକ ସ୍ଥାନରେ ଅବଶ୍ୟ ସ୍ୱତନ୍ତ୍ର କବିରାଜ ଥିବାର ଦେଖାଯାଇଥାଏ । ଏମାନେ କୌଳିକ ଭିତ୍ତିରେ କିମ୍ୱା ଆକସ୍ମିକ ଦୈବ ଆଶୀର୍ବାଦଯୁକ୍ତ ହୋଇ ବୈଦ୍ୟ ହୋଇଥାଆନ୍ତି । ସ୍ୱତନ୍ତ୍ର ଭାବରେ କୌଣସି ତାଲିମ ନ ପାଇଥିଲେ ହେଁ ନିଜର ପିତା-ପିତୃବ୍ୟଙ୍କଠାରୁ ରୋଗ ନିରୂପଣ, ଔଷଧ ପ୍ରସ୍ତୁତି ଆଦିରେ ଅଭିଜ୍ଞତା ହାସଲ କରି ସମୟାନୁକ୍ରମେ ଦକ୍ଷତାର ସହିତ ରୋଗ ନିବାରଣ ପୂର୍ବକ ବୈଦ୍ୟ ରୂପେ ପରିଚିତ ହୋଇପାରନ୍ତି ।

'ଦେଓ୍ୱାଁ' ବୈଦ୍ୟ ଭାବରେ ହୁଅନ୍ତୁ ଅବା ସ୍ୱତନ୍ତ୍ର ବୈଦ୍ୟ ହୋଇଥାଆନ୍ତୁ, ସେମାନେ ସ୍ୱଭାବରେ ସେବାଭାବାପନ୍ନ ତଥା ନିର୍ଲୋଭୀ ହୋଇଥାଆନ୍ତି । ପ୍ରକୃତିକୋଳରୁ ଔଷଧୀୟ ଦ୍ରବ୍ୟମାନ ସଂଗ୍ରହ କରି ଅନୁପାନ ଅନୁଯାୟୀ ରୋଗ ନିବାରଣ ତଥା ପ୍ରତିରୋଧ କରନ୍ତି ।

ବୈଦ୍ୟ ଔଷଧୀୟ ଦ୍ରବ୍ୟ ସଂଗ୍ରହ ପୂର୍ବରୁ ଖାଦ୍ୟପାନୀୟ ଗ୍ରହଣ କରନ୍ତି ନାହିଁ । କୌଣସି ଦୂରାରୋଗ୍ୟ ରୋଗ ପାଇଁ ରୋଗୀକୁ ଔଷଧ ଦେବା ପୂର୍ବରୁ ମାନସିକ କରିଥାଆନ୍ତି । ମାନସିକ ପୂଜା ପରେ ଯାଇ ସେମାନେ ଖାଦ୍ୟ ସେବନ କରିପାରନ୍ତି । ପୂଜାବିଧି ସହିତ କୌଣସି ଗୁରୁତ୍ୱପୂର୍ଣ୍ଣ ଚେରମୂଳି ଆଣିବାବେଳେ ପବିତ୍ରତା ପୂର୍ବକ ପୂର୍ବଦିନରୁ ସ୍ତ୍ରୀ ସହବାସ ବର୍ଜନ କରନ୍ତି । ବୈଦ୍ୟଙ୍କ ପରିବାରରେ ମୃତ୍ତିକା କିମ୍ୱା ଛୁତିକା ହୋଇଥିଲେ, ସେ ସମୟରେ ସେ ଔଷଧ ସଂଗ୍ରହ କରିବା କିମ୍ୱା ରୋଗୀକୁ ଦେବା ନିଷେଧ କରାଯାଇଥାଏ । ପୁନଶ୍ଚ କେତେକ ସ୍ୱତନ୍ତ୍ର ଔଷଧ ପାଇଁ ଔଷଧୀୟ ଦ୍ରବ୍ୟ ଆଣିବାକୁ ଗଲେ ପବିତ୍ର ବା ଶ୍ୱେତବସ୍ତ୍ର ପରିଧାନ କରନ୍ତି । କିନ୍ତୁ ସାଧାରଣ ଭାବେ ଔଷଧୀୟ ଦ୍ରବ୍ୟ ଅଣାଯାଉଥିବା ବେଳେ ପୋଷାକରେ କୌଣସି ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏନାହିଁ ।

ରୋଗ ଚିହ୍ନଟ, ଔଷଧୀୟ ଦ୍ରବ୍ୟ ସଂଗ୍ରହ ବା ପ୍ରସ୍ତୁତି କ୍ଷେତ୍ରରେ ବୈଦ୍ୟମାନେ ସ୍ୱତନ୍ତ୍ର ଭାବେ ପାରମ୍ପରିକ ବୈଦ୍ୟ ବା ଗୁରୁ କିମ୍ୱା ବଂଶାନୁକ୍ରମିକ ସୂତ୍ରରେ ସ୍ୱତନ୍ତ୍ର ଜ୍ଞାନ ଲାଭ କରିଥାଆନ୍ତି । ଏତଦ୍ ଭିନ୍ନ କେତେକ ବୈଦ୍ୟ ଦୈବଶକ୍ତି ସଂପନ୍ନ

ହୋଇଥାଆନ୍ତି । ଏମାନେ ଦେବାଦେବୀଙ୍କର ପ୍ରତ୍ୟକ୍ଷ ଇଙ୍ଗିତରେ ଔଷଧ ପ୍ରସ୍ତୁତ କରି ରୋଗୀମାନଙ୍କୁ ଆରୋଗ୍ୟ କରିପାରନ୍ତି । କେତେକ କ୍ଷେତ୍ରରେ ବୈଦ୍ୟମାନେ ଜ୍ୟୋତିଷ ବିଦ୍ୟାରେ ମଧ୍ୟ ପାରଦର୍ଶୀ ଥିବାର ଦେଖାଯାଏ । ରୋଗୀର ଜନ୍ମଗତ ଦୋଷ ଅଛି କି ନାହିଁ, ତାଙ୍କର ରାଶିକୁ ଗଣନା କରି ସେହି ଅନୁସାରେ ଉପଯୁକ୍ତ କବଚ ବା ରିଷ୍ଟଖଣ୍ଡନ ନିମନ୍ତେ ତେଉଁରିଆ ପ୍ରସ୍ତୁତ କରି ରୋଗୀକୁ ଧାରଣ କରିବାକୁ ଦିଅନ୍ତି । ତଦ୍ଵାରା ରୋଗୀ ଦେହରେ ଔଷଧ ଠିକ୍ ଭାବରେ କାମକରେ ଓ ରୋଗୀ ଅନାୟାସରେ ଆରୋଗ୍ୟ ଲାଭ କରିପାରେ ।

ରୋଗବ୍ୟାଧି ନିର୍ଣ୍ଣୟ କରିବା ପାଇଁ ବୈଦ୍ୟ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରନ୍ତି । ସାଧାରଣ ଭାବରେ ରୋଗୀର ଶରୀରକୁ ଯାଞ୍ଚ କରିଥାଆନ୍ତି । ଏତଦ୍‌ବ୍ୟତୀତ ତେଲପାଣି ଦେଖି (ପରିସ୍ରା ଯାଞ୍ଚ), ତେଲଖଡ଼ି ପାଠ ଦ୍ଵାରା କିମ୍ବା ଅରୁଆ ଚାଉଳ ସିନ୍ଦୁର ବ୍ୟବହାର ପୂର୍ବକ ରୋଗ ନିରୂପଣ କରାଯାଇଥାଏ । କୋହ୍ଲ ସମାଜରେ ଅସ୍ତ୍ରୋପଚାର ଦ୍ଵାରା ମଧ୍ୟ ରୋଗର ମୂଳୋତ୍ପାଟନ କରାଯିବା ଶୈଳୀ ପ୍ରାଚୀନ । ରୋଗ ନିର୍ଣ୍ଣୟ କରି ଶରୀରର ଆଭ୍ୟନ୍ତରୀଣ ଅଂଶକୁ ମନ୍ତ୍ର-ଯନ୍ତ୍ର ସାହାଯ୍ୟରେ ବାହାର କରି ପୁନଃସ୍ଥାପିତ କରାଯାଇପାରିଥାଏ । ଏଥିରେ କଟାଦାଗର କୌଣସି ଚିହ୍ନ ମଧ୍ୟ ରହେନାହିଁ । ଏହି ପ୍ରଣାଳୀରେ ପଥୁରୀ ରୋଗ କିମ୍ବା ଅନ୍ତର୍ବର୍ତୀ ରୋଗରୁ ମୁକ୍ତି ମିଳେ । କୋହ୍ଲ ସଂପ୍ରଦାୟ ଆଧୁନିକ ମୁଖାପେକ୍ଷୀ ହୋଇ ଏବେ ଚିକିତ୍ସା କ୍ଷେତ୍ରରେ ନିଜସ୍ଵ ଜ୍ଞାନ କୌଶଳକୁ ପ୍ରାୟତଃ ହଜାଇ ଦେବାକୁ ବସିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଜକୁ ଆନୁମାନିକ ୩୦୦୦ ବର୍ଷ ପୂର୍ବେ ଦେଓଁତୁରୀ (ଧନନ୍ତରୀ)ଙ୍କର ଆବିର୍ଭାବ ଫଳରେ କୋହ୍ଲ ସମାଜର ବୈଦ୍ୟମାନେ ଦୈବୀ ଆଶୀର୍ବାଦରୁ ଚିକିତ୍ସା ବିଜ୍ଞାନରେ ପାରଦର୍ଶୀ ହୋଇଥିବା ବିଶ୍ଵାସ କରାଯାଏ ।

କୋହ୍ଲ ସମାଜରେ ବୈଦ୍ୟ ବା କବିରାଜଙ୍କର ସ୍ଥାନ ସ୍ଵତନ୍ତ୍ର । ଶାରିରୀକ ଦୁଃଖ ଦୁର୍ଦ୍ଦଶାରେ ସହାୟକ ହୋଇପାରୁଥିବାରୁ ସଭିଏଁ ଏମାନଙ୍କୁ ବେଶ୍ ସମ୍ମାନ ତଥା ଆଦର କରିଥାଆନ୍ତି । ସେଥିପାଇଁ ଲୋକମାନେ ଉତ୍ସବାନୁଷ୍ଠାନ ମାନଙ୍କରେ ଏମାନଙ୍କୁ ସ୍ଵତନ୍ତ୍ର ଭାବରେ ନିମନ୍ତ୍ରଣ କରି ସ୍ଵତନ୍ତ୍ର ଆନୁଗତ୍ୟ ଭାବ ପ୍ରକାଶ କରିବାକୁ ଚେଷ୍ଟା କରନ୍ତି ।

ଯେଉଁ ପରିବାରରେ ଔଷଧପତ୍ର ସଂପର୍କୀୟ ଜ୍ଞାନ ରହିଥାଏ ବା ବୈଦ୍ୟଙ୍କ ପରିବାରରେ ସ୍ତ୍ରୀ ଲୋକମାନେ, ଏପରିକି ପିଲା-ଛୁଆମାନଙ୍କର ମଧ୍ୟ ଔଷଧ ସମ୍ବନ୍ଧୀୟ ସମ୍ୟକ୍ ଧାରଣା ରହିଥାଏ । ସୁତରାଂ ବୈଦ୍ୟଙ୍କର ଅନୁପସ୍ଥିତିରେ ବୈଦାଣୀ /

ବୈଦ୍ୟଙ୍କ ସ୍ତ୍ରୀ ମଧ୍ୟ ଜାଣିଥିବା ଔଷଧ ଦେଇ ରୋଗୀ ସେବା କରିଥାଆନ୍ତି । ସେହିପରି ହୋ/କୋହ୍ଲ ସମାଜରେ ଅବିବାହିତ ମହିଳାମାନେ ଠାଏଁ ଠାଏଁ ବୈଦ୍ୟ ରୂପରେ ଚିକିତ୍ସା ବିଜ୍ଞାନ ଶିକ୍ଷା କରିଥିବାର ପରିଲକ୍ଷିତ ହୁଏ । ବିଶେଷ କରି ସ୍ତ୍ରୀ ରୋଗ ସଂପର୍କୀୟ ରୋଗ ନିର୍ଦ୍ଧାରଣରେ ସ୍ତ୍ରୀ ବୈଦ୍ୟମାନଙ୍କର ପ୍ରମୁଖ ଭୂମିକା ରହିଥାଏ ।

ପାହାଡ଼-ପର୍ବତାଦି, ଜଡ଼ିବୁଟି ବା ଚେରମୂଳି ଔଷଧୀୟ ସଂଗ୍ରହ ପାଇଁ ପ୍ରଶସ୍ତ କ୍ଷେତ୍ର । କିନ୍ତୁ ଅନେକ ସମୟରେ ସେଗୁଡ଼ିକୁ ଖୋଜିବାହାର କରିବା କଷ୍ଟକରବୋଧ ହେଉଥିବାରୁ ବୈଦ୍ୟମାନେ ନିଜ ବାଡ଼ିବଗିଚାରେ ମଧ୍ୟ ଦୁଷ୍ପ୍ରାପ୍ୟ ଔଷଧ ବୃକ୍ଷାଦି ରୋପଣ କରିଥାଆନ୍ତି କିମ୍ବା ଦୂରଦୂରାନ୍ତରୁ ପ୍ରାପ୍ତ ହେଉଥିବା ଔଷଧୀୟ ବୃକ୍ଷଗୁଳ୍ମାଦି ସଂଗ୍ରହ କରି ନିଜ ସ୍ଥାନକୁ ନେଇଆଣନ୍ତି । ତଦ୍ୱାରା ଶୀଘ୍ର ତଥା ସହଜରେ ଔଷଧ ପ୍ରସ୍ତୁତ କରି ରୋଗୀମାନଙ୍କୁ ଆରୋଗ୍ୟ କରିପାରିଥାଆନ୍ତି । ଏବେ କେତେକ ସ୍ଥାନରେ ଔଷଧୀୟ ବୃକ୍ଷାଦିର ଚାଷ ମଧ୍ୟ କରାଯାଉଥିବାର ଦେଖାଯାଇଥାଏ ।

ବୈଦ୍ୟମାନେ ସାଧାରଣତଃ ସେବାପରାୟଣ । ତେଣୁ ସେମାନେ ଅର୍ଥଲିପ୍ସୁ ନ ହୋଇ ଅକୁଣ୍ଠଚିତ୍ତରେ ରୋଗୀମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥାଆନ୍ତି । ପ୍ରତି ବଦଳରେ କୌଣସି ପାଉଣା ବା ପାରିଶ୍ରମିକ ଆଶା କରନ୍ତି ନାହିଁ କିମ୍ବା ରୋଗୀଙ୍କ ଠାରୁ ଦାବୀ କରିନଥାଆନ୍ତି ତେବେ ଲୋକମାନେ ତାଙ୍କ ଦ୍ୱାରା ଉପକୃତ ହେଉଥିବାରୁ ସେମାନଙ୍କ ବାର୍ଷିକ ଉତ୍ସବ ସମୟରେ ଛେଳି, କୁକୁଡ଼ା, ଚାଉଳ ଏବଂ ଲୁଗାପଟା ଇତ୍ୟାଦି ଉପହାରସ୍ୱରୂପ ଦେଇଥାଆନ୍ତି ।

ଯୁଗେ ଯୁଗେ ରୋଗୀ ଓ ବୈଦ୍ୟ ବା କବିରାଜଙ୍କର ସଂପର୍କ ଅବିଚ୍ଛେଦ୍ୟ । କାରଣ ମଣିଷ ଜୀବନରେ ରୋଗ ଏକ ସାଧାରଣ ପ୍ରକ୍ରିୟା । ଜନ୍ମ, ଜରା, ମୃତ୍ୟୁ ଭଳି ବ୍ୟାଧି ଚିରନ୍ତନ । ଜୀବିତାବସ୍ଥାରେ ଟିକିଏ ସୁସ୍ଥ ତଥା ଶାନ୍ତିରେ ବଂଚି ରହିବା ପାଇଁ ମଣିଷକୁ ଅହରହ ରୋଗ ସହିତ ସଂଗ୍ରାମ କରିବାକୁ ପଡ଼ିଥାଏ ଏବଂ ଏପରି ଏକ ପ୍ରାକୃତିକ ସଂଗ୍ରାମରେ ଜୟଯୁକ୍ତ ହେବା ପାଇଁ ମଣିଷକୁ ବୈଦ୍ୟଙ୍କର ସହାୟତା ଅନିବାର୍ଯ୍ୟଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତିବିଶେଷ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ବୈଦ୍ୟଙ୍କର ସାହାଯ୍ୟ, ସହାନୁଭୂତି ଲୋଡ଼ିଥାଆନ୍ତି ଏବଂ ବୈଦ୍ୟ ସମ୍ବେଦନଶୀଳ ହୃଦୟରେ ନିଜର ସକ୍ଷମ ଅନୁସାରେ ଲୋକମାନଙ୍କୁ ସୁସ୍ଥ ରଖିବାକୁ ଚେଷ୍ଟା କରନ୍ତି । ତେଣୁ ଏ କ୍ଷେତ୍ରରେ ରୋଗୀ ଏବଂ ବୈଦ୍ୟଙ୍କ ସଂପର୍କର ସଂଜ୍ଞା ନିରୂପଣ କରାଯାଇ ନପାରେ । ବୈଦ୍ୟ ରୋଗୀଙ୍କ ପାଇଁ ଈଶ୍ୱର ସଦୃଶ ମନେ ହୋଇଥାଏ ।

ପୁରାତନ ବୈଦ୍ୟ/କବିରାଜ ଓ ବର୍ତ୍ତମାନର ଡ଼ାକ୍ତରଙ୍କ ମଧ୍ୟରେ ଅନେକ ତାରତମ୍ୟ ଦେଖିବାକୁ ମିଳେ । ବୈଦ୍ୟମାନେ ରୋଗୀସେବାକୁ ମାଧବ ସେବା ବୋଲି ବିବେଚନା କରୁଥିବା ସ୍ଥଳେ ବର୍ତ୍ତମାନର ଡ଼ାକ୍ତରମାନେ ବ୍ୟବସାୟିକ ଦୃଷ୍ଟିକୋଣରୁ ରୋଗୀ ଚିକିତ୍ସା ଅର୍ଥ ଉପାର୍ଜନର ଏକ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି । ଆଗରୁ ରୋଗର ନିଦାନ ପାଇଁ ବୈଦ୍ୟ ପ୍ରକୃତି ଉପରେ ସଂପୂର୍ଣ୍ଣ ରୂପେ ନିର୍ଭର କରୁଥିବା ସ୍ଥଳେ ଏବେ ଔଷଧ ପ୍ରସ୍ତୁତି ପାଇଁ ରାସାୟନିକ ଦ୍ରବ୍ୟର ସହାୟତା ନେଉଛନ୍ତି । ଯଦ୍ୱାରା ରୋଗ ନିରାକରଣ ସମୟସାପେକ୍ଷ, ଖର୍ଚ୍ଚ ବହୁଳ ତଥା ଅସମ୍ଭବ ମଧ୍ୟ ହୋଇପଡୁଛି । ଏତଦ୍‌ଭିନ୍ନ ପୂର୍ବେ ଔଷଧୀୟ ଦ୍ରବ୍ୟଗୁଡ଼ିକ ତଟକା ତଥା ସିଧାସଳଖ ରୋଗୀ ଉପରେ ପ୍ରୟୋଗ କରାଯାଉଥିଲା । ଏବେ କିନ୍ତୁ ଔଷଧ ପ୍ରସ୍ତୁତିରେ ବୈଜ୍ଞାନିକ ନୂତନ ଜ୍ଞାନକୌଶଳରେ ଯନ୍ତ୍ରର ସହାୟତା ନିଆଯାଉଥିବା ଯୋଗୁଁ ସେଗୁଡ଼ିକର କାର୍ଯ୍ୟକାରୀତା ମୂଲ୍ୟ ହ୍ରାସ ହେଉଛି । ଫଳରେ ରୋଗୀ ଦୀର୍ଘଦିନ ଧରି ରୋଗ-ଯନ୍ତ୍ରଣା ଭୋଗିବାକୁ ବାଧ୍ୟ ହେଉଛି ଏବଂ ରୋଗ କ୍ରମଶଃ ଜଟିଳତର ରୂପଧାରଣ କରୁଛି । ଶେଷରେ ତାକୁ ବ୍ୟୟବହୁଳ ଏଲୋପ୍ୟାଥିକ ଚିକିତ୍ସାର ସହାୟତା ଲୋଡ଼ିବାକୁ ପଡୁଛି, ଯାହାର ପାର୍ଶ୍ୱ ପ୍ରତିକ୍ରିୟା ମଣିଷକୁ ସବୁଦିନ ପାଇଁ ରୋଗୀ ସଜାଇ ଦେଉଛି ।

ଅଦ୍ୟାବଧି କୋହ୍ଲି ସମାଜରେ ପାରମ୍ପରିକ ବୈଦ୍ୟ / କବିରାଜଙ୍କର ଗୁରୁତ୍ୱ ଉପଲବ୍ଧ ଯେ କୌଣସି ରୋଗବ୍ୟାଧି ପାଇଁ ସେମାନେ ଗ୍ରାମବୈଦ୍ୟଙ୍କର ସହାୟତା ବା ପରାମର୍ଶ ଆଗ ଲୋଡ଼ୁଛନ୍ତି । ବୈଦ୍ୟ ଆଧ୍ୟାତ୍ମିକ ତଥା ବିଜ୍ଞାନଭିତ୍ତିକ ଉଭୟ ମାର୍ଗରେ ସମନ୍ୱୟ ରକ୍ଷା କରି ରୋଗୀର ଚିକିତ୍ସା କରୁଛନ୍ତି । ଏତଦ୍ ଦ୍ୱାରା ରୋଗ ଶୀଘ୍ର ଭଲ ହୋଇପାରୁଛି ବୋଲି କୋହ୍ଲିମାନଙ୍କର ବିଶ୍ୱାସ । ସେମାନଙ୍କ ପାଇଁ ଆଧ୍ୟାତ୍ମିକ ଦିଗକୁ ବାଦ୍ ଦେଇ ରୋଗଚିକିତ୍ସା ଅସଫଳ, ସମୟ ସାପେକ୍ଷ ତଥା ବ୍ୟୟବହୁଳ ।

ଅବଶ୍ୟ ଅନେକ କ୍ଷେତ୍ରରେ ଆଧୁନିକ ସଭ୍ୟତାର ପ୍ରଭାବ ହୋ/କୋହ୍ଲି ସଂପ୍ରଦାୟ ଉପରେ ବେଶ୍ ପଡୁଥିବାରୁ ସେମାନେ ବୈଦ୍ୟ ପରମ୍ପରା ପ୍ରତି ବିମୁଖ ହେଉଥିବାର ଲକ୍ଷ୍ୟ କରାଯାଇଥାଏ ।

❑❑❑

